ଧରିତ୍ରୀ
DHARITRI
ସମ୍ବଲପୁର, ସୋମବାର, ଅକ୍ଟୋବର ୨୨/୨୦୧୮ (୧୬ ପୃଷ୍ଠା) Sambalpur, Monday, October 22/ 2018 ★★
୧୪ଶ ଭାଗ ୩୦୪ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୪/-



## ନଭେମ୍ବରରେ ଦୀପିକାଙ୍କ ବିବାହ

ଅଭିନେତ୍ରୀ ଦୀପିକା ପାଦୁକୋନ୍ ଏବଂ ରଣବୀର ସିଂ ନଭେମ୍ବର ୧୪, ୧୫ ତାରିଖରେ ବିବାହ କରିବେ ବୋଲି ରବିବାର ଘୋଷଣା କରିଛନ୍ତି।

୧୧

୧୫

## ଗେମେଚୁଙ୍କୁ ଟାଇଟଲ

ଇଥିଓପିଆର ସେହେ ଗେମେଚୁ ରେକର୍ଡ ଟାଇମିଂ ସହ ଦିଲ୍ଲୀ ହାଫ୍ ମାରାଥନ ମହିଳା ରେସ୍ ଜିତିଛନ୍ତି ।






## ସଂକ୍ଷେପରେ

### ଏସ୍‌ସିବିରେ ପ୍ରଥମ ସ୍ୱାଇନ ଫ୍ଲୁ ମୃତ୍ୟୁ

କଟକ ଅଫିସ/କଟକ ସଦର, ୨୧।୧୦(ଡି.ଏନ.ଏ.): ଏସ୍‌ସିବି ମେଡିକାଲରେ ରବିବାର ଚଳିତବର୍ଷର ପ୍ରଥମ ସ୍ୱାଇନ ଫ୍ଲୁ ମୃତ୍ୟୁ ଘଟିଛି। ମୃତକ ହେଲେ ସୁଶାନ୍ତ କୁମାର ଜେନା(୫୨)। ତାଙ୍କ ଘର କଟକ କନ୍ଦରପୁର ଥାନା ଅଧୀନ ରଘୁନାଥପୁର ଗ୍ରାମରେ। ସେ ୪ ଦିନ ତଳେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରୁ ଏସ୍‌ସିବିକୁ ସ୍ଥାନାନ୍ତର ହୋଇଥିଲେ। ତାଙ୍କୁ ସ୍ୱତନ୍ତ୍ର ସ୍ୱାଇନ ଫ୍ଲୁ ୱାର୍ଡରେ ଭେଣ୍ଟିଲେଟର ମଧ୍ୟରେ ରଖାଯାଇଥିଲା। ତାଙ୍କ ସ୍ୱାବ ନମୁନାରେ ସ୍ୱାଇନ ଫ୍ଲୁ ପଜିଟିଭ ଚିହ୍ନଟ ହୋଇଥିଲା। ରବିବାର ସନ୍ଧ୍ୟା ସୁଦ୍ଧା ସ୍ୱାଇନ ଫ୍ଲୁ ୱାର୍ଡରେ ଆଉ ୨ ଜଣ ରୋଗୀ ଚିକିତ୍ସିତ ହେଉଛନ୍ତି।

### ଗ୍ୟାସ ସିଲିଣ୍ଡର ବିସ୍ଫୋରଣ, ଛାତ ଫାଟିଲା

### ବାରପାହାଡ଼କୁ ପଶିଲେ ମାଓବାଦୀ

......... ୩ .........

## ଆଜିର ସମ୍ପାଦକୀୟ

### ଦୋଷ ଲଦାଲଦି

## ଆଜିର ମନ୍ତବ୍ୟ

"ଦେଶର ସୁରକ୍ଷା ଲାଗି ସରକାର ବଡ଼ ତଥା କଡ଼ା ପଦକ୍ଷେପ ଗ୍ରହଣ କରିବେ ।
– ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

## କିଛି ତଥ୍ୟ

ଚଳିତବର୍ଷ ଏପ୍ରିଲ-ସେପ୍ଟେମ୍ବର ମଧ୍ୟରେ ଘରୋଇ ବଜାରକୁ ଆଲୁମିନିୟମ୍ ସ୍କ୍ରାପ୍ ଆମଦାନୀ ୨୧.୪୪% ବୃଦ୍ଧି ଘଟି ୬.୫୭ ଲକ୍ଷ ଟନ୍ ରହିଛି। ଏହା ଗତବର୍ଷ ସମାନ ସମୟରେ ୫.୪୧ ଲକ୍ଷ ଟନ୍ ରହିଥିଲା।
– ଆଲୁମିନିୟମ୍ ଆସୋସିଏଶନ ଅଫ୍ ଇଣ୍ଡିଆ

BISHANDAYAL JEWELLERS
BIS: 916
Sriya Square, Bhubaneswar
Deals in :
Gold, Diamond & Silver
Gold 24 CT - ₹ 32,400/- 10gm.
Gold 22 CT - ₹ 31,000/- 10gm.
Silver Rate - ₹ 370/- /10gm.
Making Charge - ₹ 100/- onwards / 1gm.
Condition Apply
Lowest gold Rate & Making Charges

NECC NATIONAL EGG CO-ORDINATION COMMITTEE
21.10.2018
Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 74 | 124 | 134 |
| CTC | 75 | 126 | 136 |
| DKL | 75 | 126 | 136 |
| BDK | 74 | 124 | 134 |
| BLS | 74 | 124 | 134 |
| ANG | 75 | 126 | 136 |

*Conditions Apply
Eggs Retail Price- 46/-Dozen
Issued in the Interest of Consumers

## ଭାରତର ଦମ୍‌ଦାର ବିଜୟ



ଗୁଆହାଟୀରେ ରବିବାର ଅନୁଷ୍ଠିତ ୱେଷ୍ଟଇଣ୍ଡିଜ ବିପକ୍ଷ ଦିନିକିଆ କ୍ରିକେଟ ମ୍ୟାଚରେ ଶତକ ହାସଲପରେ ଟିମ୍ ଇଣ୍ଡିଆ ଅଧିନାୟକ ବିରାଟ କୋହଲି। ଭାରତ ଏହି ମ୍ୟାଚରେ ୮ ଉଇକେଟରେ ବିଜୟୀ ହୋଇଛି।
(ରିପୋର୍ଟ ଖେଳ ପୃଷ୍ଠାରେ)

## କୁଲଗାମ୍‌ରେ ଏନ୍‌କାଉଣ୍ଟର: ୩ ଆତଙ୍କବାଦୀ ନିହତ

# ବିସ୍ଫୋରଣରେ ୬ ସାଧାରଣ ନାଗରିକ ମୃତ

ଶ୍ରୀନଗର,୨୧।୧୦(ଆଇଏଏନ୍‌ଏସ୍)

ଜମ୍ମୁ-କଶ୍ମୀରର କୁଲଗାମ୍ ଜିଲାରେ ରବିବାର ସୁରକ୍ଷା ବଳର ଏନ୍‌କାଉଣ୍ଟରରେ ୩ ଆତଙ୍କବାଦୀ ନିହତ ହୋଇଛନ୍ତି। ଯବାନ ଓ ଆତଙ୍କବାଦୀଙ୍କ ମଧ୍ୟରେ ଗୁଳି ବିନିମୟର କିଛି ସମୟ ପରେ ଏକ ଶକ୍ତିଶାଳୀ ବିସ୍ଫୋରଣ ଘଟିବାରୁ ୬ ସାଧାରଣ ଲୋକ ପ୍ରାଣ ହରାଇଛନ୍ତି।

ଦକ୍ଷିଣ କଶ୍ମୀରର କୁଲଗାମ୍‌ସ୍ଥିତ ଲାରୁ ଅଞ୍ଚଳରେ ଆତଙ୍କବାଦୀଙ୍କ ଉପସ୍ଥିତି ନେଇ ସୁରକ୍ଷା ବଳକୁ ଗୋଇନ୍ଦା ସୂଚନା ମିଳିଥିଲା। ଯବାନମାନେ ରବିବାର ସକାଳେ ସମ୍ପୃକ୍ତ ଅଞ୍ଚଳକୁ ଘେରି ତଲାସି ଅଭିଯାନ ଚଳାଇଥିବାବେଳେ ଆତଙ୍କବାଦୀମାନେ ସେମାନଙ୍କୁ ଟାର୍ଗେଟ କରିଥିଲେ। ଆତଙ୍କବାଦୀଙ୍କ ଗୁଳିମାଡ଼ରେ ୨ ଯବାନ ଆହତ ହୋଇଛନ୍ତି। ଯବାନଙ୍କ ଜବାବୀ କାର୍ଯ୍ୟାନୁଷ୍ଠାନରେ ଲଶ୍କର କମାଣ୍ଡର ଶିରାଜ୍ ମୌଲବୀଙ୍କ ସମେତ ୩ ଆତଙ୍କବାଦୀ ନିହତ ହୋଇଛନ୍ତି। ଉଭୟ ପଟୁ କିଛି ଘଣ୍ଟା ଧରି ଗୁଳି ବିନିମୟ ଚାଲିଥିଲା। ତେଣୁ ଏନ୍‌କାଉଣ୍ଟର ସ୍ଥଳକୁ ନ ଯିବା ପାଇଁ ପୋଲିସ ପକ୍ଷରୁ ବାରମ୍ବାର ସାଧାରଣ ଲୋକଙ୍କୁ ତାଗିଦ୍ କରାଯାଇଥିଲା। ହେଲେ ପୋଲିସର ବାରଣକୁ ଅବଜ୍ଞା କରି କେତେଜଣ ଲୋକ ସେଠାକୁ ଯାଇଥିଲେ। ଗୁଳି ବିନିମୟ ବେଳେ କେତେକ ଘରେ ନିଆଁ ଲାଗିଯାଇଥିବାରୁ ☞ପୃଷ୍ଠା–୪



### ୩ ଯବାନ ଶହୀଦ

#### ଟଳିଲେ ୩ ଅନୁପ୍ରବେଶକାରୀ

ଜମ୍ମୁ,୨୧।୧୦(ପି.ଟି.)

ଜମ୍ମୁ-କଶ୍ମୀରର ରାଜୌରି ଜିଲା ସଂଲଗ୍ନ ନିୟନ୍ତ୍ରଣରେଖା (ଏଲ୍‌ଓସି)ରେ ରବିବାର ସୁରକ୍ଷା ବଳ ଆତଙ୍କବାଦୀଙ୍କ ଅନୁପ୍ରବେଶ ଉଦ୍ୟମକୁ ପଣ୍ଡ କରିଛି। ଆତଙ୍କବାଦୀମାନେ ଏଲ୍‌ଓସି ଅତିକ୍ରମ କରି ଅନୁପ୍ରବେଶ କରୁଥିବାବେଳେ ଯବାନମାନେ ସେମାନଙ୍କ ଉପରକୁ ଗୁଳି ଚଳାଇଥିଲେ। ଏଥିରେ ୨ ପାକିସ୍ତାନୀ ଅନୁପ୍ରବେଶକାରୀ ନିହତ ହୋଇଛନ୍ତି। ଅନ୍ୟପକ୍ଷରେ ଗୁଳି ବିନିମୟ ବେଳେ ୩ ଭାରତୀୟ ଯବାନ ଶହୀଦ ହୋଇଛନ୍ତି। ☞ପୃଷ୍ଠା–୪

# ପୁଣି ମଣିଷ ମାରିଲା ସୁନ୍ଦରୀ

ବନ୍ତଳା/ଛେଣ୍ଡିପଦା,୨୧।୧୦ (ଡି.ଏନ.ଏ./ସ୍ୱ.ପ୍ର.)

### ସାତକୋଶିଆରେ ଉତ୍ତେଜନା

- ରାଜପଥ ଅବରୋଧ ବେଳେ ଲାଠିଚାର୍ଜ
- ଉତ୍ୟକ୍ତ ଲୋକଙ୍କ ଢେଲାମାଡ଼, ପୋଲିସ ଗାଡ଼ି ପୋଡ଼ି
- ଟିୟରଗ୍ୟାସ୍ ସହ ରବର ବୁଲେଟ ମାଡ଼ ପରେ ସ୍ଥିତି ଆୟତ୍ତ
- ପଥର ବାଜି ଏସ୍‌ଡିପିଓ, ଆଇଆଇସିଙ୍କ ମୁଣ୍ଡ ଫାଟିଲା
- ୧୨ ଘଣ୍ଟା ପରେ ଉଦ୍ଧାର ହେଲେ ଅଟକ ଏସିଏଫ୍, ବନ କର୍ମଚାରୀ
- ବିଟ୍ ହାଉସ ପୋଡ଼ି, ଅଭୟାରଣ୍ୟରେ ଲଗାଇଲେ ନିଆଁ

ସାତକୋଶିଆରେ ପୁଣି ମଣିଷ ମାରିଛି ବାନ୍ଧବଗଡ଼ର ବାଘୁଣୀ ସୁନ୍ଦରୀ। ରବିବାର ସକାଳେ ଚାଷ ପାଇଁ ଯାଇଥିବା ଅନୁଗୋଳ ଜିଲା ପମ୍ପାସର ରେଞ୍ଜ ଟାଇଁସି ଗ୍ରାମର ତ୍ରିନାଥ ସାହୁ (୬୦)ଙ୍କ ଜୀବନ ନେଇଛି ସୁନ୍ଦରୀ। ଅନ୍ୟ ଦୁଇଜଣଙ୍କୁ ଆହତ ମଧ୍ୟ କରିଛି। ଏହି ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା ସୃଷ୍ଟି ହୋଇଛି। ଅପରାହ୍ନ ଯାଏ ଅପେକ୍ଷା ସତ୍ତ୍ୱେ ବନ ବିଭାଗ ଅଧିକାରୀ ନ ପହଞ୍ଚିବାରୁ ଗ୍ରାମବାସୀ ମୃତଦେହ ନେଇ ଜରପଡ଼ା ଥାନା କଞ୍ଚରା ମୁଣ୍ଡାସାହି ଠାରେ କଟକ-ସମ୍ବଲପୁର ୫୫ନଂ. ଜାତୀୟ ରାଜପଥ ଅବରୋଧ କରିଥିଲେ। ଘଟଣାସ୍ଥଳରେ ଉପସ୍ଥିତ ଅନୁଗୋଳ ଏସ୍‌ପି ମିତ୍ରଭାନୁ ମହାପାତ୍ର ବୁଝାଶୁଝା କରିବା ପରେ ବି ଲୋକେ ରାଜପଥରୁ ହଟି ନ ଥିଲେ। ଉଚ୍ଚ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିବାକୁ ଏସ୍‌ପି ସେଠାରୁ ବାହାରିବା ମାତ୍ରେ ଲୋକେ ତାଙ୍କୁ ଛାଡ଼ି ନ ଥିଲେ। ପରେ ଉତ୍ୟକ୍ତ ଲୋକେ ଢେଲାମାଡ଼ କରିବା ସହ ପୋଲିସର ୨ଟି ଗାଡ଼ି ଜାଳି ଦେଇଥିଲେ। ଉତ୍ତେଜନାକୁ ଦେଖି ପୋଲିସ ଲାଠି ଚାର୍ଜ ସହ ଟିୟରଗ୍ୟାସ ଓ ରବର ବୁଲେଟ ମାଡ଼ କରିବାରୁ ଲୋକେ ଘଟଣାସ୍ଥଳରୁ ପଳାଇ ଯାଇଥିଲେ। ଢେଲାମାଡ଼ରେ ଆଠମଲ୍ଲିକ ଏସ୍‌ଡିପିଓ ଆଲବିନିୟସ କେରକେଟା ଓ ଅନୁଗୋଳ ଆଇଆଇସି ରମେଶ ଚନ୍ଦ୍ର ବିଶୋଇଙ୍କ ସହ ମୋଟ୍ ୩ଜଣ ଆହତ ହୋଇଛନ୍ତି। ସେହିପରି ରବର ବୁଲେଟ ଓ ଲାଠି ମାଡ଼ରେ ୧୦ରୁ ଅଧିକ ଲୋକ ମଧ୍ୟ ଆହତ ହୋଇଥିବା କୁହାଯାଉଛି। ☞ପୃଷ୍ଠା–୪

# ବାତ୍ୟା କ୍ଷତିଗ୍ରସ୍ତଙ୍କ ପାଇଁ ନୂଆ ଘୋଷଣା

ଭୁବନେଶ୍ୱର, ୨୧।୧୦(ବ୍ୟୁରୋ)

- ଗାଈ ମରିଥିଲେ ୩୦ ହଜାର, ବଳଦ ପାଇଁ ୨୫ହଜାର
- ପାହାଡ଼ିଆ ଅଞ୍ଚଳ ଘର ନଷ୍ଟ ପାଇଁ ୧ଲକ୍ଷ, ସମତଳଅଞ୍ଚଳ ଘର ପାଇଁ ୯୫ହଜାର

ସାମୁଦ୍ରିକ ଝଡ ତିତ୍‌ଲି ଏବଂ ଏହାର ପରବର୍ତ୍ତୀ ବନ୍ୟା ଯୋଗୁ ରାଜ୍ୟର ତିନୋଟି ଜିଲା ତଥା ଗଞ୍ଜାମ, ଗଜପତି ଏବଂ ରାୟଗଡା ବିଶେଷ କ୍ଷତିଗ୍ରସ୍ତ ହୋଇଛି। ଏହିସବୁ ଅଞ୍ଚଳର ବହୁ ଘରଦ୍ୱାର ଭାଙ୍ଗିଯାଇଥିବା ବେଳେ ପଶୁ, ପକ୍ଷୀ ମୃତ୍ୟୁବରଣ କରିଛନ୍ତି। ରାଜ୍ୟ ସରକାରଙ୍କ ତଥ୍ୟ ଅନୁଯାୟୀ ଉକ୍ତ ୩ ଜିଲାରେ ବାତ୍ୟା ଏବଂ ବନ୍ୟା କାରଣରୁ ୫୭ହଜାର ଘର ନଷ୍ଟ ହୋଇଛି। ଏଭଳି ସ୍ଥିତିରେ ରାଜ୍ୟ ସରକାର କ୍ଷତିଗ୍ରସ୍ତ ପରିବାର ପାଇଁ ସରକାରୀ ସହାୟତା ଘୋଷଣା କରୁଛନ୍ତି। ସେହିକ୍ରମରେ କ୍ଷତିଗ୍ରସ୍ତ ଲୋକଙ୍କ ଘର ଓ ଗୃହପାଳିତ ପଶୁଙ୍କ ପାଇଁ ଯୁଗ୍ମ ଏସ୍‌ଆର୍‌ସି ପ୍ରଭାତ ମହାପାତ୍ର ରବିବାର ନୂତନ କ୍ଷତିପୂରଣ ରାଶି ଘୋଷଣା କରିଛନ୍ତି। ୩ ଜିଲାର ସବୁ ଅଞ୍ଚଳରେ ଏ ପର୍ଯ୍ୟନ୍ତ ବିଦ୍ୟୁତ୍ ସରବରାହ ହୋଇପାରି ନାହିଁ। ଗଜପତି ଜିଲାର ବହୁ ଅଞ୍ଚଳରେ ଏଭଳି ଅସୁବିଧା ଥିବାବେଳେ ଖୁବ୍‌ଶୀଘ୍ର ସେସବୁ ସମସ୍ୟାର ସମାଧାନ କରାଯିବ ବୋଲି ମହାପାତ୍ର ସୂଚନା ଦେଇଛନ୍ତି।

ଯୁଗ୍ମ ଏସ୍‌ଆରସିଙ୍କ ଘୋଷଣା ମୁତାବକ, ବାତ୍ୟା ଏବଂ ବନ୍ୟା ଯୋଗୁ ଯେଉଁମାନଙ୍କ ଗାଈ ମୃତ୍ୟୁବରଣ କରିଛନ୍ତି ସେମାନଙ୍କୁ ୩୦ହଜାର ଟଙ୍କା ଲେଖା କ୍ଷତିପୂରଣ ମିଳିବ। ସର୍ବାଧିକ ୩ଟି ଗାଈର କ୍ଷତିପୂରଣ ସରକାର ଯୋଗାଇଦେବେ। ସେହିଭଳି ବଳଦଙ୍କ ପାଇଁ ୨୫ହଜାର ଟଙ୍କା ଲେଖା ସର୍ବାଧିକ ୩ଟି ପାଇଁ ମିଳିବ, ଛେଳି ଓ ମେଣ୍ଢା ମରିଥିଲେ ୩ହଜାର ଟଙ୍କା ଲେଖା ୩୦ଟି ପାଇଁ ମିଳିବ, ବାସନକୁସନ ଆଦି ନଷ୍ଟ ହୋଇଥିଲେ ୩୮ଶହ ଟଙ୍କା କ୍ଷତିପୂରଣ ମିଳିବ। କୁକୁଡା ମରିଥିଲେ ଗୋଟାକୁ ☞ପୃଷ୍ଠା–୪





ରାଜମୁକୁଟ ସୁନାରେ ତିଆରି ବୋଲି ଦେଖାଯାଇଥାଏ। ପ୍ରକୃତରେ ତାହା କଣ୍ଟକ, ବିପଦ ଓ ଦୁଶ୍ଚିନ୍ତାରେ ତିଆରି।

- ମିଲଟନ

# ଜାତୀୟ ମଞ୍ଚରେ ବିଷ୍ଣୁଙ୍କ କମାଲ

## ମ୍ୟାଜିକ ଦେଖି ଚକିତ ହେଲେ ମଲାଇକା ଆରୋରା

**ଭୁବନେଶ୍ୱର, ୨୧।୧୦(ବ୍ୟୁରୋ)**

ପୁଣି ଜାତୀୟ ସ୍ତରର ମଞ୍ଚରେ ଓଡ଼ିଆଙ୍କ କମାଲ ଦେଖିବାକୁ ମିଳିଛି। କଲର୍ସ ଚ୍ୟାନେଲ୍‌ରେ ପ୍ରସାରିତ ଲୋକପ୍ରିୟ ରିୟଲିଟି ଶୋ' 'ଇଣ୍ଡିଆଜ୍ ଗଟ୍ ଟ୍ୟାଲେଣ୍ଟ'ରେ ନିଜର ପ୍ରତିଭା ବଳରେ ବିଚାରକଙ୍କୁ ଚକିତ କରିଛନ୍ତି ଓଡ଼ିଆ ଯୁବକ ବିଷ୍ଣୁ ପ୍ରସାଦ।

ଶନିବାରଠାରୁ ଆରମ୍ଭ ହୋଇଛି 'ଇଣ୍ଡିଆଜ ଗଟ୍ ଟ୍ୟାଲେଣ୍ଟ'ର ୮ମ ସଂସ୍କରଣ। ସଙ୍ଗୀତ, ନୃତ୍ୟ, ମ୍ୟାଜିକ୍ ଆଦି ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ପ୍ରତିଭାମାନଙ୍କୁ ଲୋକଲୋଚନକୁ ଆଣିବା ଶୋ'ର ମୂଳ ଲକ୍ଷ୍ୟ। ତେବେ ଚଳିତ ସିଜନ୍‌ର ପ୍ରଥମ ଏପିସୋଡ୍‌ରେ କମାଲ ଦେଖାଇଛନ୍ତି ଓଡ଼ିଆ ଯୁବକ ବିଷ୍ଣୁ। ଭୁବନେଶ୍ୱରର ବିଷ୍ଣୁଙ୍କ ଚମତ୍କାର ମ୍ୟାଜିକ୍ ଦେଖି ମଲାଇକା ଆରୋରା ଖାନ୍, କରନ ଜୋହର,



କିରନ୍ ଖେର୍ ପ୍ରମୁଖ ବିଚାରକମଣ୍ଡଳୀ ଚକିତ ହୋଇଥିଲେ। ପ୍ରଥମେ ତାସ୍ ମୁଠା, ପରେ ୨୦୦ଟଙ୍କିଆ ନୋଟ୍ ଏବଂ ମୃଦୁ ପାନୀୟକୁ ନେଇ ସେ ଦେଖାଇଥିଲେ ମ୍ୟାଜିକ୍। ମଲାଇକାଙ୍କୁ ଏହା ବେଶ୍ ଅଦ୍ଭୁତ ଲାଗିଥିଲା। ବିଷ୍ଣୁ ଗୋଟିଏ କପ୍‌ରେ କିଛି ମୃଦୁ ପାନୀୟ ଭର୍ତ୍ତି କରି ମଲାଇକାଙ୍କୁ ମୁଣ୍ଡରେ ରଖିବାକୁ କହିଥିଲେ। ତା'ପରେ କିଛି ମ୍ୟାଜିକ୍ କରି କପ୍‌ଟିକୁ ଓଲଟାଇବାକୁ କହିଥିଲେ। ଏହା କରିବାକୁ ପ୍ରଥମେ ମଲାଇକା ମନା କରିଥିଲେ। କିନ୍ତୁ ପରେ ପରୀକ୍ଷା କରିଥିଲେ। ଧୀରେ ଧୀରେ ଡରି ଡରି ସେ କପ୍‌ଟିକୁ ଓଲଟାଇଥିଲେ। ସେତେବେଳେ ଉକ୍ତ କପ୍‌ରେ ମୃଦୁ ପାନୀୟର ଏକ ବୁନ୍ଦା ମଧ୍ୟ ନ ଥିଲା। ଏହା ଦେଖିବା ପରେ ମଲାଇକା ଖୁସିରେ ଚିତ୍କାର କରିଥିଲେ ଏବଂ ତାଙ୍କୁ ଆଲିଙ୍ଗନ କରିଥିଲେ। ପରେ ବିଷ୍ଣୁଙ୍କୁ ସେମିଫାଇନାଲରେ ପ୍ରଦର୍ଶନ କରିବାର ସୁଯୋଗ ଦିଆଯାଇଛି।






ବାରିପଦାରେ ଦୁର୍ନୀତି -ଭ୍ରଷ୍ଟାଚାର ବିରୋଧୀ ଜନସମାବେଶ

# ଚାରା ଦୁର୍ନୀତି କଥା ଦୋହରାଇଲେ ଦାମ



ପୂର୍ବତନ ମନ୍ତ୍ରୀ ଦାମୋଦର ରାଉତ ଓ ଯଜ୍ଞେଶ୍ୱର ବାବୁଙ୍କୁ ରାଲି କରି ସଭାସ୍ଥଳକୁ ପାଛୋଟି ନିଆଯାଉଛି।

- ଅଧା ରାସ୍ତାରୁ ଫେରିଗଲେ ବୈଜୟନ୍ତ
- ମଞ୍ଚକୁ ଚଢ଼ି ପ୍ରଶ୍ନ କରୁଥିବା ଯୁବକଙ୍କୁ ଟେକିନେଲା ପୋଲିସ

**ବାରିପଦା ଅଫିସ,୨୧।୧୦**

ମୟୂରଭଞ୍ଜ ଜିଲା ବାରିପଦା ସହର ଛଉ ପଡିଆଠାରେ ମୟୂରଭଞ୍ଜ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ରବିବାର ଦୁର୍ନୀତି-ଭ୍ରଷ୍ଟାଚାର ବିରୋଧୀ ଜନସମାବେଶ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ମନ୍ତ୍ରୀ ଦାମୋଦର ରାଉତ, ପୂର୍ବତନ ଏମ୍‌ପି ବୈଜୟନ୍ତ ପଣ୍ଡା, ବରିଷ୍ଠ ଖବରଦାତା ରବି ଦାସ, ପୂର୍ବତନ ରାଜ୍ୟ ସମବାୟ ସମିତି ସଭାପତି ଯଜ୍ଞେଶ୍ୱର ବାବୁ ଏଥିରେ ଯୋଗ ଦେବାର କାର୍ଯ୍ୟକ୍ରମ ଥିଲା। ଏମାନଙ୍କ ମଧ୍ୟରେ ରବି ଦାସ ଆସି ନ ଥିବା ବେଳେ ସ୍ୱାସ୍ଥ୍ୟାବସ୍ଥା ଭଲ ନ ରହିବାରୁ ବୈଜୟନ୍ତ ଅଧା ରାସ୍ତାରୁ ଫେରିଯାଇଥିଲେ। ପୂର୍ବତନ ମନ୍ତ୍ରୀ ଦାମୋଦର ରାଉତ ଓ ପୂର୍ବତନ ରାଜ୍ୟ ସମବାୟ ସମିତି ସଭାପତି ଯଜ୍ଞେଶ୍ୱର ବାବୁ କାର୍ଯ୍ୟକ୍ରମରେ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ। ସଭା କାର୍ଯ୍ୟ ଚାଲିଥିବା ବେଳେ ଶୈଳେନ୍ଦ୍ର ହେମ୍ବ୍ରମ ନାମକ ଯୁବକ ମଞ୍ଚ ଆଡକୁ ମାଡି ଆସି ୨ଟି ପ୍ରଶ୍ନ ପଚାରିବାକୁ ଚାହିଁଥିଲେ। ଏନେଇ ସଭାରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। ପୋଲିସ ତାଙ୍କୁ କାବୁ କରି ନେବା ପରେ ସଭା ଚାଲିଥିଲା। ପୂର୍ବତନ ମନ୍ତ୍ରୀ ରାଉତ ତାଙ୍କ ବକ୍ତବ୍ୟରେ ମୟୂରଭଞ୍ଜ ଜିଲାରେ ହୋଇଥିବା ଚାରା ଦୁର୍ନୀତି ପ୍ରସଙ୍ଗ ଉଠାଇ ବର୍ତ୍ତମାନର ରାଜ୍ୟ ସରକାରଙ୍କୁ ସମାଲୋଚନା କରିଥିଲେ। ବାରିପଦାର ତତ୍‌କାଳୀନ ଜିଲାପାଳ ଓ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ମିଳିମିଶି ଏହି ଜିଲାରେ ବିଭିନ୍ନ ବେଆଇନ କାର୍ଯ୍ୟ କରିବା ସହ ଖଣି ଲୁଟ କରିଥିଲେ। ମୟୂରଭଞ୍ଜର ଚାରା ଦୁର୍ନୀତି ଧରିବାରୁ ତାଙ୍କୁ ଏଥିରୁ ନିବୃତ୍ତ ରହିବାକୁ କୋଟିଏ ଟଙ୍କା ଯଚା ଯାଇଥିଲା। ମନା କରିବାରୁ ମନ୍ତ୍ରୀ ପଦ ଗଲା ବୋଲି ରାଉତ କହିଥିଲେ।

ରାଉତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଟାର୍ଗେଟ କରି କହିଥିଲେ, ଶାହା କମିଶନଙ୍କ ରିପୋର୍ଟ ମୁତାବକ ଓଡିଶାରେ ୧ ଲକ୍ଷ କୋଟି ଟଙ୍କା ଖଣି ଦୁର୍ନୀତି ହୋଇଛି। ୫ ବର୍ଷ ହେଲା ସିବିଆଇ ତଦନ୍ତ ହୋଇପାରୁନାହିଁ। ମୟୂରଭଞ୍ଜ ଜିଲାରେ ସୁବର୍ଣ୍ଣରେଖା ପ୍ରକଳ୍ପ ୩୦ ବର୍ଷ ହେଲା ଶେଷ ହୋଇ ପାରୁନାହିଁ। ପଶ୍ଚିମବଙ୍ଗ ଓ ଝାଡଖଣ୍ଡ ପାଣି ପାଉଥିଲେ ବି ମୟୂରଭଞ୍ଜ ବଞ୍ଚିତ ହୋଇଛି। ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଶାସନ ସମୟରେ ଆଦିବାସୀଙ୍କୁ ଜଙ୍ଗଲ ଜମିରେ ଥଇଥାନ କରିବା ପାଇଁ ପଦକ୍ଷେପ ନିଆଯାଇଥିଲା। ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ଏଦିଗରେ କିଛି ପଦକ୍ଷେପ ନେଉ ନାହାନ୍ତି। ଫାଇଲିନ ବାତ୍ୟାରେ ବାରିପଦା ଉବୁଟୁବୁ ହୋଇଥିଲା। ଏଯାଏ ବୁଢ଼ାବଳଙ୍ଗରେ ଆଡିବନ୍ଧ ତିଆରି ହୋଇପାରିଲା ନାହିଁ। ମୁଖ୍ୟମନ୍ତ୍ରୀ ଗଞ୍ଜାମ ଜିଲାରୁ ପ୍ରତିନିଧିତ୍ୱ କରୁଥିବା ବେଳେ ସେଠାକାର ଲୋକଙ୍କୁ ୩ ଲକ୍ଷ ଘର ପ୍ରଦାନ କରିଛନ୍ତି। ବାରିପଦାବାସୀଙ୍କୁ କିଛି ଦିଆଯାଇନାହିଁ। ବରଂ ୨୦୧୪ରୁ ଆଜି ପର୍ଯ୍ୟନ୍ତ ଏହି ଜିଲାରୁ ୩୫୦ କୋଟି ଟଙ୍କା ଲୁଟ ହୋଇଛି। ୧୯ ବର୍ଷର ଶାସନ ପରେ ବି ମୁଖ୍ୟମନ୍ତ୍ରୀ ଓଡିଶାର ତହସିଲ ସଂଖ୍ୟା ଜାଣି ନାହାନ୍ତି। ୧୧୭ ଜଣ ବିଧାୟକଙ୍କ ନାମ ମଧ୍ୟ ସେ ଜାଣି ନାହାନ୍ତି। କେତେକ ଅଣ ଓଡିଆ ଅଫିସର ରାଜ୍ୟ ଶାସନ କରୁଛନ୍ତି ବୋଲି ସେ କହିଥିଲେ। ଏହି ବକ୍ତବ୍ୟ ଦେବା ଅବସରରେ ପୂର୍ବତନ ଏମ୍‌ପି ବୈଜୟନ୍ତ ସ୍ୱାସ୍ଥ୍ୟଗତ ସମସ୍ୟା କାରଣରୁ ସଭାକୁ ଆସି ପାରି ନ ଥିବା ରାଉତ ସଫେଇ ଦେଇଥିଲେ।

ପୂର୍ବତନ ରାଜ୍ୟ ସମବାୟ ସମିତି ସଭାପତି ବାବୁ ବକ୍ତବ୍ୟ ରଖି ରାଜ୍ୟରେ ଦୁର୍ନୀତି ଓ ଭ୍ରଷ୍ଟାଚାରୀ ଶାସନ ଚାଲିଥିବା ଉଲ୍ଲେଖ କରିଥିଲେ। ଏହାପରେ ଅନ୍ୟ ବକ୍ତାମାନେ ଭାଷଣ ଦେଇଥିଲେ। ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ନନ୍ଦ କୁମାର ମହାପାତ୍ର, ଅବନୀ କୁମାର ମହାନ୍ତି, ଶରତ ରଣା ପ୍ରମୁଖ ଉପସ୍ଥିତ ଥିଲେ। ଖଣି, ପାଣି, ଡାଲି ଓ ଚିଟଫଣ୍ଡ ଦୁର୍ନୀତି, ପିସି କାରବାର, ଗୁଣ୍ଡାରାଜ, ଭ୍ରଷ୍ଟାଚାର, ମୟୂରଭଞ୍ଜ ଜିଲାର ଚାରା ଘୋଟାଲା, ଅନୁଦାନର ବାଟମାରଣା ଓ ବେକାରି ସମସ୍ୟା ବିଷୟରେ ଅତିଥିମାନେ ଜନ ସମାବେଶରେ ବକ୍ତବ୍ୟ ରଖିବେ ବୋଲି ଆୟୋଜକ କମିଟି ପକ୍ଷରୁ ପୂର୍ବରୁ କୁହାଯାଇଥିଲା। ପୂର୍ବତନ ମନ୍ତ୍ରୀ ରାଉତ ପ୍ରସଙ୍ଗଠାରୁ ଦୂରେଇ ଯାଇ ବକ୍ତବ୍ୟରେ ନିଜ କଥା ଅଧିକ ବଖାଣିବାରୁ ଆୟୋଜକ କମିଟିର କେତେକ କର୍ମକର୍ତ୍ତା ବିରକ୍ତି ପ୍ରକାଶ କରିଥିଲେ।

# ବାତ୍ୟା ଅଞ୍ଚଳରେ ୮୫ ସ୍ୱାସ୍ଥ୍ୟ ଟିମ୍

**ଭୁବନେଶ୍ୱର,୨୧।୧୦(ବ୍ୟୁରୋ)**

ବାତ୍ୟା ଅଞ୍ଚଳରେ ସ୍ୱାସ୍ଥ୍ୟସେବା ଯୋଗାଇବା ପାଇଁ ୮୫ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟସେବା ଟିମ୍ କାର୍ଯ୍ୟ କରୁଥିବାବେଳେ ଏମାନଙ୍କୁ ୧୯୩ ସ୍ୱାସ୍ଥ୍ୟ ସହାୟତା କେନ୍ଦ୍ର (ଏମ୍‌ଆର୍‌ସି)ରେ ମୁତୟନ କରାଯାଇଛି। କ୍ଷତିଗ୍ରସ୍ତ ଅଞ୍ଚଳର ଲୋକଙ୍କୁ ତତ୍କାଳ ସ୍ୱାସ୍ଥ୍ୟସେବା ଯୋଗାଣ ସଂକ୍ରାନ୍ତରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ କମିଶନର ତଥା ଶାସନ ସଚିବ ପ୍ରମୋଦ ମେହେର୍ଦ୍ଦା କରିଥିବା ସମୀକ୍ଷାରୁ ଏହା ଜଣାଯାଇଛି। କ୍ଷତିଗ୍ରସ୍ତ ଅଞ୍ଚଳରେ ବାହାର ଜିଲାରୁ ୫୪ଜଣ ଡାକ୍ତରଙ୍କୁ ଆଣି ମୁତୟନ କରାଯାଇଛି। ବର୍ତ୍ତମାନ ସୁଦ୍ଧା ୨୩, ୫୪୬ ଜଣଙ୍କୁ ଚିକିତ୍ସା ସେବା ଯୋଗାଇ ଦିଆଯାଇଥିବାବେଳେ ନିରାପଦ ପ୍ରସବ ଲାଗି ୨୫୨ ଗର୍ଭବତୀଙ୍କୁ ମା'ଗୃହ ଓ ପ୍ରସବ କେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଛି। ଜିଲା ମୁଖ୍ୟ ଚିକିତ୍ସାଳୟଗୁଡିକରେ ବାତ୍ୟା ପୂର୍ବରୁ ଆବଶ୍ୟକ ପରିମାଣର ଜୀବନରକ୍ଷାକାରୀ ଔଷଧ ଗଚ୍ଛିତ ଥିବାବେଳେ ଜଳ ବିଶୋଧନ ପାଇଁ ଆବଶ୍ୟକ ହାଲୋଜେନ ବଟିକା, ଆଣ୍ଟିବାୟୋଟିକ୍ସ, ପାରାସିଟାମଲ, ଆଣ୍ଟାସିଡ୍, ସାପକାମୁଡ଼ା ଇଞ୍ଜେକ୍ସନ, ବ୍ଲିଚିଂ ପାଉଡର ଓ ଓଆର୍‌ଏସ୍ ପାକେଟ୍ ଯୁଦ୍ଧକାଳୀନ ଭିତ୍ତିରେ କ୍ଷତିଗ୍ରସ୍ତ ଅଞ୍ଚଳକୁ ପଠାଯାଉଛି। ଏବେ ସୁଦ୍ଧା ୨୫ କିଲୋ ଓଜନର ୫୪୫୦ ପାକେଟ୍ ବ୍ଲିଚିଂ ପାଉଡର ପ୍ରଭାବିତ ଅଞ୍ଚଳକୁ ପଠାଯାଇଥିବାବେଳେ ୧୨,୩୦,୦୦୦ ପାକେଟ୍ ଓଆରଏସ୍ ଓ ୮୦,୦୦୦ ସାଲାଇନ ପଠାସରିଛି। ସେହିଭଳି ୫୦ଲକ୍ଷ ୭୦ହଜାର ହାଲୋଜେନ ବଟିକା ଓ ୨୫୦୦ ଭାଏଲ ସାପକାମୁଡା ଇଞ୍ଜେକ୍ସନ ପ୍ରଭାବିତ ଜିଲାକୁ ପଠାଯାଇଥିବା ଅଧିକାରୀମାନେ ଅବଗତ କରିଛନ୍ତି। କୌଣସିଠାରେ ଯେଭଳି ମହାମାରୀ ନ ବ୍ୟାପେ, ସେଥିପାଇଁ ଆବଶ୍ୟକ ଅନୁଯାୟୀ ଔଷଧ ଓ ଇଞ୍ଜେକ୍ସନ ଯୋଗାଯାଇଛି। ନିୟମିତ ପାନୀୟଜଳ ଉତ୍ସଗୁଡିକୁ ବିଶୋଧନ କରାଯାଉଛି। ବର୍ତ୍ତମାନ ସୁଦ୍ଧା ୭୨ ହଜାର ନଳକୂପକୁ ବିଶୋଧନ କରାଯାଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ମିଳିଛି।

ଧରିତ୍ରୀ
DHARITRI
ସମ୍ବଲପୁର, ସୋମବାର, ଅକ୍ଟୋବର ୨୨/୨୦୧୮



ମଧ୍ୟପ୍ରଦେଶ ଝାବୁଆ ଜିଲାରେ ଭୋଟରଙ୍କୁ ସଚେତନ କରାଇବା ପାଇଁ ମଦବୋତଲରେ ପ୍ରଚାର ଷ୍ଟିକର ଲଗାଯାଇଛି। ଜିଲା ପ୍ରଶାସନ ପକ୍ଷରୁ ମତଦାନ ଅଧିକାର ସାବ୍ୟସ୍ତ କରିବା ଲାଗି ଏହି ଷ୍ଟିକରରେ ଅନୁରୋଧ କରାଯାଇଛି। ଆସନ୍ତା ନଭେମ୍ବର ୨୮ରେ ମଧ୍ୟପ୍ରଦେଶରେ ନିର୍ବାଚନ ହେବ।



## ସଂକ୍ଷେପରେ

### ଉତ୍ତର ଆଣ୍ଡାମାନରେ ଲଘୁଚାପ

**ଭୁବନେଶ୍ୱର, ୨୧।୧୦(ବ୍ୟୁରୋ):** ଉତ୍ତର ଆଣ୍ଡାମାନ ସାଗରର ଓ ଏହାର ପାର୍ଶ୍ୱବର୍ତ୍ତୀ ମ୍ୟାନ୍‌ମାର ଏବଂ ଥାଇଲାଣ୍ଡ ଉପରେ ଏକ ଲଘୁଚାପ ସୃଷ୍ଟି ହୋଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଏହା ଅଧିକ ଘନୀଭୂତ ହୋଇ ଦକ୍ଷିଣ ପଶ୍ଚିମ ଆଡ଼କୁ ମୁହାଁଇବ। ଅପରପକ୍ଷରେ ଦକ୍ଷିଣ ପଶ୍ଚିମ ବଙ୍ଗୋପସାଗର ଉପରେ ସୃଷ୍ଟି ହୋଇଥିବା ଏକ ଘୂର୍ଣ୍ଣିବଳୟ ଦକ୍ଷିଣ ପଶ୍ଚିମ ବଙ୍ଗୋପସାଗରର ଶ୍ରୀଲଙ୍କା ଏବଂ ତାମିଲନାଡୁ ଉପକୂଳରେ ରହିଛି। ଆଣ୍ଡାମାନ ସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ସମୁଦ୍ର କୂଳଠାରୁ ବହୁ ଦୂରରେ ଥିବାରୁ ଏହାର ଗତିବିଧି ଅନୁଧ୍ୟାନ କରାଯାଇ ପାରୁନି। ଦିନେ କିମ୍ବା ଦୁଇଦିନ ଭିତରେ ଏହାର ଗତିବିଧି ଜଣାପଡିବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଜଣାପଡିଛି। ଏହାର ପ୍ରଭାବ ଓଡ଼ିଶା ଉପରେ ପଡ଼ିବାର ସମ୍ଭାବନା କମ୍ ରହିଛି। ଏହା ଅଧିକ ଘନୀଭୂତ ହେଲେ ତାମିଲନାଡୁ ଏବଂ ଆନ୍ଧ୍ରପ୍ରଦେଶ ଉପକୂଳରେ ବର୍ଷା ହେବା ସମ୍ଭାବନା ରହିଛି। ଆଗକୁ ଲଘୁଚାପର ଗତିବିଧି ଉପରେ ସମ୍ପୂର୍ଣ୍ଣ ଅନୁଧ୍ୟାନ କରାଯିବା ପରେ ଓଡ଼ିଶା ଉପରେ ପ୍ରଭାବ କ'ଣ ରହିବ, ତାହା ସ୍ପଷ୍ଟ ଜଣାପଡିବ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି। ରବିବାର ସକାଳୁ ରାଜ୍ୟର ଉତ୍ତର ଉପକୂଳବର୍ତ୍ତୀ ଅଞ୍ଚଳଗୁଡିକରେ ଘନ କୁହୁଡି ପଡିଥିବା ଦେଖିବାକୁ ମିଳିଛି। ଏ ନେଇ ପାଣିପାଗ ବିଶେଷଜ୍ଞ ଆର୍. ନାୟକ କୁହନ୍ତି, ଲଘୁଚାପ ପ୍ରଭାବରେ ଉତ୍ତର ପଶ୍ଚିମ ମୌସୁମୀ ବାୟୁ ପ୍ରବାହିତ ହେବ। ଏହାର ପ୍ରଭାବରେ ପାଗରେ ପରିବର୍ତ୍ତନ ଆସିବ। ଏପରି କି ରାତିରେ ୧ରୁ ୨ ଡିଗ୍ରୀ ସେଲ୍‌ସିୟସ୍ ପର୍ଯ୍ୟନ୍ତ ତାପମାତ୍ରା କମିବ। ଫଳରେ ଥଣ୍ଡା ଅନୁଭୂତ ହେବ ବୋଲି ନାୟକ କହିଛନ୍ତି। ରବିବାର ସନ୍ଧ୍ୟା ସୁଦ୍ଧା ରାଜ୍ୟର ସର୍ବାଧିକ ତାପମାତ୍ରା ତାଳଚେରରେ ୩୬ ଡିଗ୍ରୀ ସେଲ୍‌ସିୟସ୍ ଥିବାବେଳେ ସର୍ବନିମ୍ନ ତାପମାତ୍ରା ଦାରିଙ୍ଗବାଡିଠାରେ ୧୫ ଡିଗ୍ରୀ ସେଲ୍‌ସିୟସ୍ ରହିଛି।

■ ଗର୍ଭବତୀଙ୍କୁ ହସ୍ପିଟାଲ ନେଲାନି ଆମ୍ବୁଲାନ୍ସ

# ଛଟପଟ ହୋଇ ଆଖିବୁଜିଲେ ମା', ଗର୍ଭସ୍ଥ ଶିଶୁ

**ଭୁବନେଶ୍ୱର, ୨୧।୧୦(ବ୍ୟୁରୋ)**

**କ୍ୟାପିଟାଲ ହସ୍ପିଟାଲରେ ଉତ୍ତେଜନା**

୧୦୨ ଆମ୍ବୁଲାନ୍ସ ପହଞ୍ଚିଲା। ହେଲେ ଗର୍ଭବତୀଙ୍କୁ ହସ୍ପିଟାଲ ନେବାକୁ ଅମଙ୍ଗ ହେଲେ ଡ୍ରାଇଭର। ଗାଡ଼ି ଖରାପ ଥିବା ବାହାନା ଦେଖାଇଲେ। ଏପରି କି ନିଜ ଆଡୁ ୧୦୮ ଆମ୍ବୁଲାନ୍ସକୁ ଫୋନ କରି ଡକାଇଲେ। ଆମ୍ବୁଲାନ୍ସ ଆସିବ ବୋଲି ଉତ୍ତର ମିଳିଲା, କିନ୍ତୁ ଆସିଲା ନାହିଁ। ଶେଷରେ ଗର୍ଭ ଯନ୍ତ୍ରଣାରେ ଛଟପଟ ହୋଇ ଆଖିବୁଜିଲେ ଗର୍ଭବତୀ ଏବଂ ଗର୍ଭସ୍ଥ ଶିଶୁ। ଆମ୍ବୁଲାନ୍ସ କର୍ମଚାରୀଙ୍କ ଅବହେଳା ଯୋଗୁ ଅକାରଣରେ ଚାଲିଗଲା ଦୁଇ ଦୁଇଟି ଜୀବନ। କୋଉ ମଫସଲ ଅଞ୍ଚଳ ନୁହେଁ, ରାଜଧାନୀର ଚନ୍ଦ୍ରଶେଖରପୁର ପ୍ରଶାନ୍ତିବିହାରରେ ରବିବାର ଘଟିଛି ଏଭଳି ଏକ ସ୍ପର୍ଶକାତର ଘଟଣା, ଯାହା ଦର୍ଶାଉଛି ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟସେବା ଯୋଜନାଗୁଡ଼ିକର ବାସ୍ତବ ସ୍ଥିତି।

ସୂଚନା ମୁତାବକ, ମୃତ ମହିଳା ହେଲେ ବ୍ରହ୍ମପୁର ଚିକିଟି ଅଞ୍ଚଳର ଏମ୍. ବାସୁଦେବଙ୍କ ସ୍ତ୍ରୀ ଏମ୍. ଶକୁନ୍ତଳା(୨୬)। ସେ ସ୍ୱାମୀଙ୍କ ସହ ପ୍ରଶାନ୍ତିବିହାରରେ ରହୁଥିଲେ। ବାସୁଦେବ ରାଜମିସ୍ତ୍ରି କାମ କରି ପରିବାର ଚଳାନ୍ତି। ସ୍ୱାମୀ ବାସୁଦେବଙ୍କ କହିବା ଅନୁଯାୟୀ, ଶକୁନ୍ତଳା ୯ ମାସର ଗର୍ଭବତୀ ଥିଲେ। ସେ ତାଙ୍କୁ ନିୟମିତ ଡାକ୍ତରଙ୍କ ନିକଟରେ ଚିକିତ୍ସା କରିବା ସହ ପରାମର୍ଶ ମଧ୍ୟ ନେଉଥିଲେ। ହେଲେ ରବିବାର ଅପରାହ୍ନ ପ୍ରାୟ ୩ଟା ୩୦ରେ ଶକୁନ୍ତଳା ଗର୍ଭ ଯନ୍ତ୍ରଣା ଅନୁଭବ କରିଥିଲେ। ଯନ୍ତ୍ରଣା ବଢିବାରୁ ତାଙ୍କୁ ହସ୍ପିଟାଲ ନେବା ଜରୁରୀ ହୋଇପଡିଥିଲା। ଅପରାହ୍ନ ପ୍ରାୟ ୩ଟା ୩୫ରେ ସେ ୧୦୨ ଆମ୍ବୁଲାନ୍ସକୁ ଫୋନ କରିଥିଲେ। ଏହାର ୧୫ ମିନିଟ୍ ପରେ ୧୦୨ ଆମ୍ବୁଲାନ୍ସ ଘର ନିକଟରେ ପହଞ୍ଚିଥିଲା। ହେଲେ ଆମ୍ବୁଲାନ୍ସ ଭିତରେ ଅକ୍ସିଜେନ ବ୍ୟବସ୍ଥା କି ଆବଶ୍ୟକ ଉପକରଣ ନ ଥିଲା। ଏପରି କି ଆମ୍ବୁଲାନ୍ସ ଖରାପ ଥିବା କହି ଡ୍ରାଇଭର ହସ୍ପିଟାଲ ଯିବାକୁ ଅମଙ୍ଗ ହୋଇଥିଲେ। ସେ ନିଜେ ନ ଯାଇ ୧୦୮ ଆମ୍ବୁଲାନ୍ସକୁ ଫୋନ୍ କରିଥିଲେ। ୧୦୮ ଆମ୍ବୁଲାନ୍ସ ଆସିବ ବୋଲି କହି ପରେ ଆସି ନ ଥିଲା। ଶେଷରେ ଶକୁନ୍ତଳା ଚେତାଶୂନ୍ୟ ହୋଇପଡ଼ିଥିଲେ। ବାଧ୍ୟ ହୋଇ ପରିବାର ଲୋକେ ତାଙ୍କୁ ଏକ ଅଟୋରେ କ୍ୟାପିଟାଲ ହସ୍ପିଟାଲକୁ ନେଇଯାଇଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପେଟରେ ଥିବା ୯ମାସର ଶିଶୁର ମଧ୍ୟ ମୃତ୍ୟୁ ହୋଇସାରିଥିଲା। ଏହି ଖବର ପାଇବା ପରେ ପରିବାର ଲୋକେ ଉତ୍ତେଜିତ ହୋଇଯାଇଥିଲେ। ହସ୍ପିଟାଲରେ ହୋ ହଲ୍ଲା କରିବା ସହ ଆମ୍ବୁଲାନ୍ସ ଡ୍ରାଇଭରଙ୍କୁ ତୁରନ୍ତ ଗିରଫ କରିବା ପାଇଁ ଦାବି କରିଥିଲେ। ପୋଲିସ ପହଞ୍ଚି ସେମାନଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା। ଶକୁନ୍ତଳାଙ୍କ ସ୍ୱାମୀ ବାସୁଦେବ ଏ ନେଇ କ୍ୟାପିଟାଲ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ସମ୍ପର୍କରେ ୧୦୨ ଆମ୍ବୁଲାନ୍ସ କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ କରିବାକୁ ଉଦ୍ୟମ କରିଥିଲେ ମଧ୍ୟ ସମ୍ଭବ ହୋଇପାରି ନ ଥିଲା।




# ପେଟ୍ରୋଲ ଦରକୁ ଡିଜେଲ ଟପିବା ପ୍ରସଙ୍ଗ ନେଇ ରାଜନୀତି

**ଭୁବନେଶ୍ୱର,୨୧।୧୦(ବ୍ୟୁରୋ)**



ଧର୍ମେନ୍ଦ୍ର ପ୍ରଧାନ



ଶଶିଭୂଷଣ ବେହେରା



ସତ୍ୟ ପ୍ରକାଶ ନାୟକ

■ କେନ୍ଦ୍ର-ରାଜ୍ୟ ଦୋଷ ଲଦାଲଦି
■ କଂଗ୍ରେସ କହିଲା ଉଭୟ ଦାୟୀ

ରାଜଧାନୀ ଭୁବନେଶ୍ୱରରେ ପ୍ରଥମଥର ପାଇଁ ପେଟ୍ରୋଲଠାରୁ ଡିଜେଲ ଦର ଅଧିକ ହୋଇଛି। ଯାହାକୁ ନେଇ ସାଧାରଣ ଖାଉଟି ଏବଂ କ୍ଷୁଦ୍ର ବ୍ୟବସାୟୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଡିଜେଲ ଦର ବୃଦ୍ଧି ନେଇ ରାଜ୍ୟ ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଛନ୍ତି। ଅର୍ଥମନ୍ତ୍ରୀଙ୍କ ମନ୍ତବ୍ୟ ଉପରେ ମଧ୍ୟ ପ୍ରତିକ୍ରିୟା ରଖିଛି ରାଜ୍ୟ ଭାଜପା। ସଂଖ୍ୟାଧିକ ରାଜ୍ୟ ସରକାର ତୈଳ ଉପରେ ଭାଟ୍ ହ୍ରାସ କରିଥିଲେ ମଧ୍ୟ ଓଡ଼ିଶା ନ କରିବା କଥାକୁ ଭାଜପା କଟାକ୍ଷ କରିଛି। ଅନ୍ୟପକ୍ଷରେ ଏଭଳି ସମୟରେ କେନ୍ଦ୍ର-ରାଜ୍ୟ ପରସ୍ପର ନିଜର ସଂଘୀୟ ଦାୟିତ୍ୱ ପାଳନ ନ କରି ରାଜନୈତିକ ଆରୋପ-ପ୍ରତ୍ୟାରୋପ କରିବାକୁ ସମାଲୋଚନା କରିଛି କଂଗ୍ରେସ।

ରାଜଧାନୀରେ ପେଟ୍ରୋଲ ଦର ଲିଟର ପିଛା ବର୍ତ୍ତମାନ ୮୦.୫୭ ପଇସା ରହିଛି। ସେହିପରି ଡିଜେଲ ଲିଟର ପିଛା ୮୦.୬୯ ଟଙ୍କା ରହିଛି। ରାଜ୍ୟରେ ପ୍ରତିଦିନ ପାଖାପାଖି ୬୨ ଲକ୍ଷ ଲିଟର ଡିଜେଲ ବିଭିନ୍ନ କ୍ଷେତ୍ରରେ ବ୍ୟବହୃତ ହୋଇଥାଏ। ଖଣିଜ ପରିବହନ ଏବଂ ଯାନବାହନ ଚଳାଚଳରେ ରାଜ୍ୟରେ ଡିଜେଲ ଅଧିକ ବ୍ୟବହୃତ ହୋଇଥାଏ। ନିର୍ଦ୍ଦିଷ୍ଟ ଭାବେ ଡିଜେଲ ଦରବୃଦ୍ଧି ଅନେକ ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀ ମୂଲ୍ୟ ବୃଦ୍ଧି କରିବ ବୋଲି ଅର୍ଥନୀତିଜ୍ଞମାନେ ଆଶଙ୍କା କରିଛନ୍ତି। ଡିଜେଲ ଦର ବୃଦ୍ଧି ସମ୍ପର୍କରେ ଗଣମାଧ୍ୟମକୁ ଅର୍ଥମନ୍ତ୍ରୀ ବେହେରା କହିଛନ୍ତି ଯେ, କେନ୍ଦ୍ର ସରକାରଙ୍କ ଦୂରଦୃଷ୍ଟିର ଅଭାବ କାରଣରୁ ଏପରି ଦରବୃଦ୍ଧି ହେଉଛି। କେଉଁ ସମୟରେ କି ପଦକ୍ଷେପ ନେଇଥିଲେ ଦର ହ୍ରାସ ପାଇଥାନ୍ତା, ତାହା କରାଯାଇନାହିଁ। ୨୦୧୪ରେ ଏନ୍‌ଡିଏ ସରକାର ଯେବେ କ୍ଷମତାକୁ ଆସିଥିଲା, ସେ ସମୟରେ ଆନ୍ତର୍ଜାତିକ ବଜାରରେ ଅଶୋଧିତ ତୈଳଦର ମୂଲ୍ୟ ସର୍ବନିମ୍ନ ରହିଥିଲା। ତାହାକୁ ସୁଯୋଗ ଭାବେ ନିଆଯାଇଥିଲେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ କୋଟି କୋଟି ଖାଉଟି ଉପକୃତ ହୋଇଥାନ୍ତେ। ହେଲେ ମୋଦି ସରକାର ତାହା ନ କରି ତୈଳ କମ୍ପାନୀକୁ ଲାଭ ଦେବା ଭଳି ପଦକ୍ଷେପ ନେଉଛନ୍ତି। ଏହିସବୁ କାରଣରୁ ଡିଜେଲ ଦର ବୃଦ୍ଧି ପାଉଛି ବୋଲି ଶଶିଭୂଷଣ କହିଛନ୍ତି।

ଅର୍ଥମନ୍ତ୍ରୀଙ୍କ ଏପରି ମନ୍ତବ୍ୟର କଡ଼ା ଜବାବ ଦେଇଛନ୍ତି କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ବାଲେଶ୍ୱରରେ ଏକ ଦଳୀୟ କାର୍ଯ୍ୟକ୍ରମରେ ଯୋଗଦେଇ ସେ କହିଛନ୍ତି ଯେ, ଗାଲୁଆଙ୍କ ବାରବାଟୀ ଚାଷ। ରାଜ୍ୟ ସରକାରଙ୍କ ମନ୍ତ୍ରୀମାନେ ନିଜ ମନରୁ କିଛି କହି ନ ଥାନ୍ତି। ତୃତୀୟ ମହଲାର ହାତଲେଖା କାଗଜ ଦେଖି ମନ୍ତବ୍ୟ ଦେଇଥାନ୍ତି। ଲଗାତର ୩ ଦିନ ହେବ ପେଟ୍ରୋଲ ଦର କମୁଛି। ରାଜ୍ୟ ସରକାର ଭାଟ୍ ହ୍ରାସ କରୁ ନ ଥିବାରୁ ଓଡ଼ିଶାବାସୀ ହନ୍ତସନ୍ତ ହେଉଥିବା ଧର୍ମେନ୍ଦ୍ର କହିଛନ୍ତି।

ସେହିପରି କଂଗ୍ରେସ ନେତା ସତ୍ୟପ୍ରକାଶ ନାୟକ କହିଛନ୍ତି ଯେ, ପରିବହନ ଏବଂ ବ୍ୟବସାୟରେ ଡିଜେଲ ଏକ ଅପରିହାର୍ଯ୍ୟ ଦ୍ରବ୍ୟ। ତେଣୁ ରାଜ୍ୟ ଡିଜେଲ ଉପରେ ୨୬ ପ୍ରତିଶତ ଭାଟ୍ ଲାଗୁକରି ରାଜସ୍ୱ ଆଦାୟ କରୁଛି। ହେଲେ ପଡ଼ୋଶୀ ରାଜ୍ୟ ଆନ୍ଧ୍ର ଏବଂ ପଶ୍ଚିମବଙ୍ଗରେ ଭାଟ୍ କମ୍ ହୋଇଥିବାରୁ ପରିବହନକାରୀ ସେଠାରୁ ଡିଜେଲ କ୍ରୟ କରୁଛନ୍ତି। ତେଣୁ ରାଜ୍ୟର ଅତି ଲାଭଖୋର ମନୋବୃତ୍ତି ସାଧାରଣ ଲୋକଙ୍କ ପାଇଁ ମହଙ୍ଗା ହୋଇପାରେ। ସେହିପରି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଧ୍ୟ ନିଜ ଦାୟିତ୍ୱ ଠିକ୍ ଭାବେ ତୁଲାଉ ନାହାନ୍ତି। କେବଳ ରାଜ୍ୟ ଉପରେ ଦୋଷ ଦେଇ ଖସିଗଲେ ହେବ ନାହିଁ ବୋଲି ସତ୍ୟପ୍ରକାଶ କହିଛନ୍ତି।

# ଗ୍ୟାସ ସିଲିଣ୍ଡର ବିସ୍ଫୋରଣ, ଛାତ ଫାଟିଲା

**ବଲାଙ୍ଗୀର ଅଫିସ,୨୧।୧୦**

ବଲାଙ୍ଗୀର ମାଳପଡା ରାମମନ୍ଦିର ନିକଟରେ ଥିବା ହିମାଂଶୁ ପଣ୍ଡାଙ୍କ ଘରେ ଶନିବାର ରାତିରେ ଗ୍ୟାସ ସିଲିଣ୍ଡର ବିସ୍ଫୋରଣ ହୋଇଥିଲା। ଏଥିରେ ତାଙ୍କ ରୋଷେଇ ଘରର ଛାତ ଫାଟିଯିବା ସହ ବିଭିନ୍ନ ସାମଗ୍ରୀ ନଷ୍ଟ ହୋଇଯାଇଛି। ଖବର ପାଇ ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଯାଞ୍ଚ କରିଛନ୍ତି। ତେବେ ଗ୍ୟାସ ସିଲିଣ୍ଡର ବିସ୍ଫୋରଣ ସତ୍ତ୍ୱେ ଘରେ ନିଆଁ ଲାଗି ନ ଥିବା ଜଣାପଡିଛି। ଏହି ଭୟଙ୍କର ବିସ୍ଫୋରଣରୁ ବର୍ତ୍ତିଯାଇଛନ୍ତି ପଣ୍ଡାଙ୍କ ପରିବାରର ୩ଜଣ ସଦସ୍ୟ। ସେମାନେ ଘରେ ଶୋଇଥିବାବେଳେ ହଠାତ୍ ଗ୍ୟାସ ସିଲିଣ୍ଡର ବିସ୍ଫୋରଣ ହୋଇଥିବା ସୂଚନା ଦେଇଛନ୍ତି ପଣ୍ଡା । ରାତି ପ୍ରାୟ ୧ଟା ସମୟରେ ଘରେ ଥିବା ୩ଟି ଗ୍ୟାସ୍ ସିଲିଣ୍ଡର ବିସ୍ଫୋରଣ ଘଟି ଭୟଙ୍କର ଶବ୍ଦ ହୋଇଥିଲା । ଏଥିରେ ପଡାବାସୀ ଆତଙ୍କିତ ହୋଇପଡି ଉଠିପଡିଥିଲେ । ପରେ ପଣ୍ଡାଙ୍କ ପରିବାର ସଦସ୍ୟମାନେ ଘରୁ ବାହାରି ଆସିଥିଲେ । ତେବେ ଗ୍ୟାସ ସିଲିଣ୍ଡର ବିସ୍ଫୋରଣର ଅସଲ କାରଣ ଜଣାପଡି ନ ଥିବା ଅଗ୍ନିଶମ ଅଧିକାରୀ ଶ୍ୟାମ ସୁନ୍ଦର ସିଂ ସୂଚନା ଦେଇଛନ୍ତି ।



ଗ୍ୟାସ ସିଲିଣ୍ଡର ବିସ୍ଫୋରଣରେ କ୍ଷତିଗ୍ରସ୍ତ ଘର ।




# ବାରପାହାଡ଼କୁ ପଶିଲେ ମାଓବାଦୀ

**ବରଗଡ଼ ଅଫିସ୍/ଅମ୍ବାଭୋନା,୨୧।୧୦(ଡି.ଏନ.ଏ)**

ବରଗଡ଼ ଜିଲା ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ବାରପାହାଡ ଜଙ୍ଗଲ ପରିବେଷ୍ଟିତ ମୁଣ୍ଡାବାହାଲ ଗ୍ରାମରେ ଶନିବାର ପ୍ରାୟ ୩୦ଜଣ ମାଓବାଦୀ ପ୍ରବେଶ କରିଥିବା ସୂଚନା ମିଳିଛି। ସେମାନେ ବଲାଙ୍ଗୀର-ବରଗଡ଼-ମହାସମୁଦ ଡିଭିଜନ ମାଓବାଦୀ ସଙ୍ଗଠନର ବୋଲି ଆଲୋଚନା ହେଉଛି । ସେମାନଙ୍କ ମଧ୍ୟରେ ୩ଜଣ ମହିଳା ରହିଥିବା ଅଞ୍ଚଳବାସୀ କହିଛନ୍ତି । ମିଳିଥିବା ସୂଚନା ଅନୁଯାୟୀ, ଶନିବାର ରାତ୍ରିରେ ସେମାନେ ଛତିଶଗଡ଼ର ସିଂଘଡ଼ା ଘାଟି ପାରି ହୋଇ ଝାଏଲ ମଧ୍ୟ ଦେଇ ଅମ୍ବାଭୋନା ବ୍ଲକର ସିହିନୀଗଡ଼ ଜଙ୍ଗଲରେ ପ୍ରବେଶ କରିଥିଲେ । ଏହାପରେ ସେମାନେ ବାରପାହାଡ଼ ଜଙ୍ଗଲ ପରିବେଷ୍ଟିତ ମୁଣ୍ଡାବାହାଲ ଗ୍ରାମକୁ ଆସିଥିଲେ । ସେମାନେ ଗ୍ରାମର କେତେକ ଦୋକାନକୁ ଯାଇ ଚାଉଳ ଆଦି ସାମଗ୍ରୀ କିଣିଥିଲେ ଏବଂ ସ୍ଥାନୀୟ ଲୋକଙ୍କୁ ନିଜ ଭୂ ସମ୍ପତ୍ତି ସୁରକ୍ଷା କରିବାକୁ ଆହ୍ୱାନ ଦେଇଥିଲେ । ଏହା ସହିତ ଅଞ୍ଚଳର ଖଣି ସମ୍ପଦ ତଥା ପଥର ଖାଦାନ ଉପରେ ଲୋଲୁପଦୃଷ୍ଟି ପକାଇ କିଛି ଲୋକ ତାହା ଚାଲାଣ କରୁଥିବରୁ ତାକୁ ପ୍ରତିରୋଧ କରିବା ପାଇଁ କହିଥିଲେ । ପୂର୍ବରୁ ମଧ୍ୟ ଏ ଅଞ୍ଚଳରେ ମାଓବାଦୀଙ୍କ ଗତିବିଧି ଦେଖିବାକୁ ମିଳିଥିଲା । ସମ୍ବରଧରା, ଖୋଲା, କୁରୁମକେଲ, ଡେବ୍ରିଗଡ଼, ବେହେରା, ଭଟଲି ବ୍ଲକର ଖଜୁରିଆ ଆଦି ଅଞ୍ଚଳରେ ମାଓବାଦୀମାନେ ନିଜ ଉପସ୍ଥିତି ଜାହିର କରିଥିଲେ। ଗତ କିଛିବର୍ଷ ତଳେ ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ଲଖନପୁରରେ ଠିକାଦାର କ୍ୟାମ୍ପ ପୋଡ଼ାଜଳା, ଫରେଷ୍ଟଗାର୍ଡ଼ଙ୍କୁ ହତ୍ୟା ଭଳି ହିଂସା ଘଟାଇଥିଲେ । ଏହାପରେ ଅଞ୍ଚଳରେ ମାଓବାଦୀଙ୍କ ଗତିବିଧି ସେଭଳି ଆଉ ଦେଖାଯାଇ ନ ଥିଲା। ତେବେ କିଛି ବର୍ଷର ନିରବତା ପରେ ପୁଣି ଅମ୍ବାଭୋନା ଅଞ୍ଚଳରେ ମାଓବାଦୀଙ୍କ ଉପସ୍ଥିତି ଯୋଗୁ ଅଞ୍ଚଳବାସୀଙ୍କ ମଧ୍ୟରେ ଆତଙ୍କ ଖେଳି ଯାଇଛି ।

# ଅଷ୍ଟଧାତୁରେ ନିର୍ମିତ ଦୁର୍ଗା ମୂର୍ତ୍ତି ଚୋରି

**ରାଜନଗର, ୨୧।୧୦ (ଡି.ଏନ୍.ଏ.)**

କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକସ୍ଥିତ ଭିତରକନିକା ଜାତୀୟ ଉଦ୍ୟାନରେ ଥିବା ଏକ ମନ୍ଦିରରୁ ଅଷ୍ଟଧାତୁରେ ନିର୍ମିତ ଦୁର୍ଗା ମୂର୍ତ୍ତି ଚୋରି ହୋଇଯାଇଛି। ଗତ ଦୁର୍ଗାଷ୍ଟମୀ ଦିନ କନିକା ରାଜାଙ୍କ ଦ୍ୱାରା ନିଯୁକ୍ତ ସେବାୟତମାନେ ମା'ଙ୍କ ପୂଜା କରିବାକୁ ଯାଇଥିବା ବେଳେ ସେଠାରେ ମୂର୍ତ୍ତି ନଥିବା ଦେଖିଥିଲେ। ଖବରପାଇ କନିକା ରାଜା ଶିବେନ୍ଦ୍ର ନାରାୟଣ ଭଞ୍ଜଦେଓ ଶୁକ୍ରବାର ସେଠାରେ ପହଞ୍ଚିବା ସହ ମୂର୍ତ୍ତି ଚୋରି ସମ୍ପର୍କରେ ବନବିଭାଗ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ। ତେବେ ଏ ନେଇ ସୋମବାର ଥାନାରେ ଅଭିଯୋଗ କରାଯିବ ବୋଲି ରାଜା ଭଞ୍ଜଦେଓ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଅଷ୍ଟାଦଶ ଶତାବ୍ଦୀରେ କନିକା ରାଜାଙ୍କ ପକ୍ଷରୁ ଭିତରକନିକାର ପଦ୍ମ ପୋଖରୀ ନିକଟରେ ଏକ ଶିବ ମନ୍ଦିର ନିର୍ମାଣ କରାଯାଇଥିଲା। ଏଥିସହ ମନ୍ଦିର ଚତୁଃପାର୍ଶ୍ୱରେ ଅଷ୍ଟଧାତୁରେ ନିର୍ମିତ ମା' ଦୁର୍ଗାଙ୍କ ସମେତ ଅନ୍ୟ ପାର୍ଶ୍ୱ ଦେବଦେବୀଙ୍କ ମୂର୍ତ୍ତି ସ୍ଥାପନ କରାଯାଇଥିଲା। ସେଠାରେ ପ୍ରତିବର୍ଷ ଦୁର୍ଗାଷ୍ଟମୀ ତିଥିରେ ମା' ଦୁର୍ଗାଙ୍କର ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଇଥାଏ। ତେବେ ଚଳିତବର୍ଷ ରାଜ ପରିବାର ପକ୍ଷରୁ ରିଘାଗଡ଼ ବଳଦେବଜୀଉ ମନ୍ଦିର ମ୍ୟାନେଜର ସୁବାସ ଚନ୍ଦ୍ର ପାଣିଙ୍କ ନେତୃତ୍ୱରେ ସେବାୟତ ଶରତ ଦାଶ, ଶିବଶମ୍ଭୁ ତରାଇ, ଶରତ ମଲ୍ଲିକ, କମଳାକାନ୍ତ ମହାରଣା ପ୍ରମୁଖ ପୂଜା ପାଇଁ ଯାଇଥିଲେ। ମାତ୍ର ଅଷ୍ଟଧାତୁରେ ନିର୍ମିତ ଦୁର୍ଗାଙ୍କ ମୂର୍ତ୍ତି ମନ୍ଦିରରେ ନଥିବା ସେମାନେ ଦେଖିଥିଲେ। ଏ ସମ୍ପର୍କରେ ସେମାନେ ବନ ବିଭାଗ ଓ ରାଜାଙ୍କୁ ଜଣାଇଥିଲେ।



^Ex-showroom price Orissa of TVS Sport KS Spoke BS IV Variant. Prices subject to change without prior notice. **5 year warranty without any additional charges. ##Finance at the sole discretion of the financer. #It varies from variant to variant. Schemes cannot be clubbed. ^^Paytm offer valid till 07th Nov 2018 Only. T&C apply.
Paytm mall ଲାଭ ₹6,000/-^^ ପର୍ଯ୍ୟନ୍ତ
FOR ALL INSTITUTIONAL/BULK REQUIREMENTS PLEASE MAIL corporate.customersupport@tvsmotor.com Authorised Main Dealers: SAMBALPUR: Kishore TVS, Ph.: 9778371171. BOLANGIR: Rajlaxmi TVS, Ph.: 918260437538. BARGARH: Subhamm TVS, Ph.: 8860625628. BHAWANIPATNA: Barun TVS, Ph: 8260430746; ROURKELA: Gurugobind TVS, Ph: 8260566699; JHARSUGUDA: Gunnu TVS, Ph: 8586977624; SONEPUR: Minerva TVS, Ph : 6370700730, 6370700734. Authorised Dealers: Rengali, Kalinga Automobiles, Ph.: 9437052831; Deogarh, Saswati Motors, Ph : 9437392892; Charbahal, RB Motors, Ph.: 9853406294; Junagarh, Indian Automobiles, Ph.: 9437092284, 9437939586; Nuapara, G K Motors, Ph.: 9937653638; Raj Khariar, Classic Auto, 9439144433; Muniguda, Bhagabati Motors, Ph : 9583860028; Dharmagarh, Gayatri Enterprises, Ph : 9938883405; Belpahar, Sova Automobiles, Ph.: 9238581791; Binka, Chandralata Motors, Ph : 7894255589; Attabira, Swati Auto, Ph : 9853157276; Barpali, Shree Krishna Motors, Ph.: 9777703149; Patnagarh, Samleshwari Motors, Ph.: 9938621078; Dungripally, Pabnee Motors, Ph.: 9937926986; Sundergarh, S. B. Automobiles, Ph.: 06622-274361, 9437139011; Rajgangpur, Bramha Motors, Ph : 9861265188 ; San Balichuan, Gayatri Motors, Ph : 8658502167; Khariar Road, Nanesh Auto, Ph.: 9938098888; Sohela, Khamari Auto, Ph.: 9938739550; Thuvapali, Goyal Auto, Ph : 9937452169 ; Bhatli, Saraswati Motors, Ph : 9090140103; Titlagarh, Maruti, 9438096285; Boudh, M.D. Motors, Ph.: 9439238768; Kantabanji, Nownit Auto Agency, Ph : 9437210599; Gaisilat, Akankshya Motors, Ph : 9937408645; Jaipatna, Kaveri Motors, Ph : 9178280401;Padampur, Alisha Motors, Ph : 9938110070; Sambalpur, Shakti Motors, Ph : 9337016000; Bamra, Regent Motors, Ph : 9437535172; Kuchinda, Jay Maa Automobiles, Ph : 9437058129; Tarbha : Deosar Motors, Ph : 9439135679 ; Redhakhol : Palak Trading Company, Ph : 7978349822; Saintala : Balaji Motors, Ph : 9853781372; Gaisilat, Akankshya Motors, Ph: 7683848645, A Kantapali, Hariom Automobiles, Ph: 8342939695; Paikmal, Mangal Motors, Ph : 9938119999; Laikera, Ritesh Automobiles, Ph : 9938465363 Narla Road, Niladri Motors, Ph : 7326933067; Bheden, Mohit Automobiles, Ph : 7008024042.



ହିମାଚଳପ୍ରଦେଶର ରାଜଧାନୀ ଶିମଲାର ନାମ ପରିବର୍ତ୍ତନ କରାଯାଇ 'ଶ୍ୟାମଳା' କରାଯିବ। ଏନେଇ ମୁଖ୍ୟମନ୍ତ୍ରୀ ଜୟରାମ୍ ଠାକୁର ସୂଚନା ଦେଇଛନ୍ତି। ୧୮୬୪ ସମୟରେ ଏହା ବ୍ରିଟିଶ୍ ସରକାରଙ୍କ ସମର କ୍ୟାପିଟାଲ ଭାବେ କାର୍ଯ୍ୟ କରୁଥିଲା। ପୂର୍ବରୁ ଏହାର ନାମ ଶ୍ୟାମଳା ଥିଲା ମାତ୍ର ପରବର୍ତ୍ତୀ ସମୟରେ ଏହାକୁ ଶିମଲା ଭାବେ ନାମିତ କରାଯାଇଥିଲା।


## ଜନ୍ମଦିନର ଶୁଭେଚ୍ଛା

ନାମ: ....................................

ବୟସ:....................................

ଜନ୍ମ ତାରିଖ: ..............................



ଶୁଚିସ୍ମିତା
ପରିବାରବର୍ଗ



ଜୁଗୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ପୁରୀ ହିଂସା : ଗିରଫ ସଂଖ୍ୟା ୮୬ ଟପିଲା

ପୁରୀ ଅଫିସ,୨୧।୧୦ : ପୁରୀ ହିଂସା ମାମଲାରେ ବର୍ତ୍ତମାନ ସୁଦ୍ଧା ୮୬ଜଣ ଗିରଫ ହୋଇଛନ୍ତି। ଏଥିମଧ୍ୟରେ ସିଂହଦ୍ୱାର ଥାନା ପକ୍ଷରୁ ୪୫ ଓ ଟାଉନଥାନା ପୋଲିସ ୪୧ଜଣଙ୍କୁ ଗିରଫ କରିଥିବା ଏସ୍‌ପି ଡା.ସାର୍ଥକ ଷଡ଼ଙ୍ଗୀ କହିଛନ୍ତି। ୫୯ତମ ପୋଲିସ ଶହୀଦ ଦିବସ ପାଳନ ଅବସରରେ ସେ କହିଲେ, ସିସିଟିଭି ଫୁଟେଜ୍ ଯାଞ୍ଚ ଚାଲିଛି। ଏଥିରେ ସମ୍ପୃକ୍ତ ଥିବା ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯିବ। ଏହି ଗିରଫଦାରି ଜାରି ରହିଛି ବୋଲି ସେ କହିଥିଲେ। ପ୍ରକାଶ ଯେ, ଅକ୍ଟୋବର ୩ ପୁରୀ ବନ୍ଦ ପାଳନ ବେଳେ ହିଂସାକାଣ୍ଡ ଘଟିଥିଲା। ଆନ୍ଦୋଳନକାରୀମାନେ ସିଂହଦ୍ୱାର ଫାଣ୍ଡି, ଶ୍ରୀମନ୍ଦିର କାର୍ଯ୍ୟାଳୟ, ଶେଡ, ବ୍ୟାରିକେଡ ସହ ରାଜସ୍ୱ ମନ୍ତ୍ରୀଙ୍କ ଘର ଓ ଟାଉନ ଥାନାରେ ବ୍ୟାପକ ଭଙ୍ଗାରୁଜା କରିଥିଲେ। ଏଥିସହ ଟ୍ରାଫିକ ପୋଷ୍ଟ ଭଙ୍ଗାରୁଜା କରି ଜାଳିଦେଇଥିଲେ। ଏନେଇ ସିଂହଦ୍ୱାର ଥାନା ଏବଂ ଟାଉନ ଥାନାରେ ଏକାଧିକ ମାମଲା ରୁଜୁ ହୋଇଛି।

# ସରିଲା ପୂଜା, ନିର୍ବାଚନୀମୁହାଁ ରାଜନୈତିକ ଦଳ

- ସରକାର ବିରୋଧୀ ହାୱା ନାହିଁ: ପ୍ରଶାନ୍ତ
- ଭାଜପା ହିଁ ବିକଳ୍ପ : ଲେଖାଶ୍ରୀ
- କଳାଧନ, କ୍ଷମତା ଅପବ୍ୟବହାରରେ କଂଗ୍ରେସ ପଛୁଆ: ଅମିୟ

ଭୁବନେଶ୍ୱର,୨୧।୧୦(ବ୍ୟୁରୋ)

ଶାରଦୀୟ ପୂଜା ସରିଯାଇଛି। ଦିନ କେଇଟା ପରେ ଅକ୍ଟୋବର ବିଦାୟ ନେବାକୁ ଯାଉଛି। ପୂର୍ବର ସାଧାରଣ ନିର୍ବାଚନ କାର୍ଯ୍ୟସୂଚୀକୁ ଦେଖିଲେ ଆସନ୍ତା ମାର୍ଚ୍ଚ-ଏପ୍ରିଲରେ ଭୋଟ ହେବ। ଓଡ଼ିଶାରେ ଲୋକ ସଭା ଏବଂ ବିଧାନସଭା ନିର୍ବାଚନ ହେବ। ରାଜନୈତିକ ଦଳ ପାଖରେ ଆଉ ରହିଲା ୫ ମାସ ସମୟ। ଏହି ସ୍ୱଳ୍ପଅବଧି ମଧ୍ୟରେ ହିଁ ତୃଣମୂଳରେ ଦଳକୁ ଗ୍ରହଣୀୟ କରିବାକୁ ପଡିବ। ଏଥିପାଇଁ ସବୁ ରାଜନୈତିକ ଦଳ ପ୍ରସ୍ତୁତ ହେଉଥିବା ଜଣାପଡିଛି।

ଶାସକ ବିଜେଡି ଅକ୍ଟୋବର ୨ରୁ ପଦଯାତ୍ରା ଆରମ୍ଭ କରିସାରିଛି। ତିତ୍‌ଲି ପ୍ରଭାବିତ ଅଞ୍ଚଳକୁ ବାଦ୍ ଦେଇ ଅନ୍ୟ ସମସ୍ତ ଅଞ୍ଚଳରେ ଏହା ଜାରି ରହିଛି। ଏହି ପଦଯାତ୍ରା ନଭେମ୍ବର ୨ ଯାଏ ଚାଲିବ ବୋଲି ପୂର୍ବରୁ କୁହାଯାଇଥିଲା। ଯେଉଁ ସ୍ଥାନଗୁଡିକରେ ପଦଯାତ୍ରା ବିଭିନ୍ନ କାରଣରୁ ପ୍ରଭାବିତ ହୋଇଛି, ସେସବୁ ଅଞ୍ଚଳରେ ନଭେମ୍ବର ୧୧ ଯାଏ ଏହା ଚାଲୁ ରହିବ ବୋଲି ଦଳୀୟ ସୂତ୍ରରୁ ଜଣାପଡିଛି। ସାଧାରଣ ନିର୍ବାଚନ ନିକଟବର୍ତ୍ତୀ ହେଉଥିବାରୁ ବିଜେଡିର ଆଭିମୁଖ୍ୟ କ'ଣ ରହିବ, ସେ ନେଇ ମନ୍ତବ୍ୟ ଦେଇଛନ୍ତି ରାଜ୍ୟ ସଭା ଏମ୍‌ପି ତଥା ମୁଖପାତ୍ର ପ୍ରଶାନ୍ତ ନନ୍ଦ। ସେ କହିଛନ୍ତି ଯେ, ପଦଯାତ୍ରାରେ ପୂର୍ବବର୍ଷ ତୁଳନାରେ ଅଧିକ ଲୋକ ଯୋଡ଼ିହେଉଛନ୍ତି। ଗାଁ ଗାଁରେ ଏବଂ ସହରର ପ୍ରତି ଗଳିରେ ବିଜେଡି କର୍ମୀମାନେ ବିକାଶର ବାର୍ତ୍ତା ପହଞ୍ଚାଉଛି। ନିକଟରେ ପଶ୍ଚିମ ଓଡ଼ିଶାର ବିଭିନ୍ନ ସ୍ଥାନରେ ନୂଆଖାଇ ପର୍ବ ପାଳନ କରାଯାଇଥିଲା। ଏଥିରେ ସ୍ୱତଃପ୍ରବୃତ୍ତ ଭାବେ ଜନସାଧାରଣ ଯୋଡ଼ିହୋଇଥିଲେ, ଯାହା ପରବର୍ତ୍ତୀ ସମୟରେ ପଦଯାତ୍ରାକୁ ଆହୁରି ଜନାଦୃତ କରିଥିଲା ବୋଲି ପ୍ରଶାନ୍ତ କହିଛନ୍ତି। ୨୦୦୦, ୨୦୦୪, ୨୦୦୯ ଏବଂ ୨୦୧୪ରେ ବିଜେଡି ଶକ୍ତିଶାଳୀ ବିରୋଧୀ ଦଳର ସମ୍ମୁଖୀନ ହୋଇ ନ ଥିଲା। ୨୦୧୯ରେ ଭାଜପା ଏକ ଶକ୍ତିଶାଳୀ ରାଜନୈତିକ ଶତ୍ରୁଭାବେ ଉଭା ହୋଇଛି। ଏହା ବିଜେଡିକୁ ଅଡୁଆରେ ପକାଇବ କି ବୋଲି ପ୍ରଶ୍ନର ଉତ୍ତର ରଖିଛନ୍ତି ପ୍ରଶାନ୍ତ। ସେ କହିଛନ୍ତି ଯେ, ଦୀର୍ଘ ୧୮ ବର୍ଷର ଶାସନ ପରେ ସରକାର ବିରୋଧୀ ହାୱା ଦେଖାଯାଉନାହିଁ। ବିଭିନ୍ନ ସର୍ଭେରେ ନବୀନ ବାବୁ ସର୍ବୋଚ୍ଚ ସ୍ଥାନରେ ରହିଛନ୍ତି। ତୃଣମୂଳରେ ଯେଉଁ ନେତା ଜନସାଧାରଣଙ୍କ ବିଶ୍ୱାସଭାଜନ ହେଉନାହାନ୍ତି, ସେଠାରେ କର୍ମୀଙ୍କ ମନପସନ୍ଦର ନେତୃତ୍ୱ ଦଳ ଦେବ। ବିରୋଧୀ ଶକ୍ତିଶାଳୀ ବୋଲି ପ୍ରତୀୟମାନ ହେଉଛି ହେଲେ ବାସ୍ତବରେ ସେପରି ନୁହେଁ, ଯାହା ବିଜେପୁର ଉପନିର୍ବାଚନରୁ ପ୍ରମାଣିତ ବୋଲି ପ୍ରଶାନ୍ତ କହିଛନ୍ତି।

ସେହିପରି ଭାଜପା ନେତ୍ରୀ ଲେଖାଶ୍ରୀ ସାମନ୍ତସିଂହାର କହିଛନ୍ତି ଯେ, ବିଜେଡିର ଦଳୀୟ କାର୍ଯ୍ୟକ୍ରମ ବୋଲି କିଛି ନ ଥାଏ। ତୃଣମୂଳରେ ନେତାମାନେ ଲୋକପ୍ରିୟତା ହରାଇ ଥିବାରୁ ଜିଲା ଏସ୍‌ପି, କଲେକ୍ଟରଙ୍କୁ ନେଇ ତୃତୀୟ ମହଲା କାମ ଚଳାଉଛି। ଅପରପକ୍ଷରେ ଭାଜପାର ପ୍ରତିଦିନ ରାଜନୈତିକ କାର୍ଯ୍ୟକ୍ରମ ରହୁଛି। ମହିଳା ମୋର୍ଚ୍ଚାଠାରୁ ଆରମ୍ଭ କରି କୃଷକ ମୋର୍ଚ୍ଚା ସମସ୍ତେ ରାଜରାସ୍ତାରେ। ନିକଟରେ ଦଳର ରାଜ୍ୟ କାର୍ଯ୍ୟକାରିଣୀ ସମାପ୍ତ ହୋଇଛି। ଶାସକ ବିଜେଡି ବର୍ତ୍ତମାନ ଆଗରେ ଥିବା ଭଳି ଅନ୍ୟମାନଙ୍କୁ ଲାଗୁଛି। ମାତ୍ର ବାସ୍ତବରେ ତାହା ନୁହେଁ। ଭାଜପାର ଲୋକପ୍ରିୟତା ବଢୁଛି। ନିର୍ବାଚନକୁ ୫ ମାସ ସମୟ ଥିବାରୁ ଭାଜପା ହିଁ ରାଜ୍ୟରେ ବିକଳ୍ପ ଭାବେ ଉଭା ହେବ ବୋଲି ଲେଖାଶ୍ରୀ କହିଛନ୍ତି। ନଭେମ୍ବର ପହିଲାରୁ ମାସେ ବ୍ୟାପୀ ଭାଜପା ପକ୍ଷରୁ ଜାଗରଣ ଯାତ୍ରା ଆରମ୍ଭ ହେବାକୁ ଯାଉଛି। ନିକଟରେ ସାରା ରାଜ୍ୟରେ ଆୟୁଷ୍ମାନ ଯୋଜନା ଲାଗୁ ପାଇଁ ରାଜ୍ୟପାଳଙ୍କୁ ଦଳ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଥିଲା।

ଅପରପକ୍ଷରେ କଂଗ୍ରେସ ଦଳର ଆଭିମୁଖ୍ୟ ସମ୍ପର୍କରେ ମନ୍ତବ୍ୟ ଦେଇ ଅମିୟ ପାଣ୍ଡବ କହିଛନ୍ତି ଯେ, କଂଗ୍ରେସ ଦଳ ପ୍ରଥମେ ହିଁ ତିତ୍‌ଲି ପ୍ରଭାବିତଙ୍କ ପାଖରେ ପହଞ୍ଚିଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବିଳମ୍ବରେ ତୃଣମୂଳକୁ ଯାଇଥିଲେ। ଦକ୍ଷିଣ ଓଡ଼ିଶାରେ ଜୋନ୍ ଅନୁଯାୟୀ କାମ ଚାଲିଛି। ବାଲେଶ୍ୱର ପରେ ମୟୂରଭଞ୍ଜରେ ଜନଜାଗରଣ ଯାତ୍ରା ହେବ। ଏହା ୧୪୭ ବିଧାନସଭା ନିର୍ବାଚନମଣ୍ଡଳୀ ବୁଲିବ। କଂଗ୍ରେସ ଦଳର ପ୍ରଭାରୀ ଏବଂ ପର୍ଯ୍ୟବେକ୍ଷକମାନେ କର୍ମୀଙ୍କ ମନପସନ୍ଦର ବ୍ୟକ୍ତିତ୍ୱଙ୍କ ପ୍ରାର୍ଥିତ୍ୱ ଉପରେ ଗୁରୁତ୍ୱ ଦେଉଛନ୍ତି। ହେଲେ କଳାଧନ ଏବଂ କ୍ଷମତା ଅପବ୍ୟବହାରରେ କଂଗ୍ରେସ ବିଜେଡି-ଭାଜପାଠାରୁ ପଛରେ ଅଛି ବୋଲି ଅମିୟ କହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜିର ଚନ୍ଦ୍ର ପାରିବାରିକ ଜୀବନକୁ ସରସ, ସୁନ୍ଦର କରିବା ସହ ନୂତନ ସମ୍ପର୍କ ସୃଷ୍ଟି କରିବ। ବଳବାନ୍ ମଙ୍ଗଳଙ୍କ ପ୍ରଭାବରେ ଅସମ୍ପୂର୍ଣ୍ଣ କାମ ସମ୍ପୂର୍ଣ୍ଣ ହେବ, ବିବାଦର ସମାଧାନ କରିପାରିବେ। ଅବୁଝା ବନ୍ଧୁଙ୍କୁ ବୁଝାଇ କାମରେ ଲଗାଇବା ସକାଶେ ମନେଇବାରେ ମଧ୍ୟ ସମର୍ଥ ହେବେ। ବାଣିଜ୍ୟ,ବ୍ୟବସାୟ, ସଭାସମିତି, ଯାତ୍ରା ଓ ବନ୍ଧୁମିଳନଜନିତ ସମୟ କଟାଇବେ।

**ବୃଷ** ବିଭିନ୍ନ ସମସ୍ୟାରେ ମନକୁ ଭାରାକ୍ରାନ୍ତ କରିପାରନ୍ତି। ଅବଶ୍ୟ ସାମାନ୍ୟ ବିଳମ୍ବରେ ଆଶା କରୁଥିବା ଦିଗରୁ ଧନପ୍ରାପ୍ତି ସହ ପାରିବାରିକ ସ୍ଥିତିରେ ଆଂଶିକ ଉନ୍ନତି ଦେଖାଦେବ। ସ୍ଥଗିତ କାମକୁ ପୂରା ଦମରେ କରିବା ପାଇଁ ନିଷ୍ପତ୍ତି ନେବେ। ବନ୍ଧୁ ଗହଣରେ ସାଧାରଣ କଥାକୁ କେନ୍ଦ୍ରକରି ଯୁକ୍ତିତର୍କଜନିତ ବିବାଦୀୟ ପରିସ୍ଥିତି ଉପୁଜିପାରେ।

**ମିଥୁନ** କେତୁ ପ୍ରଭାବରେ ଚେଷ୍ଟା କରୁଥିବା ଦିଗରୁ ଅର୍ଥଲାଭ ସକାଶେ ବନ୍ଧୁଙ୍କୁ ନେହୁରା ହେବାକୁ ପଡିପାରେ। ପରିବାରର ଆବଶ୍ୟକତାକୁ ନେଇ ଔଷଧପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି। ଅଫିସ୍ କାମରେ ଅନ୍ୟମନସ୍କ ହେତୁକ କୌଣସି ଭୁଲ୍ କାମ କରି ଅନୁତପ୍ତ ହେବେ। ସହକର୍ମୀଙ୍କ ସହାୟତାରେ କର୍ମକ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ।

**କର୍କଟ** ସ୍ୱାସ୍ଥ୍ୟ ସମସ୍ୟା ଅପରିବର୍ତ୍ତିତ ରହିଥିଲେ ମଧ୍ୟ ସମ୍ପୂର୍ଣ୍ଣ ସୁସ୍ଥତା ଆଶା କରାଯାଇ ନ ପାରେ। ଅଧିକାଂଶ ସମୟ ନୂତନ ବନ୍ଧୁଙ୍କ ସହ ଆଳାପ ଆଲୋଚନାରେ ସମୟ କଟାଇବେ। ଧାତୁ ଅଳଙ୍କାର ଓ ପୋଷାକପତ୍ର କାରବାର ଦିଗରୁ ଉପକୃତ ହୋଇପାରନ୍ତି। କୌଣସି ଗୁରୁତ୍ୱପୂର୍ଣ୍ଣ ବିଷୟରେ ଆଲୋଚନା ପାଇଁ ଦୂରଯାତ୍ରା କରିବାକୁ ପଡିପାରେ।

**ସିଂହ** ଆପଣଙ୍କ କଥା ଓ କାମରେ ମେଳ ନ ରହିବା କାରଣରୁ ଆପଣ ଅନ୍ୟମାନଙ୍କ ନିକଟରେ ଅବିଶ୍ୱାସର ପାତ୍ର ହୋଇପାରନ୍ତି। ପାରିବାରିକ ଆବଶ୍ୟକତାକୁ ନେଇ ବ୍ୟୟର ମାତ୍ରା କ୍ରମଶଃ ବୃଦ୍ଧି ହେତୁ ମାନସିକ ଅବସାଦ ବୃଦ୍ଧି ପାଇବ। ଏକାଧିକ କାମରେ ଅନୁପ୍ରବେଶ କାରଣରୁ କୌଣସି କାମ ଉତ୍ସାହପ୍ରଦ ହୋଇ ନ ପାରେ।

**କନ୍ୟା** ସାମାଜିକ ଜୀବନରେ ଅନ୍ୟାୟ ବିରୋଧରେ ସ୍ୱର ଉଠାଇ ସମସ୍ୟାକୁ ନିମନ୍ତ୍ରଣ କରିବେ। ପରୋକ୍ଷ ଶତ୍ରୁତା, ଋଣ ଉଠାଣ, ଯୋଗାଣ କାରବାରରେ ଅସୁବିଧାର ସମ୍ମୁଖୀନ ହେବାକୁ ପଡିବ। ଆକସ୍ମିକ ଭାବରେ ଦୂରସ୍ଥାନକୁ ଯାତ୍ରା କରିବାକୁ ପଡିପାରେ। ଅର୍ଥ ସମ୍ପର୍କକୁ କେନ୍ଦ୍ର କରି ବିବାଦୀୟ ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ଦେଖାଦେବ।

**ତୁଳା** ପରିବାର ଭିତରେ ସମସ୍ୟା ସମାଧାନ ପାଇଁ ଚେଷ୍ଟା କରି ସଫଳତା ହାସଲ କରିବେ। ବନ୍ଧୁମାନଙ୍କ ସହ ହସ ଖୁସି ଓ ବିଳାସ ବ୍ୟସନରେ ସମୟ ଅତିବାହିତ ହେବ। ବହୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇବାର ସୂଚନା ରହିଛି। ଆଧ୍ୟାତ୍ମିକ ପ୍ରବଚନ, ସାହିତ୍ୟ ଚର୍ଚ୍ଚା, ସଙ୍ଗୀତ ଓ ନୃତ୍ୟ ସାଙ୍ଗକୁ ଧର୍ମ କାର୍ଯ୍ୟରେ ନିଜକୁ ନିୟୋଜିତ କରିବେ।

**ବିଛା** କାର୍ଯ୍ୟହାନି ସାଙ୍ଗକୁ ପରିବେଶ ଓ ପରିସ୍ଥିତିକୁ ନେଇ ସାମାନ୍ୟ ଅସ୍ଥିରତା ସୃଷ୍ଟି ହୋଇପାରେ। ବନ୍ଧୁଙ୍କ ଆମନ୍ତ୍ରଣ କ୍ରମେ ଯାତ୍ରା କରିବାକୁ ପ୍ରସ୍ତୁତିପର୍ବରେ ଲାଗିପାରନ୍ତି। ପାରିବାରିକ ଜୀବନରେ ସହନଶୀଳତା ଗୁଣର ଅଭାବ ଅଶାନ୍ତିର କାରଣ ହୋଇପାରେ। ରାଜନୈତିକ ସ୍ଥିତି, ଅର୍ଥନୈତିକ ପ୍ରଗତି ସାଙ୍ଗକୁ ସାମାଜିକ ପ୍ରତିଷ୍ଠା ମଧ୍ୟ ବୃଦ୍ଧି ପାଇବ।

**ଧନୁ** ଶନିଙ୍କ କୁପ୍ରଭାବରେ ନିଜ ଲୋକମାନଙ୍କ ଚକ୍ଷୁଶୂଳର କାରଣ ସ୍ୱରୂପ ଶ୍ରଦ୍ଧା,ସମ୍ମାନ ଓ ଆଦରର ନ୍ୟୂନତା ଉପଲବ୍ଧି କରିବେ। କର୍ମକ୍ଷେତ୍ରରେ ଅସହଯୋଗ କାରଣଜନିତ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢିପାରେ। କୌଣସି ବିଶ୍ୱସନୀୟ ବନ୍ଧୁଙ୍କ ଦ୍ୱାରା ପ୍ରତାରିତ ହେବାର ବହୁତ ସମ୍ଭାବନା ରହିଛି।

**ମକର** କର୍ମକ୍ଷେତ୍ରରେ ଉଚ୍ଚପଦାଧିକାରୀଙ୍କ ସାହାଯ୍ୟ ଲାଭକରି ମନୋବଳ କ୍ରମଶଃ ବୃଦ୍ଧି ପାଇବ। ଅତୀତ ଘଟଣାକୁ କେନ୍ଦ୍ରକରି ବିବାଦୀୟ ପରିସ୍ଥିତି ସୃଷ୍ଟି ହେବାର ଖବର ପାଇ ବିସ୍ମୟ ପ୍ରକାଶ କରିପାରନ୍ତି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ,ପରିବହନ ଓ ଏଜେନ୍ସିପରୁ ଖୁସି ରହିବେ। ବିବାଦୀୟ ଘଟଣାରେ ବନ୍ଧୁଙ୍କ ମଧ୍ୟସ୍ଥତା ଭଲ କାମ ଦେଇପାରେ।

**କୁମ୍ଭ** ସମସ୍ୟା ରହିଥିଲେ ମଧ୍ୟ କର୍ମକ୍ଷେତ୍ରରେ ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେବେ। ଘର ସାଜସଜ୍ଜା, ନିର୍ମାଣ, ଆନୁଷ୍ଠାନିକ କାମ, ମେଳା ମହୋତ୍ସବ, ନୃତ୍ୟ ଓ ସଙ୍ଗୀତରେ ମଜି ରହିପାରନ୍ତି। ଆର୍ଥିକ ଦିଗଟି ଭଲ ରହିବ ଓ କୌଣସି ଜନ ହିତକର କାମରେ ତାହାକୁ ବିନିଯୋଗ କରିବା ପାଇଁ ଚିନ୍ତା କରିବେ। କୌଣସି ବନ୍ଧୁଙ୍କ ସହ ଆଜିର ଆଲୋଚନା ନିଷ୍ଫଳ ହେବନାହିଁ।

**ମୀନ** ମତାନ୍ତରଜନିତ ପାରିବାରିକ ଦିଗରୁ କେତେକ ବ୍ୟତିକ୍ରମ ସୃଷ୍ଟି ହେବାର ସମ୍ଭାବନା ରହିଛି। କେତେକ କ୍ଷେତ୍ରରେ ଯେତେ ଭଲ କାମ କଲେ ମଧ୍ୟ କର୍ମକ୍ଷେତ୍ରରେ ସମାଲୋଚନା ଶୁଣିବାକୁ ପଡିବ। ଶିଳ୍ପ, ବାଣିଜ୍ୟ, ଆମଦାନୀ କାରବାର ଓ ରାଜନୀତି କ୍ଷେତ୍ରରେ ସଫଳତା ହାସଲ କରିବେ।

ଆଜି ଆଶ୍ୱିନ ଶୁକ୍ଳ ତ୍ରୟୋଦଶୀ ସୋମବାର, ଅକ୍ଟୋବର ୨୨ ତାରିଖ, ରାଶି ନକ୍ଷତ୍ର-ଦିବା ଘ୭।୫୭ମି. ଗତେ, ଉତ୍ତର ଭାଦ୍ରପଦ/ମୀନ, ଧନୁ ରାଶିର ଘାତଚନ୍ଦ୍ର, ମିଥୁନ ରାଶିର ଘାତବାର, ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ୭।୧୩ମି. ମଧ୍ୟେ ଘ୧।୧୪ମି. ଗତେ, ଘ୨।୫୮ମି. ମଧ୍ୟେ ଘ୪।୨୭ମି. ଗତେ, ଘ୬।୦୨ମି. ମଧ୍ୟେ ଅମୃତବେଳା। ଦିବା ଘ୮।୦୬ମି. ଗତେ ଘ୧୦।୧୯ମି. ମଧ୍ୟେ ମାହେନ୍ଦ୍ର ବେଳା। ସକାଳ ଘ୭।୧୩ମି. ଗତେ ଘ୮।୩୯ମି. ମଧ୍ୟେ ରାହୁକାଳ।

## classified


real estate

### SALE

ଭୁବନେଶ୍ୱର ରଙ୍ଗବଜାର ପାଖରୁ 4 km. ଦୂରତ୍ୱରେ Gayatri College ନିକଟରେ 30' road ଥାଇ Demarcated gharabari plot ପଟ୍ଟାସହିତ 390/-ରେ ବିକ୍ରି ହେଉଅଛି। 9437114429, 9938214443. D-64342

Litigation free plots near Xavier University backside BDA Zone, Bhubaneswar. Sqft.-250/-, 160/-. 9337259012, 9937746907. D-64343

3000 sqft. yellowzone plot near GITA Infosys-2 roadside Bhubaneswar. 9438400633. D-64350

Morningsun Residency simplex near Hanspal-28,00,000/- (Handover within 1month) 8908015464, 9853347909. D-64349

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

construction

Prabhakar construction complete finishing building 1350/- semifinished 1150/-. 9437025258, 9437484711. D-8967


# ଫେସ୍‌ବୁକରେ ଅଶ୍ଳୀଳ ପୋଷ୍ଟ କରି ଶିକ୍ଷକ ଗିରଫ

ଧାମନଗର,୨୧।୧୦ (ଡି.ଏନ.ଏ.)

ଭଦ୍ରକ ଜିଲା ଧାମନଗର ଥାନା ଅଧୀନ ପଠାଣମହଲା ଗ୍ରାମର ଶିକ୍ଷକ ସେକ୍ ସବାକତୁଲ୍ଲାଙ୍କୁ ସୋସିଆଲ ମିଡିଆରେ ସାମ୍ପ୍ରଦାୟିକ ନେଇ ଅଶ୍ଳୀଳ ପୋଷ୍ଟ କରିଥିବା ଅଭିଯୋଗରେ ପୋଲିସ ଗିରଫ କରିଛି। ଫେସ୍‌ବୁକରେ ଅଶ୍ଳୀଳ ମନ୍ତବ୍ୟ ନେଇ ଦକ୍ଷିଣବାଡ଼ ଗ୍ରାମର ବିଜୟ ରାମଙ୍କ ଅଭିଯୋଗ କ୍ରମେ ଧାମନଗର ଥାନାରେ ଏକ ମାମଲା(ନଂ.୧୭୭/୧୮) ରୁଜୁ କରାଯାଇଛି। ଏନେଇ ପୋଲିସ ତଦନ୍ତ କରି ଶିକ୍ଷକ ସେକ୍ ସବାକତୁଲ୍ଲାଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ଜଣେ ଶିକ୍ଷକ ହୋଇ ଏଭଳି ସାମ୍ପ୍ରଦାୟିକତା ଭେଦଭାବ ନେଇ ପୋଷ୍ଟ କରିବା ଘଟଣାକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି।

## ପ୍ରଥମ ପୃଷ୍ଠାରୁ...



କଟକ-ସମ୍ବଲପୁର ୫୫ନଂ. ଜାତୀୟ ରାଜପଥ ଅବରୋଧ।



ଅବରୋଧ ବେଳେ ଏସ୍‌ପିଙ୍କ ଗାଡ଼ିକୁ ଘେରିଛନ୍ତି ଉତ୍ତ୍ୟକ୍ତ ଲୋକେ।

### ପୁଣି ମଣିଷ ...

ଖବର ଲେଖାହେବା ବେଳକୁ ଘଟଣାସ୍ଥଳରେ ଉତ୍ତେଜନା ଲାଗି ରହିଥିଲେ ହେଁ ପୋଲିସ ରାଜପଥରେ ଗାଡ଼ି ଚଳାଚଳ ସ୍ୱାଭାବିକ କରିଛି।

ସକାଳ ପ୍ରାୟ ୬ଟା ବେଳେ ଟାଇଁସି ଗ୍ରାମର ତ୍ରିନାଥ ସାହୁ ଓ ସୁରେଶ ପ୍ରଧାନ ୟୁପି ସ୍କୁଲ ପଛପାଖ ନୂଆପଡ଼ା ରାସ୍ତା ପାଣିହତା ନିକଟକୁ ହଳ କରିବାକୁ ଯାଇଥିଲେ। କିଛି ସମୟ ପରେ ସୁରେଶ ଘରକୁ ଫେରି ଆସିଥିଲେ। କିନ୍ତୁ ତ୍ରିନାଥ ଘରକୁ ନ ଆସି ପାଣିହତାକୁ ଶୌଚ ପାଇଁ ଯାଇ ମାଛ ଧରୁଥିଲେ। ସେହି ସମୟରେ ସେଠାରେ ଲୁଚି ରହିଥିବା ବାଘୁଣୀ ତ୍ରିନାଥଙ୍କୁ ଆକ୍ରମଣ କରିଥିଲା। ଖବରପାଇ ଗ୍ରାମବାସୀ, ପୋଲିସ ଓ ମନିଟରିଂ ପାଇଁ ଗାଁରେ ଥିବା ବନ କର୍ମଚାରୀମାନେ ସେଠାରେ ପହଞ୍ଚି ମୃତଦେହକୁ ବାଘୁଣୀ ଖାଉଥିବା ଦେଖିଥିଲେ। ଏହି ସମୟରେ ଖବର ସଂଗ୍ରହ ପାଇଁ ଯାଇଥିବା ଜଣେ ଖବରଦାତା ଟାଇଁସି ଗ୍ରାମର ରଘୁନାଥ ସାହୁ ଓ ଦେଖଣାହାରୀ ଗୁଡ଼ସିଙ୍ଗା ଗ୍ରାମର ଭଗବାନ ସାହୁଙ୍କୁ ଲୁଚି ରହିଥିବା ସୁନ୍ଦରୀ ଆକ୍ରମଣ କରିଥିଲା। ତେବେ ଉପସ୍ଥିତ ଲୋକମାନଙ୍କ ପାଟି ଓ ପୁରୁଣାକୋଟ ଆଇଆଇସି ବିଜୟ କୁମାର ହାଇବ୍ରୋଙ୍କ ୩ ରାଉଣ୍ଡ ଫାଙ୍କା ଗୁଳି ଚାଳନା ଶବ୍ଦ ଶୁଣି ବାଘୁଣୀ ଜଙ୍ଗଲ ମଧ୍ୟକୁ ପଳାଇ ଯାଇଥିଲା। ଆହତ ରଘୁନାଥ ଓ ଭଗବାନଙ୍କୁ ତୁରନ୍ତ ଆମ୍ବୁଲାନ୍ସରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ତେବେ ଘଟଣାକୁ ନେଇ ପୂର୍ବରୁ ଅସନ୍ତୋଷ ଥିବା ଅଞ୍ଚଳବାସୀ ଅତିରିକ୍ତ ଏସିଏଫ୍ ଆର.କେ. ସ୍ୱାଇଁ, ପମ୍ପାସର ରେଞ୍ଜର ବ୍ରଜମୋହନ ପଟ୍ଟନାୟକ, ପୁରୁଣାକୋଟ ରେଞ୍ଜର ଗଜେନ୍ଦ୍ର ବେହେରାଙ୍କ ସହିତ ୮ଜଣଙ୍କୁ ୧୨ ଘଣ୍ଟା ଯାଏ ଗାଁ କୋଠଘରେ ଅଟକ ରଖିଥିଲେ। ଏଥିସହିତ ହିଞ୍ଚାଡୋଲି ବିଟ୍ ହାଉସ ଓ ଜଗନ୍ନାଥପୁର ନିକଟବର୍ତ୍ତୀ ରିଜର୍ଭ ଜଙ୍ଗଲରେ ନିଆଁ ଲଗାଇ ଦେଇଥିଲେ। ପମ୍ପାସର ରେଞ୍ଜ ମୁଖ୍ୟ ଗେଟ୍‌ରେ ତାଲା ପକାଇ ଦେଇଥିଲେ। ଉତ୍ତେଜନା ଖବରପାଇ ଅତିରିକ୍ତ ଏସ୍‌ପି ଯଦୁନାଥ ହାଁସଦା, ଅନୁଗୋଳ ଏସ୍‌ଡିପିଓ ହରିହର ପାଣି, ଆଠମଲ୍ଲିକ ଏସ୍‌ଡିପିଓ ଆଲବିନିୟସ କେରେକେଟା, ପୁରୁଣାକୋଟ ଆଇଆଇସି ବିଜୟ କୁମାର ହାଇବ୍ରୋ, ବନ୍ତଳା ଆଇଆଇସି ସବ୍ୟସାଚୀ ରାଉତ, ଅନୁଗୋଳ ଆଇଆଇସି ରମେଶ ଚନ୍ଦ୍ର ବିଶୋଇ, ଜରପଡ଼ା ଓ ଠାକୁରଗଡ଼ ଆଇଆଇସିଙ୍କ ସମେତ ୬ ପ୍ଲାଟୁନ ଫୋର୍ସ ଘଟଣାସ୍ଥଳରେ ପହଞ୍ଚିଥିଲେ। ଏହି ସମୟରେ ଉତ୍ତ୍ୟକ୍ତ ଲୋକେ ଅତିରିକ୍ତ ଏସ୍‌ପିଙ୍କ ଗାଡ଼ି (ନଂ. ଓଡି୦୫ଏଲ୍-୭୩୨୨), ପମ୍ପାସର ଓ ପୁରୁଣାକୋଟ ରେଞ୍ଜରଙ୍କ ୨ଟି ଗାଡ଼ି ଭଙ୍ଗାରୁଜା କରିଥିଲେ। ଏପରି କି ବୁଝାଶୁଝା ପାଇଁ ପହଞ୍ଚିଥିବା ଅନୁଗୋଳ ଏସ୍‌ପି ମିତ୍ରଭାନୁ ମହାପାତ୍ରଙ୍କ କଥା ମଧ୍ୟ ସେମାନେ ଶୁଣି ନ ଥିଲେ। ତୁରନ୍ତ ଆର୍‌ସିସିଏଫ ଘଟଣାସ୍ଥଳକୁ ଆସିବା ସହିତ ବାଘୁଣୀକୁ ସାତକୋଶିଆରୁ ହଟାଯାଉ ଓ ମୃତକଙ୍କ ପରିବାରଙ୍କୁ ଉପଯୁକ୍ତ କ୍ଷତିପୂରଣ ଦିଆଯାଉ ବୋଲି ସେମାନେ ଦାବି କରିଥିଲେ। ଅପରାହ୍ନ ୩ଟାରେ ସେମାନେ ମୃତଦେହ ଧରି ୫୫ ନଂ. ଜାତୀୟ ରାଜପଥ ଅବରୋଧ କରିଥିଲେ।

### ବିସ୍ଫୋରଣରେ ୬ ...

ତାକୁ ଲିଭାଇବା ପାଇଁ କେତେକେ ଉଦ୍ୟମ କରିଥିଲେ। ନିକଟସ୍ଥ ଏକ ସ୍ଥାନରେ ବିସ୍ଫୋରଣ ହେବା ପରେ ସ୍ଥିତି ଅଧିକ ସଙ୍ଗିନ ହୋଇଯାଇଥିଲା। ବିସ୍ଫୋରଣରେ ଉବୈଦ୍ ଲାୱେ ନାମକ ଜଣେ ବିକ୍ଷୋଭକାରୀ ପ୍ରାଣ ହରାଇଥିବାବେଳେ ଅନ୍ୟ କେତେଜଣ ସାଧାରଣ ଲୋକ ଗୁରୁତର ହୋଇଥିଲେ। ଆହତମାନଙ୍କୁ କୁଲଗାମ୍ ଓ ଶ୍ରୀନଗର ହସ୍ପିଟାଲକୁ ଚିକିତ୍ସା ପାଇଁ ନିଆଯାଇଥିଲା। ଦୁଇ ହସ୍ପିଟାଲରେ ଡାକ୍ତରମାନେ ୫ ଜଣଙ୍କୁ ମୃତ ଘୋଷଣା କରିଥିଲେ। ପ୍ରାୟ ୨୦ ଜଣ ଆହତ ଚିକିତ୍ସିତ ହେଉଛନ୍ତି। ସେମାନଙ୍କ ମଧ୍ୟରୁ କେତେଜଣଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ମୃତ୍ୟୁସଂଖ୍ୟା ବଢ଼ିବା ଆଶଙ୍କା କରାଯାଉଛି।

ଇତିମଧ୍ୟରେ ଏହି ଘଟଣାକୁ ନେଇ ଲାରୁ ଗ୍ରାମରେ ଯବାନ ଓ ଜନତା ମୁହାଁମୁହିଁ ହୋଇଛନ୍ତି। ଗୁଜବଜନିତ ବିକ୍ଷୋଭ ଓ କୌଣସି ପ୍ରକାର ଅପ୍ରୀତିକର ସ୍ଥିତିକୁ ଏଡାଇବା ପାଇଁ କୁଲଗାମ୍ ଜିଲାରେ ମୋବାଇଲ୍ ଏବଂ ଇଣ୍ଟରନେଟ୍ ସେବାକୁ ବାତିଲ କରାଯାଇଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ମେହବୁବା ମୁଫ୍‌ତି ଏବଂ ଓମାର ଅବ୍‌ଦୁଲ୍ଲା ଏହାର ନିନ୍ଦା କରିଛନ୍ତି। କୁଲଗାମ୍ ବିଧାୟକ ତଥା ସିପିଏମ୍ ନେତା ଏମ୍.ୱାଇ. ତାରିଗାମି ଏହାର ନିରପେକ୍ଷ ତଦନ୍ତ ଦାବି କରିଛନ୍ତି। ବିଚ୍ଛିନ୍ନତାବାଦୀ ନେତାମାନେ ଏହାକୁ 'ରକ୍ତସ୍ନାନ' ବୋଲି ଅଭିହିତ କରିବା ସହ ସୋମବାର ବ୍ୟାପକ ବିକ୍ଷୋଭ ଓ ଆନ୍ଦୋଳନ ପାଇଁ ଡାକରା ଦେଇଛନ୍ତି।

### ୩ ଯବାନ ...

ରାଜୌରି ଜିଲା ସୁନ୍ଦରବନି ସେକ୍ଟରରେ ରବିବାର ଅପରାହ୍ନ ୧ଟା ୪୫ରେସଶସ୍ତ୍ର ପାକିସ୍ତାନୀ ଆତଙ୍କବାଦୀମାନେ ଅନୁପ୍ରବେଶ ଉଦ୍ୟମ କରିଥିଲେ। ଯବାନମାନେ ଅନୁପ୍ରବେଶକାରୀଙ୍କୁ ଏଥିରୁ ନିବୃତ୍ତ ରହିବାକୁ କହିବାରୁ ସେମାନେ ଭାରତୀୟ ସେନାକୁ ଚ୍ୟାଲେଞ୍ଜ କରିଥିଲେ। ଯବାନମାନେ ଏହାର ମୁହଁତୋଡ଼ ଜବାବ ଦେଇଥିଲେ। ଉଭୟ ପକ୍ଷ ଗୁଳି ବିନିମୟ ଚାଲିଥିବାବେଳେ ୨ ଅନୁପ୍ରବେଶକାରୀ ଟଳିପଡ଼ିଥିଲେ। ଅନୁପ୍ରବେଶକାରୀଙ୍କ ଗୁଳିମାଡ଼ରେ ୩ ଯବାନ ଶହୀଦ ଓ ଜଣେ ଆହତ ହୋଇଛନ୍ତି। ଆହତ ଯବାନଙ୍କୁ ହେଲିକପ୍ଟରରେ ଉଦ୍ଧମପୁର ସେନା ହସ୍ପିଟାଲକୁ ନିଆଯାଇଛି। ଅନୁପ୍ରବେଶକାରୀଙ୍କ ମୃତଦେହ ନିକଟରୁ ୨ଟି ଏକେ-୪୭ ସମେତ କେତେକ ଅସ୍ତ୍ରଶସ୍ତ୍ର ଜବତ ହୋଇଛି। ଅପରେଶନ ଜାରି ରହିଥିବା ଜଣେ ସେନା ଅଧିକାରୀ ସୂଚନା ଦେଇଛନ୍ତି। ନିହତ ଅନୁପ୍ରବେଶକାରୀମାନେ ପାକିସ୍ତାନର ବର୍ଡର ଆକ୍ସନ ଟିମ୍ (ବିଏଟି) ସଦସ୍ୟ ବୋଲି ଜଣାପଡ଼ିଛି। ବିଏଟି ହେଉଛି ପାକିସ୍ତାନୀ ସୈନ୍ୟ ଓ ତାଲିମପ୍ରାପ୍ତ ଆତଙ୍କବାଦୀଙ୍କୁ ନେଇ ଗଠିତ ଏକ ଘାତକ ଦଳ, ଯାହା ଏଲ୍‌ଓସିରେ ଯବାନମାନଙ୍କୁ ଟାର୍ଗେଟ କରିଥାଏ। ଅନ୍ୟପକ୍ଷରେ ରାଜସ୍ଥାନର ଶ୍ରୀଗଙ୍ଗନଗର ଜିଲା ସଂଲଗ୍ନ ଅନ୍ତର୍ଜାତୀୟ ସୀମାରେ ବିଏସ୍‌ଏଫ୍ ଯବାନଙ୍କ ଗୁଳିମାଡ଼ରେ ଅନ୍ୟ ଜଣେ ପାକିସ୍ତାନୀ ଅନୁପ୍ରବେଶକାରୀ ନିହତ ହୋଇଥିବା ଜଣାପଡ଼ିଛି।

### ବାତ୍ୟା କ୍ଷତିଗ୍ରସ୍ତଙ୍କ...

୫୦ଟଙ୍କା ହିସାବରେ ୧୦୦ଟି ପାଇଁ ମିଳିବ, ମାଛ ଚାଷରେ କ୍ଷତି ହୋଇଥିଲେ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ହେକ୍ଟର ପିଛା ୧୨ହଜାର ୨ଶହ ଟଙ୍କା ଏବଂ ମାଛ ଯାଆଁଳ ଚାଷ ପାଇଁ ହେକ୍ଟର ପିଛା ୮ହଜାର ୨ଶହ ଟଙ୍କା ଲେଖା ମିଳିବ। ସେହିଭଳି ସମତଳ ଅଞ୍ଚଳରେ ଥିବା ଘର ଭାଙ୍ଗିଥିଲେ ୯୫ହଜାର ୧୦୦ଟଙ୍କା ମିଳିବ। ପାହାଡିଆ ଅଞ୍ଚଳରେ ଘର ଭାଙ୍ଗିଥିଲେ କ୍ଷତିଗ୍ରସ୍ତଙ୍କୁ ୧ଲକ୍ଷ ୧ହଜାର ୯ଶହ ଟଙ୍କା ଦିଆଯିବ। ଏହାସହ ଆଂଶିକ କ୍ଷତିଗ୍ରସ୍ତ ହୋଇଥିବା କଚ୍ଚାଘର ପାଇଁ ୩ହଜାର ୨ଶହ ଟଙ୍କା ଏବଂ ପକ୍କାଘର ପାଇଁ ୫ହଜାର ୨ଶହ ଟଙ୍କା ମିଳିବ ବୋଲି ମହାପାତ୍ର ସୂଚନା ଦେଇଛନ୍ତି। ଅନ୍ୟପଟେ ବାତ୍ୟା ଏବଂ ବନ୍ୟା ଫଳରେ ୨.୭ଲକ୍ଷ ହେକ୍ଟର ଚାଷଜାମୀରେ ସମ୍ପୂର୍ଣ୍ଣ ଫସଲ ନଷ୍ଟ ହୋଇଯାଇଛି। କ୍ଷତିଗ୍ରସ୍ତ ଚାଷୀଙ୍କୁ ଇନ୍‌ପୁଟ ସବ୍‌ସିଡି ଯୋଗାଇ ଦେବାକୁ ସରକାର ନିକଟରେ ଘୋଷଣା କରିଥିଲେ।


## ମନେ ପଡ଼ନ୍ତି

### ଏକାଦଶାହ ଉପଲକ୍ଷେ



**ସ୍ୱର୍ଗତା ମନୋରମା ବେହେରା**

ଆବିର୍ଭାବ: ୦୨।୧୨।୧୯୫୨
ତିରୋଧାନ: ୧୨।୧୦।୨୦୧୮
ସ୍ୱାମୀ: ଇଂ.କୃଷ୍ଣଚନ୍ଦ୍ର ବେହେରା
ଧାନମଣ୍ଡଳ, ବ୍ରାହ୍ମଣ ସାଇଲୋ
ଗୋବିନ୍ଦପୁର, କଟକ

ତୁମର ସ୍ନେହ, ଶ୍ରଦ୍ଧା, ସରଳତା, ତ୍ୟାଗ, ଭଲପାଇବା, ପରୋପକାରିତା ଆମମାନଙ୍କ ପାଇଁ ଅବିସ୍ମରଣୀୟ। ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ସହ ବିନମ୍ର ପ୍ରାର୍ଥନା କରୁଅଛୁ। ହତଭାଗ୍ୟ: ସ୍ୱାମୀ, ପୁତ୍ର-ପୁତ୍ରବଧୂ, ଝିଅ-ଜ୍ୱାଇଁ, ନାତି-ନାତୁଣୀ, ଆତ୍ମୀୟସ୍ୱଜନ, ବନ୍ଧୁ ଓ ପରିବାରବର୍ଗ। ଧ-୬୨୩୦୭

### ଷଷ୍ଠ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



**✓ କୁନ୍ତଳା ବେହେରା**

ସ୍ୱାମୀ - ✓ ଇଂ.ଦୈତ୍ୟାରୀ ବେହେରା
୨୧୨୦, କଳ୍ପନା ଏରିଆ, ସବରସାହି ଲେନ୍, ଭୁବନେଶ୍ୱର
ଆବିର୍ଭାବ : ୦୧.୧୨.୧୯୩୦
ତିରୋଧାନ : ୨୭.୧୦.୨୦୧୨

ଆଜି ଆପଣଙ୍କର ଷଷ୍ଠ ଶ୍ରାଦ୍ଧବାର୍ଷିକୀ ଅବସରରେ ଅମ୍ଳାନ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।

ବନ୍ଧୁ ଓ ପରିବାରବର୍ଗ
ଧ-୮୯୮୧

### ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ



**✓ ସୁବାସ ଚନ୍ଦ୍ର ସାହୁ**

ଫେଜ୍-୨, ଲକ୍ଷ୍ମୀସାଗର, ଭୁବନେଶ୍ୱର
ଆବିର୍ଭାବ : ୧୧.୦୫.୧୯୭୧
ତିରୋଧାନ :୧୩.୧୦.୧୬ (ଆଶ୍ୱିନ-ଶୁକ୍ଳ-ତ୍ରୟୋଦଶୀ)

ଯା' ଭିତରେ ଦୁଇ ବର୍ଷ ବିତି ଗଲାଣି । ତୁମ ସ୍ନେହ, ଶ୍ରଦ୍ଧାରୁ ବଂଚିତ ହୋଇ ତୁମକୁ ଝୁରି ଝୁରି ପ୍ରତିଟି ମୁହୂର୍ତ୍ତ ଅତ୍ୟନ୍ତ ଦୁଃଖରେ କାଟୁଛି । ତେବେ ବି ତୁମ ଅମର ଆତ୍ମାର ଚିର ଶାନ୍ତି ପାଇଁ ପ୍ରଭୁଙ୍କଠାରେ ଆମ୍ଭମାନଙ୍କର ବିନମ୍ର ପ୍ରଣତି । ତୁମେ ପ୍ରୀତି ଓ ପ୍ରିନ୍‌ସେସ୍ କୁ ଅଶିର୍ବାଦ କର ସେମାନେ ଯେପରି ବଡ଼ ମଣିଷ ହୋଇ ଦୁନିଆରେ ତୁମ ନାମ ରଖିବେ।

ତୁମର ହତଭାଗିନୀ ସ୍ତ୍ରୀ-ଇଲା (ସୁଚିସ୍ମିତା)
ଧ-୮୯୮୦

Your Classified Advertisement published in Dharitri will be listed free in Dharitri Online Edition: **www.dharitri.com**



ଚନ୍ଦ୍ରରୁ ପୃଥିବୀକୁ ଖସି ଥିବା ଉଲ୍‌କାପିଣ୍ଡ ପଥର ୪୫୦ ଲକ୍ଷ ୩ ହଜାର ୪ ଶହ ୩୭ ଟଙ୍କାରେ ବିକ୍ରି ହୋଇଛି। ଏହାକୁ ଏନ୍‌ଡବ୍ଲୁଏ-୧୧୭୮୯ ଭାବେ ନାମିତ କରାଯାଇଥିଲା। ଏହାର ଓଜନ ୫.୫କିଗ୍ରା ବୋଲି ନିଲାମକାରୀ କହିଛନ୍ତି। ଏହା ଉତ୍ତର-ପଶ୍ଚିମ ଆଫ୍ରିକାର ମରୁଭୂମି ଅଞ୍ଚଳରୁ ମିଳିଥିଲା।




Mitesh Khimji
Entrepreneur

PLEDGE 'PLASTIC-FREE' ODISHA



#PlasticFreeOdisha
ଧରିତ୍ରୀ DHARITRI
TEAM


# ସପ୍ତମ ବେତନ ଦାବିରେ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ଅଧ୍ୟାପକ

ଭୁବନେଶ୍ୱର, ୨୧।୧୦ (ବ୍ୟୁରୋ)

ରାଜ୍ୟର ସମସ୍ତ ବର୍ଗର କର୍ମଚାରୀଙ୍କୁ ସରକାର ସପ୍ତମ ବେତନ ହାରରେ ଦରମା ଏବଂ ପେନ୍‌ସନ ପ୍ରଦାନ କରୁଛନ୍ତି। ହେଲେ ରାଜ୍ୟରେ ଥିବା ବିଶ୍ୱବିଦ୍ୟାଳୟ, ସରକାରୀ ଏବଂ ଅନୁଦାନପ୍ରାପ୍ତ କଲେଜରେ ୟୁଜିସି ହାରରେ ନିଯୁକ୍ତ ଥିବା ଅଧ୍ୟାପିକା ଅଧ୍ୟାପକମାନଙ୍କୁ ସରକାର ସଂଶୋଧିତ ୟୁଜିସି ହାରରେ ସପ୍ତମ ବେତନ ପ୍ରଦାନ କରୁନାହାନ୍ତି। ଏହାକୁ ତୁରନ୍ତ କ୍ୟାବିନେଟରେ ପାସ୍ କରି ସରକାର ସପ୍ତମ ବେତନ ଲାଗୁ କରିବାକୁ ଓଡ଼ିଶା ବିଶ୍ୱବିଦ୍ୟାଳୟ ଏବଂ କଲେଜ ଶିକ୍ଷକ ସଂଘ ମିଳିତ କ୍ରିୟାନୁଷ୍ଠାନ ପରିଷଦ ଚଳିତ ମାସ ୨୦ ତାରିଖରେ ମୁଖ୍ୟମନ୍ତ୍ରୀଙ୍କୁ ତାଙ୍କ ମେଲ୍ ଆଇଡି ଜରିଆରେ ଚିଠି ଲେଖି ଦାବି କରିଛନ୍ତି ବୋଲି ପରିଷଦର ସଂଯୋଜକ ଅମିୟ କୁମାର ମହାନ୍ତି କହିଛନ୍ତି।

ମହାନ୍ତି କହିଛନ୍ତି, ଏହାକୁ କ୍ୟାବିନେଟ୍‌ରେ ପାସ୍ କରିବା ପାଇଁ ଏସଂକ୍ରାନ୍ତ ଫାଇଲ୍ ମୁଖ୍ୟମନ୍ତ୍ରୀଙ୍କ ପାଖରେ ପଡି ରହିଛି। ଏହାକୁ କ୍ୟାବିନେଟ୍‌ରେ ପକାଇ ପାସ୍ କରିବାର ପ୍ରସ୍ତାବ ରହିଛି। କ୍ୟାବିନେଟରେ ପାସ୍ ହେଲା ପରେ ୟୁଜିସି ହାରରେ ଥିବା ଅଧ୍ୟାପିକା ଅଧ୍ୟାପକମାନଙ୍କୁ ସଂଶୋଧିକ ୟୁଜିସି ହାରରେ ସପ୍ତମ ବେତନ ଦରମା ମିଳିବ ବୋଲି ମହାନ୍ତି କହିଛନ୍ତି। ବିଶ୍ୱବିଦ୍ୟାଳୟ, ସରକାରୀ ଏବଂ ଅନୁଦାନପ୍ରାପ୍ତ କଲେଜରୁ ୟୁଜିସି ହାରରେ ଥିବା ଅଧ୍ୟାପିକା ଅଧ୍ୟାପକ ଅବସର ନେଇଥିଲେ ମଧ୍ୟ ସେମାନଙ୍କୁ ସଂଶୋଧିତ ହାରରେ ପେନ୍‌ସନ ମିଳୁନାହିଁ। ମୁଖ୍ୟମନ୍ତ୍ରୀ ତୁରନ୍ତ ହସ୍ତକ୍ଷେପ କରି ସଂଶୋଧିତ ୟୁଜିସି ହାରରେ ସପ୍ତମ ବେତନ ଲାଗୁ କରି ଦରମା ଏବଂ ପେନ୍‌ସନ ପ୍ରଦାନ କରିବାକୁ ନିଷ୍ପତ୍ତି ଗ୍ରହଣ କରନ୍ତୁ ବୋଲି ପରିଷଦ ଦାବି କରୁଥିବା ସଂଯୋଜକ ମହାନ୍ତି କହିଛନ୍ତି।

## ୨ ବାଇକ୍ ମୁହାଁମୁହିଁ ଧକ୍କା: ୨ ମୃତ, ୩ ଗୁରୁତର

ଝରିଗାଁ,୨୧।୧୦(ସ୍ୱ.ପ୍ର): ନବରଙ୍ଗପୁର ଜିଲା ଝରିଗାଁ ଥାନା ଅନ୍ତର୍ଗତ ଚିକିଲି ମେହେର ସାହି ନିକଟରେ ଶନିବାର ରାତିରେ ଦୁଇ ବାଇକ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇ ଘଟଣା ସ୍ଥଳରେ ୨ ବାଇକ ଚାଳକଙ୍କ ମୃତ୍ୟୁ ହୋଇଥିବା ବେଳେ ୩ ଜଣ ଗୁରୁତର ହୋଇଛନ୍ତି। ମୃତକମାନେ ହେଲେ ଝରିଗାଁ ବ୍ଲକ ଧୁମାମ୍ ଗ୍ରାମର କେଶବ ସାନ୍ତାଙ୍କ ପୁଅ ଜୟରାମ ସାନ୍ତା(୨୦) ଏବଂ ଚିକିଲି ଗ୍ରାମର ତିଲ ଜାନି(୨୭)। ଗୁରୁତର ୩ ଜଣଙ୍କୁ ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସିତ ପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

■ପୁରୀ ସରକାରୀ ମେଡିକାଲ କଲେଜ

# ଆସନ୍ତା ଶିକ୍ଷାବର୍ଷରୁ ପାଠପଢ଼ା ନେଇ ଅନିଶ୍ଚିତତା



■ଏ ପର୍ଯ୍ୟନ୍ତ ହୋଇପାରିଲାନି ହସ୍‌ପିଟାଲ ବ୍ୟବସ୍ଥା
■ଆହୁରି ୨୦ ପ୍ରତିଶତ ନିର୍ମାଣ କାର୍ଯ୍ୟ ବାକି
■ଅନୁଧ୍ୟାନ ଲାଗି ଆସିବ ସ୍ୱାସ୍ଥ୍ୟ ବିଭାଗ ଟିମ୍

ପୁରୀ ଅଫିସ,୨୧।୧୦

ପୁରୀ ସରକାରୀ ମେଡିକାଲ କଲେଜରେ ପାଠପଢ଼ା ଆରମ୍ଭ ହେବାନେଇ ସମୟ ଗଡ଼ି ଚାଲିଛି। ନିର୍ମାଣ କାର୍ଯ୍ୟ ଏ ପର୍ଯ୍ୟନ୍ତ ଶେଷ ହୋଇ ନ ଥିବାବେଳେ ଆହୁରି ୨୦ ପ୍ରତିଶତ ବାକି ରହିଛି। ମେଡିକାଲ କଲେଜ ପାଇଁ ହସ୍‌ପିଟାଲ ବ୍ୟବସ୍ଥା ଏ ପର୍ଯ୍ୟନ୍ତ ହୋଇନାହିଁ। ମେଡିକାଲ କାଉନ୍‌ସିଲ୍ ଅଫ୍ ଇଣ୍ଡିଆ ପକ୍ଷରୁ ଯାଞ୍ଚ ହୋଇ ପାଠପଢା ପାଇଁ ସବୁଜ ସଙ୍କେତ ମିଳିବାକୁ ଆହୁରି ୧ ବର୍ଷ ଲାଗିବ ବୋଲି କୁହାଯାଉଛି। ଏପରିସ୍ଥିତିରେ ଏହି ସରକାରୀ ମେଡିକାଲ କଲେଜରେ ୨୦୧୯-୨୦ ଶିକ୍ଷାବର୍ଷରୁ ପାଠପଢା ନେଇ ଆଶଙ୍କା ଉପଜିଛି। ଅନ୍ୟପକ୍ଷରେ ନିର୍ମାଣ କାର୍ଯ୍ୟ ଅଗ୍ରଗତି ଅନୁଧ୍ୟାନ ଲାଗି ସ୍ୱାସ୍ଥ୍ୟ ବିଭାଗର ଏକ ଟିମ୍ ଶୀଘ୍ର ପୁରୀ ଆସିବ ବୋଲି ବିଶେଷ ସୂତ୍ରରୁ ଜଣାପଡିଛି।

ପୁରୀ ସହର ଉପକଣ୍ଠ ସମଙ୍ଗମୌଜାର ବାଲିଗୁଆଳିଠାରେ ୨୫ ଏକର ପରିମିତ ଜମିରେ ମେଡିକାଲ କଲେଜ କାର୍ଯ୍ୟ କରିବ। ଏଠାରେ ୧ଶହ ଛାତ୍ରୀଛାତ୍ର ଅଧ୍ୟୟନ ପାଇଁ ବ୍ୟବସ୍ଥା ରହିବ। କୋଠା ନିର୍ମାଣ ଲାଗି ୨୦୫ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଥିଲା। ୨୦୧୫ ଜୁଲାଇ ୪ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାର ଶିଳାନ୍ୟାସ କରିବା ପରେ ଟେଣ୍ଡର ନେଇଥିବା ଏଲ୍‌ଆଣ୍ଡଟି କମ୍ପାନୀ ନିର୍ମାଣ ଆରମ୍ଭ କରିଥିଲା। ୨୦୧୭ ମାର୍ଚ୍ଚ ସୁଦ୍ଧା ର୍ନିମାଣ କାର୍ଯ୍ୟ ଶେଷହୋଇ ୨୦୧୭-୧୮ ଶିକ୍ଷାବର୍ଷରୁ ପାଠପଢା ଆରମ୍ଭ କରିବା ଲାଗି ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। କିନ୍ତୁ ପ୍ରକଳ୍ପ କାମ ଆରମ୍ଭ ବିଳମ୍ବିତ ହୋଇଥିଲା। ନିର୍ମାଣାଧୀନ ଏହି ମେଡିକାଲ କଲେଜରେ ସମୁଦାୟ ୧୪ଟି ବ୍ଲକ ରହିଛି। ସେଥିରୁ ୫ ମହଲା ବିଶିଷ୍ଟ ପ୍ରଶାସନିକ ଭବନ କୋଠା, ୬ ମହଲା ବିଶିଷ୍ଟ କଲେଜ କୋଠା ଏବଂ ୬୫୦ ସିଟ୍ ଥିବା ଅଡିଟୋରିୟମର ନିର୍ମାଣ କାର୍ଯ୍ୟ ସରିଛି। କିନ୍ତୁ ଛାତ୍ରୀନିବାସ, ଛାତ୍ରାବାସ, ଇର୍ଣ୍ଟର୍ନସିପ୍ ଛାତ୍ରୀଛାତ୍ର ହଷ୍ଟେଲ, ରେସିଡେଣ୍ଟ ଡାକ୍ତରଙ୍କ ପାଇଁ ୫ ମହଲା ବିଶିଷ୍ଟ କୋଠା ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବାବେଳେ ଶବ ସଂରକ୍ଷଣ ଗୃହ ଓ ଆନିମଲ ହାଉସ କାର୍ଯ୍ୟ କାମ ସରିନାହିଁ। ବାକି କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ଆହୁରି ୬ ମାସ ସମୟ ଲାଗିବ ବୋଲି କୁହାଯାଉଛି। ମେଡିକାଲ କଲେଜ ମୁଖ୍ୟ ଫାଟକ ନିକଟରେ ଥିବା ୧୧କେଭି ବିଦ୍ୟୁତ୍ ଲାଇନ ସ୍ଥାନାନ୍ତର ଲାଗି ଏଯାଏ କୌଣସି ପଦକ୍ଷେପ ନିଆଯାଇ ନାହିଁ। ଏତେବଡ଼ ପ୍ରକଳ୍ପର କାର୍ଯ୍ୟ ଚାଲିଥିଲେ ମଧ୍ୟ ଜିଲା ପ୍ରଶାସନ ପକ୍ଷରୁ ନିୟମିତ ତଦାରଖ କିମ୍ବା ସମୀକ୍ଷା କରାଯାଉ ନ ଥିବା ଅଭିଯୋଗ ହେଉଛି।

ଅନ୍ୟପକ୍ଷରେ ମେଡିକାଲ କଲେଜର ନିର୍ମାଣ ଓ ଭିତ୍ତିଭୂମି କାର୍ଯ୍ୟ ନ ସାରି ଛାତ୍ରୀଛାତ୍ରଙ୍କ ପାଠପଢ଼ା ଆରମ୍ଭ କରିବା ସମ୍ଭାବନା ମଧ୍ୟ କ୍ଷୀଣ। କାରଣ ଛାତ୍ରୀଛାତ୍ରଙ୍କ ପାଠପଢା ଲାଗି ପ୍ରାଥମିକ ପର୍ଯ୍ୟାୟରେ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅପଗ୍ରେଡ୍ କରିବା ଲାଗି ରାଜ୍ୟ ସରକାର ଯୋଜନା କରିଥିଲେ। କିନ୍ତୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଆବଶ୍ୟକ ଭିତ୍ତିଭୂମି ନାହିଁ କି ଏଯାଏ କୌଣସି ପଦକ୍ଷେପ ନିଆଯାଇ ନାହିଁ। ସେହିଭଳି ମେଡିକାଲ କଲେଜ ଛାତ୍ରୀଛାତ୍ରଙ୍କ ଅଧ୍ୟୟନ ପାଇଁ ୨ଶହ ଶଯ୍ୟା ବିଶିଷ୍ଟ ହସ୍ପିଟାଲ ନିର୍ମାଣ ହେବ। ଏହି ହସ୍‌ପିଟାଲ କେଉଁଠାରେ କରାଯିବ ତାହା ଏପର୍ଯ୍ୟନ୍ତ ସ୍ଥିର ହୋଇନାହିଁ। ବାଲିଗୁଆଳିସ୍ଥିତ ନିର୍ମାଣାଧୀନ ମେଡିକାଲ କଲେଜକୁ ଲାଗି ରହିଥିବା ଏକ ଜମିରେ ହସ୍ପିଟାଲ ନିର୍ମାଣ ପ୍ରସ୍ତାବ ରହିଛି। ଉକ୍ତ ଜମିରେ ବୃକ୍ଷରୋପଣ ହୋଇଥିବାରୁ ସମସ୍ୟା ରହିଛି। ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟ ନିକଟରେ ପୁରୁଣା ପୁରୀ ଜିଲା ଜେଲର ଜମି ରହିଛି। ଗୃହ ବିଭାଗ ନାମରେ ଥିବା ଏହି ଜମିରେ ମେଡିକାଲ କଲେଜ ପାଇଁ ହସ୍ପିଟାଲ ହେବ କି ନାହିଁ ଏପର୍ଯ୍ୟନ୍ତ ସ୍ଥିର ହୋଇନାହିଁ। ତେବେ ଏ ସଂକ୍ରାନ୍ତରେ ଜିଲାପାଳ ଜ୍ୟୋତି ପ୍ରକାଶ ଦାସଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।


ଭାରତୀୟ ସୀମା ଶୁଳ୍କ






ଅଭୂତପୂର୍ବ ଟିକସ ସଂସ୍କାର
ବ୍ୟବସାୟ କରିବା ପାଇଁ ବର୍ଦ୍ଧିତ ସହଜତା






ବିଗତ କିଛି ବର୍ଷରେ ସୀମା ଶୁଳ୍କର ପ୍ରକ୍ରିୟା ଓ ପଦ୍ଧତିକୁ ସରଳୀକୃତ କରିବା ପାଇଁ ଭାରତୀୟ ସୀମା ଶୁଳ୍କ ଅନେକ ପଦକ୍ଷେପ ଗ୍ରହଣ କରିଛି।

ଏପ୍ରିଲ, ୨୦୧୭ ପରଠାରୁ ଅଣାଯାଇଥିବା ସଂସ୍କାର

- ଏକ ଅନ୍‌ଲାଇନ୍ କାଗଜବିହୀନ ପ୍ରକ୍ରିୟା ଆବେଦନ, ଇ-ସଞ୍ଚିତର ପ୍ରଚଳନ କରାଯାଇଛି ଯାହା ମାଲର କ୍ଲିୟରାନ୍ସ ଲାଗି ଆବଶ୍ୟକ ସମସ୍ତ ଦସ୍ତାବିଜକୁ ଇଲେକ୍ଟ୍ରୋନିକ୍ ଉପାୟରେ ଦାଖଲ କରିବା ପାଇଁ ବ୍ୟବସାୟୀମାନଙ୍କୁ ଅନୁମତି ଦେଇଥାଏ। ଦସ୍ତାବିଜର ହାର୍ଡ କପି ସହିତ ବିଭିନ୍ନ ନିୟାମକ ଏଜେନ୍ସିକୁ ଯିବାର ଆବଶ୍ୟକତା ନାହିଁ ।
- ରିସ୍କ ପରିଚାଳନା ପ୍ରଣାଳୀ ମାଧ୍ୟମରେ ବର୍ଦ୍ଧିତ ସୁବିଧା ଯାହା କ୍ଲିୟରାନ୍ସ ପାଇଁ ଲାଗୁଥିବା ସମୟକୁ ହ୍ରାସ କରିଛି ।
- ଡାଇରେକ୍ଟ ପୋର୍ଟ ଡେଲିଭରୀ (ଡିପିଡି) ପଞ୍ଜୀକୃତ ଆମଦାନିକାରୀଙ୍କୁ ଟର୍ମିନାଲରେ ହିଁ ସୀମା ଶୁଳ୍କ କ୍ଲିୟରାନ୍ସ ସମ୍ପୂର୍ଣ୍ଣ କରିବାର ଅନୁମତି ଦେଇଥାଏ ଏବଂ କଣ୍ଟେନରଗୁଡ଼ିକୁ ସିଏଫ୍‌ଏସ୍‌କୁ ନିଆ ନ ଯାଇ ସିଧାସଳଖ କାରଖାନାକୁ ନିଆଯାଇପାରିବ।
- ଡାଇରେକ୍ଟ ପୋର୍ଟ ଏଣ୍ଟ୍ରି (ଡିପିଇ) ରପ୍ତାନି ମାଲକୁ ସିଧାସଳଖ ବନ୍ଦର ଟର୍ମିନାଲକୁ ପ୍ରବେଶ କରିବାର ଅନୁମତି ଦେଇଥାଏ ଏବଂ ସିଏଫ୍‌ଏସ୍‌କୁ ଯିବାର ଆବଶ୍ୟକତା ନ ଥାଏ।
- ପ୍ରାଧିକୃତ ଇକୋନୋମିକ ଅପରେଟର (ଏଇଓ) ଯୋଜନା ବ୍ୟବସାୟ ସତ୍ତାଗୁଡ଼ିକୁ ଦ୍ରୁତତର ସୀମା ଶୁଳ୍କ କ୍ଲିୟରାନ୍ସ ଏବଂ ସରଳୀକୃତ ସୀମା ଶୁଳ୍କ ପଦ୍ଧତି ଯୋଗାଇଥାଏ । ଏହା ଅଧୀନରେ ଇତିମଧ୍ୟରେ ୧୭୦୦ ସତ୍ତା ଲାଭ ହାସଲ କରୁଛନ୍ତି।
- ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ବିଲ୍ ଅଫ୍ ଏଣ୍ଟ୍ରିର ବାଧ୍ୟତାମୂଳକ ଫାଇଲିଂ ବାଣିଜ୍ୟରେ ଶୃଙ୍ଖଳା ଆଣିଛି ଏବଂ ଆମଦାନୀ କ୍ଷେତ୍ରରେ ସମୟକୁ ହ୍ରାସ କରିଛି।
- ପୂର୍ବର ବିଭାଗୀୟ ଅଧିକାରୀଙ୍କ ତତ୍ତ୍ୱାବଧାନରେ ସିଲିଂ କରାଯିବାର ପଦ୍ଧତି ବଦଳରେ କଣ୍ଟେନରଗୁଡ଼ିକର ଇ-ସିଲିଂ ପଦ୍ଧତି ପ୍ରଚଳନ କରାଯାଇଛି। ଏବେ କଣ୍ଟେନରଗୁଡ଼ିକୁ ସିଲ୍ କରିବା ପାଇଁ ଆର୍‌ଏଫ୍‌ଆଇଡି ଟାମ୍ପର୍-ପ୍ରୁଫ୍ ଇ-ସିଲ୍ ବ୍ୟବହୃତ ହେଉଥିବାରୁ ମାଲର ବିଶ୍ୱସନୀୟତା ବୃଦ୍ଧି ପାଇଛି।

୨୦୧୬-୧୭ରେ ଅଣାଯାଇଥିବା ସଂସ୍କାର

- ସିଙ୍ଗଲ ୱିଣ୍ଡୋ ଇଣ୍ଟରଫେସ୍ ଫର୍ ଫାସିଲିଟେଟିଂ ଟ୍ରେଡ୍ (ସ୍ୱିଫ୍ଟ) ୬ଟି ମୁଖ୍ୟ ସରକାରୀ ଏଜେନ୍ସି ନିମନ୍ତେ ଏନ୍‌ଓସି ଜାରି ପ୍ରକ୍ରିୟାକୁ ସୁବିଧାଜନକ କରିଥାଏ ଏବଂ ଆମଦାନିକାରୀ ଓ ରପ୍ତାନିକାରୀଙ୍କୁ ଗୋଟିଏ ସ୍ଥାନରୁ ଅନ୍‌ଲାଇନ୍‌ରେ ସେମାନଙ୍କର କ୍ଲିୟରାନ୍ସ ଦସ୍ତାବିଜ ଦାଏର କରିବାର ସୁବିଧା ଯୋଗାଇଥାଏ।
- ଆମଦାନୀ/ରପ୍ତାନି ପାଇଁ ଏବେ କେବଳ ୩ଟି ବାଧ୍ୟତାମୂଳକ ଦସ୍ତାବିଜ ଆବଶ୍ୟକ ଯାହା ମଧ୍ୟରେ ବିଲ୍ ଅଫ୍ ଲାଡିଂ/ଏୟାରୱେ ବିଲ୍, କମର୍ସିଆଲ୍ ଇନ୍‌ଭଏସ୍-ତଥା-ପ୍ୟାକିଂ ଲିଷ୍ଟ ଏବଂ ଶିପିଂ ବିଲ୍/ବିଲ୍ ଅଫ୍ ଏଣ୍ଟ୍ରି ଅନ୍ତର୍ଭୁକ୍ତ। ପୂର୍ବରୁ ୧୦ଟି ଦସ୍ତାବିଜ ବାଧ୍ୟତାମୂଳକ ଥିଲା।
- 'ପ୍ରଥମେ କ୍ଲିୟର୍ କରନ୍ତୁ ପରେ ପୈଠ କରନ୍ତୁ' ନୀତି ଭିତ୍ତିରେ, ସୀମା ଶୁଳ୍କର ବିଳମ୍ବିତ ପୈଠ ସୁବିଧା ଉପଲବ୍ଧ। ଠିକ୍-ସମୟରେ ବିନିର୍ମାଣକୁ ସୁବିଧାଜନକ କରିବା ପାଇଁ ହ୍ୱାର୍ଫରୁ ପଣ୍ୟାଗାରକୁ ବାଧାରହିତ ପରିବହନ ହାସଲ କରିବାରେ ସହାୟତା କରିଥାଏ। ଏହି ସୁବିଧା ବର୍ତ୍ତମାନ ଏଇଓ ଟି-୨ କିମ୍ବା ଟି-୩ ଷ୍ଟାଟସ୍‌ଧାରୀ ଆମଦାନିକାରୀଙ୍କୁ ଯୋଗାଇ ଦିଆଯାଉଛି।
- ବିଲ୍ ଅଫ୍ ଏଣ୍ଟ୍ରି ଅଧୀନରେ ଆସୁଥିବା ମାଲ ଓ ଫ୍ରି ଶିପିଂ ବିଲ୍ ଅଧୀନରେ ପଠାଯାଉଥିବା ମାଲ ପାଇଁ ନିର୍ଦ୍ଧାରିତ ବନ୍ଦର ଏବଂ ଏୟାର୍ କାର୍ଗୋ କମ୍ପ୍ଲେକ୍ସରେ ୨୪x୭ ସୀମା ଶୁଳ୍କ କ୍ଲିୟରାନ୍ସ ସୁବିଧା ପ୍ରଦାନ କରାଯାଉଛି।
- ଜାତୀୟ ବାଣିଜ୍ୟ ସରଳୀକରଣ କମିଟି (ଏନ୍‌ସିଟିଏଫ୍) ହେଉଛି ଅନେକ ବିଚାର-ବିମର୍ଶ ପରେ ଗ୍ରହଣ କରାଯାଇଥିବା ପ୍ରଭାବୀ ଓ ନିର୍ଣ୍ଣାୟକ ଢାଞ୍ଚା। ଏହାର ତ୍ରିସ୍ତରୀୟ ଗଠନ ଏବଂ ବୋର୍ଡରେ ବାଣିଜ୍ୟ ଓ ବିଭିନ୍ନ ସରକାରୀ ଏଜେନ୍ସିଗୁଡ଼ିକର ପ୍ରତିନିଧିତ୍ୱ ସହିତ, ଏନ୍‌ଟିସିଏଫ୍ ଦ୍ରୁତ ଏବଂ ବାଧାରହିତ ମାଲ କ୍ଲିୟରାନ୍ସକୁ ସୁନିଶ୍ଚିତ କରିଥାଏ।
- ସୀମା ଶୁଳ୍କ ମୁଖ୍ୟ ଆୟୁକ୍ତ/ସୀମା ଶୁଳ୍କ ଆୟୁକ୍ତଙ୍କ ଅଧ୍ୟକ୍ଷତା ଅଧୀନରେ ସୀମା ଶୁଳ୍କ କ୍ଲିୟରାନ୍ସ ସରଳୀକରଣ କମିଟି (ସିସିଏଫ୍‌ସି) ସ୍ଥାପନ କରାଯାଇଛି। ସିସିଏଫ୍‌ସିଗୁଡ଼ିକ ବିଭିନ୍ନ ବନ୍ଦର, ବିମାନବନ୍ଦର, ଆଇସିଡି ଏବଂ ଏଲ୍‌ସିଏସ୍‌ଠାରେ ଆମଦାନୀ ଓ ରପ୍ତାନି ମାଲଗୁଡ଼ିକର କ୍ଲିୟରାନ୍ସକୁ ତ୍ୱରାନ୍ୱିତ କରିବା ସହିତ ବାଣିଜ୍ୟ ଓ ଉଦ୍ୟୋଗର ଅଭିଯୋଗଗୁଡ଼ିକର ନିରାକରଣରେ ସହାୟତା କରିଥାଏ।

ଆମଦାନୀ ଓ ରପ୍ତାନି ସହିତ ଜଡ଼ିତ ସମୟ ଓ ଖର୍ଚ୍ଚ ପ୍ରସଙ୍ଗରେ ଉପରୋକ୍ତ ସଂସ୍କାରଗୁଡ଼ିକର ମୋଟାମୋଟି ପ୍ରଭାବକୁ ଜେଏନ୍‌ସିଏଚ୍, ମୁମ୍ବାଇ ଦ୍ୱାରା ସଞ୍ଚାଳିତ ଟାଇମ୍ ରିଲିଜ୍ ଷ୍ଟଡି (ଟିଆର୍‌ଏସ୍) ୨୦୧୮ ତଥ୍ୟରୁ ଆକଳନ କରାଯାଇପାରିବ, ଯାହା ନିମ୍ନରେ ପ୍ରଦାନ କରାଗଲା:

- ଅଗ୍ରିମ ବିଲ୍ ଅଫ୍ ଏଣ୍ଟ୍ରି ଫାଇଲିଂ ମାମଲାର ପ୍ରତିଶତ ୫୮%ରୁ ଅଧିକ ବୃଦ୍ଧି ପାଇଛି।
- ଆମଦାନୀ ପାଇଁ ହାରାହାରି ନିର୍ମୁକ୍ତି ସମୟ ୨୦୧୮ରେ ୧୪୪.୧୮ ଘଣ୍ଟାକୁ ଉନ୍ନୀତ ହୋଇଛି।
- ଡିପିଡି ସୁବିଧାପ୍ରାପ୍ତ ବିଲ୍ ଅଫ୍ ଏଣ୍ଟ୍ରିର ହାରାହାରି ନିର୍ମୁକ୍ତି ସମୟ ହେଉଛି ୮୪.୪୮ ଘଣ୍ଟା।
- ସୀମା ଶୁଳ୍କ ଶୁଳ୍କସୂଚୀ ଶୀର୍ଷକ ୮୭୦୮ ଅଧୀନରେ ଆସୁଥିବା ଅଟୋ-ଯନ୍ତ୍ରାଂଶ ପାଇଁ ବିଲ୍ ଅଫ୍ ଏଣ୍ଟ୍ରି ମାମଲାରେ, ହାରାହାରି ନିର୍ମୁକ୍ତି ସମୟ ହେଉଛି ୯୧.୫୨ ଘଣ୍ଟା।
- ସର୍ବମୋଟ ହାରାହାରି ରପ୍ତାନି ନିର୍ମୁକ୍ତି ସମୟରୁ ଘରୋଇ ପରିବହନ ସମୟକୁ ବାଦ୍ ଦିଆଯାଇ, ପ୍ରାପ୍ତ ହୋଇଥିବା ନେଟ୍ ହାରାହାରି ରପ୍ତାନି ନିର୍ମୁକ୍ତ ସମୟ ହେଉଛି ୮୪.୧ ଘଣ୍ଟା।

ଆମଦାନିକାରୀ ଓ ରପ୍ତାନିକାରୀମାନେ ଆଇସ୍‌ଗେଟ୍ ୱେବ୍‌ସାଇଟ୍‌ରେ ସେମାନଙ୍କ ଦସ୍ତାବିଜ ଓ କଣ୍ଟେନରକୁ ଟ୍ରାକ୍ କରିପାରିବେ।

- କେବଳ ନହାବା ଶେଭା, ହାଜିରା ଓ ମୁନ୍ଦ୍ରା ବନ୍ଦରକୁ ଯାଉଥିବା ମାଲ ପାଇଁ www.icegate.gov.in "ନିଜ କଣ୍ଟେନରକୁ ଟ୍ରାକ୍ କରନ୍ତୁ" ସୁବିଧା ବ୍ୟବହାର କରି କଣ୍ଟେନରର ଅବସ୍ଥିତି ଠାବ କରାଯାଇପାରିବ।
- ବିଲ୍ ଅଫ୍ ଏଣ୍ଟ୍ରିର ବର୍ତ୍ତମାନର ସ୍ଥିତି ଆଇସ୍‌ଗେଟ୍ ୱେବ୍‌ସାଇଟ୍‌ରେ ଲଗ୍ ଇନ୍ କରାଯାଇ ଜ୍ଞାତ କରାଯାଇପାରିବ।
- ସୀମା ଶୁଳ୍କ ଦ୍ୱାରା ନେପାଳ-ଅଭିମୁଖୀ ମାଲର ଇଲେକ୍ଟ୍ରୋନିକ୍ ଟ୍ରାକିଂ ପୂର୍ବରୁ ଆରମ୍ଭ କରାଯାଇସାରିଛି।

ଭାରତୀୟ ସୀମା ଶୁଳ୍କ - ତ୍ୱରିତ ଓ ସୁଗମ ବାଣିଜ୍ୟ ପାଇଁ ପ୍ରତିବଦ୍ଧ

କେନ୍ଦ୍ରୀୟ ପରୋକ୍ଷ ଟିକସ ଏବଂ ସୀମା ଶୁଳ୍କ ପରିଷଦ
www.cbic.gov.in, www.icegate.gov.in

davp 15502/13/0058/1819

ପ୍ରଭୁ ! ଆପଣଙ୍କର ଦିବ୍ୟଶାନ୍ତି- ଦିବ୍ୟମୁକ୍ତି ଓ ଦିବ୍ୟ ଐକ୍ୟ ହିଁ କେବଳ ଏ ବିଶ୍ୱର ଅନ୍ଧ ହିଂସା, ଛଳନା ଏବଂ ମିଥ୍ୟାଚାର ଉପରେ ବିଜୟ ଲାଭ କରିବ। -ଶ୍ରୀମା

# ଦୋଷ ଲଦାଲଦି

ଭାରତ ଏଭଳି ଏକ ଦେଶ ହୋଇଗଲାଣି, ଯେଉଁଠାରେ ଅଧିକାଂଶ ନିଜ ଦୋଷ ସ୍ୱୀକାର କରିବାକୁ ରାଜି ହେଉନାହାନ୍ତି। ଦୋଷ ମୁଣ୍ଡ ଉପରେ ପଡ଼ିଲେ ତାହାକୁ ଅନ୍ୟ ଉପରକୁ କିଭଳି ଥୋଇଦେଇ ହେବ ସେ ଦିଗରେ ଲାଗିପଡ଼ନ୍ତି। ଫଳସ୍ୱରୂପ ବହୁ କ୍ଷେତ୍ରରେ ମନୁଷ୍ୟକୃତ ଦୁର୍ଘଟଣା ଧନଜୀବନ ହାନି ଘଟାଉଛି। ପଞ୍ଜାବର ଐତିହାସିକ ସହର ଅମୃତସରର ଜୋଡ଼ା ଫାଟକସ୍ଥିତ ଏକ ରେଳପଥ ନିକଟରେ ଅକ୍ଟୋବର ୧୯ ଦଶହରାରେ ରାବଣପୋଡ଼ି ଉତ୍ସବ ଚାଲିଥିଲା। ଏହି ଦୃଶ୍ୟ ଦେଖିବା ଲାଗି ହଜାର ହଜାର ଲୋକଙ୍କ ଭିଡ଼ ଜମିଥିଲା। ଏପରି କି ରେଳଟ୍ରାକ୍ ଉପରେ ଠିଆହୋଇ ପ୍ରାୟ ୫,୦୦୦ ଦର୍ଶକ ରାବଣ କୁଶପୁତ୍ତଳିକାରେ ହୋଇଥିବା ଅଗ୍ନି ସଂଯୋଗକୁ ମନଭରି ଉପଭୋଗ କରୁଥିଲେ। ଏହି ସମୟରେ ଟ୍ରେନ୍ ମାଡ଼ି ଆସିବାରୁ ୬୧ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୭୨ ଦେଖଣାହାରି ଆହତ ହୋଇ ଚିକିତ୍ସିତ ହେଉଛନ୍ତି ବୋଲି ସରକାରୀ ଭାବେ କୁହାଯାଉଛି। ଲୋକଙ୍କ ଉପରେ ରେଳ ମାଡ଼ିଯିବା ପରର ଘଟଣା ସମଗ୍ର ଦେଶକୁ ସ୍ତବ୍ଧ କରିଦେଇଛି। ମୃତକଙ୍କ ମଧ୍ୟରେ ଅଧିକାଂଶ ଉତ୍ତର ପ୍ରଦେଶ ଓ ବିହାରର ଦାଦନ ଶ୍ରମିକ ରହିଥିବା କୁହାଯାଉଛି।

ଏହି ଦୁର୍ଘଟଣା ପାଇଁ କିଏ ଦାୟୀ ତାହାକୁ ନେଇ ଏବେ ରାଜନୈତିକ କାଦୁଅଫିଙ୍ଗା ଆରମ୍ଭ ହୋଇଯାଇଛି। ଇତିମଧ୍ୟରେ ପଞ୍ଜାବ ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂ ଏହାର ମାଜିଷ୍ଟ୍ରେଟ୍‌ସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ମୃତକଙ୍କ ପରିବାରବର୍ଗଙ୍କୁ ୫ ଲକ୍ଷ ଟଙ୍କା ଅନୁକମ୍ପା ରାଶି ଦିଆଯିବ ବୋଲି ଘୋଷଣା କରିଛନ୍ତି। କେନ୍ଦ୍ର ସରକାର ମଧ୍ୟ ମୃତକଙ୍କ ନିକଟ ସମ୍ପର୍କୀୟଙ୍କୁ ସମବେଦନା ଜଣାଇ ୨ ଲକ୍ଷ ଟଙ୍କା ଦେବାକୁ କହିଛନ୍ତି। ହେଲେ ରେଳ କର୍ତ୍ତୃପକ୍ଷ ଏଥିପାଇଁ ନିଜକୁ ଦାୟୀ କରିନାହିଁ। ରେଳ ବୋର୍ଡ ଅଧ୍ୟକ୍ଷ ଅଶ୍ୱିନୀ ଲୋହାନୀ କହିଛନ୍ତି ଯେ, ଏଭଳି ଏକ କାର୍ଯ୍ୟକ୍ରମ ହେବ ବୋଲି ଆୟୋଜକମାନେ ପୂର୍ବରୁ ଜଣାଇ ନ ଥିଲେ। ଅନ୍ୟପକ୍ଷରେ ଉକ୍ତ ଅଞ୍ଚଳରେ ଦୀର୍ଘ ୨୦ ବର୍ଷ ହେବ ରାମଲୀଳା ଓ ରାବଣପୋଡ଼ି ଉତ୍ସବ ପାଳନ କରାଯାଇଆସୁଛି ବୋଲି ସ୍ଥାନୀୟ ବାସିନ୍ଦା କହନ୍ତି। ତେଣୁ ସେହି ଅଞ୍ଚଳର ରେଳ ଚଳାଚଳ ଦାୟିତ୍ୱରେ ଥିବା ବିଭାଗୀୟ କର୍ମଚାରୀ ଓ ଅଧିକାରୀ ଉତ୍ସବ ବିଷୟରେ ଜାଣିବା ସ୍ୱାଭାବିକ। କିନ୍ତୁ ରେଳ କର୍ତ୍ତୃପକ୍ଷ ଏହାକୁ ଗୁରୁତ୍ୱ ଦେଇ ନ ଥିବା କୁହାଯାଇପାରେ। ସମ୍ପୃକ୍ତ ଦୁର୍ଘଟଣାରେ କୌଣସି ରେଳଯାତ୍ରୀଙ୍କ ମୃତ୍ୟୁ ଘଟି ନ ଥିଲେ ମଧ୍ୟ ରେଳପଥ କର୍ତ୍ତୃପକ୍ଷ ସଜାଗ ରହିଥିଲେ ହୁଏତ ଏପରି ଦୁଃଖଦ ଘଟଣା ଘଟି ନ ଥାଆନ୍ତା।

ଅମୃତସର ଦୁର୍ଘଟଣାରେ ପୋଲିସ ପ୍ରଶାସନର ଅପାରଗତା ଜଳ ଜଳ ଦିଶୁଛି। ସ୍ଥାନୀୟ ପୋଲିସ ଅଧିକାରୀଙ୍କ କହିବାନୁଯାୟୀ, ଉକ୍ତ କାର୍ଯ୍ୟକ୍ରମ ପାଇଁ 'ନୋ ଅବ୍‌ଜେକ୍‌ଶନ' ସାର୍ଟିଫିକେଟ ଦିଆଯାଇଥିଲା। କିନ୍ତୁ ନଗରାଞ୍ଚଳ ଓ ପ୍ରଦୂଷଣ ବିଭାଗଠାରୁ ଅନୁମତି ଆଣିବାକୁ ଆୟୋଜକମାନଙ୍କୁ କୁହାଯାଇଥିଲା ବୋଲି ପୋଲିସ କହିଛି। ଏଠାରେ ପ୍ରଶ୍ନ ଉଠୁଛି, କାର୍ଯ୍ୟକ୍ରମସ୍ଥଳ ନିକଟରେ ରେଳପଥ ଥିବା ସତ୍ତ୍ୱେ ପୋଲିସ କିଭଳି 'ନୋ ଅବ୍‌ଜେକ୍‌ଶନ' ପ୍ରମାଣପତ୍ର ଦେଇଥିଲା। ଜିଲା ପ୍ରଶାସନ ଏସବୁ ଜାଣି ନୀରବ ରହିବା ପଛରେ କେଉଁ ଉଦ୍ଦେଶ୍ୟ ରହିଛି। ପୋଲିସ ଓ ଜିଲା ପ୍ରଶାସନ ସୁରକ୍ଷା ସଂକ୍ରାନ୍ତ ବ୍ୟବସ୍ଥାକୁ ଯାଞ୍ଚ ନ କରି ସମ୍ଭବତଃ ରାଜ୍ୟ ସରକାରଙ୍କ ଚାପରେ ପଡ଼ି 'ହଁ' ମାରିଥିବା ଅନୁମାନ କରାଯାଉଛି। ଦେଖିବାକୁ ଗଲେ ସେଠାରେ ଆୟୋଜିତ ରାବଣ ଦହନ କାର୍ଯ୍ୟକ୍ରମରେ ପଞ୍ଜାବ ସରକାରଙ୍କ କ୍ୟାବିନେଟ ମନ୍ତ୍ରୀ ଥିବା ନବଜୋତ୍ ସିଂ ସିଦ୍ଧୁଙ୍କ ସହଧର୍ମିଣୀ ନବଜୋତ୍ କୌର ସିଦ୍ଧୁ ମୁଖ୍ୟ ଅତିଥି ଥିଲେ। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁଯାୟୀ, ଦୁର୍ଘଟଣା ପରେ ସେ ସଙ୍ଗେ ସଙ୍ଗେ ସଭାସ୍ଥଳ ପରିତ୍ୟାଗ କରିଥିଲେ। ମୁଖ୍ୟ ଅତିଥିଙ୍କ ଭାଷଣ ଶୁଣିସାରିବା ପରେ ରାବଣପୋଡ଼ି ଦେଖୁଥିବା ଦର୍ଶକଙ୍କ ଉପରେ ରେଳଗାଡ଼ି ମାଡ଼ିଯିବା ବିଷୟ ଜାଣିବା ସତ୍ତ୍ୱେ କୌଣସି ସାମାନ୍ୟ ସମବେଦନା ନ ଜଣାଇ ପଳାଇବା ଦୁଃଖ ଓ ପରିତାପର ବିଷୟ। ସେହିଭଳି ଆୟୋଜନକାରୀ ବିଧିବଦ୍ଧ ନିୟମ ପାଳନ କରିବା ସହ ଆନୁଷଙ୍ଗିକ ସୁରକ୍ଷା ବ୍ୟବସ୍ଥା କରିବାରେ ବିଫଳ ହେବାରୁ ଏତେବଡ଼ ଦୁର୍ଘଟଣା ଘଟିଗଲା।

ଦେଖଣାହାରିଙ୍କ ମଧ୍ୟରୁ ଯେଉଁମାନଙ୍କ ମୃତ୍ୟୁ ଘଟିଛି, ସେମାନଙ୍କ ପରିବାରବର୍ଗଙ୍କ ପ୍ରତି ଦେଶବାସୀଙ୍କ ସମବେଦନା ରହିଛି। କିନ୍ତୁ ବିପଦ ବିଷୟରେ ଜାଣିବା ସତ୍ତ୍ୱେ ଲୋକେ ବାରମ୍ବାର ଭୁଲ କରିବା ଯୋଗୁ ଅନେକ ସମୟରେ ପରିସ୍ଥିତି ଭୟଙ୍କର ରୂପ ଧାରଣ କରୁଛି। ଏଠାରେ ମନେପଡ଼େ ୨୦୧୩ ଅଗଷ୍ଟରେ ବିହାରର ଖଗରିଆ ଜିଲା ଧାମରା ଘାଟ ରେଳ ଷ୍ଟେଶନରେ ଘଟିଥିବା ଦୁର୍ଘଟଣା। ସେଠାକାର ରେଳ ଟ୍ରାକ୍ ଉପରେ ଶିବ ଭକ୍ତମାନେ ଚାଲି ଚାଲି ଯାଉଥିବା ବେଳେ ରାଜ୍ୟରାଣୀ ଏକ୍ସପ୍ରେସ ମାଡ଼ିଯିବା ଫଳରେ ୩୭ ଜଣଙ୍କ ପ୍ରାଣହାନି ଘଟିଥିଲା। ତେଣୁ ବିପଦପୂର୍ଣ୍ଣ ସ୍ଥାନରେ ଯେତେବେଳେ ମଣିଷ ଯାତାୟାତ କରୁଛି, ସେତେବେଳେ ପାରିପାର୍ଶ୍ୱିକ ସ୍ଥିତି ଉପରେ ଧ୍ୟାନ ଦିଆଗଲେ ଅସ୍ୱାଭାବିକ ପରିସ୍ଥିତି ଉପୁଜନ୍ତା ନାହିଁ। ତେବେ ଅମୃତସର ଦୁର୍ଘଟଣାର ବିଧିବଦ୍ଧ ତଦନ୍ତ କରାଯାଇ ଯେଉଁମାନେ ଦାୟୀ, ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଦରକାର। ତାହା ହେଲେ ଭବିଷ୍ୟତରେ ଏଭଳି ମନୁଷ୍ୟକୃତ ଦୁର୍ଘଟଣାକୁ ଏଡ଼ାଇ ଦିଆଯାଇପାରନ୍ତା।

## ଚିରନ୍ତନୀ

ସେହି ଲୋତକ ହୃଦୟ ଭରି
ନୟନୁଁ ମୋ ପଡ଼ଇ ଝରି,
ସେହି ଲୋତକେ ପ୍ଲାବଇ ମୋର ଅନ୍ତର
ସେହି ଲୋତକେ ଆସ ଗୋ ତୁମେ ସନ୍ତର।
(ବର୍ଷା ନାୟିକା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku | ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 3 | | | | D | | | | | 1 | 0 | | 4 | | |
| | | D | 9 | | | | 3 | A | | | | | | 7 |
| | A | | 6 | E | | | | | | | 4 | | | |
| | | 7 | | A | | | 1 | D | B | 9 | | | 5 | |
| | 5 | | | | | 9 | | | | 6 | | | 0 | 8 |
| | | 0 | | | | 8 | | | | | | B | 2 | A |
| 6 | 4 | | E | | | | D | 2 | 5 | | 0 | | 7 | |
| C | 7 | A | | 8 | | | | | | | 6 | D | E | |
| | | 1 | A | 0 | | 5 | | | 4 | | | | | |
| 9 | D | | | | | | E | | | | | | | 5 |
| 2 | 3 | | | | 0 | | | | | 4 | | 7 | D | |
| 1 | | C | 8 | B | | | | | | 5 | | 3 | | |
| | | | C | 5 | 3 | | | | | D | | | 6 | |
| | | | 4 | | | 1 | A | | 9 | 2 | E | | | C |
| | B | | | | | 0 | | | 3 | | | | 1 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| A | 7 | 0 | 3 | 1 | C | B | 5 | E | 9 | 2 | 4 | D | 6 | 8 |
| B | D | 1 | 9 | 8 | 0 | A | 4 | 2 | 3 | 6 | 7 | E | C | 5 |
| 3 | C | E | 7 | D | 6 | 9 | 8 | 0 | B | A | 5 | 4 | 1 | 2 |
| 5 | 6 | 4 | A | 2 | B | D | C | 1 | E | 8 | 0 | 9 | 7 | 3 |
| 8 | 9 | 2 | 4 | E | 5 | 6 | 7 | 3 | 1 | C | D | 0 | B | A |
| C | 0 | 3 | E | 9 | A | 1 | 2 | 7 | 6 | D | 8 | B | 5 | 4 |
| 7 | 2 | B | 1 | 5 | 4 | E | 0 | 6 | C | 9 | 3 | 8 | A | D |
| E | 5 | 9 | D | 3 | 2 | C | A | 8 | 7 | 4 | B | 1 | 0 | 6 |
| 6 | A | D | C | 0 | 8 | 4 | 3 | B | 5 | 1 | E | 2 | 9 | 7 |
| 4 | 1 | 8 | 6 | B | 7 | 5 | D | 9 | 2 | 0 | A | 3 | E | C |
| 1 | 3 | 5 | 8 | 4 | D | 7 | 9 | A | 0 | E | C | 6 | 2 | B |
| 0 | B | 6 | 5 | C | 9 | 3 | 1 | 4 | D | 7 | 2 | A | 8 | E |
| 9 | 8 | A | B | 7 | 1 | 2 | E | 5 | 4 | 3 | 6 | C | D | 0 |
| 2 | 4 | C | 0 | 6 | E | 8 | B | D | A | 5 | 1 | 7 | 3 | 9 |
| D | E | 7 | 2 | A | 3 | 0 | 6 | C | 8 | B | 9 | 5 | 4 | 1 |

ଗତକାଲିର ଉତ୍ତର

# ରାଫାଲ ବିମାନ କିଣା ବିତର୍କ



ଅରୁଣ କୁମାର ପଣ୍ଡା

ରାଫାଲ ଯୁଦ୍ଧ ବିମାନ କ୍ରୟ ନେଇ ଚାଲିଥିବା ବିବାଦ ପଛରେ ଆର୍ଥିକ କାରଣ ଅପେକ୍ଷା ରାଜନୀତି ଅଧିକ ଅଛି। କାରଣ ଦୁଇଗୁଣା ଅଧିକ ଦାମ୍ ଦେଇ ଏହି ବିମାନ ଫ୍ରାନ୍ସରୁ କ୍ରୟ କରାଯିବା ମୋଦି ସରକାରର ସବୁଠାରୁ ବଡ଼ ଦୁର୍ନୀତି ବୋଲି ଅଭିଯୋଗଫର୍ଦ୍ଦ ପ୍ରସ୍ତୁତ କରି କଂଗ୍ରେସ ଓ ତା'ର ସହଯୋଗୀ ବିରୋଧୀ ଦଳଗୁଡ଼ିକ ୨୦୧୯ ନିର୍ବାଚନ ସମୟରେ ଏହାକୁ ମୁଖ୍ୟ ଆୟୁଧ ଭାବେ ବ୍ୟବହାର କରିବା ପ୍ରାୟ ନିଶ୍ଚିତ। ଅବଶ୍ୟ ରାଫାଲ ଯୁଦ୍ଧ ବିମାନ କିଣାକୁ ନେଇ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ସମେତ ଭାଜପାରୁ ଅରୁଣ ସୌରୀ ଓ ଯଶୱନ୍ତ ସିହ୍ନା ସରକାରଙ୍କୁ ପ୍ରଶ୍ନବାଣରେ ଜର୍ଜରିତ କରିବା ପାଇଁ ଉଦ୍ୟମ ଜାରି ରଖିଥିଲା ବେଳେ ପ୍ରଶାନ୍ତ ଭୂଷଣ ତାଙ୍କ ସହ ସ୍ୱର ମିଳାଇଛନ୍ତି। କେବଳ ସେତିକି ନୁହେଁ ମୋଦି ସରକାରର ଦୃଢ଼ ସମର୍ଥକ ଥିବା କେତେକ ସାଂସଦ ଏବଂ ଭାଜପାକୁ ସବୁପ୍ରକାର ସହଯୋଗ କରୁଥିବା କେତେକ ରାଜନେତାଙ୍କ ମନରେ ମଧ୍ୟ ସନ୍ଦେହ ବସାବାନ୍ଧିବାକୁ ବସିଲାଣି ଯେ ଏହି ବିମାନ କିଣା ପାଇଁ ହୋଇଥିବା ଡିଲ୍‌ରେ କିଛି ନା କିଛି ଭୁଲ ହୋଇଛି।

ନିର୍ବାଚନ ପାଖେଇ ଆସୁଛି ଏବଂ ରାଫାଲ କିଣା ପ୍ରସଙ୍ଗ ଅତ୍ୟନ୍ତ ପ୍ରତିଯୋଗିତାପୂର୍ଣ୍ଣ ରାଜନୈତିକ ବିବାଦରେ ପରିଣତ ହୋଇଛି। ଇତିମଧ୍ୟରେ ବିପକ୍ଷ ଦଳଗୁଡ଼ିକୁ ସୁହାଇଲା ଭଳି ଅନେକ ଲେଖା ବିଭିନ୍ନ ଗଣମାଧ୍ୟମରେ ପ୍ରକାଶିତ ହେଲାଣି। ରାଫାଲ ନେଇ ସରକାରଙ୍କ ଉପରେ ହୋଇଥିବା ସଣ୍ଢୁଆଶି ଆକ୍ରମଣକୁ ପ୍ରତିହତ କରିବା ପାଇଁ ସରକାରୀ ମୁଖପାତ୍ରଙ୍କ ମୁହଁରେ ମଧ୍ୟ ସେଭଳି ଶାଣିତ ସ୍ୱର ପ୍ରକଟିତ ହେଉନାହିଁ। ଶାସକ ଦଳ ବିରୋଧୀ କଂଗ୍ରେସକୁ ପ୍ରଥମ ପ୍ରଶ୍ନ କରିବା ଉଚିତ ଯେ, କଂଗ୍ରେସ ସରକାର ସମୟରେ ଡିସାଲ୍ଟ ରାଫାଲ ଏବଂ ହିନ୍ଦୁସ୍ଥାନ ଏରୋନଟିକ୍‌ସ ଲିମିଟେଡ ମଧ୍ୟରେ କୌଣସି ପ୍ରକାର ଭିତିରି ବୁଝାମଣା ହୋଇଥିଲା ନା ନାହିଁ। ଏଠାରେ ସ୍ପଷ୍ଟ କରାଯାଇପାରେ ଯେ, ଡିସାଲ୍ଟ ରାଫାଲ ଏବଂ ହିନ୍ଦୁସ୍ଥାନ ଏରୋନଟିକ୍‌ସ ଲିମିଟେଡ ମଧ୍ୟରେ ଆଦୌ ସହମତି ହୋଇ ନ ଥିଲା।

ରାଫାଲଙ୍କୁ ହିନ୍ଦୁସ୍ଥାନ ଏରୋନ୍‌ଟିକ୍‌ସର କାର୍ଯ୍ୟକୁଶଳତା ଉପରେ ସନ୍ଦେହ ଥିଲା ଏବଂ ତାଙ୍କୁ ଲାଗୁଥିଲା ଯେ ଯେଉଁ ୧୦୮ ରାଫାଲ ବିମାନ ହିନ୍ଦୁସ୍ଥାନ ଏରୋନ୍‌ଟିକ୍‌ସରେ ପ୍ରସ୍ତୁତ ହେବ, ସେଗୁଡ଼ିକର ଗୁଣବତ୍ତା ସେହି ଅନୁରୂପ ହେବ ନାହିଁ, ଯେଉଁ ପ୍ରକାର ରାଫାଲ କମ୍ପାନୀ ଫ୍ରାନ୍ସରେ ନିର୍ମାଣ କରନ୍ତି। ଏହାବ୍ୟତୀତ ହିନ୍ଦୁସ୍ଥାନ ଏରୋନ୍‌ଟିକ୍‌ସ ଦ୍ୱାରା ନିର୍ଣ୍ଣୟ କରାଯାଇଥିବା ଶ୍ରମମୂଲ୍ୟ ସହିତ ମଧ୍ୟ ରାଫାଲ ସହମତ ହୋଇ ନ ଥିଲା। କାରଣ ଏହି ଶ୍ରମମୂଲ୍ୟ ଫ୍ରାନ୍ସ ତୁଳନାରେ ଯଥେଷ୍ଟ ଅଧିକ ଥିଲା। ବାସ୍ତବରେ ଏହି ଦୁଇ କମ୍ପାନୀ ମଧ୍ୟରେ ଯଦି ଏହି ଡିଲ୍ ହୋଇଥାନ୍ତା, ରାଫାଲ ଯୁଦ୍ଧ ବିମାନର ଦାମ୍ କମ୍ ନୁହେଁ, ବରଂ ଆହୁରି ଅଧିକ ହୋଇଥାନ୍ତା। ତେଣୁ 'ମାଇପ ନାହିଁ, ପୁଅ ନାଁ ଗୋପାଳିଆ' ନ୍ୟାୟରେ ଯେଉଁଠି ଆଦୌ ଡିଲ୍ ହୋଇନାହିଁ ସେଠାରେ ମୋଦି ସରକାର ତୁଳନାରେ କଂଗ୍ରେସ ସରକାର ନିର୍ଣ୍ଣୟ କରିଥିବା ଦାମ୍ କମ୍ ହେବାର ପ୍ରଶ୍ନ ଉଠୁଛି କେଉଁଠୁ ? ଏହା ସ୍ପଷ୍ଟ ଯେ ମନମୋହନ ସିଂହ ସରକାରଙ୍କ ସମୟରେ ଯୁଦ୍ଧ ବିମାନର ଅନ୍ତିମ ମୂଲ୍ୟ ନିର୍ଦ୍ଧାରଣ ନେଇ କୌଣସି ବୁଝାମଣା ହୋଇ ନ ଥିଲା। ତେଣୁ ସେ ସମୟ ଓ ଏ ସମୟ ମୂଲ୍ୟର ତୁଳନା ଭିତ୍ତିହୀନ।

ସଂକ୍ଷେପରେ କୁହାଯାଇପାରେ ଯେ, କଂଗ୍ରେସ ପାଖରେ ୨୩ ସେପ୍ଟେମ୍ବର ୨୦୧୬ରେ ଅଧିକୃତ ରୂପରେ ହସ୍ତାକ୍ଷର କରାଯାଇଥିବା ଡିଲ୍ ନେଇ ପାଞ୍ଚଟି ସମସ୍ୟା ରହିଛି। ୨୦୧୫ରେ ଫ୍ରାନ୍ସ ଗସ୍ତବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ୟାରିସ୍‌ରେ ଏ ସମ୍ପର୍କରେ ନିଜେ ଘୋଷଣା କରିଥିଲେ। ପ୍ରଥମ ଅଭିଯୋଗ ହେଲା, ଏହି ଡିଲ୍ ଅଧିକୃତ ପ୍ରତିରକ୍ଷା କ୍ରୟ ପ୍ରକ୍ରିୟା ଦେଇ ହୋଇନାହିଁ। ଦ୍ୱିତୀୟ ହେଲା- ମୋଦି ସରକାର ହିନ୍ଦୁସ୍ଥାନ ଏରୋନ୍‌ଟିକ୍‌ସ ଲିମିଟେଡର ସ୍ୱାର୍ଥକୁ ଅଣଦେଖା କରିଛନ୍ତି। ୨୦୧୨ରେ ଉପା ସରକାର ଦ୍ୱାରା ରାଫାଲ ସହିତ କରାଯାଇଥିବା ମୂଲ୍ୟ ବୁଝାମଣା ଅନୁସାରେ ହିନ୍ଦୁସ୍ଥାନ ଏରୋନ୍‌ଟିକ୍‌ସ ଏଥିରେ ସହନିର୍ମାତା ହୋଇଥାନ୍ତା। ତୃତୀୟ ଅଭିଯୋଗ ହେଲା- ୩୬ଟି ରାଫାଲ ଯୁଦ୍ଧ ବିମାନ ପାଇଁ ଫ୍ରାନ୍ସ ୭.୮୭ ବିଲିୟନ ୟୁରୋ ଅର୍ଥାତ୍ ୫୯ ହଜାର କୋଟି ଟଙ୍କାର ଚୁକ୍ତିରେ ସ୍ୱାକ୍ଷର କରିଥିଲା। ଚତୁର୍ଥ ଅଭିଯୋଗ ହେଲା ଯେ, ଏହି ଡିଲ୍ ବା ବିମାନ କିଣା ଚୁକ୍ତି ଭାରତୀୟ ବାୟୁସେନାର ଫାଇଦା ପାଇଁ ନୁହେଁ, ବରଂ ଅନିଲ ଅମ୍ବାନୀଙ୍କ ରିଲାଏନ୍ସ ଡିଫେନ୍ସ କମ୍ପାନୀକୁ ଫାଇଦା ପାଇଁ କରାଯାଇଛି।

କଂଗ୍ରେସର ଅଭିଯୋଗ ହେଲା ଯେ, ସେପ୍ଟେମ୍ବର ୨୩ରେ କ୍ରୟ ପାଇଁ ଚୁକ୍ତି ସ୍ୱାକ୍ଷର ହେବାର ମାତ୍ର ଦଶଦିନ ପରେ ଅର୍ଥାତ୍ ୨୦୧୬ ଅକ୍ଟୋବର ୩ରେ ରିଲାଏନ୍ସ ଡିଫେନ୍ସ କମ୍ପାନୀ କେନ୍ଦ୍ର ସରକାରଙ୍କ ବିନା ଅନୁମତିରେ ରାଫାଲ ଯୁଦ୍ଧ ବିମାନ ନିର୍ମାତା ଡିସାଲଟ ସହ ଚୁକ୍ତିପତ୍ର ସ୍ୱାକ୍ଷର କରିଥିଲା। ଏବେ ମୋଦି ସରକାରଙ୍କ ଉପରେ ଏହି ଯୁଦ୍ଧବିମାନ କିଣାକୁ ନେଇ ବିରୋଧୀ ଦଳ ଗୁଡ଼ିକର ମିଳିତ ଆକ୍ରମଣ ପରେ ଉଭୟ କମ୍ପାନୀ ପକ୍ଷରୁ ସ୍ପଷ୍ଟୀକରଣ ଦିଆଯାଇଛି ଯେ ଏହି ବିମାନ କିଣାରେ କେନ୍ଦ୍ର ସରକାରର କୌଣସି ହାତ ନାହିଁ। ଏହି ଯୁଦ୍ଧ ବିମାନ କିଣା ବୁଝାମଣା ଦୁଇ ଘରୋଇ କମ୍ପାନୀ ମଧ୍ୟରେ ହୋଇଛି। ତେଣୁ ଏଥିରେ ରାଜନୈତିକ ସଂପୃକ୍ତି ଅବାନ୍ତର।

ରାଫାଲ କ୍ରୟକୁ ନେଇ ଫ୍ରାନ୍ସର ପୂର୍ବତନ ରାଷ୍ଟ୍ରପତି ଫ୍ରାସ୍ୱା ଓଲାନ୍ଦ ଚାଞ୍ଚଲ୍ୟ ସୃଷ୍ଟି କଲାଭଳି ତଥ୍ୟ ସାମ୍‌ନାକୁ ଆଣିଛନ୍ତି। ରାଫାଲ ମାନୁଫାକ୍‌ଚରିଙ୍ଗ ସହିତ ଅନିଲ ଅମ୍ବାନୀଙ୍କ କମ୍ପାନୀ ରିଲାଏନ୍ସ ଡିଫେନ୍‌ସକୁ ସାମିଲ କରିବା ପାଇଁ ଭାରତ ସରକାର ଫ୍ରାନ୍ସକୁ କହିଥିଲେ। ଓଲାନ୍ଦଙ୍କ ଏହି ବକ୍ତବ୍ୟ ବିରୋଧୀ ଦଳଗୁଡ଼ିକ ପାଇଁ ନିଆଁରେ ଘିଅ ପକାଇବା ଭଳି କାମ କରିଛି। ପରନ୍ତୁ ଭାଜପା ଫ୍ରାନ୍ସର ପୂର୍ବ ରାଷ୍ଟ୍ରପତିଙ୍କ ବକ୍ତବ୍ୟକୁ ଉଦ୍ଦେଶ୍ୟପ୍ରଣୋଦିତ ବୋଲି କହିଛି।

ଅନାସ୍ଥା ପ୍ରସ୍ତାବ ଆଲୋଚନା ବେଳେ ପ୍ରଥମେ କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ ରାଫାଲ ଦୁର୍ନୀତି ପ୍ରସଙ୍ଗ ଉଠାଇ ସରକାର ତଥ୍ୟ ଲୁଚାଉଛନ୍ତି ବୋଲି ଅଭିଯୋଗ କରିଥିଲେ। ପ୍ରତିରକ୍ଷା ମନ୍ତ୍ରୀ ନିର୍ମଳା ସୀଥାରମଣ ମୋଦିଙ୍କୁ ବଞ୍ଚାଇବାକୁ ମିଛ କହୁଛନ୍ତି ବୋଲି ସେ ଅଭିଯୋଗ କରିଥିଲେ। ଅନିଲ ଅମ୍ବାନୀ କମ୍ପାନୀ ଯୁଦ୍ଧ ବିମାନ ନିର୍ମାଣରେ ସମ୍ପୂର୍ଣ୍ଣ ଅନଭିଜ୍ଞ ବୋଲି କଂଗ୍ରେସ ଅଭିଯୋଗ କରିଥିଲା ବେଳେ ଅନିଲଙ୍କୁ ଫାଇଦା ଦେବା ପାଇଁ ଫ୍ରାନ୍ସ କମ୍ପାନୀ ସହିତ ମିଳିତ ରାଜିନାମା ହୋଇଛି ଏବଂ ସରକାରୀ ଉଦ୍ୟୋଗ ହିନ୍ଦୁସ୍ଥାନ ଏରୋନଟିକ୍‌ସକୁ କ୍ଷତିରେ ରହିବାକୁ ଦିଆଯାଇଛି। ୨୦୧୧ର ରିପୋର୍ଟ ଅନୁସାରେ ରାଫାଲ କମ୍ପାନୀ ପ୍ରତି ଯୁଦ୍ଧ ବିମାନର ମୂଲ୍ୟ ୭୪୦ କୋଟି ଟଙ୍କା ଆକଳନ କରିଥିବା ବେଳେ କଂଗ୍ରେସ କହୁଛି, ଆମେ ଏହାକୁ ୬୨୬.୧କୋଟି ଟଙ୍କାରେ କ୍ରୟ କରିବା ପାଇଁ ଚୁକ୍ତି କରିଥିଲୁ।

୨୦୧୬ରେ ଫ୍ରାନ୍ସ ସରକାରଙ୍କ ସହିତ ରାଫାଲ ଯୁଦ୍ଧ ବିମାନ ପାଇଁ ଚୁକ୍ତିନାମା ସ୍ୱାକ୍ଷର ହେବା ତଥ୍ୟକୁ ପ୍ରତିରକ୍ଷା ଗୁରୁତ୍ୱ ଦୃଷ୍ଟିରୁ ଗୋପନୀୟ ରଖାଯାଇଛି ବୋଲି ମୋଦି ସରକାରଙ୍କ ପ୍ରତିରକ୍ଷା ମନ୍ତ୍ରଣାଳୟ କହୁଥିବା ବେଳେ ଏହି ଡିଲ୍‌ରେ ଭାରତ ପାଖାପାଖି ୪୦ ହଜାର କୋଟି ଟଙ୍କା କ୍ଷତି ସହିବ ବୋଲି କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଛି। ଫ୍ରାନ୍ସ ସରକାରଙ୍କ ପ୍ରତିରକ୍ଷା ପ୍ରବକ୍ତା କହିଛନ୍ତି ଯେ, ୨୦୦୮ରେ ଯୁଦ୍ଧ ବିମାନ କିଣା ନେଇ ଭାରତ ସହ ସିକ୍ୟୁରିଟି ଏଗ୍ରିମେଣ୍ଟ ହୋଇଥିଲା। ସେହି ଅନୁସାରେ ଏହି ତଥ୍ୟକୁ ସାର୍ବଜନିକ କରାଯିବାର ନ ଥିଲା। ଭାରତୀୟ ବାୟୁସେନା ମୁଖ୍ୟ ଏ ସମ୍ପର୍କରେ ସ୍ପଷ୍ଟୀକରଣ ଦେଇ ସରକାରଙ୍କୁ ସମର୍ଥନ କରିଛନ୍ତି।

ସେହିଭଳି ୧୯୮୭ରେ ରାଜୀବ ଗାନ୍ଧୀ ପ୍ରଧାନମନ୍ତ୍ରୀ ଥିବାବେଳେ ବୋଫର୍ସ ତୋପ କିଣାନେଇ ଦେଶରେ ତୁମ୍ବିତୋଫାନ ହୋଇଥିଲା। ସେତେବେଳେ ଭାରତ ଓ ସୁଇଡେନ୍ ସରକାର ମଧ୍ୟରେ ହୋଇଥିବା ଚୁକ୍ତି ସମ୍ପର୍କିତ ତଥ୍ୟକୁ ଗୁପ୍ତ ରଖାଯାଇଥିଲା। ଏହି ପ୍ରସଙ୍ଗକୁ ନେଇ ୧୯୮୯ ଲୋକ ସଭା ନିର୍ବାଚନରେ କଂଗ୍ରେସ ପରାଜିତ ହୋଇଥିଲା। ୨୦୧୯ ନିର୍ବାଚନରେ ରାଫାଲ ପ୍ରସଙ୍ଗ କି ପ୍ରଭାବ ପକାଉଛି ତାହା ଦେଖିବାକୁ ବାକି ରହିଲା।

୧୩୪୮/୪-ସି, ସେକ୍ଟର-୬, ସିଡିଏ,କଟକ,
ମୋ- ୯୪୩୭୨୭୦୬୦୫

# ପାଇଖାନା ବିପଦ ଓ ତା'ର ପ୍ରତିକାର

ଡା. ଜଗନ୍ନାଥ ମିଶ୍ର

ଆଜିକାଲି ଖବରକାଗଜ ଦେଖିଲେ ବହୁ ସମୟରେ ନଜରକୁ ଆସୁଛି ଶ୍ରମିକମାନେ ନୂଆ କିମ୍ବା ପୁରୁଣା ପାଇଖାନା କାମ କଲାବେଳେ ଅଜ୍ଞତାବଶତଃ ଏକାଧିକ ଲୋକଙ୍କର ମୃତ୍ୟୁ ହେଉଛି। ଏହାର କାରଣ ବିଷାକ୍ତ ଜନ୍ତୁ ନୁହେଁ ବରଂ ବିଷାକ୍ତ ବାଷ୍ପ।

ପାଇଖାନା ଟାଙ୍କି ପ୍ରାୟ ସମତଳ ଅଞ୍ଚଳର ନିମ୍ନଭାଗରେ କରାଯାଏ। ଆଜିକାଲି ସ୍ୱଚ୍ଛ ଭାରତ ବା ସ୍ୱଚ୍ଛ ଓଡ଼ିଶା ପାଇଁ ସରକାର ଆର୍ଥିକ ସୁବିଧା ସହିତ ପାଇଖାନା ନିର୍ମାଣ ପାଇଁ ପ୍ରୋତ୍ସାହନ ଦେଉଛନ୍ତି। ତେଣୁ ବହୁତ ଲୋକ ଆଗ୍ରହୀ ହୋଇ ପାଇଖାନା କରୁଛନ୍ତି ଓ ଆସ୍ତେ ଆସ୍ତେ କରିବେ ମଧ୍ୟ ଭବିଷ୍ୟତରେ। ସାଧାରଣତଃ ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ୦.୪ ପ୍ରତିଶତ ଥାଏ। ଅଙ୍ଗାରକାମ୍ଳ ଓ ମିଥେନ ସାଧାରଣତଃ ଅନ୍ୟ ବାଷ୍ପଠାରୁ ଅଧିକ ଓଜନିଆ। ତେଣୁ ଏଗୁଡିକ ନିମ୍ନସ୍ତରରେ ରହେ। ନିମ୍ନସ୍ତରରେ ଥିବାରୁ ବାୟୁ ଚଳାଚଳ ମଧ୍ୟ କମ୍ ଥାଏ ବା ଆଦୌ ନ ଥାଏ। ତେଣୁ ତଳସ୍ତରରେ ଥିବା ବିଷାକ୍ତ ବାଷ୍ପ ସେହି ସ୍ଥାନରେ ରହେ ଓ ଘନୀଭୂତ ହୋଇଯାଏ। ତା' ବ୍ୟତୀତ ପଚା ଡାଳପତ୍ର ବା ଅନ୍ୟ ଜିନିଷ ଥିଲେ, ବିଭିନ୍ନ ପ୍ରକ୍ରିୟା ଦ୍ୱାରା ସେଥିରୁ ମଧ୍ୟ ମିଥେନ୍ ଆଦି ବାଷ୍ପ ଉତ୍ପନ୍ନ ହୁଏ ଓ ଓଜନଦାର ହୋଇଥିଲେ ତାହା ପାଖରେ ରହେ ସ୍ତରୀଭୂତ ହୋଇ। ଯଦି ପାଇଖାନାର ନୂଆ ଛାତ ହୋଇଥାଏ, ସିମେଣ୍ଟ, ବାଲି ଓ ଲୁହାଛଡରୁ (ଛାତରେ ପାଣି ଦେବା ପରେ) ପାଣି ନିର୍ଗତ ହୋଇ ଟାଙ୍କିରେ ପଡି ବିଭିନ୍ନ ପ୍ରକ୍ରିୟା ଦ୍ୱାରା ବିଷାକ୍ତ ବାଷ୍ପ ଉତ୍ପନ୍ନ ହୁଏ।

ଟାଙ୍କି ପାଖରେ ବା କଡରେ ଯଦି ଗଛଲତା ପ୍ରଭୃତି ଥାଏ ସେଥିରୁ ମଧ୍ୟ ଅଙ୍ଗାରକାମ୍ଳ ନିର୍ଗତ (ରାତିରେ ଗଛଲତା ଅଙ୍ଗାରକାମ୍ଳ ଛାଡନ୍ତି) ହୋଇ ନିମ୍ନ ସ୍ଥାନରେ ଜମା ହୁଏ। ପୁରୁଣା କୂଅରେ ମଧ୍ୟ ଏହି ପ୍ରକ୍ରିୟା ପରିଲକ୍ଷିତ ହୁଏ। କାର୍ବୋନେଟ ଥିବା ଜିନିଷ ମଧ୍ୟରୁ ରାସାୟନିକ ପ୍ରକ୍ରିୟା ଯୋଗୁ ଅଙ୍ଗାରକାମ୍ଳ ଉତ୍ପନ୍ନ ହୁଏ। ସେହିଭଳି ଫସଫିନ ଏକ ବିଷାକ୍ତ ବାଷ୍ପ। କ୍ୟାଲସିୟମ୍ ଫସ୍‌ଫେଟରେ ପାଣି ମିଶିଲେ ବା ଲୁହା ବାଲିର ସଂସ୍ପର୍ଶରେ ପାଣି ଲାଗିଲେ ଏହାର ଉତ୍ପତ୍ତି ହୁଏ। ଏହାର ଗନ୍ଧ ପଚା ମାଛ ଭଳି। ଆଗରୁ ଲୁହା, ବାଲି ମିଶ୍ରଣର ଧାତୁ ଇସ୍ପାତ ତିଆରି ପାଇଁ ଜାହାଜରେ ଯାଉଥିଲା। ସେଥିରେ ଅଦରକାରୀ ଜିନିଷ ହିସାବରେ କ୍ୟାଲସିୟମ ଫସ୍‌ଫାଇଡ ଥାଏ। ତାହା ଜଳ କିମ୍ବା ଜଳକଣା ସଂସ୍ପର୍ଶରେ ଆସି ଫସ୍‌ପିନ ବାଷ୍ପ ଉତ୍ପନ୍ନ କରୁଥିଲା ଓ ଦୁର୍ଘଟଣାର କାରଣ ହେଉଥିଲା।

ଏହିସବୁ ବାଷ୍ପ (ଅଙ୍ଗାରକାମ୍ଳ, ଫସ୍‌ପିନ ଓ ମିଥେନ ପ୍ରଭୃତି) ପାଣିରେ ଦ୍ରବୀଭୂତ ହୁଅନ୍ତି ନାହିଁ ଓ ନିମ୍ନଭାଗରେ ସ୍ତରୀଭୂତ ହୋଇ ରହନ୍ତି। ପାଇଖାନା ଟାଙ୍କି ଭିତରେ ଏହି ବହଳ ସ୍ତରରେ କାମ କଲାବେଳେ ବିଷାକ୍ତ ବାଷ୍ପ ମଣିଷର ପ୍ରଶ୍ୱାସରେ ଯାଇ ତଣ୍ଟି ଚିପିଲାଭଳି ଶ୍ୱାସରୁଦ୍ଧ ଅବସ୍ଥା ସୃଷ୍ଟି ହୁଏ। ବେଶି ଛାଟିପିଟି ହେଲେ ଏହା ଶୀଘ୍ର ରକ୍ତରେ ମିଶି ଶରୀରର ପ୍ରତ୍ୟେକ ପ୍ରକ୍ରିୟାକୁ ବ୍ୟାହତ କରେ ଓ ସ୍ମୃତିଶକ୍ତି ଲୋପକରି କ'ଣ କରିବାକୁ ହେବ ମଣିଷ ଭୁଲିଯାଏ। ପିଲା ଓ ବୃଦ୍ଧାବସ୍ଥାରେ ଏହାର କ୍ରିୟାଶୀଳତା ବେଶି। ସ୍ୱାସ୍ଥ୍ୟଗତ ସମସ୍ୟା, ଖାଲିପେଟ, ନିଶାସେବନ ଅବସ୍ଥା ମଧ୍ୟ ଏହି ପ୍ରକ୍ରିୟାକୁ ପ୍ରଭାବିତ କରେ।

ସାଧାରଣତଃ ନିମ୍ନସ୍ତରର ଆର୍ଦ୍ରତା ଓ ଅନ୍ୟାନ୍ୟ ବାଷ୍ପ ଯୋଗୁ ବିଭିନ୍ନ ପ୍ରକାର ଗନ୍ଧର ସୁରାକ ମିଳେନାହିଁ। ତେଣୁ ପ୍ରଥମେ ଗୋଟିଏ ଲଣ୍ଠନ ଜଳାଇ ଭିତରକୁ ଦଉଡି ସାହାଯ୍ୟରେ ଛାଡିବା ଉଚିତ। ସେଠାରେ ବହୁତ ଅଙ୍ଗାରକାମ୍ଳ ଥିଲେ ଏହା ଲିଭିଯିବ। ଥରେ ଚେଷ୍ଟାରେ ହୃଦ୍‌ବୋଧ ନ ହେଲେ ଆଉଥରେ ଜୋରରେ ଲଣ୍ଠନ ଜଳାଇ ପରୀକ୍ଷା କରିବ। ଯଦି ଲିଭିଯାଏ, ଅଙ୍ଗାରକାମ୍ଳର ପ୍ରାବଲ୍ୟ ଅଛି ବୋଲି ବୁଝିବାକୁ ହେବ। ଯଦି ମିଥେନ ବାଷ୍ପ ଥିବ, ତେବେ ଲଣ୍ଠନ ଜୋରରେ ଜଳିବ। ଏପରିକି ଲଣ୍ଠନ କାଚ ଫାଟିଯାଇପାରେ। ଖଣି ଭିତରେ ଏପରି ଦୁର୍ଘଟଣାର ଉଦାହରଣ ବହୁତ ଅଛି, ଯେହେତୁ ମିଥେନ ବାଷ୍ପ ଦହନୀୟ। ଧଳା ଚୂନପାଣି (ଉପରସ୍ତରର ଚୂନ ପାଣି) ଗୋଟେ ପାତ୍ରରେ ରଶି ସାହାଯ୍ୟରେ ଭିତରକୁ ଛାଡ଼ନ୍ତୁ। ସେଠାରେ ଅଙ୍ଗାରକାମ୍ଳ ଥିଲେ ଏହା କ୍ଷୀର ଭଳି ଧଳା ହୋଇଯିବ କିଛି ସମୟ ପରେ। ଏ ଦୁଇଟି ସହଜ ପରୀକ୍ଷା। ଅନ୍ୟ ପରୀକ୍ଷା ସବୁ ଅଛି ଯାହା ସମସ୍ତଙ୍କ ପାଇଁ ବୋଧଗମ୍ୟ ନୁହେଁ। ଅଙ୍ଗାରକାମ୍ଳ ବାଷ୍ପ ଜାଣିବାକୁ ଯଦି ସନ୍ଦେହ ଥାଏ ତେବେ ଆଜିକାଲି ଛୋଟ ଅମ୍ଳଜାନ ବୋତଲ ଓ ମାସ୍କ ମିଳିଲାଣି। ନାକ ଦ୍ୱାରା ମାସ୍କରେ ଅମ୍ଳଜାନ ନେଇ ଭିତରକୁ ଯିବା ନିରାପଦ ହେବ।

ଲୋକଙ୍କ ପାଇଁ ଓ ସ୍ୱାସ୍ଥ୍ୟ ଲାଗି ପାଇଖାନା ଅପରିହାର୍ଯ୍ୟ। ସରକାରୀ ପ୍ରୋତ୍ସାହନ ଯୋଗୁ ଏହାର ବହୁଳ ପ୍ରସାର ହେବ ଆସ୍ତେ ଆସ୍ତେ। ତେଣୁ ସରକାରୀ ଓ ବେସରକାରୀ ସ୍ତରରେ ଶ୍ରମିକ ତଥା ଘରମାଲିକଙ୍କୁ ସମ୍ଭାବ୍ୟ ବିପଦ ବିଷୟରେ ସଚେତନ କରିବା ଜରୁରୀ।

ଭିଆଇଏମ୍-୭୭୮, ଶୈଳଶ୍ରୀବିହାର,
ଭୁବନେଶ୍ୱର, ମୋ-୦୬୭୪ ୨୭୪୩୮୦୪

## ଆମ ସମସ୍ୟା

### ଚାକିରି ନିୟମିତ କରାଯାଉ

ମହାଶୟ,

ରାଜ୍ୟ ଓଟିଡିସିରେ ଆମେ ୨୫ ଜଣ କର୍ମଚାରୀ ବିଗତ ୨୪ ବର୍ଷ ଧରି କାର୍ଯ୍ୟ କରିଆସୁଥିଲେ ମଧ୍ୟ ଆମ ଚାକିରି ଅଦ୍ୟାବଧି ନିୟମିତ କରାଯାଇନାହିଁ। ଫଳରେ ସ୍ୱଳ୍ପ ଦରମାରେ ପରିବାର ପ୍ରତିପୋଷଣ କରିବା କଷ୍ଟସାଧ୍ୟ ହୋଇପଡୁଛି। କାର୍ଯ୍ୟ କରିବାର ପ୍ରତିବଦ୍ଧତା ଥାଇ ମଧ୍ୟ ଦାରିଦ୍ର୍ୟର ତାଡ଼ନାରେ ଅବହେଳିତ ଅବସ୍ଥାରେ ପଡିରହିଛୁ। ଓଟିଡିସି କର୍ମଚାରୀ ସଂଘ ବିଗତ ଦିନରେ ମ୍ୟାନେଜମେଣ୍ଟର ହାତବାରିସି ସାଜି ଆମ୍ଭମାନଙ୍କ ପ୍ରତି ଅବହେଳା କରିଆସିଛନ୍ତି। ବଡ଼ ଅଫିସରମାନେ ନିଜ ପଦବୀ ଓ ସ୍ୱାର୍ଥକୁ ଅଗ୍ରାଧିକାର ଦେଇ ତୃତୀୟ ଏବଂ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ପ୍ରତି ନିଷ୍ଠୁର ମନୋଭାବ ପୋଷଣ କରିଆସିଛନ୍ତି। ତେଣୁ ମୁଖ୍ୟମନ୍ତ୍ରୀ ଏ ଦିଗରେ ଦୃଷ୍ଟିଦେଇ ୨୪ ବର୍ଷ ହେଲା ସ୍ୱଳ୍ପ ଦରମାରେ କାର୍ଯ୍ୟ କରିଆସୁଥିବା ଓଟିଡିସିର ୨୫ଜଣ କର୍ମଚାରୀଙ୍କ ଚାକିରିକୁ ନିୟମିତ କରାଇବାକୁ ଅନୁରୋଧ କରୁଛୁ।

ଓଟିଡିସିର ଅସ୍ଥାୟୀ କର୍ମଚାରୀବୃନ୍ଦ, ଭୁବନେଶ୍ୱର

### କଣ୍ଡକ୍ଟରଙ୍କ ଦୌରାତ୍ମ୍ୟ

କଟକ ଓ ଭୁବନେଶ୍ୱର ମଧ୍ୟରେ ଚାଲୁଥିବା ବସ୍‌ଗୁଡ଼ିକରେ କଣ୍ଡକ୍ଟରମାନଙ୍କ ଦୌରାତ୍ମ୍ୟ ଦିନକୁ ଦିନ ବଢିଚାଲିଛି। କଟକରୁ ଭୁବନେଶ୍ୱରର ଦୂରତା ୨୬ କିମି ହୋଇଥିବା ବେଳେ ସାଧାରଣ ବସ୍‌ରେ ସରକାରୀ ଧାର୍ଯ୍ୟ ବସ୍ ଭଡା ୧ କିମିକୁ ୭୦ ପଇସା ହିସାବରେ ୧୮ ଟଙ୍କା ହେବା କଥା। ମାତ୍ର କଣ୍ଡକ୍ଟରମାନେ ଜୋର କରି ୨୫ ଟଙ୍କା ଆଦାୟ କରୁଛନ୍ତି। ବସ୍‌ଭଡ଼ା ୬୨ ପଇସା ଥିଲାବେଳେ ବି ୧୫/୧୬ ଟଙ୍କା ବଦଳରେ ୨୦ ଟଙ୍କା ଆଦାୟ କରୁଥିଲେ। କଟକରୁ ଭୁବନେଶ୍ୱର ନିୟମିତ ଯିବାଆସିବା କରୁଥିବା ଯାତ୍ରୀଙ୍କୁ ଏପ୍ରକାର ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡେନାହିଁ। କାରଣ ସେମାନେ ହାତମୁଠା ବନ୍ଦ କରି ଯାହା ଭଡ଼ା ଦିଅନ୍ତି, କଣ୍ଡକ୍ଟର ଆଗ୍ରହରେ ରଖିଥାନ୍ତି। ଏପ୍ରକାର ଦୁର୍ଭାଗ୍ୟ ଆସିଥାଏ କେବଳ ଦୂରରୁ ଯାଉଥିବା ଯାତ୍ରୀମାନଙ୍କର। କେବଳ ସେତିକି ନୁହେଁ, ବାଦାମବାଡିରୁ ଆସୁଥିବା ବସ୍ ଲିଙ୍କ୍‌ରୋଡ ଛାଡିବା ବେଳକୁ ପ୍ରାୟ ୪୦/୫୦ ମିନିଟ୍ ସମୟ ଲାଗିଥାଏ। ଆମ ସରକାରଙ୍କ ପରିବହନ ବିଭାଗରେ କିଛି ନୀତିନିୟମ ଅଛି ନା ନାହିଁ?

ନିରଞ୍ଜନ ସାହୁ, ସାହୁପଡ଼ା, ବରୀ, ଯାଜପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଏଇ ଭାରତରେ

ଅନ୍ୟର ଅନ୍ତର୍ବେଦନା ବା ଯନ୍ତ୍ରଣା ଅନୁଭବ କରିବାକୁ ହେଲେ ଅନୁରୂପ କଷ୍ଟ ଆପେ ଭୋଗିବାକୁ ପଡିବ। କିନ୍ତୁ ଏପରି ବ୍ୟକ୍ତି ଦୁନିଆରେ ବିରଳ। ସେପରି ଏକ ବିରଳ ବ୍ୟକ୍ତିତ୍ୱର ଅଧିକାରୀ ହେଉଛନ୍ତି ମହାରାଷ୍ଟ୍ର ରାଜ୍ୟ ନାନ୍ଦେଦ୍ ଜିଲାର ବାସିନ୍ଦା ଡାକ୍ତର ନୀତିନ ଯୋଶୀ। ସେ ବୃତ୍ତିରେ ଜଣେ ଡାକ୍ତର ହେଲେ ବି ରୋଗୀଙ୍କ ପ୍ରତି ତାଙ୍କର ସମ୍ବେଦନଶୀଳ ହୃଦୟଟିଏ ଅଛି। ରୋଗୀର ଯନ୍ତ୍ରଣା ଉପଲବ୍ଧି କରିବା ପାଇଁ ସେ ନିଜେ ନିଜର ଏଣ୍ଡୋସ୍କୋପି କରାଇଛନ୍ତି। ଭାରତରେ ଏହା ପ୍ରଥମ ଘଟଣା। ମେଡିକାଲ୍ ଇତିହାସରେ ସେ ଏକ ନୂଆ ରେକର୍ଡ ସୃଷ୍ଟି କରିଛନ୍ତି। ଡାକ୍ତର ନିତିନ୍ ଏ ପର୍ଯ୍ୟନ୍ତ ୭ହଜାର ରୋଗୀଙ୍କଠାରେ ଏଣ୍ଡୋସ୍କୋପି କରାଇସାରିଲେଣି। ଏଥିପାଇଁ କେତେକ ରୋଗୀଙ୍କୁ ଆଂଶିକ ନିଶ୍ଚେତକ ଦିଆଯାଉଥିବା ବେଳେ ଆଉ କେତେକଙ୍କୁ ଆଦୌ ଏହା ଦିଆ ନ ଯାଇ ଏଣ୍ଡୋସ୍କୋପି କରାଯାଏ। କେତେକ କ୍ଷେତ୍ରରେ ରୋଗୀ ଏଣ୍ଡୋସ୍କୋପି ସମୟରେ ଯନ୍ତ୍ରଣା ଅନୁଭବ କରିଥାଆନ୍ତି। ଏଣ୍ଡୋସ୍କୋପି ଦ୍ୱାରା ଶରୀର ଆଭ୍ୟନ୍ତରୀଣ ସ୍ଥିତି ପରୀକ୍ଷା କରାଯାଏ। କିନ୍ତୁ ଏଥିପାଇଁ ଜଣେ ରୋଗୀ କି ପ୍ରକାର କଷ୍ଟ ଅନୁଭବ କରେ ତାହା ଜାଣିବା ପାଇଁ ଏହି ମାନବବାଦୀ ଡାକ୍ତର ଜଣକ ନିଜର ଏଣ୍ଡୋସ୍କୋପି କରାଇଛନ୍ତି। କାରଣ ରୋଗୀର ଯନ୍ତ୍ରଣା ଅନୁଭବ କରିପାରୁଥିବା ଜଣେ ଡାକ୍ତର ଭଲ ବ୍ୟକ୍ତି ପଦବାଚ୍ୟ ବୋଲି ସେ ଭାବନ୍ତି। ନିଜଠାରେ ଯଥାର୍ଥ ଭାବରେ ଏଣ୍ଡୋସ୍କୋପି ପରୀକ୍ଷା କରିବା ଦ୍ୱାରା ଜଣେ ଡାକ୍ତର ରୋଗୀଠାରେ ଏହାର ଉପଯୁକ୍ତ ପ୍ରୟୋଗ କରିପାରିବ ବୋଲି ସେ ପ୍ରକାଶ କରିଛନ୍ତି। ନୀତିନ ଯୋଶୀଙ୍କ ପରି ସବୁ ଡାକ୍ତର ରୋଗୀଙ୍କ ପ୍ରତି ସମ୍ବେଦନଶୀଳ ହୋଇପାରିଲେ ରୋଗ ଯନ୍ତ୍ରଣା ଅନେକାଂଶରେ ଦୂର ହୋଇପାରନ୍ତା।

## ୨୫ ବର୍ଷ ତଳର ଧରିତ୍ରୀ

୨୨ ଅକ୍ଟୋବର ୧୯୯୩

- ରୁଷିଆର ରାଷ୍ଟ୍ରପତି ବୋରିସ ୟେଲଟସିନ ଦେଶର କମ୍ୟୁନିଷ୍ଟ ପାର୍ଟି ସମେତ କେତେକ ବିରୋଧୀ ଦଳ ଉପରୁ ନିଷେଧାଦେଶ ପ୍ରତ୍ୟାହାର କରିନେଇଛନ୍ତି।
- ବାଂଲାଦେଶରେ ଏକ ନୌକା ଦୁର୍ଘଟଣାରେ ୧୭ ଜଣଙ୍କର ମୃତ୍ୟୁ।

## ସାପ୍ତାହିକ ପଞ୍ଜିକା

ଅକ୍ଟୋବର ୧୪- ମାତା ବୈଷ୍ଣୋଦେବୀଙ୍କ ଦର୍ଶନ ପାଇଁ ଆସୁଥିବା ତୀର୍ଥଯାତ୍ରୀମାନଙ୍କୁ ଏଣିକି ମାଗଣାରେ ପାଞ୍ଚଲକ୍ଷ ଟଙ୍କାର ବୀମା ଦିଆଯିବା ନେଇ ମଞ୍ଜୁରୀ ମିଳିଛି।

୧୫- ବିମାନ ଭଳି ଭାରତୀୟ ଟ୍ରେନ୍‌ଗୁଡ଼ିକରେ ମଧ୍ୟ ବ୍ଲାକ୍‌ବକ୍ସ ଲାଗିବ ବୋଲି ରେଳ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

୧୬- ଆଲ୍ଲାହାବାଦର ନାମ ପରିବର୍ତ୍ତନ କରାଯାଇ ପ୍ରୟାଗରାଜ ରଖାଗଲା।

୧୭- ମିଲ୍‌କମ୍ୟାନ୍ ଉପନ୍ୟାସ ପାଇଁ ଆୟର୍ଲାଣ୍ଡ ଲେଖିକା ଆନ୍ନା ବର୍ନସ ପାଇବେ ଚଳିତବର୍ଷର ମର୍ଯ୍ୟାଦାଜନକ ମ୍ୟାନ୍ ବୁକର ପୁରସ୍କାର।



ଜଓ୍ୱାନ ଓ କିଷାନ୍‌ର ଜୟ ହିଁ ଦେଶ ଏବଂ ଜାତିର ଜୟ।

- ଲାଲ୍ ବାହାଦୁର ଶାସ୍ତ୍ରୀ



## ସଂକ୍ଷେପରେ

### ଭୀମଭୋଇ ସାହିତ୍ୟ ସଂସଦରେ ଶୋକସଭା

ସମ୍ବଲପୁର,୨୧।୧୦(ବ୍ୟୁରୋ) ଭୀମଭୋଇ ସାହିତ୍ୟ ସଂସଦ ସଭା କକ୍ଷରେ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ସଭାପତି ନୌବିହାର ପ୍ରଧାନଙ୍କ ଅଧକ୍ଷତାରେ ସଭା ହୋଇଥିଲା। ସଂସଦ ସଭ୍ୟ ଜୀବର୍ଦ୍ଧନ ପାଣ୍ଡେଙ୍କ ବିୟୋଗରେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ପ୍ରଫେସର ସନ୍ତୋଷ କୁମାର ବିଶ୍ୱାଳ, ଲମ୍ବୋଦର ମିଶ୍ର, ଜୟଦେବ ବଗର୍ତ୍ତି, ସରୋଜ କୁମାର ପଟ୍ଟନାୟକ, ବ୍ରଜେନ୍ଦ୍ର କୁମାର ପଟ୍ଟନାୟକ, ଏଲଭିକେ ରୟ, ଓଁକାର ଭୋଇ, ପ୍ରଦୀପ କୁମାର ସାହୁ, ସଞ୍ଜୟ କୁମାର ଦାଶ, ଜୟକୃଷ୍ଣ ବେହେରା, ହିମାଂଶୁ ଶେଖର ମିଶ୍ର, ସୁମନ୍ତ ପାଣିଗ୍ରାହୀ, ବିଶେଶ୍ୱର କୁଲାରି, ଅଭୟ କୁମାର ତରାଇ, ଅଭୟ କୁମାର ପଣ୍ଡା, ଉମେଶ ଚନ୍ଦ୍ର ପ୍ରଧାନ, ଗଙ୍ଗଦେବ ବଗର୍ତ୍ତି, ଦିଲୀପ କୁମାର ପଣ୍ଡା ପ୍ରମୁଖ ସ୍ମୃତିଚାରଣ କରିଥିଲେ।

ପୂର୍ବତନ ସରପଞ୍ଚଙ୍କୁ ହତ୍ୟା ମାମଲା

### ପରିବାର ବର୍ଗଙ୍କ ଆମରଣ ଅନଶନ ସ୍ଥଗିତ

ନାକଟିଦେଉଳ,୨୧।୧୦(ଡି.ଏନ.ଏ.) ସମ୍ବଲପୁର ଜିଲା ନାକଟିଦେଉଳ ଥାନା ସାଲେଭଟା ଗ୍ରାମ ପଞ୍ଚାୟତର ପୂର୍ବତନ ସରପଞ୍ଚ ପର୍ଶୁରାମ ପ୍ରଧାନଙ୍କ ହତ୍ୟା ଘଟଣାରେ ସମ୍ପୃକ୍ତ ଫେରାର ଅଭିଯୁକ୍ତମାନଙ୍କୁ ଗିରଫ ଦାବିରେ ପରିବାର ଲୋକେ ଅକ୍ଟୋବର ୨୨ ତାରିଖରେ ନାକଟିଦେଉଳ ଥାନା ସମ୍ମୁଖରେ ଆମରଣ ଅନଶନ କରିବେ ବୋଲି ଚେତାବନୀ ଦେଇଥିଲେ। ତେବେ ସମ୍ବଲପୁର ଏସପିଙ୍କ ଅନୁରୋଧ କ୍ରମେ ସେମାନେ ଏହି ଅନଶନରୁ ଓହରିଥିବା ଜଣାଯାଇଛି। ହତ୍ୟାକାଣ୍ଡକୁ ଦୀର୍ଘ ଦେଢ଼ ମାସରୁ ଊର୍ଦ୍ଧ୍ୱ ଦିନ ବିତିଯାଇଥିଲେ ସୁଦ୍ଧା ପୋଲିସ ଫେରାର ଅନ୍ୟ ୪ ଅଭିଯୁକ୍ତଙ୍କୁ ଧରିବାରେ ବିଫଳ ହୋଇଥିବାରୁ ଅକ୍ଟୋବର ୨୦ ତାରିଖ ସୁଦ୍ଧା ଗିରଫ କରାନଗଲେ ୨୨ ତାରିଖରେ ମୃତ ପର୍ଶୁରାମଙ୍କ ସ୍ତ୍ରୀ ଓ ପିଲାମାନେ ନାକଟିଦେଉଳ ଥାନା ସମ୍ମୁଖରେ ଅନଶନରେ ବସିବେ ବୋଲି ଏସପିଙ୍କୁ ଜଣାଇଥିଲେ। ରବିବାର ଏସ୍‌ପି ଟେଲିଫୋନରେ ଅଭିଯୁକ୍ତମାନଙ୍କୁ ଗିରଫ କରିବା ପାଇଁ କିଛି ଦିନ ସମୟ ମାଗିବା ସହ ଅନଶନ ସ୍ଥଗିତ ରଖିବାକୁ ଅନୁରୋଧ କରିଥିବା ପରିବାର ଲୋକେ କହିଛନ୍ତି। ଏ ସମ୍ପର୍କରେ ରବିବାର ସନ୍ଧ୍ୟାରେ ନାକଟିଦେଉଳ ଥାନାକୁ ମଧ ଲିଖିତ ଆକାରରେ ସେମାନେ ଜଣାଇଛନ୍ତି।

# ପୋଲିସ ଶହୀଦ ଦିବସ ପରେଡ





ସମ୍ବଲପୁରରେ ପୋଲିସ ଶହୀଦ ଦିବସ ପରେଡ (ବାମ) । ପରେଡରେ ଉତ୍ତରାଞ୍ଚଳ ପୋଲିସ ଡିଆଇଜି ସତ୍ୟବ୍ରତ ଭୋଇ ଅଭିବାଦନ ଗ୍ରହଣ କରୁଛନ୍ତି। ପାର୍ଶ୍ୱରେ ଏସ୍‌ପି ସଞ୍ଜୀବ ଅରୋରା ।

ସମ୍ବଲପୁର,୨୧।୧୦(ବ୍ୟୁରୋ) ୫୯ତମ ପୋଲିସ ଶହୀଦ ଦିବସ ପରେଡ ରବିବାର ସକାଳେ ସମ୍ବଲପୁର ରିଜର୍ଭ ପୋଲିସ ପଡ଼ିଆଠାରେ ଅନୁଷ୍ଠିତ ହୋଇଯାଇଛି। ଉତ୍ତରାଞ୍ଚଳ ପୋଲିସ ଡିଆଇଜି ସତ୍ୟବ୍ରତ ଭୋଇ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପରେଡ ଅଭିବାଦନ ଗ୍ରହଣ କରିଥିଲେ। ଦେଶର ବିଭିନ୍ନ ସ୍ଥାନରେ ଶହୀଦ ହୋଇଥିବା ପୋଲିସ କର୍ମଚାରୀଙ୍କ ନାମ ପଠନ କରି ଶ୍ରଦ୍ଧାଞ୍ଜଳି ଦେଇଥିଲେ। ପୋଲିସ ଶହୀଦ ସ୍ତମ୍ଭରେ ପୁଷ୍ପଗୁଚ୍ଛ ଅର୍ପଣ କରିଥିଲେ। ପ୍ରତିବର୍ଷ ଅକ୍ଟୋବର ୨୧ ତାରିଖରେ ପୋଲିସ ଶହୀଦ ଦିବସ ପାଳନର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ୧୯୫୯ ମସିହାରେ ଚୀନ ସେନାଙ୍କ ସହ ଯୁଦ୍ଧ କରି ୧୦ ପୋଲିସ ବୀରତ୍ୱ ପ୍ରାପ୍ତ କରିଥିଲେ। ଏହାକୁ ଦୃଷ୍ଟିରେ ରଖି ୧୯୬୦ ମସିହାରୁ ପୋଲିସ ଶହୀଦ ଦିବସ ପରେଡ ପାଳନ କରାଯାଉଛି। ପୋଲିସ କର୍ମଚାରୀମାନଙ୍କ ଦାୟିତ୍ୱ ବର୍ତ୍ତମାନ ବଢ଼ିଛି ଓ ବ୍ୟାପକ ହୋଇଛି ବୋଲି ଡିଆଇଜି ସତ୍ୟବ୍ରତ କହିଥିଲେ। ସମ୍ବଲପୁର ଏସ୍‌ପି ସଞ୍ଜୀବ ଅରୋରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅତିରିକ୍ତ ଏସ୍‌ପି, ଏସଡିପିଓ, ଡିଏସପି, ବିଭିନ୍ନ ଥାନାଧିକାରୀ, କନେଷ୍ଟବଳ ଓ ହାବିଲଦାର ସଂଘ ସଭାପତି, ସାଧାରଣ ସମ୍ପାଦକ ଓ କର୍ମକର୍ତ୍ତା ଉପସ୍ଥିତ ରହିଥିଲେ। ଆରଆଇ ଜ୍ୟୋତିରଞ୍ଜନ ନାୟକଙ୍କ ପରିଚାଳନାରେ ୫ ପ୍ଲାଟୁନ ପୋଲିସ ଫୋର୍ସ ପରେଡରେ ସାମିଲ ଥିଲେ। ଦ୍ୱିତୀୟ କମାଣ୍ଡାଣ୍ଟ ଚିତ୍ତରଞ୍ଜନ ନାୟକ ସହଯୋଗ କରିଥିଲେ। ଏହି ଅବସରରେ ବକ୍ତୃତା, ରଚନା, କୁଇଜ ଓ ଗଣଦୌଡ଼ରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ର ଓ ପୋଲିସ କର୍ମଚାରୀମାନଙ୍କୁ ପୁରସ୍କୃତ କରାଯାଇଥିଲା।

ଅନ୍ତାପାଲିରେ ଶହୀଦ ଦିବସ

## ଜଗତରାମ କୁଦେଇଙ୍କ ପରିବାର ସମ୍ମାନିତ

ଧମା,୨୧।୧୦(ଡି.ଏନ.ଏ.) ଜିଲା ପୋଲିସ ଆନୁକୂଲ୍ୟରେ ରବିବାର ଶହୀଦ ଦିବସ ପାଳିତ ହୋଇଛି। ମାନେଶ୍ୱର ବ୍ଲକ ବଦୁଆପାଲି ଗ୍ରାମ ପଞ୍ଚାୟତ ଅନ୍ତାପାଲି ପ୍ରାଥମିକ ବିଦ୍ୟାଳୟ ପରିସରରେ ଏହି ପରିପ୍ରେକ୍ଷୀରେ ଆୟୋଜିତ ସଭାରେ ଗାଁର ଶହୀଦ ଜଗତରାମ କୁଦେଇଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଛି। ତାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯିବା ସହ ଅମର ଆତ୍ମାର ସଦଗତି ନିମନ୍ତେ ପ୍ରାର୍ଥନା କରାଯାଇଛି। ଏହି ଅବସରରେ ଏସଡିପିଓ ଭବାନୀଶଙ୍କର ଉଦଗାତା ଅତିଥି ଭାବେ ଯୋଗଦେଇ ସ୍ୱର୍ଗତ କୁଦେଇଙ୍କ ବାପା ଲିଙ୍ଗରାଜ ଓ ମାଆ ରୂପାଙ୍କୁ ଉପଢ୍ୌକନ ଦେଇ ସମ୍ମାନିତ କରିଥିଲେ। ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ କୁଇଜ ଓ



ସହୀଦ ଦିବସ ପାଳନ ଅବସରରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ।

ତର୍କ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଧମା ଥାନା ଅଧିକାରିଣୀ ରାଜେଶ୍ୱରୀ ଭୋଇ, ଗୁଣ୍ଡେରପୁର ଫାଣ୍ଡି ଅଧିକାରୀ ଦୁର୍ଯ୍ୟୋଧନ ପ୍ରଧାନ, ଜିଲା ପରିଷଦ ସଭ୍ୟ ସତ୍ୟନାରାୟଣ ମେଣ୍ଡଲି, ପୂର୍ବତନ ଜିଲା ପରିଷଦ ସଭ୍ୟ ରମେଶ ପଧାନ, ପୂର୍ବତନ ସରପଞ୍ଚ ସଞ୍ଜୟ ଭୋଇ ପ୍ରମୁଖଙ୍କ ସମେତ ପୋଲିସ କର୍ମଚାରୀମାନେ ଉପସ୍ଥିତ ଥିଲେ।

ଶହୀଦ ଜଗତରାମ ୧୯୮୪ ମସିହାରେ ଅନ୍ତାପାଲି ଗ୍ରାମରେ ଜନ୍ମଗ୍ରହଣ କରିଥିଲେ। ୨୦୦୬ରେ ଏସ୍‌ଓଜିର ଫାଷ୍ଟ ବାଟାଲିୟନ ଫୋର୍ସରେ ଯୋଗ ଦେଇଥିଲେ। ୨୦୧୬ ଏପ୍ରିଲ ୪ ତାରିଖରେ କୋରାପୁଟଠାରେ ଅପରେଶନ ବେଳେ ବୋମା ବିସ୍ଫୋରଣରେ ସେ ପ୍ରାଣ ହରାଇଥିଲେ। ଏହାକୁ ୨ ବର୍ଷ ବିତିଯାଇଥିଲେ ମଧ ତାଙ୍କର ସ୍ମୃତିରେ ଗ୍ରାମରେ ଏକ ପ୍ରତିମୂର୍ତ୍ତି କିମ୍ବା ସ୍ମୃତିସ୍ତମ୍ଭ ସ୍ଥାପିତ କରାଯାଇ ନ ଥିବାରୁ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଥିଲେ।

## ଶବଦାହ କରାଇଲେ ପୂର୍ବତନ ଜିଲା ପରିଷଦ ସଭ୍ୟ



ପୂର୍ବତନ ଜିଲାପରିଷଦ ସଭ୍ୟ ଓ ଅନ୍ୟମାନେ ଶବ ବୋହି ନେଉଛନ୍ତି।

ଧମା,୨୧।୧୦(ଡି.ଏନ.ଏ.) ମାନେଶ୍ୱର ବ୍ଲକ ସାହାସପୁର ଗ୍ରାମର ଗୌଡ଼ପଡ଼ାରେ ରୁହନ୍ତି ବୃଦ୍ଧ ଦମ୍ପତି ସମାରୁ ପଟେଲ (୬୫) ଓ ତାଙ୍କ ଧର୍ମପତ୍ନୀ ଶ୍ରୀୟା (୬୦)। ତାଙ୍କର ସନ୍ତାନ ସନ୍ତତି କେହି ନାହାନ୍ତି। ଶୁକ୍ରବାର ହୃଦ୍‌ଘାତରେ ସମାରୁଙ୍କ ମୃତ୍ୟୁ ଘଟିଲା। ମୃତଦେହ ବେଶ୍ ଦୀର୍ଘ ସମୟ ଧରି ଘରେ ପଡ଼ି ରହିଥିଲା। ଶ୍ମଶାନ ପର୍ଯ୍ୟନ୍ତ ବୋହି ନେବାକୁ କେହି ସେଠାରେ ପହଞ୍ଚି ନ ଥିଲେ। ପୂର୍ବତନ ଜିଲାପରିଷଦ ସଭ୍ୟ ରମେଶ ପଧାନ ଖବର ପାଇ ତାଙ୍କର କେତେଜଣ ସାଥୀଙ୍କୁ ନେଇ ସମାରୁଙ୍କ ଘରେ ପହଞ୍ଚି ଥିଲେ। ଶବ ବାହକ ଗାଡ଼ିକୁ ଖବର କରିଥିଲେ। ପରେ ମୃତଦେହକୁ କାନ୍ଧେଇ ଗାଡି ମଧ୍ୟକୁ ନେଇଥିଲେ। ସମ୍ବଲପୁର ରାଜଘାଟଠାରେ ଶବଦାହ କରାଇଥିଲେ। ଏଥିରେ ମନୋଜ ଦେହୁରୀ, ସଞ୍ଜୟ ବାଗ, ସନ୍ଦୀପ ବାଗ, ଅରୁଣ ଭୋଇ, କ୍ଷୀରୋଦ ଦାସ ପ୍ରମୁଖ ସହଯୋଗ କରିଥିଲେ ।

## ଦେଓଗାଁରେ ପ୍ରୟାସରେ ପରିବର୍ତ୍ତନର ବୈଠକ



ସମ୍ବଲପୁର ଜିଲା ମାନେଶ୍ୱର ବ୍ଲକ ଦେଓଗାଁରେ ପ୍ରୟାସରେ ପରିବର୍ତ୍ତନ ପକ୍ଷରୁ ବୈଠକ ।

ସମ୍ବଲପୁର,୨୧।୧୦(ବ୍ୟୁରୋ) ସମ୍ବଲପୁର ଜିଲା ମାନେଶ୍ୱର ବ୍ଲକ ଦେଓଗାଁ ଗ୍ରାମରେ ପ୍ରୟାସରେ ପରିବର୍ତ୍ତନ ଅନୁଷ୍ଠାନ ପକ୍ଷରୁ ରବିବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ଗଙ୍ଗା ମହାପାତ୍ର ଏଥିରେ ସଭାପତିତ୍ୱ କରିଥିଲେ। ପ୍ରୟାସରେ ପରିବର୍ତ୍ତନ ଅନୁଷ୍ଠାନର ମୁଖ୍ୟ ଡାକ୍ତର ଲଲାଟେନ୍ଦୁ ନାୟକ ଉପସ୍ଥିତ ରହି ମହିଳାମାନଙ୍କୁ ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ସରକାରଙ୍କ ମହିଳା ସଶକ୍ତୀକରଣ କାର୍ଯ୍ୟକ୍ରମ ସମ୍ପର୍କରେ ସଚେତନ କରିଥିଲେ। ଏସ୍‌ଏଚ୍‌ଜିର ମହିଳାମାନଙ୍କୁ ସରକାର ଅଧିକ ପ୍ରୋତ୍ସାହନ ଯୋଗାଇ ଦେଉଥିବା କହିଥିଲେ। ଦେଓଗାଁ ପଞ୍ଚାୟତର ପ୍ରାୟ ୪ ଶହ ମହିଳା ଓ ପୁରୁଷ ବୈଠକରେ ଉପସ୍ଥିତ ରହିଥିଲେ।

## ଉଦୟ ଅସ୍ତ ଚତୁର୍ଥ ପ୍ରହରୀ ନାମଯଜ୍ଞ

ଧମା,୨୧।୧୦(ଡି.ଏନ.ଏ.) ମାନେଶ୍ୱର ବ୍ଲକ ବରଗାଁ ଜଗନ୍ନାଥ ମନ୍ଦିର ପରିସରରେ ପ୍ରତି ମାସରେ ଆୟୋଜିତ ହୋଇଆସୁଥିବା ଉଦୟ ଅସ୍ତ ଚତୁର୍ଥ ପ୍ରହରୀ ନାମଯଜ୍ଞର ଷଷ୍ଠ ବର୍ଷ ପୂର୍ତ୍ତି ପାଳିତ ହୋଇଛି। ମଠପାଲି, ବରଗାଁ, ଭିକମପୁର ଓ ପରମାଣପୁର ଆଦି ଗ୍ରାମର ସଙ୍କୀର୍ତ୍ତନ ଦଳ ଏଥିରେ ଯୋଗଦାନ କରି କୀର୍ତ୍ତନ ପରିବେଷଣ କରିଥିଲେ। ପ୍ରଦୀପ ପାଢ଼ୀ, ସୂର୍ଯ୍ୟ କୁମାର ପାଢ଼ୀ ଯଜ୍ଞ କାର୍ଯ୍ୟ ସମ୍ପାଦନା କରିଥିଲେ। ମନୋରଞ୍ଜନ ପଣ୍ଡା ଓ ତାଙ୍କ ଧର୍ମପତ୍ନୀ ଜ୍ୟୋତ୍ସ୍ନାମୟୀ ପାଣିଆ କର୍ତ୍ତା ହୋଇଥିଲେ। ପ୍ରତି ମାସର କର୍ତ୍ତାମାନଙ୍କୁ ଚତୁର୍ଥ ପ୍ରହରୀ ନାମଯଜ୍ଞ କମିଟି ଓ ବରଗାଁ ମଝିପଡ଼ାର ଦଣ୍ଡ ସଙ୍କୀର୍ତ୍ତନ ଦଳ ତରଫରୁ ପରିଚାଳକ ସନ୍ତୋଷ ବାରିକ ଓ ସହଯୋଗୀମାନେ ପ୍ରସାଦ ବିତରଣ କରିଥିଲେ।

## ଗରଭ୍‌ବତୀ ହେଉଛନ୍ ଠକେଇର ଶିକାର

ସମ୍ବଲପୁର,୨୧।୧୦(ବ୍ୟୁରୋ) ସରକାରୀ ଡାକ୍‌ତରଖାନାରେ ରୁଗୀକର ଲାଗି ସବୁ ପର୍‌କାର ସୁବିଧା ଅଛେ। ଗରିବ୍ ଲୁକ୍‌କୁ ଉତ୍‌ମାନର ଚିକିତ୍ସା ସୁବିଧା ଯୁଗେଇ ଦେବାର ଲାଗି ରାଏଜ୍ ଆର୍ କେନ୍ଦ୍ର ସରକାର ଭିନେ ଭିନେ ଯୋଜ୍‌ନା ହାତ୍‌କେ ନେଇଛନ୍। ମହିଳାମାନକର ଲାଗି ଗରଭ୍‌ଧାରନ୍ ସମିଆରୁ ପିଲା ଜନମ୍ ହେବାର ତକ୍ ମାହାଲିଆ ସୁଆସ୍‌ତିଅ ପରୀକ୍ଷାର ବେବସ୍ତା କରିଛନ୍। ଇତାର ବାହାରେ ଦଲାଲ୍‌କର ଫାଁଦେ ପଡ଼ି ରୁଗୀମାନେ ଅଯଥା ଖର୍‌ଚାରେ ପଡୁଛନ୍। ସମ୍ବଲପୁର ଜିଲାରେ ଗରଭ୍‌ବତୀମାନେ ସରକାରୀ ଡାକ୍‌ତରଖାନାକେ

### ସଚେତନତାର ଅଭାବ

ଚିକିତ୍ସା ଆର୍ ପରୀକ୍ଷା ଲାଗି ଆସୁଥିଲେ ବି ରକତ୍ ଆର୍ ଏଚ୍‌ଆଇଭି ପରୀକ୍ଷା ବାହାରେ କରି ଠକାମିର ଶିକାର ହେଉଥିବାର ଦେଖିବାକେ ମିଲୁଛେ। ଡାକ୍‌ତରଖାନା ବାହାରେ ଖୁଲାଯାଇଥିବାର ବହୁତ୍‌ଟେ ପାଥୋଲ୍ୟାବର ଦଲାଲମାନେ ଡାକ୍‌ତରଖାନା ପରିସରରେ କିଁଦ୍‌ରୁଛନ୍। ସରକାରୀ ସୁବିଧା ବାବ୍‌ଦେ ଅଜାନ୍‌ବାର ପ୍ରସୂତିମାନକୁ ସେମାନେ ଟାର୍ଗେଟ୍ କରି ଠିକ୍‌ନା ପାଥୋଲ୍ୟାବକେ ନେଉଛନ୍। ହେଲେ ବଡ଼ ଦୁଖର କଥା ଯେ ପ୍ରସୂତିକଁର ସଂଗେ ଆସିଥିବାର ଆଶା ଦିଦିମାନେ ଇ ସବୁ ଦେଖି ତୁମ୍‌ପଡୁଛନ। ଆରଗୁଟେ ଆଡେ ଡାକ୍‌ତରମାନେ ଡାକ୍‌ତରଖାନାରେ ପରୀକ୍ଷା କରବାର ବାବ୍‌ଦେ ରୁଗୀକୁ ଉପ୍‌ଦେଶ ନାଇଁଦେବାର। ଯେନ୍‌ଥିରଲାଗି ଗରଭ୍‌ବତୀମାନେ ଇ ବାବ୍‌ଦେ ଦୁଇଗୁନା ଟଁକା ଖରଚ୍ କରି ଦହଗଁଜ୍ ହେଉଥିଲା ବେଲେ ଦଲାଲମାନେ ଭଲ୍ ଦୁଇ ପଏସା କମିଶନ ପାଉଛନ୍। ଏହେଦେ ଇ ସବୁ ଗୁଟେ ନିତିଦିନିଆଁ ବେପାରରେ ପରିନତ୍ ହେଇଛେ। ଗାଁ ଗଁଲିରୁ ଆସୁଥିବାର ଗରିବ୍‌ମାନ୍‌କୁ ଶୁଷି ଟାକର ଟଁକାରେ ଦଲାଲମାନେ ପକେଟ୍ ଗରମ୍ କରୁଛନ୍। ଇ ଶୋଷନ୍ ଉପ୍‌ରେ ଲଗାମ୍ କସ୍‌ବାକେ ପର୍‌ଶାସନ ତରଫୁ କେହେନ୍‌ସି ପର୍‌କାର ଆଏଁଖ୍ ଦୁର୍‌ଶିଆ ପଦକ୍ଷେପ ନାଇଁ ନିଆଯାଇ।

### ଦୁର୍ଘଟଣାରେ ବାଇକ ଆରୋହୀ ଗୁରୁତର

ଧମା,୨୧।୧୦(ଡି.ଏନ.ଏ.) ସୋନପୁର-ସମ୍ବଲପୁର ୧୫ ନଂ. ରାଜ୍ୟ ରାଜପଥର ଧମା ହାଇସ୍କୁଲ ବୁଲାଣିଠାରେ ଭାରସାମ୍ୟ ହରାଇ ଜଣେ ବାଇକ ଆରୋହୀ ଦୁର୍ଘଟଣାଗ୍ରସ୍ତ ହୋଇଛନ୍ତି। ସେ ହେଲେ ଧମା ଥାନା ଅନ୍ତର୍ଗତ ଯାଦୁଲୁଇସିଂ ଗ୍ରାମର ସୁଦାମ ବାଗ। ଶୁକ୍ରବାର ସେ ବାଇକରେ କୌଣସି ଧମାକୁ ଆସୁଥିବା ବେଳେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ପୋଲିସ ତାଙ୍କୁ ଗୁରୁତର ଆହତ ଅବସ୍ଥାରେ ଉଦ୍ଧାର କରି ସମ୍ବଲପୁର ସଦର ଡାକ୍ତରଖାନାକୁ ପଠାଇଛନ୍ତି। ଏ ନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି।

# ଚାଷୀଙ୍କ ଦ୍ୱିତୀୟ ପର୍ଯ୍ୟାୟ ଆନ୍ଦୋଳନ ସଜବାଜ

ସମ୍ବଲପୁର,୨୧।୧୦(ବ୍ୟୁରୋ) ଚାଷୀଙ୍କ ଦାବିକୁ ଅଣଦେଖା ଆଗକୁ ଭୟଙ୍କର ରୂପ ନେବ। ବିଶେଷ କରି ଫସଲ ବୀମା ବିଭ୍ରାଟ ତାତିର ପ୍ରତିକ୍ରିୟା ସାଂଘାତିକ ହେବ। ଜିଲା କୃଷକ ସଙ୍ଗଠନର ଆହ୍ୱାନ କ୍ରମେ ଜମନକିରା ବ୍ଲକ ନାମମଣ୍ଡପଠାରେ ହୋଇଥିବା ବୈଠକରେ ଏଭଳି ଚେତାବନୀ ଦିଆଯାଇଛି। ଚାଷୀଙ୍କ ପ୍ରଥମ ପର୍ଯ୍ୟାୟ ଆନ୍ଦୋଳନ ବେକାର ଯିବ ନାହିଁ। ଏହାକୁ ଆହୁରି ବ୍ୟାପକ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ୨୦୦୬ ଅକ୍ଟୋବର ୨୬ ତାରିଖରେ ଜିଲାର ହଜାରରୁ ଊର୍ଦ୍ଧ୍ୱ ଚାଷୀଭାଇମାନେ ଏକାଠି ହୋଇ ମାନବଶୃଙ୍ଖଳ ଦ୍ୱାରା ଯେଉଁ ଆନ୍ଦୋଳନ କରିଥିଲେ ତାହାର ପୁନରାବୃତ୍ତି ହେବ। ସରକାର ଚାଷୀଙ୍କୁ ସେମାନଙ୍କ ହକ୍ ନ ଦେବା ପର୍ଯ୍ୟନ୍ତ ପୁଣି ଥରେ ଆସନ୍ତା ଅକ୍ଟୋବର ୨୬ ତାରିଖରେ ମହାଆନ୍ଦୋଳନ କରାଯିବ। ଏହି ଦ୍ୱିତୀୟ ପର୍ଯ୍ୟାୟ ଆନ୍ଦୋଳନରେ ସମ୍ବଲପୁର ଜିଲାକୁ ବାହ୍ୟ ଜଗତରୁ ୩ ଘଣ୍ଟା ଧରି ବିଚ୍ଛିନ୍ନ କରି ଦିଆଯିବ। ଜିଲାକୁ ସଂଯୋଗ କରୁଥିବା ସମସ୍ତ ଜାତୀୟ ଓ ରାଜ୍ୟ ରାଜପଥ ଅବରୋଧ କରାଯିବ। ଯଦି ଏଥିରେ ସରକାରଙ୍କ ଚେତା ଉଦୟ ନ ହୁଏ ଜିଲାପାଳ ଅଫିସ ପରିସର, ବିଧାୟକ ଓ ବିଧାୟିକାଙ୍କ ବାସଭବନରେ ସମ୍ମୁଖରେ ଧାରଣା ଦିଆଯିବ। କୃଷି, ସମବାୟ ଅଫିସକୁ ଅଚଳ କରି ଦିଆଯିବ। ମାନେଶ୍ୱର ମାନଧାତା ବାବା କୃଷକ ସଙ୍ଗଠନ ସଭାପତି ହରିଶଙ୍କର ପୁରୋହିତଙ୍କ ଅଧକ୍ଷତାରେ ଆୟୋଜିତ



ସମ୍ବଲପୁର ଜିଲା ଜମନକିରା ଚାଷୀଙ୍କ ବୈଠକ ।

**ଜିଲା କୃଷକ ସଙ୍ଗଠନ ଆହ୍ୱାନରେ ବୈଠକ**

- ଏକାଠି ହେଲେ ୪୦ ସଙ୍ଗଠନର ଚାଷୀ
- ଜାତୀୟ, ରାଜ୍ୟ ରାଜପଥ ଅବରୋଧ ନିଷ୍ପତ୍ତି

ବୈଠକରେ ଏହା ସୂଚାଇ ଦିଆଯାଇଛି। ଜିଲାର ୪୦ ସଙ୍ଗଠନର ଚାଷୀମାନେ ଏଥିରେ ଉପସ୍ଥିତ ରହିଥିଲେ। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଦୋମୁହାଁ ନୀତିକୁ ଭର୍ତ୍ସନା କରିଥିଲେ। ଚାଷୀଙ୍କୁ ପ୍ରତି କ୍ଷେତ୍ରରେ ଉପେକ୍ଷା କରାଯାଉଛି। ଚାଷୀମାନେ କିନ୍ତୁ ସେମାନଙ୍କ ହକ୍ ପାଇଁ ଲଢ଼େଇ ଜାରି ରଖିଛନ୍ତି। ଫସଲ ବୀମା ବିଭ୍ରାଟର ମଧ ଦୃଢ଼ ଜବାବ୍ ଦିଆଯିବ ବୋଲି ଚିତ୍କାର କରି ଉଠିଥିଲେ।

ବୈଠକରେ ପଶ୍ଚିମ ଓଡ଼ିଶା କୃଷକ ସଙ୍ଗଠନ ଆବାହକ ଆଶୋକ ପ୍ରଧାନ, ଚନ୍ଦ୍ରଶେଖର ପଣ୍ଡା, ଦେବେନ୍ଦ୍ର ପ୍ରଧାନ, ପ୍ରକାଶ ପ୍ରଧାନ, ସୁଦର୍ଶନ ମହାପାତ୍ର, ଏମ୍ ଗୋବିନ୍ଦୁ, କୁଶଧ୍ୱଜ ଚୌଧୁରୀ, ରାମାକାନ୍ତ ମରାଇ, ସତ୍ୟାନନ୍ଦ ମିର୍ଦ୍ଧା, କାହ୍ନୁଚରଣ ମାଝୀ, ସୁଧାଂଶୁ ପଣ୍ଡା, ରମେଶ ଭୋଇ, ସଚିଦାନନ୍ଦ ପ୍ରଧାନ, ଗୋକୁଲା ନନ୍ଦ ଦାନି, ନବୀନ ପଟେଲ, ଦିଲୀପ ପଟେଲ, ସଞ୍ଜୀବ ବାରିକ ପ୍ରମୁଖ ଶତାଧିକ ଚାଷୀ ଉପସ୍ଥିତ ରହିଥିଲେ। ଏଠାରେ ସୂଚନାଯୋଗ୍ୟ ଚାଷୀମାନେ ପ୍ରଥମ ପର୍ଯ୍ୟାୟରେ ୧୫ ଦିନ ଧରି ଜିଲାପାଳ ଅଫିସ ସମ୍ମୁଖରେ ଧାରଣା ଦେଇଥିଲେ।



ଗୋଟିଏ ଅବାସ୍ତବ ବସ୍ତୁକୁ ଅନ୍ୟ ଗୋଟିଏ ଅବାସ୍ତବ ବସ୍ତୁ ଦ୍ୱାରା ଧ୍ୱଂସ କରିବାକୁ ଚିନ୍ତା କରିବା ଆହୁରି ଅବାସ୍ତବ।
- ରାମକୃଷ୍ଣ ପରମହଂସ



## ସଂକ୍ଷେପରେ

### ବ୍ଲକସ୍ତରୀୟ କୃଷକ ସାଥୀଙ୍କ ସାଙ୍ଗଠନିକ ବୈଠକ

**ପଲଶାଗୋରା, ୨୧।୧୦ (ଡି.ଏନ.ଏ)-** ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକସ୍ତରୀୟ କୃଷକ ସାଥୀ ସଂଘ ପକ୍ଷରୁ ଏକ ସାଙ୍ଗଠନିକ ବୈଠକ ରବିବାର ପଲଶାଗୋରା ଆରଏମସି ବଜାର ପ୍ରାଙ୍ଗଣଠାରେ ଅନୁଷ୍ଠିତ ହୋଇଛି । କୃଷକ ସାଥୀ ବିଜୟ କ୍ଷେତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଜିଲା କୃଷକ ସାଥୀ ସଂଘ ଉପସଭାପତି ରଞ୍ଜନ ପାତ୍ର, ସୁଧାଂଶୁ ରଣା ଯୋଗ ଦେଇଥିଲେ । କୃଷକ ସାଥୀମାନଙ୍କ ବିଭିନ୍ନ ସମସ୍ୟା କିପରି ସମାଧାନ ହେବ ସେ ନେଇ ପ୍ରଶାସନିକ ଅଧିକାରୀଙ୍କ ସହ ଯୋଗାଯୋଗ କରିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଥିଲା । ବ୍ଲକ ସଂଘ ସମ୍ପାଦକ ଶରତ ମହାକୁଡ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଗୋପାଳ ସାହୁ, ଗୌରଚରଣ ଗରିଆ, ରଞ୍ଜିତ ମେହେର, ଜ୍ୟୋତିଭୂଷଣ ଲୁହା, ତ୍ରିଲୋଚନ ବେହେରା, ଦୁଃଖିଶ୍ୟାମ ପ୍ରଧାନ, ମୃତ୍ୟୁଞ୍ଜୟ ପ୍ରଧାନ ସହଯୋଗ କରିଥିଲେ ।

# ପଦ୍ମ ଧରିଲେ ପଦ୍ମଲୋଚନ, ଶୁଭଙ୍କର

**ଖଇରା, ୨୧।୧୦ (ଡି.ଏନ.ଏ.)**

ଭାଜପାରେ ବିରୋଧାଭାସ ସତ୍ତ୍ୱେ କଂଗ୍ରେସର ବରିଷ୍ଠନେତା, ପୂର୍ବତନ ମନ୍ତ୍ରୀ ପଦ୍ମଲୋଚନ ପଣ୍ଡା ଏବଂ ଅନ୍ୟତମ ଟାଣୁଆ ନେତା ଶୁଭଙ୍କର ମହାପାତ୍ର ରବିବାର ଆନୁଷ୍ଠାନିକ ଭାବେ ଏହି ଦଳରେ ସାମିଲ ହୋଇଛନ୍ତି। ସେମାନଙ୍କ ସହ ବହୁ ଅନୁଗତ ଓ ସମର୍ଥକ କଂଗ୍ରେସ ଦଳ ଛାଡିଛନ୍ତି। ସେମାନେ କଂଗ୍ରେସକୁ ଫୁଟା ଡଙ୍ଗା କହିବା ସହ ଏହା କେତେ ବେଳେ ବୁଡିବ ତାହା ଉପରେ ଭରସା ନାହିଁ ବୋଲି ବାଲେଶ୍ୱର ଜିଲା ଖଇରା ବ୍ଲକର ପତିରାଜପୁର ମେଳନ ପଡିଆଠାରେ ଆୟୋଜିତ ମିଶ୍ରଣ ସଭାରେ ବକ୍ତବ୍ୟ ରଖି କହିଛନ୍ତି।

ଜିଲା ଭାଜପା ସଭାପତି ମଦନମୋହନ ଦତ୍ତ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ମିଶ୍ରଣ ସଭାରେ କେନ୍ଦ୍ର ପେଟ୍ରୋଲିୟମ, ଦକ୍ଷତା ବିକାଶ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ରାଜ୍ୟ ଭାଜପା ସଭାପତି ବସନ୍ତ ପଣ୍ଡା ପ୍ରମୁଖ ବହୁ ନେତୃବୃନ୍ଦ ଯୋଗ ଦେଇଥିଲେ। କେନ୍ଦ୍ରମନ୍ତ୍ରୀ ପ୍ରଧାନ ନବୀନ ପଟ୍ଟନାୟକଙ୍କ ସରକାରଙ୍କୁ ଟାର୍ଗେଟ କରି ବକ୍ତବ୍ୟ ରଖିଥିଲେ। ପୂର୍ବଭାରତରେ ବିକାଶ ହେଲେ ଓଡିଶାର ବିକାଶ ହେବ। ପ୍ରଧାନମନ୍ତ୍ରୀଙ୍କ ଏହି ସ୍ଲୋଗାନକୁ ସଫଳ କରିବାକୁ ରାଜ୍ୟ ଶାସନ ବ୍ୟବସ୍ଥାରେ ପରିବର୍ତ୍ତନ ଆଣିବାକୁ ପଡିବ। ବର୍ତ୍ତମାନର ରାଜ୍ୟ ସରକାର ଚିଟଫଣ୍ଡ, ବ୍ରହ୍ମ ବିଭ୍ରାଟ ଭଳି ନାନା ଦୁର୍ନୀତି ଓ ଭ୍ରଷ୍ଟାଚାରରେ ବୁଡି ରହିଛନ୍ତି । ରାଜ୍ୟରେ ଖଣିଜ ସମ୍ପଦ ଭରପୂର ଥିଲେ ବି ଓଡିଆ ଯୁବକ ଦାଦନ ଖଟିବାକୁ ସୁରତ, ବମ୍ବେ ନଗରୀକୁ ଯାଉଛନ୍ତି ବୋଲି ଧର୍ମେନ୍ଦ୍ର କହିଥିଲେ। ଏହି ବକ୍ତବ୍ୟ ରଖିବା ବେଳେ ସେ କେନ୍ଦ୍ର ସରକାରଙ୍କ ଉଜ୍ଜଳା ଗ୍ୟାସ ସମେତ ବିଭିନ୍ନ ଯୋଜନା ସମ୍ପର୍କରେ ବଖାଣିଥିଲେ। ଭାଜପା ସଭାପତି ବସନ୍ତ ପଣ୍ଡା ନବୀନ ସରକାରକୁ ଭ୍ରଷ୍ଟ ସରକାର ବୋଲି ଅଭିହିତ କରି ସରକାର ହଟାଇବାକୁ ଆହ୍ୱାନ ଦେଇଥିଲେ ।

ପଦ୍ମଲୋଚନ ଓ ଶୁଭଙ୍କରଙ୍କୁ ଭାଜପାରେ ସାମିଲ କରାଯିବା ନେଇ ସିମୁଳିଆ ନିର୍ବାଚନମଣ୍ଡଳୀ ଦଳରେ ବିରୋଧ ଓ ବିଦ୍ରୋହ ସ୍ଥିତି ସୃଷ୍ଟି ହୋଇଛି। ଶନିବାର ଅନୁଷ୍ଠିତ ଏକ କର୍ମୀ ସମ୍ମିଳନୀରେ ତଳସ୍ତରର କର୍ମୀ



ଭାଜପାରେ ସାମିଲ ହୋଇଥିବା ପଦ୍ମଲୋଚନ ଏବଂ ଶୁଭଙ୍କରଙ୍କୁ ସ୍ୱାଗତ କରାଯାଉଛି।

**କଂଗ୍ରେସକୁ 'ଫୁଟା ଡଙ୍ଗା' ବୋଲି କହିଲେ**

ପ୍ରତିକ୍ରିୟା ପ୍ରକାଶ କରିଥିବାରୁ ଏହା ସଭା ଆୟୋଜନକାରୀଙ୍କୁ ଚିନ୍ତାରେ ପକାଇଥିଲା। ସଭାରେ ଏହାର ଚାପା ଗୁଞ୍ଜରଣ ଛଡା ଅନ୍ୟ କିଛି ବିରୋଧ ଦେଖିବାକୁ ମିଳି ନ ଥିଲା। ଅନ୍ୟମାନଙ୍କ ମଧ୍ୟରେ ଚଳଚ୍ଚିତ୍ର ଅଭିନେତା ମିହିର ଦାଶ, ରାଜ୍ୟ ଉପସଭାପତି ସମିର ମହାନ୍ତି, ପିତାମ୍ବର ଆଚାର୍ଯ୍ୟ, ପ୍ରତାପ ଷଡଙ୍ଗୀ, ଜୟନାରାୟଣ ମହାନ୍ତି, ଶୋଭନା ମହାନ୍ତି, ବିଷ୍ଣୁମୋହନ ସେଠୀ, ମନମୋହନ ସାମଲ, ମିହିର ପାଣି, ଲମ୍ବୋଦର ନାୟକ, କରୁଣାକର ମହାନ୍ତି, ରେମୁଣା ବିଧାୟକ ଗୋବିନ୍ଦ ଦାସ, କୃଷ୍ଣ ପ୍ରସାଦ ମହାପାତ୍ର ପ୍ରମୁଖ ସଭାରେ ବକ୍ତବ୍ୟ ରଖିଥିଲେ। ପଦ୍ମଲୋଚନଙ୍କ ଖାସ୍ ଅନୁଗତ ଭାବେ ପରିଚିତ କେତେକ କଂଗ୍ରେସ ନେତାଙ୍କ ସମେତ ବିଭିନ୍ନ ପଞ୍ଚାୟତର ଲୋକ ପ୍ରତିନିଧି ଓ କର୍ମୀ ଏହି ଅବସରରେ ଭାଜପାରେ ଯୋଗ ଦେଇଥିଲେ । ଶେଷରେ ଠାକୁର ରଞ୍ଜିତ ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଟଙ୍କାକୁ ସେଉଳ (ଷୋଅଳ) ଅଣା,
ଯାର କଥା ତାକୁ ଜଣା ।**

କାହା ଅନ୍ତର କଥା କେହି ବୁଝିପାରିବା କଷ୍ଟକର। କାହା ମନରେ କ'ଣ ଅଛି ତାକୁ କେହି ସହଜରେ ଜାଣିପାରି ନ ଥାନ୍ତି। ଏପରିସ୍ଥଳେ ମୁହଁରେ ଯିଏ ଯାହା ପ୍ରକାଶ କରେ ତାକୁ ନିଜ ବିଚାର ଓ ବୁଦ୍ଧି ବଳରେ ସତ କିମ୍ବା ମିଛ ବୋଲି ଧାରଣା କରିବା ଉଚିତ ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଟାଙ୍ଗର ମୁଣ୍ଡରେ ତେଲ
ସାରୁ ବିକି ଘରେ ଦେଲ ।**

ଭଲ ଘର ଭଲ ବର ଦେଖି ପ୍ରତ୍ୟେକ ପିତାମାତା ନିଜ ଝିଅର ବିବାହ କରାଇଥାନ୍ତି। ଭବିଷ୍ୟତରେ ଯେପରି କିଛି ଅସୁବିଧା ନ ଘଟିବ ସେଥିପ୍ରତି ଯଥେଷ୍ଟ ଧ୍ୟାନ ଦେଇଥାନ୍ତି। ପରନ୍ତୁ ବାସ୍ତବତାରେ ଏଥିରେ କିଛି ବ୍ୟତିକ୍ରମ ଘଟିଲେ ବିଚାରୀ ଝିଅ ଅନେକ ଦୁଃଖକଷ୍ଟ ପାଇଥାଏ। ଏପରିସ୍ଥଳେ ଗରିବ ଘରେ ବିବାହ ହୋଇଥିବା ଝିଅ ନିଜ ଭାଗ୍ୟକୁ ନିନ୍ଦିବା ସହ ମନ ଉଣା କରି ବସୁଥିବା ନେଇ ଏଭଳି ଉକ୍ତି ପ୍ରକାଶ କରାଯାଇଛି

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

# ଗଛରେ ପିଟିଲା ମିନି ଟ୍ରକ, ୨ ଗୁରୁତର

**ଦେଓଗାଁ,୨୧।୧୦ (ଡି.ଏନ.ଏ.)**

ଦେଓଗାଁବ୍ଲକ ଗାଇବାହାଲ ନିକଟରେ ରବିବାର ସନ୍ଧ୍ୟାରେ ଏକ ମିନିଟ୍ରକ ଭାରସାମ୍ୟ ହରାଇ ଗଛରେ ପିଟି ହୋଇ ଦୁର୍ଘଟଣା ଗ୍ରସ୍ତ ହୋଇଛି । ଏଥିରେ ଡ୍ରାଇଭର ସମେତ ୨ଜଣ ଗୁରୁତର ଆହତ ହୋଇଛନ୍ତି । ଆହତ ଦ୍ୱୟ ହେଲେ ଶ୍ରୀବସ୍ତ ଭୋଇ ଓ କାର୍ତ୍ତିକ ମିର୍ଦ୍ଧା । ଖବରପାଇ ଦେଓଗାଁ ଫାଣ୍ଡି ଅଧିକାରୀ ଜନାର୍ଦ୍ଦନ ସାହୁ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଆହତ ଦ୍ୱୟଙ୍କୁ ବଲାଙ୍ଗୀର ବଡମେଡିକାଲକୁ ପଠାଇଥିବା କହିଛନ୍ତି ଫାଣ୍ଡି ଅଧିକାରୀ ସାହୁ। ପରେ ଦୁର୍ଘଟଣାଗ୍ରସ୍ତ ମିନି ଟ୍ରକକୁ ଜବତ କରି ଫାଣ୍ଡିକୁ ଆଣିଥିବାବେଳେ ଏ ନେଇ କେସ ନଂ ୨୬୬/୧୮ରେ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରହିଥିବା ଫାଣ୍ଡି ଅଧିକାରୀ କହିଛନ୍ତି । ପ୍ରକାଶ ଯେ, ଦେଓଗାଁରୁ ମିନି ଟ୍ରକଟି ଗାଇବାହାଲ ନିକଟସ୍ଥ ଅର୍ଡା ଗ୍ରାମର ଫଡି ଘରକୁ କେନ୍ଦୁପତ୍ର ଆଣିବା ପାଇଁ ଯାଉଥିବାବେଳେ ଗାଇବାହାଲ ନିକଟସ୍ଥ ଟର୍ଣ୍ଣିଙ୍ଗଠାରେ ଭାରସାମ୍ୟ ହରାଇ ଏକ ଗଛରେ ପିଟି ହୋଇ ଆଡି ତଳକୁ ଓଲଟି ପଡିଥିଲା ।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD GAMS (PATNA)
DR. PREM KUMAR BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790

■ ଇବ୍ ସେତୁ ନିର୍ମାଣ ପ୍ରସଙ୍ଗ

# ବିଜେଡି-କଂଗ୍ରେସ ମଧ୍ୟରେ ଶିଳାନ୍ୟାସ ପ୍ରତିଯୋଗିତା

**ଝାରସୁଗୁଡ଼ା ଅଫିସ,୨୧।୧୦**

ଝାରସୁଗୁଡ଼ା-ବ୍ରଜରାଜନଗରକୁ ଯୋଗାଯୋଗ ସୁଦୃଢ଼ କରିବାକୁ ଇବ୍ ନଦୀ ଉପରେ ଦ୍ୱିତୀୟ ବ୍ରିଜ୍ ନିର୍ମାଣ ହେବାକୁ ଯାଉଛି। ଏହାର ଟେଣ୍ଡର ପ୍ରକ୍ରିୟା ଶେଷ ହୋଇଥିବା ବେଳେ ବାଲାଜୀ ଇଞ୍ଜିକନ ନାମକ ଠିକା ସଂସ୍ଥା ନିର୍ମାଣ କାମ ହାତେଇଛି। ନିର୍ମାଣ କାମ ଆରମ୍ଭ ପୂର୍ବରୁ ବ୍ରିଜ୍ ନିର୍ମାଣର ଶ୍ରେୟ ନେବାକୁ ବିଜେଡି ଓ କଂଗ୍ରେସ ମଧ୍ୟରେ ପ୍ରତିଯୋଗିତା ଦେଖିବାକୁ ମିଳିଛି। ରବିବାର ଝାରସୁଗୁଡ଼ା ବିଧାୟକ ନବ କିଶୋର ଦାସ ବ୍ରିଜ୍ କାମର ଶିଳାନ୍ୟାସ କରିଛନ୍ତି। ଏହି ଅବସରରେ ବ୍ଲକ ଅଧ୍ୟକ୍ଷ ଦିଗମ୍ବର ଭୋଇ, ସରପଞ୍ଚ ରାଜ କୁମାର ବୁଡ଼ା ଏବଂ ସମିତିସଭ୍ୟ ଘନଶ୍ୟାମ ସେଠ, କଂଗ୍ରେସ ନେତା ପିଣ୍ଟୁ ପାଢ଼ୀ, ବିଶ୍ୱନାଥ ତ୍ରିପାଠୀ, ମୋତିଲାଲ ତନ୍ତୀ, ବିଜେଡି ନେତା ମିତ୍ରଭାନୁ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

ଏହା ପୂର୍ବରୁ ଶନିବାର ଜିଲା ବିଜେଡି ସାଧାରଣ ସମ୍ପାଦକ ତ୍ରିନାଥ ଗୁଆଲ, ବିଜେଡି କୃଷକ ସେଲ ଜିଲା ସଭାପତି ମିତ୍ରଭାନୁ ସାହୁ, ଯୁବ ବିଜେଡି ସଭାପତି ପ୍ରଶାନ୍ତ ଜେନା ପ୍ରମୁଖ ବ୍ରିଜ୍ ନିର୍ମାଣ ପାଇଁ ଶୁଭ ଦେଇଥିଲେ। ଜିଲା ବିଜେଡି ସଭାପତି କିଶୋର ମହାନ୍ତିଙ୍କ ଉଦ୍ୟମରେ ଏହି ବ୍ରିଜ୍ ନିର୍ମାଣ ହେଉଥିବା ଦର୍ଶାଇ ବିଜେଡି ପ୍ରଥମେ ଶିଳାନ୍ୟାସ କରିଥିଲା। ଏହାପରେ ରବିବାର କଂଗ୍ରେସ ସମର୍ଥକଙ୍କୁ ନେଇ ବିଧାୟକ ଦାସ ଆଉ ଥରେ ଶିଳାନ୍ୟାସ କରିଥିଲେ। ପୂର୍ତ୍ତ ବିଭାଗ ଅଧୀନରେ ଏହି ବ୍ରିଜ୍ ନିର୍ମାଣ ହେବାକୁ ଯାଉଛି। କିନ୍ତୁ ଦୁଇଦିନରେ ଦୁଇ ଥର ଶିଳାନ୍ୟାସ ହୋଇଥିଲେ ମଧ୍ୟ ପୂର୍ତ୍ତ ବିଭାଗ କିମ୍ବା ଠିକାସଂସ୍ଥାର ଜଣେ ମଧ୍ୟ ପ୍ରତିନିଧି ଉପସ୍ଥିତ ନ ରହିବା ସିଧାସଳଖ ଶ୍ରେୟ ରାଜନୀତିକୁ ଇଙ୍ଗିତ କରୁଛି। ଦୁଇ ଶିଳାନ୍ୟାସ କାର୍ଯ୍ୟକ୍ରମରେ ବିଜେଡି କୃଷକ ନେତା ମିତ୍ରଭାନୁ ସାହୁଙ୍କ ଉପସ୍ଥିତି ଦେଖିବାକୁ ମିଳିଥିଲା। ତେଣୁ ଏହାକୁ ନେଇ ବାହାରେ ଅନ୍ୟ ଧରଣର ପ୍ରଚାର ହେଉଛି। କଂଗ୍ରେସ କାର୍ଯ୍ୟକ୍ରମରେ ବିଜେଡି ନେତାଙ୍କ ଯୋଗଦାନ ଜିଲା ବିଜେଡିରେ ଆଲୋଚନା ପ୍ରସଙ୍ଗ ହୋଇଛି। ଝାରସୁଗୁଡ଼ାରୁ ବ୍ରଜରାଜନଗର ପୌରାଞ୍ଚଳକୁ ସଂଯୋଗ କରୁଥିବା ଏହି ବ୍ରିଜ୍ ନିର୍ମାଣ ପାଇଁ ମୋଟ ୪୬ କୋଟି ୮୦ ଲକ୍ଷ ଟଙ୍କା ବ୍ୟୟବରାଦ ରହିଛି। ମାର୍ଚ୍ଚ ୨୦୨୧ ସୁଦ୍ଧା ନିର୍ମାଣ କାମ ଶେଷହେବ। ୫ ଶହ ମିଟର ବ୍ରିଜ୍ ସାଙ୍ଗକୁ ଝାରସୁଗୁଡ଼ା ପଟୁ ୧ କି.ମି. ଏବଂ ବ୍ରଜରାଜନଗର ପଟୁ ୭୦୦ ମି. ଆପ୍ରୋଚ୍ ରୋଡ୍ ନିର୍ମାଣ ହେବ।





କଂଗ୍ରେସର ଶିଳାନ୍ୟାସ କାର୍ଯ୍ୟକ୍ରମ।





ବିଜେଡିର ଶିଳାନ୍ୟାସ କାର୍ଯ୍ୟକ୍ରମ।

# ସର୍ବୋଦୟ ନେତା ରାମଜୀ ଯୋଷୀଙ୍କ ପରଲୋକ

**ନୂଆପଡା ଅଫିସ,୨୧।୧୦**

ପଶ୍ଚିମ ଓଡିଶାର ଜଣେ ପ୍ରମୁଖ ସର୍ବୋଦୟ ନେତା, ସ୍ୱାଧୀନତା ସଂଗ୍ରାମୀ ତଥା ବିଶିଷ୍ଟ ସାମାଜିକ କର୍ମୀ ରାମଜୀ ପ୍ରସାଦ ଯୋଷୀ ଆଉ ନାହାନ୍ତି। ମୃତ୍ୟୁ ବେଳକୁ ତାଙ୍କୁ ୯୦ ବର୍ଷ ହୋଇଥିଲା। ନୂଆପଡା ଜିଲା ଭେଲାନିବାସୀ ଯୋଷୀଙ୍କ ନିଜ ଗାଁ ବାସଭବନରେ ମୃତ୍ୟୁ ସମୟରେ ତାଙ୍କର ସମସ୍ତ ପୁତ୍ର, ପୁତ୍ରବଧୂ, ପରିଜନ ଉପସ୍ଥିତ ଥିଲେ। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଛାତ୍ର ଜୀବନରେ ନିଷ୍ଠା ଓ ସାହସ ପ୍ରଦର୍ଶନ କରି ଦେଶ ଓ ଜନଭକ୍ତ ରୂପେ ନିଜକୁ ରଚନାତ୍ମକ ସ୍ୱାଧୀନତା ସଂଗ୍ରାମୀ ଭାବେ ପ୍ରତିଷ୍ଠିତ କରିଥିଲେ । ସେଥିପାଇଁ ପଶ୍ଚିମ ଓଡିଶା ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ସମିତି ତାଙ୍କୁ ୨୦୧୧ରେ ସମ୍ମାନପତ୍ର ଦେଇ ସମ୍ମାନିତ କରିଥିଲେ । ଦୁଃଖୀ ଓ ଦରିଦ୍ରଙ୍କ କଲ୍ୟାଣ ପାଇଁ ମାନବ ସେବାକୁ ମାଧବ ସେବା ମନେକରି ନିଜକୁ ସମାଜ ପାଇଁ ଉତ୍ସର୍ଗୀକୃତ କରିଥିବାରୁ ଜାତୀୟସ୍ତରରେ ଗାନ୍ଧୀ ସମାଗମରେ ବିନୋବା ସେବା ପ୍ରତିଷ୍ଠାନ ଭୁବନେଶ୍ୱର ତରଫରୁ ୨୦୧୨ରେ ଗାନ୍ଧୀ ବିନୋବା ଶାନ୍ତି ପୁରସ୍କାର ସମ୍ମାନ ପ୍ରଦାନ କରିଥିଲେ। ରାଜନୀତି କ୍ଷେତ୍ରରେ ଆରମ୍ଭରୁ ଜାତୀୟ କଂଗ୍ରେସ ଦଳରେ ରହି ଜନସେବାରେ ବ୍ରତୀ ରହିଥିଲେ । ଜୀବନଯାକ ଖଦି ପରିଧାନ କରି ଏହାର ପ୍ରଚାର ପ୍ରସାରରେ ସମର୍ପିତ ହୋଇଥିଲେ। ଅବିଭକ୍ତ କଳାହାଣ୍ଡି ଜିଲା କଂଗ୍ରେସ ସାଧାରଣ ସମ୍ପାଦକ, ନୂଆପଡା ଜିଲା ଉପସଭାପତି, କୋମନା ବ୍ଲକ କଂଗ୍ରେସ ସଭାପତି ଦାୟୀତ୍ୱରେ ରହିବା ସହ ବିଧାୟକ ଏବଂ ଏମ୍‌ପିଙ୍କ ପ୍ରତିନିଧି ଭାବରେ ରହି ଦାୟିତ୍ୱ ତୁଲାଇଥିଲେ। ଭୂଦାନ-ଗ୍ରାମଦାନ ଆନ୍ଦୋଳନ ସମୟରେ କଳାହାଣ୍ଡି ଜିଲାର ନେତୃତ୍ୱ ନେଇ ଭୂମିହୀନମାନଙ୍କୁ ଜମିଦାନ କରିବାରେ ବିଶେଷ ଭୂମିକା ନେଇଥିଲେ। ସେହିଭଳି କଳାହାଣ୍ଡି ଜିଲା ସର୍ବୋଦୟ ପରିଷଦ ସଭାପତି, ଜନକଲ୍ୟାଣ ପରିଷଦତ ସଭାପତି, କ୍ଷେତମଜଦୁର କିଷାନ ପରିଷଦ, ସେବା ସମାଜ ଭିନ୍ନକ୍ଷମ ଅନୁଷ୍ଠାନ, ସର୍ବୋଦୟ ସମାଜ, ହିନ୍ଦ ସ୍ୱରାଜ, ଗାନ୍ଧୀ-ବିନୋବା ସ୍ମୃତି କମିଟି ଆଦିର ସକ୍ରିୟ ସଦସ୍ୟ ରହି ଜନସେବାରେ ନିଜକୁ ଉତ୍ସର୍ଗୀକୃତ କରିଥିଲେ । ତାଙ୍କ ବିୟୋଗରେ କେବଳ ନୂଆପଡା ନୁହେଁ ପଶ୍ଚିମ ଓଡିଶାରେ ଏକ ଶୂନ୍ୟସ୍ଥାନ ସୃଷ୍ଟି ହେଲା ବୋଲି ସାଧାରଣରେ ଆଲୋଚନା ହେଉଛି ।

■ ବିନୋବା ଶାନ୍ତି ପୁରସ୍କାର ବିଜେତା
■ ଭୂଦାନ ଆନ୍ଦୋଳନରେ ସାମିଲ ଥିଲେ
■ ବିଭିନ୍ନ ମହଲରେ ଶୋକର ଛାୟା



# ପୋଖରୀରେ ବୁଡ଼ି ମହିଳା ମୃତ

**ତିହିଡ଼ି,୨୧।୧୦(ଡି.ଏନ.ଏ.):** ଭଦ୍ରକ ଜିଲା ତିହିଡ଼ି ଥାନା ଅଧୀନ ନୂଆନନ୍ଦ ପଞ୍ଚାୟତ ହାଟୁଆରି ଗ୍ରାମର ବିଷ୍ଣୁପ୍ରିୟା ମହାଲିକ(୨୬) ରବିବାର ପୋଖରୀରେ ବୁଡ଼ି ପ୍ରାଣ ହରାଇଛନ୍ତି। ସେ ଗ୍ରାମ ନିକଟସ୍ଥ ପୋଖରୀକୁ ବାସନ ମାଜିବାକୁ ଯାଇଥିବାବେଳେ ତାଙ୍କ ମୁଣ୍ଡ ବୁଲାଇ ଦେବାରୁ ପାଣିରେ ପଡ଼ିଯାଇଥିଲେ। ଗ୍ରାମବାସୀ ତାଙ୍କ ମୃତଦେହ ପୋଖରୀରୁ ଉଦ୍ଧାର କରିଥିଲେ। ତିହିଡ଼ି ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି।


# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

TARIFF — MORE SPACE • SAME PRICE

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

*GST 5% Extra

Get Instant Cash against Gold, Sell Your Gold at 100% Market Value
GOLD CASH LTD
(an ISO 9001:2015 Certified Company)
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ ମୂଲ୍ୟରେ ନେବା ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ୍ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free: 1800-120-3430
Branches: Bhubaneswar, Cuttack, Bhadrak, Rourkela & Berhampur

SPOT ADMISSION
B.Ed
Acharya Nagarjuna University
UGC & NCTE Approved
Equivalent to Utkal University
Weekend Class & Study Material
CT(D.El.Ed)
Equivalent to Board of Secondary Education Odisha
SINCE 2001 NIDT
B.J.B. Nagar, Lewis Road, Bhubaneswar
9338229373, 9438286091
9776587145

Jeevanjyoti Finance
ଜନକଲ୍ୟାଣ ଯୋଜନା ଅଧୀନରେ ସବୁ ବ୍ୟାଙ୍କ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ଶିକ୍ଷା, ବ୍ୟବସାୟ, ସମସ୍ତ ଋଣ 24 ଘଣ୍ଟାରେ 2% ସୁଧ, 50% ରିହାତି ସବ୍‌ସିଡିରେ (ମହିଳା, ଚାଷୀ, ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି)
ଠକମାନଙ୍କ ପ୍ରତି ସାବଧାନ
(କାମ ଆମର ବିଶ୍ୱାସ ଆପଣଙ୍କର)
Sector-30, Jagatpur, Jaipur, Rajasthan
8278171538
8901770631

BHARATI FINANCE
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ Business, Personal, Property, Home, କୃଷି, ଶିକ୍ଷା ଓ Marksheet ସମସ୍ତ ପ୍ରକାର Loan Bharati Finance ଯୋଗାଇ ଦେଉଛି। 2% ସୁଧ।
M : 7684946678
8337956019

Dhanlaxmi Finance Services
ସରକାରଙ୍କ ଦ୍ୱାରା ପଞ୍ଜୀକୃତ
(Reg No.- od6789dh45)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ ଏବଂ ଗ୍ରୁପ୍ ଋଣ 72 ଘଣ୍ଟାରେ ପାଆନ୍ତୁ ।
1 ଲକ୍ଷରୁ 5 କୋଟି ପର୍ଯ୍ୟନ୍ତ ମାତ୍ର 1% ସୁଧ, 40% ରିହାତି।
For more details contact:
9193648139
SATAPADA, PURI, ODISHA - 752011

ଆଦର୍ଶ ଫାଇନାନ୍ସ
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଗେ କାମ, ପରେ ଦାମ୍
ଦୀପାବଳି ଧମାକା
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ ରାଶନ କାର୍ଡ, ଆଧାର କାର୍ଡ, ଚାଷକାର୍ଯ୍ୟ, ଏଗ୍ରିକଲ୍ଚର
ସବୁ ପ୍ରକାର ଋଣ ୨୪ ଘଣ୍ଟାରେ ପାଆନ୍ତୁ
୨% ସୁଧ - ୪୦% ରିହାତି
୮୫ ଲକ୍ଷ ସନ୍ତୁଷ୍ଟ ଗ୍ରାହକ
ଲକ୍ଷ ଲକ୍ଷ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
କମ୍ କାଗଜପତ୍ର କାମ
ଠକ କମ୍ପାନୀଗୁଡ଼ିକ ପ୍ରତି ସାବଧାନ
168, Sector-30, Jagatpura, Jaipur, Rajasthan
73106-12716
89794-48754

ତନ୍ତ୍ର ମନ୍ତ୍ର ସମ୍ରାଟଙ୍କ ଖୋଲା ଚ୍ୟାଲେଞ୍ଜ
ଯେଉଁଠି ଜ୍ଞାନ ସେଠି ହେବ
A to Z ସମସ୍ୟାର 2 ଘଣ୍ଟାରେ ସମାଧାନ
ସ୍ପେଶାଲିଷ୍ଟ: ବଶୀକରଣ, ମୁଠହରଣୀ, ମନ ମୁତାବକ ପ୍ରେମ, ବିବାହରେ ବାଧା, ଋଣମୁକ୍ତି, ଗର୍ଭ ବନ୍ଧନ, ଗୃହ କ୍ଲେଶ, ବିଦେଶ ଯାତ୍ରା, ସଉତୁଣୀ ଓ ଶତ୍ରୁ ମୁକ୍ତି, କ୍ୟାରିୟର ମଡେଲିଂ, ସ୍ୱାମୀ ସ୍ତ୍ରୀ ମନୋମାଳିନ୍ୟ, ଚାକିରି, ବ୍ୟବସାୟ, ଯାଦୁ ଟୋନା ଭଳି ସମସ୍ୟାର 101% ସମାଧାନ।
ବାବା ହଜରତ ଉସ୍‌ମାନ୍
21 ବୈଦିକ ବିଦ୍ୟାରେ ନିପୁଣ
9873361894, 9654673664

LOAN
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କସିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
B-19, Tower No-9, New Moti Bagh, New Delhi-110021
8658167603
7064382081

LOAN
ସବୁ ଜିଲ୍ଲାର ଶିକ୍ଷିତ ଓ ବେରୋଜଗାରୀମାନେ ନିଜର ପ୍ରମାଣପତ୍ର ଦ୍ୱାରା ମାତ୍ର ବାର୍ଷିକ ୫% ସୁଧରେ ପର୍ସନାଲ, ବିଜନେସ, ମାର୍କସିଟ, କୃଷି ଓ ଗ୍ରୁପ ଲୋନ SAMPARK FINANCE ରୁ ନେଇପାରିବେ। ଡକୁମେଣ୍ଟ Email- fileodisha@gmail.com ରେ ପଠାଇ ପାରିବେ।
405 D, Shamalldas Gandhi Marg, Mumbai, Maharastra, India-400002
ଯୋଗାଯୋଗ-
7991052261
7991052595

T.C.F. FINANCE
ଋଣ ମାତ୍ର 6 ଘଣ୍ଟାରେ ।
ନୋ ଫାଇଲ ଚାର୍ଜ, ବିନା ଗ୍ୟାରେଣ୍ଟର ମାର୍କଶିଟ୍, ଋଣ (ସାର୍ଟିଫିକେଟ୍), ପ୍ରପର୍ଟି, ପର୍ସନାଲ, ଗୃହଋଣ, 0% ସୁଧ, 50% ରିହାତି।
08418002678
08859668547
39, Patel Nagar, Saharanpur Road, Dehradun - 248001

ନିଜ ବ୍ୟବସାୟରେ ଅଭିବୃଦ୍ଧି ଆଣନ୍ତୁ
ITCT EDUCATION
ସହିତ ଭାରତର ସର୍ବବୃହତ୍ ନେଟ୍‌ୱର୍କ
ନିଜ ବ୍ୟବସାୟରେ ଅତିରିକ୍ତ ଲାଭ ଉପାର୍ଜନ କରନ୍ତୁ। ଆଇଟିସିଟି ଲର୍ଣ୍ଣିଂ ସିଷ୍ଟମ୍ସ ପ୍ରାଇଭେଟ୍ ଲିମିଟେଡ୍‌ର ଏକ ଫ୍ରାଞ୍ଚାଇଜି ପାର୍ଟନର ହୁଅନ୍ତୁ।
କର୍ପୋରେଟ୍ ବ୍ୟାପାର ମନ୍ତ୍ରଣାଳୟ (ଭାରତ ସରକାର)
ଅଧିକ ସୂଚନା ପାଇଁ
0712-2223456 / 09422123456
www.itctedu.in

୩ ଘଣ୍ଟାରେ ୧୦୦% ସମାଧାନ ଘରେ ବସି ଫୋନ ଦ୍ୱାରା
କଣ ଆପଣ ଚିନ୍ତିତ ଅଛନ୍ତି ?
କାନ୍ଦିଲେ ନୁହେଁ ଦେଖାକଲେ କଷ୍ଟ ଦୂରହେବ !
କାମ ନହେଲେ ପଇସା ଫେରସ୍ତ ! Time - 10 am to 6 pm
ମନଚାହିଁ ବିବାହ, ବ୍ୟବସାୟ, ଗୃହକ୍ଲେଶ, କିଆ କରାୟା, ବିବାହରେ ବାଧା, ସଉତୁଣୀ ଓ ଶତ୍ରୁ ମୁକ୍ତି, ରୋଗରେ ଔଷଧ ନ ଧରିବା, କ୍ୟାରିୟରରେ ଅସଫଳତା, ବଶୀକରଣ, ମୁଠକରଣୀ, ଯାଦୁଟୋଣା, ଭୂତପ୍ରେତ ଆଦି ଜଟିଳ ରୁ ଜଟିଳ ସମସ୍ୟାର ସମାଧାନ ।
(ସ୍ପେଶାଲିଷ୍ଟ- ବଶୀକରଣ, ମୁଠକରଣୀ ଏବଂ କଳାଯାଦୁ)
ଯଦି ଆପଣଙ୍କର ଜ୍ୟୋତିଷ ଓ ପଣ୍ଡିତଙ୍କ ଉପରୁ ଭରସା ଉଠିଯାଇଛି ତାହେଲେ ତୁରନ୍ତ ଫୋନ୍ କରନ୍ତୁ
ଯଦି ଆପଣଙ୍କର ପତି ପ୍ରେମୀ, କିମ୍ବା ପୁଅ ବଶରେ ଅଛନ୍ତି ତାହେଲେ ତୁରନ୍ତ ଫୋନ୍ କରନ୍ତୁ
ବାବା ରହେମାନ୍ ଖାନ ବଙ୍ଗାଳୀ
7065430524
9599270336

କଣ ଆପଣ ଅସୁବିଧାରେ ଅଛନ୍ତି କି?
ଅଲଇଣ୍ଡିଆ ଖୋଲା ଚାଲେଞ୍ଜ
୨ ଘଣ୍ଟାରେ ୧୦୦% ସମାଧାନ
କାମ ନହେଲେ ଟଙ୍କା ଫେରସ୍ତ
ତନ୍ତ୍ର-ମନ୍ତ୍ରର ସମ୍ରାଟ
ବ୍ୟବସାୟରେ ଅସୁବିଧା, ପ୍ରେମରେ ଅସଫଳତା ତେବେ ମତେ ଆସିକି ଦେଖା କରନ୍ତୁ
ବ୍ୟବସାୟରେ ଅସୁବିଧା, ବିବାହରେ ଅସୁବିଧା ସଇତାନ ଓ ଶତ୍ରୁମାନଙ୍କଠାରୁ ମୁକ୍ତି ରୋଗରେ ଔଷଧ ନ ଲାଗିବ କ୍ୟାରିୟରରେ ଅସଫଳତା।
ଯଦି କାହାର ସ୍ୱାମୀ, ପ୍ରେମିକା ଓ ଝିଅ କାହା ବଶରେ ଆଥାନ୍ତି ତେବେ ମତେ ଆସିକି ଦେଖା କରନ୍ତୁ।
BABA AMIM SUFI JI
9540938429
9903852257
Near Master Canteen, Bhubaneswar

ତନ୍ତ୍ର ମନ୍ତ୍ର ସମ୍ରାଟଙ୍କ
ଖବରଦାର୍ କଳା ଶିକ୍ଷା
ଯେଉଁଠି ଜ୍ଞାନ ସେଠି ହେବ
A to Z ସମସ୍ୟାର ସମାଧାନ
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ, ମନ ମୁତାବକ ପ୍ରେମ, ବିବାହରେ ବାଧା, ଋଣମୁକ୍ତି, ଗର୍ଭ ବନ୍ଧନ, ଗୃହ କ୍ଲେଶ, ବିଦେଶ ଯାତ୍ରା, ସଉତୁଣୀ ଓ ଶତ୍ରୁ ମୁକ୍ତି, କ୍ୟାରିୟର ମଡେଲିଂ, ସ୍ୱାମୀ ସ୍ତ୍ରୀ ମନୋମାଳିନ୍ୟ, ଚାକିରି, ବ୍ୟବସାୟ, ଯାଦୁ ଟୋନା ଭଳି ସମସ୍ୟାର 101% ସମାଧାନ।
ବାବା ସିକନ୍ଦର
21 ବୈଦିକ ବିଦ୍ୟାରେ ନିପୁଣ
9997796211

!! LOAN LOAN LOAN !!
ସରକାରୀ ଯୋଜନା ଲୋନ୍ ସ୍କିମ୍ ଦ୍ୱାରା ଦ୍ୱାରା
ଶ୍ରୀ ରାମ ଫାଇନାନ୍ସ
ମାର୍କଶିଟ୍ ଋଣ ଅଷ୍ଟମ, ଦଶମ ପାସ୍ ବେରୋଜଗାର 5,00,000-50,00,000 ପର୍ଯ୍ୟନ୍ତ ଋଣ ପାଆନ୍ତୁ
!! ନୋ ଗ୍ୟାରେଣ୍ଟର, ନୋ ଫାଇଲଚାର୍ଜ !!
2% ସୁଧ, 50% ରିହାତି + ସବ୍‌ସିଡି ପାଆନ୍ତୁ
ଯୋଗାଯୋଗ କରନ୍ତୁ
9717895136
9871773265
Add : - 41/14, Sec-1 Pushp Vihar, Delhi

ଋଣ
ନବରାତ୍ରି ଉତ୍ସବ
!!ନୋ ଗ୍ୟାରେଣ୍ଟର, ନୋ ଫାଇଲଚାର୍ଜ!!
ଶ୍ରୀ ଜଗନ୍ନାଥ ଫାଇନାନ୍ସ
ମାର୍କଶିଟ୍, ଆଧାରକାର୍ଡ, ପର୍ସନାଲ, ପ୍ରପର୍ଟି ଋଣ ଇତ୍ୟାଦି 24 ଘଣ୍ଟାରେ
1,00,000-50,00,000 ପର୍ଯ୍ୟନ୍ତ ଋଣ ପାଆନ୍ତୁ
1% ସୁଧ 55% ରିହାତି + 25% ସବ୍‌ସିଡି
ମାତା ଓ ଭଉଣୀଙ୍କୁ ବିଶେଷ ରିହାତି
7895183349
9927051692
Add : - 41/14, Sec-1 Pushp Vihar, Delhi


## ପାଠକଙ୍କ ପାଇଁ ସୂଚନା

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଗୋଟିଏ ମାରାତ୍ମକ ମିଥ୍ୟା କହି ଜଣେ ଯଦି ତାକୁ ସତ୍ୟ ବୋଲି ପ୍ରମାଣିତ କରିଦେଇ ପାରିଲା, ତେବେ ସେ ହିଁ ସବୁଠାରୁ ବିପଜ୍ଜନକ ଲୋକ।
- ସିସେରୋ

## ସଂକ୍ଷେପରେ

### ସ୍ତ୍ରୀଙ୍କୁ ପୋଡି ହତ୍ୟା ଉଦ୍ୟମ, ସ୍ୱାମୀ ଗିରଫ

**ସମ୍ବଲପୁର,୨୧।୧୦ (ବ୍ୟୁରୋ)-** ସମ୍ବଲପୁର ଜିଲା ଯୁଯୁମୁରା ଥାନା ତେଲିବେର୍ଣ୍ଣି ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ସ୍ୱାମୀ ସ୍ତ୍ରୀଙ୍କ ସମାନ୍ୟ ଝଗଡା ଉଗ୍ର ରୂପ ନେଇଛି । ସ୍ତ୍ରୀଙ୍କୁ ହତ୍ୟା କରିବାକୁ ଯାଇ ସ୍ୱାମୀ କିରୋସିନି ଢାଳି ନିଆଁ ଲଗାଇ ପୋଡି ଦେବାକୁ ଉଦ୍ୟମ କରିଛି । ଏହି ଘଟଣାରେ ପୋଲିସ ସ୍ୱାମୀ ବୁଧିଆ ସାଏଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ସ୍ତ୍ରୀ ସୁମିତ୍ରାଙ୍କୁ ଗୁରୁତର ଅବସ୍ଥାରେ ବୁର୍ଲା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

### ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

**ବାମରା,୨୧।୧୦ (ସ୍ୱ.ପ୍ର.)-** ସମ୍ବଲପୁର ଜିଲା ବାମରା ବ୍ଲକ ମହୁଲପାଲି ଥାନା ଅନ୍ତର୍ଗତ କେସାଇବାହାଲ ଗ୍ରାମରେ ଜଣେ ମହିଳାଙ୍କ ଅସ୍ୱାଭାବିକ ମୃତ୍ୟୁ ଘଟିଛି। ଏହାକୁ ନେଇ ସନ୍ଦେହଘେରରେ ଥିବା ପରିବାର ଲୋକେ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଅଭିଯୋଗ ଅନୁସାରେ କେସାଇବାହାଲ ଗ୍ରାମର ସୀମା ନାଏକ (୨୮) ଶନିବାର ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ। ସ୍ୱାମୀ ରାମକୃଷ୍ଣ ଏ ବିଷୟରେ ସୀମାଙ୍କ ମା'ଙ୍କୁ ଜଣାଇଥିଲେ। ରବିବାର ମା' କେସାଇବାହାଲ ଗ୍ରାମ ନିଜ ଝିଅଙ୍କ ଘର ପହଞ୍ଚିଥିବା ବେଳେ ତାଙ୍କ ମୁହଁରୁ ଫେଣ ବାହାରୁଥିବା ଦେଖିଥିଲେ। ଏପରି କି ଶବ ଦାହ ପାଇଁ ପ୍ରସ୍ତୁତି ଚାଲିଥିବା ଜାଣି ସନ୍ଦେହ କରିଥିଲେ। ପରେ ମହୁଲପାଲି ଥାନାକୁ ଯାଇ ଘଟଣାର ତଦନ୍ତ କରିବାକୁ ଲିଖିତ ଭାବେ ଜଣାଇଥିଲେ। ମହୁଲପାଲି ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ କୁଚିଣ୍ଡା ଡାକ୍ତରଖାନାକୁ ପଠାଇଛି। ପ୍ରାଥମିକ ତଦନ୍ତରୁ ଏହା ଆତ୍ମହତ୍ୟା ବୋଲି ଜଣାପଡ଼ିଛି। ଥାନାରେ ଏ ନେଇ ଏକ ଅପମୃତ୍ୟୁ ମାମଲା ( ନଂ. ୨୫/୧୮) ରୁଜୁ ହୋଇଛି। ଏସଆଇ ସୁନିଲ ସରାଫ ଘଟଣାର ତଦନ୍ତ କରୁଛନ୍ତି ।

### ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ

**ସମ୍ବଲପୁର,୨୧।୧୦(ବ୍ୟୁରୋ)-** ସମ୍ବଲପୁର ଜିଲା ଯୁଯୁମୁରା ଥାନା ଟାମ୍ପରଗଡ଼ ଅଞ୍ଚଳରେ ଜଣେ ୧୬ ବର୍ଷିୟା ନାବାଳିକାଙ୍କୁ ବଳାତ୍କାର ହୋଇଥିବା ଅଭିଯୋଗ ହୋଇଛି । ଅଭିଯୋଗ ଉପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଅନ୍ୟପଟେ ପୋଲିସ ଅଭିଯୁକ୍ତକୁ ଗିରଫ କରିଥିବା ଜଣାପଡ଼ିଛି। ନାବାଳିକାଜଣକ ଯାତ୍ରା ଦେଖି ଘରକୁ ଫେରୁଥିବା ସମୟରେ ବଳାତ୍କାରର ଶିକାର ହୋଇଥିବା ପରିବାର ଲୋକେ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି।






ରବିବାର ସମ୍ବଲପୁର ରାଜ୍ୟସ୍ତରୀୟ ଷ୍ଟ୍ରଙ୍ଗମ୍ୟାନ ପ୍ରତିଯୋଗିତାରେ ଯୋଗଦେଇଥିବା ଅତିଥିମାନେ (ବାମ)। ରାଜ୍ୟସ୍ତରୀୟ ଷ୍ଟ୍ରଙ୍ଗମ୍ୟାନ ପ୍ରତିଯୋଗିତାର ଟ୍ରଫି ସହ କୃତୀ ପ୍ରତିଯୋଗୀମାନେ।

# ରାଜ୍ୟସ୍ତରୀୟ ଷ୍ଟ୍ରଙ୍ଗମ୍ୟାନ ପ୍ରତିଯୋଗିତା

**ସମ୍ବଲପୁର,୨୧।୧୦(ବ୍ୟୁରୋ)**

ରାଜ୍ୟସ୍ତରୀୟ ଷ୍ଟ୍ରଙ୍ଗମ୍ୟାନ ପ୍ରତିଯୋଗିତା ରବିବାର ସମ୍ବଲପୁର ବୀରସୁରେନ୍ଦ୍ର ସାଏ ଇନଡୋର୍ ଷ୍ଟାଡିୟମଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲା ପ୍ରଶାସନ, ଯୋଦ୍ଧା ଜିମ୍ନାସିୟମ୍ ଓ ଓଡ଼ିଶା ଷ୍ଟ୍ରଙ୍ଗମ୍ୟାନ କୋର୍ପୋରେଶନ ଆନୁକୂଲ୍ୟରେ ଆୟୋଜିତ ପ୍ରତିଯୋଗିତାରେ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ୩୮ ପ୍ରତିଯୋଗୀ ଭାଗ ନେଇଥିଲେ। ରୂପ ସିଂ, ଏପି ସିଂ, ସୋମନାଥ ପଟ୍ଟନାୟକ ଓ ଗୋନିକା ବିଚାରକ ଭାବେ ଯୋଗ ଦେଇଥିଲେ। ଡେଟ୍ ଲିଫ୍ଟ, କ୍ଲିନ୍ ଆଣ୍ଡ୍ ପ୍ରେସ୍ ଓ ଫାର୍ମର ୱାକ୍ ପର୍ଯ୍ୟାୟରେ ପ୍ରତିଯୋଗୀମାନେ ନିଜର ଦକ୍ଷତା ପ୍ରତିପାଦନ କରିଥିଲେ। ମହିଳା ବିଭାଗରେ ହେମାଙ୍ଗିନୀ ଭୋଇ, ସାଇରୋନ୍ ନିଶା ଓ ଗ୍ରୀଷ୍ମା ବାବିବାଲା ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ । ସେହିପରି ୮୦ କେଜି ପୁରୁଷ ବର୍ଗରେ ରବିନ ନାଗ ପ୍ରଥମ, ରାହୁଲ ଦେବଲି ଦ୍ୱିତୀୟ ଏବଂ ମହମ୍ମଦ କାଜିର ତୃତୀୟ ହୋଇଥିଲେ। ୭୦ କେଜି ପୁରୁଷ ବର୍ଗରେ ସଞ୍ଜୟ ରାୟ, ମହମ୍ମଦ ଅମଜାଦ୍, ରମେଶ ଧାୱାନ ଏବଂ ୬୦ କେଜି ବର୍ଗରେ ଦେବାଶୀଷ ଦେ, ଗାନ୍ଧୀ ମେହେର ଓ ବିଜୟ ଶର୍ମା ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହୋଇଛନ୍ତି। କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀମାନେ ଚଳିତ ମାସ ୨୮ ତାରିଖ ବିହାର ରାଜ୍ୟ ଗୟାଠାରେ ଆୟୋଜିତ ଇଷ୍ଟ ଇଣ୍ଡିଆ ଷ୍ଟ୍ରଙ୍ଗମ୍ୟାନ ପ୍ରତିଯୋଗିତାରେ ଭାଗ ନେବେ । ବିରୁପାକ୍ଷ ପ୍ରଧାନଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା। ସମ୍ବଲପୁର ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ ମୁଖ୍ୟ ଅତିଥି, ଜିଲା କ୍ରୀଡ଼ା ଅଧିକାରୀ ଉପେନ୍ଦ୍ର ଶତପଥି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଓଡ଼ିଶା ଷ୍ଟ୍ରଙ୍ଗମ୍ୟାନ କୋର୍ପୋରେଶନ ସମ୍ପାଦକ ସୋମନାଥ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ। ସଭାପତି ବିଶ୍ୱମ୍ଭର ବହିଦାର ପ୍ରତିଯୋଗିତାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ ।

## ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ଭବନଠାରେ ପୁସ୍ତକ ଉନ୍ମୋଚନ

**ସମ୍ବଲପୁର,୨୧।୧୦ (ବ୍ୟୁରୋ)**

ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ଭବନଠାରେ ରବିବାର ପୁସ୍ତକ ଉନ୍ମୋଚନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପ୍ରଫେସର ଶଙ୍କର ପ୍ରସାଦ ପତିଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା। ଡ. ଗିରିଧାରୀ ପ୍ରସାଦ ଗୁରୁ ଓ ଡ. ଦଧିବାମନ ମିଶ୍ରଙ୍କ ଇଂରାଜୀ ଭାଷାରେ ସମ୍ପାଦିତ ଜୟ ଚନ୍ଦ୍ରିକା ଏବଂ ଶିବପ୍ରସାଦ ତ୍ରିପାଠୀଙ୍କ ରଚିତ ସମୟ ସାଗର ତୀରେ ପୁସ୍ତକକୁ ଅତିଥିମାନେ ଲୋକାର୍ପଣ କରିଥିଲେ। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ବଲପୁର ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ, ପ୍ରଫେସର ମିନକେତନ ପୁରୋହିତ, ଡ. ଦିପ୍ତୀବାଲା ପଟ୍ଟନାୟକ ନିମନ୍ତ୍ରିତ ଅତିଥି ଥିଲେ । ଇଂ. ସୁଶାନ୍ତ କୁମାର ଗୁରୁ ସ୍ୱାଗତ ଭାଷଣ ଦେଇଥିଲେ । ସେହିପରି ସାମାଜିକ କର୍ମୀ ଭାଗବତ ପ୍ରସାଦ ନନ୍ଦ ଧନ୍ୟବାଦ ଦେଇଥିଲେ। ଡ. ଗିରିଧାରୀ, ଡ. ଦଧିବାମନ ଓ ଶିବପ୍ରସାଦ ପୁସ୍ତକ ବିଷୟରେ ସୂଚନା ପ୍ରଦାନ କରିଥିଲେ। ଉତ୍ସବରେ ସମ୍ବଲପୁର, ବୁର୍ଲା, ହୀରାକୁଦ ଅଞ୍ଚଳରୁ ଶିକ୍ଷାବିତ୍, ସାହିତ୍ୟିକ, ଗାଳ୍ପିକ ଓ କବିମାନେ ସାମିଲ ଥିଲେ।




ସମ୍ବଲପୁର ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ଭବନଠାରେ ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି ।

## ଡା. ପର୍ଶୁରାମ ମିଶ୍ର ସ୍ମୃତି କମିଟିର ବୈଠକ

**ସମ୍ବଲପୁର,୨୧।୧୦(ବ୍ୟୁରୋ)**

ଡା. ପର୍ଶୁରାମ ମିଶ୍ର ସ୍ମୃତି କମିଟି ପକ୍ଷରୁ ପ୍ରସ୍ତୁତି ବୈଠକ ବ୍ରୁକ୍ସହିଲ୍‌ଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି । ଡା. ପର୍ଶୁରାମଙ୍କ ୧୫୦ତମ ଜୟନ୍ତୀ ବିଷୟରେ ସଭ୍ୟମାନେ ଆଲୋଚନା କରିଥିଲେ। ଆସନ୍ତା ୨୦୧୯ ଜାନୁୟାରୀ ୨୫ ତାରିଖରେ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ କରାଯିବାକୁ ସ୍ଥିର ହୋଇଛି। ବିଭିନ୍ନ କଲେଜଗୁଡ଼ିକରେ ଆଲୋଚନା ଚକ୍ର, ତର୍କ ଓ ଚିତ୍ରାଙ୍କନ ପ୍ରତିଯୋଗିତା କରାଯିବ । ସେହିପରି ବିଭିନ୍ନ ଶିକ୍ଷାନୁଷ୍ଠାନଗୁଡ଼ିକରେ ବୃକ୍ଷରୋପଣ ହେବ। ସଭାପତି ଅରବିନ୍ଦ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ବୈଠକ ହୋଇଥିଲା। କାର୍ଯ୍ୟକାରୀ ସଭାପତି ପ୍ରଫେସର ଶଙ୍କରପ୍ରସାଦ ପତି, ଉପସଭାପତି ଡ. ମୂରଲୀଧର ନାୟକ, କୋଷାଧ୍ୟକ୍ଷ ରାଜକିଶୋର ଦାଶ, ସାଧାରଣ ସମ୍ପାଦକ ଫଣିଭୁଷଣ ମିଶ୍ର, ସହ ସମ୍ପାଦକ ସଞ୍ଜୀବ ତ୍ରିପାଠୀ, ଆବାହକ ଡ. ଦୁର୍ଗାମାଧବ ମିଶ୍ର, ସଭ୍ୟ ଅରବିନ୍ଦ ନାୟକ, ଦିଲୀପ ପଣ୍ଡା, ବରଦାମାଧବ ଗୁରୁ, ଶ୍ୟାମାକାନ୍ତ ମିଶ୍ର, ଗୌତମ ଆନନ୍ଦ ଗୁରୁ ଆଲୋଚନାରେ ଭାଗ ନେଇଥିଲେ ।




ରବିବାର ସମ୍ବଲପୁର ଭାରତ ବିକାଶ ପରିଷଦ ପକ୍ଷରୁ ପାନ୍ତ ନିବାସଠାରେ ଆୟୋଜିତ ଭଗନୀ ନିବେଦିତାଙ୍କ ୧୫୦ତମ ଜନ୍ମ ଜୟନ୍ତୀରେ ମଞ୍ଚାସୀନ ଅତିଥି ଓ ବକ୍ତାମାନେ ।

## ବରାତିରେ ମାର୍‌ପିଟ, ୬ ଗିରଫ

**ସମ୍ବଲପୁର,୨୧।୧୦(ବ୍ୟୁରୋ)**

ସମ୍ବଲପୁର ଜିଲା ଯୁଯୁମୁରା ଥାନା କସଂର ପଞ୍ଚାୟତ ଡାଡୁମୁଣ୍ଡା ଗ୍ରାମରେ ବରାତି ସମୟରେ ଗଣ୍ଡଗୋଳ ଘଟିଛି। ଗ୍ରାମବାସୀ ଓ ବରାତିଙ୍କ ମଧ୍ୟରେ ମାର୍‌ପିଟ ହୋଇଛି । ଏହି ଘଟଣାରେ ପୋଲିସ ଗ୍ରାମର ୬ ଅଭିଯୁକ୍ତଙ୍କୁ ଗିରଫ କରିଥିବା ବେଳେ ୩ ଫେରାରା ଥିବା ଜଣାପଡିଛି । ଅଭିଯୁକ୍ତମାନେ ହେଲେ ପୂର୍ବତନ ସରପଞ୍ଚ ଗଣେଷ ମୁଣ୍ଡା, ରୁଦ୍ର ମୁଣ୍ଡା, ସୁରୁ ମୁଣ୍ଡା, ମହେନ୍ଦ୍ର ମୁଣ୍ଡା, ଚୁଲୁ ମୁଣ୍ଡା, ବିଷ୍ଣୁ ମୁଣ୍ଡା ।

## ଓଲିକୁ ସ୍ୱାଗତ କଲେ ସ୍ୱେଚ୍ଛାସେବୀ ଅନୁଷ୍ଠାନ

**ସମ୍ବଲପୁର/ବୁର୍ଲା ୨୧।୧୦ (ବ୍ୟୁରୋ/ଡି.ଏନ.ଏ.)**

ବିଶ୍ୱକପ ହକି ଟୁର୍ଣ୍ଣାମେଣ୍ଟ ପାଇଁ ହୋଇଥିବା ଓଲି (ମାସ୍କଟ)କୁ ବୁର୍ଲାରେ ସ୍ୱାଗତ କରାଯାଇଛି। ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗ୍ରୀନ ୟୁଥ ସୋସାଇଟି ପକ୍ଷରୁ ଏହାକୁ ସ୍ୱାଗତ କରାଯାଇଥିଲା। ଏହି ଅବସରରେ ଅନୁଷ୍ଠାନ ଆବାହକ ବାବୁଲୁ ଷଣ୍ଢ, ସଭାପତି ଧର୍ମେନ୍ଦ୍ର ଗିରି, ଉପଦେଷ୍ଟା ଜ୍ୟୋତି ପ୍ରକାଶ ନାଏକ, ପ୍ରମୋଦ ସାହୁ, ସୁମନ୍ତ ସାହୁ, କିଲୁ ମହାନ୍ତି, ଛୋଟେଲାଲ ସାହା, ଛୋଟୁ ଶର୍ମା ଉପସ୍ଥିତ ରହିଥିଲେ।

## ପ୍ରଭାବଶୂନ୍ୟ ବିଜେଡିର ଜନସମ୍ପର୍କ ପଦଯାତ୍ରା

**ଧମା, ୨୧।୧୦ (ଡି.ଏନ.ଏ.)**

ରାଜ୍ୟର ସର୍ବବୃହତ ତଥା ଶ୍ରେଷ୍ଠ ଦଳ ବୋଲାଉଥିବା ବିଜୁ ଜନତା ଦଳର ସାଙ୍ଗଠନିକ ଦୁର୍ବଳତା ପଦାରେ ପଡ଼ିଛି। ମାନେଶ୍ୱର ବ୍ଲକ ଧମା ପଞ୍ଚାୟତରେ ରେଢ଼ାଖୋଲ ବିଧାୟକ ଇଂ. ରୋହିତ ପୂଜାରୀଙ୍କ ନେତୃତ୍ୱରେ ହୋଇଥିବା ଜନସମ୍ପର୍କ ପଦଯାତ୍ରା ପ୍ରଭାବଶୂନ୍ୟ ହୋଇଛି। ପଦଯାତ୍ରା ସ୍ଥାନୀୟ ହାଇସ୍କୁଲ ଛକରୁ ଆରମ୍ଭ ହୋଇଥିଲା। ଧମା ହାଟପଦା ଦେଇ ମା' ଝାଡେଶ୍ୱରୀ ମନ୍ଦିର ଏବଂ ସେଠାରୁ ସଁହରାପଡ଼ା ପରିକ୍ରମା କରିଥିଲା। ଏହି ପଦଯାତ୍ରାରେ କେତେକ ନାବାଳକଙ୍କୁ ଦଳୀୟ ପତାକା ଧରାଇ ଦିଆଯାଇଥିଲା। ଅଞ୍ଚଳରେ ବିଜୁ ଜନତା ଦଳର ମୂଳଦୁଆ ପକାଇଥିବା ବରିଷ୍ଠ କର୍ମୀମାନଙ୍କ କାହାରି ଦେଖା ନ ଥିଲା। ମାତ୍ର ୩୦ରୁ ୪୦ କର୍ମୀଙ୍କ ଯୋଗଦାନ ଜନସାଧାରଣଙ୍କୁ ହତଚମ୍ଭିତ କରିଥିଲା। କେତେକ ପୁରୁଣା କର୍ମୀ ନାମଗୋପନ ରଖିବାକୁ ଯାଇ କହିଛନ୍ତି ଯେ, ମାନେଶ୍ୱର ବ୍ଲକରେ ଦଳୀୟ ଗୋଷ୍ଠୀ କନ୍ଦଳ ବୃଦ୍ଧି ପାଇଛି। ବର୍ତ୍ତମାନର ନେତା ଓ କର୍ମୀମାନେ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ନୀତି ଓ ଆଦର୍ଶ ଭୁଲିଯାଇଛନ୍ତି । ଆଗକୁ ବିଧାନସଭା ନିର୍ବାଚନ ରହିଥିଲେ ମଧ୍ୟ ପୁରୁଣା କର୍ମୀଙ୍କୁ ଅଣଦେଖା କରାଯାଉଛି। ପଦଯାତ୍ରା ଅବସରରେ ସ୍ଥାନୀୟ ଡାକବଙ୍ଗଳାଠାରେ ଏକ ସଭାର ଆୟୋଜନ କରାଯାଇଥିଲା। ସେଠାରେ ମଧ୍ୟ କେତେକ ହାତଗଣତି କର୍ମୀ ଉପସ୍ଥିତ ରହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୋପୀରଞ୍ଜନ ବେହେରା, ଦଳଗଞ୍ଜନ ସେଠ, ପରମାନନ୍ଦ ସେଠ, ଆଦିକନ୍ଦ ସେଠ ପ୍ରମୁଖ ରହିଥିଲେ।

- ନାବାଳକଙ୍କୁ ଧରାଇଲେ ପତାକା
- ପୁରୁଣା କର୍ମୀଙ୍କ ଦେଖା ନ ଥିଲା




ନାବାଳକଙ୍କ ହାତରେ ଦଳୀୟ ପତାକା।

## ଭସାଣି ଶୋଭାଯାତ୍ରାରେ ଗୋଷ୍ଠୀ ସଂଘର୍ଷ

**ଭୁବନ,୨୧।୧୦(ଡି.ଏନ.ଏ.)**

ଐତିହାସିକ ବଳଦଯାତ୍ରା ଭସାଣି ଉତ୍ସବରେ ଗୋଷ୍ଠୀ ସଂଘର୍ଷକୁ ନେଇ ଅଶାନ୍ତ ହୋଇଉଠିଛି ଭୁବନ। ଦୁଇ ବଳଦିଆ କମିଟି ମଧ୍ୟରେ ବଚସାକୁ ନେଇ ଏପରି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। ଉଭୟ ପକ୍ଷ ମଧ୍ୟରେ ପଥରମାଡ଼ରେ ଜଣେ ଏସ୍‌ଆଇଙ୍କ ସମେତ ୬ଜଣ ଗୁରୁତର ହୋଇଛନ୍ତି। ସେହିପରି ପୋଲିସର ଲାଠି ମାଡ଼ରେ ଜଣେ ସାଧାରଣ ନାଗରିକ ଜଖମ ହୋଇଛନ୍ତି। ଏହାକୁ ନେଇ ଦିନତମାମ ଅଞ୍ଚଳରେ ଉତ୍ତେଜନା ଲାଗି ରହିଥିଲା।

ସୂଚନାଯୋଗ୍ୟ, ଭସାଣି ଶୋଭାଯାତ୍ରାରେ କ୍ରମିକ ନଂ. ୧ରେ ଥିବା ଚିନ୍ନରା ପୋଖରୀ ଦଳିତସାହି ଏବଂ ଏହା ପଛକୁ ୨ନଂ. ରେ ନାୟକ ସାହି ହନୁମାନ ଛକର ବଳଦ ପଛକୁ ପଛ ଶୋଭାଯାତ୍ରାରେ ଯାଉଥିଲେ। ଦଳିତ ସାହିର ବଳଦ ନଗର ପରିକ୍ରମା କରିବାରେ ବିଳମ୍ବ କରିବାରୁ ଉଭୟ ଗୋଷ୍ଠୀ ମଧ୍ୟରେ କଥା କଟାକଟି ହୋଇ ଧସ୍ତାଧସ୍ତି ଯାଏ କଥା ଯାଇଥିଲା। ନାୟକ ସାହିର ଯତୀନ୍ଦ୍ର ନାୟକଙ୍କ ବେକରେ ଅପରଗୋଷ୍ଠୀର କେହିଜଣେ ବ୍ଲେଡ୍‌ରେ ଆକ୍ରମଣ କରିବା ପରେ ପରିସ୍ଥିତି ଅଶାୟତ୍ତ ହୋଇପଡ଼ିଥିଲା। ପୋଲିସ ହସ୍ତକ୍ଷେପ ପରେ ପରିସ୍ଥିତି ନିୟନ୍ତ୍ରଣକୁ ଆସିଥିଲା। ତେବେ ଏହାର କିଛି ସମୟ ପରେ ଅରାସାହି ବଳଦ କମିଟି କର୍ମକର୍ତ୍ତାଙ୍କ ସହ ପୁଣିଥରେ ଦଳିତ ସାହି ଗୋଷ୍ଠୀ ମଧ୍ୟରେ ସମାନ କାରଣକୁ ନେଇ ବିବାଦୀୟ ପରିସ୍ଥିତି ଉପୁଜିଥିଲା। ଉଭୟ ପକ୍ଷ ପରସ୍ପରକୁ ଢେଲାମାଡ଼ କରିଥିଲେ। ଏଥିରେ ଏଏସ୍‌ଆଇ ଶେଷଦେବ ଲେଙ୍କା ଗୁରୁତର ହୋଇଛନ୍ତି। ସେହିପରି ଟେକାପଥର ମାଡ଼ରେ ଲିପୁନ ସାହୁ, ଶେଷକାନ୍ତ ବାରିକ, ରମାକାନ୍ତ ସାହୁ, ସନ୍ତୋଷ ସାହୁଙ୍କ ମୁଣ୍ଡରେ ଆଘାତ ଲାଗିଛି। ପୋଲିସ ହସ୍ତକ୍ଷେପ କରିବା ସତ୍ତ୍ୱେ ଘଟଣା ନିୟନ୍ତ୍ରଣ ବାହାରକୁ ଚାଲିଯାଇଥିଲା। ବାଧ୍ୟ ହୋଇ ପୋଲିସକୁ ଲାଠିଚାର୍ଜ କରିବାକୁ ପଡ଼ିଥିଲା। ଲାଠିମାଡ଼ରେ ଯାତ୍ରା ଦେଖିବାକୁ ଯାଇଥିବା କାଳୀବଜାରର ଚନ୍ଦ୍ରମଣି ପୃଷ୍ଟି ଗୁରୁତର ହୋଇଛନ୍ତି। ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ଏତିକିରେ ପରିସ୍ଥିତି ନିୟନ୍ତ୍ରଣ ହୋଇ ନ ଥିଲା। ବିପକ୍ଷ ଗୋଷ୍ଠୀ କର୍ମକର୍ତ୍ତା ଦଳିତ ସାହିର କୁନି ମଲିକଙ୍କ ଘରେ ନିଆଁ ଲଗାଇଦେଇଥିଲେ। ଏଥିରେ ତାଙ୍କର ଦୁଇବଖରା ପୋଡ଼ି ପାଉଁଶ ହୋଇଯାଇଛି। ଅଗ୍ନିଶମ କର୍ମଚାରୀ ପହଞ୍ଚିବା ବେଳକୁ ଆସବାବପତ୍ର ନଷ୍ଟ ହୋଇଯାଇଥିଲା।

ପରିସ୍ଥିତି ଜଟିଳ ଆଡ଼କୁ ଗତି କରୁଥିବାବେଳେ ଡିଏସ୍‌ପି ହରେକୃଷ୍ଣ ପ୍ରଧାନ ପହଞ୍ଚି ଶାନ୍ତି ଫେରାଇ ଆଣିବାକୁ ଉଦ୍ୟମ କରିଥିଲେ। ଏ ନେଇ ସେ କୁହନ୍ତି, ହିଂସା ରୋକିବାକୁ ପୋଲିସ ଲାଠିଚାର୍ଜ କରିଛି। ଉତ୍ତେଜନାକୁ ଦୃଷ୍ଟିରେ ରଖି ବ୍ୟାପକ ପୋଲିସ ମୁତୟନ କରାଯାଇଛି। ସେହିପରି ତହସିଲଦାର ଶକ୍ତିକାନ୍ତ ରାୟ କୁହନ୍ତି, ଭସାଣିରେ ଆଗରେ ଥିବା ବଳଦ ନଗର ପରିକ୍ରମାରେ ବିଳମ୍ବ କରିଥିଲେ। ଏହାକୁ ବିରୋଧ କରୁଥିଲେ ପଛରେ ଆସୁଥିବା ବଳଦିଆ। ନୂଆବଜାରେ ଦଳିତ ସମ୍ପ୍ରଦାୟର ଲୋକେ ନାୟକ ସାହିର ଜଣେ ଲୋକଙ୍କ ବେକକୁ ବ୍ଲେଡ୍‌ରେ ଆକ୍ରମଣ କରିଥିଲେ। ଏହାକୁ ନେଇ ଉଭୟ ପକ୍ଷ ମଧ୍ୟରେ ପଥର ମାଡ଼ ହୋଇଥିଲା। ପୋଲିସ ଏବଂ ପ୍ରଶାସନର ହସ୍ତକ୍ଷେପ ପରେ ପରିସ୍ଥିତି ନିୟନ୍ତ୍ରଣକୁ ଆସିଛି। ଆଇନଶୃଙ୍ଖଳା ପରିସ୍ଥିତି ଏଡ଼ାଇବାକୁ ଦଳିତ ସାହିରେ ପୋଲିସ ମୁତୟନ ରଖାଯାଇଛି। ଥାନାଧିକାରୀ ପ୍ରମୋଦ କୁମାର ଲେଙ୍କା କୁହନ୍ତି, ଏ ନେଇ ଥାନାରେ ଲିଖିତ ଅଭିଯୋଗ ହୋଇନାହିଁ। ଶାନ୍ତିକମିଟି ଡକାଯାଇ ଆଲୋଚନା ମାଧ୍ୟମରେ ଏହାର ସମାଧାନ କରାଯିବ ବୋଲି ସେ କହିଛନ୍ତି।

## ଗୋଶାଳାରେ ପୋଲିସ ସ୍ମୃତି ଦିବସ

**ସମ୍ବଲପୁର/ବୁର୍ଲା,୨୧।୧୦ (ବ୍ୟୁରୋ/ଡି.ଏନ.ଏ.)**

ପୋଲିସ ସ୍ମୃତି ଦିବସ ଗୋଶାଳା ନିକଟସ୍ଥ କେନ୍ଦ୍ରୀୟ ରିଜର୍ଭ ପୋଲିସ ଫୋର୍ସ (ସିଆରପିଏଫ) ପରିସରରେ ରବିବାର ପାଳିତ ହୋଇଯାଇଛି। ଦେଶରେ ଶହୀଦ ହୋଇଥିବା ପୋଲିସ କର୍ମଚାରୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି । କମାଣ୍ଡାଣ୍ଟ ଏଏନ୍ ବସ୍ତିଆଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା । ଡେପୁଟି କମାଣ୍ଡାଣ୍ଟ କ୍ୟୁଆଇ ଜିଲାନି, ସହାୟକ କମାଣ୍ଡାଣ୍ଟ ଡି ଏସ ରାଠୋରଙ୍କ ସମେତ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ରହିଥିଲେ।



ପୋଲିସ ସ୍ମୃତି ଦିବସ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି ।

## ବ୍ୟାଡମିଣ୍ଟନ ଖେଳାଳିଙ୍କୁ ସମ୍ବର୍ଦ୍ଧନା

**ସମ୍ବଲପୁର,୨୦।୧୦ (ବ୍ୟୁରୋ)**

ସମ୍ବଲପୁର ଫ୍ରେଜର କ୍ଲବରେ ଦିବ୍ୟାଙ୍ଗ ବ୍ୟାଡ଼ମିଣ୍ଟନ ଖେଳାଳି ପ୍ରମୋଦ ଭଗତଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। କ୍ଲବ ସଭାପତି ଶେଷଦେବ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ ମୁଖ୍ୟ ଅତିଥି, ପ୍ରୟାସ ପରିବର୍ତ୍ତନ ଅନୁଷ୍ଠାନର ମୁଖ୍ୟ ଲଲାଟେନ୍ଦୁ ନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ୨୦୧୮ ଇଣ୍ଡୋନେସିଆ ଜାକର୍ତ୍ତାରେ ହୋଇଥିବା ବ୍ୟାଡ଼ମିଣ୍ଟନ ଇଭେଣ୍ଟରେ ପ୍ରମୋଦ ଚାମ୍ପିୟନ ହୋଇଥିଲେ । ଜଣେ ଦିବ୍ୟାଙ୍ଗ ହୋଇଥିଲେ ମଧ୍ୟ ସେ ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି ବୋଲି ସଭାରେ ମତପ୍ରକାଶ ପାଇଥିଲା।



ସମ୍ବଲପୁର ଫ୍ରେଜର କ୍ଲବରେ ପ୍ରମୋଦଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

# ଘୁନଘୁଟି ପଡ଼ାରେ ନୂଆଁଖାଇ

**ସମ୍ବଲପୁର,୨୧।୧୦(ବ୍ୟୁରୋ)**

ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ରବିବାର କମଲିବଜାର ଘୁନଘୁଟି ପଡ଼ାଠାରେ ଅନୁଷ୍ଠିତ ହୋଇଯାଇଛି । ପଦ୍ମଶ୍ରୀ ଜିତେନ୍ଦ୍ର ହରିପାଲ ମୁଖ୍ୟ ଅତିଥି, ଡ. ଶ୍ୟାମସୁନ୍ଦର ଧର, କଣ୍ଠ ଶିଳ୍ପୀ ଦିଲୀପ ବାଗ, ଭୋଳାନାଥ ଦୀପ, ପୂଜା ଠାକୁର, ସୁଶାନ୍ତ ପୁରୋହିତ, ଦୀପକ ପାଣ୍ଡେ, କବି ଗଦାଧର ନିଆଲ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ମୁକ୍ତେଶ୍ୱର ଯୁବକ ସଂଘର ରାମତାନୁ ଦୀପଙ୍କ ସଂଯୋଜନାରେ ଉତ୍ସବ ହୋଇଥିଲା। ସଭା ଶେଷରେ ରଙ୍ଗାରଙ୍ଗ ନୃତ୍ୟ, ଗୀତ ଓ କବିତା ପାଠ ଉତ୍ସବ ହୋଇଥିଲା। ଦିଲୀପ କୁମ୍ଭାର, ଧୃରୂପ କୁଅଁର, ଟିଙ୍କୁ କୁମ୍ଭାର, ଅଚ୍ୟୁତାନନ୍ଦ ବାଗ, ନାରାୟଣ ଛତ୍ରି, ଶାନ୍ତନୁ ଦିପ, ସମାରୁ କୁମ୍ଭାର, ରାହୁଲ ମହାନନ୍ଦ, ମାନା ମହାନନ୍ଦ, ମହେଶ ସୁନା ପ୍ରମୁଖ କାଯର୍‌ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।



ଆୟୋଜିତ ନୂଆଁଖାଇ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ ।

"ଆତଙ୍କବାଦର ଶିକାର ହୋଇଥିବା ପୀଡ଼ିତଙ୍କୁ ସମସ୍ତେ ସହାୟତାର ହାତ ବଢ଼ାଇବା ଉଚିତ। ଏହାଦ୍ୱାରା ସେମାନଙ୍କ ନୈତିକ ମନୋବଳ ବୃଦ୍ଧି ପାଇବା ସହ ଘୃଣା ବିସ୍ତାର ପାଇଁ ଆତଙ୍କବାଦୀଙ୍କ ଉଦ୍ୟମ ଭଣ୍ଡୁର ହେବ।

- ଆଣ୍ଟୋନିଓ ଗୁଟେରେସ୍, ଜାତିସଂଘ ମହାସଚିବ

## ସଂକ୍ଷେପରେ

### ସାମନ୍ତରାପାଲିରେ ରକ୍ତଦାନ ଶିବିର

ଦେବଗଡ଼,୨୧।୧୦(ସ୍ୱ.ପ୍ର.)

ତିଲେଇବଣି ବ୍ଲକ ଅଧୀନ ସାମନ୍ତରାପାଲି ଗ୍ରାମର ଜ୍ୟୋତି ଯୁଥ କ୍ଲବ ଏବଂ ନେହରୁ ଯୁବ କେନ୍ଦ୍ର ତରଫରୁ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ସ୍କୁଲ ପରିସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି । କ୍ଲବ ସଭାପତି ଜନ୍ମେଜୟ ସାହୁ ଓ ସମ୍ପାଦକ ଦ୍ୱିଜରାଜ ଧଳଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ଅତିଥି ଭାବେ ଭାଜପା ଜିଲା ସଭାପତି ଅରୁଣ ସାହୁ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ହରିଜନ ଆଦିବାସୀ ଉନ୍ନୟନ ଟ୍ରଷ୍ଟର ସାଧାରଣ ସଂପାଦକ ଉଇଲିୟମ ହେଣେଜ୍, ଯୋଗେଶ ପ୍ରଧାନ, କଲଣ୍ଡା ସରପଞ୍ଚ ସକୁନ୍ତଳା ପ୍ରଧାନ, ସମିତି ସଭ୍ୟା ଲିଲି ନାଏକ, କିଶୋର ଦାସ, ନାଟ୍ୟକାର ହେମନ୍ତ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ବ୍ଲଡ ବ୍ୟାଙ୍କ କର୍ମଚାରୀ ତଥା ପିଆର୍‌ଓ ମଳୟ ବେହେରା ଏବଂ ମେଡିକାଲ ଟିମ୍ ପ୍ରମୁଖ ସହଯୋଗ କରିଥିଲେ। କିଶୋରଚନ୍ଦ୍ର ମହାକୁଳ, ମୋହିନୀମୋହନ ସାହୁ, କୋଷାଧ୍ୟକ୍ଷ ତ୍ରିଲୋଚନ ବିଶ୍ୱାଳ, ଉପ ସଭାପତି ସୁଜିତ ଛତ୍ରିଆ, ମଧୁସୂଦନ ଧଳ, ପ୍ରଦୀପ ସାହୁ, ନରେନ୍ଦ୍ର ସାହୁ, ଧୀରେନ ନାଏକ, ମଣ୍ଟୁ ସାହୁ, ଦୁଷନ୍ତ ସାହୁ, ଦୀପକ ସାହୁ, ବ୍ରଜମୋହନ ପାତ୍ର, ପପୁ ସ୍ୱାଇଁ, ସତ୍ୟବ୍ରତ ପ୍ରଧାନ, ଭରତ ପ୍ରଧାନ, ଅନିଲ ବେହେରା ପ୍ରମୁଖ ସହଯୋଗ କରିଥିଲେ।

# ଶହୀଦ ଦିବସରେ ଶ୍ରଦ୍ଧାଞ୍ଜଳି, ସଲାମ

## ମନେ ପଡିଲେ ଶହୀଦ କାର୍ତ୍ତିକେଶ୍ୱର ମହାପାତ୍ର, ଶାନ୍ତନୁ ଧଳ

ଦେବଗଡ,୨୧।୧୦(ସ୍ୱ.ପ୍ର.)

ଦେବଗଡ଼ ରିଜର୍ଭ ପୋଲିସ୍ ପଡିଆରେ ପୋଲିସ ଶହୀଦ୍ ଦିବସ ରବିବାର ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ପରେଡ୍‌ରେ ଏସ୍‌ପି ଅନୁପମା ଜେମ୍‌ସ୍ ଯୋଗ ଦେଇ ଅଭିବାଦନ ଗ୍ରହଣ କରିଥିଲେ। ଅମର ଯବାନ ଶହୀଦ୍ ସ୍ତମ୍ଭରେ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ମାନ ଜଣାଇଥିଲେ। ଜିଲାପାଳ ସୁଧାଂଶୁ ମୋହନ ସାମଲ,ଏଡିଏମ ଧରମ ହାଁସଦା, ଡିଆରଡିଏ ପିଡି ଭିମସେଣ୍ଟ ପୁନମକାନ୍ତ ଏକ୍କାଙ୍କ ସମେତ ପ୍ରଶାସନିକ ଅଧିକାରୀ ଓ ଜିଲା ପୋଲିସର ବିଭିନ୍ନ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଶହୀଦ୍‌ମାନଙ୍କ ଆତ୍ମାର ସଦଗତି ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା। ଦେବଗଡ ଜିଲା ରିଆମାଳ ବ୍ଲକ ଅଧୀନ ନୂଆଡିହି ପଞ୍ଚାୟତ ପୋଡାଡିହୀ ଗ୍ରାମର ଶହୀଦ କାର୍ତ୍ତିକେଶ୍ୱର ମହାପାତ୍ରଙ୍କ ମା' ସୌଦାମିନୀ ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସିଆରପିଏଫ ଯବାନ ତଥା ବାରକୋଟ ବ୍ଲକ ଅଧୀନ କାଉଁଶିବାହାଲ ପଞ୍ଚାୟତ ଭାଟସିଂ ଗ୍ରାମର ଶହୀଦ ଶାନ୍ତନୁ ଧଳଙ୍କ ସ୍ତ୍ରୀ ସବିତା ଧଳଙ୍କୁ ଏସ୍‌ପି ସମ୍ବର୍ଦ୍ଧିତ କରିଥିଲେ । ଏହି ଅବସରରେ ହାଇସ୍କୁଲସ୍ତରୀୟ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ପଞ୍ଚପାଲି ନୋଡାଲ ହାଇସ୍କୁଲର ଛାତ୍ର ତୁଷାରକାନ୍ତ ସାହୁ ପ୍ରଥମ, ଖିଲେଇ ହାଇସ୍କୁଲର ଛାତ୍ରୀ କସ୍ତୁରୀମଣି ସାହୁ ୨ୟ ଏବଂ ଗୌଡ ସୁଗୁଡା ପଞ୍ଚାୟତ ନୋଡାଲ ହାଇସ୍କୁଲର ଛାତ୍ରୀ ମମତା ଧଳ ୩ୟ ସ୍ଥାନ ଅଧିକାର କରିଥିଲେ। ଏସ୍‌ପି ସେମାନଙ୍କୁ ମାନପତ୍ର ଦେଇ ପୁରସ୍କୃତ କରିଥିଲେ।





ଶହୀଦ ଶାନ୍ତନୁ ଧଳଙ୍କ ସ୍ତ୍ରୀ ସବିତା ଧଳଙ୍କୁ ଦେବଗଡ଼ ପୋଲିସ୍ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଉଛି (ବାମ)। ସମ୍ବର୍ଦ୍ଧନା ଅବସରରେ ଶହୀଦ କାର୍ତ୍ତିକେଶ୍ୱର ମହାପାତ୍ରଙ୍କ ମା' ସୌଦାମିନୀ ମହାପାତ୍ର କୋହ ଚାପି ନ ପାରି ଏସ୍‌ପିଙ୍କ ସମ୍ମୁଖରେ ପୁଅ ପାଇଁ ମ୍ରିୟମାଣ।

### ସଇଡା ଫୁଟବଲ ଟୁର୍ଣ୍ଣାମେଣ୍ଟରେ ସିଙ୍ଗୁରୀ ଚାମ୍ପିୟନ

ଦେବଗଡ଼,୨୧।୧୦(ସ୍ୱ.ପ୍ର.)

ବାରକୋଟ ବ୍ଲକ ସଇଡା ଗାଁ ଖେଳପଡିଆରେ ସଇଡା ଫୁଟବଲ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି । ଫାଇନାଲ ମ୍ୟାଚ ସିଙ୍ଗୁରୀ ଏବଂ ପେଟପୁରା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ସଂଘର୍ଷପୂର୍ଣ୍ଣ ଫାଇନାଲ ମ୍ୟାଚ୍‌ରେ ନିର୍ଦ୍ଧାରିତ ସମୟ ଭିତରେ କେହି କାହାରିକୁ ଗୋଲ ଦେଇପାରି ନ ଥିଲେ। ଫଳରେ ପେନାଲଟି ସୁଟଆଉଟର ସାହାଯ୍ୟ ନିଆଯାଇଥିଲା। ଏଥିରେ ସିଙ୍ଗୁରୀ ଟିମ୍ ପେଟପୁରାକୁ ଟାଇବ୍ରେକରରେ ପରାସ୍ତ କରି ଚାମ୍ପିୟନ ଆଖ୍ୟା ପାଇଥିଲା । ରେଫରୀ ଭାବେ ବରୁଣ ସାହୁ, ଇନ୍ଦ୍ରମଣୀ ସାହୁ, ମନୋଜ ପ୍ରଧାନ, ଦିଲୀପ ପ୍ରଧାନ ପ୍ରମୁଖ ଖେଳ ପରିଚାଳନା କରିଥିଲେ। ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ଶିକ୍ଷକ ସୁରେନ କୁମାର ସଭାପତିତ୍ୱ କରିଥିଲେ। ଅତିଥି ଭାବେ ବାରକୋଟ ବ୍ଲକ ଅଧ୍ୟକ୍ଷା ସୁବାସିନୀ ସାହୁ, ସମ୍ମାନିତ ଅତିଥି ଭାବେ ଜିଲା ଭାଜପା ସଭାପତି ଅରୁଣ ସାହୁ, ପୂର୍ବତନ ସରପଞ୍ଚ କ୍ଷୀରସାଗର ପ୍ରଧାନ ଯୋଗ ଦେଇଥିଲେ । ଶେଷରେ ପ୍ରଶାନ୍ତ କୁମାର ପ୍ରଧାନ ଧନ୍ୟବାଦ ଦେଇଥିଲେ।

## ମଠସାହିର ଅନନ୍ୟ ପରମ୍ପରା ଘିରିଘିରି ଓଷା ପାଳିତ

ଦେବଗଡ,୨୧।୧୦(ସ୍ୱ.ପ୍ର)

ଘିରିଘିରୀ ପୂଜା ବା ଓଷା ଦେବଗଡର ସହରର ମଠସାହିରେ ଧୁମଧାମରେ ରବିବାର ପାଳିତ ହୋଇଛି। ପ୍ରାୟ ୭୩ ବର୍ଷଧରି ଚାଲିଆସୁଥିବା ଏହି ପୂଜା ଲାଗି ସକାଳେ ମହିଳାମାନେ ଲାଗି ପଡ଼ିଥିଲେ। ଝାଡେଶ୍ୱର ପୀଠରୁ ଶ୍ରଦ୍ଧାଳୁ ଶୋଭାଯାତ୍ରାରେ ବାହାରି ମଙ୍ଗଳା ମା', ଦୁର୍ଗା ମା' ଏବଂ ଅନ୍ୟ ଦେବୀଙ୍କୁ ପୂଜା କରିଥିଲେ। ପରେ ମଠସାହି ଛକରେ ପୂଜାର୍ଚ୍ଚନା କରିଥିଲେ।ସେଠାରେ ମାନସିକଧାରୀ ମହିଳାମାନେ ପୁଅ ଜିଉନ୍ତିଆ, ଭାଇ ଜିଉନ୍ତିଆ ପର୍ବ ପାଳନ କରିଥିଲେ। ରବିବାର ସକାଳେ ଜଣେ ବ୍ୟକ୍ତି ନିଜକୁ ହନୁ ବେଶରେ ସଜାଇ ସାହିରେ ଥିବା ବାଡିବଗିଚାର ଫଳମୂଳ ଖାଇବା ପରେ ପୀଠରେ ପୋତାଯାଇଥିବା ଏକ ଶିମିଳି କଣ୍ଟା ଗଛରେ ଚଢି ଉପରେ ବନ୍ଧାଯାଇଥିବା ଭୋଗ ନଡିଆ ତଥା ଅନ୍ୟାନ୍ୟ ଭୋଗ ନିଜେ ଖାଇବା ପରେ ତଳେ ଅନେଇ ରହିଥିବା ଭକ୍ତମାନଙ୍କୁ ଉପରୁ ଭୋଗ ଦେଇଥିଲେ। ବିଶ୍ୱାସ ରହିଛି ଯେ, ହନୁ ବାହାରିଥିବା ବ୍ୟକ୍ତିଙ୍କ ଦେହରେ ମା' ଠାକୁରାଣୀ ବିଜେ କରିଥାନ୍ତି। ଶିଶୁମାନଙ୍କୁ ଏକ କଣ୍ଟା ଦୋଳିରେ ବସାଯିବାର ପରମ୍ପରା ମଧ୍ୟ ରହିଛି।

## ଜନସମ୍ପର୍କ ପଦଯାତ୍ରାରେ ବୁଲିଲେ ବିଜେଡି ନେତା, କର୍ମୀ

ଦେବଗଡ,୨୧।୧୦(ସ୍ୱ.ପ୍ର.)

ରିଆମାଳ ବ୍ଲକ୍ ଅଧୀନ ନୂଆଡିହି ଓ ଟିଙ୍କବୀର ପଞ୍ଚାୟତର ବିଭିନ୍ନ ଗାଁରେ ବିଜେଡି ପକ୍ଷରୁ ଜନସମ୍ପର୍କ ପଦଯାତ୍ରା କାର୍ଯ୍ୟକ୍ରମ ରବିବାର ଆୟୋଜିତ ହୋଇଛି। ଜିଲା ସଭାପତି ସୁଧୀର କପରଦାରଙ୍କ ନେତୃତ୍ୱରେ ଆୟୋଜିତ ଏହି ପଦଯାତ୍ରାରେ ପଥପାନ୍ତ ସଭା ଅନୁଷ୍ଠିତ ହୋଇଥିଲା। ଦେବେନ୍ଦ୍ର ବେହେରା, ତିଲେଇବଣି ବ୍ଲକ ଉପାଧ୍ୟକ୍ଷ ଭୁପେନ୍ଦ୍ର ପ୍ରସାଦ ନାୟକ, ଚନ୍ଦ୍ରଶେଖର ଭୁକ୍ତା, ଜିଲା ଉପ ସଭାପତି ବିଭୁତି ଗଙ୍ଗଦେବ, ଜ୍ଞାନେନ୍ଦ୍ର ବିଶ୍ୱାଳ, ଗୋପିନାଥ ପ୍ରଧାନ, ଆଲୋକ ଅମାତ, ବିକାଶ ମିଶ୍ର, ସତ୍ୟବ୍ରତ ନାୟକ, ଅଜୟ ସାହୁ, ପପୁ ବିଶ୍ୱାଳ ପ୍ରମୁଖ ଦଳୀୟ କର୍ମୀ ଉପସ୍ଥିତ ରହି ଓଡିଶା ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସଂପର୍କରେ ସଚେତନ କରାଇଥିଲେ।




ଜନସମ୍ପର୍କ ପଦଯାତ୍ରାରେ ବିଜେଡି ନେତା ଓ କର୍ମୀ ଗାଁ ପରିକ୍ରମା କରୁଛନ୍ତି।

### ୨୬ତମ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

## ଝାରସୁଗୁଡା ଫୁଟବଲ କ୍ଲବକୁ ହରାଇଲା ବନ୍ଧପାଲି

ବାରକୋଟ, ୨୧।୧୦ (ଡି.ଏନ.ଏ)

ଦେବଗଡ ଜିଲା ବାରକୋଟ ବ୍ଲକ କୁଣ୍ଡାପିଠା ବାମଣ୍ଡା ଅଗ୍ରଗତି କ୍ଲବ ପକ୍ଷରୁ ଆୟୋଜିତ ୨୬ତମ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ରବିବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି । ଉଦଯାପନୀ ଉତ୍ସବରେ ରୋମାଞ୍ଚକର ଫାଇନାଲ ମ୍ୟାଚରେ ସମ୍ବଲପୁର ଜିଲାର ବନ୍ଧପାଲି ଫୁଟବଲ କ୍ଲବ ୨-୧ ଗୋଲରେ ଝାରସୁଗୁଡା ଫୁଟବଲ କ୍ଲବକୁ ହରାଇ ଚଳିତ ବର୍ଷର ଚାମ୍ପିୟନ ହୋଇଛି । ବିଧାୟକ ନିତେଶ ଗଙ୍ଗାଦେବ ଯୋଗଦେଇ ଉଭୟ ଦଳକୁ ନଗଦ ଅର୍ଥ ପୁରସ୍କାର ପ୍ରଦାନ କରିଥିଲେ । ଅନ୍ୟତମ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଦିଲୀପ କୁମାର ପଟ୍ଟନାୟକ, ସ୍ଥାନୀୟ ସମିତି ସଭ୍ୟ ଭୁବନେଶ୍ୱର ପ୍ରଧାନ , ଜିଲା କ୍ରୀଡା ସଂସଦ ସମ୍ପାଦକ ଧୀରେନ୍ଦ୍ର କୁମାର ନାଏକ ଯୋଗ ଦେଇଥିଲେ । କ୍ରୀଡା ଶିକ୍ଷକ ରୋହିତ କୁମାର ପ୍ରଧାନ, ଦିଲୀପ କୁମାର ପ୍ରଧାନ, ଜୟନାରାୟଣ ସାହୁ, ସୁଶିଲ କୁମାର ନାଏକ, ମନୋରଞ୍ଜନ ଗଡନାଏକ ପ୍ରମୁଖ ଖେଳ ପରିଚାଳନା କରିଥିଲେ ।



ଫୁଟବଲ ଟୁର୍ଣ୍ଣାମେଣ୍ଟରେ ଭାଗ ନେଇଥିବା ଖେଳାଳି।

# ରାବଣପୋଡିରେ ସରିଲା ଦଶହରା

ଦେବଗଡ଼,୨୧।୧୦(ସ୍ୱ.ପ୍ର.)

ଦେବଗଡ ସହରର ଡେଲିମାର୍କେଟ ସ୍ଥିତ ସାର୍ବଜନୀନ ଦୁର୍ଗାପୂଜା କମିଟି, ଖପରସାହି ଜୟଦୁର୍ଗା କ୍ଲବ ଓ ଚିକିଣିଘାଟି ଦୁର୍ଗା ମନ୍ଦିର କମିଟି ପକ୍ଷରୁ ରାବଣପୋଡି କରାଯାଇଛି। ମଠସାହି ମନୋରମା କ୍ଲବ ଦୁର୍ଗା ପୂଜା କମିଟି ତରଫରୁ ମା' କନକ ଦୁର୍ଗା ମନ୍ଦିର ନିକଟରେ ଆୟୋଜିତ ରାବଣ ପୋଡି ଉତ୍ସବରେ ପୂର୍ବତନ ଏମ୍‌ପି ବୈଜୟନ୍ତ ପଣ୍ଡା ଓ ଦେବଗଡ ବିଧାୟକ ନିତେଶ ଗଙ୍ଗଦେବ ଯୋଗ ଦେଇଥିଲେ। କାର୍ତ୍ତିକେଶ୍ୱର ପଟ୍ଟନାୟକ, କାଳିଆ ମାଝି, ବିଜୟ ମେହେର, ବୁନୁ ଆଚାର୍ଯ୍ୟ, ଅରୁଣ ଟାଲି, ଶିବାଷିଶ ଝାଙ୍କର, ଶ୍ୟାମସୁନ୍ଦର ପଟ୍ଟନାୟକ, ପ୍ରଦୀପ କୁମାର ଦାସ, ସୁନ୍ଦରଲାଲ ଝାଙ୍କର, ବାପି ସାହୁ, ବାପୁନ ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ। ସେହିପରି ଡେଲି ମାର୍କେଟ ସାର୍ବଜନୀନ ଦୁର୍ଗା ପୂଜା କମିଟି ତରଫରୁ ଶୁଳିଆପଦାସ୍ଥିତ ଇନଡୋର ଷ୍ଟାଡିୟମରେ ରାବଣ ପୋଡି ଉତ୍ସବ ସହ ବନ୍ଧୁକ ଚାଳନା ପ୍ରତିଯୋଗିତା ମଧ୍ୟ ଆୟୋଜିତ କରାଯାଇଥିଲା। ସୁଶୀଳ କୁମାର କପରଦାର ନେତୃତ୍ୱ ନେଇଥିଲେ। ପରେ ଇନଡୋର ଷ୍ଟାଡିୟମରେ ରାବଣ ଦେହରେ ରାଣି ଅରୁନ୍ଧତୀ ଦେବୀ ଅଗ୍ନି ସଂଯୋଗ କରିଥିଲେ। ଖପରସାହିରେ ପ୍ରଦ୍ୟୁମ୍ନ ବେହେରା ଏବଂ ଉମାଶଙ୍କର ସାହୁଙ୍କ ତତ୍ତ୍ୱାବଧାନରେ ଉଇଲିୟମ ହେଣେଜ୍ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ।

ରିଆମାଳ,(ଡି.ଏନ.ଏ.)

ରିଆମାଳ ସାର୍ବଜନୀନ ଦୁର୍ଗାପୂଜା କମିଟିର ସଭାପତି ସତ୍ୟପୀର ଦାଶ, ସମ୍ପାଦକ ଗାନ୍ଧୀ ଚରଣ ନାୟକଙ୍କ ତତ୍ତ୍ୱାବଧାନରେ ବିଜୟାଦଶମୀରେ ରିଆମାଳ ହାଇସ୍କୁଲ ପଡ଼ିଆଠାରେ ରାବଣପୋଡ଼ି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ପୂର୍ବତନ ଏମ୍‌ପି ବୈଜୟନ୍ତ ପଣ୍ଡା ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଦେବଗଡ଼ ବିଧାୟକ ନିତେଶ ଗଙ୍ଗଦେବ, ରିଆମାଳ ବ୍ଲକ ଅଧ୍ୟକ୍ଷା ରୀତାଞ୍ଜଳି ହାତୀ, ଜିଲା ପରିଷଦ ସଦସ୍ୟା କନକଲତା ପ୍ରଧାନ, ରିଆମାଳ ସରପଞ୍ଚ ତରଣୀସେନ ପ୍ରଧାନ, ଉଇଲିୟମ୍ ହେନେଜ ପ୍ରମୁଖ ଯୋଗ ଦେଇଥିଲେ। ମା'ଦୁର୍ଗାଙ୍କୁ ତୋଳପଡ଼ା ଓ ତାରଙ୍ଗ ଗ୍ରାମର ଦୁଲ୍‌ଦୁଲି ବାଜା, ହୁଳହୁଳି, ହରିବୋଲରେ ଗ୍ରାମ ପରିକ୍ରମା କରାଇ ବାଉଁଶ ଘୋରା ନାଳରେ ବିସର୍ଜନ କରିଥିଲେ।

GOVERNMENT OF ODISHA
OFFICE OF THE EXECUTIVE ENGINEER
BARGARH (R&B) DIVISION, BARGARH
E-mail - eepwdbgh@gmail.com, Phone/Fax- 06646 - 234819
No.735-B
INVITATIONS FOR BIDS (I.F.B.)
e - Procurement Notice
Identificaiton No. IFB-EE PWD BGH No.29 of 2018-19
No. 6357 Dated 09.10.2018
1) The **Executive Engineer, Bargarh (R&B) Division, Bargarh** on behalf of Governor of Odisha invites **Percentage Rate** bid in Double Cover System in **ONLINE MODE** for the construction of **Building works** as detailed in the **Detailed Tender Call Notice (D.T.C.N)** from the eligible class of contractors.
2) No. of works :- **02 (Two) Nos.**
3) Cost of tender paper :- **Rs. 10,000/-**
4) Class of contractor :- **"B" & "A" Class**
5) Date & time of available in website & receipt of bids :- **11.00 hrs. of 26.10.2018 to 17.00 hrs. of 09.11.2018**
6) Date of opening of technical bid :- **13.11.2018 at 11.30 hrs.**
7) The bidders have to participate in ONLINE bidding only. Further details can be seen from the State Govt. Portal website **https://tendersodisha.gov.in**.
8) Any corrigendum / Addendum will be displayed in the website **https://tendersodisha.gov.in**.
**Sd./- (C.P. Gantayat)**
**Executive Engineer,**
**Bargarh (R&B) Division**
34039/11/0016/1819

GOVT. OF ODISHA No.642-A
DEPARTMENT OF WATER RESOURCES
O/O THE CHIEF RESEARCH OFFICER,
HIRAKUD RESEARCH STATION, HIRAKUD
Bid Identification No. CROHRSHKD-02 / 2018-19

| | | |
|---|---|---|
| 01. | Name of work | Procurement of Los Angles Abrasion Testing Machine, Aggragate Impact Test Apparatus, Specific Gravity Test Apparatus (Pycnometer) & Laboratory California Bearing Ratio Test Apparatus (Motorized) for Hirakud Research Station, Hirakud for the year 2018-19 |
| 02. | No. of works | 1 No. |
| 03. | Bid Identification No. | HRSHKD-02/2018-19 |
| 04. | Tender cost | Rs. 227600.00 |
| 05. | Bid Security | 1% of quoted amount |
| 06. | Cost of tender paper | Rs. 2,000/- |
| 07. | Period of procurement | 30 days |
| 08. | Date & time of availability of bid documents in the website http://www.dowrodisha.gov.in | From Dt.29.10.2018 (10.00 AM) to Dt.12.11.2018 (5.00 PM) |
| 09. | Time for receipt of bids in the specified tender box in the O/o the Chief Research Officer, Hirakud Research Station, Hirakud | Upto 5 PM of Dt.12.11.2018 |
| 10. | Date & time of opening of tender | Dt.13.11.2018 at 11 AM |
| 11. | Name and address of the officer inviting bid | Chief Research Officer, Hirakud Research Station, Hirakud, Odisha- 768016 |

Further details can be seen from the State Govt. website **http://www.dowrorissa.gov.in**.
**Sd./- Chief Research Officer**
32244/11/0005/1819 **Hirakud Research Station, Hirakud**

GOVT. OF ODISHA No.639-A
OFFICE OF THE SUPERINTENDING ENGINEER, EASTERN CIRCLE-II, CHANDIKHOLE
"e" Procurement Notice No. SEEC-II 05 of 2018-19

| | | | |
|---|---|---|---|
| 1 | Name of the works | 1 | Improvement to Road on Mahakalapada Chhapali Saline Embankment from RD 1100m. to 2350m. & 14500m. to 18500m. for the year 2018-19. |
| | | 2 | Improvement to Road on Badhi Badamohanpur Saline Embankment from RD 1200m. to 4500m. in Mahakalapada Block of Kendrapara District for the year 2018-19. |
| 2 | Total No. of Packages | : | 2 No. Individual Packages |
| 3 | Tender Cost | 1 | Rs.3,50,63,872.88 |
| | | 2 | Rs.1,98,35,682.03 |
| 4 | Bid Document Cost | : | Rs.10,000.00 (On-line payment) for each Package |
| 5 | Bid Security | 1 | Rs.3,50,700.00 (On-line payment) |
| | | 2 | Rs.1,98,400.00 (On-line payment) |
| 6 | Class of Contractor | 1 | 'A' Class & 'Special' Class Contractor |
| | | 2 | 'B' Class & 'A' Class Contractor |
| 7 | Period of Completion | 1 | 06 (Six) calendar months |
| | | 2 | 04 (Four) calendar months |
| 8. | Other details are as follows. | | |

| Procurement Officer | Bid Identification No. | Availability of Tender Online for bidding | | Date of Opening of Technical Bid (Cover-I) |
|---|---|---|---|---|
| | | From | To | |
| Superintending Engineer, Eastern Circle-II, Chandikhole | SEEC-II AUL 04 OF 2018-19<br>SEEC-II AUL 05 OF 2018-19 | 23.10.2018 at 10.00 hrs. | 06.11.2018 upto 17.00 hrs. | 08.11.2018 at 11.30 hrs. |

9. e-mail id : seec2chandikhole@gmail.com
Further detail conditions can be seen from the Govt. **website www.tendersorissa.gov.in**.
32322/11/0007/1819 **Sd./- Superintending Engineer, Eastern Circle-II, Chandikhole**

No. 905-O
स्वच्छ भारत
एक कदम स्वच्छता की ओर
OFFICE OF THE EXECUTIVE ENGINEER, RWS&S DIVISION
VILL. AMBAGUDA, PO: J.S.CO. RAYAGADA-765 002.
e-mail id: eerwss_rgd@nic.in. eerwssrgd@gmail.com, Phone No: 8280408061
QUOTATION CALL NOTICE
No. 3682 Date. 4.10.2018
The Executive Engineer, RWSS Division, Rayagada on behalf of the Governor of Odisha, invites sealed quotation from eligible, experienced and registered contractors/ manufacturers/ general order suppliers having past experience in supplying, erecting, testing and commissioning of Pressure Filter for Piped Water Supply scheme to village Derigam of Padmapur Block in Rayagada District as per the enclosed schedule and following terms and conditions.

| Description of Works | Qty. | Unit | Rate in figure (Rs.) | Rate in words (Rs.) |
|---|---|---|---|---|
| Supply, erection, testing and commissioning of mid steel fabricated Pressure Filter having flow rate of 20m3/hr. with RCC foundation along with provision for Alum dosing arrangement, valves, air blower, with suitable inlet and outlet, backwash arrangements and required accessories and supply of all required materials, labour and T&P, Nuts & bolts etc complete at the site of the work: | 1 | Each | | |

1. The quotation should be supported with
a. EMD of 1% of the bid value in shape of NSC/ KVP/ POTD/ TDR of any schedule bank pledged in favor of the Executive Engineer, RWSS Division, Rayagada.
b. Xerox copies of PAN card and GSTIN form.
2. Quotation with NO. EMD/ part EMD and those received beyond schedule date and time as well as a conditional quotation shall be automatically rejected.
3. The bidder should enclose the attested copy/ original work order/ work done certificate from other organization where he has completed the works of same nature in all respect, as proof of experience.
4. Experience certificate, performance records of the bidder obtained from the competent authority not below the rank of Executive Engineer should be attached with the quotation without which the tender will be liable for rejection. Experience certificate is strictly mandatory.
5. The supplier should hand over guarantee card of the manufacturer.
6. An affidavit towards authentication of document must be attached with the Quotation.
7. After completion of installation, Testing and commissioning the agency should ensure that the post Turbidity limit of the treated water is within the permissible limit as per the manual.
8. The supplier shall provide all labor, materials, free of cost for running/ repair and maintenance of iron removal plants on call as and when required, for a period of one year from the date of handling over to the department.
9. 5% of the Basic Cost will be withheld as security deposit for a defect liability period of 12 months from the date of commission.
10. GST will be paid extra as applicable.
11. All the taxes like income tax labour cess, royalty, etc shall be deducted from the bill as prevailing rule.
12. The supplier shall provide all labor and materials free of cost for running/ repair and maintenance of iron removal plants on call as and when required, for a period of one year from the date of handing over to the department.
13. The work should be completed within two months from the date of issue of the work order.
14. The bidders are advised to inspect the sites and consult the A.E.E, RWSS Sub-Division, Chandikhol before submitting the quotation.
15. The last date of receipt of sealed quotation in the tender box at the Office of the Executive Engineer, RWS&S Division, Rayagada is 29.10.18 up to 5.00 PM and the quotation will be opened on 30.10.2018 in the presence of the tenders or their authorized representatives.
16. The authority reserves the right to reject any or all quotation or accept any quotation or distribute the work amongst the valid quotationers without assigning any reason thereof.
25007/11/0014/1819 **Executive Engineer, R.W.S&S Division, Rayagada**



୨୦୧୯ରେ ଭାଜପାକୁ କ୍ଷମତାରୁ ଦୂରେଇ ରଖିବା ପାଇଁ ପ୍ରସ୍ତାବିତ ମହାମେଣ୍ଟର ସବୁ ସହଯୋଗୀ ଦଳକୁ ତ୍ୟାଗ କରିବାକୁ ପଡ଼ିବ। କାରଣ କଂଗ୍ରେସ ନିଜସ୍ୱ ବଳରେ କ୍ଷମତାସୀନ ହୋଇପାରିବ ନାହିଁ।

-ସଲମାନ୍ ଖୁର୍ସିଦ, ବରିଷ୍ଠ କଂଗ୍ରେସ ନେତା

## ସିବିଆଇ କରିଡରରେ ଲଢ଼େଇ

**ନୂଆଦିଲ୍ଲୀ,୨୧।୧୦**

କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) କରିଡରରେ ଅହମିକାର ଲଢ଼େଇକୁ ନେଇ କୁହୁଳୁଥିବା ଧୂଆଁରୁ ଶେଷରେ ନିଆଁ ଉଠିଛି। ତଦନ୍ତକାରୀ ସଂସ୍ଥାର ୨ ନମ୍ବର କୁହାଯାଉଥିବା ସ୍ପେଶାଲ ଡାଇରେକ୍ଟର ରାକେଶ ଅସ୍ଥାନାଙ୍କ ନାଁରେ ଖୋଦ୍ ସିବିଆଇ ଦାଏର କରିଛି ଲାଞ୍ଚ ମାମଲା। ମାଂସ ବ୍ୟବସାୟୀ ମୋଇନ୍ କୁରେଶୀ ଜଡ଼ିତ ଥିବା ଏକ ମାମଲାକୁ ରଫାଦଫା କରିବା ପାଇଁ ୨ କୋଟି ଟଙ୍କା ଲାଞ୍ଚ ନେଇଥିବା ଅଭିଯୋଗରେ ତାଙ୍କ ବିରୋଧରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା କୁହାଯାଉଛି। ହେଲେ ରାକେଶ ଏଭଳି ଅଭିଯୋଗକୁ ଖଣ୍ଡନ କରିଛନ୍ତି। ସେ କେନ୍ଦ୍ର ସରକାରଙ୍କ ନିକଟକୁ ଏକ ପତ୍ର ଲେଖି ଏହାକୁ ତାଙ୍କ ବିରୋଧରେ ଷଡ଼ଯନ୍ତ୍ର ବୋଲି ଅଭିହିତ କରିଛନ୍ତି।

ସିବିଆଇକୁ ଦେଶର ସର୍ବାଧିକ ଭରସାଯୋଗ୍ୟ ତଦନ୍ତକାରୀ ସଂସ୍ଥା ବୋଲି କୁହାଯାଏ। ବରିଷ୍ଠ ଆଇପିଏସ୍ ଅଧିକାରୀ ଆଲୋକ ବର୍ମା ଏହାର ନିର୍ଦ୍ଦେଶକ ଥିବାବେଳେ ରାକେଶ ଅସ୍ଥାନା ହେଉଛନ୍ତି ସ୍ୱତନ୍ତ୍ର ନିର୍ଦ୍ଦେଶକ। ଅର୍ଥାତ୍ ଆଲୋକଙ୍କ ପରେ ସିବିଆଇର ଦ୍ୱିତୀୟ ପ୍ରଭାବଶାଳୀ ଅଧିକାରୀ ହେଉଛନ୍ତି ରାକେଶ। ହାଇଦ୍ରାବାଦର ମାଂସ ବ୍ୟବସାୟୀ ସତୀଶ ସାନାଙ୍କ ଅଭିଯୋଗ ଆଧାରରେ ରାକେଶଙ୍କ ବିରୋଧରେ ଏହି



ରାକେଶ ଅସ୍ଥାନା



ଆଲୋକ ବର୍ମା

ଲାଞ୍ଚ ମାମଲା ଦାଏର ହୋଇଛି। ମୋଇନ୍ କୁରେଶୀ ସମ୍ପୃକ୍ତ ଥିବା ଏକ ମନିଲଣ୍ଡରିଂ ମାମଲାର ତଦନ୍ତ ୨୦୧୭ ଅଗଷ୍ଟରେ ରାକେଶଙ୍କ ଅଧ୍ୟକ୍ଷତାରେ ଗଠିତ ଏକ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍ଆଇଟି) କରୁଛି। ଉକ୍ତ ମାମଲାର ତଦନ୍ତକୁ ପ୍ରଭାବିତ କରିବା ଲାଗି ରାକେଶଙ୍କୁ ୨ କୋଟି ଟଙ୍କା ଦିଆଯାଇଥିବା ସତୀଶ ନିଜ ବୟାନରେ କହିଛନ୍ତି। ୨୦୧୭ ଡିସେମ୍ବରରୁ ୧୦ ମାସ ଭିତରେ ଏହି ଟଙ୍କା ଦିଆଯାଇଛି। ତେଣୁ ସିବିଆଇ ରାକେଶଙ୍କ ବିରୋଧରେ ମାମଲା ରୁଜୁ କରୁ ବୋଲି ସତୀଶ ଦାବି କରିଥିଲେ। ମିଳିଥିବା ସୂଚନାନୁସାରେ, ଦୁବାଇରେ ରହୁଥିବା ମନୋଜ କୁମାର ନାମକ ଜଣେ ମଧ୍ୟସ୍ଥ କୁରେଶୀଙ୍କ ପକ୍ଷରୁ ଉକ୍ତ ଟଙ୍କା ରାକେଶଙ୍କୁ ଦେଇଥିଲେ। ନିକଟରେ ଗିରଫ ହୋଇଥିବା ମନୋଜ ଲାଞ୍ଚ ଅର୍ଥ ଦେଇଥିବା ନେଇ ଜଣେ ମାଜିଷ୍ଟ୍ରେଟ୍ଙ୍କ ଆଗରେ ମଧ୍ୟ ସ୍ୱୀକାର କରିଥିଲେ। କୁରେଶୀଙ୍କୁ ଗତବର୍ଷ ଅଗଷ୍ଟରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଗିରଫ କରିଥିଲା। ତାଙ୍କ ବିରୋଧରେ ଥିବା ମନିଲଣ୍ଡରିଂ ମାମଲାର ତଦନ୍ତ ଉଭୟ ସିବିଆଇ ଏବଂ ଇଡି ମିଳିତ ଭାବେ କରୁଛନ୍ତି। ଅକ୍ଟୋବର ୧୫ରେ ଦାଏର ସିବିଆଇ ଏଫ୍ଆଇଆର୍ରେ ରାକେଶଙ୍କ ସହ ଭାରତର ବାହ୍ୟ ଗୋଇନ୍ଦା ସଂସ୍ଥା ରିସର୍ଚ୍ଚ ଆଣ୍ଡ ଆନାଲିସିସ୍ ୱିଙ୍ଗ୍ସ (ର)ର ସ୍ୱତନ୍ତ୍ର ନିର୍ଦ୍ଦେଶକ ସାମନ୍ତ କୁମାର ଗୋଏଲଙ୍କ ନାମ ମଧ୍ୟ ରହିଛି। କିନ୍ତୁ ସାମନ୍ତଙ୍କୁ ଏଥିରେ ଅଭିଯୁକ୍ତ ଦର୍ଶାଯାଇ ନାହିଁ। ଏହି ଟଙ୍କା ନେଣଦେଣ ପ୍ରକ୍ରିୟାରେ ସାମନ୍ତ ସହାୟତା କରିଥିବା ନେଇ ମଧ୍ୟ ମନୋଜ ପ୍ରଘଟ କରିଥିଲେ।

- ସ୍ପେଶାଲ ଡାଇରେକ୍ଟର ରାକେଶ ଅସ୍ଥାନାଙ୍କ ନାଁରେ ଏଫ୍ଆଇଆର୍
- ମାମଲା ରଫାଦଫା ପାଇଁ ୨ କୋଟି ଲାଞ୍ଚ ନେଇଥିବା ଅଭିଯୋଗ

ସିବିଆଇ ଏହି ସମଗ୍ର ଘଟଣାକ୍ରମକୁ ନେଇ ଟେଲିଫୋନ୍ ବାର୍ତ୍ତାଳାପ, ହ୍ୱାଟ୍ସଆପ୍ ମେସେଜ୍, ମନି ଟ୍ରାଏଲ୍ ଏବଂ ଏକ ଷ୍ଟେଟ୍ମେଣ୍ଟ ମାଜିଷ୍ଟ୍ରେଟ୍ଙ୍କ ନିକଟରେ ଦାଖଲ କରିଥିବା କୁହାଯାଉଛି।

ସଦ୍ୟ କାର୍ଯ୍ୟାନୁଷ୍ଠାନ ପରେ ସିବିଆଇର ଦୁଇ ହାଇପ୍ରୋଫାଇଲ ଅଧିକାରୀ ଆଲୋକ ଓ ରାକେଶଙ୍କ ମଧ୍ୟରେ ବିବାଦ ଆଗକୁ ଅଧିକ ଘନୀଭୂତ ହେବ ବୋଲି କୁହାଯାଉଛି। ପୂର୍ବତନ ରେଳମନ୍ତ୍ରୀ ଲାଲୁପ୍ରସାଦ ଯାଦବ ସମ୍ପୃକ୍ତ ଥିବା ଆର୍ସିଟିସି ଦୁର୍ନୀତି ମାମଲାରେ ଆଲୋକ ହସ୍ତକ୍ଷେପ କରୁଥିବା ନେଇ ପୂର୍ବରୁ ରାକେଶ ଅଭିଯୋଗ କରିଥିଲେ। ଏହାକୁ ସିବିଆଇ ନିର୍ଦ୍ଦେଶକ ଖଣ୍ଡନ କରି ଓଲଟା ରାକେଶଙ୍କ ବିରୋଧରେ ଏକାଧିକ ଅଭିଯୋଗ ଆଣିଥିଲେ। ଏପରି କି ସେ ୧୯୮୪ ବ୍ୟାଚ୍ ଗୁଜରାଟ କ୍ୟାଡରର ଆଇପିଏସ୍ ଅଧିକାରୀ ରାକେଶଙ୍କ ସିବିଆଇ ସ୍ପେଶାଲ ଡାଇରେକ୍ଟର ଭାବେ ପଦୋନ୍ନତିକୁ ମଧ୍ୟ ବନ୍ଦ କରିବାକୁ ଉଦ୍ୟମ କରିଥିଲେ।

## ସଂକ୍ଷେପରେ

### ତାଇୱାନରେ ଟ୍ରେନ୍ ଦୁର୍ଘଟଣା: ୨୨ ମୃତ



**ତାଇପେଇ,୨୧।୧୦(ପି.ଟି.):** ତାଇୱାନ୍ର ଦକ୍ଷିଣ-ପଶ୍ଚିମ ଉପକୂଳବର୍ତ୍ତୀ ଅଞ୍ଚଳ ଅଭିମୁଖେ ଯାତ୍ରା କରୁଥିବା ଏକ ଏକ୍ସପ୍ରେସ୍ ଟ୍ରେନ୍ ରବିବାର ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିଯୋଗୁ ୨୨ ଜଣଙ୍କ ମୃତ୍ୟୁ ଘଟିବା ସହ ଅନ୍ୟ ୧୨୦ ଜଣ ଆହତ ହୋଇଛନ୍ତି। ପ୍ୟୁମା ଏକ୍ସପ୍ରେସ୍ରେ ୩୦୦ରୁ ଅଧିକ ଯାତ୍ରୀ ଥିଲେ। ତାଇତୁଙ୍ଗ୍ ସିଟି ଆଡ଼କୁ ଯାତ୍ରା କରିବାବେଳେ ଅପରାହ୍ନ ୪ଟା ୫୦ରେ ଡୁଙ୍ଗ୍ଶାନ୍ ନିକଟରେ ଟ୍ରେନ୍ଟି ଲାଇନଚ୍ୟୁତ ହୋଇଥିଲା। ଶତାଧିକ ଆହତ ହୋଇଥିଲେ। ହସ୍ପିଟାଲରେ ପହଞ୍ଚିବା ପୂର୍ବରୁ ୨୨ ଜଣ ହୃଦ୍ଘାତ ଯୋଗୁ ପ୍ରାଣ ହରାଇଥିଲେ। ଅନ୍ୟ ଆହତମାନଙ୍କ ଚିକିତ୍ସା ଚାଲିଛି।

### ୟାମିନଙ୍କ ପରାଜୟ ସୁପ୍ରିମକୋର୍ଟରେ କାଏମ



**କଲମ୍ବୋ,୨୧।୧୦(ପି.ଟି.):** ମାଳଦ୍ୱୀପରେ ରାଷ୍ଟ୍ରପତି ନିର୍ବାଚନକୁ ନେଇ ସୃଷ୍ଟି ହୋଇଥିବା ବିବାଦ ଥମୁନାହିଁ। ବିଦାୟୀ ରାଷ୍ଟ୍ରପତି ଅବ୍ଦୁଲ୍ଲା ୟାମିନ ନିଜ ବୃହତ୍ ପରାଜୟକୁ ସହଜେ ହଜମ କରିପାରୁ ନାହାନ୍ତି। ଭୋଟବେଳେ ନିର୍ବାଚନ କମିଶନ ହେରଫେର କରିଥିବା ଅଭିଯୋଗ ଆଣି ସେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ନିର୍ବାଚନ ଫଳାଫଳ ଉପରେ ରହିତାଦେଶ ଜାରି କରିବାକୁ ସେ ଆବେଦନରେ ଦର୍ଶାଇଛନ୍ତି। ରବିବାର ଅଦାଲତ ଏହି ପିଟିଶନର ଶୁଣାଣି କରି ୟାମିନଙ୍କୁ ନିରାଶ କରିଛନ୍ତି। ନିର୍ବାଚନ ଫଳାଫଳ କାଏମ ରହିବ ବୋଲି କୋର୍ଟ ସ୍ପଷ୍ଟ କରିଛନ୍ତି। ପାଞ୍ଚ ଜଣିଆ ଖଣ୍ଡପୀଠ ଏହି ରାୟ ଦେବା ପରେ ୟାମିନଙ୍କୁ ଶକ୍ତ ଝଟକା ଲାଗିଛି। ପ୍ରକାଶ ଯେ, ସେପ୍ଟେମ୍ବର ୨୩ ନିର୍ବାଚନରେ ଇବ୍ରାହିମ୍ ମହମ୍ମଦ ସୋଲି ବିପୁଳ ବିଜୟ ଲାଭ କରିଥିଲେ। କିନ୍ତୁ ପରାଜୟ ସ୍ୱୀକାର କରିବାକୁ ନାରାଜ ଥିଲେ ୟାମିନ। ଅନ୍ତର୍ଜାତୀୟ ସ୍ତରରେ ଚାପ ପଡ଼ିବାରୁ ସେ ହାର୍ ମାନିଥିଲେ। କିନ୍ତୁ ପରେ ସେ ସୁପ୍ରିମକୋର୍ଟରେ ନିର୍ବାଚନ କମିଶନଙ୍କ ଫଳାଫଳ ଘୋଷଣାକୁ ଚ୍ୟାଲେଞ୍ଜ କରିଥିଲେ।

### ଯୁଦ୍ଧର ୫୬ ବର୍ଷ ପରେ ମିଳିଲା କ୍ଷତିପୂରଣ

**ବୋମଡିଲା,୨୧।୧୦(ପି.ଟି.):** ଭାରତ-ଚାଇନା ଯୁଦ୍ଧର ୫୬ ବର୍ଷ ପରେ ଅରୁଣାଚଳ ପ୍ରଦେଶର ଦକ୍ଷିଣ କାମେଙ୍ଗ ଜିଲାର ଗ୍ରାମବାସୀଙ୍କୁ ମିଳିଛି ୩୮ କୋଟି ଟଙ୍କାର କ୍ଷତିପୂରଣ। ଶୁକ୍ରବାର ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ କିରେନ୍ ରିଜିଜୁ ଏବଂ ମୁଖ୍ୟମନ୍ତ୍ରୀ ପେମା ଖାଣ୍ଡୁ ଗ୍ରାମବାସୀଙ୍କୁ ୩୭.୭୩ କୋଟି ଟଙ୍କାର ଚେକ୍ ପ୍ରଦାନ କରିଛନ୍ତି। ଉକ୍ତ ଭୂମି ଏକ ଗୋଷ୍ଠୀଗତ ସମ୍ପତ୍ତି ହୋଇଥିବାରୁ କ୍ଷତିପୂରଣ ରାଶିକୁ ଗାଁ ଲୋକଙ୍କ ମଧ୍ୟରେ ନିଜ ନିଜ ଭାଗ ଅନୁଯାୟୀ ବାଣ୍ଟି ଦିଆଯିବ। ଚାଇନା ସହ ଯୁଦ୍ଧ ସମୟରେ ଭାରତୀୟ ସେନା ସ୍ଥାନୀୟ ଗ୍ରାମବାସୀଙ୍କ ଜମି ଅଧିଗ୍ରହଣ କରି ସେଠାରେ କ୍ୟାମ୍ପ, ବଙ୍କର ଏବଂ ବାରାକ୍ ନିର୍ମାଣ କରିଥିଲା।

### ଇତିହାସର ଆଇନାରେ

**ଅକ୍ଟୋବର ୨୨ର ପ୍ରମୁଖ ଘଟଣା**

୧୮୭୭ ଅକ୍ଟୋବର ୨୨ରେ ସ୍କଟଲାଣ୍ଡର ବ୍ଲାନଣ୍ଟେରି କୋଇଲା ଖଣିରେ ଦୁର୍ଘଟଣା ଘଟିଥିଲା। ଏଥିରେ ୨୦୭ ଜଣ ଖାଦାନ କର୍ମଚାରୀ ନିହତ ହୋଇଥିଲେ। ମୃତକଙ୍କ ମଧ୍ୟରେ ୧୧ ବର୍ଷର ଜଣେ ବାଳକ ରହିଥିଲେ।

୨୦୦୮ ଅକ୍ଟୋବର ୨୨ରେ ଭାରତ ପ୍ରଥମ ଥର ପାଇଁ ମାନବବିହୀନ ଲୁନାର୍ ମିଶନ୍ ଚନ୍ଦ୍ରାୟନ-୧ ଆରମ୍ଭ କରିଥିଲା। ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ଏହାର ଶୁଭାରମ୍ଭ କରିଥିଲା।

■ ରାବଣ ପୋଡ଼ି ଉତ୍ସବବେଳେ ଟ୍ରେନ ଦୁର୍ଘଟଣା: ତେଜୁଛି ବିବାଦ

## ଅଶାନ୍ତ ଅମୃତସରରେ ହିଂସା



**ଅମୃତସର,୨୧।୧୦(ପି.ଟି.)**

ପଞ୍ଜାବର ଅମୃତସରରେ ରାବଣ ପୋଡ଼ି ଉତ୍ସବ ଦେଖୁଥିବାବେଳେ ଏକ୍ସପ୍ରେସ୍ ଟ୍ରେନ୍ ମାଡ଼ିଯାଇ ୬୧ ଜଣ ପ୍ରାଣ ହରାଇବା ପରେ ଚାରିଆଡ଼େ ଖେଳିଯାଇଛି ଶୋକର ଛାୟା। ସ୍ଥାନୀୟ ପ୍ରଶାସନ ଏବଂ ରେଲଓ୍ୱେ କର୍ତ୍ତୃପକ୍ଷ ନିଜ ନିଜ ମୁଣ୍ଡରୁ ଦୋଷ ଖସାଇବାକୁ ଉଦ୍ୟମ ଚଳାଇବା ସହ ଅପରକୁ ଦାୟୀ କରୁଛନ୍ତି। ଏହି ଘଟଣାକୁ ନେଇ ରାଜ୍ୟର କଂଗ୍ରେସ ସରକାର ଏବଂ କେନ୍ଦ୍ର ମଧ୍ୟ ପରସ୍ପରକୁ ଦାୟୀ କରୁଛନ୍ତି। ଗୋଟିଏ ପଟେ ଏଭଳି କାଦୁଅଫିଙ୍ଗା ଲାଗିରହିଥିବାବେଳେ ଅନ୍ୟପଟେ ଅମୃତସରର ବିଭିନ୍ନ ସ୍ଥାନରେ ରବିବାର ବିକ୍ଷୋଭ ପ୍ରଦର୍ଶନ ହୋଇଛି। ଅନେକ ଜାଗାରେ ଏହା ହିଂସା ରୂପ ଧାରଣ କରିଛି। ପୋଲିସ ଓ ଉତ୍ତ୍ୟକ୍ତ ଜନତା ହାତାହାତି ହୋଇଯିବାରୁ ପରିସ୍ଥିତି ଭୟଙ୍କର ହୋଇଛି। ବିକ୍ଷୋଭକାରୀଙ୍କ ଟେକାମାଡ଼ରେ ଅନେକ ପୋଲିସ କର୍ମଚାରୀ ଓ ଖବରଦାତା ମଧ୍ୟ ଆହତ ହୋଇଛନ୍ତି। ଯୋଡ଼ା ଫାଟକସ୍ଥିତ ରେଳ ଟ୍ରାକ୍ ଉପରେ ଅନେକ ଲୋକ ଧାରଣାରେ ବସିଥିଲେ। ପଞ୍ଜାବର ଅତିରିକ୍ତ ପୋଲିସ ଡିଜି ଇକ୍ବାଲ ପ୍ରୀତି ସିଂ ସହୋତା ଘଟଣାର ତଦନ୍ତ କରିବେ। ଶୁକ୍ରବାର ସନ୍ଧ୍ୟାରେ ଏତେବଡ଼ ଦୁର୍ଘଟଣା ଘଟି ଏତେସଂଖ୍ୟକ ଜୀବନ ଯାଇଥିବାରୁ ଅନେକ ପରିବାର ଉଜୁଡ଼ିଯାଇଛି। ଏଭଳି ହୃଦୟବିଦାରକ ଘଟଣା ପାଇଁ ଉଭୟ ରାଜ୍ୟ ସରକାର ଏବଂ ରେଲଓ୍ୱେକୁ ଦାୟୀ କରୁଛନ୍ତି ସ୍ଥାନୀୟ ଲୋକେ। ରାସ୍ତାକୁ ଓହ୍ଲାଇ ପ୍ରତିବାଦର ସ୍ୱର ଉଠାଇବା ସହ ପଞ୍ଜାବ ମନ୍ତ୍ରୀ ନବଜୋତ ସିଂ ସିଦ୍ଧୁଙ୍କ ଇସ୍ତଫା ଦାବିରେ ସେମାନେ ଅଡ଼ିବସିଛନ୍ତି। ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂଙ୍କ ବିରୋଧରେ ସେମାନେ ନାରାବାଜି କରିଥିଲେ। ବିକ୍ଷୋଭକାରୀଙ୍କୁ ହଟାଇବା ସହ ରେଳ ଟ୍ରାକ୍ ଫାଙ୍କା କରିବା ଲାଗି ପଞ୍ଜାବ ପୋଲିସ କମାଣ୍ଡୋଙ୍କ ସମେତ ଅନ୍ୟ ସୁରକ୍ଷାକର୍ମୀଙ୍କୁ ମୁତୟନ କରିଥିଲା। ଯୋଡା ଫାଟକ ଅଞ୍ଚଳରେ ର୍ୟାପିଡ୍ ଆକ୍ସନ ଫୋର୍ସ ମଧ୍ୟ ମୁତୟନ ହୋଇଥିଲେ। କିନ୍ତୁ ପୋଲିସର କଟକଣାକୁ ବିକ୍ଷୋଭକାରୀ ଖାତିର କଲେ ନାହିଁ। ଫଳରେ ଉଭୟ ପକ୍ଷ ମଧ୍ୟରେ ସଂଘର୍ଷ ଘଟିଥିଲା।

ତେବେ ଅମୃତସରରେ ଘଟିଥିବା ଏହି ହୃଦୟବିଦାରକ ଘଟଣା ପାଇଁ ଦାୟୀ ନ ଥିବା ଦର୍ଶାଇ ସମସ୍ତ ପକ୍ଷ ସଫେଇ ଦେଉଛନ୍ତି। ଏହି ଘଟଣା ପାଇଁ କୌଣସି ତ୍ରୁଟି ନ ଥିବାରୁ ତଦନ୍ତ କରିବାର ପ୍ରଶ୍ନ ଉଠୁ ନାହିଁ ବୋଲି ରେଲଓ୍ୱେ ବିଭାଗ କହିଛି। ଏହାକୁ ନେଇ କଂଗ୍ରେସ ପ୍ରଶ୍ନ ଉଠାଇଛି। ରେଲଓ୍ୱେ ପକ୍ଷରୁ ତଦନ୍ତକୁ କାହିଁକି ଏଡ଼ାଇଦିଆଯାଉଛି ବୋଲି କଂଗ୍ରେସ ମୁଖପାତ୍ର ଅଭିଷେକ ମନୁ ସିଙ୍ଘଭୀ କହିଛନ୍ତି। ସେହିପରି ନବଜୋତ ସିଂ ସିଦ୍ଧୁ ରେଲଓ୍ୱେ ବିଭାଗ ଉପରେ ବର୍ଷିଛନ୍ତି।

- ପୋଲିସ, ଖବରଦାତାଙ୍କୁ ଟେକାମାଡ଼: ଅନେକେ ଆହତ
- ସିଦ୍ଧୁଙ୍କ ଇସ୍ତଫା ଦାବିରେ ଅଡ଼ିବସିଲେ ବିକ୍ଷୋଭକାରୀ
- ଜାରି ରହିଛି ଦୋଷ ଲଦାଲଦି

## ସାବରିମାଳାରେ ଆଉ ୬ ମହିଳାଙ୍କ ପ୍ରବେଶକୁ ବିରୋଧ

**ପମ୍ବା,୨୧।୧୦(ପି.ଟି.):** ପ୍ରସିଦ୍ଧ ସାବରିମାଳା ମନ୍ଦିରରେ ସବୁ ବୟସର ମହିଳାମାନେ ପ୍ରବେଶ କରିପାରିବେ ବୋଲି ସୁପ୍ରିମକୋର୍ଟ ରାୟ ଦେବା ସତ୍ତ୍ୱେ ବିବାଦ ଥମୁ ନାହିଁ। ମାସିକ ପୂଜା ଲାଗି ପାଞ୍ଚଦିନ ହେଲା ମନ୍ଦିର ଖୋଲାଯାଇଥିଲେ ସୁଦ୍ଧା ଭଗବାନ ଆୟାପ୍ପାଙ୍କ ଦର୍ଶନ ଲାଗି ମହିଳାଙ୍କୁ ଅନୁମତି ଦେଉ ନାହାନ୍ତି ପୁରୁଷ ଶ୍ରଦ୍ଧାଳୁ। ହାଇଡ୍ରାମା ଭିତରେ ରବିବାର ଆଉ ୬ ମହିଳା



ଏହି ମନ୍ଦିରକୁ ଯାଇଥିଲେ। ତେଲୁଗୁ ଭାଷାଭାଷୀ ଏହି ମହିଳାମାନେ ମନ୍ଦିର ପରିସରରେ ପାଦ ଦେବା ମାତ୍ରେ ବିରୋଧକାରୀମାନେ ଆୟାପ୍ପାଙ୍କ ମନ୍ତ୍ର ଉଚ୍ଚାରଣ କରି ଅଟକାଇଥିଲେ। ସେମାନଙ୍କୁ ଭିତରକୁ ଯିବା ଲାଗି ଅନୁମତି ଦେଲେ ନାହିଁ। ୧୦ରୁ ୫୦ ବର୍ଷ ପର୍ଯ୍ୟନ୍ତ ମହିଳାମାନେ 'ନାସ୍ତିକ ବ୍ରହ୍ମଚାରୀ' ଆୟାପ୍ପାଙ୍କ ଦର୍ଶନ କରିବା ମହାପାପ ବୋଲି ଏମାନଙ୍କ ଧାରଣା ରହିଛି।

## ଫୁରସତ

## ଚାଇନାର ସର୍ବବୃହତ୍ ଜଳାବତରଣକାରୀ ବିମାନ

**ବେଜିଂ:** ଚାଇନା ପ୍ରଥମ କରି ସ୍ୱଦେଶୀ ଜ୍ଞାନକୌଶଳରେ ବିଶ୍ୱର ସର୍ବବୃହତ୍ ଜଳାବତରଣକାରୀ ବିମାନ ନିର୍ମାଣ କରିଛି। ଏହାକୁ ଶନିବାର ଜଳଭାଗରେ ଅବତରଣ କରାଯିବା ସହିତ ଏଠାରୁ ମଧ୍ୟ ଉଡାଣ କରାଯାଇଥିଲା। ଏହାର ନାମ ରଖାଯାଇଛି 'ଏୟାରକ୍ରାଫ୍ଟ ଏଜି ୬୦୦'। ରାଷ୍ଟ୍ରାୟତ୍ତ ବିମାନ ନିର୍ମାଣକାରୀ ସଂସ୍ଥା ଆଭିଏଶନ୍ ଇଣ୍ଡଷ୍ଟ୍ରି କର୍ପୋରେଶନ୍ ଅଫ୍ ଚାଇନା ଦ୍ୱାରା ଏହା ନିର୍ମାଣ କରାଯାଇଛି। ଚାଇନା ରାଷ୍ଟ୍ରପତି ଜି ଜିନ୍ପିଙ୍ଗ୍ ଏଥିପାଇଁ



ଅଭିନନ୍ଦନ ଜଣାଇଛନ୍ତି। ସେ ଏକ ବାର୍ତ୍ତାରେ କହିଛନ୍ତି, ଚାଇନାର ବିମାନ ଶିଳ୍ପ ଦ୍ୱାରା ସ୍ୱଦେଶରେ ନିର୍ମିତ ଏହି ଜଳାବତରଣକାରୀ ବିମାନ ଦେଶର ବିକାଶ ଦିଗରେ ଆଉ ଏକ ସଫଳତା।

## ୧୨ବର୍ଷରେ ଦୁର୍ଘଟଣା ନେଇଛି ୩୯ ଲକ୍ଷ ଜୀବନ

**ନୂଆଦିଲ୍ଲୀ:** ଭାରତରେ ବିଗତ ୧୨ବର୍ଷ ମଧ୍ୟରେ ଦୁର୍ଘଟଣା ଯୋଗୁ ୩୯ଲକ୍ଷ ଲୋକଙ୍କ ମୃତ୍ୟୁ ଘଟିଥିବା ନ୍ୟାଶନାଲ୍ କ୍ରାଇମ୍ ରେକର୍ଡ ବ୍ୟୁରୋ(ଏନ୍ସିଆରବି) ରିପୋର୍ଟରୁ ସୂଚନା ମିଳିଛି। ଅଧିକାଂଶ ଦୁର୍ଘଟଣାକୁ ଏଡ଼ାଇ ଦିଆଯାଇ ପାରିଥାଆନ୍ତା ବୋଲି ଏଥିରେ କୁହାଯାଇଛି। ନିବାରଣ ଯୋଗ୍ୟ ମୃତ୍ୟୁଘଟଣାକୁ ଅସ୍ୱାଭାବିକ ଦୁର୍ଘଟଣା ବୋଲି କୁହାଯାଇଛି। ଭାରତରେ ୨୦୦୪ରୁ ୨୦୧୫ ମଧ୍ୟରେ ବିଭିନ୍ନ ଦୁର୍ଘଟଣାରେ ୩୯ଲକ୍ଷ ଲୋକଙ୍କ ମୃତ୍ୟୁ ଘଟିଥିବା ବେଳେ କେବଳ ରେଳଟ୍ରାକ୍ ଏବଂ ରେଳକ୍ରସିଂରେ ୨୬,୦୦୦ ଲୋକଙ୍କ ମୃତ୍ୟୁ ହୋଇଛି। ଏଥିନେଇ ଦୈନିକ ହାରାହାରି ୬ଜଣଙ୍କ ମୃତ୍ୟୁ ଘଟୁଛି।

ବିଶେଷକରି ସଡ଼କ ଦୁର୍ଘଟଣାରେ ଏହି ସମୟ ମଧ୍ୟରେ ୧୫ଲକ୍ଷ ଲୋକଙ୍କ ମୃତ୍ୟୁ ଘଟିଛି। କେବଳ ୨୦୧୫ରେ ସଡକ ଦୁର୍ଘଟଣାରେ ପାଖାପାଖି ୧.୫ଲକ୍ଷ ଲୋକଙ୍କ ମୃତ୍ୟୁ ଘଟିଥିବା ବେଳେ ଏହା ୨୦୦୪ ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁସଂଖ୍ୟାର ୬୪%ରୁ ଅଧିକ।

ତ୍ରୁଟିପୂର୍ଣ୍ଣ ଯାନବାହନ ନିୟନ୍ତ୍ରଣ ବ୍ୟବସ୍ଥା, କୋହଳ ନୀତିନିୟମ ଏବଂ ସଚେତନତାର

**ଏନ୍ସିଆରବି ରିପୋର୍ଟ**



ଅଭାବକୁ ଅଧିକାଂଶ ଦୁର୍ଘଟଣା ପାଇଁ ଦାୟୀ କରାଯାଇଛି। କେତେକ ସ୍ଥାନର ପାଣିପାଗ ଏବଂ ଭୌଗୋଳିକ ପରିସ୍ଥିତି ମଧ୍ୟ 'ଦୁର୍ଘଟଣାସ୍ଥଳରେ ହିଁ ମୃତ୍ୟୁ' ପାଇଁ ଦାୟୀ। ଭାରତର ଦୈନିକ ୫୬ଜଣ ପଥଚାରୀ ସଡ଼କ ଦୁର୍ଘଟଣାରେ ମୃତ୍ୟୁବରଣ କରିଛନ୍ତି। ବିସ୍ଫୋରଣ, ଘର ଭୁଶୁଡ଼ିବା, କାରଖାନାରେ ଦୁର୍ଘଟଣା ଓ ଅଗ୍ନିକାଣ୍ଡ, ନିର୍ମାଣସ୍ଥଳ ଦୁର୍ଘଟଣା ଯୋଗୁ ମୃତ୍ୟୁସଂଖ୍ୟା ବୃଦ୍ଧି ପାଉଛି। ପାଣିରେ ବୁଡ଼ିଯାଇ ୩ ଲକ୍ଷ ଲୋକଙ୍କ ମୃତ୍ୟୁ ଘଟିଛି। ଡଙ୍ଗାବୁଡ଼ି ଯୋଗୁ ୮,୦୦୦ ଲୋକଙ୍କ ମୃତ୍ୟୁ ଘଟିଥିବା ବେଳେ କେତେକ ଲୋକ ଜଳାଶୟରେ ବୁଡ଼ି ପ୍ରାଣ ହରାଇଛନ୍ତି।



ରବିବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

**ରାଜ୍ୟ–**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାରେ ପାଗ ଶୁଖିଲା ରହିବ।

**ସ୍ଥାନୀୟ ଅଞ୍ଚଳ–**ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମୁଖ୍ୟତଃ ପରିଷ୍କାର ରହିବ। ସୋମବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୪ ଡିଗ୍ରୀ ଏବଂ ସର୍ବନିମ୍ନ ୨୩ ଡିଗ୍ରୀ ସେଲ୍ସିୟସ୍ ରହିବ ବୋଲି ପୂର୍ବାନୁମାନ କରାଯାଇଛି।

ରବିବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୩.୨ | ୨୦.୦ |
| ଚାନ୍ଦବାଲି | ୩୨.୨ | ୨୪.୦ |
| କଟକ | ୩୩.୨ | ୨୨.୪ |
| ପାରାଦ୍ୱୀପ | ୩୩.୪ | ୨୫.୩ |
| ଭୁବନେଶ୍ୱର | ୩୪.୦ | ୨୩.୧ |
| ଗୋପାଳପୁର | ୩୪.୮ | ୨୪.୩ |
| ପୁରୀ | ୩୪.୦ | ୨୬.୪ |
| ଅନୁଗୋଳ | ୩୪.୧ | ୧୯.୬ |
| ବାରିପଦା | ୩୧.୮ | ୨୦.୦ |
| ଝାରସୁଗୁଡ଼ା | ୩୫.୫ | ୧୯.୫ |
| କେନ୍ଦୁଝର | ୩୧.୪ | ୧୮.୨ |
| ସମ୍ବଲପୁର | ୩୪.୯ | ୨୧.୬ |
| ସୁନ୍ଦରଗଡ଼ | --- | --- |
| ହୀରାକୁଦ | ୩୪.୬ | ୨୧.୬ |
| ତାଳଚେର | ୩୬.୦ | ୧୯.୭ |
| ଭବାନୀପାଟଣା | ୩୨.୦ | ୨୧.୦ |
| ବଲାଙ୍ଗୀର | ୩୪.୦ | ୨୨.୨ |
| କୋରାପୁଟ | ୩୧.୦ | ୧୬.୪ |
| ଫୁଲବାଣୀ | ୩୨.୦ | ୧୬.୫ |
| ଟିଟିଲାଗଡ଼ | --- | ୨୦.୦ |
| ମାଲକାନଗିରି | ୩୪.୮ | --- |
| ସୋନପୁର | ୩୪.୮ | ୨୦.୪ |
| ଦାରିଙ୍ଗିବାଡ଼ି | --- | ୧୫.୦ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍ସିୟସ୍

## ନଭେମ୍ବରରେ ପଡ଼ିବ ହାତଗଣ୍ଠି

**ମୁମ୍ବାଇ:** ଖୁବ୍ଶୀଘ୍ର ଅଭିନେତ୍ରୀ ଦୀପିକା ପାଦୁକୋନ୍ ଏବଂ ରଣବୀର ସିଂଙ୍କ ହାତଗଣ୍ଠି ପଡ଼ିବ। ନଭେମ୍ବରରେ ଦୁହେଁ ବିବାହ କରିବାକୁ ଯାଉଥିବା ରବିବାର ଘୋଷଣା କରିଛନ୍ତି। ଉଭୟେ ନିଜର ସୋସିଆଲ୍ ମିଡିଆ ଆକାଉଣ୍ଟ୍ରେ ଏ ବିଷୟ ଶେୟାର କରିଛନ୍ତି। ଦୁହିଁଙ୍କ ପରିବାରଙ୍କ ଆଶୀର୍ବାଦ କ୍ରମେ ନଭେମ୍ବର ୧୪ ଓ ୧୫ରେ ଏହି ବିବାହ ଉତ୍ସବ ଅନୁଷ୍ଠିତ ହେବାକୁ ଯାଉଥିବା ସେମାନେ ପ୍ରକାଶ କରିଛନ୍ତି।

'ବର୍ଷ ବର୍ଷ ଧରି ଆପଣମାନେ ଆମକୁ ସ୍ନେହ ଶ୍ରଦ୍ଧା ଜଣାଇ ଆସିଛନ୍ତି। ଆମେ ପ୍ରେମ, ଅନୁରକ୍ତ, ବନ୍ଧୁତା ଏବଂ ଏକତ୍ର ଯାତ୍ରାରେ ଆପଣଙ୍କ ଆଶୀର୍ବାଦ କାମନା କରୁଛୁ। ସେଥିପାଇଁ ଆମ ଉଭୟଙ୍କ ପକ୍ଷରୁ ଅଶେଷ ସ୍ନେହ' ବୋଲି ସୋସିଆଲ୍ ମିଡିଆରେ ପୋଷ୍ଟ କରିଛନ୍ତି। ଦୀପିକାଙ୍କୁ ୩୨ବର୍ଷ ହୋଇଥିବା ବେଳେ ରଣବୀରଙ୍କୁ ୩୩। ପାରମ୍ପରିକ ନିମନ୍ତ୍ରଣ କାର୍ଡ ଉଭୟ ହିନ୍ଦୀ ଏବଂ ଇଂଲିଶ ଭାଷାରେ ଛପାଯାଇଛି। ତେବେ ଏହି ବିବାହ କେଉଁଠାରେ ହେବ ତାହା ସେମାନେ ଜଣାଇନାହାନ୍ତି। ଚଳିତ ବର୍ଷ ପ୍ରାରମ୍ଭରୁ ଉଭୟଙ୍କ ବିବାହ ନେଇ ପ୍ରଶଂସକ ମହଲରେ ଖୁବ୍ ଚର୍ଚ୍ଚା ହେଉଥିଲା। ତେବେ ବିବାହ ତାରିଖ ଘୋଷଣା ପରେ ଏ ସମ୍ପର୍କିତ କଳ୍ପନା ଜଳ୍ପନାର ଅବସାନ ଘଟିଛି। ଦୀପିକା ଏବଂ ରଣବୀର ଏକାଠି ପ୍ରଥମେ ସଞ୍ଜୟ ଲୀଲା ଭଂସାଲିଙ୍କ 'ରାମ-ଲୀଲା'ରେ କାମ କରିଥିଲେ। ସେମାନେ ମଧ୍ୟ ଭଂସାଲିଙ୍କ 'ବାଜିରାଓ ମସ୍ତାନି' ଏବଂ 'ପଦ୍ମାବତ୍' (ଚଳିତ ବର୍ଷର ପ୍ରଥମ ବ୍ଲକ୍ବଷ୍ଟର) ରେ ଅଭିନୟ କରି ଖୁବ୍ ଚର୍ଚ୍ଚିତ ହୋଇଛନ୍ତି।




**ଧରିତ୍ରୀର ବିଭିନ୍ନ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର**

ଭୁବନେଶ୍ୱର-(Code.0674) 2580101(Advt.), 2549302(News), Fax No. 2549795.Dharitri, ନୂଆଦିଲ୍ଲୀ-(011)23329821, 23329822, ନୂଆଦିଲ୍ଲୀ ପ୍ରତିନିଧି-09999032822, କଟକ ଅଫିସ-(0671)2321004, 2322004, ସମ୍ବଲପୁର-(0663) 2405816, ଢେଙ୍କାନାଳ ଅଫିସ-(06762)224254, ଫୁଲବାଣୀ ଅଫିସ-(06842)253116, 9438367053, ବଲାଙ୍ଗୀର ଅଫିସ-(06652)234333, ବରଗଡ ଅଫିସ-(06646)234789, ଅନୁଗୋଳ-(06764)237556, (ତାଳଚେର-(06760)241177, ରାଉରକେଲା ଅଫିସ-(0661)2643242, ସୁନ୍ଦରଗଡ଼-9437346088, ଯାଜପୁର ଅଫିସ-8895242449, ପାରାଦୀପ-(06722)221081, ବାଲେଶ୍ୱର ଅଫିସ-(06782)240604, ବାରିପଦା ଅଫିସ-9437018073, ଭବାନୀପାଟଣା-9437153870, ରାୟଗଡା ଅଫିସ-(06856)225625, 9437090496, କୋରାପୁଟ ଅଫିସ-06852252599, ଜୟପୁର-9437182105, ନବରଙ୍ଗପୁର-9437119068, ସୋନପୁର-9438739383, ଯାଜପୁର ରୋଡ଼-(06726)265030, ଖୋର୍ଦ୍ଧା ଅଫିସ-(06755)223444, ପୁରୀ ଅଫିସ-(06752)221922, ଆସ୍କା-(06822)273440, 272144, କେନ୍ଦୁଝର-9437197395, ଜଗତ୍ସିଂହପୁର ଅଫିସ-(06724)224030, 8763968203, ନୟାଗଡଅଫିସ-(06753)252710, ଭଦ୍ରକଅଫିସ-(06784)242101, ନୂଆପଡ଼ାଅଫିସ-(06678)223068, ଝାରସୁଗୁଡ଼ାଅଫିସ-(06645)272799, ଦେବଗଡ-9437121562, କେନ୍ଦ୍ରାପଡ଼ାଅଫିସ-06727233825, ପାରଳାଖେମୁଣ୍ଡି-9437140002.

# ବିବର୍ତ୍ତନର ଅନୁକରଣ



ପ୍ର. ରମେଶ ଚନ୍ଦ୍ର ପରିଡ଼ା

## ନୋବେଲ ପୁରସ୍କାର -୨୦୧୮ (ରସାୟନ ବିଜ୍ଞାନ)



ଫ୍ରାନ୍‌ସେସ୍ ଏଚ୍. ଆର୍‌ନୋଲ୍ଡ



ଜର୍ଜ ପି. ସ୍ମିଥ୍



ସାର୍ ଗ୍ରେଗୋରି ପି. ଉଇଣ୍ଟର

ଧରାପୃଷ୍ଠରେ ଜୀବଜଗତର ସୃଷ୍ଟି ଓ ବିକାଶ ମୂଳରେ ବିବର୍ତ୍ତନ ପ୍ରକ୍ରିୟା ହିଁ ପ୍ରମୁଖ ଭୂମିକା ଗ୍ରହଣ କରିଥିବାର ସ୍ୱୀକାର କରାଯାଏ। ଅନ୍ୟତମ ସର୍ବକାଳୀନ ଶ୍ରେଷ୍ଠ ବୈଜ୍ଞାନିକ ଚାର୍ଲସ୍ ଡାରୱଇନ୍ ତାଙ୍କର ସୁପ୍ରସିଦ୍ଧ ପୁସ୍ତକ 'ଅରିଜିନ୍ ଅଫ୍ ସ୍ପେସିଜ୍'ରେ ଏହି ମତବାଦର ସବିଶେଷ ବର୍ଣ୍ଣନା ମାଧ୍ୟମରେ ଜୀବବିଜ୍ଞାନକୁ ଏକ ଅଭିନବ ଦିଶା ପ୍ରଦାନ କରିଥିଲେ। ତହିଁରେ ସେ ସୂଚିତ କରିଥିଲେ ଯେ ଗୋଟିଏ ଜୀବଜାତିଠାରେ ଜୈବିକ ପରିବର୍ତ୍ତନ ହେତୁ ନୂତନ ଜୀବଜାତିର ସୃଷ୍ଟି ସମ୍ଭବ ହୋଇଥାଏ। ଏହି ପରିବର୍ତ୍ତନ ମୁଖ୍ୟତଃ ଜିନୀୟ ଧ୍ରୁବୀକରଣ ଫଳରେ ଘଟୁଥିବାର ଏବେ ସଚରାଚର ବିଶ୍ୱାସ କରାଯାଉଛି। ତେବେ, ତାହା ଘଟୁଥିଲା ପ୍ରାକୃତିକ ରୂପେ। ଏହି ଚିନ୍ତାଧାରାକୁ ଆଧାରକରି ବିଜ୍ଞାନାଗାରରେ ତାହାର ଅନୁକରଣ କରିବା ଏବଂ ତାହାକୁ ମାନବ ଜାତିର କଲ୍ୟାଣରେ ଲଗାଇବାର ପଥ ଉନ୍ମୁକ୍ତ କରିବା ହେତୁ ଚଳିତ ୨୦୧୮ ମସିହାରେ ରସାୟନ ବିଜ୍ଞାନରେ ନୋବେଲ ପୁରସ୍କାର ପାଇଛନ୍ତି ତିନିଜଣ କୃତବିଦ୍ୟ ରସାୟନ ବିଜ୍ଞାନୀ ଆମେରିକାର କାଲିଫର୍ନିଆ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିର ଫ୍ରାନ୍‌ସେସ୍ ଏଚ୍. ଆର୍‌ନୋଲ୍ଡ , ସେହି ଦେଶର ୟୁନିଭର୍ସିଟି ଅଫ୍ ମିଶୋରିର ଜର୍ଜ ପି. ସ୍ମିଥ୍ ଏବଂ ଇଂଲଣ୍ଡର ଏମ୍ଆର୍‌ସି ଲ୍ୟାବ୍ ଅଫ୍ ମଲିକ୍ୟୁଲାର ବାଇଓଲୋଜିର ସାର୍ ଗ୍ରେଗୋରି ପି. ଉଇଣ୍ଟର। ଏଠାରେ ଉଲ୍ଲେଖଯୋଗ୍ୟ ଯେ ନୋବେଲ ପୁରସ୍କାର ଇତିହାସରେ ରସାୟନ ବିଜ୍ଞାନରେ ଏହା ପ୍ରାପ୍ତ ହୋଇଥିବା ମହିଳାମାନଙ୍କ ମଧ୍ୟରେ ଆର୍‌ନୋଲ୍ଡ ହେଲେ ପଞ୍ଚମ। ତାଙ୍କ ଅବଦାନର ଗୁରୁତ୍ୱ ବିଚାରକୁ ନେଇ ତାଙ୍କୁ ଏହାର ଅର୍ଥରାଶିର ଅର୍ଦ୍ଧେକ ଅର୍ଥାତ୍ ପ୍ରାୟ ୧ନିୟୁତ ଡଲାର ପ୍ରଦାନ କରାଯିବ। ଅବଶିଷ୍ଟକୁ ଅନ୍ୟ ଦୁହିଁଙ୍କ ମଧ୍ୟରେ ସମାନଭାବେ ଆବଣ୍ଟନ କରାଯିବ।

> ''ଗୋଟିଏ ଜୀବଜାତିଠାରେ ଜୈବିକ ପରିବର୍ତ୍ତନ ହେତୁ ନୂତନ ଜୀବଜାତିର ସୃଷ୍ଟି ସମ୍ଭବ ହୋଇଥାଏ। ଏହି ପରିବର୍ତ୍ତନ ମୁଖ୍ୟତଃ ଜିନୀୟ ଧ୍ରୁବୀକରଣ ଫଳରେ ଘଟୁଥିବାର ଏବେ ସଚରାଚର ବିଶ୍ୱାସ କରାଯାଉଛି। ତେବେ, ତାହା ଘଟୁଥିଲା ପ୍ରାକୃତିକ ରୂପେ। ଏହି ଚିନ୍ତାଧାରାକୁ ଆଧାରକରି ବିଜ୍ଞାନାଗାରରେ ତାହାର ଅନୁକରଣ କରିବା ଏବଂ ତାହାକୁ ମାନବ ଜାତିର କଲ୍ୟାଣରେ ଲଗାଇବାର ପଥ ଉନ୍ମୁକ୍ତକରିବା ହେତୁ ଚଳିତ ୨୦୧୮ ମସିହାରେ ରସାୟନ ବିଜ୍ଞାନରେ ନୋବେଲ ପୁରସ୍କାର ପାଇଛନ୍ତି ତିନିଜଣ କୃତବିଦ୍ୟ ରସାୟନ ବିଜ୍ଞାନୀ- ଆମେରିକାର ଫ୍ରାନ୍‌ସେସ୍ ଏଚ୍. ଆର୍‌ନୋଲ୍ଡ ଓ ଜର୍ଜ ପି. ସ୍ମିଥ୍ ଏବଂ ଇଂଲଣ୍ଡର ସାର୍ ଗ୍ରେଗୋରି ପି. ଉଇଣ୍ଟର।''

ଏହି ବୈଜ୍ଞାନିକମାନଙ୍କ ନୋବେଲ ବିଜୟୀ ଅବଦାନକୁ ଦୁଇଭାଗରେ ବିଭକ୍ତ କରାଯାଇପାରେ। ପ୍ରଥମ ଭାଗଟିକୁ ବିବର୍ତ୍ତନର ଅନୁକରଣ ବା ନିର୍ଦ୍ଦେଶିତ ବିବର୍ତ୍ତନ ଏବଂ ଦ୍ୱିତୀୟ ଭାଗଟିକୁ ଲକ୍ଷ୍ୟସ୍ଥଳ ଭେଦ ବୋଲି କୁହାଯାଉଛି। ଆର୍‌ନୋଲ୍ଡଙ୍କ ନିର୍ଦ୍ଦେଶିତ ବିବର୍ତ୍ତନ ଗବେଷଣାର ଚାରୋଟି ପାବଚ୍ଛ ଥିଲା। ତହିଁରୁ ପ୍ରଥମଟିରେ ସେ କିଛି ଏଞ୍ଜାଇମ୍ ସୃଷ୍ଟିକାରୀ ଜିନୀୟ ପଦାର୍ଥ ଡିଏନ୍ଏରେ ଅନିୟମିତ ଧ୍ରୁବୀକରଣ ପ୍ରବର୍ତ୍ତନ କଲେ। ତତ୍ପରେ ସେହି ଜିନ୍‌ଗୁଡ଼ିକୁ ବୀଜାଣୁମାନଙ୍କ ଦେହରେ ଭର୍ତ୍ତି କରିବାରୁ ସେଗୁଡ଼ିକ ନୂତନ ଏଞ୍ଜାଇମ୍ ସୃଷ୍ଟି କରିବାକୁ ଲାଗିଲେ। ତୃତୀୟ ସ୍ତରରେ ଏହି ଏଞ୍ଜାଇମ୍‌ଗୁଡ଼ିକୁ ପରୀକ୍ଷା କରାଗଲା। ତହିଁରୁ ଯେଉଁଗୁଡ଼ିକ ଆର୍‌ନୋଲ୍ଡ ଚାହୁଁଥିବା ରାସାୟନିକ ପ୍ରତିକ୍ରିୟାକୁ ତ୍ୱରିତ କରିବାରେ ସବୁଠାରୁ ଦକ୍ଷ, ସେ ତାହାକୁ ବାଛିଲେ। ଶେଷରେ ଏହି ପ୍ରକ୍ରିୟାର ବାରମ୍ବାର ପୁନରାବୃତ୍ତି କରିଚାଲିଲେ ସର୍ବଶ୍ରେଷ୍ଠ ଫଳାଫଳ ଦେଉଥିବା ଏଞ୍ଜାଇମ୍ ପ୍ରାପ୍ତ ହେବା ପର୍ଯ୍ୟନ୍ତ।

ବିବର୍ତ୍ତନ ଅନେକ ଜଟିଳ ରାସାୟନିକ ସମସ୍ୟାର ସମାଧାନ କରିଥାଏ। ଉଦାହରଣ ସ୍ୱରୂପ, ମେରୁ ଅଞ୍ଚଳର ଅତ୍ୟନ୍ତ ନିମ୍ନତାପ ବିଶିଷ୍ଟ ଶୀତଳ ସମୁଦ୍ର ମଧ୍ୟରେ ମାଛମାନଙ୍କ ସନ୍ତରଣ କଥା ବିଚାରକୁ ନିଆଯାଇପାରେ। ସେମାନେ ଏହା କରିପାରନ୍ତି, କାରଣ ବିବର୍ତ୍ତନ ହେତୁ ତାଙ୍କଠାରେ ରକ୍ତ ଆଦି ତରଳ ଘନୀଭୂତ ହେବାର ପ୍ରତିରୋଧ କଳାଭଳି ଏକପ୍ରକାର ପ୍ରୋଟିନ୍‌ର ବିକାଶ ଘଟିଛି। ଆର୍‌ନୋଲ୍ଡ ତାଙ୍କ ଗବେଷଣାରେ ଏହି ଅବବୋଧକୁ ବ୍ୟବହାରରେ ଲଗାଇ ଉନ୍ନତମାନର ଏଞ୍ଜାଇମ୍‌ମାନ ସୃଷ୍ଟି କରିପାରିଲେ। ସାଧାରଣତଃ ଏହି ଜୈବ ରସାୟନିକଗୁଡ଼ିକ ହଜମ ପ୍ରକ୍ରିୟା, ରକ୍ତ ଜମାଟ ବାନ୍ଧିବା ପ୍ରକ୍ରିୟା ଆଦି ବିବିଧ ଜୈବ ରାସାୟନିକ କ୍ରିୟାପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଥାନ୍ତି। ଏଞ୍ଜାଇମ୍ ଅଧିକ ଫଳପ୍ରଦ ହେଲେ ପ୍ରକ୍ରିୟା ଅଧିକ ଦ୍ରୁତ ହୋଇଥାଏ। ଆର୍‌ନୋଲ୍ଡଙ୍କ ଏଞ୍ଜାଇମ୍‌ଗୁଡ଼ିକର କେବଳ ଆମ ଶରୀରର କ୍ରିୟାପ୍ରକ୍ରିୟା ନୁହେଁ ବିବିଧ ଶିଳ୍ପରେ ନିୟୋଜିତ କ୍ରିୟାପ୍ରକ୍ରିୟାରେ ମଧ୍ୟ ତ୍ୱରକ ରୂପେ କାର୍ଯ୍ୟ କରିବାର ଅବକାଶ ରହିଛି। ଅତଏବ ଏହା ଉଭୟ ସ୍ୱାସ୍ଥ୍ୟ ଏବଂ ଶିଳ୍ପକ୍ଷେତ୍ରରେ ବ୍ୟବହୃତ ହୋଇପାରିବ।

ନୋବେଲ ପୁରସ୍କାରର ଦ୍ୱିତୀୟାର୍ଦ୍ଧଟି ହାସଲ କରିଥିବା ଗବେଷଣାରେ ସ୍ମିଥ୍ ଓ ଉଇଣ୍ଟର ଏହି ପଦ୍ଧତିକୁ ଉଚ୍ଚମାନର ସକ୍ରିୟ ପ୍ରୋଟିନ୍ ଓ ପ୍ରତିପିଣ୍ଡମାନ ପ୍ରସ୍ତୁତ କରିବାରେ ନିୟୋଜିତ କରିଥିଲେ। ପ୍ରତିପିଣ୍ଡମାନେ ହେଲେ ଆମ ଶରୀରର ଜାଗ୍ରତ ପ୍ରହରୀ। ତନ୍ମଧ୍ୟରୁ ବୀଜାଣୁ ବା ଭୂତାଣୁ ଆଦି ପ୍ରତିଜିନ୍ କୁହାଯାଉଥିବା ରୋଗ ସୃଷ୍ଟିକାରୀ ବାହ୍ୟପଦାର୍ଥ ପ୍ରବେଶକଲେ ସେଗୁଡ଼ିକ ଲକ୍ଷ୍ୟଭେଦକାରୀ କ୍ଷେପଣାସ୍ତ୍ର ଭଳି ତାହାଙ୍କୁ ଚିହ୍ନଟ କରନ୍ତି ଏବଂ ସେଥିସହିତ ଯୋଡ଼ିହୋଇଯିବା ସଙ୍ଗେ ସଙ୍ଗେ ଅନୁପ୍ରବେଶକାରୀଙ୍କୁ ଧ୍ୱଂସକରିଦେବା ପାଇଁ ଆକ୍ରମଣାତ୍ମକ ରୋଗ ପ୍ରତିରୋଧକ ଜୀବକୋଷମାନଙ୍କୁ ସୂଚନା ପ୍ରେରଣ କରନ୍ତି। ଅନୁପ୍ରବେଶକାରୀ ପ୍ରତିଜିନ୍ ସହିତ ପ୍ରତିପିଣ୍ଡମାନେ ଯେତେ ଦୃଢ଼ଭାବେ ବାନ୍ଧିହୋଇ ପଡ଼ନ୍ତି, ରୋଗମୁକ୍ତ କ୍ରିୟା ସେତେ ଫଳପ୍ରଦ ହୁଏ। ପ୍ରତିପିଣ୍ଡଗୁଡ଼ିକ ଶକ୍ତିଶାଳୀ ହେଲେ ଏହି କାର୍ଯ୍ୟ ସହଜରେ ସମ୍ପାଦିତ ହୋଇପାରେ। ଆର୍‌ନୋଲ୍ଡଙ୍କ ପ୍ରଦର୍ଶିତ ମାର୍ଗ ଅନୁସରଣକରି ସ୍ମିଥ୍ ବୀଜାଣୁଙ୍କୁ ସଂକ୍ରମିତ କରିପାରୁଥିବା ଭୂତାଣୁ ବ୍ୟବହାରକରି ଏକ ନୂଆ ପ୍ରକାର ପ୍ରୋଟିନ୍ ପ୍ରସ୍ତୁତ କରିବାକୁ ସମର୍ଥ ହୋଇଥିଲେ। ତତ୍ପରେ ଉଇଣ୍ଟର ତାହାକୁ ପ୍ରୟୋଗକରି ପ୍ରସ୍ତୁତ କଲେ ନୂତନ ତଥା ଦକ୍ଷ ପ୍ରତିପିଣ୍ଡ।

ଅତଏବ ଚଳିତବର୍ଷ (୨୦୧୮) ରସାୟନ ବିଜ୍ଞାନରେ ନୋବେଲ ବିଜୟୀତ୍ରୟ ବିବର୍ତ୍ତନର ଶକ୍ତିକୁ ବିନିଯୋଗକରି ଯେଉଁ ନୂତନ ଏଞ୍ଜାଇମ୍, ପ୍ରତିପିଣ୍ଡ ଆଦି ପ୍ରୋଟିନ୍‌ଯୁକ୍ତ ଜୈବ ପଦାର୍ଥମାନ ପ୍ରସ୍ତୁତ କରିବା ପାଇଁ ମାର୍ଗଦର୍ଶନ ଦେଲେ ମାନବ କଲ୍ୟାଣରେ ତାହାର ପ୍ରୟୋଗ କ୍ଷେତ୍ର ଅତ୍ୟନ୍ତ ପ୍ରଶସ୍ତ। ଏବେ ଏଗୁଡ଼ିକୁ ପରିବେଶ ସହାୟକ ଡିଟରଜେଣ୍ଟସ୍‌ଠାରୁ ଆରମ୍ଭକରି ଜୈବ ଇନ୍ଧନ ତଥା କର୍କଟ ରୋଗ ସମେତ ବିବିଧ ରୋଗରେ ବ୍ୟବହୃତ ଔଷଧ ପ୍ରସ୍ତୁତି ପର୍ଯ୍ୟନ୍ତ ଅନେକ ଦିଗରେ ନିୟୋଜିତ କରାଯାଇପାରୁଛି। ଉଦାହରଣ ସ୍ୱରୂପ, ଆଣ୍ଠୁଗଣ୍ଠି ବାତ ତଥା ଅନ୍ୟାନ୍ୟ ଅଟୋ-ଇମ୍ୟୁନ୍ ରୋଗର ସର୍ବଶ୍ରେଷ୍ଠ ଔଷଧ ରୂପେ ପରିଗଣିତ ପ୍ରତିପିଣ୍ଡ ହୁମିରା କଥା ବିଚାରକୁ ନିଆଯାଇପାରେ। କ୍ରମେ ରସାୟନ ଏବଂ ଔଷଧ ଶିଳ୍ପରେ ଏ ପଦ୍ଧତିଗୁଡ଼ିକର ଉପଯୋଗ ବଢ଼ିବାରେ ଲାଗିଛି। ଏଣୁ ଭବିଷ୍ୟତରେ ଏହାର କଲ୍ୟାଣକାରୀ ସାମର୍ଥ୍ୟ ଅତି ବ୍ୟାପକ ହେବ ବୋଲି ଆଶା କରାଯାଏ।

-ଉଷା ନିବାସ, ୧୨୪/୨୪୪୫,
ଖଣ୍ଡଗିରି ବିହାର, ଭୁବନେଶ୍ୱର
ମୋ : ୯୯୩୭୯୮୫୭୬୭

## ବ୍ୟାକ୍ଟେରିଆକୁ ପ୍ରତିରୋଧ କରିବ ଲାଳ



ପାଟି ଭିତରେ ଥିବା ଲାଳ ଅନେକ ସମୟରେ ଆମ ଶରୀର ପାଇଁ ଉପକାରୀ ସାବ୍ୟସ୍ତ ହୋଇଥାଏ। ଏହି ତାଲିକାରେ ଆଉ ଏକ କଥାକୁ ସାମିଲ କରାଯାଇଛି। ଶରୀର ଭିତରେ ବ୍ୟାକ୍ଟେରିଆ ପ୍ରଭାବକୁ ରୋକିବାରେ ଉକ୍ତ ଲାଳ ଅନେକାଂଶରେ ସଫଳ ହୋଇଥାଏ। ଆମେ ଭଲ ଭାବରେ କୁଳି କରିବା ଦ୍ୱାରା ପାଟି ଭିତରେ ଥିବା ଅପରିଷ୍କାର ତତ୍ତ୍ୱ ବାହାରକୁ ଚାଲିଆସେ। ହେଲେ ପରବର୍ତ୍ତୀ ସମୟ ପାଟି ଭିତରେ ସୃଷ୍ଟି ହେଉଥିବା ଲାଳ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇଥାଏ। ପାଟି ଭିତରେ ଯଦି ବ୍ୟାକ୍ଟେରିଆ ଥାଆନ୍ତି ତେବେ ସେମାନଙ୍କ ବଂଶ ବୃଦ୍ଧି କରିବାକୁ ଲାଳ ଦେଇ ନ ଥାଏ ବୋଲି ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ନିକଟରେ ବୋଷ୍ଟନ ୟୁନିଭର୍ସିଟିର ବିଶେଷଜ୍ଞମାନେ ଏଭଳି ବିଷୟକୁ ନେଇ ଗବେଷଣା କରିଥିଲେ।

## ସୁସ୍ଥ ରହିବ ହୃତ୍‌ପିଣ୍ଡ

**ଆଜିକାଲି ହୃଦ୍‌ରୋଗ ଏକ ସାଧାରଣ ସମସ୍ୟା ପାଲଟି ଗଲାଣି ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ। ହୃତପିଣ୍ଡ (ହାର୍ଟ)କୁ ସୁସ୍ଥ ତଥା ନୀରୋଗ ରଖିବା ପାଇଁ ନିମ୍ନୋକ୍ତ ଟିପ୍ସ ଆପଣେଇ ପାରନ୍ତି...**



- ହୃତ୍‌ପିଣ୍ଡକୁ ସୁସ୍ଥ ରଖିବା ପାଇଁ ପ୍ରଥମେ ନିଜ ଖାଦ୍ୟପେୟ ପ୍ରତି ଧ୍ୟାନ ଦିଅନ୍ତୁ।
- ଫାଷ୍ଟଫୁଡ୍, ଜଙ୍କ୍‌ଜାତୀୟ ଖାଦ୍ୟ, ନିଶାଦ୍ରବ୍ୟ ସେବନଠାରୁ ନିଜକୁ ଯେତେ ଦୂରେଇ ରଖିବେ ତାହା ସେତେ ଭଲ। କାରଣ ଏହାର ଖରାପ ପ୍ରଭାବ ସିଧାସଳଖ ହାର୍ଟ ଉପରେ ପଡିଥାଏ।
- ହୃତ୍‌ପିଣ୍ଡକୁ ସୁସ୍ଥ ତଥା ନୀରୋଗ ରଖିବା ପାଇଁ ନିଜର ଜୀବନଶୈଳୀରେ ପରିବର୍ତ୍ତନ ଆଣନ୍ତୁ।
- ରକ୍ତ ପ୍ରବାହରେ ବାଧା ସୃଷ୍ଟି କରୁଥିବା ଖାଦ୍ୟ ଖାଆନ୍ତୁ ନାହିଁ। କାରଣ ରକ୍ତ ସଞ୍ଚାଳନରେ ସମସ୍ୟା ଦେଖାଦେଲେ ତାହାଦ୍ୱାରା ହୃତ୍‌ପିଣ୍ଡ ପ୍ରଭାବିତ ହୋଇଥାଏ ଏବଂ ହାର୍ଟ ଆଟାକ ଆଶଙ୍କା ଅଧିକ ଥାଏ।
- ନିଜକୁ ଫିଟ୍ ଆଣ୍ଡ ଫାଇନ୍ ରଖିବା ପାଇଁ ପ୍ରତିଦିନ କିଛି ସମୟ ଯୋଗ କରନ୍ତୁ। ଏହାର ସୁପ୍ରଭାବ ହୃତ୍‌ପିଣ୍ଡ ଉପରେ ପଡିଥାଏ।
- କୌଣସି ଶାରୀରିକ ସମସ୍ୟାକୁ ହାଲକା ଭାବରେ ନିଅନ୍ତୁ ନାହିଁ।

## ସ୍ୱା ସ୍ଥ୍ୟ ସୂ ଚ ନା

- ଏକା ଥରେ ଗୁଡାଏ ଖାଦ୍ୟ ନ ଖାଇ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ଅଳ୍ପ ଅଳ୍ପ ଖାଆନ୍ତୁ।
- ଯଦି ଆପଣଙ୍କର ଗ୍ୟାଷ୍ଟ୍ରିକଜନିତ ସମସ୍ୟା ରହିଛି ତେବେ ଖାଦ୍ୟପେୟ ପ୍ରତି ନଜର ଦିଅନ୍ତୁ। ଠିକ ସମୟରେ ଖାଦ୍ୟ ଖାଇବା ସହ ପ୍ରଚୁର ପାଣି ପିଅନ୍ତୁ।
- କେତେକ ବ୍ୟାୟାମ କଲେ ଖାଦ୍ୟପେୟ ପ୍ରତି ଦୃଷ୍ଟି ଦେବାକୁ ପଡେ। ତେଣୁ ଏ ବିଷୟରେ ଏକ୍ସରସାଇଜ ଏକ୍ସପର୍ଟଙ୍କ ନିକଟରୁ ବିଶଦ ଭାବରେ ବୁଝିନିଅନ୍ତୁ।
- କେତେକ ରାତ୍ରିର ବିଳମ୍ବିତ ପ୍ରହରରେ ଶୋଇଥାଆନ୍ତି। ଏଭଳି ଅଭ୍ୟାସ ପରିହାର କରନ୍ତୁ। କାରଣ ଏହା କେତେ ରୋଗକୁ ପରୋକ୍ଷରେ ନିୟନ୍ତ୍ରଣ କରିଥାଏ।
- ଯଦି ଅଧିକାଂଶ ସମୟ ଗୋଟିଏ ସ୍ଥାନରେ ବସି କାମ କରୁଛନ୍ତି ତେବେ ମଝିରେ ମଝିରେ ଚେୟାରରୁ ଉଠି କିଛି ସମୟ ବୁଲାବୁଲି କରନ୍ତୁ। ଏହାଦ୍ୱାରା ମାଂସପେଶୀ ପ୍ରଭାବିତ ହୋଇ ନ ଥାଏ।



- କୌଣସି ରୋଗର ପ୍ରାରମ୍ଭିକ ଲକ୍ଷଣ ସମ୍ପର୍କରେ ଅବଗତ ରହନ୍ତୁ। ଏଭଳି କିଛି ଅନୁଭବ ହେଲେ ଡାକ୍ତରଙ୍କ ପରାମର୍ଶ ଅନୁସାରେ ଔଷଧ ଖାଆନ୍ତୁ।
- ଅଧିକ ତେଲ, ମସଲାଯୁକ୍ତ ଖାଦ୍ୟ ଖାଇଲେ ତାହା ପାଚନକ୍ରିୟାକୁ ପ୍ରଭାବିତ କରିଥାଏ। ତେଣୁ ଏଭଳି ଖାଦ୍ୟ ଯେତେ କମ୍ ଖାଇବେ ତାହା ସେତେ ଭଲ।

# ମାନସିକ ସ୍ୱାସ୍ଥ୍ୟ ଓ ଯୁବପିଢ଼ି



ଡା. ରାମଚନ୍ଦ୍ର ରାଉତ



> ''ପ୍ରତି ୪ ଜଣରେ ଜଣେ ମାନସିକସ୍ତରରେ କୌଣସି ପ୍ରକାରର ଅସୁସ୍ଥ ଥାଆନ୍ତି। ଆକଳନ ଅନୁଯାୟୀ, ସାରା ପୃଥିବୀରେ ୫୦କୋଟି ଲୋକ ମାନସିକ ରୋଗର ଶିକାର ହୋଇଥାଆନ୍ତି। ଏହାମଧ୍ୟରୁ ୧୫କୋଟି ଲୋକ 'ମାନସିକ ବିଷାଦ' ବା ଡିପ୍ରେସନ୍ ରୋଗରେ ପୀଡ଼ିତ ଓ ଏହି ୧୫ କୋଟି ଲୋକଙ୍କ ମଧ୍ୟରେ ଯୁବବର୍ଗଙ୍କ ସଂଖ୍ୟା ଅଧିକ। ଅନ୍ୟ ରୋଗଗୁଡ଼ିକର ଚିକିତ୍ସା ସୁବିଧା ପରି 'ମାନସିକ ରୋଗର ଚିକିତ୍ସା' ସବୁ ସ୍ଥାନରେ ଉପଲବ୍ଧ ନୁହେଁ।''

ଆମମାନଙ୍କର ଧାରଣା ଯେ, ସ୍ୱାସ୍ଥ୍ୟ ହେଉଛି ଶାରୀରିକ ସୁସ୍ଥତା। ମାତ୍ର ଏହା ସହିତ ମାନସିକ ଓ ସାମାଜିକ ସ୍ୱାସ୍ଥ୍ୟ ମଧ୍ୟ ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ତେଣୁ କେବଳ ଶାରୀରିକ ରୋଗର ଆରୋଗ୍ୟ ହୋଇଗଲେ ଲୋକଟି ସମ୍ପୂର୍ଣ୍ଣ ସୁସ୍ଥ ହୋଇ ନ ଥାଏ। ଏପରି କି ମାନସିକ ରୋଗର ପ୍ରାଦୁର୍ଭାବ ଅନ୍ୟ ଦୁଇଟି ଯଥା ଶାରୀରିକ ଓ ସାମାଜିକ ରୋଗଗୁଡ଼ିକଠାରୁ ଅଧିକ। ଅନେକ କ୍ଷେତ୍ରରେ ଜଣଙ୍କଠାରେ ଉଭୟ ପ୍ରକାରର ରୋଗ ଏକାସାଙ୍ଗରେ ପରିଲକ୍ଷିତ ହୋଇଥାଏ।

ପ୍ରତି ୪ ଜଣରେ ଜଣେ ମାନସିକସ୍ତରରେ କୌଣସି ପ୍ରକାରର ଅସୁସ୍ଥ ଥାଆନ୍ତି। ଆକଳନ ଅନୁଯାୟୀ, ସାରା ପୃଥିବୀରେ ୫୦କୋଟି ଲୋକ ମାନସିକ ରୋଗର ଶିକାର ହୋଇଥାଆନ୍ତି। ଏହାମଧ୍ୟରୁ ୧୫କୋଟି ଲୋକ 'ମାନସିକ ବିଷାଦ' ବା ଡିପ୍ରେସନ୍ ରୋଗରେ ପୀଡ଼ିତ ଓ ଏହି ୧୫ କୋଟି ଲୋକଙ୍କ ମଧ୍ୟରେ ଯୁବବର୍ଗଙ୍କ ସଂଖ୍ୟା ଅଧିକ। ଅନ୍ୟ ରୋଗଗୁଡ଼ିକର ଚିକିତ୍ସା ସୁବିଧା ପରି 'ମାନସିକ ରୋଗର ଚିକିତ୍ସା' ସବୁ ସ୍ଥାନରେ ଉପଲବ୍ଧ ନୁହେଁ।

ଅଧାରୁ ଅଧିକ ମାନସିକ ରୋଗ ଜୀବନର ପ୍ରଥମ ୧୪ ବର୍ଷରୁ ହିଁ ଆରମ୍ଭ ହୋଇଥାଏ। ସାଧାରଣତଃ ମାନସିକ ରୋଗ ଅନ୍ତର୍ନିହିତ ପରିବେଶ, ବାହ୍ୟ ପରିବେଶ ଓ ଗୁଣସୂତ୍ରଜନିତ ହୋଇଥାଏ। ଏହାକୁ $E^2G$ କୁହାଯାଏ। ମସ୍ତିଷ୍କରେ ବିଭିନ୍ନ ରସାୟନିକ ତଥ୍ୟର ତାରତମ୍ୟ ଓ ନିୟନ୍ତ୍ରଣରେ ବ୍ୟାଘାତ ଯୋଗୁ ଏହା ସଂଗଠିତ ହୁଏ। ଯୁବ ସମାଜ ମାନସିକ ରୋଗ ଦ୍ୱାରା ଆକ୍ରାନ୍ତ ହେବାର କାରଣଗୁଡ଼ିକ ମଧ୍ୟରେ ରହିଛି- ମାନସିକ ବିଷାଦତା, ଆତ୍ମହତ୍ୟା ଓ ଆତ୍ମହତ୍ୟା, ନିଶାଦ୍ରବ୍ୟ ସେବନ, ବିପଦପୂର୍ଣ୍ଣ ଜୀବନଶୈଳୀ ଯଥା- ଦ୍ରୁତଗତିରେ ଜୀବନ କ୍ଷତିକାରକ ଗାଡ଼ିଚାଳନା, ଅସୁରକ୍ଷିତ ଓ ବିପଦପୂର୍ଣ୍ଣ ଯୌନସମ୍ପର୍କ, ଖାଦ୍ୟପାନୀୟରେ ଅନିୟମିତତା, ବିଶୃଙ୍ଖଳା ଓ ପାଠ ପଢ଼ିବାରେ ଅନାଗ୍ରହ, ବିଭିନ୍ନ ପାରିବାରିକ ହିଂସା ଓ ସୋସିଆଲ ମିଡିଆର ଦୁରୁପଯୋଗ ଏବଂ ଲକ୍ଷ୍ୟଭ୍ରଷ୍ଟ ଓ ଶିକ୍ଷା ସମାପ୍ତି ପରେ କର୍ମସଂସ୍ଥାନ ଯୋଗାଡ଼ରେ ବିଫଳତା। ଯେଉଁ ବୟସରେ ଶାରୀରିକ, ମାନସିକ ଓ ସମ୍ବେଦନସ୍ତର ସବୁଠାରୁ ଅଧିକ ଥାଏ, ସେହି ସମୟରେ ହିଁ ଯୁବଗୋଷ୍ଠୀ ପଥଭ୍ରଷ୍ଟ ହୋଇଯାଆନ୍ତି। ଏହା ଫଳରେ ନିଜର, ପରିବାରର ଓ ସମାଜର ଅଶେଷ କ୍ଷତି ହୋଇଥାଏ। ନିମ୍ନସ୍ତରରୁ ଅର୍ଥାତ୍ ବିଦ୍ୟାଳୟ ସ୍ତରରୁ ହିଁ ଏହାର ସମାଧାନ କରାଯାଇପାରିବ। ଶିକ୍ଷକ, ଶିକ୍ଷୟିତ୍ରୀ ଓ ଅଭିଭାବକଙ୍କୁ ଏ ସମ୍ପର୍କରେ ତାଲିମ୍ ତଥା ବିଶଦ୍ ସୂଚନା ଓ ଜ୍ଞାନ ପ୍ରଦାନ ନିମନ୍ତେ ବ୍ୟବସ୍ଥା ହେବା ଦରକାର। ଆମମାନଙ୍କର ମାନସିକ ସ୍ୱାସ୍ଥ୍ୟ ଆମକୁ ପ୍ରଭାବିତ କରିବା ସହିତ ଆମର କାର୍ଯ୍ୟକ୍ଷେତ୍ରରେ ଓ କାର୍ଯ୍ୟ କ୍ଷମତାରେ ପ୍ରଭାବ ପକାଇଥାଏ।

ସ୍ୱାସ୍ଥ୍ୟ ଜୀବନଶୈଳୀ, ଖାଦ୍ୟ, ପରିଶ୍ରମ, କାର୍ଯ୍ୟ ତଥା ଅଧ୍ୟୟନ ଓ ସଦ୍ ଗ୍ରନ୍ଥ ପଠନ, ସତ୍‌କାର୍ଯ୍ୟ, ସଦ୍ ଆଚରଣ ଓ ବ୍ୟବହାର ଏ ଦିଗରେ ଅତ୍ୟନ୍ତ ସହାୟକ। ମନ ଠିକ୍ ରହିଲେ ଦେହ ଠିକ୍ ରହିବ ଓ ତା'ଦ୍ୱାରା ବ୍ୟକ୍ତି ଠିକ୍ ରହିବ ଓ ସମାଜକୁ ଠିକ୍ ମାର୍ଗରେ ଆଗେଇନେବ। ଯୁବ ସମାଜ ଏହାକୁ ଏକ ଆହ୍ୱାନ ରୂପେ ଗ୍ରହଣ କରି ବେଳହୁଁ ନିଜକୁ ପରିମାର୍ଜିତ ଓ ଉପଯୁକ୍ତ ରୂପେ ଗଢ଼ିତୋଳିବା ଉଚିତ।

-ବରିଷ୍ଠ ଭେଷଜ ବିଶେଷଜ୍ଞ
ମୋ: ୯୪୩୭୭୪୨୪୯୯

## ଔଷଧ: କିଛି କଥା



ଆମକୁ କୌଣସି ରୋଗ ହେଲେ ଆମେ ବିଳମ୍ବ ନ କରି ଡାକ୍ତରଙ୍କ ସହ ପରାମର୍ଶ କରି ଔଷଧ ଖାଇଥାଉ। ଆରୋଗ୍ୟ ଲାଭ କରିବା ପରେ କେତେକ ମନକୁ ମନ ଔଷଧ ଖାଇବା ବନ୍ଦ କରିଦଅନ୍ତି। ହେଲେ ଡାକ୍ତର ଯେତିକି ଦିନ ପାଇଁ ଔଷଧ ଖାଇବାକୁ ପରାମର୍ଶ ଦେଇଥାଆନ୍ତି ସେତିକି ଦିନ ଔଷଧ ଖାଇବାକୁ ଭୁଲନ୍ତୁ ନାହିଁ। କେହି କେହି ରୋଗ ହେଲେ ମେଡିସିନ ଷ୍ଟୋର୍‌ରୁ ଔଷଧ କିଣି ଖାଇଥାଆନ୍ତି। କିନ୍ତୁ ଏପରି କ୍ଷେତ୍ରରେ ଡାକ୍ତରଙ୍କ ସହ ପରାମର୍ଶ କରିବା ହିଁ ଠିକ୍। ଅନେକ ଲୋକକିଛି ଔଷଧ କିଣି ଘରେ ରଖିଥାଆନ୍ତି। କିଛି ମାସ ପରେ ଥଣ୍ଡା, ଜ୍ୱର ଆଦି ସମସ୍ୟା ଦେଖାଦେଲେ ସେହି ଅନୁସାରେ ଔଷଧ ଖାଆନ୍ତି। ଯଦି ଘରେ ଆପଦକାଳୀନ ସ୍ଥିତି ପାଇଁ ଔଷଧ ରଖୁଛନ୍ତି ତେବେ ତାହାର ଏକ୍ସପାୟେରି ଡେଟ୍ ବିଷୟରେ ସଚେତନ ରହନ୍ତୁ। ଅଳ୍ପ ଦିନ ଏକ୍ସପାୟେରି ଥିବା ମେଡିସିନ୍ ଘରେ ଅଧିକ ଦିନ ରଖନ୍ତୁ ନାହିଁ। ସାମାନ୍ୟ ସ୍ୱାସ୍ଥ୍ୟଜନିତ ସମସ୍ୟାରେ ବ୍ୟତିବ୍ୟସ୍ତ ହୋଇପଡନ୍ତୁ ନାହିଁ। କେଉଁ ରୋଗ ପାଇଁ କେତେ ବେଳେ କି କି ମେଡିସିନ ଖାଇବାକୁ ପଡିବ ସେ ସମ୍ପର୍କରେ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ। ସବୁଠାରୁ ଖାସ୍ କଥା ହେଲା କୌଣସି ଔଷଧ କିଣିବା ସମୟରେ ତାହାର ଏକ୍ସପାୟେରି ଡେଟ୍ ଭଲ ଭାବରେ ଦେଖିବାକୁ ଭୁଲନ୍ତୁ ନାହିଁ।

## ମୁଣ୍ଡବିନ୍ଧାର ସହଜ ଉପଚାର

**ମୁଣ୍ଡବିନ୍ଧା ଆଜିକାଲି ଏକ ସାଧାରଣ ସମସ୍ୟା ପାଲଟି ଗଲାଣି। ପ୍ରାରମ୍ଭରୁ ଯଦି ଆମେ ଏଥିପ୍ରତି ସତର୍କ ରହିବା ତେବେ ଏହା ଗୁରୁତର ଅବସ୍ଥା ଧାରଣ କରିବା ଆଶଙ୍କା କମ୍ ଥାଏ। ତେବେ ଏଭଳି କେତେକ ସହଜ ଉପଚାର ରହିଛି ଯାହାକୁ ଆପଣେଇ ପାରିଲେ ଏଥିରୁ ଅନେକାଂଶରେ ଉପଶମ ମିଳିପାରିବ।**



- ମୁଣ୍ଡବିନ୍ଧାରୁ ଉପଶମ ପାଇବା ପାଇଁ ପ୍ରତିଦିନ ସକାଳୁ ଗୋଟିଏ ସେଓ ଖାଆନ୍ତୁ। ଏହାର କିଛି ସମୟ ପରେ ପାଣି କିମ୍ବା କ୍ଷୀର ପିଇପାରନ୍ତି।
- ଯଦି ଥଣ୍ଡାଜନିତ ସମସ୍ୟା ପାଇଁ ମୁଣ୍ଡ ବିନ୍ଧୁଛି ତେବେ ଅଳ୍ପ ମିଶ୍ରି ଏବଂ ଧନିଆକୁ ପାଣିରେ ମିଶାଇ ଫୁଟାନ୍ତୁ। ଅଳ୍ପ ଉଷୁମ ଥିବା ଅବସ୍ଥାରେ ତାହାକୁ ପିଇଲେ ଏଥିରୁ ଉପଶମ ମିଳିଥାଏ।
- ଦୁଇ/ତିନୋଟି ଲବଙ୍ଗରେ ଅଳ୍ପ ଲୁଣ ମିଶାଇ ଭଲ ଭାବରେ ବାଟି ଦିଅନ୍ତୁ। ଏହି ମିଶ୍ରଣକୁ କ୍ଷୀରରେ ମିଶାଇ ପିଅନ୍ତୁ।
- ଅଦା, ଧନିଆ, ଜିରା ମିଶ୍ରିତ ଚା' ପ୍ରସ୍ତୁତ କରି ପିଇଲେ ମୁଣ୍ଡ ବିନ୍ଧାରୁ ଲାଘବ ମିଳେ।
- ଅତ୍ୟଧିକ ଗ୍ରୀଷ୍ମ ପ୍ରବାହ ପାଇଁ ମୁଣ୍ଡ ବିନ୍ଧୁଥିଲେ କପାଳରେ ଚନ୍ଦନ ଲେପନ କରନ୍ତୁ। ଏହାଦ୍ୱାରା ମୁଣ୍ଡବିନ୍ଧା ଅନେକାଂଶର କମିଯାଇଥାଏ।
- ଲେମ୍ବୁମିଶ୍ରିତ ପାଣି ପିଇଲେ ମୁଣ୍ଡ ବିନ୍ଧାରୁ ରକ୍ଷା ମିଳିଥାଏ।

## ସକାରାତ୍ମକ ଚିନ୍ତାଧାରା ବଢ଼ାଏ ଭିଡିଓଗେମ୍



ସାଧାରଣତଃ ଛୋଟ ପିଲାମାନେ ଭିଡିଓଗେମ୍ ଖେଳିବାକୁ ପସନ୍ଦ କରିଥାଆନ୍ତି। କେତେକଙ୍କର ଏହା ଏକ ଅଭ୍ୟାସରେ ପରିଣତ ହୋଇଯାଇଥାଏ। କିନ୍ତୁ ପ୍ରତିଦିନ କିଛି ସମୟ ଭିଡିଓଗେମ୍ ଖେଳିଲେ ତାହା ମାନସିକତାକୁ ସକାରାତ୍ମକ ରଖିଥାଏ। ଏଭଳି ତଥ୍ୟ କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ମନୋବିଜ୍ଞାନୀମାନେ ଲୋକଲୋଚନକୁ ଆଣିଛନ୍ତି। ପ୍ରତିଦିନ ଭିଡିଓଗେମ୍ ଖେଳୁଥିବା କିଛି ପିଲା ଏବଂ ବ୍ୟକ୍ତିଙ୍କୁ ଏହାର ପରିସରଭୁକ୍ତ କରାଯାଇଥିଲା। ଅପରପକ୍ଷରେ ଏହାର କି ପ୍ରକାର ପ୍ରଭାବ ସେମାନଙ୍କର ମାନସିକତା ଉପରେ ପଡୁଛି ତାହାକୁ ଲକ୍ଷ୍ୟ କରିଥିଲେ ବିଶେଷଜ୍ଞମାନେ। ଆଶ୍ଚର୍ଯ୍ୟଜନକ ଭାବରେ ସେମାନଙ୍କ ମଧ୍ୟରୁ ପ୍ରାୟ ୪୦ ପ୍ରତିଶତ ବ୍ୟକ୍ତି ଏବଂ ପିଲାଙ୍କର ମାନସିକତା ଅଧିକାଂଶ ସମୟ ସକାରାତ୍ମକ ରହୁଥିବାର ଜଣାପଡିଥିଲା। ହେଲେ ଭିଡିଓଗେମ୍‌ରେ ଆବଶ୍ୟକତାଠାରୁ ଅଧିକ ସମୟ କଟାଇବା ଠିକ ନୁହେଁ ବୋଲି ସେମାନେ ପରାମର୍ଶ ଦେଇଛନ୍ତି।

## ସଂକ୍ଷେପରେ

### ଜିଏସ୍‌ଟି ରିଟର୍ନ ଦାଖଲ ସମୟସୀମା ବୃଦ୍ଧି




**ନୂଆଦିଲ୍ଲୀ,୨୧-୧୦:** କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ସେପ୍ଟେମ୍ବର ମାସ ପାଇଁ ଜିଏସ୍‌ଟିଆର-୩ବି ବିକ୍ରି ରିଟର୍ନ ଦାଖଲ କରିବାର ସମୟସୀମାକୁ ଅକ୍ଟୋବର ୨୫ ଯାଏ ବୃଦ୍ଧି କରିଛନ୍ତି। ଫଳରେ ବ୍ୟବସାୟୀଙ୍କୁ ରିଟର୍ନ ଦାଖଲ କରିବାକୁ ଆହୁରି ୫ ଦିନ ସମୟ ମିଳିଯାଇଛି। ଏଥିସହିତ ୨୦୧୭ ଜୁଲାଇରୁ ଚଳିତ ବର୍ଷ ମାର୍ଚ୍ଚ ପର୍ଯ୍ୟନ୍ତ ଇନପୁଟ୍ ଟ୍ୟାକ୍ସ କ୍ରେଡିଟ(ଆଇଟିସି) ଦାବି ସମୟସୀମାକୁ ଅକ୍ଟୋବର ୨୫ ପର୍ଯ୍ୟନ୍ତ ବଢ଼ାଇ ଦିଆଯାଇଛି। କେନ୍ଦ୍ରୀୟ ଅପ୍ରତ୍ୟକ୍ଷ ଟିକସ ଓ ସୀମା ଶୁଳ୍କ ବୋର୍ଡ(ସିବିଆଇସି) କହିଛି ଯେ, ଉକ୍ତ ଅବଧି ପାଇଁ ଅକ୍ଟୋବର ୨୦ ମଧ୍ୟରେ ଆଇଟିସି ଦାବି କରିବା ସମ୍ଭବପର ହେବନି ବୋଲି ବ୍ୟବସାୟୀ ଓ ଉଦ୍ୟୋଗ ଜଗତ ସନ୍ଦେହ ବ୍ୟକ୍ତ କରିଥିଲେ। ସେମାନେ ସମୟସୀମା ବଢ଼ାଇବାକୁ ଦାବି କରିଥିଲେ। ଏହାକୁ ଦେଖି ସମୟସୀମା ବଢ଼ାଗଲା ବୋଲି ଟୁଇଟ୍‌ରେ ଦର୍ଶାଯାଇଛି।

### ଗୋଟିଏ ମଞ୍ଚରେ ମୁକେଶ ଅମ୍ବାନୀ, ସୁନୀଲ ମିତ୍ତଲ

**ନୂଆଦିଲ୍ଲୀ,୨୧-୧୦:** ଟେଲିକମ ଉଦ୍ୟୋଗରେ ଦେଖାଦେଇଥିବା ସଙ୍କଟର ସମାଧାନ ପନ୍ଥା ବାହାର କରିବା ଉଦ୍ଦେଶ୍ୟରେ ଆସନ୍ତା ୨୫ରୁ ୨୭ ତାରିଖ ଯାଏ ଇଣ୍ଡିଆ ମୋବାଇଲ କଂଗ୍ରେସ ଆୟୋଜିତ ହେବାକୁ ଯାଉଛି। ଏହି ବୈଠକରେ ଦୁଇ ପ୍ରତିଦ୍ୱନ୍ଦ୍ୱୀ ରିଲାଏନ୍ସ ଜିଓ ମୁଖ୍ୟ ମୁକେଶ ଅମ୍ବାନୀ ଓ ଏୟାରଟେଲ ମୁଖ୍ୟ ସୁନୀଲ ଭାରତୀ ମିତ୍ତଲ ଉଦ୍‌ବୋଧନୀ ଅଧିବେଶନରେ ଗୋଟିଏ ମଞ୍ଚରେ ଉପସ୍ଥିତ ରହିବେ। ଭୋଡାଫୋନ ଆଇଡିଆ ଅଧ୍ୟକ୍ଷ କୁମାର ମଙ୍ଗଳମ ବିର୍ଲା ମଧ୍ୟରେ ଏଥିରେ ଯୋଗ ଦେବେ ବୋଲି ସିଓଏଆଇ ମହାନିର୍ଦ୍ଦେଶକ ରାଜନ ଏସ.ମାଥ୍ୟୁ କହିଛନ୍ତି। ଏହି ବୈଠକରେ ପ୍ରମୁଖ ଟେଲିକମ ଅପରେଟର୍ସଙ୍କ ଚିଫ୍ ଟେକ୍ନୋଲୋଜି ଅଫିସର ଏବଂ ଚିଫ୍ ମାର୍କେଟିଂ ଅଫିସରମାନେ ଏକତ୍ରିତ ହୋଇ ବିଭିନ୍ନ ବ୍ୟବସାୟ ପ୍ରସ୍ତାବ ବିଷୟରେ ଆଲୋଚନା କରିବେ। ଏହି ବୈଠକରେ ଆମେରିକା, କାନାଡା, ୟୁକେ ଏବଂ ୟୁରୋପିୟାନ ୟୁନିୟନର ପ୍ରତିନିଧିମାନେ ଯୋଗଦେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

### ଆଜି ନୀତି ଆୟୋଗ ଲେକ୍‌ଚର କାର୍ଯ୍ୟକ୍ରମରେ ଯୋଗଦେବେ ପ୍ରଧାନମନ୍ତ୍ରୀ

**ନୂଆଦିଲ୍ଲୀ,୨୧-୧୦:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର ନୀତି ଆୟୋଗ ଲେକ୍‌ଚର ସିରିଜର ୪ର୍ଥ ସଂସ୍କରଣ କାର୍ଯ୍ୟକ୍ରମରେ ଯୋଗଦେବେ। ସମୂହ ଅଭିବୃଦ୍ଧିରେ କୃତ୍ରିମ ବୁଦ୍ଧିମତ୍ତା(ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ)ର ଉପଯୋଗିତା ଉପରେ ଏହି କାର୍ଯ୍ୟକ୍ରମରେ ବିଶେଷଜ୍ଞମାନେ ନିଜର ମତାମତ ଦେବେ। ଆମେରିକାର ଟେକ୍ନୋଲୋଜି କମ୍ପାନୀ ଏନ୍‌ଭିଡିଆ କର୍ପୋରେଶନର ସହ ପ୍ରତିଷ୍ଠାତା ତଥା ପ୍ରେସିଡେଣ୍ଟ ଜେନସନ୍ ହୁଆଙ୍ଗ ଏଥିରେ ଉଦ୍‌ବୋଧନ ଦେବେ ବୋଲି ନୀତି ଆୟୋଗ ପକ୍ଷରୁ କୁହାଯାଇଛି। ଏଥିରେ କେନ୍ଦ୍ର ମନ୍ତ୍ରୀ, ନୀତି ନିର୍ଦ୍ଧାରକ, ବିଶେଷଜ୍ଞମାନେ ଏବଂ ଆୟୋଗର ଉପାଧ୍ୟକ୍ଷ, ସିଇଓ, ସଦସ୍ୟ ତଥା ବରିଷ୍ଠ ଅଧିକାରୀମାନେ ଯୋଗଦେବେ।

### ଆର୍‌ବିଆଇ ୧୬.୩ ବିଲିୟନ ଡଲାର ୟୁଏସ ବଣ୍ଡ୍ ବିକିଲା




**ମୁମ୍ବାଇ,୨୧-୧୦:** ଅନ୍ୟ ବିକାଶଶୀଳର ଦେଶ ସହିତ ତାଳ ଦେଇ ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ଗତ ଏପ୍ରିଲରୁ ଆଜିସୁଦ୍ଧା ୧୬.୩ ବିଲିୟନ ଡଲାର ୟୁଏସ୍ ଟ୍ରେଜେରି ବଣ୍ଡ୍ ବିକ୍ରି କରିଛି। ଏପ୍ରିଲରେ ବଣ୍ଡ୍ ମୂଲ୍ୟ ୧୫୭ ଡଲାର ଥିବା ବେଳେ ଅଗଷ୍ଟ ମାସରେ ଏହା ୧୪୦ ଡଲାରକୁ ହ୍ରାସ ପାଇଛି। ଭାରତ ଭଳି ଚାଇନା ୨୨.୬ ବିଲିୟନ ଡଲାର, ତାଇୱାନ ୬.୯ ବିଲିୟନ ଡଲାରର ବଣ୍ଡ ବିକ୍ରି କରିଛି। ସୁଧ ହାର ବୃଦ୍ଧି ପାଇବା ମାତ୍ରେ ବଣ୍ଡ ମୂଲ୍ୟ ହ୍ରାସ ପାଇଥାଏ। ତେବେ ଟଙ୍କାର ମୂଲ୍ୟ ହ୍ରାସକୁ ରୋକିବା ଲାଗି ଆର୍‌ବିଆଇକୁ ଅଧିକ ଡଲାର ଆବଶ୍ୟକତା ଥିଲା। ଇତିମଧ୍ୟରେ କେନ୍ଦ୍ରୀୟ ବ୍ୟାଙ୍କ ୧୮.୬ ବିଲିୟନ ଡଲାର ମୁଦ୍ରା ବିକ୍ରି କରିସାରିଛି।

---

"ଟଙ୍କା ମୂଲ୍ୟ ହ୍ରାସ, ଏନ୍‌ପିଏ ବୃଦ୍ଧି ଘରୋଇ ବଜାର ଲାଗି ଚିନ୍ତାର କାରଣ ହେବା
– ବିମଲ୍ ଜଲାନ୍, ପୂର୍ବତନ ଗଭର୍ନର, ଆରବିଆଇ



"ନିର୍ମଳ ଗଙ୍ଗା ପଦକ୍ଷେପ ଅନ୍ତର୍ଗତ ସରକାର ୨୦୦ ପ୍ରକଳ୍ପକୁ ଶୀଘ୍ର ଶେଷ କରିବାକୁ ଲକ୍ଷ୍ୟ ରଖିଛନ୍ତି।
– ନୀତିନ ଗଡକରି, କେନ୍ଦ୍ର ନୌପରିବହନ ମନ୍ତ୍ରୀ



# ପୁଞ୍ଜି ବଜାରରୁ ମୁହଁ ମୋଡୁଛନ୍ତି ବିଦେଶୀ ନିବେଶକ

**ନୂଆଦିଲ୍ଲୀ,୨୧-୧୦**

- ଧୀରେ ଧୀରେ ଉଠାଇ ନେଉଛନ୍ତି ପୁଞ୍ଜି
- ୩ ସପ୍ତାହରେ ପ୍ରତ୍ୟାହୃତ ହୋଇଛି ୩୨ହଜାର କୋଟି
- ଆଜିଯାଏ ୯୩ ହଜାର କୋଟି ଉଠାଇ ନେଲେଣି
- ଟଙ୍କାର ମୂଲ୍ୟ ହ୍ରାସ, ଆମେରିକାରେ ସୁଧ ହାର ବୃଦ୍ଧି ମୁଖ୍ୟ କାରଣ




ଚଳିତବର୍ଷ ବିଦେଶୀ ନିବେଶକ ଭାରତୀୟ ପୁଞ୍ଜି ବଜାରରେ ନିବେଶ କରିଛନ୍ତି କମ୍, ଉଠାଇ ନେଇଛନ୍ତି ଅଧିକ। ଚଳିତ ମାସର ପ୍ରଥମ ୩ ସପ୍ତାହରେ ସେମାନେ ପ୍ରାୟ ୩୨ ହଜାର କୋଟି ଟଙ୍କାର ପୁଞ୍ଜି ପ୍ରତ୍ୟାହାର କରିଛନ୍ତି। ଏହାକୁ ମିଶାଇଲେ ସେମାନେ ଚଳିତବର୍ଷ ଆରମ୍ଭରୁ ଆଜିଯାଏ ପ୍ରାୟ ୯୩ ହଜାର କୋଟି ଟଙ୍କା ପ୍ରତ୍ୟାହାର କରିସାରିଲେଣି। ବିପୁଳ ବିଦେଶୀ ଅର୍ଥ ଦେଶ ବାହାରକୁ ଚାଲିଯିବା ଅର୍ଥନୀତି ପାଇଁ ଏକ ସତର୍କ ଘଣ୍ଟି କହିଲେ ଅତ୍ୟୁକ୍ତି ହେବ ନାହିଁ। ଟଙ୍କାର ମୂଲ୍ୟ ହ୍ରାସ, ଆମେରିକା ଓ ଚାଇନା ମଧ୍ୟରେ ଟାରିଫ ଯୁଦ୍ଧ ଆରମ୍ଭ ହେବା ସାଙ୍ଗକୁ ଆମେରିକାରେ ସୁଧ ହାର ବୃଦ୍ଧି ପୁଞ୍ଜି ପ୍ରତ୍ୟାହାରର ପ୍ରମୁଖ କାରଣ ବୋଲି ବିଶେଷଜ୍ଞମାନେ ମତପ୍ରକାଶ କରିଛନ୍ତି। ସେପ୍ଟେମ୍ବରରେ ବିଦେଶୀ ନିବେଶକମାନେ ପୁଞ୍ଜି ବଜାରରୁ ୨୧ ହଜାର କୋଟି ଟଙ୍କା ପ୍ରତ୍ୟାହାର କରିଥିଲେ। ଏଥିପୂର୍ବରୁ ସେମାନେ ଜୁଲାଇ-ଅଗଷ୍ଟରେ(ଶେୟାର ଓ ବଣ୍ଡ୍ ବଜାର) ପ୍ରତିଭୂତି ବଜାରରେ ମୋଟ୍ ୭୪୦୦ କୋଟି ଟଙ୍କା ନିବେଶ କରିଥିଲେ। ଡିପୋଜିଟୋରୀ ତଥ୍ୟ ଅନୁଯାୟୀ ବିଦେଶୀ ପୋର୍ଟଫୋଲିଓ ନିବେଶକ (ଏଫ୍‌ପିଆଇ)ମାନେ ଚଳିତ ମାସ ୧ରୁ ୧୯ ତାରିଖ ମଧ୍ୟରେ୧୯,୮୧୦ କୋଟି ଟଙ୍କାର ଶେୟାର ବିକ୍ରି କରିଛନ୍ତି। ସେହିପରି ଏହି ଅବଧିରେ ସେମାନେ ୧୨,୧୬୭ କୋଟି ଟଙ୍କାର ବଣ୍ଡ୍ ବିକ୍ରି କରିଛନ୍ତି। ଏଭଳି ଭାବେ ସେମାନେ ମୋଟ୍‌ରେ ୩୧,୯୭୭ କୋଟି ଟଙ୍କାର ପୁଞ୍ଜି କାଢ଼ି ନେଇଛନ୍ତି।

ଚଳିତ ବର୍ଷ ବିଦେଶୀ ନିବେଶକମାନେ ଦୁଇ ଚାରିମାସ ପୁଞ୍ଜି ନିବେଶ କରିଥିବା ବେଳେ ଅଧିକାଂଶ ସମୟ ଟଙ୍କା କାଢ଼ିନେବାରେ ବ୍ୟସ୍ତ ରହିଛନ୍ତି। ତେବେ ଅତି ଚତୁରତାର ସହିତ ସେମାନଙ୍କ ନିବେଶ ପ୍ରତ୍ୟାହାର ପୁଞ୍ଜି ବଜାରକୁ ଦୋହଲାଇ ଦେଇଛି। ଜିଓଜିତ୍ ଫାଇନାନ୍ସିଆଲ ସର୍ଭିସର ଗବେଷଣା ମୁଖ୍ୟ ବିନୋଦ ନାୟାର କହିଛନ୍ତି ଯେ, ବିଶ୍ୱରେ ମାନ୍ଦାବସ୍ଥା ପୁଣି ଫେରିବ ବୋଲି ଏକ ନକାରାତ୍ମକ ମନୋଭାବ ପୋଷଣ ଯୋଗୁ ନିବେଶକମାନେ ଏବେ ଚିନ୍ତିତ। ଏହାଛଡା ଆମେରିକା ଓ ଚାଇନା ମଧ୍ୟରେ ଟ୍ରେଡ ୱାର୍ ଘନେଇବା ଏବଂ ଦେଶରେ ଡଲାର ତୁଳନାରେ ଟଙ୍କାର ମୂଲ୍ୟ ହ୍ରାସ ଚିନ୍ତାକୁ ଆହୁରି ବଢ଼ାଇ ଦେଇଛି। ଏହାଛଡା ଚଳିତ ମାସ ଆରମ୍ଭରେ ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମ୍‌ଏଫ୍) ଚଳିତ ବର୍ଷ ବିଶ୍ୱର ଅର୍ଥନୈତିକ ଅଭିବୃଦ୍ଧି ୩.୭ ପ୍ରତିଶତ ରହିବ ବୋଲି ଉଲ୍ଲେଖ କରିବା ଦ୍ୱାରା ନିବେଶକମାନେ ସେମାନଙ୍କ ପୁଞ୍ଜି କାଢ଼ି ନେବାକୁ ଶ୍ରେୟସ୍କର ମଣୁଛନ୍ତି। ସେହିପରି ବଜାଜ୍ କ୍ୟାପିଟାଲର ସିନିୟର ଭାଇସ ପ୍ରେସିଡେଣ୍ଟ ଆଣ୍ଡ ହେଡ୍ ଇନଭେଷ୍ଟମେଣ୍ଟ ଆନାଲିଟିକ୍ସର ଆଲୋକ ଅଗ୍ରୱାଲ କହିଛନ୍ତି ଯେ, ତୈଳ ଦର ବୃଦ୍ଧି ଏବଂ ବିଶ୍ୱରେ ଡଲାର ଚାହିଦା ବଢ଼ିବାକୁ ପୁଞ୍ଜି ପ୍ରତ୍ୟାହାରର ମୁଖ୍ୟ କାରଣ ବୋଲି କହିଛନ୍ତି। ତେବେ ସେ ଏହା ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ, କେବଳ ଭାରତ ନୁହେଁ ବରଂ ବିଶ୍ୱର ଅନ୍ୟ ବିକାଶଶୀଳ ଦେଶ ମଧ୍ୟ ସମାନ ମନୋଭାବର ଶିକାର ହେଉଛନ୍ତି। ଉଲ୍ଲେଖଥାଉ କି, ବିଦେଶୀ ପୁଞ୍ଜିନିବେଶକମାନେ ଅଦ୍ୟାବଧି ୩୩ ହଜାର କୋଟି ଟଙ୍କାର ଶେୟାର ଓ ୬୦ ହଜାର କୋଟି ଟଙ୍କାର ବଣ୍ଡ୍ ବିକ୍ରି କରିସାରିଛନ୍ତି।

## ହୋଣ୍ଡା ଆକ୍ଟିଭା ବିକ୍ରି ୨ କୋଟି ଛୁଇଁଲା

**ଭୁବନେଶ୍ୱର,୨୧-୧୦**




ହୋଣ୍ଡା ମୋଟର ସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆର ଲୋକପ୍ରିୟ ସ୍କୁଟର ମଡେଲ ଆକ୍ଟିଭାର ବିକ୍ରି ୨ କୋଟି ମାଇଲ୍ ଖୁଣ୍ଟ ଅତିକ୍ରମ କରିଛି। ଉତ୍ସବ ଋତୁର ମଧ୍ୟଭାଗରେ କମ୍ପାନୀ ଏହି ସଫଳତା ହାସଲ କରିଛି। ୨ କୋଟି ପରିବାରର ବିଶ୍ୱାସ ହାସଲ କରିଥିବା କମ୍ପାନୀ ପ୍ରକାଶ କରିଛି। ଏହା ଭାରତର ସର୍ବାଧିକ ବିକ୍ରି ହେଉଥିବା ଦୁଇ ଚକିଆ ଯାନ ବୋଲି କମ୍ପାନୀ କହିଛି। ପ୍ରଥମ ଏକ କୋଟି ଆକ୍ଟିଭା ବିକ୍ରି କରିବାକୁ ହୋଣ୍ଡାକୁ ୧୫ ବର୍ଷ ସମୟ ଲାଗିଥିଲା। ପରବର୍ତ୍ତି ଆଉ ଏକ କୋଟି ଆକ୍ଟିଭା ମାତ୍ର ୩ ବର୍ଷ ଭିତରେ ବିକ୍ରି ହୋଇଛି। ଭାରତରେ ଏବେ ପ୍ରତି ୯ ସେକେଣ୍ଡରେ ଜଣେ ଗ୍ରାହକ ଆକ୍ଟିଭା ପରିବାରରେ ସାମିଲ ହେଉଥିବା କମ୍ପାନୀ ସୂଚନା ଦେଇଛି। ୧୮ ବର୍ଷ ଓ ପାଞ୍ଚ ପିଢି ମଧ୍ୟରେ ହୋଣ୍ଡା ୨ ହ୍ୱିଲର୍ସ ଇଣ୍ଡିଆ ନିୟମିତ ବ୍ୟବଧାନରେ ମୂଲ୍ୟ ସଂଯୋଗ କରିଥିବା କମ୍ପାନୀର ସଭାପତି ତଥା ସିଇଓ ମିନୋରୋ କାଟୋ କହିଛନ୍ତି।

## ୟୁବିଆଇର ଏନ୍‌ଏଫ୍‌ସି ଡେବିଟ୍ କାର୍ଡ

**ଭୁବନେଶ୍ୱର,୨୧-୧୦**

ୟୁନାଇଟେଡ ବ୍ୟାଙ୍କ ଅଫ୍ ଇଣ୍ଡିଆ (ୟୁବିଆଇ) ପକ୍ଷରୁ କଣ୍ଟାକ୍ଟଲେସ୍ ଡେବିଟ୍‌କାର୍ଡର ଶୁଭାରମ୍ଭ ହୋଇଛି। ଏହାକୁ ଭିଜା ପେୱେଭ୍ ପ୍ଲାଟଫର୍ମରେ ଆରମ୍ଭ କରାଯାଇଛି। ବ୍ୟାଙ୍କର ଏମ୍‌ଡି ତଥା ସିଇଓ ଅଶୋକ କୁମାର ପ୍ରଧାନ ଏହାକୁ ଉନ୍ମୋଚନ କରିଛନ୍ତି। ବ୍ୟାଙ୍କ କଣ୍ଟାକ୍ଟଲେସ୍ ଏନ୍‌ଏଫସି ଟେକ୍ନୋଲୋଜି ଡେବିଟ୍ କାର୍ଡ ମାଷ୍ଟରକାର୍ଡ ପ୍ଲାଟ୍‌ଫର୍ମରେ ଆରମ୍ଭ କରି ସାରିଛି। ଏହି ଅବସରରେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସଞ୍ଜୟ କୁମାର ଏବଂ ଅଜିତ କୁମାର ଦାସ, ଭିଜାର ବରିଷ୍ଠ ନିର୍ଦ୍ଦେଶକ ଦିଲଜିତ ସିଂ ଡାଇରେକ୍ଟର ବିନିତା ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ। ନିରାପତ୍ତାକୁ ଧ୍ୟାନରେ ରଖି ଏହା ବ୍ୟବହାର କରାଯାଉଥିବା ପ୍ରଧାନ ସୂଚନା ଦେଇଛନ୍ତି।

### ୬୦୦ କୋଟିର ଆଇଡିବିଆଇ ବ୍ୟାଙ୍କ ଦୁର୍ନୀତି

## ସିବିଆଇ ବଦଳାଇଥିଲା ଲୁକ୍‌ଆଉଟ ସର୍କୁଲାର

**ନୂଆଦିଲ୍ଲୀ,୨୧-୧୦**



ଆଇଡିବିଆଇ ବ୍ୟାଙ୍କରୁ ୬୦୦ କୋଟି ଟଙ୍କାର ଋଣ ନେଇ ଖିଲାପ କରିଥିବା ଏୟାରସେଲ୍‌ର ପୂର୍ବତନ ପ୍ରମୋଟର ସି.ଶିବଶଙ୍କରନ୍‌ଙ୍କୁ ବିଦେଶ ଯିବାରେ ସହାୟତା କରିବା ଉଦ୍ଦେଶ୍ୟରେ ସିବିଆଇ ଲୁକ୍‌ଆଉଟ ସର୍କୁଲାର ବଦଳାଇଥିଲା ବୋଲି ଜଣାପଡିଛି। ଉକ୍ତ ମାମଲାର ତଦନ୍ତ କରୁଥିବା ଅଧିକାରୀ ଓ ବାଙ୍ଗାଲୋର ଶାଖାର ବିରୋଧ ସତ୍ତ୍ୱେ ସିବିଆଇର ଶୀର୍ଷ ଅଧିକାରୀଙ୍କ ନିର୍ଦ୍ଦେଶରେ ସର୍କୁଲାରକୁ କୋହଳ କରାଯାଇଥିଲା। ଏହି ସୁବିଧା ଯୋଗାଇବା ଉଦ୍ଦେଶ୍ୟରେ ବ୍ୟାଙ୍କ ସିକ୍ୟୁରିଟି ଆଣ୍ଡ ଫ୍ରଡ୍ ସେଲ୍ (ବିଏସ୍‌ଆଣ୍ଡ୍‌ଏଫ୍‌ସି), ବାଙ୍ଗାଲୋରରୁ ସିବିଆଇର ଦିଲ୍ଲୀସ୍ଥିତ ଆଣ୍ଟି-କରପ୍‌ଶନ ୟୁନିଟ-୩କୁ ଏହି ମାମଲାକୁ ସ୍ଥାନାନ୍ତରିତ କରାଯାଇଥିଲା। ସିବିଆଇ ପକ୍ଷରୁ ଚଳିତ ବର୍ଷ ଏପ୍ରିଲ ୧୩ରେ ବିଏସ୍‌ଆଣ୍ଡ୍‌ଏଫ୍‌ସିରେ ଏହି ମାମଲା ଦାଏର ହୋଇଥିଲା। ଏଥିରେ ଶିବଶଙ୍କରନ୍‌ଙ୍କୁ ମିଶାଇ ମୋଟ୍‌ରେ ୩୯ଜଣଙ୍କୁ ଅଭିଯୁକ୍ତ ଭାବେ ଦର୍ଶାଯାଇଥିଲା। ଏଥିରେ ଆଇଡିବିଆଇ ବ୍ୟାଙ୍କର ବହୁ ପୂର୍ବତନ ଓ ବର୍ତ୍ତମାନର ଅଧିକାରୀଙ୍କୁ ସାମିଲ କରାଯାଇଥିଲା। ସିବିଆଇ ପକ୍ଷରୁ ଶିବଶଙ୍କରନ୍ ଏବଂ ଅନ୍ୟମାନଙ୍କ ପାଇଁ ବିମାନ ବନ୍ଦରରେ ଲୁକ୍‌ଆଉଟ ସର୍କୁଲାର ଜାରି କରାଯାଇଥିଲା। ସିସେଲ୍ସର ନାଗରିକତ୍ୱ ହାସଲ କରିଥିବା ଶିବଶଙ୍କରନ୍‌ଙ୍କୁ ଜେରା ପାଇଁ ଅଗଷ୍ଟ ୧୨ରୁ ସେପ୍ଟେମ୍ବର ପହିଲା ମଧ୍ୟରେ ଡକାଯାଇଥିଲା। ଶିବଶଙ୍କରନ ଓ ଅନ୍ୟମାନେ ଯେପରି ବିଦେଶ ଯାତ୍ରା କରିପାରିବେ ସେନେଇ ସର୍କୁଲାରକୁ କୋହଳ କରିବା ଲାଗି ବିମାନ ବନ୍ଦରଗୁଡ଼ିକୁ ଲେଖିବାକୁ ଏଜେନ୍ସିର ଶୀର୍ଷ ଅଧିକାରୀମାନେ ମୌଖିକ ଭାବେ ନିର୍ଦ୍ଦେଶ ଦେଇଥିଲେ ବୋଲି ଖୋଳତାଡରୁ ଜଣାପଡିଛି। ଯାଞ୍ଚ ଅଧିକାରୀ ଓ ବାଙ୍ଗାଲୋର ମୁଖ୍ୟ ଏହା ମାନିବାକୁ ରାଜି ନ ହେବାରୁ ମାମଲାକୁ ଦିଲ୍ଲୀ ସ୍ଥାନାନ୍ତର କରାଯାଇଥିଲା।

### ୟୁକେ ହାଇକୋର୍ଟରେ ଆବେଦନ କଲା ସୁଇସ୍ ବ୍ୟାଙ୍କ

## ଲଣ୍ଡନରେ ବାସହୀନ ହେବେ ମାଲ୍ୟା

**ଲଣ୍ଡନ,୨୧-୧୦**

- ବିଳାସପୂର୍ଣ୍ଣ ଘର ବନ୍ଧକ ରଖି ଋଣ ନେଇଥିଲେ
- ଅବଧି ଶେଷ ପରେ ମଧ ଋଣ ପରିଶୋଧ ହୋଇନି
- ୧୯୮ କୋଟି ଟଙ୍କା ବକେୟା ଋଣ



ଭାରତୀୟ ବ୍ୟାଙ୍କରୁ ଋଣ ନେଇ ଫେରାର ହେବା ପରେ ଲଣ୍ଡନରେ ମଉଜ କରୁଥିବା ମଦ ବ୍ୟବସାୟୀ ବିଜୟ ମାଲ୍ୟା ବାସହୀନ ହେବାକୁ ଯାଉଛନ୍ତି। ମା', ପୁଅ ସହ ଲଣ୍ଡନର ରିଜେଣ୍ଟ ପାର୍କସ୍ଥିତ ବିଳାସପୂର୍ଣ୍ଣ ମାନସନ୍‌ରେ ମାଲ୍ୟା ରହୁଥିଲେ। ଏହାକୁ ଖାଲି କରିବା ତଥା ଦଖଲକୁ ନେବା ଉଦ୍ଦେଶ୍ୟରେ ସୁଇସ୍ ବ୍ୟାଙ୍କ ୟୁବିଏସ୍ ଏଜି ପକ୍ଷରୁ ୟୁକେ ହାଇକୋର୍ଟରେ ଆବେଦନ କରାଯାଇଛି। ମାଲ୍ୟା ଏହି ମାନସନ୍‌କୁ ବନ୍ଧକ ରଖି ଋଣ ନେଇଥିଲେ ଏବଂ ତା'କୁ ପରିଶୋଧ କରିନାହାନ୍ତି। ଏହାର ଅବଧି ଶେଷ ହୋଇଛି ବୋଲି ବ୍ୟାଙ୍କ ପକ୍ଷରୁ ଆବେଦନରେ ଦର୍ଶାଯାଇଛି। ରୋଜ୍ କ୍ୟାପିଟାଲ ଭେଞ୍ଚର୍ସ ଲିମିଟେଡ୍, ବିଜୟ ମାଲ୍ୟା, ତାଙ୍କ ମା' ଲଳିତା ମାଲ୍ୟା ଏବଂ ପୁଅ ସିଦ୍ଧାର୍ଥ ମାଲ୍ୟାଙ୍କ ବିରୋଧରେ ଏହି ମାମଲାର ଶୁଣାଣି ଆସନ୍ତା ୨୪ରେ କରାଯିବ। ରୋଜ୍ କ୍ୟାପିଟାଲ ଭେଞ୍ଚର୍ସ ଲିମିଟେଡ ୟୁବିଏସ୍‌ଠାରୁ ଉକ୍ତ ସମ୍ପତ୍ତିକୁ ବନ୍ଧା ରଖି ୨.୦୪ କୋଟି ପାଉଣ୍ଡ(୧୯୫ କୋଟି ଟଙ୍କା) ଋଣ ନେଇଥିଲା। ରୋଜ୍ କ୍ୟାପିଟାଲର ଶେୟାର ଗ୍ଲାଡ୍‌କୋ ନିକଟରେ ରହିଛି ଏବଂ ମାଲ୍ୟାଙ୍କ ପରିବାର ଦ୍ୱାରା ପରିଚାଳିତ ସିଲେଟା ଟ୍ରଷ୍ଟ ଏହାର ସତ୍ତ୍ୱାଧିକାରୀ ରହିଛି। ୟୁବିଏସ୍ ପକ୍ଷରୁ କୁହାଯାଇଛି ଯେ, ଋଣ ପରିଶୋଧର ସମୟସୀମା ଶେଷ ହେବା ପରେ ମାଲ୍ୟାଙ୍କ ପରିବାରକୁ ଉକ୍ତ ଆବାସ ଖାଲି କରିଦେବା ଲାଗି ବାରମ୍ବାର କୁହାଯାଇଥିଲା। କିନ୍ତୁ ସେମାନେ ତାହାକୁ ପ୍ରତ୍ୟାଖ୍ୟାନ କରିଦେଇଛନ୍ତି। ଉଲ୍ଲେଖଥାଉ କି, ରୋଜ୍ କ୍ୟାପିଟାଲ ୨୦୦୫, ଅକ୍ଟୋବର ୩ରେ ୫.୪ ମିଲିୟନ ପାଉଣ୍ଡ(୫୨ କୋଟି ଟଙ୍କା)ରେ ୧୮ ଓ ୧୯ କର୍ନୱାଲ ଟେରାସକୁ କିଣିଥିଲା। ଏହି ସମ୍ପତ୍ତିର ଫ୍ରି ହୋଲ୍ଡ ଅଧିକାର କ୍ରାଉନ ଇଷ୍ଟେଟଙ୍କ ନିକଟରେ ରହିଛି। ଏହି ଘର ବନ୍ଧା ବାବଦରେ ମାଲ୍ୟାଙ୍କ ଉପରେ ୟୁବିଏସ୍‌ର ୧୯୮ କୋଟି ଟଙ୍କାର ବକେୟା ରହିଛି।

## ଗୁଗନାନୀ ଅଟୋକାର ଶୋ'ରୁମ ଶୁଭାରମ୍ଭ




**ଭୁବନେଶ୍ୱର,୨୧-୧୦**

ଟାଟା ମୋଟର୍ସର ନୂଆ ପାସେଞ୍ଜର କାର୍ ଡିଲର ଗୁଗନାନୀ ଅଟୋକାର ଶୋ'ରୁମ ଶୁଭାରମ୍ଭ ହୋଇଛି। କଟକର ପ୍ରତାପନଗରୀ ଜାତୀୟ ରାଜପଥ ପାର୍ଶ୍ୱରେ ୫ ହଜାର ବର୍ଗଫୁଟ ସ୍ଥାନରେ ଏହି ନୂଆ ଶୋ'ରୁମ ଖୋଲିଛି। ଟାଟା ମୋଟର୍ସର ପାସେଞ୍ଜରର କାରର ବିଭିନ୍ନ ମଡେଲ ଯଥା- ନେକ୍ସନ, ଟିଆଗୋ, ଟିଗୋର, ହେକ୍ସା, ଜେଷ୍ଟ ଏବଂ ବୋଲ୍ଟ ଏଠାରେ ଉପଲବ୍ଧ ହେବ। ଏଠାରେ ଏକ ଅତ୍ୟାଧୁନିକ ସର୍ଭିସ ଷ୍ଟେଶନ ସ୍ଥାପନ କରାଯାଇଛି। ମୂଲ୍ୟ ଯୁକ୍ତ ପ୍ରଡକ୍ଟ ତଥା ବିକ୍ରି ପରବର୍ତ୍ତୀ ସେବା ଯୋଗାଣକୁ ଅଗ୍ରାଧିକାର ଦିଆଯିବା ସହ ଗ୍ରାହକଙ୍କ ଚାହିଦାକୁ ଧ୍ୟାନରେ ରଖାଯିବ ବୋଲି ଶୋ'ରୁମର ପରିଚାଳନା ନିର୍ଦ୍ଦେଶକ ରାଜନ ଗୁଗନାନୀ ସୂଚନା ଦେଇଛନ୍ତି।

## କୋଶ୍ ପକ୍ଷରୁ ରୁଟି ଦାନ ଅଭିଯାନ

**ଭୁବନେଶ୍ୱର,୨୧-୧୦**




ବିଗବଜାରର ମିଳିତ ଆନୁକୂଲ୍ୟରେ କୋଶ୍ ଓଟ୍ସ ପକ୍ଷରୁ ରୁଟି ଦାନ ଅଭିଯାନ ସମ୍ପର୍କରେ ଘୋଷଣା କରାଯାଇଛି। ଅକ୍ଟୋବର ୧୬ରୁ ୨୨ ଯାଏ ଏହି ଅଭିଯାନ ଚାଲିବ। ସଲାମ୍ ବାଲକ୍ ସହଯୋଗିତାରେ ଏହି ଅଭିଯାନ ଦ୍ୱାରା ପିଲାମାନଙ୍କୁ ଆଶ୍ରୟସ୍ଥଳୀ, ଖାଦ୍ୟ ଏବଂ ଶିକ୍ଷା ଯୋଗାଇ ଦିଆଯାଉଛି। ଏହି ଅଭିଯାନ ମାଧ୍ୟମରେ କୋଶ୍ ଏହାର ଗ୍ରାହକଙ୍କୁ ରୁଟି ଦାନ କରିବା ପାଇଁ ଉତ୍ସାହିତ କରୁଛି। ଦେଶର ଯେକୌଣସି ବିଗ୍ ବଜାର ଷ୍ଟୋରକୁ ଯିବା ସମୟରେ ୧ ଟଙ୍କା ଲେଖାଏ ଦାନ କରିବାକୁ ପ୍ରୋତ୍ସାହିତ କରାଯାଉଛି। ଏହାକୁ ସଂଗ୍ରହ କରି ବେସରକାରୀ ସଙ୍ଗଠନକୁ ପ୍ରଦାନ କରାଯିବ। ସଲାମ ବାଲକ ସହାୟତାରେ ବିନା ଖାଦ୍ୟରେ ବଞ୍ଚୁଥିବା ପିଲାମାନଙ୍କୁ ଖାଦ୍ୟ ଯୋଗାଣ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଫ୍ୟୁଚର ଗ୍ରୁପ୍ ଫୁଡ୍ ବିଜନେସ୍ ସିଇଓ ସଦାଶିବ ନାୟକ ସୂଚନା ଦେଇଛନ୍ତି।

## ନାଲ୍‌କୋ କର୍ମଚାରୀଙ୍କ ଷଷ୍ଠ ଦୀର୍ଘମିଆଦୀ ବେତନ ବନ୍ଦୋବସ୍ତ

**ଭୁବନେଶ୍ୱର, ୨୧-୧୦**

ନାଲ୍‌କୋର ସାରା ଦେଶରେ କାର୍ଯ୍ୟରତ ୫,୦୦୦ରୁ ଅଧିକ କର୍ମଚାରୀଙ୍କୁ ଲାଭ ପ୍ରଦାନ ଲାଗି ଷଷ୍ଠ ଦୀର୍ଘମିଆଦୀ ବେତନ ବନ୍ଦୋବସ୍ତ ସଂସ୍ଥାପନ ହୋଇଛି। ନାଲ୍‌କୋ ଅଧ୍ୟକ୍ଷ ତପନ କୁମାର ଚାନ୍ଦ ନିକଟରେ ଏହି ବ୍ୟବସ୍ଥାକୁ ଭୁବନେଶ୍ୱରସ୍ଥ କର୍ପୋରେଟ କାର୍ଯ୍ୟାଳୟରେ ଶୁଭାରମ୍ଭ କରିଛନ୍ତି। ଏଚ୍‌ଆର୍‌ଏ ଇନସେନଟିଭ୍ ଏବଂ ଅନ୍ୟାନ୍ୟ ଲାଭ କର୍ମଚାରୀଙ୍କ ପାରିଶ୍ରମିକର ସଂଶୋଧନ ଲାଗି ଉଦ୍ଦିଷ୍ଟ ମଜୁରୀ ବନ୍ଦୋବସ୍ତ ପ୍ରକ୍ରିୟାକୁ ଗତିଶୀଳ କରାଇବ। ଏକ ମାସ ମଧ୍ୟରେ ବେତନ ବନ୍ଦୋବସ୍ତ ଲାଗି ଆଲୋଚନା ପ୍ରକ୍ରିୟା ଶେଷ କରିବାକୁ ଅନୁମୋଦିତ ସଙ୍ଗଠନ ଏବଂ ପରିଚାଳନା ମଣ୍ଡଳୀଙ୍କ ବୈଠକ ଲାଗି ଚାନ୍ଦ ଆହ୍ୱାନ ଦେଇଛନ୍ତି। ନାଲ୍‌କୋ ଯେଉଁ ସ୍ଥାନରେ ପହଞ୍ଚିଛି ସେଥି ଲାଗି କର୍ମଚାରୀଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ଚାନ୍ଦ କହିଛନ୍ତି।

## ବିଓବିର କୃଷକ ଦିବସ

**ଭୁବନେଶ୍ୱର,୨୧-୧୦**

ବ୍ୟାଙ୍କ ଅଫ୍ ବରୋଦା ଭୁବନେଶ୍ୱର କ୍ଷେତ୍ର ପକ୍ଷରୁ ସ୍ଥାନୀୟ ଏକ ହୋଟେଲରେ କୃଷକ ଦିବସ ପାଳିତ ହୋଇଯାଇଛି। ଇମେଜ ପ୍ରତିଷ୍ଠାନର ନିର୍ଦ୍ଦେଶକ ସତ୍ୟନାରାୟଣ ମିଶ୍ର ଏହାକୁ ଉଦଘାଟନ କରିଥିଲେ। ବ୍ୟାଙ୍କର ଉପକ୍ଷେତ୍ରୀୟ ପ୍ରବନ୍ଧକ ଭାରତ ଭୂଷଣ, ମୁଖ୍ୟ ପ୍ରବନ୍ଧକ ଏଚ୍.ସି ସିହ୍ନା, ଆରଡିବିଏମ୍ ମାନସ ଗୌରବ ମହାରଣା, କୃଷି ବ୍ୟବସାୟ ବିଭାଗର ବରିଷ୍ଠ ପ୍ରବନ୍ଧକ ସୁଧାମୟ ପଣ୍ଡାଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଏଥିରେ ୧୦୦ରୁ ଊର୍ଦ୍ଧ୍ୱ କୃଷକ ଯୋଗ ଦେଇଥିଲେ। କୃଷି ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗ ଉପରେ ଏଠାରେ ଆଲୋଚନା ହୋଇଥିଲା।

## ୟୁନିୟନ ବ୍ୟାଙ୍କ ପକ୍ଷରୁ ହିନ୍ଦୀ ମାସ

**ଭୁବନେଶ୍ୱର,୨୧-୧୦**

ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ହିନ୍ଦୀ ମାସ ଉଦଯାପନ ହୋଇ ଯାଇଛି। ଏହି ଅବସରରେ ରାଜଭାଷା ଉତ୍ସବ-୨୦୧୮ର ପୁରସ୍କାର ବିତରଣ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଭୁବନେଶ୍ୱରର ଅଡିଟୋରିୟମଠାରେ ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ରୂପଲାଲ ମୀନା ଅଧ୍ୟକ୍ଷତା କରିଥିଲେ। ଏସ୍‌ବିଆଇ ମୁଖ୍ୟ କାର୍ଯ୍ୟାଳୟର ମହାପ୍ରବନ୍ଧକ ପ୍ରବିଣା କିଲା ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ସହାୟକ ପ୍ରବନ୍ଧକ ଅଭିଜିତ କୁମାର ଗିରି, ସୁଶ୍ରୀ ରୋଜା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପରିଶେଷରେ ଭୁବନେଶ୍ୱର ଶାଖାର ସହାୟକ ମହାପ୍ରବନ୍ଧକ ଗିରିଜା ଭୂଷଣ ମିଶ୍ର ଧନ୍ୟବାଦ ପ୍ରଦାନ କରିଥିଲେ।

## ସିଣ୍ଡିକେଟ୍ ବ୍ୟାଙ୍କର ସ୍ୱଚ୍ଛ ଭାରତ ଅଭିଯାନ

**ଭୁବନେଶ୍ୱର,୨୧-୧୦**

ସିଣ୍ଡିକେଟ୍ ବ୍ୟାଙ୍କର ୯୩ତମ ପ୍ରତିଷ୍ଠା ଦିବସ ଅବସରରେ ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ସ୍ୱଚ୍ଛ ଭାରତ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱର ଶାଖା କାର୍ଯ୍ୟାଳୟ ଓ କ୍ଷେତ୍ରୀୟ କାର୍ଯ୍ୟାଳୟର ବିଭିନ୍ନ କର୍ମକର୍ତ୍ତା ଏଥିରେ ଯୋଗ ଦେଇଥିଲେ। ଜାଗମରାସ୍ଥିତ କ୍ଷେତ୍ରୀୟ କାର୍ଯ୍ୟାଳୟର ଆଖପାଖ ଅଞ୍ଚଳକୁ ପରିଷ୍କାର ପରିଚ୍ଛନ୍ନ କରାଯାଇଥିଲା। ବ୍ୟାଙ୍କ ପକ୍ଷରୁ ଆୟୋଜିତ ଏହି ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମରେ ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ ସ୍ୱେଚ୍ଛାସେବୀ ଯୋଗ ଦେଇଥିଲେ। ପ୍ରବନ୍ଧକ କେ.ସି ଗୁପ୍ତ, ଉପ-କ୍ଷେତ୍ରୀୟ ପ୍ରବନ୍ଧକ ଏସ୍. ମାନସିଂହ ଏଥିରେ ଯୋଗ ଦେଇଥିଲେ।



“ ଅଷ୍ଟ୍ରେଲିଆ ବ୍ୟାଟିଂରେ ଅବନତି ପରିଲକ୍ଷିତ ହୋଇଛି। ବ୍ୟାଟିଂ ଟେକ୍‌ନିକ୍‌ରେ ସୁଧାର ଆଣିବା ଜରୁରୀ ହୋଇପଡ଼ିଛି ।
–ଜଷ୍ଟିନ ଲାଙ୍ଗର, ଅଷ୍ଟ୍ରେଲିଆ କ୍ରିକେଟ କୋଚ୍



“ ଆରମ୍ଭରୁ ଭଲ ପ୍ରଦର୍ଶନ କରିପାରିଲେ ଆଗାମୀ ଅଷ୍ଟ୍ରେଲିଆ ବିପକ୍ଷ ଟେଷ୍ଟ ସିରିଜରେ ଭାରତୀୟ ଦଳର ବିଜୟ ସମ୍ଭାବନା ରହିଛି ।
–ଏବି ଡି'ଭିଲର୍ସ, ଦକ୍ଷିଣ ଆଫ୍ରିକାର ମହାନ କ୍ରିକେଟର

## ସଂକ୍ଷେପରେ

### ଭିନୁ ମଙ୍କଡ ଟ୍ରଫି ଅନ୍ତିମ ମ୍ୟାଚ୍‌ରେ ହାରିଲା ଓଡ଼ିଶା

**କଟକ ଅଫିସ,୨୧।୧୦:** ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ଆନୁକୂଲ୍ୟରେ ଅନୁଷ୍ଠିତ ୧୯ବର୍ଷରୁ କମ୍ ଭିନୁ ମଙ୍କଡ ଟ୍ରଫିରେ ଓଡ଼ିଶା ରବିବାର ଅନ୍ତିମ ଲିଗ୍ ମ୍ୟାଚ୍‌ରେ ୯ ଉଇକେଟରେ ତାମିଲନାଡୁଠାରୁ ପରାସ୍ତ ହୋଇଛି । ଏଲିଟ୍ ଗ୍ରୁପ୍-ସିରେ ସ୍ଥାନ ପାଇଥିବା ଓଡ଼ିଶା ପ୍ରତିଯୋଗିତାରୁ ବାଦ୍ ପଡ଼ିସାରିଥିବା ବେଳେ ପଏଣ୍ଟ ଟେବୁଲର ୭ମ ସ୍ଥାନରେ ରହି ଅଭିଯାନ ଶେଷ କରିଛି । ୭ଟି ମ୍ୟାଚ୍‌ରୁ ୨ଟି ବିଜୟ ଓ ୫ଟି ପରାଜୟ ସହ ଓଡ଼ିଶାକୁ ମାତ୍ର ୮ ପଏଣ୍ଟ ମିଳିଛି । ଓଡ଼ିଶା ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଦଳ ୨୧୫ରନ୍‌ରେ ଅଲଆଉଟ ହୋଇଥିବା ବେଳେ ଅଧିନାୟକ ରଘୁନାଥ ମଲ୍ଲ ୪୦, ସ୍ୱସ୍ତିକ ସାମଲ ୩୫, ଶୁଭମ ଶତ୍ରୁଜିତ ୨୮, ଅନୀଲ ପରିଡ଼ା ୨୩ରନ୍ କରିଥିଲେ। ତାମିଲନାଡୁ ପକ୍ଷରୁ ଏସ୍ କିଶନ କୁମାର ୩ଟି ଉଇକେଟ ଦଖଲ କରିଥିଲେ । ଜବାବରେ ତାମିଲନାଡୁ ମାତ୍ର ଗୋଟିଏ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିଥିଲା । ଓପନର ନିଧିଶ ରାଜଗୋପାଳ ୭ରନ୍‌ରେ ସୁମନ କୁମାର ଦାସଙ୍କ ଦ୍ୱାରା ଆଉଟ ହୋଇଥିବା ବେଳେ ଅନ୍ୟତମ ଓପନର ପି. ପ୍ରବିଣ କୁମାର(୧୧୬ରନ୍) ଧୁଆଁଧାର ଶତକୀୟ ଇନିଂସ୍ ଖେଳିଥିଲେ । ପ୍ରଦୋଷ ରଞ୍ଜନ ପଲ ୮୩ରନ୍ କରି ଅପରାଜିତ ରହିଥିଲେ।

### ମହାରାଷ୍ଟ୍ରକୁ ହରାଇଲା ଓଡ଼ିଶା

**କଟକ ଅଫିସ,୨୧।୧୦:** ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଗ୍ରାଉଣ୍ଡରେ ଅନୁଷ୍ଠିତ ୧୯ବର୍ଷରୁ କମ୍ ମହିଳା ଟି୨୦ ଟୁର୍ନାମେଣ୍ଟରେ ରବିବାର ଓଡ଼ିଶା ୭ ଉଇକେଟରେ ମହାରାଷ୍ଟ୍ରକୁ ପରାସ୍ତ କରିଛି। ଏହି ବିଜୟ ସହ ଓଡ଼ିଶା ୫ଟି ମ୍ୟାଚ୍‌ରୁ ୪ଟି ବିଜୟ ଓ ଗୋଟିଏ ପରାଜୟ ସହ ଗ୍ରୁପ-ବି ପଏଣ୍ଟ ଟେବୁଲର ଦ୍ୱିତୀୟ ସ୍ଥାନରେ ରହିଛି । ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ମହାରାଷ୍ଟ୍ର ନିର୍ଦ୍ଧାରିତ ୨୦ ଓଭରରେ ୫ ଉଇକେଟ ହରାଇ ୮୮ରନ୍ କରିଥିଲା । ଅଧିନାୟିକା ପ୍ରିୟଙ୍କା ସୁଭାଷ ଘୋଡକେ ସର୍ବାଧିକ ୨୬ରନ୍ କରିଥିଲେ । ଓଡ଼ିଶା ପକ୍ଷରୁ ତରଣା ପ୍ରଧାନ ୩ଟି ଉଇକେଟ ଦଖଲ କରିଥିଲେ । ଜବାବରେ ଓଡ଼ିଶା ୧୬.୩ ଓଭରରେ ୩ ଉଇକେଟ ବିନିମୟରେ ଧାର୍ଯ୍ୟ ବିଜୟ ଲକ୍ଷ୍ୟ ହାସଲ କରିଛି । ଓପନର ଶୁଭ୍ର ନିର୍ଝରିଣୀ ସ୍ୱାଇଁ ଅପରାଜିତ ୩୮ରନ୍ କରିଥିଲେ । କାଜଲ ଜେନା ୧୯ରନ୍, ପୁନମ ନାୟକ ୧୫ରନ୍ କରିଛନ୍ତି ।

# ବିରାଟ, ରୋହିତଙ୍କ ରାଜ

## ୱେଷ୍ଟଇଣ୍ଡିଜକୁ ୮ ଉଇକେଟରେ ହରାଇଲା ଭାରତ

**ଗୁଆହାଟୀ, ୨୧।୧୦**

ଗୁଆହାଟୀର ବର୍ଷାପରା କ୍ରିକେଟ ଷ୍ଟାଡିୟମରେ ରବିବାର ବିରାଟ କୋହଲି ଓ ରୋହିତ ଶର୍ମାଙ୍କ ରାଜ୍ ଦେଖିବାକୁ ମିଳିଛି। ବିରାଟ ଓ ରୋହିତଙ୍କ ଶତକୀୟ ଇନିଂସ ଏବଂ ଦ୍ୱିତୀୟ ଉଇକେଟରେ ୨୪୬ ରନର ଭାଗୀଦାରି ବଳରେ ଭାରତ ପ୍ରଥମ ଦିନିକିଆ କ୍ରିକେଟ ମ୍ୟାଚରେ ୱେଷ୍ଟଇଣ୍ଡିଜକୁ ୮ ଉଇକେଟରେ ପରାସ୍ତ କରିଛି। ୱେଷ୍ଟଇଣ୍ଡିଜ ପକ୍ଷରୁ ଧାର୍ଯ୍ୟ ୩୨୩ ରନର ବିଜୟ ଲକ୍ଷ୍ୟକୁ ୪୨.୨ ଓଭରରେ ମାତ୍ର ୨ ଉଇକେଟ ହରାଇ ଅତିକ୍ରମ କରିଛି ଟିମ୍ ଇଣ୍ଡିଆ। ବିରାଟ ୧୪୦ ରନ କରି ଆଉଟ ହୋଇଥିବାବେଳେ ରୋହିତ ୧୫୨ ରନରେ ଅପରାଜିତ ରହି ଦଳକୁ ବିଜୟ ମଣ୍ଡିତ କରାଇଛନ୍ତି। ୧୦୭ ବଲ୍‌ର ସମ୍ମୁଖୀନ ହୋଇଥିବା କୋହଲି ନିଜ ଇନିଂସ ମଧ୍ୟରେ ୨୧ ଚୌକା ଓ ୨ ଛକା ଏବଂ ରୋହିତ ୧୧୭ଟି ବଲ୍ ଖେଳି ୧୫ ଚୌକା ଓ ୮ ଛକା ମାରିଛନ୍ତି। ଏଥିସହ ୫ ମ୍ୟାଚ ବିଶିଷ୍ଟ ସିରିଜରେ ଭାରତ ୧–୦ରେ ଅଗ୍ରଣୀଲାଭ କରିଛି।

ବଡ଼ ସ୍କୋରର ପିଛା କରି ଭାରତ ମାତ୍ର ୧୦ ରନରେ ଓପନର ଶିଖର ଧାୱନଙ୍କ ଉଇକେଟ ହରାଇଥିଲା। ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟରେ ପଦାର୍ପଣ କରିଥିବା ୱେଷ୍ଟଇଣ୍ଡିଜ ଫାଷ୍ଟ ବୋଲର ଓଶାନେ ଥୋମାସ ଧାୱନଙ୍କୁ କ୍ଲିନ ବୋଲ୍ଡ କରି ଭାରତକୁ ପ୍ରାରମ୍ଭିକ ଝଟ୍‌କା ଦେଇଥିଲେ। ଥୋମାସ ନିଜ ପ୍ରଥମ ଦିନିକିଆର ପ୍ରଥମ ଓଭରରେ ଯଥାକ୍ରମେ ଘଣ୍ଟାକୁ ୧୪୭, ୧୪୭, ୧୪୦, ୧୪୯, ୧୪୭, ୧୪୭ କିଲୋମିଟର ବେଗରେ ୬ଟି ବଲ୍ ପକାଇଥିଲେ। ଏହି ଓଭରର ଶେଷ ବଲ୍‌ରେ ସେ ଉଇକେଟ ମଧ୍ୟ ନେଇଥିଲେ। ମାତ୍ର କୋହଲିଙ୍କ ପ୍ରତିଆକ୍ରମଣାତ୍ମକ ଶଟ୍ ଥୋମାସଙ୍କୁ ଅଧିକ ସଫଳତା ପାଇବାରୁ ବଞ୍ଚିତ କରିଥିଲା। ତୃତୀୟ ଓଭରରେ କ୍ରିଜକୁ ଆସିଥିବା କୋହଲି ଧୂଆଁଧାର ଇନିଂସ ଖେଳି କ୍ୟାରିୟରର ୩୬ତମ ଦିନିକିଆ ଶତକ ହାସଲ କରିବା ସହ ଭାରତକୁ ବିପଦ ବଳୟରୁ ବାହାରକୁ ନେଇ ଆସିଥିଲେ। ଅନ୍ୟପକ୍ଷରେ ଆରମ୍ଭରେ ଅପେକ୍ଷାକୃତ ଧୀମା ଖେଳିଥିବା ରୋହିତ ପରେ ସ୍ୱାଭାବିକ ପ୍ରଦର୍ଶନ କରି କ୍ୟାରିୟରର ୨୦ତମ ଶତକ ହାସଲ କରିଥିଲେ। ଏ ଦୁହେଁ ଦ୍ୱିତୀୟ ଉଇକେଟ ଯୋଡ଼ିରେ ଦମ୍‌ଦାର ପ୍ରଦର୍ଶନ କରି ଭାରତର ବିଜୟ ପକ୍କା କରି ଦେଇଥିଲେ। ଦଳୀୟ ସ୍କୋର ୨୫୬ ଥିବାବେଳେ ଦେବେନ୍ଦ୍ର ବିଶୁଙ୍କ ବଲ୍‌ରେ କୋହଲି ଷ୍ଟମ୍ପିଂ ହୋଇ ଯାଇଥିଲେ। ରୋହିତ ଓ ଅମ୍ବାତି ରାୟୁଡୁ(୨୨* ରନ) ଅସମାପ୍ତ ୩ୟ ଉଇକେଟରେ ୭୦ ରନ ଯୋଗକରି ଆହୁରି ୪୭ଟି ବଲ୍ ବାକିଥାଇ ଭାରତକୁ ବିଜୟୀ କରାଇଥିଲେ।



ଶତକ ହାସଲ ପରେ ବିରାଟ କୋହଲିଙ୍କୁ ବଧାଇ ଜଣାଉଛନ୍ତି ରୋହିତ ଶର୍ମା।

କୋହଲି ଓ ରୋହିତଙ୍କ ଆଗରେ ୱେଷ୍ଟଇଣ୍ଡିଜର ସମସ୍ତ ବୋଲର ଅସହାୟ ମନେ ହୋଇଥିଲେ। ସବୁ ବୋଲର ମହଙ୍ଗା ସାବ୍ୟସ୍ତ ହୋଇଥିବାବେଳେ ଥୋମାସ ଓ ବିଶୁ ଗୋଟିଏ ଲେଖାଏ ଉଇକେଟ ନେବାରେ ସକ୍ଷମ ହୋଇଥିଲେ। ବିରାଟ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ।

### ହେଟମେରଙ୍କ ଶତକ

ଟସ୍ ଜିତି ଭାରତ ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ୱେଷ୍ଟଇଣ୍ଡିଜ ୧୯ ରନ୍‌ରେ ଓପ୍‌ନର ଚନ୍ଦରପଲ ହେମରାଜ(୯)ଙ୍କ ଉଇକେଟ ହରାଇ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲେ ହେଁ ଦ୍ୱିତୀୟ ଉଇକେଟରେ ୬୫ ରନ୍‌ର ଭାଗୀଦାରି ଗଢ଼ି ଇନିଂସ ସମ୍ଭାଳି ନେଇଥିଲା। ତେବେ ଏହି ଯୋଡ଼ି ଭାଙ୍ଗିବା ସହ ୩ ରନ୍ ମଧ୍ୟରେ ୨ଟି ଉଇକେଟ ହରାଇ ଭ୍ରମଣକାରୀ ଦଳ ପୁଣି ବିପଦରେ ପଡ଼ିଥିଲା। ଅନ୍ୟତମ ଓପ୍‌ନର କେରନ ପାୱେଲ ୩୯ ବଲ୍‌ରୁ ଦ୍ରୁତ ୫୧(୬ ଚୌକା, ୨ ଛକା) ରନ୍ କରିଥିବାବେଳେ ଖଲିଲ ଅହମ୍ମଦଙ୍କ ବଲ୍‌ରେ ଶିଖର ଧାୱନଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ଅଭିଜ୍ଞ ମାର୍ଲୋନ ସାମୁଏଲ୍ସ ଖାତା ଖୋଲିବା ପୂର୍ବରୁ ଆଉଟ୍ ହେବା ୱେଷ୍ଟଇଣ୍ଡିଜ ପାଇଁ ଶକ୍ତ ଧକ୍କା ସଦୃଶ ହୋଇଥିଲା। ମାତ୍ର ମିଡଲ ଅର୍ଡରରେ ଆସିଥିବା ୨୧ ବର୍ଷୀୟ ସିମରନ ହେଟ୍‌ମେର ଦୃଢ଼ତାର ସହ ଭାରତୀୟ ବୋଲରଙ୍କୁ ସମ୍ମୁଖୀନ ହୋଇ ଦଳକୁ ବଡ଼ ସ୍କୋର ଦିଗରେ ଅଗ୍ରସର କରାଇଥିଲେ। ସେ ବ୍ୟକ୍ତିଗତ ଭାବେ ତୃତୀୟ ଦିନିକିଆ ଶତକ ହାସଲ କରିବା ସହ ରୋଭମାନ ପାୱେଲଙ୍କ ସହ ୫ମ ଉଇକେଟ ଯୋଡ଼ିରେ ୭୪ ଓ ଅଧିନାୟକ ଜାସନ ହୋଲ୍ଡରଙ୍କ ସହ ୬ଷ୍ଠ ଉଇକେଟ ଭାଗୀଦାରିରେ ୬୦ ରନ୍ ଯୋଗକରି ୱେଷ୍ଟଇଣ୍ଡିଜକୁ ସମ୍ମାନଜନକ ସ୍କୋର ଦେବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ରୋଭମାନ ୨୩ ବଲ୍‌ରୁ ୨୨ ଏବଂ ହୋଲ୍ଡର ୪୨ ବଲ୍‌ରୁ ୩୮ ରନ୍ କରିଥିବାବେଳେ ହେଟ୍‌ମେର ୭୮ଟି ବଲ୍‌ର ସମ୍ମୁଖୀନ ହୋଇ ୬ଟି ଲେଖାଏ ଚୌକା ଓ ଛକା ସହାୟତାରେ ୧୦୬ ରନ୍ କରି ଆଉଟ୍ ହୋଇଥିଲେ। ଆଶ୍ଲେ ନର୍ସ ମାତ୍ର ୨ ରନ୍ କରିବାକୁ ସକ୍ଷମ ହୋଇଥିଲେ ହେଁ ଦେବେନ୍ଦ୍ର ବିଶୁ ୨୨(୨୬ ବଲ, ୩ ଚୌକା) ଓ କେମର ରୋଚ୍ ୨୬ (୨୨ ବଲ, ୨ ଚୌକା, ୧ ଛକା) ରନ୍‌ରେ ଅପରାଜିତ ରହି ୱେଷ୍ଟଇଣ୍ଡିଜ ସ୍କୋରକୁ ୩୦୦ ଅତିକ୍ରମ କରାଇଥିଲେ। ଅସମାପ୍ତ ୯ମ ଉଇକେଟରେ ଏ ଦୁହେଁ ୪୪ ରନ ସଂଗ୍ରହ କରିବାରୁ ୱେଷ୍ଟଇଣ୍ଡିଜ ୫୦ ଓଭରରେ ୮ ଉଇକେଟ ହରାଇ ୩୨୨ ରନ୍ କରିବାକୁ ସକ୍ଷମ ହୋଇଥିଲା। କେବଳ ଯୁଜବେନ୍ଦ୍ର ଚହଲଙ୍କୁ ଛାଡ଼ିଦେଲେ ଅନ୍ୟ ସବୁ ଭାରତୀୟ ବୋଲର ମହଙ୍ଗା ସାବ୍ୟସ୍ତ ହୋଇଥିଲେ। ଚହଲ ୧୦ ଓଭରରେ ୪୧ ରନ୍ ଦେଇ ସର୍ବାଧିକ ୩ଟି ଉଇକେଟ ନେଇଥିଲେ। ମହମ୍ମଦ ସାମି ୮୧ ରନ୍‌ରେ ୨ଟି, ରବୀନ୍ଦ୍ର ଜାଡେଜା ୬୬ ରନ୍‌ରେ ୨ଟି ଏବଂ ଖଲିଲ ଅହମ୍ମଦ ୬୪ ରନ୍ ଦେଇ ଗୋଟିଏ ଉଇକେଟ ପାଇଥିଲେ। ଉମେଶ ଯାଦବ ୧୦ ଓଭରରେ ୬୪ ରନ୍ ବ୍ୟୟ କରିଥିଲେ ହେଁ ଉଇକେଟ ପାଇ ନ ଥିଲେ।

ଏହି ମ୍ୟାଚ୍‌ରେ ଭାରତର ରିଷଭ ପନ୍ତ, ୱେଷ୍ଟଇଣ୍ଡିଜର ଚନ୍ଦରପଲ ହେମରାଜ ଓ ଓସହାନେ ଥୋମାସ ଅନ୍ତର୍ଜାତୀୟ ଦିନିକିଆ କ୍ୟାରିୟର ଆରମ୍ଭ କରିଥିଲେ।

### ସଂକ୍ଷିପ୍ତ ସ୍କୋର

ୱେଷ୍ଟଇଣ୍ଡିଜ ୫୦ ଓଭରରେ ୩୨୨/୮(ହେଟମେର-୧୦୬, କେରନ ପାୱେଲ-୫୧, ହୋଲ୍ଡର-୩୮, ଚହଲ-୩/୪୧, ସାମି-୨/୮୧, ଜାଡେଜା-୨/୬୬, ଖଲିଲ-୧/୬୪)
ଭାରତ ୪୨.୧ ଓଭରରେ ୩୨୬/୨(ରୋହିତ-୧୫୨*, କୋହଲି-୧୪୦, ରାୟୁଡୁ-୨୨*, ଥୋମାସ-୧/୮୩, ବିଶୁ-୧/୭୨)।

### ହାଇଲାଇଟ୍ସ

❖ ବିରାଟ କୋହଲିଙ୍କର ଏହା ୩୬ତମ ଦିନିକିଆ ଶତକ। ରନ ଚେଜ୍ କ୍ଷେତ୍ରରେ ଏହା ୨୨ତମ, ଘରୋଇ ପରିବେଶରେ ୧୫ତମ ଏବଂ ଅଧିନାୟକ ଭାବେ ୧୪ତମ ଶତକ। ୱେଷ୍ଟଇଣ୍ଡିଜ ବିପକ୍ଷରେ ଏହା ତାଙ୍କର ୫ମ ଶତକ।

❖ ଅଧିନାୟକ ଭାବେ ରିକି ପଣ୍ଟିଂ ସର୍ବାଧିକ ୨୨ ଶତକ ହାସଲ କରିଛନ୍ତି। ଟିମ୍ ଇଣ୍ଡିଆ ଅଧିନାୟକ ଭାବେ ବିରାଟ କୋହଲିଙ୍କ ଶତକ ସଂଖ୍ୟା ୧୪ରେ ପହଞ୍ଚିଛି। ୧୦ରୁ ଊର୍ଦ୍ଧ୍ୱ ଶତକ ହାସଲ କରିଥିବା ଅନ୍ୟ ୩ ଅଧିନାୟକ ହେଲେ ଏ.ବି. ଡିଭିଲର୍ସ-୧୩, ସୌରଭ ଗାଙ୍ଗୁଲି-୧୧ ଓ ସନଥ ଜୟସୁରିୟା-୧୦ ।

❖ ବିରାଟ କୋହଲି ଓ ରୋହିତ ଶର୍ମା ଦ୍ୱିତୀୟ ଉଇକେଟ ଯୋଡ଼ିରେ ୨୪୬ ରନ ସଂଗ୍ରହ କରିଛନ୍ତି। ଏକଦିବସୀୟ କ୍ରିକେଟରେ ରନ୍ ଚେଜ୍ କ୍ଷେତ୍ରରେ ଦ୍ୱିତୀୟ ଉଇକେଟରେ ଏହା ସର୍ବାଧିକ ଭାଗୀଦାରି। ୨୦୧୬ରେ କାନବେରାଠାରେ ଅଷ୍ଟ୍ରେଲିଆ ବିପକ୍ଷରେ ଶିଖର ଧାୱନ ଓ ବିରାଟ ଦ୍ୱିତୀୟ ଉଇକେଟ ଯୋଡ଼ିରେ ୨୧୨ ରନ ସଂଗ୍ରହ କରି ଏପର୍ଯ୍ୟନ୍ତ ରେକର୍ଡର ଅଧିକାରୀ ଥିଲେ। ୱେଷ୍ଟଇଣ୍ଡିଜ ବିପକ୍ଷରେ ଯେ କୌଣସି ଉଇକେଟ ଯୋଡ଼ିରେ ଭାରତର ଏହା ସର୍ବାଧିକ ସ୍କୋର। ପୂର୍ବରୁ ୨୦୦୨ରେ ରାଜକୋଟଠାରେ ସୌରଭ ଗାଙ୍ଗୁଲି ଓ ବୀରେନ୍ଦ୍ର ସେହ୍ୱାଗ ସର୍ବାଧିକ ୧୯୬ ରନର ଭାଗୀଦାରି ଗଢ଼ିଥିଲେ।

❖ ବିରାଟ କୋହଲି ଓ ରୋହିତ ଶର୍ମା ଏଥିସହ ଆଇସିସିର ପୂର୍ଣ୍ଣ ସଦସ୍ୟଥିବା ୧୦ ଦେଶ ବିପକ୍ଷରେ ଶତକ ହାସଲ କରିଛନ୍ତି। ପୂର୍ବରୁ ଏହି କ୍ଲବରେ ସଚିନ ତେନ୍ଦୁଲକର, ରିକି ପଣ୍ଟିଂ, ହର୍ସେଲ ଗିବ୍ସ, ହାସିମ ଆମଲା, ରସ୍ ଟେଲର, ଏବି ଡିଭିଲର୍ସ, ମାର୍ଟିନ ଗୁପ୍‌ଟିଲ, ଉପୁଲ ଥରଙ୍ଗା ରହିଛନ୍ତି।

❖ ଗୋଟିଏ ଦିନିକିଆରେ ଯୋଡ଼ିଭାବେ କୋହଲି ଓ ରୋହିତ ଏହାକୁ ମିଶାଇ ୪ ଥର ଶତକ ହାସଲ କରିଛନ୍ତି। ଏବି ଡିଭିଲର୍ସ ଓ ହାମିମ ଅମ୍‌ଲା ୫ ଥର ଲେଖାଏ ଶତକ ହାସଲ କରି ଏହି ତାଲିକାର ଶୀର୍ଷରେ ରହିଛନ୍ତି। ସଚିନ ତେନ୍ଦୁଲକର ଓ ସୌରଭ ଗାଙ୍ଗୁଲି, ହାସିମ ଅମ୍‌ଲା ଓ କ୍ୱିଣ୍ଟନ ଡିକକ୍ ମଧ୍ୟ ୪ ଥର ଲେଖାଏ ଏହି ସଫଳତା ପାଇଛନ୍ତି।

❖ ରୋହିତ ଓ ବିରାଟଙ୍କ ୨୪୬ ରନ ଭାଗୀଦାରି ଦିନିକିଆ କ୍ରିକେଟରେ ରନ ଚେଜ୍ କ୍ଷେତ୍ରରେ ଦ୍ୱିତୀୟ ସର୍ବାଧିକ। ୨୦୦୯ରେ ସେଞ୍ଚୁରିଅନଠାରେ ସେନ୍ ୱାଟସନ ଓ ରିକି ପଣ୍ଟିଂ ଇଂଲଣ୍ଡ ବିପକ୍ଷରେ ସର୍ବାଧିକ ୨୫୨* ରନ ସଂଗ୍ରହ କରି ଏହି ତାଲିକାର ଶୀର୍ଷରେ ଅଛନ୍ତି। ୨୦୧୦ରେ କରି ସାଦିକ୍ ଓ ମହମ୍ମଦ ସେହଜାଦ ସ୍କଟଲାଣ୍ଡ ବିପକ୍ଷରେ ୨୧୮* ରନ ସଂଗ୍ରହ ସହ ତୃତୀୟ ସ୍ଥାନରେ ରହିଛନ୍ତି।

# ବିପ୍ଲବ ଅଧିନାୟକ, ପପୁ, ରାଜେଶ, ଦେବବ୍ରତ, ଅଭିଷେକ ନୂଆମୁହଁ

**କଟକ ଅଫିସ,୨୧।୧୦**

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ଆନୁକୂଲ୍ୟରେ ଘରୋଇ କ୍ରିକେଟର ଶ୍ରେଷ୍ଠ ପ୍ରତିଯୋଗିତା ରଣଜୀଟ୍ରଫି ଆସନ୍ତା ନଭେମ୍ବର ୧ ତାରିଖରୁ ଆରମ୍ଭ ହେବ । ଏ ନେଇ ରବିବାର ଓଡ଼ିଶା କ୍ରିକେଟ ଆସୋସିଏଶନ ପକ୍ଷରୁ ଟୁର୍ନାମେଣ୍ଟର ପ୍ରଥମ ୨ଟି ମ୍ୟାଚ୍ ନିମନ୍ତେ ୧୫ଜଣିଆ ଦଳ ଘୋଷଣା କରାଯାଇଛି । ତେବେ ୩ବର୍ଷ ବ୍ୟବଧାନ ପରେ ବିପ୍ଲବ ସାମନ୍ତରାୟଙ୍କୁ ପୁନର୍ବାର ଅଧିନାୟକ ଭାର ପ୍ରଦାନ କରାଯାଇଛି। ଅନ୍ୟପକ୍ଷରେ ରଣଜୀ ସିଜନ୍ ନିମନ୍ତେ ଦଳରେ ୪ଜଣ ନୂଆମୁହଁ ସାମିଲ ହୋଇଛନ୍ତି । ଏମାନେ ହେଲେ ପପୁ ରାୟ, ରାଜେଶ ମହାନ୍ତି, ଦେବବ୍ରତ ପ୍ରଧାନ ଓ ଅଭିଷେକ ରାଉତ । ୪ଜଣ ଯାକ ପୂର୍ବରୁ ଲିଷ୍ଟ–ଏ ଓ ଟି୨୦ ମ୍ୟାଚ୍‌ରେ ରାଜ୍ୟ ପକ୍ଷରୁ ପ୍ରତିନିଧିତ୍ୱ କରୁଥିଲେ ମଧ୍ୟ ୪ଦିନିଆ ଫର୍ମାଟରେ ପ୍ରଥମଥର ପାଇଁ ପଦାର୍ପଣ କରିବେ । ନଭେମ୍ବର ୧ ଓ ୧୨ ତାରିଖରେ ପ୍ରତିଯୋଗିତାର ପ୍ରଥମ ଦୁଇଟି ମ୍ୟାଚ୍ ଭୁବନେଶ୍ୱରସ୍ଥିତ କିଟ୍ ବିଶ୍ୱବିଦ୍ୟାଳୟ ଗ୍ରାଉଣ୍ଡରେ ଖେଳାଯିବ । ପ୍ରଥମ ମ୍ୟାଚ୍ ହରିୟାଣା ଓ ଦ୍ୱିତୀୟ ମ୍ୟାଚ୍‌ରେ ଉତ୍ତରପ୍ରଦେଶକୁ ଓଡ଼ିଶା ଭେଟିବ । ଘୋଷିତ ଦଳରେ ଓପନର ଭାବେ ଦାୟିତ୍ୱ ନେଉଥିବା ରାଜେଶ ଧୂପରଙ୍କୁ ସାମିଲ କରାଯାଇ ନାହିଁ । ଓପନିଂ ଦାୟିତ୍ୱ ଅଭିଜ୍ଞ ଅନୁରାଗ ଷଡ଼ଙ୍ଗୀ ଓ ରଣଜିତ ସିଂଙ୍କ କାନ୍ଧରେ ରହିବ । ଏହାଛଡ଼ା ସନ୍ଦୀପ ପଟ୍ଟନାୟକ ମଧ୍ୟ ରହିଛନ୍ତି । ଅନ୍ୟ ବ୍ୟାଟ୍ସମ୍ୟାନ ଭାବେ ପୂର୍ବତନ ଅଧିନାୟକ ଗୋବିନ୍ଦ ପୋଦ୍ଦାର, ଶୁଭ୍ରାଂଶୁ ଶେଖର ସେନାପତି, ଶାନ୍ତନୁ ମିଶ୍ର ଓ ଅଧିନାୟକ ବିପ୍ଲବଙ୍କ ଉପରେ ମଧ୍ୟକ୍ରମର ବ୍ୟାଟିଂ ଭାର ରହିବ । ସୁଜିତ ଲେଙ୍କା ଉଇକେଟ କିପର ଭାବେ ଦଳରେ ରହିଛନ୍ତି । ନବାଗତ ରାଜେଶ ମହାନ୍ତି, ଦେବବ୍ରତ ପ୍ରଧାନ ଅଭିଜ୍ଞ ବସନ୍ତ ମହାନ୍ତି ଓ ସୂର୍ଯ୍ୟକାନ୍ତ ପ୍ରଧାନଙ୍କୁ ପେସ୍ ବୋଲିଂ କ୍ଷେତ୍ରରେ ସହାୟତା ପ୍ରଦାନ କରିବେ । ନିକଟ ଅତୀତରେ ଶେଷ ହୋଇଥିବା ୧୯ ବର୍ଷରୁ କମ୍ ଏସିଆ କପ୍‌ରେ ଜାତୀୟ ଦଳରୁ ରାଜେଶ ପ୍ରତିନିଧିତ୍ୱ କରି ଫେରିଛନ୍ତି । ସ୍ପିନର ଭାବେ ପପୁ ରାୟ, ଶୁଭମ ନାୟକ ସାମିଲ ହୋଇଥିବା ବେଳେ ଅଲ୍‌ରାଉଣ୍ଡର ଅଭିଷେକ ରାଉତ ମଧ୍ୟ ଦଳରେ ଅଛନ୍ତି । ଅଭିଷେକ ପୂର୍ବରୁ ବମ୍ବେ ପକ୍ଷରୁ ରଣଜୀ ଖେଳିଥିବା ଓଡ଼ିଶା ପକ୍ଷରୁ ପ୍ରଥମଥର ପାଇଁ ଖେଳିବାକୁ ଯାଉଛନ୍ତି ।

**ଓଡ଼ିଶା ରଣଜୀ ଦଳ:** ବିପ୍ଲବ ସାମନ୍ତରାୟ (ଅଧିନାୟକ), ଅନୁରାଗ ଷଡ଼ଙ୍ଗୀ, ରଣଜିତ ସିଂ, ସନ୍ଦୀପ ପଟ୍ଟନାୟକ, ଗୋବିନ୍ଦ ପୋଦ୍ଦାର, ଶୁଭ୍ରାଂଶୁ ଶେଖର ସେନାପତି, ଶାନ୍ତନୁ ମିଶ୍ର, ସୁଜିତ ଲେଙ୍କା (ଉଇକେଟ କିପର), ପପୁ ରାୟ, ରାଜେଶ ମହାନ୍ତି, ଦେବବ୍ରତ ପ୍ରଧାନ, ବସନ୍ତ ମହାନ୍ତି, ସୂର୍ଯ୍ୟକାନ୍ତ ପ୍ରଧାନ, ଅଭିଷେକ ରାଉତ, ଶୁଭମ ନାୟକ। କୋଚ୍: ରଶ୍ମୀରଞ୍ଜନ ପରିଡ଼ା, ଫିଜିଓ: ଶୁଭକାନ୍ତ ସାହୁ, ଟ୍ରେନର: ମନୋଜ କୁମାର ବିଶ୍ୱାଳ, **ପର୍ଯ୍ୟବେକ୍ଷକ:** ଶୁଭାଶିଷ ଭୂୟାଁ।



ବିପ୍ଲବ ସାମନ୍ତରାୟ

### ଓଡ଼ିଶାର ରଣଜୀ ମ୍ୟାଚ୍ ତାଲିକା

ନଭେମ୍ବର ୧ରୁ ୪: ବନାମ ହରିୟାଣା, କିଟ୍ ଗ୍ରାଉଣ୍ଡ
ନଭେମ୍ବର ୧୨ରୁ ୧୫: ବନାମ ଉତ୍ତରପ୍ରଦେଶ, କିଟ ଗ୍ରାଉଣ୍ଡ
ନଭେମ୍ବର ୨୦ରୁ ୨୩: ବନାମ ଆସାମ,ଗୁଆହାଟୀ
ନଭେମ୍ବର ୨୮ରୁ ଡିସେମ୍ବର ୧: ବନାମ ତ୍ରିପୁରା, ଡ୍ରିମ୍ସ ଗ୍ରାଉଣ୍ଡ
ଡିସେମ୍ବର ୬ରୁ ୯: ବନାମ ଝାଡ଼ଖଣ୍ଡ, ରାଞ୍ଚି
ଡିସେମ୍ବର ୧୪ରୁ ୧୭: ବନାମ ରାଜସ୍ଥାନ, କିଟ୍ ଗ୍ରାଉଣ୍ଡ
ଡିସେମ୍ବର ୨୨ରୁ ୨୫: ବନାମ ଜମ୍ମୁ ଓ କଶ୍ମୀର, ଜମ୍ମୁ
ଡିସେମ୍ବର ୩୦ରୁ ଜାନୁଆରୀ ୨: ବନାମ ସର୍ଭିସେସ୍, ନୂଆଦିଲ୍ଲୀ
ଜାନୁୟାରୀ ୭ରୁ ୧୦: ବନାମ ଗୋଆ, ବିକାଶ ଗ୍ରାଉଣ୍ଡ



କଳିଙ୍ଗ ନଗର ଡିଏଭି ପବ୍ଲିକ୍ ସ୍କୁଲରେରବିବାର ଅନୁଷ୍ଠିତ ସ୍କୁଲ୍ସ ଓପନ ଚେସ୍ ଚାମ୍ପିୟନଶିପ୍‌ର କୃତୀ ପ୍ରତିଯୋଗୀମାନେ ପୁରସ୍କାର ସହ ଅତିଥିଙ୍କ ଗହଣରେ।

# ଫିନିସିଂକୁ ନେଇ ହରେନ୍ଦ୍ର ଚିନ୍ତିତ

ହକି ବିଶ୍ୱକପ୍ କ୍ରମେ ପାଖେଇ ଆସୁଥିବାବେଳେ ଗୋଲ ସ୍କୋରିଂରେ ଭାରତୀୟ ଦଳର ଫିନିସିଂକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି ମୁଖ୍ୟ କୋଚ୍ ହରେନ୍ଦ୍ର ସିଂ। ନଭେମ୍ବର ୨୮ରୁ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଆରମ୍ଭ ହେଉଥିବା ହକି ବିଶ୍ୱକପ୍ ପୂର୍ବରୁ ଏସିଆନ ଚାମ୍ପିୟନ୍ସ ଟ୍ରଫିରେ ନିଜର ଶକ୍ତି ଓ ଦୁର୍ବଳତା ପରଖିବା ପାଇଁ ସୁଯୋଗ ପାଇଛି ଭାରତ। ମସ୍କଟରେ ଚାଲିଥିବା ଏହି ଟୁର୍ନାମେଣ୍ଟରେ ଭାରତ ପ୍ରଥମ ମ୍ୟାଚ୍‌ରେ ଆୟୋଜକ ଓମାନକୁ ୧୧–୦ ଓ ପାକିସ୍ତାନକୁ ୩–୧ ଗୋଲରେ ହରାଇଛି ସତ, ମାତ୍ର ଫିନିସିଂରେ ସନ୍ତୁଷ୍ଟ ନାହାନ୍ତି ହରେନ୍ଦ୍ର। ବିଶେଷକରି ଷ୍ଟ୍ରାଇକରମାନେ ନିଷ୍ପତ୍ତି ନେବାରେ ଦୀର୍ଘ ସମୟ ନେଉଥିବାରୁ ହରେନ୍ଦ୍ରଙ୍କ ଚିନ୍ତା ବଢ଼ିଛି। ମ୍ୟାଚ୍‌ର ପ୍ରଥମ ମିନିଟ୍‌ରେ ଗୋଲ ଦେଇ ପାକିସ୍ତାନ ଅଗ୍ରଣୀ ହାସଲ କରିଥିଲା। ପରେ ଭାରତ ପ୍ରଭାବୀ ପ୍ରଦର୍ଶନ କରି ମ୍ୟାଚ୍‌କୁ ପ୍ରତ୍ୟାବର୍ତ୍ତନ କରିବା ସହ ବିଜୟୀ ହୋଇଥିଲା। ''ଭାରତୀୟ ଦଳ ଯେପରି ଢଙ୍ଗରେ ପ୍ରତ୍ୟାବର୍ତ୍ତନ କଲା ତାହାକୁ ନେଇ ମୁଁ ଗର୍ବିତ, ଖେଳାଳିମାନେ ସେଥିପାଇଁ ପ୍ରଶଂସାର ହକ୍‌ଦାର। ମାତ୍ର ଆମ ଫିନିସିଂକୁ ନେଇ ମୁଁ ଚିନ୍ତିତ'' ବୋଲି କହିଛନ୍ତି ହରେନ୍ଦ୍ର। ପାକିସ୍ତାନ ବିପକ୍ଷ ମ୍ୟାଚ୍‌ରେ ଆମେ ବହୁ ସୁଯୋଗ ହାତଛଡ଼ା କରିଥିଲୁ। ଆମ ଖେଳାଳିମାନେ ନିଷ୍ପତ୍ତି ନେବାରେ ବହୁତ ସମୟ ନେଉଛନ୍ତି। ଏ କ୍ଷେତ୍ରରେ ଆମକୁ କାମ କରିବାକୁ ପଡ଼ିବ ବୋଲି ସେ କହିଛନ୍ତି। ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ଅଧିନାୟକ ମନପ୍ରୀତ ସିଂ କହିଛନ୍ତି ଯେ, ଆମେ ପ୍ରତିପକ୍ଷ ଦଳକୁ ପ୍ରଭାବ ବିସ୍ତାର ପାଇଁ ସହଜ ସୁଯୋଗ ଦେଉଛୁ। ଏହାକୁ ରୋକିବାକୁ ହେବ। ଆମେ କ୍ରମାଗତ ବିଜୟ ହାସଲ କରିଛୁ ସତ, ମାତ୍ର ଆମକୁ ଏବେ ଅନେକ ଦିଗ ପ୍ରତି ସଜାଗ ରହିବାକୁ ପଡ଼ିବ ବୋଲି ସେ କହିଛନ୍ତି। ମ୍ୟାଚ୍‌ର ୩୫ତମ ସେକେଣ୍ଡରେ ପାକିସ୍ତାନ ପେନାଲ୍ଟି କର୍ନର ପାଇଥିଲା ଏବଂ ସୁଯୋଗର ସଦୁପଯୋଗ କରି ଅଗ୍ରଣୀ ହାସଲ କରିଥିଲା। ଅଲିମ ବିଲାଲଙ୍କ ପେନାଲ୍ଟି କର୍ନର ଶଟ୍‌କୁ ଭାରତୀୟ ଗୋଲକିପର ପି.ଆର. ଶ୍ରୀଜେଶ ବ୍ଲକ୍ କରିଥିଲେ ହେଁ ଫେରିଆସୁଥିବା ବଲ୍‌କୁ ନିୟନ୍ତ୍ରଣକୁ ଆଣି ମହମ୍ମଦ ଇର୍‌ଫାନ ଜୁନିୟର ଗୋଲସ୍କୋର କରିବାରେ ସକ୍ଷମ ହୋଇଥିଲେ। ମ୍ୟାଚ୍‌କୁ ସମାନ ସ୍ଥିତିକୁ ଆଣିବାକୁ ଭାରତକୁ ବହୁ କଷ୍ଟ କରିବାକୁ ପଡ଼ିଥିଲା। ୨୪ତମ ମିନିଟରେ ମନପ୍ରୀତଙ୍କ ଗୋଲ ଭାରତୀୟ ଶିବିରରେ ଉତ୍ସାହ ଆଣିଥିଲା। ପରେ ପରେ ମନଦୀପ ଓ ଦିଲପ୍ରୀତ ସିଂଙ୍କ ଗୋଲ ଭାରତକୁ ବିଜୟୀ କରାଇବାରେ ପର୍ଯ୍ୟାପ୍ତ ହୋଇଥିଲା। ପାକିସ୍ତାନ ପ୍ରଦର୍ଶନରେ ଅସନ୍ତୋଷ ପ୍ରକଟ କରିଛନ୍ତି ଟିମ୍ ମ୍ୟାନେଜର ହାସନ ସର୍ଦ୍ଦାର। ପାକିସ୍ତାନ ହାଫ୍‌ରେ ବଡ଼ ଗ୍ୟାପ୍‌ରୁ ଭାରତୀୟ ଖେଳାଳିମାନେ ଫାଇଦା ନେଇଥିଲେ। ଅଗ୍ରଣୀ ନେଇଥିବାରୁ ଆମେ ରକ୍ଷଣାତ୍ମକ ନ ହୋଇ ଆକ୍ରମଣାତ୍ମକ ପ୍ରଦର୍ଶନ ମାଧ୍ୟମରେ ସୁଯୋଗ ସୃଷ୍ଟି କରିବାର ଥିଲା। ଯାହା ବି ସୁଯୋଗ ମିଳିଥିଲା, ତାହାକୁ ପାକିସ୍ତାନ ଖେଳାଳିମାନେ ଗୋଲରେ ପରିଣତ କରିବାରେ ବିଫଳ ହେଲେ। ଆମେ ଅତିକମ୍‌ରେ ଆହୁରି ୨ଟି ଗୋଲ ଦେଇପାରିଥାନ୍ତୁ। ପରବର୍ତ୍ତୀ ମ୍ୟାଚ୍ ବେଳକୁ ଆମକୁ ଅଧିକ ସଙ୍ଗଠିତ ହୋଇ ଖେଳିବାକୁ ହେବ ବୋଲି ସର୍ଦ୍ଦାର କହିଛନ୍ତି। ଓଡ଼ିଶା ହକି ବିଶ୍ୱକପ୍ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ନଭେମ୍ବର ୨୮ରୁ ଡିସେମ୍ବର ୧୬ ପର୍ଯ୍ୟନ୍ତ ଚାଲିବ।



ବାପା ଆମକୁ କେବେ ବକ୍ସର କରିବାକୁ ଚାହୁଁ ନ ଥିଲେ। ଭଉଣୀ ଲୈଲା ନିଜ ଇଚ୍ଛାରେ ବକ୍ସିଂରେ ପାଦ ଦେଇଛନ୍ତି ।
–ହାନା ଅଲି
କିମ୍ବଦନ୍ତୀ ବକ୍ସର ମହମ୍ମଦ ଅଲୀଙ୍କ ଝିଅ



ଏସିଆନ ଗେମ୍ସରୁ ଖାଲି ହାତରେ ଫେରିଥିଲେ ମଧ୍ୟ ଏଥିରେ ମୁଁ ମୋ କ୍ୟାରିୟରର ଶ୍ରେଷ୍ଠ ପ୍ରଦର୍ଶନ କରିବାରେ ସକ୍ଷମ ହୋଇପାରିଛି ।
–ମନୁ ଭାକର, ଭାରତୀୟ ଶୁଟର



## ସଂକ୍ଷେପରେ

### ଆଇସିସି ଟେଷ୍ଟ ର୍‍ୟାଙ୍କିଙ୍ଗ୍: ତୃତୀୟ ସ୍ଥାନରେ ଆବାସ



**ଦୁବାଇ, ୨୧।୧୦ (ଏଏଫପି):** ସଦ୍ୟସମାପ୍ତ ଅଷ୍ଟ୍ରେଲିଆ ବିପକ୍ଷ ଟେଷ୍ଟ ସିରିଜରେ ଦମ୍‌ଦାର ପ୍ରଦର୍ଶନ କରିଥିବା ପାକିସ୍ତାନ ଦ୍ରୁତ ବୋଲର ମହମ୍ମଦ ଆବାସ ଆନ୍ତର୍ଜାତିକ କ୍ରିକେଟ କାଉନସିଲ (ଆଇସିସି) ଟେଷ୍ଟ ର୍‍ୟାଙ୍କିଙ୍ଗ୍‌ରେ ଉନ୍ନତି କରିଛନ୍ତି। ୧୪ତମ ସ୍ଥାନରୁ ଉପରକୁ ଉଠି ସେ ବୋଲିଂ ତାଲିକାର ତୃତୀୟ ସ୍ଥାନ ଅକ୍ତିଆର କରିଛନ୍ତି। ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ)ରେ ଖେଳାଯାଇଥିବା ଦୁଇ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜରେ ଆବାସ ୧୭ଟି ଉଇକେଟ ହାସଲ କରିଥିଲେ। ଆବୁଧାବିରେ ଖେଳାଯାଇଥିବା ଦ୍ୱିତୀୟ ତଥା ଅନ୍ତିମ ଟେଷ୍ଟ ମ୍ୟାଚ୍‌ରେ ୨୮ ବର୍ଷୀୟ ଆବାସ ୯୫ ରନ ବ୍ୟୟକରି ୧୦ଟି ଉଇକେଟ ଅକ୍ତିଆର କରିଥିଲେ। ଏହି ଟେଷ୍ଟରେ ପାକିସ୍ତାନ ୩୭୩ ରନରେ ବିଜୟ ହାସଲ କରିଥିଲା ଓ ଏଥି ସହିତ ପାକିସ୍ତାନ ୧-୦ରେ ସିରିଜ ଜିତିଥିଲା। ଏହାପୂର୍ବରୁ ଦୁବାଇରେ ଖେଳାଯାଇଥିବା ଟେଷ୍ଟରେ ମଧ୍ୟ ସେ ୭ଟି ଉଇକେଟ ଅକ୍ତିଆର କରିଥିଲେ ଓ ଏହି ମ୍ୟାଚ୍ ଅମୀମାଂସିତ ରହିଥିଲା। ଅଭିଜ୍ଞ ଇଂଲଣ୍ଡ ଦ୍ରୁତ ବୋଲର ଜେମ୍ସ ଆଣ୍ଡରସନ ଓ ଦକ୍ଷିଣ ଆଫ୍ରିକାର କାଗିସୋ ରବାଡ଼ା ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଏପର୍ଯ୍ୟନ୍ତ ୧୦ଟି ମ୍ୟାଚ୍ ଖେଳି ଆବାସ ୫୯ଟି ଉଇକେଟ ଅକ୍ତିଆର କରିଛନ୍ତି। ସେ ଯୁଗ୍ମ ଦ୍ୱିତୀୟ ଦ୍ରୁତତମ ବୋଲର ଭାବେ ୫୦ ଟେଷ୍ଟ ଉଇକେଟ ହାସଲ କରିଛନ୍ତି। ଏହି କ୍ରମରେ ସେ ପୂର୍ବତନ ଦ୍ରୁତ ବୋଲର ୱାକର ୟୁନିସ ଓ ଶବିର ଅହମ୍ମଦଙ୍କ ସମକକ୍ଷ ହୋଇଛନ୍ତି। ତେବେ ପାକିସ୍ତାନ ଲେଗ ସ୍ପିନର ୟାସିର ଶାହ ୯ଟି ଟେଷ୍ଟ ଖେଳି ୫୦ ଉଇକେଟ ହାସଲ କରିବାରେ ଦ୍ରୁତତମ ବୋଲର ସାବ୍ୟସ୍ତ ହୋଇଛନ୍ତି।

# ସାଇନା ରନର୍ସଅପ୍

**ଓଡେନସେ (ଡେନମାର୍କ), ୨୧।୧୦(ପି.ଟି.)**

ତାରକା ଭାରତୀୟ ମହିଳା ସଟ୍‌ଲର ସାଇନା ନେହ୍ୱାଲ ଏଠାରେ ଅନୁଷ୍ଠିତ ଡେନମାର୍କ ଓପନ୍ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାରେ ରନର୍ସଅପ୍‌ରେ ସନ୍ତୁଷ୍ଟ ହୋଇଛନ୍ତି। ରବିବାର ଅନୁଷ୍ଠିତ ମହିଳା ସିଙ୍ଗଲ୍ସ ଫାଇନାଲରେ ବିଶ୍ୱର ଏକ ନମ୍ବର ଖେଳାଳି ଚାଇନିଜ ତାଇପେର ତାଇ ଜୁ ୟିଙ୍ଗ୍ ୨୧-୧୩, ୧୩-୨୧, ୨୧-୬ ଗେମ୍‌ରେ ସାଇନାଙ୍କୁ ହରାଇ ଚାମ୍ପିୟନ ହୋଇଛନ୍ତି। ୫୨ ମିନିଟ୍ ଧରି ଅନୁଷ୍ଠିତ ଏହି ରୋମାଞ୍ଚକ ମୁକାବିଲାର ପ୍ରଥମ ଗେମ୍‌କୁ ସାଇନା ୧୩-୨୧ରେ ହାରି ଯାଇଥିଲେ। ଦ୍ୱିତୀୟ ଗେମ୍‌ରେ କିନ୍ତୁ ସାଇନା ଜୋର୍‌ଦାର ପ୍ରତ୍ୟାବର୍ତ୍ତନ କରି ୨୧-୧୩ରେ ଜିତିବା ସହ ମ୍ୟାଚ୍‌କୁ ୧-୧ ସ୍ତରକୁ ଆଣିଥିଲେ। ନିର୍ଣ୍ଣାୟକ ତଥା ୩ୟ ଗେମ୍‌କୁ କିନ୍ତୁ ୟିଙ୍ଗ୍ ୨୧-୬ରେ ଜିତି ଟ୍ରଫି ହାସଲ କରିଥିଲେ। ୟିଙ୍ଗ୍ ଦୁଇ ବର୍ଷର ବ୍ୟବଧାନ ପରେ ଏଠାରେ ଟାଇଟଲ ଜିତିବାରେ ସକ୍ଷମ ହୋଇଛନ୍ତି। ଶେଷଥର ପାଇଁ ଏହି ଚାଇନିଜ ତାଇପେ ତାରକା ୨୦୧୬ରେ ଏଠାରେ ଟ୍ରଫି ଜିତିଥିଲେ। ଅପରପକ୍ଷରେ ସାଇନାଙ୍କ



**ଡେନମାର୍କ ଓପନ୍**

ବିପକ୍ଷରେ ସେ ତାଙ୍କର ବିଜୟ/ପରାଜୟ ବ୍ୟବଧାନକୁ ୧୩-୫କୁ ବୃଦ୍ଧି କରିଛନ୍ତି। ଅପରପକ୍ଷରେ ସାଇନା ୟିଙ୍ଗଙ୍କ ବିପକ୍ଷ ଶେଷ ୫ଟି ମୁକାବିଲାରେ ପରାଜୟର ସାମ୍ନା କରିଛନ୍ତି। ପୂର୍ବରୁ ଚଳିତ ସିଜନରେ ସାଇନା ଇଣ୍ଡୋନେସିଆ ମାଷ୍ଟର୍ସ, ଅଲ୍ ଇଂଲଣ୍ଡ ଚାମ୍ପିୟନଶିପ୍, ବ୍ୟାଡ୍‌ମିଣ୍ଟନ ଏସିଆ ଚାମ୍ପିୟନଶିପ୍ ଓ ଜାକର୍ତ୍ତା ଏସିଆନ ଗେମ୍ସରେ ମଧ୍ୟ ରନର୍ସଅପ୍ ହୋଇଥିଲେ।

# ମେସି ଆହତ

**ବାର୍ସିଲୋନା,୨୧।୧୦(ଏଏଫପି):** ଆର୍ଜେଣ୍ଟିନା ସୁପରଷ୍ଟାର ଲିଓନେଲ ମେସି ଆହତ ହୋଇଛନ୍ତି ଓ ଏହି କାରଣରୁ ସେ ୩ ସପ୍ତାହ ଫୁଟବଲରୁ ଦୂରେଇ ରହିବେ। ଲା ଲିଗାରେ ଶନିବାର ସେଭିଲା ବିପକ୍ଷ



ମ୍ୟାଚ୍ ଖେଳିବା ଅବସରରେ ସେ ଫ୍ରାଙ୍କୋ ଭାଜକ୍ୱେଜଙ୍କ ସହ ଧକ୍କା ଖାଇଥିଲେ। ଫଳରେ ସେ ଡାହାଣ ହାତରେ ଆଘାତ ପାଇଥିଲେ ଓ ଏହା ଭାଙ୍ଗି ଯାଇଥିବା କୁହାଯାଇଛି। ତେବେ ଏହି ମ୍ୟାଚ୍‌ରେ ବାର୍ସିଲୋନ ୪-୨ ଗୋଲରେ ବିଜୟୀ ହୋଇଛି। ବାର୍ସିଲୋନା ତରଫରୁ ଫିଲିପ୍ କୋଟିନୋ ଦ୍ୱିତୀୟ ମିନିଟରେ ପ୍ରଥମ ଗୋଲ ଦେଇଥିଲେ। ଏହାର ପରେ ମେସି ଦ୍ୱାଦଶ, ଲୁଇସ୍ ସୁଆରେଜ ପେନାଲ୍ଟି ଜରିଆରେ ୬୩ତମ ମିନିଟ୍‌ରେ ଓ ଇଭାନ ରାକଟିକ୍ ୮୮ତମ ମିନିଟ୍‌ରେ ଗୋଲ ଦେଇଥିଲେ। ଅପରପକ୍ଷରେ ସେଭିଲା ତରଫରୁ କ୍ଲମେଟ ଲେନଗ୍ଲେଟ୍ ୭୯ ଓ ଲୁଇସ୍ ମୁରିଏଲ ଇଞ୍ଜୁରି ଟାଇମର ପ୍ରଥମ ମିନିଟ୍‌ରେ ଗୋଲ ଦେଇ ପରାଜୟ ବ୍ୟବଧାନ କମାଇଥିଲେ। ମେସି ଆହତ ହେବା ଘଟଣା ବାର୍ସିଲୋନା ବିଜୟକୁ ଫିକା କରିଥିଲା।

# ଫାଇନାଲରେ ହାରିଲେ ପ୍ରାଜନେଶ

**ନୂଆଦିଲ୍ଲୀ, ୨୧।୧୦(ପି.ଟି.)**

ଉଦୀୟମାନ ଭାରତୀୟ ଟେନିସ ଖେଳାଳି ପ୍ରାଜନେଶ ଗୁଣେଶ୍ୱରନ ଚାଇନାରେ ଅନୁଷ୍ଠିତ ନିଙ୍ଗବୋ ଚ୍ୟାଲେଞ୍ଜର ପ୍ରତିଯୋଗିତାରେ ରନର୍ସଅପ୍ ହୋଇଛନ୍ତି। ରବିବାର ଅନୁଷ୍ଠିତ ପୁରୁଷ ସିଙ୍ଗଲ୍ସ ଫାଇନାଲରେ ପ୍ରାଜନେଶ ୬-୭ (୪), ୬-୪, ୩-୬ ସେଟ୍‌ରେ ଇଟାଲୀର ଥୋମାସ ଫାବିଆନୋଙ୍କ ନିକଟରୁ ହାରିଯାଇଥିଲେ। ଏହି ସଂଘର୍ଷପୂର୍ଣ୍ଣ ମ୍ୟାଚ୍‌ଟି ଜିତିବାକୁ ଥୋମାସଙ୍କୁ ପାଖାପାଖି ୩ ଘଣ୍ଟା ସମୟ ଲାଗିଥିଲା। ପ୍ରତିଯୋଗିତାରୁ ପ୍ରାଜନେଶ ୬୫ ର୍‍ୟାଙ୍କିଙ୍ଗ୍ ପଏଣ୍ଟ ସହ ୧୨,୭୨୦ ଆମେରିକୀୟ ଡଲାର ପୁରସ୍କାର ହାସଲ କରିଛନ୍ତି। ପରାଜୟ ସହ ୨୮ ବର୍ଷୀୟ ପ୍ରାଜନେଶ ଏଟିପି ଚ୍ୟାଲେଞ୍ଜର ସର୍କିଟ୍‌ରେ ୨ୟ ଟାଇଟଲ ଜିତିବା ସ୍ୱପ୍ନ ଅଧୁରା ରହିଯାଇଛି। ଚଳିତ ସିଜନରେ ଚ୍ୟାଲେଞ୍ଜର ସର୍କିଟ୍‌ରେ ପ୍ରାଜନେଶଙ୍କ ଏହା ୨ୟ ଫାଇନାଲ। ଏଥିପୂର୍ବରୁ ସେ ଏପ୍ରିଲରେ କୁନମିଙ୍ଗ ଚ୍ୟାଲେଞ୍ଜର ଫାଇନାଲକୁ ପ୍ରବେଶ କରିବା ସହ ଚାମ୍ପିୟନ ହୋଇଥିଲେ।




# ବେଲିହୁ ପୁରୁଷ, ଗେମେଚୁ ମହିଳା ଚାମ୍ପିୟନ

**ନୂଆଦିଲ୍ଲୀ,୨୧।୧୦(ପି.ଟି.)**

**ଦିଲ୍ଲୀ ହାଫ୍ ମାରାଥନ**

ଇଥିଓପିଆ ସ୍ୱଳ୍ପ ବୟସ୍କ ଧାବକ ଆଣ୍ଡାମାଲାକ ବେଲିହୁ ଏଠାରେ ଅନୁଷ୍ଠିତ ହୋଇଥିବା ଦିଲ୍ଲୀ ହାଫ୍ ମାରାଥନରେ ପୁରୁଷ ବିଭାଗ ଚାମ୍ପିୟନ ବିବେଚିତ ହୋଇଛନ୍ତି। ସେହିପରି ସେହେ ଗେମେଚୁ ମହିଳା ବିଭାଗରେ ବାଜି ମାରିଛନ୍ତି। ଇଥିଓପିଆର ଏହି ଦୁଇ ଧାବକ, ଧାବିକା ପ୍ରଥମଥର ପାଇଁ କୌଣସି ମାରାଥନରେ ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଛନ୍ତି।

ଗେମେଚୁ ଏହି କ୍ରମରେ ପୂର୍ବର ରେକର୍ଡକୁ ପଛରେ ପକାଇଛନ୍ତି। ସେ ୧:୦୬:୫୦ ସେକେଣ୍ଡ ସମୟ ନେଇ ଏହି ସଫଳତା ପାଇଛନ୍ତି। ପୂର୍ବରୁ କେନିଆର ମେରୀ କେଇଟାନୀ ୨୦୦୯ରେ ୧:୦୬:୫୪ ସେକେଣ୍ଡ ସମୟ ନେଇ ରେକର୍ଡ କରିଥିଲେ। ତେବେ ଗେମେଚୁ ଏଥର ଏହି ରେକର୍ଡକୁ ପଛରେ ପକାଇ ଟାଇଟଲ ଜିତିଛନ୍ତି। ଏବେକାର ମହିଳା ହାଫ୍ ମାରାଥନରେ ବିଶ୍ୱ ରେକର୍ଡ ହାସଲ କରିଥିବା କେନିଆର ଜୋୟସିଲିନ୍ ଜେପକୋସଗେଇ ୧:୦୬: ୫୬ ସେକେଣ୍ଡ ସମୟ ନେଇ ରୌପ୍ୟ ପଦକ ଜିତିଛନ୍ତି। ସେହିପରି ଇଥିଓପିଆର ଅନ୍ୟତମ ଧାବିକା ଜେଇନେବା ୟିମେର ୧:୦୬:୫୯ ସେକେଣ୍ଡ ସମୟ ନେଇ ବ୍ରୋଞ୍ଜ୍ ପଦକରେ ସନ୍ତୁଷ୍ଟ ହୋଇଛନ୍ତି।



ଆଣ୍ଡାମାଲାକ ବେଲିହୁ



ସେହେ ଗେମେଚୁ

ଗତ ସଂସ୍କରଣରେ ଦ୍ୱିତୀୟ ସ୍ଥାନରେ ରହିଥିବା ବେଲିହୁ ପୁରୁଷ ବିଭାଗ ପ୍ରତିଯୋଗିତାରେ ଏଥର ପ୍ରଦର୍ଶନରେ ଉନ୍ନତି ଆଣି ୫୯. ୧୮ ସେକେଣ୍ଡ ସମୟ ନେଇ ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ କରି ଚାମ୍ପିୟନ ହୋଇଛନ୍ତି। ତେବେ ସେ କୋର୍ସ ରେକର୍ଡ ଭାଙ୍ଗିବାରେ ସଫଳ ହୋଇ ନାହାନ୍ତି। ଇଥିଓପିଆର ଗୁଏ ଆଡୋଲଶ ୨୦୧୪ରେ ସୃଷ୍ଟି କରିଥିବା ରେକର୍ଡ ଏପର୍ଯ୍ୟନ୍ତ ବଜାୟ ରହିଛି। ୫୯.୨୨ ସେକେଣ୍ଡ ସମୟ ନେଇ ୱାଲେଲେଗନ ରୌପ୍ୟ ପଦକ ଜିତିଛନ୍ତି। ସେହିପରି କେନିଆର ଡାନିଏଲ କିପଚୁମ୍ବା ୫୯. ୪୮ ସେକେଣ୍ଡ ସମୟ ନେଇ ତୃତୀୟ ସ୍ଥାନରେ ରହିବା ସହ ବ୍ରୋଞ୍ଜ୍ ପଦକ ହାସଲ କରିଛନ୍ତି।

ଭାରତୀୟମାନଙ୍କ ମଧ୍ୟରେ ଅଭିଷେକ ପଲ ପୁରୁଷ ରେସ୍‌ରେ ୧:୪:୧୪ ସେକେଣ୍ଡ ସମୟ ନେଇ ଶ୍ରେଷ୍ଠ ପ୍ରଦର୍ଶନ କରି ସ୍ୱର୍ଣ୍ଣ, ଅବିନାଶ ସାବ୍ଲେ ୧:୦୪:୧୪ ସେକେଣ୍ଡ ସମୟ ନେଇ ରୌପ୍ୟ ଓ ଏସିଆନ ମାରାଥନ ଚାମ୍ପିୟନ ଟି. ଗୋପୀ ୧:୦୪:୧୫ ସେକେଣ୍ଡ ସମୟ ନେଇ ତୃତୀୟ ସ୍ଥାନରେ ରହିଥିଲେ।

ସେହିପରି ମହିଳା ରେସ୍‌ରେ ଭାରତୀୟମାନଙ୍କ ମଧ୍ୟରୁ ସଞ୍ଜୀବନୀ ଯାଦବ ୧:୧୩: ୫୮ ସେକେଣ୍ଡ ସମୟ ନେଇ ଶ୍ରେଷ୍ଠ ପ୍ରଦର୍ଶନ କରି ପ୍ରଥମ ସ୍ଥାନ ଅଧିକାର କରିଥିଲେ। ସେହିପରି ପାରୁଲ ଚୌଧୁରୀ ଓ ମୋନିକା ଅଥାରେ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଥିଲେ।

# ଫିକ୍ସିଂ ମାନିଲେ କନେରିଆ

**କରାଚୀ,୨୧।୧୦ (ପି.ଟି.):** ଦୀର୍ଘ ୬ ବର୍ଷ ଧରି ମନା କରିଆସୁଥିଲେ ମଧ୍ୟ ପାକିସ୍ତାନ ପୂର୍ବତନ ସ୍ପିନର ଡାନିସ୍ କନେରିଆ ଶେଷରେ ସ୍ପଟ୍ ଫିକ୍ସିଂ କରିଥିବା ନେଇ ସ୍ୱୀକାର କରିଛନ୍ତି। ଫଳରେ ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ଏବେ ତାଙ୍କ ବିରୋଧରେ ନୂଆ ତଦନ୍ତ ପ୍ରକ୍ରିୟା ଆରମ୍ଭ କରିପାରେ ବୋଲି କୁହାଯାଇଛି। ସ୍ପଟ୍ ଫିକ୍ସିଂ କାରଣରୁ ୨୦୧୨ରେ ଇଂଲଣ୍ଡ କ୍ରିକେଟ ବୋର୍ଡ (ଇସିବି) କନେରିଆଙ୍କୁ ଆଜୀବନ ବାସନ୍ଦ କରିଥିଲା। ଏହା ପରେ ପିସିବି ଆନ୍ତର୍ଜାତିକ କ୍ରିକେଟ କାଉନସିଲ (ଆଇସିସି) ଦୁର୍ନୀତି ନିବାରଣ ନିୟମକୁ ଅନୁସରଣ କରି କାନେରିଆଙ୍କୁ ଅନୁରୂପ ଭାବେ କ୍ରିକେଟରୁ ଆଜୀବନ ବାସନ୍ଦ କରିବାକୁ ନିଷ୍ପତ୍ତି ନେଇଥିଲା। ଇଂଲିଶ୍ କାଉଣ୍ଟି ମ୍ୟାଚ୍‌ରେ କନେରିଆ ସ୍ପଟ୍ ଫିକ୍ସିଂ କରିବା ନେଇ ଦୋଷୀ ସାବ୍ୟସ୍ତ ହୋଇଥିଲେ। ଏଥିସହିତ ସେ ଅନ୍ୟ ଖେଳାଳିଙ୍କୁ ସ୍ପଟ ଫିକ୍ସିଂ କରିବାକୁ ପ୍ରଭାବିତ କରିବାକୁ ଚେଷ୍ଟା କରୁଥିଲେ ବୋଲି କୁହାଯାଇଥିଲା।

ସ୍ପଟ ଫିକ୍ସିଂ ନେଇ କନେରିଆଙ୍କ ସ୍ୱୀକାରୋକ୍ତି ଏକ ଗୁରୁତର ଘଟଣା ବୋଲି ପିସିବି ଅଧ୍ୟକ୍ଷ ଏହସାନ ମାନୀ କହିଛନ୍ତି। ସେ ନିଜର ଦୋଷ ସ୍ୱୀକାର କରିଥିବାରୁ ପିସିବି ଖୁବଶୀଘ୍ର ଏ ନେଇ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରିବ ବୋଲି ମାନୀ ସ୍ପଷ୍ଟ କରିଛନ୍ତି। ତେଣୁ ନୂଆ ତଦନ୍ତ ପ୍ରକ୍ରିୟା ଆରମ୍ଭ ହେବା ପ୍ରାୟ ନିଶ୍ଚିତ ବୋଲି କୁହାଯାଇଛି। ଉଲ୍ଲେଖଥାଉ କି, ପାକିସ୍ତାନ କ୍ରିକେଟ ପାଇଁ ସ୍ପଟ୍ ଫିକ୍ସିଂ ସମସ୍ୟା ନୂଆ ନୁହଁ। ୨୦୧୦ରେ ୩ଜଣ କ୍ରିକେଟର ସଲମନ ବଟ୍ଟ, ମହମ୍ମଦ ଆସିଫ୍ ଓ ମହମ୍ମଦ ଆମୀର ଲର୍ଡ୍ସରେ ଅନୁଷ୍ଠିତ ଚତୁର୍ଥ ଟେଷ୍ଟ ମ୍ୟାଚ୍‌ରେ ସ୍ପଟ୍ ଫିକ୍ସିଂ କରି କ୍ରିକେଟରୁ ୫ ବର୍ଷ ବାସନ୍ଦ ହୋଇଥିଲେ।









ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୬ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ସୋମବାର, ଅକ୍ଟୋବର ୨୨/୨୦୧୮ Sambalpur, Monday, October 22/ 2018

■ ୫୯ତମ ରାଜ୍ୟସ୍ତରୀୟ ପୋଲିସ ଶହୀଦ ଦିବସ

# 'ସମ୍ମାନ ପ୍ରଦର୍ଶନ ପାଇଁ ନିର୍ଦ୍ଦିଷ୍ଟ ତାରିଖ ଜରୁରୀ ନୁହେଁ'

**କଟକ ଅଫିସ, ୨୧।୧୦**

୧୯୫୯ ଅକ୍ଟୋବର ୨୧ରେ ଚାଇନା ସୈନ୍ୟଙ୍କ ଆକ୍ରମଣରେ ଭାରତର ଲଦାଖ ଅଞ୍ଚଳରେ କାର୍ଯ୍ୟରତ ୧୦ ସିଆର୍‌ପିଏଫ୍ ଯବାନଙ୍କ ମୃତ୍ୟୁ ହୋଇଥିଲା। ସେମାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ସାରା ଭାରତରେ ଅକ୍ଟୋବର ୨୧କୁ ପୋଲିସ ଶହୀଦ ସ୍ମୃତି ଦିବସ ଭାବେ ପାଳନ କରାଯାଇଆସୁଛି। ହେଲେ ଶହୀଦମାନଙ୍କୁ ସମ୍ମାନ ପ୍ରଦର୍ଶନ ପାଇଁ କୌଣସି ନିର୍ଦ୍ଦିଷ୍ଟ ତାରିଖ ଜରୁରୀ ନୁହେଁ। ବର୍ଷର ଯେକୌଣସି ଦିନ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ଶହୀଦଙ୍କୁ ସମ୍ମାନ ପ୍ରଦର୍ଶନ କରିପାରିବା ବୋଲି ପୋଲିସ ଡିଜି ରାଜେନ୍ଦ୍ର ପ୍ରସାଦ ଶର୍ମା କହିଛନ୍ତି।

ପୋଲିସ ମୁଖ୍ୟାଳୟରେ ରବିବାର ୫୯ତମ ରାଜ୍ୟସ୍ତରୀୟ ପୋଲିସ ଶହୀଦ ଦିବସ ପାଳନ ଅବସରରେ ଡିଜିପି ଏହା କହିବା ସହିତ ଶହୀଦମାନଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଦେଶରେ ଶାନ୍ତି ପ୍ରତିଷ୍ଠା, ସୀମା ସୁରକ୍ଷା ଏବଂ ଆଭ୍ୟନ୍ତରୀଣ ସୁରକ୍ଷା କ୍ଷେତ୍ରରେ ଅର୍ଦ୍ଧସାମରିକ ବଳ ଏବଂ ରାଜ୍ୟ ଆରକ୍ଷୀ ବଳର ଭୂମିକା ଯଥେଷ୍ଟ ଗୁରୁତ୍ୱପୂର୍ଣ୍ଣ ବୋଲି ଡିଜିପି କହିଥିଲେ। ଏହି ଅବସରରେ ବୀର ଶହୀଦ ଯବାନଙ୍କ ପାଇଁ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଏଥିସହିତ ତୋପ ସଲାମୀ ଦିଆଯାଇଥିଲା। ଝାରସୁଗୁଡ଼ା ପୋଲିସ ପ୍ରଶିକ୍ଷଣ କେନ୍ଦ୍ରର ଉପଦୁର୍ଗପତି ଆଶିଷ କୁମାର ଦୁବେଙ୍କ ନେତୃତ୍ୱରେ ଏକ ପରେଡ ସମାରୋହ ଅନୁଷ୍ଠିତ ହୋଇଥିଲା। ଚଳିତବର୍ଷ ଦେଶରେ ବିଭିନ୍ନ ଆରକ୍ଷୀ ବିଭାଗରେ ୪୧୪ ଯବାନ ପ୍ରାଣବଳି ଦେଇଛନ୍ତି। ସେମାନଙ୍କ ମଧ୍ୟରେ ଆନ୍ଧ୍ରପ୍ରଦେଶର ୬, ଆଣ୍ଡାମାନ ନିକୋବରର ୧, ଆସାମର ୨, ବିହାରର ୧୦, ଛତିଶଗଡ଼ର ୨୫, ଦିଲ୍ଲୀର ୧୩, ଗୁଜରାଟର ୧, ହରିୟାଣାର ୨, ଜମ୍ମୁ-କଶ୍ମୀରର ୪୬, ଝାଡ଼ଖଣ୍ଡର ୭, କର୍ଣ୍ଣାଟକର ୧୫, କେରଳର ୬, ମଧ୍ୟପ୍ରଦେଶର ୮, ମହାରାଷ୍ଟ୍ରର ୩, ମଣିପୁରରୁ ୩, ମେଘାଳୟ, ରାଜସ୍ଥାନ, ସିକିମ୍‌ରୁ ଜଣେ ଲେଖାଏ, ଉତ୍ତରପ୍ରଦେଶର ୬୭, ତାମିଲନାଡୁର ୨, ତେଲେଙ୍ଗାନାର ୨, ପଶ୍ଚିମବଙ୍ଗର ୧୮, ଆସାମ ରାଇଫଲର ୮, ବିଏସ୍‌ଏଫ୍‌ର ୪୨, ସିଆଇଏସ୍‌ଏଫ୍‌ର ୯, ସିଆର୍‌ପିଏଫ୍‌ର ୨୭, ଫାୟାର ସର୍ଭିସ୍, ସିଭିଲ୍ ଡିଫେନ୍ସ ଏବଂ ହୋମ୍‌ଗାର୍ଡର ୨୦, ଆଇଟିବିପିର ୩୪, ଏନ୍‌ସିବିର ୧, ଏନ୍‌ଡିଆର୍‌ଏଫ୍‌ର ୩, ଆର୍‌ପିଏଫ୍‌ର ୨୫, ଏସ୍‌ଏସ୍‌ବିର ଜଣେ ଯବାନ ରହିଛନ୍ତି। ଓଡ଼ିଶାରୁ କନଷ୍ଟେବଲ ସଞ୍ଜୟ ମାଝି ପ୍ରାଣବଳି ଦେଇଛନ୍ତି ବୋଲି ଆଇଜି ଅସିତ କୁମାର ପାଣିଗ୍ରାହୀ କହିଥିଲେ। ଏହି ଅବସରରେ ଡିଜିପି ଓଡ଼ିଶାର ୮ ଜଣ ଶହୀଦ ପରିବାରଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଉକ୍ତ ଶହୀଦମାନେ ହେଲେ ସିଆର୍‌ପିଏଫ୍‌ର ମନୋଜ ଲେଙ୍କା, ଆର୍.ଏନ୍. ମହାକୁଡ଼, ଓଡ଼ିଶା ପୋଲିସର ଭୋଳା ନାୟକ, ଦଣ୍ଡପାଣି ମିଶ୍ର, ସେକ୍ ସମରୁଦ୍ଦିନ, ପାର୍ଥରଞ୍ଜନ ବେହେରା, ସୁରେଶ ଚନ୍ଦ୍ର ଧଳ, ଶିବାଶିଷ ପଣ୍ଡା। ଏହି କାର୍ଯ୍ୟକ୍ରମରେ ରାଜ୍ୟର ବହୁ ପୋଲିସ ଅଧିକାରୀ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।


ପୋଲିସ ଶହୀଦ ସ୍ମୃତି ଦିବସରେ ପୋଲିସ ମହାନିର୍ଦ୍ଦେଶକ ରାଜେନ୍ଦ୍ର ପ୍ରସାଦ ଶର୍ମା ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି।

## ସଂକ୍ଷେପରେ

ଜୟଦୁର୍ଗା ଫୁଟବଲ ଟୁର୍ନାମେଣ୍ଟ

### ଡୁମେରବାହାଲକୁ ହରାଇ କୋମନା ଚାମ୍ପିୟନ

ନୂଆପଡା ଅଫିସ/କୋମନା, ୨୧।୧୦ (ଡି.ଏନ.ଏ.)

ନୂଆପଡ଼ା ଜିଲା କୋମନା ବ୍ଲକ ଉଲଭାଠାରେ ଚାଲିଥିବା ଜୟଦୁର୍ଗା ଫୁଟବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି । ଫାଇନାଲ ଖେଳରେ ଡୁମେରବାହାଲ ଦଳକୁ ହରାଇ କୋମନା ଦଳ ଚାମ୍ପିୟନ ହୋଇଛି । ଫାଇନାଲ ଖେଳରେ କୋମନା ବ୍ଲକ ଅଧ୍ୟକ୍ଷ ମନୋଜ କୁମାର ମିଶ୍ର ମୁଖ୍ୟଅତିଥି, କୋନାବିରା ସରପଞ୍ଚ ଈଶ୍ୱର ନାଏକ, କୋମନା ବିଜେଡି ସଭାପତି ମୂରଲୀଧର ଭୋଇ, କାଳିଆ ପ୍ରଧାନ, ଭୁବନେଶ୍ୱର ନାଏକ, ଯୁବ କଂଗ୍ରେସର ରବୀନ୍ଦ୍ର ମଙ୍ଗରାଜ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଅତିଥିମାନେ ବିଜୟୀ ଦଳକୁ ସିଲ୍ଡ ଦେଇ ପୁରସ୍କୃତ କରିଥିଲେ ।

ଏକଦିବସୀୟ ଫୁଟବଲ ଟୁର୍ନାମେଣ୍ଟ

## କଟକ ମହିଳା, ସମ୍ବଲପୁର ପୁରୁଷ ଚାମ୍ପିୟନ


ମହିଳା ବର୍ଗରେ ଚାମ୍ପିୟନ କଟକ ଦଳକୁ ଟ୍ରଫି ପ୍ରଦାନ କରାଯାଉଛି।

**ସିଂଘିଯୁବା, ୨୧।୧୦ (ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ବାଗଡିଆ ଶିଶୁ ବିଦ୍ୟା ମନ୍ଦିର ଆନୁକୂଲ୍ୟରେ ବାଗଡିଆ ଖେଳ ପଡିଆରେ ଜିଲାସ୍ତରୀୟ ଏକଦିବସୀୟ ମହିଳା ଏବଂ ପୁରୁଷ ଫୁଟବଲ ଟୁର୍ନାମେଣ୍ଟ ରବିବାର ଅନୁଷ୍ଠିତ ହୋଇଯାଇଛି । ମହିଳା ବର୍ଗରେ କଟକ ଓ ପୁରୁଷ ବର୍ଗରେ ଚାମ୍ପିୟନ ଆଖ୍ୟା ଅର୍ଜନ କରିଛନ୍ତି। ମୁଖ୍ୟ ଅତିଥିଭାବେ ଯୋଗଦେଇ ବିନିକା ପଞ୍ଚାୟତ ସମିତି ଅଧକ୍ଷ ଅଶୋକ ନନ୍ଦ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନୀତ ଅତିଥିଭାବେ ବିନିକା ବ୍ଲକ ସରପଞ୍ଚ ସଂଘ ସଭାପତି ଲକ୍ଷ୍ମଣ ସାହୁ, ସାମାଜିକ କର୍ମୀ ନବୀନ ବଡପଣ୍ଡା, ସିଂଘିଯୁବା ସେବା ସମବାୟ ସବାପତି ମନୋଜ ସାହୁ, ବାବୁପାଲି ସମିତି ସଭ୍ୟାଙ୍କ ପ୍ରତିନିଧି ଲେହେରୁ ଭୁଏ, ଉତ୍ତମ ପୋଢ ପ୍ରମୁଖ ଯୋଗଦେଇଥିଲେ। ଭାଗ ନେଇଥିବା ମହିଳା ଫୁଟବଲ ଦଳଗୁଡିକ ହେଲା ଟିଟିଲାଗଡ, ରାୟଗଡା, ବରଗଡ ଏବଂ କଟକ। ସେହିପରି ପୁରୁଷ ଫୁଟବଲ ଦଳ ଥିଲେ ସମ୍ବଲପୁର, ଫୁଲବାଣୀ, ଝାରସୁଗୁଡା ଓ ବଲାଙ୍ଗୀର । ମହିଳା ବର୍ଗ ଫୁଟବଲ ଖେଳର ନିର୍ଣ୍ଣାୟକ ପ୍ରତିଯୋଗିତା କଟକ ଏବଂ ରାୟଗଡା ମଧରେ ଅନୁଷ୍ଠିତ ହୋଇଥିଲା । ଏଥିରେ କଟକ ଦଳ ୨-୦ଗୋଲରେ ରାୟଗଡା ଦଳକୁ ପରାସ୍ତ କରି ଚାମ୍ପିୟନ ହୋଇଥିଲା ।

ପୁରୁଷ ବର୍ଗ ଫୁଟବଲ୍ ପ୍ରତିଯୋଗିତାର ଫାଇନାଲ ଖେଳ ବଲାଙ୍ଗୀର ଏବଂ ସମ୍ବଲପୁର ମଧରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସମ୍ବଲପୁର ଦଳ ୨-୦ଗୋଲରେ ବଲାଙ୍ଗୀରକୁ ପରାସ୍ତ କରି ଚାମ୍ପିୟନ ହୋଇଥିଲା । ଉଭୟ ବର୍ଗର ବିଜେତା ଏବଂ ଉପବିଜେତା ଦଳଙ୍କୁ ଅତିଥିମାନେ ଟ୍ରଫି ଓ ମାନପତ୍ର ଦେଇ ପୁରସ୍କୃତ କରିଥିଲେ । ଟୁର୍ନାମେଣ୍ଟ ପରିଚାଳନାରେ ବାଗଡିଆ ସରସ୍ୱତୀ ଶିଶୁ ମନ୍ଦିର କମିଟି, କିଷାନ ଯୁବକ ସଂଘ କମିଟି, ଆଜାଦ୍ ହିନ୍ଦ କ୍ଲବ, ବାଗଡିଆ ନାମଯଜ୍ଞ କମିଟି ଏବଂ ବାବୁପାଲି ଗ୍ରାମ ପଞ୍ଚାୟତ ବିଜୁ ଯୁବ ବାହିନୀ ସଭ୍ୟମାନେ ସହଯୋଗ କରିଥିଲେ ।




## ବ୍ୟବସାୟୀଙ୍କଠୁ ଲୁଟ୍, ୫ ଗିରଫ

**ପାଇକମାଳ, ୨୧।୧୦ (ଡି.ଏନ.ଏ)**

ଜଣେ ବ୍ୟବସାୟୀଙ୍କଠାରୁ ଲ୍ୟାପ୍‌ଟପ୍, ମୋବାଇଲ ଓ ଟଙ୍କା ଲୁଟ୍ କରି କାର୍‌ରେ ଫେରାର ହୋଇଯାଉଥିବା ବେଳେ ପୋଲିସ ପାଇକମାଳ ନିକଟସ୍ଥ ମିଠାପାଲିଠାରେ ୫ଜଣ ଦୁର୍ବୃତ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ କ୍ରିଷ୍ଣା ରାଓ (୨୭), ଶିବ ରାଓ (୨୧), ଶଙ୍କର ରାଓ (୨୮), ଲକ୍ଷ୍ମଣ ରାଓ (୨୮) ଏବଂ ବଳବନ୍ତ ସାହୁ (୩୫)। ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ଜଣେ ଅଭିଯୁକ୍ତ ଫେରାର ଅଛନ୍ତି ଏବଂ ଗିରଫ ଅଭିଯୁକ୍ତମାନଙ୍କୁ ସୋମବାର ପଦ୍ମପୁର କୋର୍ଟଚାଲାଣ କରାଯିବ ବୋଲି ଥାନା ଅଧିକାରୀ ବିଶ୍ୱଜିତ ମନବୋଧ କହିଛନ୍ତି। ଏହି ଘଟଣାରେ ଏକ ମାମଲା ରୁଜୁ ହୋଇଛି। ସୂଚନା ଅନୁସାରେ, ପାଇକମାଳ ଥାନା ମାଣ୍ଡୋସିଲ ସ୍ଥିତ ହିରୋହୋଣ୍ଡା ସୋରୁମ୍‌ର ମାଲିକ ଆୟୁଷ ଅଗ୍ରୱାଲ ଓ ସନ୍ତୋଷ ସିଂ ରବିବାର ଅପରାହ୍ଣ ୨ଟା ବାଇକ ଯୋଗେ ନିଜ ଘର ପାଇକମାଳକୁ ଫେରୁଥିଲେ। ଏହି ସମୟରେ ଅଭିଯୁକ୍ତମାନେ ଏକ କାର୍(ନଂ.ସିଜି୦୪ଏମଏଫ/୮୨୨୩) ଯୋଗେ ଆସି ମିଠାପାଲିଠାରେ ବାଇକକୁ ଧକ୍କା ଦେଇଥିଲେ। ବାଇକରୁ ପଡିଯିବା ପରେ ଅଭିଯୁକ୍ତମାନେ ସେମାନଙ୍କୁ ମାଡ ମାରି ୨ଟି ମୋବାଇଲ, ଗୋଟିଏ ଲ୍ୟାପଟପ ଓ ୧୫ହଜାର ଟଙ୍କା ଲୁଟି ନେଇ ନୂଆପଡା ପଟକୁ ଦ୍ରୁତଗତିରେ ଚାଲିଯାଇଥିଲେ। ଖବର ପାଇ ପାଇକମାଳ ଓ ନୂଆପଡା ଥାନା ପୋଲିସ ଲୁଟେରାମାନଙ୍କୁ ପିଛା କରି ମାଣ୍ଡୋସିଲ ନିକଟରେ ଅଟକାଇଥିଲେ। ଗିରଫ ଲୁଟେରାଙ୍କ କହିବା ଅନୁସାରେ ସେମାନେ ରାୟପୁର ଛତିଶଗଡରୁ ସେମାନେ ନୃସିଂହନାଥ ଆସିଥିଲେ।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ

ପିତାଙ୍କ ସବୁଠାରୁ ବଡ କର୍ତ୍ତବ୍ୟ ହେଉଛି ଯେ ପୁତ୍ରକୁ ଉଚ୍ଚମାନର ଶିକ୍ଷା ପ୍ରଦାନ କରିବା ।

- ଚାଣକ୍ୟ

## ସଂକ୍ଷେପରେ

### ଆରଏସଏସରେ ବିଜୟା ଦଶମୀ

**ବରଗଡ଼ ଅଫିସ୍,୨୧।୧୦:** ବରଗଡ଼ରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ (ଆରଏସଏସ) ପକ୍ଷରୁ ସ୍ଥାନୀୟ କେଶବନଗରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର(ଓଡ଼ିଆ ବିଭାଗ)ରେ ବିଜୟା ଦଶମୀ ଉତ୍ସବ ପାଳିତ ହୋଇଛି। ଏହି ଅବସରରେ ଜିଲା କାର୍ଯ୍ୟବାହ ଦିଲୀପ ଭାଇ ନିମନ୍ତ୍ରିତ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଡା. ଯଦୁମଣି ନାୟକ ମୁଖ୍ୟଅତିଥି ଏବଂ ପ୍ରାନ୍ତୀୟ କାର୍ଯ୍ୟବାହ ଦୁର୍ଗାପ୍ରସାଦ ସାହୁ ମୁଖ୍ୟବକ୍ତା, ବରଗଡ଼ ନଗର ସଂଘ ଚାଳକ ଡା. ଅର୍ଜୁନ ମେହେର ମଞ୍ଚାସୀନ ଅତିଥି ଭାବେ ଯୋଗ ଦେଇଥିଲେ । ଅତିଥିବୃନ୍ଦ ବିଜୟା ଦଶମୀର ମହନୀୟତା, ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ଆରଏସଏସର ବହୁ ସଭ୍ୟାସଭ୍ୟ ଉପସ୍ଥିତ ଥିଲେ ।

### ଖୁଣ୍ଟପାଲିରେ ମୋ ସ୍କୁଲ ଅଭିଯାନ

**ବରଗଡ଼ ଅଫିସ୍,୨୧।୧୦:** ବରଗଡ଼ ବ୍ଲକ ଅନ୍ତର୍ଗତ ଖୁଣ୍ଟପାଲି ବାଳିକା ପ୍ରାଥମିକ ସ୍କୁଲରେ ମୋ ସ୍କୁଲ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏଥିରେ ପୁରାତନ ଛାତ୍ରୀଛାତ୍ର ଏକତ୍ରିତ ହୋଇଥିଲେ। ଯଶୋବନ୍ତ ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିକାଶ ମଲ୍ଟି ହସ୍‌ପିଟାଲର ନିର୍ଦ୍ଦେଶକ ଡା. ହିମାଂଶୁ ଶେଖର ମିଶ୍ର, ଅଧ୍ୟାପକ ରାଧାକାନ୍ତ ମିଶ୍ର, ରମେଶ ଚନ୍ଦ୍ର ସାହୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଅବସରପ୍ରାପ୍ତ ଗୁରୁଜୀମାନଙ୍କ ପୂଜା କରାଯାଇଥିଲା । ସ୍କୁଲରେ ପୂର୍ବରୁ ଅନୁଷ୍ଠିତ ତର୍କ, ପ୍ରବନ୍ଧ, ରଙ୍ଗୋଲୀ ଆଦି ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହା ସହିତ ଭାରତୀୟ ସେନାରେ ଯୋଗ ଦେଇଥିବା ଗ୍ରାମର ୭ଜଣ ଯୁବକ, ୯୫ପ୍ରତିଶତ ଉପସ୍ଥାନ ରଖିଥିବା ଏବଂ ୮୫ପ୍ରତିଶତ ମାର୍କ ରଖିଥିବା ସ୍କୁଲର ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଧାନଶିକ୍ଷକ ପ୍ରଦେଶୀ ବାରିକ ମଞ୍ଚ ପରିଚାଳନା କରିଥିବାବେଳେ ପୁରାତନ ଛାତ୍ରୀ ପ୍ରିୟଙ୍କା ଭୋଇ, ଝିଲି ମେହେର ସହଯୋଗ କରିଥିଲେ । ସେହିପରି କେତେକ ପୁରାତନ ଛାତ୍ରୀ ମୋ ସ୍କୁଲ ଅଭିଯାନ ପାଣ୍ଠିକୁ ସହାୟତା ରାଶି ପ୍ରଦାନ କରିଥିଲେ । ସ୍କୁଲ ପରିଚାଳନା କମିଟି ଅଧକ୍ଷ ଧର୍ମରାଜ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

# ହଜିଯାଉଛେ ହୁମୋ ଖେଲ୍

**କାମଟିକ୍ରା, ୨୧।୧୦ (ଡି.ଏନ.ଏ)**

ପଶ୍ଚିମ ଓଡ଼ିଶାରେ କୁଆଁରି ଟୁକେଲମାନେ ଗାଁ ଗଁଲିରେ ଗୀତ୍ ଗାଇ ଗୁଟେ ଖେଲ୍ ଖେଲ୍‌ସନ୍, ଯେନ୍‌ଟାକେ ହୁମୋ କହେସନ୍। ଟୁକେଲମାନେ ରାତିର ଜନ୍ ଉକିଆରେ ଇ ଖେଲ ଖେଲ୍‌ସନ୍। ଖେଲ୍‌ରେ ଦୁଇଟା ଦଲ ହେଇ ପର୍‌ତିଯୋଗିର ଖଁଦେ ହାତ୍ ପକେଇ ଗୀତ୍ ଗାଏସନ୍, ଗୀତ୍‌ରୁ ହାରଜିତ୍ ଧାୟ୍ ହେସି। ହେଲେ ଆଏଜ୍‌କାଲି ଆର ଇ ପାରମ୍ପାରିକ୍ ଖେଲ ଦେଖ୍‌ବାକେ ନାଇଁ ମିଲ୍‌ବାର। ପୁର୍‌ଖା ଲୋକ୍‌ମାନକର କହେବାର ହିସାବେ ଇ ଖେଲ୍‌ଟା ଖାଲି ମଜା ମଜ୍‌ଲିସ୍, ସମିଆ ବିତାବାର ଲାଗି ନାଇଁଥାଇ ବରଂ ଧନୀ, ଗରିବ୍, ଛୋଟ୍‌ବଡ଼ ଭେଦ୍‌ଭାବ ଦୂର କରବାର ସଂଗେ ସମ୍‌କୁ ଭାବ୍‌ପେମରେ ବାଁଧିକରି ରଖୁଥିଲା। ହୁମୋ ଖେଲ୍‌ରେ ବୋଲାଯାଉଥିବାର ଗୀତ୍ ସାମାଜିକ୍ ରୀତିନୀତି, ଚଲଣି, ଇତିହାସ, ପୁରାନ ବି ଠାନ୍ ପାଉଥିଲା। ଇ ଖେଲ୍‌ରେ ଆଗ୍‌ରୁ ହଜାର ହଜାର ଗାଁ ଗଁଲିର ସଂଗୀତ୍ ବୋଲା ଯାଉଥିଲା। ହେଲେ ଆଏଜ୍‌କାଲି ଇ ଖେଲ୍ ତାର ସତା ହରେଇଛେ, କାଁ ଭାଁ କେତେଟା ଗାଁରେ ଇ ଖେଲ୍ ସୀମିତ ହେଇ ରହିଗଲାନ। ଆଘର ଲେଖେଁ ଗୀତ୍ ବି ନାଇଁ ବୋଲା ଯିବାର। ବଡ଼ା ଦୁଖର କଥା ଯେ, ପଶ୍ଚିମ ଓଡ଼ିଶାର ସଂସ୍କୃତି, ପରମ୍ପରା ସଂଗେ ଜଡିତ୍ ଥିବାର ଇ ଖେଲ୍‌କେ ବଁଚେଇ ରଖ୍‌ବାର ଲାଗି ସରକାରୀ, ବେସରକାରୀ ସ୍ତରରେ ଖାସ୍ ଚେଷ୍ଟା ନାଇଁ ହେବାର। ଏହେଦେ ବରଗଡ ଜିଲାର ଅତାବିରା, ବରପାଲି, ପଦମ୍ପୁର ଲେଖେଁ କେତେଟା ଅଂଚଲରେ ଲୋକ୍ ମହୋଚ୍ଛବ୍‌ମାନ୍‌କେ ଇ ହୁମୋ ଖେଲ୍‌କେ ଠାନ୍ ଦିଆଯାଉଥିବାର ଜନାଯାଇଛେ। ହୁମୋ ଖେଲର ସୁଁରତିକେ ସାଇତି ରଖିଥିବାର ବାଉଁସେନପାଲିର ଉକିଆ ମିର୍ଦ୍ଧା(୬୫) କହିଛନ୍ ଯେ, ଆଘ ଆମର ବେଲେ ଇ ଖେଲ୍‌ର ବହୁତ୍ ଆଦର ଥିଲା। ପର୍‌ତିଯୋଗିମାନେ ପାଲି କରି ଗାଁ ଖୁଲିଥି ହୁମୋ ଖେଲୁଥିଲେ। ଏହେଦେ ତ ଗାଁ ଖୁଲିରେ କୁଆଁରି ଟୁକେଲକୁ ଦେଖ୍‌ବାକେ ନଇଁ ମିଲ୍‌ବାର। ବଡ଼ଭାଗି ଟିଭି, ମୋବାଇଲ୍‌ରେ ନିଜର ସମିଆ ବିତଉଛନ୍। ଆକାଶବାଣୀ ଗୀତ୍‌କାର ପର୍ଶୁରାମ ପାତ୍ର କହିଛନ୍ ଯେ, ସମିଆର ସଂଗେ ଆଏଜ୍ ହୁମୋ ଲେଖେଁ ପାରମ୍ପରିକ୍ ଖେଲ ତାର ଥିତି ହରେଇଛେ। କୁଆଁରୀ ଟୁକେଲମାନେ ଆଏଜ୍‌କାଲି ଏନ୍‌ତା ଖେଲ୍‌କେ ପସନ୍ ନାଇଁ କରବାର। ଯୁବ ନାଟିଅକାର ସୀତାରାମ ବନଛୁର କହିଛନ୍ ଯେ ଆମର ସଂସ୍କୃତି ସଂଗେ ଜଡିତ୍ ଥିବାର ଖେଲ୍‌କୁଦ, ପରମ୍ପରା, ନାଚ୍‌ଗୀତ୍‌ର ପୁନରଉଧାର ହେବାର ଦରକାର। ସଂସ୍କୃତି ବିଭାଗ ଇଥିର ଉପ୍‌ରେ ଧିଆନ୍ ଦେବାର କଥା ବଲି ସେ ମତ୍ ଦେଇଛନ୍।



ଘେଁସରେ ସତସଙ୍ଗ କାର୍ଯ୍ୟକ୍ରମରେ ଜଣେ ବକ୍ତା ପ୍ରବଚନ ଦେଉଛନ୍ତି ।

# ଘେଁସରେ ସତ୍‌ସଙ୍ଗ କାର୍ଯ୍ୟକ୍ରମ

**ଘେଁସ୍,୨୧।୧୦(ଡି.ଏନ.ଏ)**

ବରଗଡ଼ ଜିଲା ସୋହେଲା ବ୍ଲକ ଅନ୍ତର୍ଗତ ଘେଁସ୍ ସତସଙ୍ଗ ଗୋଷ୍ଠୀ ପକ୍ଷରୁ କରାଯାଉଥିବା ମାସିକ ଭଗବତ ଚର୍ଚ୍ଚାକୁ ଚଳିତଥର ଜମିଦାର ଯୋଗେନ୍ଦ୍ର ନାଥ ସିଂ ବରିହାଙ୍କ ସ୍ମୃତିରେ ଆୟୋଜନ କରାଯାଇଥିଲା । ରବିବାର ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସାଧୁ ଗୌର ଗୋପାଳ ମହାରାଜ ମୁଖ୍ୟ ପ୍ରବଚକ ଭାବେ ଯୋଗଦେଇ ଭଗବତ ଚର୍ଚ୍ଚା କରିଥିଲେ। ବିନୋଦ ବିହାରୀ ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ରାଜମାତା ମମତା ସିଂ ବରିହା ଉଦ୍‌ଘାଟନ କରିଥିଲେ । ଅଭିମନ୍ୟୁ ସାହିତ୍ୟ ସଂସଦ ସଭାପତି ଅଶୋକ କୁମାର ପୂଜାହାରୀ, ଜିଲା ପରିଷଦ ସଭ୍ୟ ଦୟାନିଧି ପଟେଲ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ ।

# ରାବଣପୋଡ଼ି ସହ ଦୁର୍ଗାପୂଜା ସମ୍ପନ୍ନ

**ସୋହେଲା,୨୧।୧୦ (ଡି.ଏନ.ଏ)**

ସୋହେଲା ମିନି ଷ୍ଟାଡିୟମ ଠାରେ ଶନିବାର ରାବଣପୋଡି ସହିତ ଦୁର୍ଗାପୂଜା ସମ୍ପନ୍ନ ହୋଇଛି । ଚଳିତ ବର୍ଷ ପୂଜାର ପ୍ଲାଟିନମ ଜୁବିଲି ପାଳନ ଉପଲକ୍ଷେ ପୂଜା କମିଟି ପକ୍ଷରୁ ବ୍ୟାପକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ସୀମାନ୍ତ ପଡୋଶୀ ରାଜ୍ୟ ସମେତ ଦୂର ଦୂରାନ୍ତରୁ ଲୋକେ ଏହି ପୂଜା ଦେଖିବାକୁ ଆସିଥିଲେ। ସାର୍ବଜନୀନ ଦୁର୍ଗାପୂଜା କମିଟି ଦ୍ୱାରା ଆୟୋଜିତ ରାବଣପୋଡି କାର୍ଯ୍ୟକ୍ରମରେ ସମ୍ବଲପୁର ଆଇଆଇଏମ ଡିରେକ୍ଟର ମହାଦେବ ପ୍ରସାଦ ଜୟସ୍ୱାଲ ସସ୍ତ୍ରୀକ ମୁଖ୍ୟଅତିଥି ଏବଂ ବରଗଡ ଏସ୍‌ପି ମୁକେଶ କୁମାର ଭାନୁ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦୁର୍ଗାପୂଜା କମିଟି ସଭାପତି ପ୍ରକାଶ ଚନ୍ଦ୍ର ଦେବତା, କାର୍ଯ୍ୟକାରୀ ସଭାପତି ତଥା ଶ୍ରମ ଓ ଶକ୍ତି ମନ୍ତ୍ରୀ ସୁଶାନ୍ତ ସିଂହ, ଉପସଭାପତି ମହମ୍ମଦ ରଫିକ୍, ସମ୍ପାଦକ ରାମନିବାସ ଅଗ୍ରୱାଲ, କୋଷାଧ୍ୟକ୍ଷ ଲଳିତ କୁମାର ଅଗ୍ରୱାଲ, ହିସାବ ରକ୍ଷକ ଟଙ୍କଧର ଝାଙ୍କରଙ୍କ ସମେତ ପୂଜାକମିଟିର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ । ଏହି ଅବସରରେ ଆୟୋଜିତ ସଭାକୁ ଅନୀଲ କୁମାର ପଧାନ ସଂଯୋଜନା କରିଥିବା ବେଳେ ବଳବୀର ସିଂ ଠାକୁର ଧନ୍ୟବାଦ ଅର୍ପଣ କରିଥିଲେ । ମୁଖ୍ୟ ଅତିଥି ଜୟସ୍ୱାଲ ଆତସବାଜି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ରାବଣପୋଡି କାର୍ଯ୍ୟକ୍ରମକୁ ଅଧିକ ଆକର୍ଷଣୀୟ ପାଇଁ ଲେଜର ସୋ ସହିତ ଲାଇଟ ଓ ସାଉଣ୍ଡ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହା ସନ୍ଧ୍ୟାରୁ ଆରମ୍ଭ ହୋଇ ରାତି ୧୦ଟା ପର୍ଯ୍ୟନ୍ତ ଚାଲିଥିଲା । କଟକ ସାଲେପୁର, ପଦମପୁର ଅଞ୍ଚଳରୁ ଆସିଥିବା ବାଣ କାରିଗର ଓ ବରଗଡ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ରଙ୍ଗ ବେରଙ୍ଗ ଆତସବାଜି କାର୍ଯ୍ୟକ୍ରମକୁ ଦର୍ଶକ ମାନେ ମନଭରି ଉପଭୋଗ କରିଥିଲେ । ଗତ ୯ତାରିଖରୁ ଆରମ୍ଭ ହୋଇଥିବା ପ୍ଲାଟିନମ ଜୁବିଲି ଦୁର୍ଗାପୂଜା ଅବସରରେ ସ୍ୱାଧିନତା ପୂର୍ବରୁ ସୋହେଲା ଥାନା ଅଧୀନ ୯୦ଟି ମୌଜାର ଗ୍ରାମବାସୀଙ୍କୁ ନେଇ ଆରମ୍ଭ ହୋଇଥିବା ଦୁର୍ଗାପୂଜାକୁ ସ୍ମରଣୀୟ କରିବା ପାଇଁ ସମସ୍ତ ଗ୍ରାମବାସୀଙ୍କୁ ପୂଜାକମିଟି ତରଫରୁ ନିମନ୍ତ୍ରଣ କରାଯାଇଥିଲା । ପୂଜା ଅବସରରେ ହଟଲି ମଣ୍ଡପରେ ୧୦ରୁ ୧୮ତାରିଖ ୯ଦିନ ଧରି ଅନୁଷ୍ଠିତ ଲୋକ ମହୋତ୍ସବ ପାର୍ବଣରେ ରାଜ୍ୟ ଓ ରାଜ୍ୟ ବହାର ଅନୁଷ୍ଠାନର କଳାକାରମାନେ ବିଭିନ୍ନ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସେହିପରି ଚେତନାମଣ୍ଡପରେ ୧୦ରୁ ୧୯ତାରିଖ ପର୍ଯ୍ୟନ୍ତ ରାମଲୀଳା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କ୍ରୀଡା ପ୍ରତିଯୋଗିତାରେ ଜିଲା ସ୍ତରୀୟ ଫୁଟବଲ ପ୍ରତିଯୋଗିତା, ନୃତ୍ୟ, ଚିତ୍ରାଙ୍କନ, ପ୍ରବନ୍ଧ ଲିଖନ, ମହିଳାମାନଙ୍କ ମ୍ୟୁଜିକାଲ ଚେୟାର, ହୁଳହୁଳି, ନବମୀ ଦିନ ଷ୍ଟାଡିୟମରେ ରସିଟଣା ଓ ଦଶମୀ ଦିନ ସାଇକେଲ ରେସ ହୋଇଥିଲା । ଦର୍ଶକ ମାନଙ୍କ ମନୋରଞ୍ଜନ ପାଇଁ ଡାକବଙ୍ଗଳା ଯାତ୍ରା ପଡିଆରେ ୭ ଦିନ ଧରି ଅପେରା, ମେଲୋଡି ଆଦି କାର୍ଯ୍ୟକ୍ରମ କରା ଯାଇଥିଲା । ଗତ ୧୯ତାରିଖ ଅପରାହ୍ନରେ ପୂଜାର ପୂର୍ଣ୍ଣାହୁତି ପରେ ଶନିବାର ପ୍ରତ୍ୟୁଷରୁ ଭସାଣି ଶୋଭାଯାତ୍ରା ବାହାରି ସହରା ପରିକ୍ରମା କରିଥିଲା । ଦିନ ୧୨ଟାରେ ସ୍ଥାନୀୟ ପୂର୍ଣ୍ଣୀବନ୍ଧରେ ମାଁ ଦୁର୍ଗାଙ୍କ ପ୍ରତିମା ବିସର୍ଜନ କରାଯାଇଥିଲା ।

**ସୋହେଲା ସାର୍ବଜନୀନ ଦୁର୍ଗାପୂଜା କମିଟି**



ସୋହେଲାରେ ଦୁର୍ଗାଙ୍କ ମୂର୍ତ୍ତିକୁ ବିସର୍ଜନ ପାଇଁ ଶୋଭାଯାତ୍ରାରେ ନିଆଯାଉଛି ।

## ■ ପୁରାତନ ଛାତ୍ରୀଛାତ୍ରଙ୍କ ବନ୍ଧୁ ମିଳନ

# ସ୍କୁଲ ଜୀବନର ସ୍ମୃତି ବଖାଣିଲେ

**ଭେଡ଼େନ,୨୧।୧୦(ଡ଼ି.ଏନ.ଏ)**

ଭେଡ଼େନ ବ୍ଲକ ତେନ୍ତୁଲିଟିକ୍ରା ସ୍ଥିତ ଆଞ୍ଚଳିକ ହାଇସ୍କୁଲର ୨୦୧୩-୧୪ ବ୍ୟାଚ୍‌ର ଛାତ୍ରୀଛାତ୍ରଙ୍କ ଏକ ବନ୍ଧୁମିଳନ ରବିବାର ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଛି। ଶିକ୍ଷକ ପ୍ରମୋଦ ପ୍ରଧାନଙ୍କ ସଂଯୋଜନାରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଶିକ୍ଷକ ପ୍ରେମାନନ୍ଦ କଳଥା, ବିପ୍ରବର ବଢ଼େଇ, ଶିକ୍ଷକ ନିରଞ୍ଜନ ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ଛାତ୍ରୀଛାତ୍ର ସୁମିତ କୁମାର କର୍ମି, ଜୀତେନ୍ଦ୍ରିୟ ସାହୁ, କରିସ୍ମା ବେହେରା, କବିତା ଥପା, ନିରୂପମା ମହାକୁର, ଫାଲଗୁନି ଲୁହା ପ୍ରମୁଖ ସ୍କୁଲ ଜୀବନର ସ୍ମୃତି ବଖାଣିଥିଲେ । ଶେଷରେ ରତ୍ନାକର ରଣବିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ ।



ତେନ୍ତୁଲିଟିକ୍ରା ହାଇସ୍କୁଲରେ ବନ୍ଧୁମିଳନ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର ସାମିଲ ହୋଇଛନ୍ତି ।

# ଜାତୀୟ ସେବା ଶିବିର ଉଦ୍‌ଯାପିତ



ଜାତୀୟ ସେବା ଶିବିରରେ ଭାଗ ନେଇଥିବା ଛାତ୍ରୀଛାତ୍ର ।

**ବିଜେପୁର, ୨୧।୧୦ (ଡି.ଏନ.ଏ)**

ବିଜେପୁର ବ୍ଲକ କଲଙ୍ଗାପାଲିରେ ଶାରଦୀୟ ଜାତୀୟ ସେବା ଶିବିର ଅନୁଷ୍ଠିତ ହୋଇଛି। ସ୍କୁଲ ଅଧକ୍ଷ ପରିତୋଷ ସୁନା ଏହାକୁ ଉଦ୍‌ଘାଟନ କରିଥିଲେ । ପଲିଥିନ ବର୍ଜନ, ଶୌଚାଳୟ ବ୍ୟବହାର, ଗ୍ରାମ ସଫେଇ, ଠୁଙ୍ଗା ପ୍ରସ୍ତୁତି କରି ସ୍ୱାବଲମ୍ବୀ ହେବା, ଟୀକାକରଣ ବିଷୟରେ ବିଭିନ୍ନ ଦିବସରେ ଶିବିରାର୍ଥୀମାନେ ଗ୍ରାମବାସୀଙ୍କୁ ସଚେତନ କରାଇଥିଲେ । ଉଦଯାପନୀ ସମାରୋହରେ ଡିଗ୍ରୀ କଲେଜ ଅଧକ୍ଷ ପ୍ରଦୀପ କୁମାର ମିଶ୍ରଙ୍କ ଅଧକ୍ଷତାରେ ଜିତେନ୍ଦ୍ରିୟ ମେହେର ମୁଖ୍ୟଅତିଥି, ଅଧାପକ ଅମୂଲ୍ୟନିଧି ପଧାନ, ସମିତି ସଭ୍ୟ ଅର୍ଜନ ଚିରଗୁଣ, ମାନସ ଗଡତିଆ, ବୀରେନ୍ଦ୍ର ପଧାନ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ଶିବିରାର୍ଥୀ ଡିଲେଶ୍ୱରୀ ମେହେରଙ୍କୁ ଶ୍ରେଷ୍ଠ ସେବିକା ଭାବେ ପୁରସ୍କୃତ କରାଯାଇଥିଲା। ବାଲ୍ୟବିବାହ ଓ ନିଶା ନିବାରଣ ଶୀର୍ଷକ ଦୁଇଟି ନାଟକ ଶିବିରାର୍ଥୀମାନଙ୍କ ଦ୍ୱାରା ପରିବେଷିତ ହୋଇଥିଲା । ବିଜେପୁର ଡିଗ୍ରୀ କଲେଜ ଏନଏସଏସ ୟୁନିଟ-୩ ବାଳିକା ବିଭାଗ ପକ୍ଷରୁ ଆୟୋଜିତ ଶିବିରରେ ୨୨ଜଣ ଛାତ୍ରୀ ଯୋଗ ଦେଇଥିଲେ । ପ୍ରୋଗ୍ରାମ ଅଫିସର ଡ. ସୁବ୍ରତାରାଣୀ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ ।

### ସୁପ୍ରିୟା ସ୍ମାରକୀ ଫୁଟ୍‌ବଲ
# ବ୍ରାହ୍ମଣୀପାଲି, ବହଲପାଲି ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ

**ବରଗଡ଼ ଅଫିସ୍,୨୧।୧୦**

ବରଗଡ଼ ଲେଙ୍ଗୁ ମିଶ୍ର ଷ୍ଟାଡ଼ିୟମରେ ଚାଲିଥିବା ସୁପ୍ରିୟା ସ୍ମାରକୀ ଜିଲାସ୍ତରୀୟ ନକ୍ ଆଉଟ୍ ଫୁଟବଲ ପ୍ରତିଯୋଗିତାର ରବିବାର ଅନୁଷ୍ଠିତ ମ୍ୟାଚ୍‌ରେ ବ୍ରାହ୍ମଣୀପାଲି ଓ ବେହେରାପାଲି ପ୍ରତିପକ୍ଷ ଦଳକୁ ହରାଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି। ବ୍ରାହ୍ମଣୀପାଲି ଓ ଡୁଙ୍ଗୁରିପାଲି ଦଳ ମଧ୍ୟରେ ପ୍ରଥମ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା । ଏଥିରେ ବ୍ରାହ୍ମଣୀପାଲି ୨-୦ ଗୋଲରେ ବିଜୟୀ ହୋଇଥିଲା। ଦଳର ବିନାୟକ ପ୍ରଧାନ ୨ଟି ଯାକ ଗୋଲ ସ୍କୋର କରି ଦଳକୁ ବିଜୟୀ କରିଥିଲେ । ସେହିପରି ପାତିକାରପଲ୍ଲୀ ଓ ବହଲପାଲି ମଧ୍ୟରେ ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚ୍ ନିର୍ଦ୍ଧାରିତ ସମୟ ସୁଦ୍ଧା ୨-୨ରେ ବରାବର ରହିଥିଲା। ଫଳରେ ଟାଇବ୍ରେକରର ସହାୟତା ନିଆଯାଇଥିଲା। ଏଥିରେ ବହଲପାଲି ୭-୬ ଗୋଲରେ ବିଜୟୀ ହୋଇଥିଲା। ଗୋପାଳ ନାୟକ, ମନୋଜ ଭୂୟାଁ, ଶୁଭମ ପାତ୍ର, ଉମେଶ ଭୋଇ, ପ୍ରଦୀପ ଭୋଇ ପ୍ରମୁଖ ମ୍ୟାଚ୍ ପରିଚାଳନା କରିଥିଲେ ।





ବରଗଡ଼ ନିଗମାନନ୍ଦ ବିହାରରେ ରାସ୍ତା ସଫେଇ କରାଯାଉଛି ।

# ନିଗମାନନ୍ଦ ବିହାରରେ ରାସ୍ତା ସଫେଇ

**ବରଗଡ଼ ଅଫିସ୍,୨୧।୧୦**

ବରଗଡ଼ ନିଗମାନନ୍ଦ ବିହାରଠାରେ ରବିବାର ମଦର ଆଣ୍ଡ୍ ମଦର ଟ୍ରଷ୍ଟ ଅମଲିପାଲି ଆନୁକୂଲ୍ୟରେ ରାସ୍ତା ସଫେଇ ଅଭିଯାନ ହୋଇଥିଲା । ନିଗମାନନ୍ଦ ବିହାର ଉନ୍ନୟନ କମିଟି ସଭାପତି ବେଣୁଧର ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଉକ୍ତ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ପ୍ରକୃତିବନ୍ଧୁ ଚନ୍ଦ୍ରକାନ୍ତ ସାହୁଙ୍କ ସଂଯୋଜନାରେ ରାସ୍ତା ସଫେଇ କାମ ଚାଲିଥିଲା । ଇଂ ଗୌରୀଶଙ୍କର ପାତ୍ର, ମଦନ ଜେନା, କୁଞ୍ଜ ଭୋଇ, ହେମନ୍ତ ପ୍ରଧାନ, ଭାଗବତିଆ ପରୁଆ, ରାମନିବାସ ଭୋଇ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସକ୍ରିୟ ଅଂଶଗ୍ରହଣ କରିଥିଲେ ।

# ମହିଳା ଫୁଟବଲ: ଝାରସୁଗୁଡ଼ା ଚାମ୍ପିୟନ

**ଭେଡ଼େନ,୨୧।୧୦(ଡ଼ି.ଏନ.ଏ)**

ଭେଡ଼େନ ବ୍ଲକ ଡ଼ାଳବ ଗ୍ରାମପଞ୍ଚାୟତର ବାନିପାଲି ଖେଳ ପଡ଼ିଆରେ ରବିବାର ଅନୁଷ୍ଠିତ ତୃତୀୟ ଏକଦିବସୀୟ ମହିଳା ଫୁଟବଲ ଟୁର୍ନାମେଣ୍ଟରେ ଝାରସୁଗୁଡ଼ା ଦଳ ଚାମ୍ପିୟନ ହୋଇଛି । ଫୁଟବଲ ପ୍ରତିଯୋଗିତାର ଫାଇନାଲ ମ୍ୟାଚ୍‌ରେ ବିଜୟୀ ଦଳ କଦଳିପାଲି (ବରପାଲି)କୁ ଟାଇବ୍ରେକର ଯୋଗେ ୨-୦ ଗୋଲ ବ୍ୟବଧାନରେ ପରାସ୍ତ କରିଛି । ଉଦଯାପନୀ ଉତ୍ସବରେ ଯୁବବାହିନୀ ଉପଦେଷ୍ଟା ଦୁର୍ଗା ପ୍ରସାଦ ଛୁରିଆ ମୁଖ୍ୟ ଅତିଥି, ସରପଞ୍ଚ ଶୈଳେଶ୍ରୀ ଡ଼ନସନା, ସୁଶାନ୍ତ ସାହୁ, ସୁରୁବାବୁ ମାଝୀ, ରୁଷୁଡ଼ା ଫାଣ୍ଡି ଅଧିକାରୀ ପ୍ରକାଶ ପାତ୍ର ସୁରେନ୍ଦ୍ର କର୍ମୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ଖେଳଗୁଡ଼ିକୁ ରେଫରୀ ଜଗାନନ୍ଦ ନାଗ, ସୁଶାନ୍ତ ସେଠ, ମାୟାଧର ଓ ଜୟଲାଲ ପ୍ରମୁଖ ପରିଚାଳନା କରିଥିଲେ । ଏହି ପ୍ରତିଯୋଗିତାରେ କଟକ, ଝାରସୁଗୁଡ଼ା, ସମ୍ବଲପୁର ଓ କଦଳୀପାଳି(ବରପାଲି)ଦଳ ଅଂଶଗ୍ରହଣ କରିଥିଲେ । ପ୍ରତିଯୋଗିତା ଆୟୋଜନରେ ମା' ପାଞ୍ଚେଶ୍ୱରୀ ଯୁବକ ସଂଘର ସଭ୍ୟମାନେ ସହଯୋଗ କରିଥିଲେ।



ବାନିପାଲି ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପନୀ ଉତ୍ସବରେ ଉପସ୍ଥିତ ଖେଳାଳିମାନେ ।

# ବିଜେପୁରର ପୁରପଲ୍ଲୀରେ ଦୁର୍ଗାପୂଜା ଭସାଣି

**ବିଜେପୁର, ୨୧।୧୦ (ଡି.ଏନ.ଏ)**

ବିଜେପୁର ବ୍ଲକର ପୁରପଲ୍ଲୀରେ ଚାଲିଥିବା ଦୁର୍ଗାପୂଜା ମହୋତ୍ସବ ଭସାଣି ସହ ସମ୍ପନ୍ନ ହୋଇଛି । ଉମାଶଙ୍କର ପାଣିଗ୍ରାହୀଙ୍କ ଘରୁ ବାହାରିଥିବା ନବକୁମାରୀ କନ୍ୟାଗଣ ସ୍ଥାନୀୟ ପୂଜାମଣ୍ଡପରେ ପହଞ୍ଚିବା ପରେ ନବକୁମାରୀ ପୂଜାର୍ଚ୍ଚନା କରି ନଗର ପରିକ୍ରମା କରାଯାଇଥିଲା । ଦଶମୀ ତିଥିରେ ଅପରାଜିତା ପୂଜା ସହ ଅପରାହ୍ନରେ ହୋମ ସହ ପୂର୍ଣ୍ଣାହୁତି ହୋଇଥିଲା । ସନ୍ଧ୍ୟାରେ ହାଇସ୍କୁଲ ପଡିଆରେ ରାବଣ ପୋଡି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମଞ୍ଚ ଅଭିନେତା ଗୋଲାପ ଚନ୍ଦ୍ର ଦାଶ ରାବଣ, କଳାକାର ଆଦିକନ୍ଦ ପଧାନ ମହାମନ୍ତ୍ରୀ ଭୂମିକାରେ ଅଭିନୟ କରିଥିଲେ । ଭବ୍ୟ ଶୋଭାଯାତ୍ରାରେ ନଗର ପରିକ୍ରମା ପରେ ଦାମୋଦର କଟାରେ ମାଁଙ୍କ ମୃଣ୍ମୟୀ ପ୍ରତିମୂର୍ତ୍ତିକୁ ବିସର୍ଜନ କରାଯାଇଥିଲା। ଖରମୁଣ୍ଡାରେ ଦଶମୀ ତିଥିରେ ରଣଜିତା ଉତ୍ସବ, ରାବଣପୋଡି ହୋଇଥିବା ବେଳେ ଶନିବାର ଭସାଣି ଉତ୍ସବ ସହ ଦୁର୍ଗାପୂଜା ସମ୍ପନ୍ନ ହୋଇଛି। ସେହିପରି ଟି. ଗଣ୍ଡପାଲି, ଲାଉମୁଣ୍ଡା, ପହଣ୍ଡି, ଅର୍ଡାରେ ଦୁର୍ଗାପୂଜା ଉଦ୍‌ଯାପିତ ହୋଇଛି ।



"ଗୋଟିଏ ଅବାସ୍ତବ ବସ୍ତୁକୁ ଅନ୍ୟ ଗୋଟିଏ ଅବାସ୍ତବ ବସ୍ତୁ ଦ୍ୱାରା ଧ୍ୱଂସ କରିବାକୁ ଚିନ୍ତା କରିବା ଆହୁରି ଅବାସ୍ତବ।
- ରାମକୃଷ୍ଣ ପରମହଂସ

## ସଂକ୍ଷେପରେ

### ବ୍ଲକସ୍ତରୀୟ କୃଷକ ସାଥୀଙ୍କ ସାଙ୍ଗଠନିକ ବୈଠକ

**ପଲଶାଗୋରା, ୨୧।୧୦ (ଡି.ଏନ.ଏ)-** ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକସ୍ତରୀୟ କୃଷକ ସାଥୀ ସଂଘ ପକ୍ଷରୁ ଏକ ସାଙ୍ଗଠନିକ ବୈଠକ ରବିବାର ପଲଶାଗୋରା ଆରଏମସି ବଜାର ପ୍ରାଙ୍ଗଣଠାରେ ଅନୁଷ୍ଠିତ ହୋଇଛି । କୃଷକ ସାଥୀ ବିଜୟ କ୍ଷେତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଜିଲା କୃଷକ ସାଥୀ ସଂଘ ଉପସଭାପତି ରଞ୍ଜନ ପାତ୍ର, ସୁଧାଂଶୁ ରଣା ଯୋଗ ଦେଇଥିଲେ । କୃଷକ ସାଥୀମାନଙ୍କ ବିଭିନ୍ନ ସମସ୍ୟା କିପରି ସମାଧାନ ହେବ ସେ ନେଇ ପ୍ରଶାସନିକ ଅଧିକାରୀଙ୍କ ସହ ଯୋଗାଯୋଗ କରିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଥିଲା । ବ୍ଲକ ସଂଘ ସମ୍ପାଦକ ଶରତ ମହାକୁଡ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଗୋପାଳ ସାହୁ, ଗୌରଚରଣ ଗରିଆ, ରଞ୍ଜିତ ମେହେର, ଜ୍ୟୋତିଭୂଷଣ ଲୁହା, ତ୍ରିଲୋଚନ ବେହେରା, ଦୁଃଖିଶ୍ୟାମ ପ୍ରଧାନ, ମୃତ୍ୟୁଞ୍ଜୟ ପ୍ରଧାନ ସହଯୋଗ କରିଥିଲେ ।

# ପଦ୍ମ ଧରିଲେ ପଦ୍ମଲୋଚନ, ଶୁଭଙ୍କର

**ଖଇରା, ୨୧।୧୦ (ଡି.ଏନ.ଏ.)**



ଭାଜପାରେ ସାମିଲ ହୋଇଥିବା ପଦ୍ମଲୋଚନ ଏବଂ ଶୁଭଙ୍କରଙ୍କୁ ସ୍ୱାଗତ କରାଯାଉଛି।

ଭାଜପାରେ ବିରୋଧାଭାସ ସତ୍ତ୍ୱେ କଂଗ୍ରେସର ବରିଷ୍ଠନେତା, ପୂର୍ବତନ ମନ୍ତ୍ରୀ ପଦ୍ମଲୋଚନ ପଣ୍ଡା ଏବଂ ଅନ୍ୟତମ ଟାଣୁଆ ନେତା ଶୁଭଙ୍କର ମହାପାତ୍ର ରବିବାର ଆନୁଷ୍ଠାନିକ ଭାବେ ଏହି ଦଳରେ ସାମିଲ ହୋଇଛନ୍ତି। ସେମାନଙ୍କ ସହ ବହୁ ଅନୁଗତ ଓ ସମର୍ଥକ କଂଗ୍ରେସ ଦଳ ଛାଡିଛନ୍ତି। ସେମାନେ କଂଗ୍ରେସକୁ ଫୁଟା ଡଙ୍ଗା କହିବା ସହ ଏହା କେତେ ବେଳେ ବୁଡିବ ତାହା ଉପରେ ଭରସା ନାହିଁ ବୋଲି ବାଲେଶ୍ୱର ଜିଲା ଖଇରା ବ୍ଲକର ପତିରାଜପୁର ମେଳନ ପଡିଆଠାରେ ଆୟୋଜିତ ମିଶ୍ରଣ ସଭାରେ ବକ୍ତବ୍ୟ ରଖି କହିଛନ୍ତି।

ଜିଲା ଭାଜପା ସଭାପତି ମଦନମୋହନ ଦତ୍ତ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ମିଶ୍ରଣ ସଭାରେ କେନ୍ଦ୍ର ପେଟ୍ରୋଲିୟମ, ଦକ୍ଷତା ବିକାଶ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ରାଜ୍ୟ ଭାଜପା ସଭାପତି ବସନ୍ତ ପଣ୍ଡା ପ୍ରମୁଖ ବହୁ ନେତୃବୃନ୍ଦ ଯୋଗ ଦେଇଥିଲେ। କେନ୍ଦ୍ରମନ୍ତ୍ରୀ ପ୍ରଧାନ ନବୀନ ପଟ୍ଟନାୟକଙ୍କ ସରକାରଙ୍କୁ ଟାର୍ଗେଟ କରି ବକ୍ତବ୍ୟ ରଖିଥିଲେ। ପୂର୍ବଭାରତରେ ବିକାଶ ହେଲେ ଓଡିଶାର ବିକାଶ ହେବ। ପ୍ରଧାନମନ୍ତ୍ରୀଙ୍କ ଏହି ସ୍ଲୋଗାନକୁ ସଫଳ କରିବାକୁ ରାଜ୍ୟ ଶାସନ ବ୍ୟବସ୍ଥାରେ ପରିବର୍ତ୍ତନ ଆଣିବାକୁ ପଡିବ। ବର୍ତ୍ତମାନର ରାଜ୍ୟ ସରକାର ଚିଟଫଣ୍ଡ, ବ୍ରହ୍ମ ବିଭ୍ରାଟ ଭଳି ନାନା ଦୁର୍ନୀତି ଓ ଭ୍ରଷ୍ଟାଚାରରେ ବୁଡି ରହିଛନ୍ତି । ରାଜ୍ୟରେ ଖଣିଜ ସମ୍ପଦ ଭରପୂର ଥିଲେ ବି ଓଡିଆ ଯୁବକ ଦାଦନ ଖଟିବାକୁ ସୁରତ, ବମ୍ବେ ନଗରୀକୁ ଯାଉଛନ୍ତି ବୋଲି ଧର୍ମେନ୍ଦ୍ର କହିଥିଲେ। ଏହି ବକ୍ତବ୍ୟ ରଖିବା ବେଳେ ସେ କେନ୍ଦ୍ର ସରକାରଙ୍କ ଉଜ୍ଜଳା ଗ୍ୟାସ ସମେତ ବିଭିନ୍ନ ଯୋଜନା ସମ୍ପର୍କରେ ବଖାଣିଥିଲେ। ଭାଜପା ସଭାପତି ବସନ୍ତ ପଣ୍ଡା ନବୀନ ସରକାରକୁ ଭ୍ରଷ୍ଟ ସରକାର ବୋଲି ଅଭିହିତ କରି ସରକାର ହଟାଇବାକୁ ଆହ୍ୱାନ ଦେଇଥିଲେ ।

ପଦ୍ମଲୋଚନ ଓ ଶୁଭଙ୍କରଙ୍କୁ ଭାଜପାରେ ସାମିଲ କରାଯିବା ନେଇ ସିମୁଳିଆ ନିର୍ବାଚନମଣ୍ଡଳୀ ଦଳରେ ବିରୋଧ ଓ ବିଦ୍ରୋହ ସ୍ଥିତି ସୃଷ୍ଟି ହୋଇଛି। ଶନିବାର ଅନୁଷ୍ଠିତ ଏକ କର୍ମୀ ସମ୍ମିଳନୀରେ ତଳସ୍ତରର କର୍ମୀ

### କଂଗ୍ରେସକୁ 'ଫୁଟା ଡଙ୍ଗା' ବୋଲି କହିଲେ

ପ୍ରତିକ୍ରିୟା ପ୍ରକାଶ କରିଥିବାରୁ ଏହା ସଭା ଆୟୋଜନକାରୀଙ୍କୁ ଚିନ୍ତାରେ ପକାଇଥିଲା। ସଭାରେ ଏହାର ଚାପା ଗୁଞ୍ଜରଣ ଛଡା ଅନ୍ୟ କିଛି ବିରୋଧ ଦେଖିବାକୁ ମିଳି ନ ଥିଲା। ଅନ୍ୟମାନଙ୍କ ମଧ୍ୟରେ ଚଳଚ୍ଚିତ୍ର ଅଭିନେତା ମିହିର ଦାଶ, ରାଜ୍ୟ ଉପସଭାପତି ସମିର ମହାନ୍ତି, ପିତାମ୍ବର ଆଚାର୍ଯ୍ୟ, ପ୍ରତାପ ଷଡଙ୍ଗୀ, ଜୟନାରାୟଣ ମହାନ୍ତି, ଶୋଭନା ମହାନ୍ତି, ବିଷ୍ଣୁମୋହନ ସେଠୀ, ମନମୋହନ ସାମଲ, ମିହିର ପାଣି, ଲମ୍ବୋଦର ନାୟକ, କରୁଣାକର ମହାନ୍ତି, ରେମୁଣା ବିଧାୟକ ଗୋବିନ୍ଦ ଦାସ, କୃଷ୍ଣ ପ୍ରସାଦ ମହାପାତ୍ର ପ୍ରମୁଖ ସଭାରେ ବକ୍ତବ୍ୟ ରଖିଥିଲେ। ପଦ୍ମଲୋଚନଙ୍କ ଖାସ୍ ଅନୁଗତ ଭାବେ ପରିଚିତ କେତେକ କଂଗ୍ରେସ ନେତାଙ୍କ ସମେତ ବିଭିନ୍ନ ପଞ୍ଚାୟତର ଲୋକ ପ୍ରତିନିଧି ଓ କର୍ମୀ ଏହି ଅବସରରେ ଭାଜପାରେ ଯୋଗ ଦେଇଥିଲେ । ଶେଷରେ ଠାକୁର ରଞ୍ଜିତ ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଟଙ୍କାକୁ ସେଉଳ (ଷୋଅଳ) ଅଣା,**
**ଯାର କଥା ତାକୁ ଜଣା ।**

କାହା ଅନ୍ତର କଥା କେହି ବୁଝିପାରିବା କଷ୍ଟକର। କାହା ମନରେ କ'ଣ ଅଛି ତାକୁ କେହି ସହଜରେ ଜାଣିପାରି ନ ଥାନ୍ତି। ଏପରିସ୍ଥଳେ ମୁହଁରେ ଯିଏ ଯାହା ପ୍ରକାଶ କରେ ତାକୁ ନିଜ ବିଚାର ଓ ବୁଦ୍ଧି ବଳରେ ସତ କିମ୍ବା ମିଛ ବୋଲି ଧାରଣା କରିବା ଉଚିତ ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଟାଙ୍ଗର ମୁଣ୍ଡରେ ତେଲ**
**ସାରୁ ବିକି ଘରେ ଦେଲ ।**

ଭଲ ଘର ଭଲ ବର ଦେଖି ପ୍ରତ୍ୟେକ ପିତାମାତା ନିଜ ଝିଅର ବିବାହ କରାଇଥାନ୍ତି। ଭବିଷ୍ୟତରେ ଯେପରି କିଛି ଅସୁବିଧା ନ ଘଟିବ ସେଥିପ୍ରତି ଯଥେଷ୍ଟ ଧ୍ୟାନ ଦେଇଥାନ୍ତି। ପରନ୍ତୁ ବାସ୍ତବତାରେ ଏଥିରେ କିଛି ବ୍ୟତିକ୍ରମ ଘଟିଲେ ବିଚାରୀ ଝିଅ ଅନେକ ଦୁଃଖକଷ୍ଟ ପାଇଥାଏ। ଏପରିସ୍ଥଳେ ଗରିବ ଘରେ ବିବାହ ହୋଇଥିବା ଝିଅ ନିଜ ଭାଗ୍ୟକୁ ନିନ୍ଦିବା ସହ ମନ ଊଣା କରି ବସୁଥିବା ନେଇ ଏଭଳି ଉକ୍ତି ପ୍ରକାଶ କରାଯାଇଛି

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

### ବ୍ଲକ କଲୋନୀ ସ୍କୁଲରେ ମୋ ସ୍କୁଲ ଅଭିଯାନ
# ଶିକ୍ଷା ଜୀବନର ମୂଳଦୁଆ

**ଅମ୍ବାଭୋନା, ୨୧।୧୦ (ଡି.ଏନ.ଏ)**

ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ଭୁକ୍ତା ପ୍ରକାଶପୁରଠାରେ ଥିବା ବ୍ଲକ କଲୋନୀ ପ୍ରକଳ୍ପ ଉନ୍ନୀତ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ମୋ ସ୍କୁଲ ଅଭିଯାନ ଅନୁଷ୍ଠିତ ହୋଇଛି । ବିଇଓ ଟେମଲାଲ ଦୁବେଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବରଗଡ ଡିଇଓ ପ୍ରକାଶ କୁମାର ଯୋଶୀ ମୁଖ୍ୟଅତିଥି ଭାବେ ଯୋଗଦେଇ ସ୍କୁଲ ସହ ସବୁ ବର୍ଗର ଲୋକଙ୍କୁ ଯୋଡିବାର ଏହା ଏକ ପ୍ରୟାସ ବୋଲି କହିଥିଲେ । ବ୍ଲକ ଅଧ୍ୟକ୍ଷା ନୀଳ କୁମାରୀ ନାୟକ, ଉପାଧ୍ୟକ୍ଷ ଠାକୁରରାମ ପଟେଲ, ଜିଲା ପରିଷଦ ସଭ୍ୟା ଉର୍ମିଳା ପଟେଲ, ସମାଜସେବୀ ଡ. ଶରତ କୁମାର ପ୍ରଧାନ, ଅବସରପ୍ରାପ୍ତ ଶିକ୍ଷକ ଉଦ୍ଧବ ପଟେଲ, ମୋହନଲାଲ ପଟେଲ, ଫଗୁଲାଲ ସହଁରା, ହାରାଚନ ପଟେଲ, ଜିଲା ବିଜ୍ଞାନ ଶିକ୍ଷା ନିରୀକ୍ଷକ ଡ. ମନୋଜ କୁମାର ସାହୁ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ବ୍ଲକ କଲୋନୀ ପ୍ରକଳ୍ପ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ୟାମଲାଲ ନାୟକଙ୍କ ଆୟୋଜନରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ସ୍କୁଲ ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା । ବାଦ୍ୟଯନ୍ତ୍ରରେ ରବିଶଙ୍କର ବେହେରା, ମହାଦେବ ବେହେରା, ଟୀକାରାମ ପଧାନ, ସୁଶାନ୍ତ ପଧାନ ପ୍ରମୁଖ ଜୟ ଜଗନ୍ନାଥ କଳା ପରିଷଦର ସଭ୍ୟମାନେ ସହଯୋଗ କରିଥିଲେ । ଏବିଇଓ ଫକୀର ପଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

# ପହଣ୍ଡିରେ ସମ୍ବଲପୁରୀ ଭେଟଘାଟ

**ବିଜେପୁର, ୨୧।୧୦ (ଡି.ଏନ.ଏ)**

ବିଜେପୁର ବ୍ଲକ ପହଣ୍ଡି ଗ୍ରାମରେ ରବିବାର ସମ୍ବଲପୁରୀ ଭେଟଘାଟ ଅନୁଷ୍ଠିତ ହୋଇଛି। ଏଥିରେ ଭରତ ଚନ୍ଦ୍ର ପଟେଲ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ଆମର୍ ଭାଷା ଆମର୍ ସାହିତ୍ୟ ଚାଷୀର କଥା ମାଟିର କଥା କହୁଛେ ତ ଶୀର୍ଷକ ଆଲୋଚନା ଚକ୍ରରେ ଅଧ୍ୟାପକ ମୋହନ ସାହୁ, ଅଧ୍ୟାପକ ସୁକୁମାର ଭୋଇ ଆଲୋଚକ ଭାବେ ଯୋଗ ଦେଇଥିଲେ । ଚୈତନ୍ୟ ଭୋଇଙ୍କୁ ଶାରଦା ସମ୍ମାନ ଏବଂ କ୍ରାନ୍ତିକବି ହରିଲାଲ ସାହୁଙ୍କୁ ଯୁବ ପ୍ରତିଭା ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା । ନିରଞ୍ଜନ ରଣା, ଶ୍ରୀବତ୍ସ ସାହୁ ମାନପତ୍ର ପାଠ କରିଥିଲେ । ସମ୍ପାଦକ ସନ୍ତୋଷ ସାହୁ ସଭା ସଂଯୋଜନା କରିଥିଲେ । ଦ୍ୱିତୀୟ ଅଧିବେଶନରେ ଆୟୋଜିତ ସମ୍ବଲପୁରୀ କବି ସମ୍ମିଳନୀରେ ରସନାଗର ଗୁଣସାଗର ସାହୁ, କ୍ରାନ୍ତିକବି ହରିଲାଲ ସାହୁ, ସୁକୁମାର ଭୋଇ, ମୁନିରାମ କୁମ୍ଭାର, କିଶୋର କୁମାର ସାହୁ, ନିର୍ମଳ ନାୟକ, ଭାଗବତ ସାହୁ, ଅଧିକାରୀ ସା ପ୍ରମୁଖ ଯୋଗ ଦେଇଥିଲେ। ପରେ ଚିକିନିପାଲିର ଲୋକନୃତ୍ୟ ଓ ପହଣ୍ଡି ଗ୍ରାମର କଳାକାରମାନଙ୍କ ଦ୍ୱାରା ସମ୍ବଲପୁରୀ ନାଟ ନିସ୍ତାର ପରିବେଷିତ ହୋଇଥିଲା । ଶାରଦା ସାହିତ୍ୟ ସଂସ୍କୃତି ସଂସଦ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରବୀନ୍ଦ୍ର ଭୋଇ, ଅକ୍ଷୟ ଷାଣ୍ଢ, ଦେବାଧି ରଣା, ଶିଶୁମଣି ରଣା, ନରୋତ୍ତମ ସାହୁ, ଆକାଶ ରଣା, ଗୋବିନ୍ଦ ଥପା, ସୁବ୍ରତ ଭୋଇ, ସୁଧର୍ମା ଭୋଇ, ଭାରତ ଚନ୍ଦ୍ର ସାହୁ ପ୍ରମୁଖ ସହଯୋଗ କରିଥିଲେ । ଉପେନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।



କ୍ରାନ୍ତିକବି ହରିଲାଲ ସାହୁଙ୍କୁ ଅତିଥି ସମ୍ବର୍ଦ୍ଧିତ କରୁଛନ୍ତି ।

# ଗଛରେ ପିଟିଲା ମିନି ଟ୍ରକ, ୨ ଗୁରୁତର

**ଦେଓଗାଁ, ୨୧।୧୦ (ଡି.ଏନ.ଏ.)**

ଦେଓଗାଁବ୍ଲକ ଗାଇବାହାଲ ନିକଟରେ ରବିବାର ସନ୍ଧ୍ୟାରେ ଏକ ମିନିଟ୍ରକ ଭାରସାମ୍ୟ ହରାଇ ଗଛରେ ପିଟି ହୋଇ ଦୁର୍ଘଟଣା ଗ୍ରସ୍ତ ହୋଇଛି । ଏଥିରେ ଡ୍ରାଇଭର ସମେତ ୨ଜଣ ଗୁରୁତର ଆହତ ହୋଇଛନ୍ତି । ଆହତ ଦ୍ୱୟ ହେଲେ ଶ୍ରୀବତ୍ସ ଭୋଇ ଓ କାର୍ତ୍ତିକ ମିର୍ଦ୍ଧା । ଖବରପାଇ ଦେଓଗାଁ ଫାଣ୍ଡି ଅଧିକାରୀ ଜନାର୍ଦ୍ଦନ ସାହୁ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଆହତ ଦ୍ୱୟଙ୍କୁ ବଲାଙ୍ଗୀର ବଡମେଡିକାଲକୁ ପଠାଇଥିବା କହିଛନ୍ତି ଫାଣ୍ଡି ଅଧିକାରୀ ସାହୁ। ପରେ ଦୁର୍ଘଟଣାଗ୍ରସ୍ତ ମିନି ଟ୍ରକକୁ ଜବତ କରି ଫାଣ୍ଡିକୁ ଆଣିଥିବାବେଳେ ଏ ନେଇ କେସ ନଂ ୨୬୬/୧୮ରେ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରହିଥିବା ଫାଣ୍ଡି ଅଧିକାରୀ କହିଛନ୍ତି । ପ୍ରକାଶ ଯେ, ଦେଓଗାଁରୁ ମିନି ଟ୍ରକଟି ଗାଇବାହାଲ ନିକଟସ୍ଥ ଅର୍ଡା ଗ୍ରାମର ଫଡି ଘରକୁ କେନ୍ଦୁପତ୍ର ଆଣିବା ପାଇଁ ଯାଉଥିବାବେଳେ ଗାଇବାହାଲ ନିକଟସ୍ଥ ଟର୍ଣ୍ଣିଙ୍ଗଠାରେ ଭାରସାମ୍ୟ ହରାଇ ଏକ ଗଛରେ ପିଟି ହୋଇ ଆଡି ତଳକୁ ଓଲଟି ପଡିଥିଲା ।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

### ଅସ୍ଥାୟୀ ବନ କର୍ମଚାରୀ ସଂଘର ବୈଠକ
# କାର୍ଯ୍ୟରେ ନିୟୋଜନ ପାଇଁ ଦାବି ଉଠିଲା

**ନୂଆପଡା ଅଫିସ/ କୋମନା, ୨୧।୧୦ (ଡି.ଏନ.ଏ.)**

ବନବିଭାଗ ଅଧୀନରେ ବିଭିନ୍ନ ଜାଗାରେ ବନସଂରକ୍ଷଣ ତଥା ଜଗୁଆଳି, ପ୍ଲାନଟେସନ କାମରେ ଆଜକୁ ୨୫ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି କାମ ନିୟୋଜିତ ହୋଇ କାମ କରୁଥିଲେ ହେଁ ସେମାନଙ୍କୁ ନିୟମିତ କରାଯାଉନାହିଁ କି କିବିଭିନ୍ନ ସମୟରେ ଅଘୋଷିତ ଭାବରେ କାମରୁ ବାଦ ଦିଆଯାଉଥିବାରୁ ଶ୍ରମିକ ଅଶାନ୍ତି ସୃଷ୍ଟି ହୋଇଛି। ଏହାକୁ ନେଇ ଅସ୍ଥାୟୀ ବନକର୍ମଚାରୀ ସଂଘ ମେଳି ବାନ୍ଧୁଛନ୍ତି । ଏହି ପରିପ୍ରେକ୍ଷୀରେ ନୂଆପଡ଼ା ଜିଲା କୋମନା ଝାଲକୁସୁମର ଲତାଝରନ ଜଙ୍ଗଲରେ ଅସ୍ଥାୟୀ ବନକର୍ମଚାରୀ ସଂଘର ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲା ସଭାପତି ପ୍ରେମସିଂ ମାଝିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ କୋମନା ବ୍ଲକ ଅଧ୍ୟକ୍ଷ ମନୋଜ କୁମାର ମିଶ୍ର, ବନ୍ୟପ୍ରାଣୀ ୱାର୍ଡେନ ମାୟାଧର ସରାଫ, ନୀଳକଣ୍ଠ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ । ଏଥିରେ ଜିଲାର ବନବିଭାଗ, ବନ୍ୟପ୍ରାଣୀ ବିଭାଗରେ କାମ କରୁଥିବା ଶତାଧିକ କର୍ମଚାରୀ ଯୋଗଦେଇ ସେମାନଙ୍କ ବିଭିନ୍ନ ସମସ୍ୟା ଉପସ୍ଥାପନା କରିଥିଲେ । ଏହି ଅବସରରେ ଜିଲା ତଥା ରାଜ୍ୟ ସରକାରଙ୍କୁ ଜଣାଇବାକୁ ସର୍ବସମ୍ମତିକ୍ରମେ ପ୍ରସ୍ତାବ ଆଗତ ହୋଇଥିଲା। ଏଥିରେ ବିଭାଗରେ ବହୁ ବର୍ଷ ଧରି କାମ କରୁଥିବା ଶ୍ରମିକମାନଙ୍କୁ ନିୟମିତ କରିବା, ୬ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି କାମ କରିଥିବା ଶ୍ରମିକମାନଙ୍କୁ ପୁନଃନିଯୁକ୍ତି ଦେବାର ବ୍ୟବସ୍ଥା କରିବା, ଶ୍ରମିକମାନଙ୍କୁ ଠିକ ସମୟରେ ଦରମା ଦେବା, ଶ୍ରମିକମାନଙ୍କ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ସୁବିଧା ସୁଯୋଗ ଯୋଗାଇଦେବା ଆଦି ଦାବି ରହିଛି ।

# ସୃଜନ ସଳିତା ନବନୀତାର ପୂଜା ବିଶେଷାଙ୍କ ଉନ୍ମୋଚିତ

**ବଲାଙ୍ଗୀର ଅଫିସ, ୨୧।୧୦**

ସାହିତ୍ୟ ପତ୍ରିକା ସୃଜନ ସଳିତା ନବନୀତାର ପୂଜା ସଂଖ୍ୟା ଉନ୍ମୋଚନ ହୋଇଛି । ସ୍ଥାନୀୟ କୋଶଳ କଳାମଣ୍ଡଳ ପଡିଆସ୍ଥିତ ଜିଲା ସଂସ୍କୃତି ଭବନଠାରେ ଏହାର ଉନ୍ମୋଚନ ଉତ୍ସବ ଅନୁଷ୍ଠିତ ହୋଇଥିଲା । ପତ୍ରିକାର ପ୍ରକାଶକ ରାଜେଶ ଝାଙ୍କରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଗୁରୁଶ୍ରୀ ଘାସିରାମ ମିଶ୍ର, ପୁଇଁନ୍ତଲା ବ୍ଲକ ଶିକ୍ଷା ଅଧିକାରୀ ନେପାଳ ଚନ୍ଦ୍ର ବାଗ, ଶିକ୍ଷାବିତ ସନାତନ ଠାକୁର, ଜୟନ୍ତ ମହାନ୍ତି, ଶୁଭେନ୍ଦୁ ସାହୁ, ରାଜେନ୍ଦ୍ର ନାଏକ, ଦୁଃଖିଶ୍ୟାମ ଭଞ୍ଜ, ପ୍ରେସ କ୍ଲବ ସଭାପତି ଅରୁଣ ମିଶ୍ର, ସତ୍ୟ ସୁନ୍ଦର ଭଞ୍ଜ, ସୁଦୀପ ଗୁରୁ, ବୀରେନ୍ଦ୍ର ଝାଙ୍କର, ରଘୁନନ୍ଦନ ସିଂ ଯୋଗଦେଇ ପତ୍ରିକାକୁ ମିଳିତ ଭାବେ ଉନ୍ମୋଚନ କରିଥିଲେ ।


# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

MORE SPACE • SAME PRICE

| TARIFF | For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|---|
| | 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| | 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

*GST 5% Extra

Get Instant Cash against Gold, Sell Your Gold at 100% Market Value
GOLD CASH LTD
(an ISO 9001:2015 Certified Company)
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ ମୂଲ୍ୟରେ ନେବା ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ୍ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free: 1800-120-3430
Branches: Bhubaneswar, Cuttack, Bhadrak, Rourkela & Berhampur

SPOT ADMISSION
B.Ed
Acharya Nagarjuna University
UGC & NCTE Approved
Equivalent to Utkal University
Weekend Class & Study Material
CT(D.El.Ed)
Equivalent to Board of Secondary Education Odisha
SINCE 2001 NIDT
B.J.B. Nagar, Lewis Road, Bhubaneswar
9338229373, 9438286091
9776587145

Jeevanjyoti Finance
ଜନକଲ୍ୟାଣ ଯୋଜନା ଅଧୀନରେ ସବୁ ବ୍ୟାଙ୍କ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ଶିକ୍ଷା, ବ୍ୟବସାୟ, ସମସ୍ତ ଋଣ 24 ଘଣ୍ଟାରେ 2% ସୁଧ, 50% ରିହାତି ସବ୍‌ସିଡିରେ (ମହିଳା, ଚାଷୀ, ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି)
ଠକମାନଙ୍କ ପ୍ରତି ସାବଧାନ
(କାମ ଆମର ବିଶ୍ୱାସ ଆପଣଙ୍କର)
Sector-30, Jagatpur, Jaipur, Rajasthan
8278171538
8901770631

BHARATI FINANCE
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ Business, Personal, Property, Home, କୃଷି, ଶିକ୍ଷା ଓ Marksheet ସମସ୍ତ ପ୍ରକାର Loan Bharati Finance ଯୋଗାଇ ଦେଉଛି। 2% ସୁଧ।
M : 7684946678
8337956019

Dhanlaxmi Finance Services
ସରକାରଙ୍କ ଦ୍ୱାରା ପଞ୍ଜୀକୃତ
(Reg No.- od6789dh45)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ ଏବଂ ଗ୍ରୁପ୍ ଋଣ 72 ଘଣ୍ଟାରେ ପାଆନ୍ତୁ ।
1 ଲକ୍ଷରୁ 5 କୋଟି ପର୍ଯ୍ୟନ୍ତ ମାତ୍ର 1% ସୁଧ, 40% ରିହାତି।
For more details contact:
9193648139
SATAPADA, PURI, ODISHA - 752011

ଆଦର୍ଶ ଫାଇନାନ୍ସ
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଗେ କାମ, ପରେ ଦାମ୍
ଦୀପାବଳି ଧମାକା
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ ରାଶନ କାର୍ଡ, ଆଧାର କାର୍ଡ, ଚାଷକାର୍ଯ୍ୟ, ଏଗ୍ରିକଲ୍ଚର
ସବୁ ପ୍ରକାର ଋଣ ୨୪ ଘଣ୍ଟାରେ ପାଆନ୍ତୁ
୨% ସୁଧ - ୪୦% ରିହାତି
୮୫ ଲକ୍ଷ ସନ୍ତୁଷ୍ଟ ଗ୍ରାହକ
ଲକ୍ଷ ଲକ୍ଷ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
କମ୍ କାଗଜପତ୍ର କାମ
ଠକ କମ୍ପାନୀଗୁଡ଼ିକ ପ୍ରତି ସାବଧାନ
168, Sector-30, Jagatpura, Jaipur, Rajasthan
73106-12716
89794-48754

ତନ୍ତ୍ର ମନ୍ତ୍ର ସମ୍ରାଟଙ୍କ ଖୋଲା ଚ୍ୟାଲେଞ୍ଜ
ଯେଉଁଠି ଜ୍ଞାନ ସେଠି ହେବ A to Z ସମସ୍ୟାର 2 ଘଣ୍ଟାରେ ସମାଧାନ
ସ୍ପେଶାଲିଷ୍ଟ: ବଶୀକରଣ, ମୁଠହରଣୀ, ମନ ମୁତାବକ ପ୍ରେମ, ବିବାହରେ ବାଧା, ଋଣମୁକ୍ତି, ଗର୍ଭ ବନ୍ଧନ, ଗୃହ କ୍ଲେଶ, ବିଦେଶ ଯାତ୍ରା, ସଉତୁଣୀ ଓ ଶତ୍ରୁ ମୁକ୍ତି, କ୍ୟାରିୟର ମଡେଲିଂ, ସ୍ୱାମୀ ସ୍ତ୍ରୀ ମନୋମାଳିନ୍ୟ, ଚାକିରି, ବ୍ୟବସାୟ, ଯାଦୁ ଟୋନା ଭଳି ସମସ୍ୟାର 101% ସମାଧାନ।
ବାବା ହଜରତ ଉସ୍‌ମାନ୍
21 ବୈଦିକ ବିଦ୍ୟାରେ ନିପୁଣ
9873361894, 9654673664

LOAN
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କସିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
B-19, Tower No-9, New Moti Bagh, New Delhi-110021
8658167603
7064382081

LOAN
ସବୁ ଜିଲ୍ଲାର ଶିକ୍ଷିତ ଓ ବେରୋଜଗାରୀମାନେ ନିଜର ପ୍ରମାଣପତ୍ର ଦ୍ୱାରା ମାତ୍ର ବାର୍ଷିକ ୫% ସୁଧରେ ପର୍ସନାଲ, ବିଜନେସ, ମାର୍କସିଟ, କୃଷି ଓ ଗ୍ରୁପ ଲୋନ SAMPARK FINANCE ରୁ ନେଇପାରିବେ। ଡକୁମେଣ୍ଟ Email- fileodisha@gmail.com ରେ ପଠାଇ ପାରିବେ।
405 D, Shamalldas Gandhi Marg, Mumbai, Maharastra, India-400002
ଯୋଗାଯୋଗ-
7991052261
7991052595

T.C.F. FINANCE
ଋଣ ମାତ୍ର 6 ଘଣ୍ଟାରେ ।
ନୋ ଫାଇଲ ଚାର୍ଜ, ବିନା ଗ୍ୟାରେଣ୍ଟର ମାର୍କଶିଟ୍, ଋଣ (ସାର୍ଟିଫିକେଟ୍), ପ୍ରପର୍ଟି, ପର୍ସନାଲ, ଗୃହଋଣ, 0% ସୁଧ, 50% ରିହାତି।
08418002678
08859668547
39, Patel Nagar, Saharanpur Road, Dehradun - 248001

ନିଜ ବ୍ୟବସାୟରେ ଅଭିବୃଦ୍ଧି ଆଣନ୍ତୁ
ITCT EDUCATION
ସହିତ
ଭାରତର ସର୍ବବୃହତ୍ ନେଟ୍‌ୱର୍କ
ନିଜ ବ୍ୟବସାୟରେ ଅତିରିକ୍ତ ଲାଭ ଉପାର୍ଜନ କରନ୍ତୁ। ଆଇଟିସିଟି ଲର୍ନିଂ ସିଷ୍ଟମ୍ସ ପ୍ରାଇଭେଟ୍ ଲିମିଟେଡ୍‌ର ଏକ ଫ୍ରାଞ୍ଚାଇଜି ପାର୍ଟନର ହୁଅନ୍ତୁ।
କର୍ପୋରେଟ୍ ବ୍ୟାପାର ମନ୍ତ୍ରଣାଳୟ (ଭାରତ ସରକାର)
ଅଧିକ ସୂଚନା ପାଇଁ
0712-2223456 / 09422123456
www.itctedu.in

୩ ଘଣ୍ଟାରେ ୧୦୦% ସମାଧାନ ଘରେ ବସି ଫୋନ ଦ୍ୱାରା
କଣ ଆପଣ ଚିନ୍ତିତ ଅଛନ୍ତି ?
କାନ୍ଦିଲେ ନୁହେଁ ଦେଖାକଲେ କଷ୍ଟ ଦୂରହେବ !
କାମ ନହେଲେ ପଇସା ଫେରସ୍ତ ! Time - 10 am to 6 pm
ମନଚାହିଁ ବିବାହ, ବ୍ୟବସାୟ, ଗୃହକ୍ଲେଶ, କିୟା କରାୟା, ବିବାହରେ ବାଧା, ସଉତୁଣୀ ଓ ଶତ୍ରୁ ମୁକ୍ତି, ରୋଗରେ ଔଷଧ ନ ଧରିବା, କ୍ୟାରିୟରରେ ଅସଫଳତା, ବଶୀକରଣ, ମୁଠକରନୀ, ଯାଦୁଟୋଣା, ଭୂତପ୍ରେତ ଆଦି ଜଟିଳ ରୁ ଜଟିଳ ସମସ୍ୟାର ସମାଧାନ ।
(ସ୍ପେଶାଲିଷ୍ଟ- ବଶୀକରଣ, ମୁଠ୍‌କରଣୀ ଏବଂ କଳାଯାଦୁ )
ଯଦି ଆପଣଙ୍କର ଜ୍ୟୋତିଷ ଓ ପଣ୍ଡିତଙ୍କ ଉପରୁ ଭରସା ଉଠିଯାଇଚି ତାହେଲେ ତୁରନ୍ତ ଫୋନ୍ କରନ୍ତୁ
ଯଦି ଆପଣଙ୍କର ପତି ପ୍ରେମୀ, କିମ୍ବା ପୁଅ ବସରେ ଅଛନ୍ତି ତାହେଲେ ତୁରନ୍ତ ଫୋନ୍ କରନ୍ତୁ
ବାବା ରହେମାନ୍ ଖାନ ବଙ୍ଗାଳୀ
7065430524
9599270336

କଣ ଆପଣ ଅସୁବିଧାରେ ଅଛନ୍ତି କି?
ଅଲଇଣ୍ଡିଆ ଖୋଲା ଚାଲେଞ୍ଜ
୨ ଘଣ୍ଟାରେ ୧୦୦% ସମାଧାନ
କାମ ନହେଲେ ଟଙ୍କା ଫେରସ୍ତ
ତନ୍ତ୍ର-ମନ୍ତ୍ରର ସମ୍ରାଟ
ବ୍ୟବସାୟରେ ଅସୁବିଧା, ପ୍ରେମରେ ଅସଫଳତା ତେବେ ମତେ ଆସିକି ଦେଖା କରନ୍ତୁ
ବ୍ୟବସାୟରେ ଅସୁବିଧା, ବିବାହରେ ଅସୁବିଧା ସଉତାନ ଓ ଶତ୍ରୁମାନଙ୍କଠାରୁ ମୁକ୍ତି ରୋଗରେ ଔଷଧ ନ ଲାଗିବ କ୍ୟାରିୟରରେ ଅସଫଳତା।
ଯଦି କାହାର ସ୍ୱାମୀ, ପ୍ରେମିକା ଓ ଝିଅ କାହା ବଶରେ ଥାଆନ୍ତି ତେବେ ମତେ ଆସିକି ଦେଖା କରନ୍ତୁ।
BABA AMIM SUFI JI
9540938429
9903852257
Near Master Canteen, Bhubaneswar

ତନ୍ତ୍ର ମନ୍ତ୍ର ସମ୍ରାଟଙ୍କ ଖବରଦାର୍ କଳା ଶିକ୍ଷା
ଯେଉଁଠି ଜ୍ଞାନ ସେଠି ହେବ A to Z ସମସ୍ୟାର ସମାଧାନ
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ, ମନ ମୁତାବକ ପ୍ରେମ, ବିବାହରେ ବାଧା, ଋଣମୁକ୍ତି, ଗର୍ଭ ବନ୍ଧନ, ଗୃହ କ୍ଲେଶ, ବିଦେଶ ଯାତ୍ରା, ସଉତୁଣୀ ଓ ଶତ୍ରୁ ମୁକ୍ତି, କ୍ୟାରିୟର ମଡେଲିଂ, ସ୍ୱାମୀ ସ୍ତ୍ରୀ ମନୋମାଳିନ୍ୟ, ଚାକିରି, ବ୍ୟବସାୟ, ଯାଦୁ ଟୋନା ଭଳି ସମସ୍ୟାର 101% ସମାଧାନ।
ବାବା ସିକନ୍ଦର
21 ବୈଦିକ ବିଦ୍ୟାରେ ନିପୁଣ
9997796211

!! LOAN LOAN LOAN !!
ସରକାରୀ ଯୋଜନା ଲୋନ୍ ସ୍କିମ୍ ଦ୍ୱାରା ଦ୍ୱାରା
ଶ୍ରୀ ରାମ ଫାଇନାନ୍ସ
ମାର୍କଶିଟ୍ ଋଣ ଅଷ୍ଟମ, ଦଶମ ପାସ୍ ବେରୋଜଗାର 5,00,000-50,00,000 ପର୍ଯ୍ୟନ୍ତ ଋଣ ପାଆନ୍ତୁ
!! ନୋ ଗ୍ୟାରେଣ୍ଟର, ନୋ ଫାଇଲଚାର୍ଜ !!
2% ସୁଧ, 50% ରିହାତି + ସବ୍‌ସିଡି ପାଆନ୍ତୁ
ଯୋଗାଯୋଗ କରନ୍ତୁ
9717895136
9871773265
Add : - 41/14, Sec-1 Pushp Vihar, Delhi

ଦଶହରା
ନବରାତ୍ରି ଉତ୍ସବ
!!ନୋ ଗ୍ୟାରେଣ୍ଟର, ନୋ ଫାଇଲଚାର୍ଜ!!
ଶ୍ରୀ ଜଗନ୍ନାଥ ଫାଇନାନ୍ସ
ମାର୍କଶିଟ୍, ଆଧାରକାର୍ଡ, ପର୍ସନାଲ, ପ୍ରପର୍ଟି ଋଣ ଇତ୍ୟାଦି 24 ଘଣ୍ଟାରେ
1,00,000-50,00,000 ପର୍ଯ୍ୟନ୍ତ ଋଣ ପାଆନ୍ତୁ
1% ସୁଧ 55% ରିହାତି + 25% ସବ୍‌ସିଡି
ମାତା ଓ ଭଉଣୀଙ୍କୁ ବିଶେଷ ରିହାତି
7895183349
9927051692
Add : - 41/14, Sec-1 Pushp Vihar, Delhi


## ପାଠକଙ୍କ ପାଇଁ ସୂଚନା

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ତିନୋଟି ଜିନିଷକୁ ଦୀର୍ଘଦିନ ଧରି ଲୁଚାଇ ହେବନାହିଁ। ସେଗୁଡ଼ିକ ହେଲା ସୂର୍ଯ୍ୟ, ଚନ୍ଦ୍ର ଓ ସତ୍ୟ।
- ଗୌତମ ବୁଦ୍ଧ

**ସଂକ୍ଷେପରେ**

## ମା'ମାହେଶ୍ୱରୀଙ୍କ ପୂଜନୋତ୍ସବରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ

ସିଂଘିଯୁବା,୨୧।୧୦(ଡି.ଏନ୍.ଏ.) ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ବାବୁପାଲି ପଞ୍ଚାୟତ ଅନ୍ତର୍ଗତ ଦେଣ୍ଟୁପଦର ଗ୍ରାମଦେବୀ ମାହେଶ୍ୱରୀଙ୍କର ପୂଜନୋତ୍ସବ ସହ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ କୋଶଲୀ ଭାଷାର ପ୍ରବକ୍ତା ହୀରା ମହାକୁର। ସିନିୟର, ଜୁନିୟର ଏବଂ ଗ୍ରୁପ ଡ୍ୟାନ୍ସ କାର୍ଯ୍ୟକ୍ରମରେ ପ୍ରତିଯୋଗୀମାନେ ନୃତ୍ୟ ପରିବେଷଣ କରିଥିଲେ। ବିଚାରକ ଭାବେ ଶ୍ରୀରାମ ପଧାନ, ବାଳ ଗୋପାଳ ରଣା, ହିଲୁ ଘିବିଲା, ତେଜରାଜ ଥାର୍ଟୀ, ତୀର୍ଥବାସୀ ପଧାନ ପ୍ରମୁଖ ରହିଥିଲେ। ଜୁନିୟର ବର୍ଗରେ ମୀତା କୁମ୍ଭାର, ପ୍ରୀତିରିତା ମିର୍ଦ୍ଧା ଓ ସୁଜାତା ଘିବିଲା ଯଥାକ୍ରମେ ୧ମ, ୨ୟ ଓ ୩ୟ ସ୍ଥାନ ଅଧିକାର କରିଥିଲେ। ସିନିୟର ବର୍ଗ ପ୍ରତିଯୋଗିତାରେ ସୁରେନ୍ଦ୍ର ଯୁଆଡି, ଆକାଶ ନାଗ୍ ଓ କିରନ କନ୍ଦା ୧ମ, ୨ୟ ଓ ୩ୟ ହୋଇଥିଲେ। ଗ୍ରୁପରେ ବର୍ଷା ଗ୍ରୁପ୍ ଏବଂ ଶିବଶମ୍ଭୁ ଗ୍ରୁପ ୧ମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ।

### ସୁବର୍ଣ୍ଣପୁରରେ ପୋଲିସ ଶହୀଦ ଦିବସ ପାଳିତ

# ଶହୀଦଙ୍କ ସ୍ମୃତିଚାରଣ, ଶ୍ରଦ୍ଧାଞ୍ଜଳି

ସୋନପୁର,୨୧।୧୦ (ନି.ପ୍ର.)

ସୋନପୁର ଆର୍ମଡ ରିଜର୍ଭ ପୋଲିସ ପଡିଆରେ ରବିବାର ୫୯ତମ ପୋଲିସ ଶହୀଦ ଦିବସ ପାଳିତ ହୋଇଯାଇଛି। ସୁବର୍ଣ୍ଣପୁର ଏସ୍‌ପି ଦେବୀ ପ୍ରସାଦ ଦାଶ ଏଥିରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ପୋଲିସ ପତାକା ଉତ୍ତୋଳନ କରିବା ସହିତ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। ଶହୀଦ ଦିବସରେ ଦେଶର ସେବା ପାଇଁ ନୂତନ ପ୍ରେରଣା ମିଳେ ବୋଲି ଏସ୍‌ପି ଦାଶ କହିଥିଲେ। ଏହି ଅବସରରେ ଦେଶ ମାତୃକାର ସେବା କରି ଚଳିତ ବର୍ଷ ଶହୀଦ ହୋଇଥିବା ପୋଲିସଙ୍କ ପ୍ରତି ଦାଶ ଶ୍ରଦ୍ଧାଞ୍ଜଳି ଜ୍ଞାପନ ପୂର୍ବକ ନାମ ପଠନ କରିଥିଲେ। ରାଜ୍ୟପାଳ ପ୍ରଫେସର ଗଣେଶି ଲାଲ ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବାର୍ତ୍ତାକୁ ଏସ୍‌ପି ପାଠ କରିଥିଲେ। କାର୍ଯ୍ୟକ୍ରମରେ ଜିଲାପାଳ ମଧୁସୂଦନ ମିଶ୍ର, ସିଜେଏମ୍ ମଦନଲାଲ



ଏସ୍‌ପି ଶହୀଦ ସ୍ତୁପକୁ ସମ୍ମାନ ପ୍ରଦର୍ଶନ କରୁଛନ୍ତି। ପାର୍ଶ୍ୱରେ ଜିଲାପାଳ ଓ ଅନ୍ୟ ଅଧିକାରୀ ବୃନ୍ଦ।

ଖେଡିଆ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ରମେଶ କୁମାର ପାଣିଗ୍ରାହୀ, ଅବସରପ୍ରାପ୍ତ ଡେପୁଟି କମାଣ୍ଡାଣ୍ଟ ଉମେଶ ଚନ୍ଦ୍ର ଦାନି, ଡିଏସପି ଆନନ୍ଦ ବର୍ଦ୍ଧନ ଗୁରୁ, ହେମସାଗର ନନ୍ଦ, ସୟଦ୍ ମୁଜିବୁର ରହେମାନ, ସୋନପୁର ଏସ୍‌ଡିପିଓ ମିହିର କୁମାର ପଣ୍ଡା, ବୀରମହାରାଜପୁର ଏସ୍‌ଡିପିଓ ଧୀରଜ ଚୋପଦାର, ସୋନପୁର ଆଇଆଇସି ଚନ୍ଦ୍ରମୋହନ ସିଂ, ଡୁଙ୍ଗୁରିପାଲି ଆଇଆଇସି ଅମରେନ୍ଦ୍ର ଷାଣ୍ଡ, ତରଭା ଆଇଆଇସି ସୁରୁବାବୁ ଛତ୍ରିଆ, ବିନିକା ଆଇଆଇସି କଲ୍ୟାଣୀ ବେହେରା, ଉଲୁଣ୍ଡାର ରୀନା ବେହେରା, ବୀରମହାରାଜପୁରର କୁଶ ପାଣିଗ୍ରାହୀ, ସୁବଳୟାର ହେମନ୍ତ ରାଓ, ଅବସରପ୍ରାପ୍ତ ସେନା ଅଧିକାରୀ ମଧୁସୂଦନ ପୂଜାହାରୀ ପ୍ରମୁଖ ଯୋଗଦାନ କରି ଶହୀଦ ସ୍ତୁପରେ ସମ୍ମାନ ପ୍ରଦର୍ଶନ କରିଥିଲେ। ଭାରପ୍ରାପ୍ତ ଆରକ୍ଷୀ ନିରୀକ୍ଷକ ବିଶ୍ୱନାଥ ଜେନା ପରେଡକୁ ପରିଚାଳନା କରିଥିଲେ। ଏହି ଅବସରରେ ଶହୀଦ ନରସିଂହ ମହାକୁର ଓ ବିଭୀଷଣ ସାହୁଙ୍କ ପରିବାର ବର୍ଗଙ୍କୁ ସମ୍ମାନିତ କରାଯାଇଥିଲା। ପରେ ଏସ୍‌ପି ଦାଶ ଉଭୟ ଶହୀଦଙ୍କ ବାସଭବନକୁ ଯାଇ ସମ୍ମାନ ପ୍ରଦର୍ଶନ କରିଥିଲେ।

# ବଦଳୁନି ପାତାଳି ଶ୍ରୀକ୍ଷେତ୍ର ରାସ୍ତା ଅବସ୍ଥା

ସୋନପୁର,୨୧।୧୦ (ନି.ପ୍ର.)

- ପୂର୍ତ୍ତ ବିଭାଗ ରାସ୍ତା ନିର୍ମାଣ କରୁନି
- ଅଞ୍ଚଳବାସୀଙ୍କ ଆନ୍ଦୋଳନ ଚେତାବନୀ



ପାତାଳି ଶ୍ରୀକ୍ଷେତ୍ର ରାସ୍ତାରେ ରବିବାର ପର୍ଯ୍ୟଟକ ଗାଡ଼ି ଅଟକି ରହିଛି।

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକର ପ୍ରସିଦ୍ଧ ପୀଠ ପାତାଳି ଶ୍ରୀକ୍ଷେତ୍ର ଓ ଠେଙ୍ଗୋ ଡ୍ୟାମକୁ ରାସ୍ତା ମରଣଯନ୍ତା ପାଲଟିଛି। ମରାମତି ଅଭାବରୁ ଧର୍ମଶାଳା ଛକରୁ ପୀଠକୁ ଯାଇଥିବା ୨୭କିଲୋମିଟର ରାସ୍ତା ଖାଲଖମାରେ ଭର୍ତ୍ତି ହୋଇଛି। ରାସ୍ତାରୁ ମେଟାଲ, ପିଚୁ ଉଠି ଗଲାଣି। ପର୍ଯ୍ୟଟକଙ୍କ ଗାଡି ରାସ୍ତାରେ ଫସି ରହୁଛି। ଶ୍ରଦ୍ଧାଳୁମାନେ ଦୂରଦୂରାନ୍ତରୁ ଶ୍ରୀଜୀଉଙ୍କୁ ଦର୍ଶନ କରିବାକୁ ଆସି ହୀନସ୍ତା ହେଉଛନ୍ତି। ସରକାର ପର୍ଯ୍ୟଟନସ୍ଥଳୀକୁ ଯାଇଥିବା ରାସ୍ତାର ଉନ୍ନତି ପାଇଁ କୋଟି କୋଟିଟଙ୍କା ଖର୍ଚ୍ଚ କରୁଛନ୍ତି। ମାତ୍ର ଏହି ଗୁରୁତ୍ୱପୂର୍ଣ୍ଣ ରାସ୍ତା ପ୍ରତି ସରକାର ଓ ପ୍ରଶାସନ ଅଣଦେଖା କରୁଥିବା ଅଭିଯୋଗ ହୋଇଆସୁଛି। ପୂର୍ବରୁ ଜଳସମ୍ପଦ ବିଭାଗ ଅଧିନରେ ଏହି ରାସ୍ତା ଥିଲା। ବିଭାଗ ମରାମତି କରି ନ ପାରିବାରୁ ପୂର୍ତ୍ତ ବିଭାଗକୁ ରାସ୍ତାଟି ହସ୍ତାନ୍ତର ହୋଇଛି। କିନ୍ତୁ ପୂର୍ତ୍ତ ବିଭାଗ ରାସ୍ତା ନିର୍ମାଣ କିମ୍ବା ମରାମତି କରୁନି। ରାଜ୍ୟ ପର୍ଯ୍ୟଟନ ବିଭାଗ ଏଥିପ୍ରତି ଦୃଷ୍ଟି ନ ଦେଲେ ଅଞ୍ଚଳବାସୀ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି।

# ଭସାଣି ଉତ୍ସବରେ ଦୁଲୁକିଲା ବୀରମହାରାଜପୁର

ବୀରମହାରାଜପୁର, ୨୧।୧୦ (ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପଖଣ୍ଡ ସଦର ମହକୁମାଠାରେ ସାର୍ବଜନୀନ ଦୁର୍ଗାପୂଜାର ଭଷାଣୀ ଉତ୍ସବ ଯୋଗୁଁ ଶନିବାର ଦିନତମାମ ମାହୋଲ ସରଗରମ ଥିଲା। ଏଠାରେ ଚଳିତ ବର୍ଷ ପୂର୍ବଥର ଭଳି ତିନୋଟି ପୂଜା କମିଟି ପକ୍ଷରୁ ଦୁର୍ଗାପୂଜାର ଆୟୋଜନ କରାଯାଇଥିଲା ବେଳେ ସମସ୍ତ ମେଢ଼ ସ୍ଥାନୀୟ ରଜାବନ୍ଧରେ ବିସର୍ଜିତ ହୋଇଛନ୍ତି। ଦିନବେଳା ତ୍ରିବେଣୀ ଛକ, ରାତିରେ ଉଫୁଲା ଶୈଳସୂତା କ୍ଲବ ପୂଜା ମଣ୍ଡପ ଓ ରବିବାର ସନ୍ଧ୍ୟାରେ ବସଷ୍ଟାଣ୍ଡ ପୂଜା କମିଟିର ପୂଜିତ ମା'ଦୁର୍ଗାଦେବୀଙ୍କର ମୃଣ୍ମୟୀ ମୂର୍ତ୍ତିକୁ ଶୋଭାଯାତ୍ରାରେ ନିଆଯାଇ ବିସର୍ଜନ କରାଯାଇଥିଲା। ତ୍ରିବେଣୀ ଛକ ପୂଜା ମଣ୍ଡପରୁ ବାହାରିଥିବା ଶୋଭାଯାତ୍ରାରେ ପାରମ୍ପରିକ ବାଡିଖେଳ, ଦଣ୍ଡନୃତ୍ୟ ସାଙ୍ଗକୁ ଘଣ୍ଟବାଦ୍ୟ ସାମିଲ ହୋଇଥିଲା। ଶୈଳସୂତା



ବାହାରିଥିବା ଭସାଣି ଶୋଭାଯାତ୍ରା।

କ୍ଲବ ପକ୍ଷରୁ ଭସାଣୀ ଶୋଭଯାତ୍ରାରେ ବାଇନାଚ ପ୍ରଦର୍ଶିତ ହୋଇଥିବା ଦେଖିବାକୁ ମିଳିଥିଲା। ଏହା ସାଙ୍ଗକୁ ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ଅଞ୍ଚଳର ପାରମ୍ପରିକ ଲୋକବାଦ୍ୟ ଢ଼ୋଲ, ନିଶାନ, ମହୁରୀ ତାଳରେ ବୀରମହାରାଜପୁର ବସ୍ତି ପ୍ରକମ୍ପିତ ହୋଇଥିଲା। ଭସାଣୀ ପର୍ବ ସାଙ୍ଗକୁ ଏ ବର୍ଷର ଶାରଦୀୟ ଦୁର୍ଗାପୂଜା ଉଦ୍‌ଯାପିତ ହୋଇଛି।

# ପୋଲିସର ପକ୍ଷପାତିତା ଅଭିଯୋଗରେ ରାସ୍ତାରୋକୋ

ଉଲୁଣ୍ଡା,୨୧।୧୦(ଡି.ଏନ.ଏ.)

ସୋନପୁର-ସମ୍ବଲପୁର ମୁଖ୍ୟରାସ୍ତା ଉଲୁଣ୍ଡା ବସଷ୍ଟାଣ୍ଡ ଛକଠାରେ ଉଲୁଣ୍ଡା ପୋଲିସର ନିରପେକ୍ଷତାକୁ ନେଇ ପ୍ରଶ୍ନ ଉଠାଇ ପ୍ରତିବାଦ ସ୍ୱରୁପ ସନ୍ଧ୍ୟା ପ୍ରାୟ ୬ଟା ସମୟରୁ ଟାୟାର ଜାଳି ରାସ୍ତାରୋକ କରାଯାଇଛି। ରବିବାର ଉଲୁଣ୍ଡା ବସ୍ତି ଭିତର ଏବଂ ଗଣ୍ଡାବାହାଲ ଛକର ଦୁର୍ଗା ମେଢ ଭସାଣି କରାଯାଇଥିଲା। ଭସାଣି ସମୟରେ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ପୋଲିସକୁ ଲିଖିତ ଭାବେ ଦିଆଯାଇଥିଲା। ଅନ୍ୟପଟେ ଭସାଣି ସମୟରେ ଡିଜେ ସାଉଣ୍ଡ ବ୍ୟବହାର ନ କରିବାକୁ ପୋଲିସ ତରଫରୁ କୁହାଯାଇଥିଲା। ଉକ୍ତ କଥାକୁ ଗ୍ରହଣ କରି ବିନା ଡିଜେରେ ଉଲୁଣ୍ଡା ଦଳ ଭସାଣି ଉତ୍ସବ କରିଥିଲେ। ପରେ ସନ୍ଧ୍ୟା ସମୟରେ ଗଣ୍ଡାବାହାଲ ଦଳ ଭସାଣିବେଳେ ଡିଜେ ସାଉଣ୍ଡ ବ୍ୟବହାର କରିଥିବା ଯୋଗୁ ଏହା ପୋଲିସର ଜ୍ଞାତ ସାରରେ ହୋଇଥିବା ଅପରପକ୍ଷ ଅଭିଯୋଗ କରି ରାସ୍ତାକୁ ଓହ୍ଲାଇଥିଲେ। ଏ ନେଇ



ଉତ୍ତ୍ୟକ୍ତ ଲୋକଙ୍କୁ ପୋଲିସ୍ ବୁଝାଶୁଝା କରୁଛି।

ଉଲୁଣ୍ଡା ଆଇଆଇସି ରୀନା ବେହେରାଙ୍କୁ ଯୋଗାଯୋଗ କରାଯିବାରୁ ଉଭୟ ପକ୍ଷର ସହମତିରେ ଗଣ୍ଡାବାହାଲ ଦଳକୁ ଡିଜେ ପାଇଁ ଅନୁମତି ଦିଆଯାଇଥିବା ପ୍ରକାଶ କରିଥିଲେ। ତେବେ ଘଟଣାସ୍ଥଳକୁ ଅତିରିକ୍ତ ଆରକ୍ଷି ଅଧିକ୍ଷକ ରମେଶ ପାଣିଗ୍ରାହୀ ଏବଂ ଏସଡିପିଓ ଧିରଜ ଚୋପଦାର ଆସି ଲୋକଙ୍କୁ ବୁଝାସୁଝା କରିଥିଲେ। ପରେ ସେ କହିଥିଲେ ଯେ, ଜଣେ ଡିଏସ୍‌ପି ପାହ୍ୟାର ଅଧିକାରୀଙ୍କୁ ତଦନ୍ତ ଦାୟିତ୍ୱ ଦିଆଯିବ ଏବଂ ଘଟଣାର ଉପଯୁକ୍ତ ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରକାଶ କରିଥିଲେ। ଏହାପରେ ରାତି ପ୍ରାୟ ୮ଟା ୩୦ମିନିଟ ସମୟରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇ ଜାନବାହାନ ଚଳାଚଳ ସ୍ୱାଭାବିକ ହୋଇଥିଲା।

# ମନମୋହିଲା ରାବଣ ଦରବାର

ଡୁଙ୍ଗୁରିପାଲି,୨୧।୧୦(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକରେ ବିଭିନ୍ନ ଗ୍ରାମରେ ଚାଲିଥିବା ଶାରଦୀୟ ପାର୍ବଣ ଉଦ୍‌ଯାପିତ ହୋଇଯାଇଛି। ବ୍ଲକର ଖୁଣ୍ଟପାଲି, ଆଜାଦ ହିନ୍ଦ କ୍ଲବ, ବସଷ୍ଟାଣ୍ଡ ଜୟମାତାଦୀ କ୍ଲବ ଆଦି ସ୍ଥାନମାନଙ୍କରେ ଦୁର୍ଗାପୂଜା ଉତ୍ସାହ ଉଦ୍ଦୀପନାର ସହ ସମ୍ପନ୍ନ ହୋଇଛି। ଅନୁଷ୍ଠିତ ଉଦ୍‌ଯାପନୀ ଦିବସରେ ବଣିକ ସଂଘ ତଥା କ୍ଲବ ସଭାପତି ପ୍ରଦୀପ ମିଶ୍ର ଅଧ୍ୟକ୍ଷତା କରିଥିଲେ। ସମ୍ମାନିତ ଅତିଥିଭାବେ ହିମାଂଶୁ ଶେଖର ବିଶ୍ୱାଳ, ସୀତାରାମ ମେହେର, ଲକ୍ଷ୍ମଣ ମେହେର, ସମ୍ପାଦକ ମୁକେଶ ଭୋଇ, ବିପ୍ରଚରଣ ସାହୁ, ପୂଜା କମିଟି ସଭାପତି ଶଙ୍ଖାଲି ସାହୁ ଯୋଗଦେଇଥିଲେ। ଅମୂଲ୍ୟ ବେହେରା ସଭା ସଂଯୋଜନା କରିଥିଲେ। ପ୍ରତିବର୍ଷ ପରି ଏହି ବର୍ଷ ଜୁଗାର ଯାତ୍ରା ପ୍ରତିଯୋଗିତା ହୋଇଥିଲା। ଏଥିରେ ନନ୍ଦିନୀ ମେହେର, ଆହ୍ଲାଦିନୀ ନାଏକ ଓ ତିଳୋତ୍ତମା ମେହେରଙ୍କୁ ମାନପତ୍ର ଓ ପୁରସ୍କୃତ କରାଯାଇଥିଲା। ଅମୂଲ୍ୟ ରାଉତ, ବିଜୟ ମେହେର, ରୋଶନ ବିଶ୍ୱାଳ ଓ ପ୍ରମୋଦ





ରାବଣ ଦରବାରରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

ଗୋଚ୍ଛାୟତଙ୍କୁ ଦୁର୍ଗା ପୂଜାରେ ବିଭିନ୍ନ ଦାୟିତ୍ୱ ତୁଲାଇଥିବାରୁ ଜୟମାତାଦୀ କ୍ଲବ ଦୁର୍ଗା ପୂଜା କମିଟି ପକ୍ଷରୁ ପୁରସ୍କୃତ କରାଯାଇଥିଲା। ରାବଣ ଦରବାର ମଞ୍ଚରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ରେକର୍ଡ ଡ୍ୟାନ୍ସ, ସଂଗୀତ ସାଧନା ଗ୍ରୁପ ଲୋଇସିଂହା ଦର୍ଶକଙ୍କୁ ବିମୋହିତ କରିଥିଲା। ରାବଣ ଭୂମିକାରେ ପ୍ରଫୁଲ୍ଲ ମେହେର, ଶ୍ରୀରାମ ଭୂମିକାରେ ଲୋକନାଥ ଚିନ୍ଦ୍ରା, ଲକ୍ଷଣ ହିମାଂଶୁ ଦାସ, ହନୁମାନ ଭୂମିକାରେ ଶଙ୍କର ସାହୁ ଅଭିନୟ କରିଥିଲେ। ଦୁର୍ଗା ପୂଜା କମିଟି ସମ୍ପାଦକ ଶିବ ବୁଡେକ, ଉତ୍ତମ ନାଏକ, ସୁନୀଲ ମିତଲ, ନେପାଲ ବାରିକ ପ୍ରମୁଖ କମିଟିର ସଭ୍ୟ ଏଥିରେ ସହଯୋଗ କରିଥିଲେ।

# ୮ମ ଦିନରେ ନବାହ୍ନ ପାରାୟଣ

ସିଂଘିଯୁବା,୨୧।୧୦(ଡି.ଏନ୍.ଏ.)

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ୍ ଖଇରମାଳ ଗ୍ରାମରେ ଗତ ୧୪ତାରିଖରୁ ରାମଚରିତ ମାନସ ନବାହ୍ନ ପାରାୟଣ ମହୋତ୍ସବ ହୋଇଆସୁଛି। ସକାଳ ପ୍ରାୟ ୮ଟାରୁ ଅପରାହ୍ନ ୫ଟା ଯାଏଁ ଅନୁଷ୍ଠିତ ହୋଇଆସୁଛି ଏହି କାର୍ଯ୍ୟକ୍ରମ। ଖଇରମାଳ ହରିଶଙ୍କର ବାବାଙ୍କ ମନ୍ଦିର ପ୍ରାଙ୍ଗଣରେ ମହୋତ୍ସବର ଆୟୋଜନ କରାଯାଇଥିବାବେଳେ ସୋମବାର ଏହାର ଉଦ୍‌ଯାପନୀ ଉତ୍ସବ। ପୁରାଣ ପାରାୟଣ କରୁଛନ୍ତି ଗୋବର୍ଦ୍ଧନ ମିଶ୍ର। ଦୈନିକ ଏହି ଉତ୍ସବରେ ସହସ୍ରାଧିକ ଶ୍ରଦ୍ଧାଳୁମାନଙ୍କର ସମାଗମ ହେଉଥିବା ଦେଖିବାକୁ ମିଳୁଛି।

# ଶ୍ୟାମାକାଳୀ ପୂଜା ପାଇଁ ଶୁଭସ୍ତମ୍ଭ ସ୍ଥାପିତ

ବୀରମହାରାଜପୁର, ୨୧।୧୦ (ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ନିକଟବର୍ତ୍ତୀ ଉଫୁଲା ଯୁବଶକ୍ତି କ୍ଲବ ଆନୁକୂଲ୍ୟରେ ପାଳିତ ହୋଇ ଆସୁଥିବା ଶ୍ୟାମକାଳୀ ପୂଜନୋତ୍ସବ ସକାଶେ ରବିବାର ଶୁଭସ୍ତମ୍ଭ ସ୍ଥାପନ କରାଯାଇଛି। ଉକ୍ତ ସର୍ବଜନୀନ ଉତ୍ସବ ଏଥର ୩୫ବର୍ଷରେ ପଦାର୍ପଣ କରୁଛି। ଅଞ୍ଚଳର ଏହା ଏକମାତ୍ର କାଳୀପୂଜା ଭାବେ ଜଣା ଏହି ପୂଜନୋତ୍ସବ ପାଇଁ ଶୁଭସ୍ତମ୍ଭ ସ୍ଥାପନ ଅବସରରେ ପ୍ରଥମ ଏକ ପ୍ରସ୍ତୁତି ବୈଠକ କ୍ଲବ ପରିସରରେ ଅନୁଷ୍ଠିତ ହୋଇଥିଲା। ସଭାପତି ପ୍ରଫୁଲ୍ଲ କୁମାର ଡାଙ୍ଗଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଉପଦେଷ୍ଟା ଆଚ୍ୟୁତାନନ୍ଦ ସାହୁ, ଦିଲ୍ଲୀପ କୁମାର ଡାଙ୍ଗ ଓ ଗୁପ୍ତେଶ୍ୱର ପ୍ରଧାନ ତଥା ସମ୍ପାଦକ ଗୋପୀନାଥ କର୍ଣ୍ଣଙ୍କ ସମେତ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ। ବୈଠକରେ ନିର୍ଦ୍ଧାରଣ ଅନୁଯାୟୀ



କାଳୀପୂଜା ପ୍ରସ୍ତୁତି ବୈଠକରେ ଉପସ୍ଥିତ କର୍ମକର୍ତ୍ତା ଓ ଆୟୋଜକ।

ନଭେମ୍ବର ୬ତାରିଖରେ କଳସ ସ୍ଥାପନ ସହିତ ପୂଜାରମ୍ଭ କରାଯିବ। ତ୍ରିଦିନାତ୍ମକ ପର୍ବ ଶେଷରେ ୯ତାରିଖ ଭଷାଣୀ ଉତ୍ସବ ସମ୍ପନ୍ନ କରାଯିବ ବୋଲି ସୂଚୀତ କରାଯାଇଛି। ସେହିପରି ବ୍ଲକର ସୁବଳୟାଠାରେ ୨୬ତମ କାଳୀପଜା ଉତ୍ସବ ପାଳନ ପାଇଁ କମିଟି ଗଠନ କରାଯାଇଛି। ନୂତନ କମିଟିରେ ଶେଷଦେବ ବାରିକଙ୍କୁ ସଭାପତି ମନୋନୀତ କରାଯାଇଛି। ରଞ୍ଜନ କୁମାର ତାଣ୍ଡିଆ ଉପସଭାପତି, କେଶବ ମେହେର ସମ୍ପାଦକ ଓ ମଙ୍ଗୁଲୁ ଖମାରୀ ସହ ସମ୍ପାଦକ ଭାବେ ସର୍ବସମ୍ମତିକ୍ରମେ ମନୋନୀତ ହୋଇଛନ୍ତି। ସେହିପରି ୭ଜଣ ସଦସ୍ୟଙ୍କୁ ନେଇ କାର୍ଯ୍ୟକାରୀ କମିଟି ଗଠିତ ହୋଇଛି।





ପୋଲିସ ଶହୀଦ ଦିବସ ପାଳନ ଅବସରରେ ରବିବାର ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନାର ପୋଲିସ କର୍ମଚାରୀମାନେ ଏସ୍‌ଡିପିଓ ଧୀରଜ ଚୋପଦାରଙ୍କ ନେତୃତ୍ୱରେ ଏକ କ୍ୟାଣ୍ଡେଲ ଶୋଭାଯାତ୍ରାରେ ବସ୍ତି ପରିକ୍ରମା କରୁଛନ୍ତି।

# ଗାଁଗାଁ ବୁଲି ବିକାଶର ଗାଥା ବଖାଣିଲେ ଏମ୍‌ପି, ବିଧାୟକ

ବୀରମହାରାଜପୁର/ ଉଲୁଣ୍ଡା, ୨୧।୧୦(ଡି.ଏନ.ଏ.)

ବଲାଙ୍ଗୀର ଏମପି କଳିକେଶ ନାରାୟଣ ସିଂଦେଓ ଏବଂ ବୀରମହାରାଜପୁର ବିଧାୟକ ପଦ୍ମନାଭ ବେହେରା ମିଳିତ ଭାବେ ରବିବାର ଜନସମ୍ପର୍କ ଅଭିଯାନରେ ବାହାରି ବୀରମହାରାଜପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଉଲୁଣ୍ଡା ବ୍ଲକର ୧୦ରୁ ଅଧିକ ଗ୍ରାମ ଗସ୍ତ କରିଛନ୍ତି। ବିଜେଡିର ପ୍ରମୁଖ କର୍ମକର୍ତ୍ତା ତଥା କର୍ମୀମାନଙ୍କ ଗହଣରେ ଉଭୟ ନେତା ହିକୁଡି, ବିଜେପୁର, ମୁଣ୍ଡୋଘାଟ, ଲଙ୍କାବାହାଲ, ଲେହେଡି, ଗୁରୁପଙ୍ଗା, ହିଙ୍ଗମା, ଖପୁରିପୁର, ଜାଲୋଏ, କର୍ଣ୍ଣପାଲି ପ୍ରଭୃତି ଗ୍ରାମ ବୁଲିବା ସହ ସ୍ଥାନୀୟ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ଏହି ଅବସରରେ ବିଭିନ୍ନ ସ୍ଥାନରେ ଆୟୋଜିତ ପଥପ୍ରାନ୍ତ ସଭାମାନଙ୍କରେ ନବୀନ ସରକାରଙ୍କ ଲୋକାଭିମୁଖୀ ଯୋଜନା



ପଦଯାତ୍ରାରେ ଆସି ବିଜେପୁରରେ ଲୋକଙ୍କ ସହ ବିଜେଡି ନେତୃବର୍ଗ ଆଲୋଚନା କରୁଛନ୍ତି।

ତଥା କାର୍ଯ୍ୟକ୍ରମ ସମ୍ପର୍କରେ ବଖାଣିବା ସହିତ ଆଞ୍ଚଳିକ ବିକାଶ ଉପରେ ଆଲୋକପାତ କରିଥିଲେ। ଗ୍ରାମବାସୀଙ୍କ ପକ୍ଷରୁ ଏମପି ଓ ବିଧାୟକଙ୍କୁ ଉତ୍ସସିତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ପଥପ୍ରାନ୍ତ ସଭାଗୁଡିକରେ ବ୍ଲକ ବିଜେଡି ସଭାପତି ଝସକେତନ ବଘାର ସଭାପତିତ୍ୱ କରିଥିଲେ। ନିର୍ବାଚନ ମଣ୍ଡଳୀର ଯୁବ ବିଜେଡି ସଭାପତି ତଥା ବିନିକା ବ୍ଲକ ଅଧ୍ୟକ୍ଷ ଅଶୋକ ନନ୍ଦ, ଉଲୁଣ୍ଡା ବ୍ଲକ ଉପାଧ୍ୟକ୍ଷ ଅଶୋକ କୁମାର ପଣ୍ଡା, ବିଶିପଡା ସରପଞ୍ଚ ପିଙ୍କ ବିଶି, ମୁଣ୍ଡୋଘାଟ ସରପଞ୍ଚ ରଞ୍ଜିତା ଭୋଇ, ଚଢ଼େଇପଙ୍କ ସମିତି ସଭ୍ୟା ସସ୍ମିତା ମେହେର, ଉଲୁଣ୍ଡା ସମିତି ସଭ୍ୟା ସନ୍ତୋଷିନୀ ଭୋଇ ଓ ଜାଲୋଏ ସରପଞ୍ଚ ବଘାର ପ୍ରମୁଖ ସାମିଲ ଥିଲେ। ଜନସମ୍ପର୍କ ଅଭିଯାନରେ ଦଳୀୟ କର୍ମକର୍ତ୍ତା ତଥା ବରିଷ୍ଠ କର୍ମୀମାନଙ୍କ ମଧ୍ୟରୁ ଉତ୍ତର କୁମାର ପାତ୍ର, ରଞ୍ଜିତ କୁମାର ରଥ, ଅଦ୍ୱୈତ ପ୍ରସାଦ ପଣ୍ଡା, ଶତ୍ରୁଘ୍ନ ପୃଷ୍ଟି, ବିହାରୀଲାଲ ମିଶ୍ର, ନାରାୟଣ ଲୁହା, ରାଜକୁମାର ମିଶ୍ର ଏବଂ ସ୍ୱୟମ୍ଭୁନାଥ ଖଣ୍ଡଗିରୀ ପ୍ରମୁଖ ଯୋଗଦେଇଥିଲେ।



ଅତୀତ ମନୁଷ୍ୟ ବିଷୟରେ ବହୁ କଥା ଜାଣିଲେ,
ଭବିଷ୍ୟତ ମନୁଷ୍ୟ ଗଢ଼ିବା ଦିଗରେ ସହାୟତା ମିଳେ।
- ବିନୋଦ କାନୁନ୍‌ଗୋ

# ଦୁଃଖ ବଖାଣିଲେ ଡେବ୍ରିଗଡ଼ ବିସ୍ଥାପିତ

**ବରଗଡ଼ ଅଫିସ୍/ଭଟଲି, ୨୧।୧୦(ଡି.ଏନ.ଏଏ)**

ବନବାସୀଙ୍କୁ ବିସ୍ଥାପିତ କରାଯାଉଛି। ସେମାନଙ୍କୁ ବିସ୍ଥାପନ କ୍ଷତିପୂରଣ ମଧ୍ୟ ପ୍ରଦାନ କରାଯାଉଛି । ମାତ୍ର ଯାହା କ୍ଷତିପୂରଣ ମିଳୁଛି, ତାହା ଧର୍ମକୁ ଆଖିଠାର ଏବଂ କ୍ଷତିପୂରଣ ପ୍ରଦାନରେ ଅନେକଙ୍କୁ ବାଦ୍ ମଧ୍ୟ ଦିଆଯାଉଛି । ସେହିପରି ବିସ୍ଥାପନ କ୍ଷତିପୂରଣ ପ୍ରଦାନ ପରେ ମଧ୍ୟ ଟାଳଟୁଳ ନୀତି ଅବଲମ୍ବନ କରାଯାଉଛି ଏବଂ ଏଥିପାଇଁ ବିସ୍ଥାପିତଙ୍କ ଦୁଃଖ ତୁଟୁନାହିଁ । ବରଗଡ଼ ଜିଲା ଭଟଲି ବ୍ଲକ ରାଉତପଡ଼ା ଗ୍ରାମରେ ଅନୁଷ୍ଠିତ ଭେଟ୍‌ଘାଟ୍ କାର୍ଯ୍ୟକ୍ରମରେ ବିସ୍ଥାପିତମାନେ ଏହା ମତବ୍ୟକ୍ତ କରିଛନ୍ତି । ଏହି ଭେଟ୍‌ଘାଟ୍ କାର୍ଯ୍ୟକ୍ରମରେ ଡେବ୍ରିଗଡ଼ ଅଭୟାରଣ୍ୟରୁ ୨୦୧୬ ଓ ୨୦୧୭ ମସିହାରେ ବିସ୍ଥାପିତ ହୋଇଥିବା ଦୁଇଟି ଗାଁ ଡେବ୍ରିଗଡ଼ ଓ ଝଗଡ଼ାବେହେରା ଗ୍ରାମର ଲୋକେ ଯୋଗ ଦେଇଥିଲେ । ଏଥିରେ ଉଭୟ ଗ୍ରାମର ବିସ୍ଥାପିତ ଶତାଧିକ ଲୋକ ଉପସ୍ଥିତ ହୋଇ ବିସ୍ଥାପନ ପରବର୍ତ୍ତୀ ନିଜ ସ୍ଥିତି ସମ୍ବନ୍ଧରେ ଆଲୋଚନା କରିଥିଲେ ।



ରାଉତପଡ଼ାରେ ବିସ୍ଥାପିତଙ୍କ ଭେଟଘାଟ କାର୍ଯ୍ୟକ୍ରମ ଚାଲିଛି ।

କେନ୍ଦ୍ର ସରକାରଙ୍କ ପକ୍ଷରୁ ଅଭୟାରଣ୍ୟ କୋର୍ ଏରିଆରୁ ବିସ୍ଥାପିତ ଆଦିବାସୀ ପରିବାରଙ୍କ ପାଇଁ ୧୫ଲକ୍ଷ ଟଙ୍କା କ୍ଷତିପୂରଣ ସହିତ ବାଧ୍ୟତାମୂଳକ ଭାବେ ୨.୫ ଏକର ଚାଷଜମି ଦେବା ପାଇଁ ଏକ ଇଂରାଜୀ ପତ୍ରିକାର ଖବରକୁ ନେଇ ସେମାନଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । କେବଳ ଆଦିବାସୀ ନୁହଁନ୍ତି, ସମସ୍ତ ବନବାସୀ ଯେଉଁମାନେ ପୀଢ଼ି ପୀଢ଼ି ଧରି ଜଙ୍ଗଲ ଭିତରେ ଆଦିବାସୀ ଏବଂ ସମସ୍ତ ସମ୍ପ୍ରଦାୟ ଶହ ଶହ ବର୍ଷ ଧରି ରହି ଆସିଥିଲେ, ସେମାନେ ସମସ୍ତେ ଏକ ବୋଲି ମତ ପ୍ରକାଶ ପାଇଥିଲା । ଏହା ଅନ୍ୟ ଜାତିର ପାରମ୍ପରିକ ବନବାସୀଙ୍କ ନିମନ୍ତେ ଏକ ଅବହେଳା ବୋଲି ବିସ୍ଥାପିତ ଗ୍ରାମବାସୀ କହିଥିଲେ । ଏଣୁ ଜଙ୍ଗଲ ଅଧିନିୟମରେ ଆସୁଥିବା ସମସ୍ତ ବନବାସୀଙ୍କୁ ଏହି ଯୋଜନାରେ ସାମିଲ କରିବାକୁ ସେମାନେ ଦାବି କରିଥିଲେ । ଏହା ବ୍ୟତୀତ ଯେଉଁମାନେ ଏହି କ୍ଷତିପୂରଣ ପାଇ ସାରିଛନ୍ତି, ସେମାନଙ୍କୁ ବ୍ୟାଙ୍କ ହଇରାଣ କରୁଥିବା ଅଭିଯୋଗ ହୋଇଥିଲା । କମ୍ ଟଙ୍କା ଦେଉଥିବା ଯୋଗୁ ବିସ୍ଥାପିତ ଲୋକେ ତାଙ୍କ ଜମି କିଣିବା କିମ୍ବା କୌଣସି ସ୍ଥାବର ସମ୍ପତ୍ତି କିଣିବା ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ପରିବାର ପିଛା ମିଳିଥିବା ୧୦ଲକ୍ଷ ଟଙ୍କାରୁ ପ୍ରାୟ ୬ଲକ୍ଷ ଟଙ୍କା ଏହି ବ୍ୟାଙ୍କଗୁଡ଼ିକୁ ଲୋକଙ୍କୁ ନ ଜଣାଇ ଫିକ୍ସ ଡିପୋଜିଟ୍ ରଖିଥିବା ଅଭିଯୋଗ ହୋଇଥିଲା। ଏହି ଫିକ୍ସ ଡିପୋଜିଟ ପରେ ଉଚ୍ଚ ସୁଧ ହାରରେ ଋଣ ନେବାକୁ ଏହି ବ୍ୟାଙ୍କ ଗୁଡ଼ିକ ବାଧ୍ୟ କରୁଥିବା କଥା ଲୋକେ କହିଛନ୍ତି। ବିସ୍ଥାପନ ସମୟରେ ସରକାର ଦେଇଥିବା ବିଭିନ୍ନ ପ୍ରତିଶ୍ରୁତି କେବଳ ପାଣିର ଗାର ବୋଲି ସମସ୍ତେ ଅଭିଯୋଗ କରିଥିଲେ । ପଲ୍ଲୀସଭା ସମୟରେ ଡେବ୍ରିଗଡ଼ର ବାସିନ୍ଦାମାନଙ୍କୁ ସାମାଜିକ ଯୋଜନାରେ ପ୍ରାଥମିକତା ଦିଆଯାଇ ଘର, ବିଦ୍ୟୁତ, ପାନୀୟଜଳ, ରାସ୍ତାଘାଟ, ପିଲାଙ୍କ ପାଠପଢ଼ା ପାଇଁ ସୁବ୍ୟବସ୍ଥା ତଥା କାର୍ଯ୍ୟକ୍ଷମ ଲୋକଙ୍କୁ ନିୟମିତ ରୋଜଗାର ଯୋଗାଇ ଦେବା ସମ୍ବନ୍ଧରେ ପ୍ରଶାସନ ପ୍ରତିଶ୍ରୁତି ଦେଇଥିଲା । କିନ୍ତୁ ବର୍ତ୍ତମାନ ସୁଦ୍ଧା ଏସବୁ ପ୍ରତିଶ୍ରୁତି ପାଳନ ହୋଇନାହିଁ। ଝଗଡ଼ାବେହେରା ଗ୍ରାମରେ ପଲ୍ଲୀସଭା ନିୟମାନୁଯାୟୀ କରା ନ ଯାଇ ଜଙ୍ଗଲ ବିଭାଗର କିଛି କର୍ମଚାରୀ ମିଥ୍ୟା ରିପୋର୍ଟ ଦେଇ ଲୋକଙ୍କ ଅର୍ଥ ହଡ଼ପ କରିଥିବା ଅଭିଯୋଗ ଆସିଥିଲା । ଏବେ ମଧ୍ୟ ଏଠାକାର ସାବାଳିକା ଅବିବାହିତା ଝିଅ ଏବଂ କିଛି ୧୮ବର୍ଷ ବୟସ୍କା ଯୁବକମାନଙ୍କ ଭୋଟର କାର୍ଡ଼ ନ ଥିବା ଯୋଗୁ ବିସ୍ଥାପନ କ୍ଷତିପୂରଣ ପାଇବାରୁ ବଞ୍ଚିତ ହୋଇଛନ୍ତି ।

ଏହି କାର୍ଯ୍ୟକ୍ରମ ଗ୍ରାମବାସୀଙ୍କ ସହଯୋଗରେ ଅନୁଷ୍ଠିତ ହୋଇଥିଲା। ଏଥିରେ ତୀର୍ଥ ଭୁଏ, ନିଲେଶ୍ୱର ଭୁଏ, ଧିରା ଭୁଏ, କସରତ ମେହେର, ଅର୍ଜୁନ ବର୍ଗର୍ତ୍ତୀ, ନେତ୍ର ଖର୍ସେଲ, ପ୍ରମୋଦ ଭୁଏ, ଗୋବିନ୍ଦ ଡଗର, ଜୟସିଂ ଗୁରୁ, ଭାନୁ ପ୍ରଧାନ, ମିତ୍ର ଖଙ୍କର, ପୁରନ୍ଦର ମେହେର ପ୍ରମୁଖ ବିସ୍ଥାପିତ ନିଜ ମତ ପ୍ରକାଶ କରିଥିଲେ । କାହ୍ନୁଚରଣ ପ୍ରଧାନ ସଭା ପରିଚାଳନା କରିଥିଲେ। ସମ୍ମାନିତ ଅତିଥି ଭାବେ ଜୟ କିଶାନ ଆନ୍ଦୋଳନର ଜିଲା ସଂଯୋଜକ ରମେଶ ମହାପାତ୍ର ଯୋଗଦାନ କରିଥିଲେ। ହରେଶ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ ।

## ସଂକ୍ଷେପରେ

### ମଦ ଜବତ, ଦୁଇ ଅଭିଯୁକ୍ତ ଗିରଫ

**ବୌଦ୍ଧ,୨୧।୧୦(ସ୍ୱ.ପ୍ର):** ବୌଦ୍ଧ ଥାନା ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ଚୋରାମଦ ଜବତ କରିବା ସହିତ ଦୁଇ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି । ଗିରଫ ଅଭିଯୁକ୍ତମାନେ ହେଲେ କୃଷ୍ଣଚନ୍ଦ୍ର ସାହୁ ଓ ତପନ ସାହୁ । ବଡ଼ିଗାଁ ଛକ ଠାରେ ଚୋରା ମଦ କାରବାର କରୁଥିବାବେଳେ ପୋଲିସ କୃଷ୍ଣଚନ୍ଦ୍ରଙ୍କୁ ଗିରଫ କରି ତାଙ୍କଠାରୁ ୩୫ ପ୍ୟାକେଟ୍ ଦେଶୀମଦ ଜବତ କରିଥିଲା । ସେହିପରି ପଦ୍ମନପୁର ଗ୍ରାମ ନିକଟରେ ମକୁନ୍ଦପୁର ଗ୍ରାମର ତପନ ସାହୁଙ୍କୁ ଗିରଫ କରିବା ସହିତ ତାଙ୍କଠାରୁ ୨୦ ଲିଟର ମଦ ଜବତ କରାଯାଇଛି ।

### ବୌଦ୍ଧ ଜିଲା କଂଗ୍ରେସ କମିଟି ଗଠିତ

**ବୌଦ୍ଧ,୨୧।୧୦(ସ୍ୱ.ପ୍ର):** ଓଡିଶା ପ୍ରଦେଶ କଂଗ୍ରେସ କମିଟି ଅନୁମୋଦନ କ୍ରମେ ବୌଦ୍ଧ ଜିଲା କଂଗ୍ରେସ କମିଟି ଗଠିତ ହୋଇଛି। ଜିଲା କଂଗ୍ରେସ କମିଟି ସଭାପତି ସୁଧୀର ମହାକୁଡ ଦେଇଥିବା ସୂଚନା ଅନୁଯାୟୀ ଉପସଭାପତି ଭାବେ ଅଭିମନ୍ୟୁ ପ୍ରଧାନ, ହଲିମ ଖାଁ, ପୁଷ୍ପାଳି କହଁର, ଛଟେନ ମିଶ୍ର, ଅଜିଜ୍ ଖାଁ, କେଶବ କ୍ଷେତି, ସରୋଜ ପ୍ରଧାନ, ସାଧାରଣ ସମ୍ପାଦକ ଭାବେ ପଙ୍କଜ କୁମାର କର୍ଣ୍ଣ, ବିପ୍ର ଚନ୍ଦ୍ର ବେହେରା, ଘାସିରାମ ପୁଟା, ମହେଶ୍ୱର ପ୍ରଧାନ, ପ୍ରକାଶ ପ୍ରହରାଜ, ପ୍ରଦୀପ ଦାସ, ପ୍ରଦୀପ ମେଣ୍ଡୁଲି, ଶିବନାରାୟଣ ଚାଉଳିଆଙ୍କୁ ନିଯୁକ୍ତି ଦିଆଯାଇଛି । ସେହିପରି ରାଧାରମଣ ପାଣିଗ୍ରାହୀ, ଗୋବର୍ଦ୍ଧନ ପ୍ରଧାନ, ଅରୁଣ ପୁରୋହିତ, ସୁଧାଂଶୁ ମିଶ୍ର, ବିଦ୍ୟା ମେହେର, ନାଥ ଲୁହା, ନୂଆଁଦେଇ କହଁର, ସୁଶୀଲ ମହାନନ୍ଦ, ନିରୂପମା ହରିପାଲ, ସୁନୀତି ନାୟକ ସମ୍ପାଦକ ଏବଂ ବିକ୍ରମ ପ୍ରଧାନଙ୍କୁ କୋଷାଧକ୍ଷ ଭାବେ ନିଯୁକ୍ତି ଦିଆଯାଇଛି । ସେହିପରି କାର୍ଯ୍ୟକାରୀ କମିଟି ସଦସ୍ୟ ଭାବେ ୧୦ ଜଣ ଏବଂ ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟ ପୂର୍ବତନ ବିଧାୟକ ସୁଜିତ କୁମାର ପାଢ଼ୀଙ୍କ ସମେତ ୭ଜଣଙ୍କୁ ନିଯୁକ୍ତି ଦିଆଯାଇଥିବା ଜିଲା ସଭାପତି ମହାକୁଡ ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ସୂଚନା ଦେଇଛନ୍ତି ।

### ବୌଦ୍ଧରେ ଦୁର୍ଗାଙ୍କ ଭସାଣି ଉତ୍ସବ

**ବୌଦ୍ଧ,୨୧।୧୦(ସ୍ୱ.ପ୍ର)**

ବୌଦ୍ଧ ସହରର ବିଭିନ୍ନ ପୂଜାମଣ୍ଡପରେ ହୋଇଥିବା ଦୁର୍ଗା ମୂର୍ତ୍ତିଗୁଡିକର ଭସାଣି ଉତ୍ସବ ମହାସମାରୋହରେ ରବିବାର ପାଳିତ ହୋଇଛି । ବିଭିନ୍ନ ପୂଜା କମିଟି ଗୁଡିକ ଦୁର୍ଗାଙ୍କ ମୂର୍ତ୍ତିକୁ ଖୋଲା ଗାଡିରେ ସଜ୍ଜିତ କରି ଶୋଭାଯାତ୍ରାରେ ନେଇ ମହାନଦୀରେ ବିସର୍ଜନ କରିଥିଲେ। ଭସାଣି ଉତ୍ସବକୁ ଆକର୍ଷଣୀୟ କରିବା ପାଇଁ କମିଟି ଗୁଡିକ ଏବର୍ଷ ଅଧିକ ପାରମ୍ପରିକ ବାଦ୍ୟକୁ ଆପଣାଇଥିଲେ। ବିସର୍ଜନ ପାଇଁ ସାରା ସହର ଉତ୍ସବ ମୁଖର ହୋଇପଡିଥିଲା । ପୋଲିସ ପକ୍ଷରୁ ଶାନ୍ତିଶୃଙ୍ଖଳା ପାଇଁ ବ୍ୟାପକ ପ୍ରସ୍ତୁତି କରାଯାଇଥିଲା ।

### ଜଳୁନି ଷ୍ଟ୍ରିଟ୍ ଲାଇଟ୍

**ପଲଶାଗୋରା, ୨୧।୧୦ (ଡି.ଏନ.ଏ)**

କନ୍ଧମାଳ ବ୍ଲକ ପଲଶାଗୋରା ପଞ୍ଚାୟତ ବଘିଆବାହାଲ ପୋଷ୍ଟ ଅଫିସ ଛକଠାରେ ଥିବା ଷ୍ଟ୍ରିଟ୍ ଲାଇଟ ଆଜକୁ ସପ୍ତାହେରୁ ଅଧିକ ହେବ ଅଚଳ ହୋଇ ପଡିଛି । ବିଭିନ୍ନ ସ୍ଥାନମାନଙ୍କରେ ଷ୍ଟ୍ରିଟ ଲାଇଟ ଲଗାଯାଇଥିବା ବେଳେ ପୋଷ୍ଟ ଅଫିସ ଛକ, ବଘିଆବାହାଲ ଗାଁ ମୁଣ୍ଡ ଆଦି ସ୍ଥାନରେ ଲଗାଯାଇଥିବା ଷ୍ଟ୍ରିଟ୍ ଲାଇଟ ଗୁଡିକ ଜଳୁନାହିଁ । ଉକ୍ତ ଲାଇଟ ଗୁଡିକର ପରିଚାଳନା ଦାୟିତ୍ୱ ପଞ୍ଚାୟତ ହାତରେ ନ୍ୟସ୍ତ ରହିଛି । ପଞ୍ଚାୟତ କର୍ତ୍ତୃପକ୍ଷ ତୁରନ୍ତ ଅଚଳ ଲାଇଟ ସଚଳ କରିବାକୁ ଦାବି ହେଉଛି ।

# ନାଟକ 'କଳିଯୁଗର ଏ ନୂଆ କାହାଣୀ' ମଞ୍ଚସ୍ଥ



ବୌଦ୍ଧ ବ୍ଲକ ଅନ୍ତର୍ଗତ ଜହ୍ନାପଙ୍କ ବସଷ୍ଟାଣ୍ଡ ଦୁର୍ଗା ମଣ୍ଡପଠାରେ ଦୁର୍ଗାପୂଜା ଉତ୍ସବରେ ମଞ୍ଚାସୀନ ଅତିଥି ବୃନ୍ଦ ।

**ଜହ୍ନାପଙ୍କ, ୨୧।୧୦ (ଡି.ଏନ.ଏ)**

ବୌଦ୍ଧ ବ୍ଲକ ଅନ୍ତର୍ଗତ ଜହ୍ନାପଙ୍କ ବସଷ୍ଟାଣ୍ଡ ଦୁର୍ଗା ମଣ୍ଡପଠାରେ ଗତ ୧୮ ତାରିଖରୁ ଆରମ୍ଭ ହୋଇଥିବା ଦୁର୍ଗାପୂଜା ଉତ୍ସବ ଶନିବାର ଉଦ୍‌ଯାପିତ ହୋଇଛି । ଉଦଯାପନୀ ଦିବସରେ ମାରୁତି ଯୁବକ ସଂଘ ଦ୍ୱାରା ଅଭିନୀତ ଓ କାବୁ ବୋଷ ନିର୍ଦ୍ଦେଶିତ ନାଟକ କଳିଯୁଗର ଏ ନୂଆ କାହାଣୀ ମଞ୍ଚସ୍ଥ ହୋଇଥିଲା । ବୌଦ୍ଧ ବିଧାୟକ ତଥା ଓଡିଶା ବିଧାନସଭାର ବାଚସ୍ପତି ପ୍ରଦୀପ କୁମାର ଅମାତ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ବୌଦ୍ଧ ବ୍ଲକ ଉପାଧ୍ୟକ୍ଷ ମନରଞ୍ଜନ ପୁରୋହିତ, ବ୍ଲକ ସରପଞ୍ଚ ସଂଘ ସଭାପତି ବିଦ୍ୟାଧର ସ୍ୱାଇଁ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ମାରୁତି ଯୁବକ ସଂଘ ସଭାପତି ସୁଧାଂଶୁ ଶେଖର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଶିକ୍ଷକ ଉପେନ୍ଦ୍ର ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। ମାରୁତି ଯୁବକ ସଂଘ ସମ୍ପାଦକ ଜଗଦୀଶ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ଏହାପରେ ସୁରଝଙ୍କାର ଅନୁଷ୍ଠିତ ହୋଇଥିଲା। ରାମ ନାରାୟଣ ପ୍ରଧାନ ଏହାକୁ ପରିଚାଳନା କରିଥିଲେ। ଏହାପରେ ନାଟକ କଳିଯୁଗର ଏ ନୂଆ କାହାଣୀ ମଞ୍ଚସ୍ଥ ହୋଇଥିଲା । ଶାନ୍ତି ଶୃଙ୍ଖଳା ପାଇଁ ଜହ୍ନାପଙ୍କ ଫାଣ୍ଡି ପକ୍ଷରୁ ବ୍ୟାପକ ପୋଲିସ ଫୋର୍ସ ବ୍ୟବସ୍ଥା କରାଯାଇଥିଲା ।

# ଶୋଭାଯାତ୍ରାରେ ଦେବୀଙ୍କ ଖଣ୍ଡା ସାମିଲ

**ମନମୁଣ୍ଡା, ୨୧।୧୦ (ଡି.ଏନ.ଏ)**

ମନମୁଣ୍ଡା ଯବାନ କ୍ଲବ, ବାସୁଦେବପାଲି ଆଞ୍ଚଳିକ ଯୁବ ପରିଷଦ ତଥା ଆଖପାଖ ଅଞ୍ଚଳ ଦହ୍ୟା, ଜମ୍ବଟାଙ୍ଗି, ମସିଣାପଡା, ଶଗଡା, ବରଗୋଛା, ଲୁଣପଙ୍ଗା, ଶୁଣ୍ଡିପଦର, ବାର୍ଡୋଲା, ବିଳାସପୁର, ଯୋଗିନ୍ଦ୍ରପୁର, କପାସିରା, ନୂର୍ପା, ରତାଖଣ୍ଡି, ଖଟଖଟିଆ, ପଳସାଗୋରା, ଗୁଡଭେଲିପଦର, ଶିମିଳିପଦର, ଦପଲା, ଘିକୁଣ୍ଡିରେ ଦଶହରା ପୂଜା ଶାନ୍ତି ଶୃଙ୍ଖଳା ସହ ପାଳିତ ହୋଇଯାଇଛି । ମନମୁଣ୍ଡା ଯବାନ କ୍ଲବ ପୂଜାମଣ୍ଡପରେ ଡ୍ୟାନ୍ସ ପ୍ରତିଯୋଗିତା କରାଯାଇ କୁନି କୁନି ନୃତ୍ୟ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିବା ବେଳେ ସମ୍ବଲପୁରୀ ଅର୍କେଷ୍ଟ୍ରା ପରିବେଷଣ କରାଯାଇଥିଲା । ସେହିପରି ବାସୁଦେବପାଲିଠାରେ କୀର୍ତ୍ତନ ପ୍ରତିଯୋଗିତା ଏବଂ ଅନ୍ୟାନ୍ୟ ସମସ୍ତ ମେଢ଼ ମାନଙ୍କରେ ଦଣ୍ଡ, ନାଟ୍ୟ, ମେଲୋଡି ଇତ୍ୟାଦି ସାଂସ୍କୃତିକ କାର୍ଯ୍ୟକ୍ରମମାନ କରାଯାଇଥିଲା । ପ୍ରତ୍ୟେକ ପୂଜାମଣ୍ଡପରେ ପ୍ରବଳ ଜନସମାଗମ ଦେଖିବାକୁ ମିଳିଥିଲା । ପୂର୍ବରୁ ପ୍ରଚଳିତ ପରମ୍ପରା ମତେ ଦଶହରା ଦିନ ମନମୁଣ୍ଡା ଥାନା ଆନୁକୂଲ୍ୟରେ ସ୍ଥାନୀୟ ଦୁର୍ଗାଦେବୀ ମନ୍ଦିରରୁ ଦେବୀଙ୍କ ଖଣ୍ଡାକୁ ଏକ ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ଦେଉଳି ଦଶହରା ପଦାକୁ ନିଆଯାଇଥିଲା । ସେଠାରେ ଦେଉଳିର ଗଉଁତିଆ କନ୍ଧ ପରିବାରର ମୁଖ୍ୟ ଦେବୀଙ୍କ ଖଣ୍ଡାକୁ ସ୍ୱାଗତ କରି ପୂଜାର୍ଚ୍ଚନା ପୂର୍ବକ ନେଇଥିଲେ । ଦଶହରା ପଦାରେ ପୂଜାର୍ଚ୍ଚନା ପରେ ଛାତ୍ରୀଛାତ୍ରମାନେ ପାଠ୍ୟ ସାମଗ୍ରୀ ଓ ଅନ୍ୟାନ୍ୟ ଧନ୍ଦା ଓ ବ୍ୟବସାୟ କରୁଥିବା ବ୍ୟକ୍ତିମାନେ ସେମାନଙ୍କ ଧନ୍ଦାର ପ୍ରତୀକମାନ ଧରି ଦେବୀଙ୍କ ଚାଉଳ ନେଇ ଅନୁକୂଳ କରିଥିଲେ । ସେହିପରି ମହିଳାମାନେ ନୂଆ ଚୁଡି ପିନ୍ଧି ଶୁଭ ମନାସିଥିଲେ ।

# ବୌଦ୍ଧରେ ଶହୀଦ ଦିବସ



ବୌଦ୍ଧ ବଲାଶିଙ୍ଗା ରିଜର୍ଭ ପଡିଆଠାରେ ଶହୀଦ ଦିବସ ପାଳନ କରାଯାଉଛି ।

**ବୌଦ୍ଧ,୨୧।୧୦(ସ୍ୱ.ପ୍ର)**

ବୌଦ୍ଧ ବଲାଶିଙ୍ଗା ରିଜର୍ଭ ପଡିଆଠାରେ ରବିବାର ଜିଲା ପୋଲିସ ପକ୍ଷରୁ ୫୯ତମ ଶହୀଦ ଦିବସ ପାଳିତ ହୋଇଯାଇଛି । ଜିଲା ଆରକ୍ଷୀ ଅଧୀକ୍ଷକ ସୁଧାଂଶୁ ଶେଖର ମିଶ୍ର ଆନୁଷ୍ଠାନିକ ଭାବେ ପୋଲିସ ପତାକା ଉତ୍ତୋଳନ କରିବା ପରେ ଶହୀଦମାନଙ୍କ ଉଦ୍ଦେଶ୍ୟରେ ବାର୍ତ୍ତା ଓ ଦେଶ ପାଇଁ ଆତ୍ମବଳି ଦେଇଥିବା ଶହୀଦମାନଙ୍କ ନାମ ପାଠ କରିଥିଲେ । ଏହି ଅବସରରେ ଶହୀଦଙ୍କ ଉଦ୍ଦେଶ୍ୟରେ ପୋଲିସ ପତାକାକୁ ଅଧା ତଳକୁ ଖସାଇ ସମ୍ମାନ ପ୍ରଦର୍ଶନ କରାଯାଇଥିଲା ଓ ଶହୀଦ ସ୍ତମ୍ଭ ନିକଟରେ ଅତିଥିମାନଙ୍କ ଦ୍ୱାରା ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ଆଇଆର୍‌ବି ୫ମ ବାଟାଲିୟନର ଦୁର୍ଗପତି ବିଭୂତି ଭୂଷଣ ପଣ୍ଡା, ଅତିରିକ୍ତ ଜିଲା ଆରକ୍ଷୀ ଅଧୀକ୍ଷକ ସୁଶୀଲ କୁମାର ପାଣିଗ୍ରାହୀ, ଏସ୍‌ଡିପିଓ ସାଲେଷ୍ଟିନ ଟିଗା ଓ ବୌଦ୍ଧ ଥାନା ଅଧିକାରୀ ତପସ୍ୱିନୀ କହଁରଙ୍କ ସମେତ ଜିଲା ପୋଲିସର ଅନେକ ପଦାଧିକାରୀ ଉପସ୍ଥିତ ଥିଲେ ।


GOVERNMENT OF ODISHA
OFFICE OF THE EXECUTIVE ENGINEER
BARGARH (R&B) DIVISION, BARGARH
E-mail - eepwdbgh@gmail.com, Phone/Fax- 06646 - 234819

No.735-B

**INVITATIONS FOR BIDS (I.F.B.)**
**e - Procurement Notice**
**Identificaiton No. IFB-EE PWD BGH No.29 of 2018-19**

No. 6357 Dated 09.10.2018

1) The **Executive Engineer, Bargarh (R&B) Division, Bargarh** on behalf of Governor of Odisha invites **Percentage Rate** bid in Double Cover System in **ONLINE MODE** for the construction of **Building works** as detailed in the **Detailed Tender Call Notice (D.T.C.N)** from the eligible class of contractors.
2) No. of works :- **02 (Two) Nos.**
3) Cost of tender paper :- **Rs. 10,000/-**
4) Class of contractor :- **"B" & "A" Class**
5) Date & time of available in website & receipt of bids :- **11.00 hrs. of 26.10.2018 to 17.00 hrs. of 09.11.2018**
6) Date of opening of technical bid :- **13.11.2018 at 11.30 hrs.**
7) The bidders have to participate in ONLINE bidding only. Further details can be seen from the State Govt. Portal website **https://tendersodisha.gov.in**.
8) Any corrigendum / Addendum will be displayed in the website **https://tendersodisha.gov.in**.

**Sd./- (C.P. Gantayat)**
**Executive Engineer,**
**Bargarh (R&B) Division**

34039/11/0016/1819



GOVT. OF ODISHA No.642-A

**DEPARTMENT OF WATER RESOURCES**
**O/O THE CHIEF RESEARCH OFFICER, HIRAKUD RESEARCH STATION, HIRAKUD**
**Bid Identification No. CROHRSHKD-02 / 2018-19**

| | | |
|---|---|---|
| 01. | Name of work | Procurement of Los Angles Abrasion Testing Machine, Aggragate Impact Test Apparatus, Specific Gravity Test Apparatus (Pycnometer) & Laboratory California Bearing Ratio Test Apparatus (Motorized) for Hirakud Research Station, Hirakud for the year 2018-19 |
| 02. | No. of works | 1 No. |
| 03. | Bid Identification No. | HRSHKD-02/2018-19 |
| 04. | Tender cost | Rs. 227600.00 |
| 05. | Bid Security | 1% of quoted amount |
| 06. | Cost of tender paper | Rs. 2,000/- |
| 07. | Period of procurement | 30 days |
| 08. | Date & time of availability of bid documents in the website http://www.dowrodisha.gov.in | From Dt.29.10.2018 (10.00 AM) to Dt.12.11.2018 (5.00 PM) |
| 09. | Time for receipt of bids in the specified tender box in the O/o the Chief Research Officer, Hirakud Research Station, Hirakud | Upto 5 PM of Dt.12.11.2018 |
| 10. | Date & time of opening of tender | Dt.13.11.2018 at 11 AM |
| 11. | Name and address of the officer inviting bid | Chief Research Officer, Hirakud Research Station, Hirakud, Odisha- 768016 |

Further details can be seen from the State Govt. website **http://www.dowrorissa.gov.in**.

**Sd./- Chief Research Officer**
**Hirakud Research Station, Hirakud**

32244/11/0005/1819



GOVT. OF ODISHA No.639-A

**OFFICE OF THE SUPERINTENDING ENGINEER, EASTERN CIRCLE-II, CHANDIKHOLE**
**"e" Procurement Notice No. SEEC-II 05 of 2018-19**

| | | | |
|---|---|---|---|
| 1 | Name of the works | 1 | Improvement to Road on Mahakalapada Chhapali Saline Embankment from RD 1100m. to 2350m. & 14500m. to 18500m. for the year 2018-19. |
| | | 2 | Improvement to Road on Badhi Badamohanpur Saline Embankment from RD 1200m. to 4500m. in Mahakalapada Block of Kendrapara District for the year 2018-19. |
| 2 | Total No. of Packages | : | 2 No. Individual Packages |
| 3 | Tender Cost | 1 | Rs.3,50,63,872.88 |
| | | 2 | Rs.1,98,35,682.03 |
| 4 | Bid Document Cost | : | Rs.10,000.00 (On-line payment) for each Package |
| 5 | Bid Security | 1 | Rs.3,50,700.00 (On-line payment) |
| | | 2 | Rs.1,98,400.00 (On-line payment) |
| 6 | Class of Contractor | 1 | 'A' Class & 'Special' Class Contractor |
| | | 2 | 'B' Class & 'A' Class Contractor |
| 7 | Period of Completion | 1 | 06 (Six) calendar months |
| | | 2 | 04 (Four) calendar months |
| 8. | Other details are as follows. | | |

| Procurement Officer | Bid Identification No. | Availability of Tender Online for bidding From | Availability of Tender Online for bidding To | Date of Opening of Technical Bid (Cover-I) |
|---|---|---|---|---|
| Superintending Engineer, Eastern Circle-II, Chandikhole | SEEC-II AUL 04 OF 2018-19 | 23.10.2018 at 10.00 hrs. | 06.11.2018 upto 17.00 hrs. | 08.11.2018 at 11.30 hrs. |
| | SEEC-II AUL 05 OF 2018-19 | | | |

9. e-mail id : seec2chandikhole@gmail.com

Further detail conditions can be seen from the Govt. **website www.tendersorissa.gov.in**.

32322/11/0007/1819 **Sd./- Superintending Engineer, Eastern Circle-II, Chandikhole**



No. 905-O

स्वच्छ भारत
एक कदम स्वच्छता की ओर

**OFFICE OF THE EXECUTIVE ENGINEER, RWS&S DIVISION**
**VILL. AMBAGUDA, PO: J.S.CO. RAYAGADA-765 002.**
**e-mail id: eerwss_rgd@nic.in. eerwssrgd@gmail.com, Phone No: 8280408061**

**QUOTATION CALL NOTICE**
**No. 3682 Date. 4.10.2018**

The Executive Engineer, RWSS Division, Rayagada on behalf of the Governor of Odisha, invites sealed quotation from eligible, experienced and registered contractors/ manufacturers/ general order suppliers having past experience in supplying, erecting, testing and commissioning of Pressure Filter for Piped Water Supply scheme to village Derigam of Padmapur Block in Rayagada District as per the enclosed schedule and following terms and conditions.

| Description of Works | Qty. | Unit | Rate in figure (Rs.) | Rate in words (Rs.) |
|---|---|---|---|---|
| Supply, erection, testing and commissioning of mid steel fabricated Pressure Filter having flow rate of 20m3/hr. with RCC foundation along with provision for Alum dosing arrangement, valves, air blower, with suitable inlet and outlet, backwash arrangements and required accessories and supply of all required materials, labour and T&P, Nuts & bolts etc complete at the site of the work: | 1 | Each | | |

1. The quotation should be supported with
   a. EMD of 1% of the bid value in shape of NSC/ KVP/ POTD/ TDR of any schedule bank pledged in favor of the Executive Engineer, RWSS Division, Rayagada.
   b. Xerox copies of PAN card and GSTIN form.
2. Quotation with NO. EMD/ part EMD and those received beyond schedule date and time as well as a conditional quotation shall be automatically rejected.
3. The bidder should enclose the attested copy/ original work order/ work done certificate from other organization where he has completed the works of same nature in all respect, as proof of experience.
4. Experience certificate, performance records of the bidder obtained from the competent authority not below the rank of Executive Engineer should be attached with the quotation without which the tender will be liable for rejection. Experience certificate is strictly mandatory.
5. The supplier should hand over guarantee card of the manufacturer.
6. An affidavit towards authentication of document must be attached with the Quotation.
7. After completion of installation, Testing and commissioning the agency should ensure that the post Turbidity limit of the treated water is within the permissible limit as per the manual.
8. The supplier shall provide all labor, materials, free of cost for running/ repair and maintenance of iron removal plants on call as and when required, for a period of one year from the date of handling over to the department.
9. 5% of the Basic Cost will be withheld as security deposit for a defect liability period of 12 months from the date of commission.
10. GST will be paid extra as applicable.
11. All the taxes like income tax labour cess, royalty, etc shall be deducted from the bill as prevailing rule.
12. The supplier shall provide all labor and materials free of cost for running/ repair and maintenance of iron removal plants on call as and when required, for a period of one year from the date of handing over to the department.
13. The work should be completed within two months from the date of issue of the work order.
14. The bidders are advised to inspect the sites and consult the A.E.E, RWSS Sub-Division, Chandikhol before submitting the quotation.
15. The last date of receipt of sealed quotation in the tender box at the Office of the Executive Engineer, RWS&S Division, Rayagada is 29.10.18 up to 5.00 PM and the quotation will be opened on 30.10.2018 in the presence of the tenders or their authorized representatives.
16. The authority reserves the right to reject any or all quotation or accept any quotation or distribute the work amongst the valid quotationers without assigning any reason thereof.

25007/11/0014/1819 **Executive Engineer, R.W.S&S Division, Rayagada**



ଅହଂକାରୀ ଲୋକ କେବେହେଲେ କୃତଜ୍ଞ ହୁଏ ନାହିଁ, କାରଣ ସିଏ ଯେତିକି ପାଇବା ପାଇଁ ହକ୍‌ଦାର ତା’ଠାରୁ ଅଧିକ ପାଇଲାଣି ବୋଲି ଆଦୌ ବିଚାର କରେ ନାହିଁ।
- ସାମୁଏଲ୍ ଜନ୍‌ସନ



## ସଂକ୍ଷେପରେ

### ଜମିରେ ପାଣିମଡ଼ାକୁ ନେଇ ଆକ୍ରମଣ, ଜଣେ ଗୁରୁତର

**ଖପ୍ରାଖୋଲ,୨୧।୧୦ (ଡି.ଏନ.ଏ.)-** ଖପ୍ରାଖୋଲ ଥାନା ଭାନପୁର ପଞ୍ଚାୟତ ଦାନାମାଲ ଗାଁରେ ଚାଷ ଜମିକୁ ପାଣି ମଡାକୁ ନେଇ ଜଣଙ୍କୁ ଟାଙ୍ଗିଆରେ ଆକ୍ରମଣ ହୋଇଥିବା ନେଇ ଅଭିଯୋଗ ହୋଇଛି। ଗୁରୁତର ଜଣଙ୍କୁ ବଲାଙ୍ଗୀର ମେଡିକାଲ କଲେଜ ହସ୍ପିଟାଲକୁ ସ୍ଥାନାନ୍ତରିତ କରାଯାଇଛି। ସୁଚନାଯୋଗ୍ୟ, ଖପ୍ରାଖୋଲ ବ୍ଲକ ଅଞ୍ଚଳରେ ପ୍ରାୟ ମାସେ ହେବ ବର୍ଷା ହେଉ ନ ଥିବା ବେଳେ ପାଣି ଅଭାବରେ ଚାଷ ଉଜୁଡି ଯାଉଛି। ଚାଷ ବଞ୍ଚାଇବା ପାଇଁ ଚାଷୀ ଜଳାଶୟ, ନାଳ, ଝରଣାରୁ ପାଣି ମଡାଇ ଉଦ୍ୟମ କରୁଛି। ଆଉ ଏହି ପାଣି ମଡାକୁ ନେଇ ବିଭିନ୍ନ ସ୍ଥାନରେ ଅଶାନ୍ତି ଦେଖା ଦେଉଥିବାବେଳେ ଦାନାମାଲ ଗାଁରେ ଶନିବାର ଦୁଇ ଜଣ ଚାଷୀ ଜଣେ ଚାଷୀଙ୍କୁ ଟାଙ୍ଗିଆରେ ଆକ୍ରମଣ କରିଥିବା ଖପ୍ରାଖୋଲ ଥାନାରେ ଅଭିଯୋଗ ହୋଇଛି। ଦାନାମାଲ ଗାଁର ବୃନ୍ଦାବନ ସେଠ ଓ ଝାଙ୍କରପାଲି ଗାଁର ରମାକାନ୍ତ ଭୂଏ ନାମକ ଦୁଇ ଜଣ ଚାଷୀ ଦାନାମାଲ ଗାଁର ଧନେଶ୍ୱର ପାତ୍ର(୪୦)ଙ୍କୁ ଟାଙ୍ଗିଆରେ ଆକ୍ରମଣ କରିଥିଲେ। ପରେ ତାଙ୍କୁ ପରିବାର ଲୋକେ ଉଦ୍ଧାର କରି ପ୍ରଥମେ ଖପ୍ରାଖୋଲ ପରେ ଅବସ୍ଥା ଗୁରତର ହେବାରୁ ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲ୍‌କୁ ସ୍ଥାନାନ୍ତର କରାଯାଇଛି। ଏ ନେଇ ଖପ୍ରାଖୋଲ ଥାନାରେ କେଶ ନଂ ୧୧୭/୧୮ରେ ଏକ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ ଚାଲିଥିବା ଖପ୍ରାଖୋଲ ଥାନା ଅଧିକାରୀ ଜ୍ୟୋତିରଞ୍ଜନ ପତି ପ୍ରକାଶ କରିଛନ୍ତି। ଆକ୍ରମଣ ପରେ ଅଭିଯୁକ୍ତମାନେ ଫେରାର ହୋଇଥିବା ଜଣାଯାଇଛି।

### ତେଜିଲା ଆଧାରକେନ୍ଦ୍ର ଖୋଲିବା ଦାବି

**ଦେଓଗାଁ,୨୧।୧୦(ଡି.ଏନ.ଏ.)-** ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକରେ ଆଜକୁ ୪ମାସ ହେବ ଆଧାର କେନ୍ଦ୍ର ବନ୍ଦ ରହିଛି । ଏଣୁ ସାଧରଣଲୋକେ ଆଧାରକାର୍ଡ ପାଇଁ ହନ୍ତସନ୍ତ ହେଉଥିବା ଅଭିଯୋଗ ହେଉଛି । ତୁରନ୍ତ ବ୍ଲକରେ ଏକ ଆଧାରକେନ୍ଦ୍ର ଖୋଲିବା ପାଇଁ ସାଧାରଣରେ ଦାବି ହେଉଛି । ଗତ ୪ମାସ ତଳେ ଦେଓଗାଁ ତହସିଲ କାର୍ଯ୍ୟାଳୟର ଏକ କୋଠରୀରେ ଆଧାରକେନ୍ଦ୍ର ଚାଲୁଥିଲା । ହଠାତ ତାକୁ ବନ୍ଦ କରିଦେବା ଫଳରେ ଆଧାର ପଞ୍ଜିକରଣ କରିବା ପାଇଁ ସଧାରଣଜନତା ଚିନ୍ତାରେ ପଡିଯାଇଛନ୍ତି । ବର୍ତ୍ତମାନ ସରକାର ଛୋଟ ଶିଶୁଠାରୁ ଆରମ୍ଭ କରି ବୃଦ୍ଧାବୃଦ୍ଧ ସମସ୍ତଙ୍କ ପାଇଁ ଆଧାରକାର୍ଡ ସମସ୍ତ କ୍ଷେତ୍ରରେ ଆବଶ୍ୟକ କରୁଥିବାରୁ ଆଧାର ପଞ୍ଜିକରଣ ପାଇଁ ଗ୍ରାମାଞ୍ଚଳର ଲୋକେ ବଲାଙ୍ଗୀରକୁ ଯାଇ ଅଯଥା ଖର୍ଚ୍ଚାନ୍ତ ଓ ନାନା ହଇରାଣ ହେଉଥିବା ଅଭିଯୋଗ କରିଛନ୍ତି । ଏଣୁ ତୁରନ୍ତ ଜିଲା ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେବା ପାଇଁ ଜନସାଧାରଣରେ ଦୃଢ଼ ଦାବି ହେଉଛି ।

## ଭୂମିକାର ନାଟକ କର୍ମଶାଳା ଉଦ୍‌ଯାପିତ
# ଅନ୍ଧାରୀ ରାଏଜ୍, ଆଡ଼ବୁଝା ରଜା ମଞ୍ଚସ୍ଥ

**ବଲାଙ୍ଗୀର ଅଫିସ, ୨୧।୧୦**

ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ଭୂମିକା ପକ୍ଷରୁ ଗତ ୯ତାରିଖରୁ ଚାଲିଥିବା ନାଟକ କର୍ମଶାଳା ରବିବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି । ସ୍ଥାନୀୟ ଗାନ୍ଧୀ ଷ୍ଟାଡିୟମଠାରେ ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ ଭୂମିକା ସଭାପତି ରୁଦ୍ରଦେବ ପ୍ରଧାନ ସଭାପତିତ୍ୱ କରିଥିଲେ । ଏହି ସଭାରେ ଅତିଥି ଭାବେ ବିଶିଷ୍ଟ ନାଟ୍ୟକାର ତଥା ଏନ୍‌ଏସ୍‌ଡିଆନ୍ ବିଶ୍ୱଜିତ୍ ବିଶ୍ୱାସ, ସାଇଟ୍ ପ୍ରତିଷ୍ଠାତା ଡ. ଶ୍ରୀକର ମିଶ୍ର ଓ ନାଟ୍ୟକାର ଚିତ୍ତରଞ୍ଜନ ଦାଶ ମଞ୍ଚାସୀନଥିଲେ । ଉଦ୍‌ଯାପନୀ ସଭାରେ ବକ୍ତବ୍ୟ ରଖି ଏନ୍‌ସଡିଆନ୍ ବିଶ୍ୱାସ କହିଥିଲେ ଯେ, ନାଟକ ମଧ୍ୟ ଏକ ଥେରାପି । ଏହାଦ୍ୱାରା ରୋଗ ଉପଶମ ହୋଇପାରିବ । ସାମ୍ପ୍ରତିକ ମଣିଷ ବିଭିନ୍ନ ପ୍ରକାରର ଚାପର ସମ୍ମୁଖିନ ହେଉଛି । ଏଭଳି ଚାପରୁ ମୁକ୍ତି ପାଇବାକୁ ଲୋକେ ଯୋଗ, ସଙ୍ଗୀତକୁ ଥେରାପି ଭାବେ ଗ୍ରହଣ କରୁଛନ୍ତି। ନାଟକ ମଧ୍ୟ ଏଭଳି ଏକ ଥେରାପି ବୋଲି ସେ କହିଥିଲେ । ସ୍କୁଲ ଓ କଲେଜରେ ନାଟକକୁ ବିଷୟ ଭାବେ ଅନ୍ତର୍ଭୁକ୍ତ କରି କର୍ଣ୍ଣାଟକ ଓ ଗୋଆ ଭଳି ରାଜ୍ୟରେ କିଭଳି ପ୍ରୟୋଗ କରାଯାଇଛି ବିଶ୍ୱାସ କହିଥିଲେ । ଓଡିଶାରେ ମଧ୍ୟ ସ୍କୁଲ ଓ କଲେଜରେ ଏଭଳି ପ୍ରୟୋଗ ହେଲେ ଛାତ୍ରୀଛାତ୍ରମାନଙ୍କ ସହ ଆମ ସମାଜ ବହୁ ଭାବରେ ଉପକୃତ ହେବ ବୋଲି ସେ କହିଥିଲେ । ଏହି ଦିଗରେ ବଲାଙ୍ଗୀରର ଭୂମିକା ଅନୁଷ୍ଠାନ ଆଗେଇ ଆସୁ ବୋଲି ସେ ଆହ୍ୱାନ ଦେଇଥିଲେ । ଅନ୍ୟତମ ଅତିଥି ସାଇଟ୍ ପ୍ରତିଷ୍ଠାତା ଡ ମିଶ୍ର ତାଙ୍କ ବକ୍ତବ୍ୟରେ ନାଟକ କିଭଳି ସାମାଜିକ ସଂସ୍କାର ଆଣେ ସେ ଉପରେ ଗୁରୁତ୍ୱାରୋପ କରିବା ସହ ଏ ଦିଗରେ ଏନ୍‌ଏସ୍‌ଡିଆନ୍ ମାନଙ୍କ ଗୁରୁଦାୟିତ୍ୱ ସମ୍ପର୍କରେ କହିଥିଲେ । ଗୋଟିଏ ସଫଳ ନାଟ୍ୟକାର ସୃଷ୍ଟି କରିପାରିଲେ ଆମେ ସଫଳ ହେଲେ ବୋଲି କହିପାରିବା ବୋଲି ସେ କହିଥିଲେ । ଏଭଳି ଉଦ୍ୟମ ପାଇଁ ସେ ଭୂମିକାର କର୍ମକର୍ତ୍ତା ଓ ସଦସ୍ୟଙ୍କୁ ପ୍ରଶଂସା କରିଥିଲେ । କାର୍ଯ୍ୟକ୍ରମକୁ ଚିତ୍ତରଞ୍ଜନ ଦାଶ ପରିଚାଳନା କରିଥିଲେ । ସଭାପତୀୟ ଅଭିଭାଷଣରେ ପ୍ରଧାନ ଭୂମିକା ଅନୁଷ୍ଠାନ ଆଗକୁ ମଧ୍ୟ ସାମାଜିକ ସଂସ୍କାରମୁଖୀ କାର୍ଯ୍ୟକ୍ରମ ଜାରି ରଖିବ ବୋଲି କହିଥିଲେ । ସଭା ପରେ ହିନ୍ଦୀ ନାଟକ ଅନ୍ଧେର ନଗରୀ ଚୌପଟ ରାଜାର କୋଶଲୀ ଅନୁଦିତ ନାଟକ ଅନ୍ଧାରୀ ରାଏଜ୍ ଆଡବୁଝା ରଜା ମଞ୍ଚସ୍ଥ ହୋଇଥିଲା । ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ ନାଟକର କୋଶଲୀ ଅନୁବାଦ କରିଥିଲେ । ଗତ ୯ତାରିଖରୁ ନାଟକ କର୍ମଶାଳାରେ ପ୍ରଶିକ୍ଷଣ ଲାଭ କରୁଥିବା ଛାତ୍ରୀଛାତ୍ରମାନେ ଏହି ନାଟକରେ ନିଖୁଣ ଅଭିନୟ କରିଥିଲେ । ମଣିଷ କିଭଳି ସ୍ୱାର୍ଥ ସର୍ବସ୍ୱ ହୋଇ ନୀତି ନୈତିକତା ଭୁଲିଯାଉଛି ଓ ଏହା ଦ୍ୱାରା ସାମାଜିକ ମୂଲ୍ୟବୋଧର କିଭଳି ଅବକ୍ଷୟ ଘଟୁଛି ତାହା ନାଟକରେ ପ୍ରଦର୍ଶିତ ହୋଇଥିଲା। କଳାକାରମାନେ ନାଟକରେ ନିଖୁଣ ଅଭିନୟ କରି ଦର୍ଶକଙ୍କ ମନ କିଣି ନେଇଥିଲେ । କଳାକାର ଭାବେ ଆର୍ତ୍ତତ୍ରାଣ ପାଢ଼ୀ, ରାମ ନାରାୟଣ ଦାଶ, ମୟୂରୀ ପାଢ଼ୀ, ମନସ୍ୱିନୀ ପାଢ଼ୀ, ସୋମ୍ ନାୟକ, ଶୁଭଶ୍ରୀ ଯୋଶୀ, ସୁନିତା ନନ୍ଦ, ସୌମ୍ୟରଞ୍ଜନ ବେହେରା, ଶୁଭଙ୍କର ଦାଶ, ସାଗର କୁମ୍ଭାର, କ୍ରିଷ୍ଣା ପଟ୍ଟନାୟକ ନିଖୁଣ ଅଭିନୟ କରିଥିଲେ।

**ନାଟକ ଏକ ଥେରାପି : ବିଶ୍ୱଜିତ୍ ବିଶ୍ୱାସ**



ନାଟକ କର୍ମଶାଳା ଉଦ୍‌ଯାପନୀରେ ମଞ୍ଚସ୍ଥ ନାଟକର ଏକ ଦୃଶ୍ୟ ।

## ମା’ ଦୁର୍ଗାଙ୍କ ଭସାଣି ଶୋଭାଯାତ୍ରା

**ଦେଓଗାଁ,୨୧।୧୦ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁବ୍ଲକ ଅନ୍ତର୍ଗତ ମେନରୋଡରେ ଚାଲିଥିବା ୫୧ତମ ଶାରଦୀୟ ଦୁର୍ଗାପୂଜାର ରବିବାର ଭସାଣି ଶୋଭାଯାତ୍ରା ସହ ପୂଜା ଉତ୍ସବ ସମ୍ପନ୍ନ ହୋଇଯାଇଛି । ଅପରାହ୍ନରେ ଡିଜେବାଦ୍ୟ, ସଂକୀର୍ତ୍ତନ ସହ ଏକ ଶୋଭାଯାତ୍ରାରେ ବାହାରି ଗ୍ରାମ ପରିକ୍ରମା କରିବା ପରେ ସୁନାଆରକି ପ୍ରୋଜେକ୍ଟରେ ମା’ଙ୍କ ବିସର୍ଜନ କରାଯାଇଥିଲା । ସ୍ଥାନୀୟ ଜବାହାର ସାଂସ୍କୃତିକ ଯୁବକ ସଂଘ ଆନୁକୂଲ୍ୟରେ ଅନୁଷ୍ଠିତ ପୂଜାରେ ଚଳିତ ବର୍ଷ ମୁଖ୍ୟକର୍ତ୍ତା ଭାବେ ବଦ୍ରିନାଥ ହୋତା ଓ ନମିତା ହୋତା ଦାୟିତ୍ୱ ତୁଲାଇଥିବା ବେଳେ ପୂଜକ ଭାବେ ବାଳକୃଷ୍ଣ କର ଦାୟିତ୍ୱ ତୁଲାଇଥିଲେ । ଏହି କାର୍ଯ୍ୟକ୍ରମକୁ ବିଶ୍ୱଜିତ ପାତ୍ର, ଜ୍ୟୋତି ବିକାଶ ବାରିକ, ବୁଲୁ ପାଣ୍ଡେ, ମୋହନ ଦଲାଇ, ଯୁଗେଶ୍ୱର ସାହୁ, ସନ୍ତୋଷ ସାହୁ, ପିଣ୍ଟୁ ପୋଡ଼, ବୁଲୁ ଘିଭେଲା, କମନ ବାରିକ, ସମିର ସାହୁ, ଲକ୍ଷ୍ମଣ ଦଲାଇ, ଘନ ଦଲାଇ, ଶୁଭ୍ରାଂଶୁ ନାୟକ ତଥା ଦୁର୍ଗାମଣ୍ଡପର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ। ସେହିପରି ଶନିବାର ଦେଓଗାଁ ରଣାପଡାରେ ଅନୁଷ୍ଠିତ ହୋଇଥିବା ୫୨ତମ ଦୁର୍ଗାପୂଜାର ଭସାଣି ଉତ୍ସବ ଅନୁଷ୍ଠିତ ହୋଇଯାଇଛି ।


ଦେଓଗାଁ ମେନରୋଡ ଦୁର୍ଗାପୂଜା ଭସାଣି ଉତ୍ସବ ।

# ମୃତ ବ୍ୟକ୍ତିଙ୍କ ପରିବାରକୁ ସହାୟତା ରାଶି ପ୍ରଦାନ

**ଖପ୍ରାଖୋଲ,୨୧।୧୦ (ଡି.ଏନ.ଏ.)**

ଖପ୍ରାଖୋଲ ଥାନା ଗୁଣ୍ଡୁରୁପାଲି ଗାଁର ଲମ୍ବୋଦର ପୁଟେଲ ନାମକ ପରିବା ବ୍ୟବସାୟୀଙ୍କୁ ଗତ ୬ତାରିଖ ଏକ ବାଇକ ଧକ୍କା ଦେଇଥିଲା। ପରେ ଗୁରୁତର ଅବସ୍ଥାରେ ବୁର୍ଲାଠାରେ ଚିକତ୍ସାଧିନ ହେଉଥିବାବେଳେ ୧୭ତାରିଖରେ ତାଙ୍କର ମୃତ୍ୟୁ ହୋଇଥିଲା। ଏହାକୁ ନେଇ ଖପ୍ରାଖୋଲ ବଣିକ ସଂଘ ତରଫରୁ ଅସନ୍ତୋଷ ପ୍ରକାଶ ସହ ଚାପା ଉତ୍ତେଜନା ଦେଖା ଦେଇଥିଲା। ଖବରପାଇ ପାଟଣାଗଡ ଉପଜିଲାପାଳ ଯଦୁମଣି ମହଲାଙ୍କ ନିର୍ଦ୍ଦେଶରେ ମୃତକଙ୍କ ପରିବାରକୁ ଖପ୍ରାଖୋଲ ଥାନା ଅଧିକାରୀ ଜ୍ୟୋତିରଞ୍ଜନ ପତି ରେଡକ୍ରସ ପାଣ୍ଠିରୁ ନଗଦ ୧୦ହଜାର ଟଙ୍କା ପ୍ରଦାନ କରିଥିଲେ। ପରିବାର ତରଫରୁ ମୃତକଙ୍କ ପୁତୁରା ଜମ୍ବୋବନ୍ତ ପୁଟେଲ ସହାୟତା ରାଶି ଗ୍ରହଣ କରିଥିବାବେଳେ ଅନ୍ୟମାନଙ୍କ ମଧ୍ୟରେ ଖପ୍ରାଖୋଲ ସମିତିସଭ୍ୟ କଳାକାହ୍ନୁ ବାରିକ, ଜଗଦୀଶ ନିଆଲ, ଚୁଡାମଣି ହଂସ ପ୍ରମୁଖ ଉପସ୍ଥିତ ଥିଲେ।


ମୃତବ୍ୟକ୍ତିଙ୍କ ପରିବାରକୁ ସହାୟତାରାଶି ବଣ୍ଟନ କରାଯାଉଛି।

# ପଦଯାତ୍ରାରେ ବିକାଶର ଗାଥା ବଖାଣିଲେ

**ଟିଟିଲାଗଡ଼,୨୧।୧୦ (ଡି.ଏନ.ଏ.)**

ଅକ୍ଟୋବର ୨ତାରିଖରୁ ରାଜ୍ୟ ବ୍ୟାପୀ ଶାସକ ବିଜେଡିର ଜନସମ୍ପର୍କ ଯାତ୍ରା ଚାଲୁ ରହିଛି। ଏହି କ୍ରମରେ ଟିଟିଲାଗଡ ବ୍ଲକ ଅଞ୍ଚଳରେ ଟିଟିଲାଗଡ ବିଧାୟିକା ଟୁକୁନୀ ସାହୁଙ୍କ ନେତୃତ୍ୱରେ ପଦଯାତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅନ୍ତର୍ଗତ ମହୁଲପଡା, ନାନାଝେର ଆଦି ଗ୍ରାମରେ ପଦଯାତ୍ରା ସହ ପଥପ୍ରାନ୍ତ ସଭାରେ ଶତାଧିକ ମହିଳାପୁରୁଷ ସାମିଲ ହୋଇଥିଲେ। ସଭାରେ ବିଧାୟିକା ସାହୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟର ତଥା ଏହି ଅଞ୍ଚଳର ବିକାଶ ପାଇଁ ଅନେକ କାର୍ଯ୍ୟକ୍ରମ ହାତକୁ ନେଇଥିବା କହିଛନ୍ତି। ଅପରପକ୍ଷରେ କେନ୍ଦ୍ର ସରକାରଙ୍କ ଜାଳେଣୀ ଗ୍ୟାସ ଦର ସହ ପେଟ୍ରୋଲ ଏବଂ ଡିଜେଲର ଦର ବୃଦ୍ଧି ଲୋକଙ୍କୁ କଲବଲ କରିଥିବା ସେ କହିଥିଲେ। ପଦଯାତ୍ରା କାର୍ଯ୍ୟକ୍ରମରେ ଟିଟିଲାଗଡ ବ୍ଲକ ବିଜେଡି ସଭାପତି ପିତାମ୍ବର ବଗର୍ତ୍ତୀ, ପଞ୍ଚାୟତ ସମିତି ଅଧ୍ୟକ୍ଷା ରମାକାନ୍ତି ପୁଟେଲ, ପୂର୍ବ ଅଧ୍ୟକ୍ଷା ଗିତା ବିଶି, ମନିଗାଁ ସରପଞ୍ଚ ମୁନିରାମ ଖର୍ସେଲ, ମହୁଲପଡା ସରପଞ୍ଚଙ୍କ ପ୍ରତିନିଧି ଡମ୍ବରୁଧର ବାଗ, ଟିଟିଲାଗଡ ନଗର ବିଜେଡି ସଭାପତି ଜଗଦିଶ ମହାଲିଙ୍ଗ, ପୁଷ୍ପ ଜୈନ, ଯୁଧିଷ୍ଠୀର ବେହେରା, ସଞ୍ଜୟ ବର୍ମା, ରମେଶ ବିଶି, ରମାକାନ୍ତ ବିଶି, କୃତିବାସ ପ୍ରଧାନ, ବିଷ୍ଣୁ ପ୍ରଧାନ, ନରେନ୍ଦ୍ର ଖର୍ସେଲ, ଘାସିରାମ ଖର୍ସେଲ, କରୁଣା ମାଝୀ, ମକାରୁ ନାଗ, ସାମନ୍ତ ନାଗ, ମନିଗାଁ ବିଜୁ ଯୁବ ବାହିନୀ ସଭାପତି ଦୁଷ୍ମନ୍ତ ବନଛୋର, ସମ୍ପାଦକ ମୋହନ ବିଶି, ଜିତେନ ବନଛୋର, ସୁବାଶ ରତେଇ, କ୍ଷୀର ରତେଇ, ଅର୍ଥ ରଣା, ଭକ୍ତ ଖର୍ସେଲ, ରୋହିତ ପ୍ରଧାନ, ଆକାଶ ଜୈନ, ଜିତେନ ବନଛୋର, ଗଙ୍ଗାରାମ ସାହୁ, ମାନସ ସାହୁ, ବୈଦ ବନଛୋର, ପିକ ଭୋଇ, ଟଙ୍କେଶ୍ୱର ଚିନ୍ଦା ପ୍ରମୁଖ ବହୁ ଦଳୀୟ କର୍ମୀ ଉପସ୍ଥିତ ଥିଲେ।



ପଦଯାତ୍ରାରେ ବିଜେଡି ବିଧାୟିକା ଟୁକୁନି ସାହୁଙ୍କ ସମେତ ଅନ୍ୟମାନେ ।

# ବନ୍ଧୁମିଳନ ଅବସରରେ ଗୁରୁପୂଜନୋତ୍ସବ

**ଲୋଇସିଂହା,୨୧।୧୦(ଡି.ଏନ.ଏ.)**

ଲୋଇସିଂହା ସରସ୍ୱତୀ ଶିଶୁମନ୍ଦିର ଓ ନଅଗାଁ(ଖ) ନୋଡାଲ ହାଇସ୍କୁଲର ପୁରାତନ ଛାତ୍ରୀଛତ୍ରଙ୍କ ବନ୍ଧୁ ମିଳନ ସ୍କୁଲ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି । ନଅଗାଁ(ଖ) ହାଇସ୍କୁଲର ୨୦୦୯-୧୦ମାଟ୍ରିକ ବ୍ୟାଚର ଛାତ୍ରୀଛତ୍ରଙ୍କ ପକ୍ଷରୁ ଆୟୋଜିତ ବନ୍ଧୁମିଳନ ପର୍ବରେ ସ୍କୁଲର ବର୍ତ୍ତମାନ ଓ ପୁରାତନ ଶିକ୍ଷକ ଅତିଥି ଭାବେ ଯୋଗଦେଇଥିଲେ । ଛାତ୍ରୀଛାତ୍ରମାନେ ପ୍ରଥମେ ଗୁରୁପୂଜନୋତ୍ସବ କରିବା ସହ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଏହାପରେ ଛାତ୍ର ତୁଲାମଣୀ ଭୋଇ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ପ୍ରଧାନଶିକ୍ଷକ ପରମାନନ୍ଦ ସାହୁ, କ୍ରୀଡା ଶିକ୍ଷକ ସୀତାରମ ପ୍ରଧାନ, ପୂର୍ବତନ କ୍ରୀଡା ଶିକ୍ଷକ ଦୁର୍ବାଦଳ ବାଗଙ୍କ ସମେତ ଉପସ୍ଥିତ ଶିକ୍ଷକ ଛାତ୍ରୀଛାତ୍ରଙ୍କ ଆୟୋଜନକୁ ପ୍ରଶସାଂ କରିଥିଲେ । ସେମାନଙ୍କ ଆଗାମୀ ଭବିଷ୍ୟତ ଉଜ୍ଜ୍ୱଳମୟ ହେଉ ବୋଲି କାମନା କରିଥିଲେ । ସେହିପରି ଲୋଇସିଂହା ସରସ୍ୱତୀ ଶିଶୁମନ୍ଦିରର ପୁରାତନ ଛାତ୍ରୀଛାତ୍ରଙ୍କ ପକ୍ଷରୁ ବନ୍ଧୁମିଳନ ଅନୁଷ୍ଠିତ ହୋଇଥିଲା । ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ପ୍ରଧାନ ଅଚାର୍ଯ୍ୟ ଜଗଦିଶ ପଟେଲ ଯୋଗଦେଇଥିଲେ। ପୂର୍ବତନ ଶିକ୍ଷକ ଦୋଳଗୋବିନ୍ଦ ସାହୁ ସମ୍ମାନୀତ ଅତିଥି, ପ୍ରଧାନ ଆଚାର୍ଯ୍ୟ ସନାତନ ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ । ଏହି ଅବସରରେ ସମସ୍ତଗୁମାଗୁରୁଜୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

## ଗୋଁଡ ସମାଜର ନୂଆଁଖାଇ ଭେଟଘାଟ
# ସାମାଜିକ, ଅର୍ଥନୈତିକ ବିକାଶ ଉପରେ ଆଲୋଚନା

**ଖପ୍ରାଖୋଲ,୨୧।୧୦ (ଡି.ଏନ.ଏ)**

ଖପ୍ରାଖୋଲ ବ୍ଲକ ମହରାପଦରଠାରେ ଅଖିଳ ଭାରତୀୟ ଗୋଁଡବାନା ଗୋଁଡ ସମାଜର ବ୍ଲକସ୍ତରୀୟ ନୂଆଖାଇ ଭେଟଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଭାପତି ଜଳଧର କୁଅଁରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଛି ଏହି କାର୍ଯ୍ୟକ୍ରମ। ଏଥିରେ ମୁଖ୍ୟ ଅତିଥି ଭାବେ ବଲାଙ୍ଗୀର ଜିଲା ସଭାପତି ଶ୍ୟାମସୁନ୍ଦର ଭୋଇ ଯୋଗଦେଇଥିଲେ। ସମ୍ମାନିତ ଅତିଥି ରୁପେ ଜିଲାପରିଷଦ ସଭ୍ୟ ବିପ୍ର ବିଶି, ଜିଲା ସମ୍ପାଦକ ରାମଚନ୍ଦ୍ର ଧରୁଆ, ବିନୋଦ ବିହାରୀ ମଲିକ, ଧରମ ସିଂ ଧରୁଆ, ବ୍ଲକ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ଭୋଇ, କାମରାଜ ମଲିକ ପ୍ରମୁଖ ଯୋଗଦେଇ ଗୋଁଡ ସମାଜର ସାମାଜିକ, ଅର୍ଥନୈତିକ ବିକାଶ ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମ ପୂର୍ବରୁ ଜାତିର ଇଷ୍ଟଦେବତା ବୁଡାଦେଓ, ଜଙ୍ଘାଦେଓ ପ୍ରମୁଖଙ୍କୁ ପୂଜା କରିବା ସହ ମିଳିତ ଭାବେ ନବାନ୍ନ ଭକ୍ଷଣ କରିଥିଲେ। ପାରମ୍ପରିକ ଅସ୍ତ୍ରଶସ୍ତ୍ର ସହ ଗାଁ ପରିକ୍ରମା କଲା ପରେ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଆଦିକନ୍ଦ ଭୋଇ, ଶିଶିର ଧରୁଆ, ପୁଷ୍ପଲତା କୁଅଁର, ନାରାୟଣ କୁଅଂର, ଖୁଲଣା ଧରୁଆ, ଜୟନ୍ତି ଧରୁଆ, ଶ୍ରୀପତି ଧରୁଆ, ଦନାର୍ଦ୍ଦନ ମଲିକ, ଲଳିତ ମୋହନ ପୁଟା, ମକୁନ୍ଦ ଧରୁଆ, ଧରମାନନ୍ଦ ଧରୁଆ, କରୁଣାକର କୁଅଁରଙ୍କ ସମେତ ଶତାଧିକ ମହିଳା ପରୁଷ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ଟିକେଶ୍ୱର ଧରୁଆ ପରିଚାଳନା କରିଥିଲେ।


ନୂଆଁଖାଇ ଭେଟ୍‌ଘାଟ ଅବସରରେ ଯୋଗ ଦେଇଥିବା ଅତିଥିମାନେ।

## ଉତ୍କଳଶ୍ରୀ-୧୯ ନେଇ ପ୍ରସ୍ତୁତି
# ଭାଗନେବେ ୩ଶହ ପ୍ରତିଯୋଗୀ

**ବଲାଙ୍ଗୀର ଅଫିସ, ୨୧।୧୦**

ବଲାଙ୍ଗୀର ଆମେଚୁଅର ବଡିବିଲଡ଼ିଂ ସଂଘ ଆନୁକୂଲ୍ୟରେ ବଲାଙ୍ଗୀରଠାରେ ଆଗାମୀ ଜାନୁଆରୀ ୧୨ ଓ ୧୩ ତାରିଖ ଦିନ ରାଜ୍ୟସ୍ତରୀୟ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ଉତ୍କଳଶ୍ରୀ-୨୦୧୯ ପ୍ରତିଯୋଗିତା ଅନୁଷ୍ଠିତ ହେବ । ଏନେଇ ଶନିବାର ସର୍କିଟ୍ ହାଉସଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଆୟୋଜନ କମିଟି ସମ୍ପାଦକ ସଞ୍ଜୟ କୁମାର ଶତପଥୀଙ୍କ ଆବାହକତ୍ୱରେ ଅନୁଷ୍ଠିତ ବୈଠକରେ ଆୟୋଜନ କମିଟି ଚେୟାରମେନ୍ ଯୁବନେତା ଅର୍କେଶ ନାରାୟଣ ସିଂଦେଓ ଓ ସଭାପତି ଲଳିତ କୁମାର ନାୟକ ଯୋଗଦାନ କରିଥିଲେ। ଲିଟୁ ପଟ୍ଟନାୟକ ବୈଠକ ପରିଚାଳନା କରିଥିଲେ। ଏହି ପ୍ରତିଯୋଗିତାରେ ରାଜ୍ୟର ସମସ୍ତ ଜିଲାରୁ ପ୍ରାୟ ୩ଶହ ଜଣ ପ୍ରତିଯୋଗୀ ଓ ୫୦ଜଣ ଅଫିସିଆଲ୍ସ ଭାଗନେବେ ବୋଲି ସୂଚନା ଦିଆଯାଇଛି। ପ୍ରତିଯୋଗିତାକୁ କିଭଳି ଆକର୍ଷଣୀୟ ଓ ସୁବ୍ୟବସ୍ଥିତ କରାଯିବ ସେ ନେଇ ଆଲୋଚନା ହୋଇଥିଲା । ବୈଠକରେ ଭିଏସ୍‌ଏସ୍ କ୍ଲବ ସଦସ୍ୟଙ୍କ ସହ ବଡିବିଲଡ଼ିଂ ସଂଘ କର୍ମକର୍ତ୍ତା ସଂଗ୍ରାମ ବହିଦାର, ରୂପକ ବରାଳ, ଅନୀଲ ନାୟକ, ବାବୁ ସା, କୁନା ବାଗ, ଜିତୁ ନାଗ, ସନ୍ତକ ବହିଦାର, ପ୍ରମୋଦ ରଥ, ସୋନପୁରର ନରସିଂହ ପାଣିଗ୍ରାହୀ ପ୍ରମୁଖ ଯୋଗଦେଇଥିଲେ । ବୈଠକରେ ଆୟୋଜକ କମିଟି ଉପସଭାପତି ପ୍ରମୋଦ କୁମାର ରଥ ବଜେଟ୍ ଉପସ୍ଥାପନ କରିଥିଲେ । ଶେଷରେ କୋଷାଧକ୍ଷ ରୂପକ କୁମାର ବରାଳ ଧନ୍ୟବାଦ ଦେଇଥିଲେ ।



ଉତ୍କଳଶ୍ରୀ-୨୦୧୯ ପ୍ରସ୍ତୁତି ବୈଠକରେ ଉପସ୍ଥିତ ସଦସ୍ୟ ।



ଗୋଟିଏ ଅବାସ୍ତବ ବସ୍ତୁକୁ ଅନ୍ୟ ଗୋଟିଏ ଅବାସ୍ତବ ବସ୍ତୁ ଦ୍ୱାରା ଧ୍ୱଂସ କରିବାକୁ ଚିନ୍ତା କରିବା ଆହୁରି ଅବାସ୍ତବ।
- ରାମକୃଷ୍ଣ ପରମହଂସ

## ସଂକ୍ଷେପରେ

### ଗଛରେ ପିଟିଲା ମିନି ଟ୍ରକ୍, ୨ ଗୁରୁତର

ଦେଓଗାଁ,୨୧।୧୦ (ଡି.ଏନ.ଏ.)- ଦେଓଗାଁବ୍ଲକ ଗାଇବାହାଲ ନିକଟରେ ରବିବାର ସନ୍ଧ୍ୟାରେ ଏକ ମିନିଟ୍ରକ ଭାରସାମ୍ୟ ହରାଇ ଗଛରେ ପିଟି ହୋଇ ଦୁର୍ଘଟଣା ଗ୍ରସ୍ତ ହୋଇଛି । ଏଥିରେ ଡ୍ରାଇଭର ସମେତ ୨ଜଣ ଗୁରୁତର ଆହତ ହୋଇଛନ୍ତି । ଆହତ ଦ୍ୱୟ ହେଲେ ଶ୍ରୀବତ୍ସ ଭୋଇ ଓ କାର୍ତ୍ତିକ ମିର୍ଦ୍ଧା । ଖବରପାଇ ଦେଓଗାଁ ଫାଣ୍ଡି ଅଧିକାରୀ ଜନାର୍ଦ୍ଦନ ସାହୁ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଆହତ ଦ୍ୱୟଙ୍କୁ ବଲାଙ୍ଗୀର ବଡମେଡିକାଲକୁ ପଠାଇଥିବା କହିଛନ୍ତି ଫାଣ୍ଡି ଅଧିକାରୀ ସାହୁ। ପରେ ଦୁର୍ଘଟଣାଗ୍ରସ୍ତ ମିନି ଟ୍ରକକୁ ଜବତ କରି ଫାଣ୍ଡିକୁ ଆଣିଥିବାବେଳେ ଏ ନେଇ କେସ ନଂ ୨୬୬/୧୮ରେ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରହିଥିବା ଫାଣ୍ଡି ଅଧିକାରୀ କହିଛନ୍ତି । ପ୍ରକାଶ ଯେ, ଦେଓଗାଁରୁ ମିନି ଟ୍ରକଟି ଗାଇବାହାଲ ନିକଟସ୍ଥ ଅର୍ଡା ଗ୍ରାମର ଫଡି ଘରକୁ କେନ୍ଦୁପତ୍ର ଆଣିବା ପାଇଁ ଯାଉଥିବାବେଳେ ଗାଇବାହାଲ ନିକଟସ୍ଥ ଟର୍ଣ୍ଣିଙ୍ଗଠାରେ ଭାରସାମ୍ୟ ହରାଇ ଏକ ଗଛରେ ପିଟି ହୋଇ ଆଡି ତଳକୁ ଓଲଟି ପଡିଥିଲା ।

### ତାଳପାଲିପଡା ଦୁର୍ଗାପୂଜା ମହୋତ୍ସବ ଉଦ୍‌ଯାପିତ

# ପୂଜା ତୋରଣ ପ୍ରତିଯୋଗିତାରେ ରାଜେନ୍ଦ୍ରପଡ଼ା ପ୍ରଥମ

ବଲାଙ୍ଗୀର ଅଫିସ,୨୧।୧୦

ତାଳପାଲିପଡା ଦୁର୍ଗାପୂଜା ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି । ୩୬ବର୍ଷରେ ପଦାର୍ପଣ କରିଥିବା ତାଳପାଲିପଡା ପୂଜା କମିଟି ପକ୍ଷରୁ ସହର ମଧ୍ୟରେ ହେଉଥିବା ସମସ୍ତ ପୂଜା ମେଢମାନଙ୍କରେ ତିଆରି ହେଉଥିବା ତୋରଣକୁ ନେଇ ଚଳିତବର୍ଷ ମଧ୍ୟ ପ୍ରତିଯୋଗିତା ହୋଇଥିଲା । ଏଥିରେ ରାଜେନ୍ଦ୍ରପଡା ଦୁର୍ଗାପୂଜା ତୋରଣ ପ୍ରଥମ ସ୍ଥାନ ଅଧିକାର କରିଥିଲା । ଏହା ବ୍ୟତୀତ ସହରରେ ସ୍କୁଲସ୍ତରୀୟ ଓଡିଆ ଓ ଇଂଲିଶ ବକ୍ତୃତା, ଝୋଟି, ଚିତ୍ରାଙ୍କନ, ଫେନ୍ସି ଡ୍ରେସ, ସଙ୍ଗୀତ ତଥା ସାଧାରଣ ଜ୍ଞାନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା । ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୁବନେତା ତଥା ଏଆଇସିସି ସଦସ୍ୟ ସମରେନ୍ଦ୍ର ମିଶ୍ର ଯୋଗଦେଇ ପୁରସ୍କାର ବିତରଣ କରିଥିଲେ । ଯୁବନେତା ଚନ୍ଦ୍ରମଣି ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମିଶ୍ର ଉଦ୍‌ବୋଧନ ଦେଇ ଭାଇଚାରା ସୃଷ୍ଟି ଉପରେ ଗୁରୁତ୍ୱାରୋପ କରିଥିଲେ । ଏହି ପୁରସ୍କାର ବିତରଣୀ ଉତ୍ସବରେ ପୂଜା ତୋରଣ ପ୍ରତିଯୋଗିତାରେ ରାଜେନ୍ଦ୍ରପଡା ଦୁର୍ଗାପୂଜା କମିଟି ପ୍ରଥମ ସ୍ଥାନ ଅଧିକାର କରିଥିବାରୁ ପୂଜା କମିଟି ସଭାପତି ଅଶୋକ ରାଉତ ଓ କର୍ମକର୍ତ୍ତାମାନଙ୍କୁ ସ୍ୱର୍ଗତ ଦୁର୍ଗା ପ୍ରସାଦ ସାଏ ସ୍ମୃତି ପୁରସ୍କାର ସହ ଉତ୍ତରୀୟ ଏବଂ ସିଲ୍‌ଡ୍ ପ୍ରଦାନ କରାଯାଇଥିଲା । ଦ୍ୱିତୀୟ ପୁରସ୍କାର ପାଇଁ ଯୋଗ୍ୟ ବିବେଚିତ ଜଗନ୍ନାଥପଡା ପୂଜା କମିଟିର ରାଜସ୍ଥାନୀ ବାସ୍ତୁକଳାର ତୋରଣକୁ ପୁରସ୍କୃତ କରାଯାଇଥିଲା । ସ୍ୱର୍ଗତ ଗଙ୍ଗାଧର ମିଶ୍ର ସ୍ମୃତି ପୁରସ୍କାରରେ ପୁରସ୍କୃତ କରାଯାଇଥିଲା । ପୂର୍ବରୁ ଅନୁଷ୍ଠିତ ସ୍କୁଲସ୍ତରୀୟ ପ୍ରତିଯୋଗିତାର ଛାତ୍ରୀମାନଙ୍କୁ ମୁଖ୍ୟଅତିଥି ଟ୍ରଫି ଓ ମାନପତ୍ର ଦେଇ ପୁରସ୍କୃତ କରିଥିଲେ । ପୁରସ୍କାର ବିତରଣୀ ଉତ୍ସବରେ ବାସୁଦେବ ମେହେର, ଅଭୟ ମିଶ୍ର, ଋଷବ ପୁଟେଲ, ନରେନ୍ଦ୍ର ସାଏ, ସଞ୍ଜୀବ ସ୍ୱାଇଁ, ରାଜ କିଶୋର ପଟେଲ ମଞ୍ଚାସୀନ ଥିଲେ । ଶେଷରେ ପୂଜା କମିଟି ସଭାପତି ଅରବିନ୍ଦ ପରୁଆ ଧନ୍ୟବାଦ ଦେଇଥିଲେ ।



କୃତୀ ଛାତ୍ରୀଙ୍କୁ ମୁଖ୍ୟଅତିଥି ପୁରସ୍କୃତ କରୁଛନ୍ତି ।

### ଅସ୍ଥାୟୀ ବନ କର୍ମଚାରୀ ସଂଘର ବୈଠକ

# କାର୍ଯ୍ୟରେ ନିୟୋଜନ ପାଇଁ ଦାବି ଉଠିଲା

ନୂଆପଡା ଅଫିସ/ କୋମନା, ୨୧।୧୦ (ଡି.ଏନ.ଏ.)

ବନବିଭାଗ ଅଧୀନରେ ବିଭିନ୍ନ ଜାଗାରେ ବନସଂରକ୍ଷଣ ତଥା ଜଗୁଆଳି, ପ୍ଲାନଟେସନ କାମରେ ଆଜକୁ ୨୫ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି କାମ ନିୟୋଜିତ ହୋଇ କାମ କରୁଥିଲେ ହେଁ ସେମାନଙ୍କୁ ନିୟମିତ କରାଯାଉନାହିଁ କି କି ବିଭିନ୍ନ ସମୟରେ ଅଘୋଷିତ ଭାବରେ କାମରୁ ବାଦ ଦିଆଯାଉଥିବାରୁ ଶ୍ରମିକ ଅଶାନ୍ତି ସୃଷ୍ଟି ହୋଇଛି । ଏହାକୁ ନେଇ ଅସ୍ଥାୟୀ ବନକର୍ମଚାରୀ ସଂଘ ମେଳି ବାନ୍ଧୁଛନ୍ତି । ଏହି ପରିପ୍ରେକ୍ଷୀରେ ନୂଆପାଡ଼ା ଜିଲା କୋମନା ଝାଲକୁସୁମର ଲତାଝରନ ଜଙ୍ଗଲରେ ଅସ୍ଥାୟୀ ବନକର୍ମଚାରୀ ସଂଘର ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲା ସଭାପତି ପ୍ରେମସିଂ ମାଝିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ କୋମନା ବ୍ଲକ ଅଧ୍ୟକ୍ଷ ମନୋଜ କୁମାର ମିଶ୍ର, ବନ୍ୟପ୍ରାଣୀ ୱାର୍ଡେନ ମାୟାଧର ସରାଫ, ନୀଳକଣ୍ଠ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ । ଏଥିରେ ଜିଲାର ବନବିଭାଗ, ବନ୍ୟପ୍ରାଣୀ ବିଭାଗରେ କାମ କରୁଥିବା ଶତାଧିକ କର୍ମଚାରୀ ଯୋଗଦେଇ ସେମାନଙ୍କ ବିଭିନ୍ନ ସମସ୍ୟା ଉପସ୍ଥାପନା କରିଥିଲେ । ଏହି ଅବସରରେ ଜିଲା ତଥା ରାଜ୍ୟ ସରକାରଙ୍କୁ ଜଣାଇବାକୁ ସର୍ବସମ୍ମତିକ୍ରମେ ପ୍ରସ୍ତାବ ଆଗତ ହୋଇଥିଲା । ଏଥିରେ ବିଭାଗରେ ବହୁ ବର୍ଷ ଧରି କାମ କରୁଥିବା ଶ୍ରମିକମାନଙ୍କୁ ନିୟମିତ କରିବା, ୬ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି କାମ କରିଥିବା ଶ୍ରମିକମାନଙ୍କୁ ପୁନଃନିଯୁକ୍ତି ଦେବାର ବ୍ୟବସ୍ଥା କରିବା, ଶ୍ରମିକମାନଙ୍କୁ ଠିକ ସମୟରେ ଦରମା ଦେବା, ଶ୍ରମିକମାନଙ୍କ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ସୁବିଧା ସୁଯୋଗ ଯୋଗାଇଦେବା ଆଦି ଦାବି ରହିଛି ।



ମହୀମୁଣ୍ଡା ସରସ୍ୱତୀ ଶିଶୁମନ୍ଦିରରେ ପୁରାତନ ଛାତ୍ରୀଛାତ୍ର ସମ୍ମିଳନୀ ।

# ସ୍ମୃତି ବାଣ୍ଟିଲେ ପୁରାତନ ଛାତ୍ରୀଛାତ୍ର

ବଲାଙ୍ଗୀର ଅଫିସ, ୨୧।୧୦

ପୁଇଁତଲା ବ୍ଲକ ଅନ୍ତର୍ଗତ ମହୀମୁଣ୍ଡା ସରସ୍ୱତୀ ଶିଶୁ ମନ୍ଦିରରେ ପ୍ରଧାନ ଆଚାର୍ଯ୍ୟ ପଞ୍ଚାନନ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ପୁରାତନ ଛାତ୍ରୀଛାତ୍ରମାନଙ୍କ ସମ୍ମିଳନୀ ଅନୁଷ୍ଠିତ ହୋଇଛି । ଏହି ସମ୍ମିଳନୀରେ ୫୦ଜଣ ପୁରାତନ ଛାତ୍ରୀଛାତ୍ର ଯୋଗଦେଇ ନିଜର ବିଦ୍ୟାଳୟ ସ୍ମୃତି, ଅନୁଭୂତି ପ୍ରକାଶ କରିଥିଲେ । ବିପିନ ବିହାରୀ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ସମାଜ ଗଠନରେ ଛାତ୍ରୀଛାତ୍ରୀଙ୍କ ଭୂମିକା ସମ୍ପର୍କରେ କହିଥିଲେ । ୨୦୨୨ରେ ଏହି ବିଦ୍ୟାଳୟର ରୌପ୍ୟ ଜୟନ୍ତୀ ପାଳନ କରାଯିବ। ଏ ନେଇ ଏବେଠାରୁ ପ୍ରସ୍ତୁତି ଆରମ୍ଭ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ପୁରାତନ ଛାତ୍ରୀଛାତ୍ରମାନେ କିଭଳି ସକ୍ରିୟ ସହଯୋଗ କରିବେ ସେ ନେଇ ଆଲୋଚନା ହୋଇଥିଲା । ରୌପ୍ୟ ଜୟନ୍ତୀ ପାଳନ କରିବା ସକାଶେ ଯୋଜନା ପ୍ରସ୍ତୁତ କରାଯିବା ପାଇଁ ସର୍ବସମ୍ମତ ମତପ୍ରକାଶ ପାଇଥିଲା । ଶେଷରେ ବୈଶାଖୁ ସା ଧନ୍ୟବାଦ ଦେଇଥିଲେ ।

### ନିର୍ମାଣାଧୀନ କୋଠାରୁ ଖସିପଡି ଲଛ ମାଝି ମୃତ୍ୟୁ ଘଟଣା

# ଜିଲାପାଳଙ୍କୁ ରିପୋର୍ଟ ମାଗିଲେ ଜାତୀୟ ମାନବାଧିକାର କମିଶନ

ଭବାନୀପାଟଣା,୨୧।୧୦ (ଡି.ଏନ.ଏ.)

୨୦୧୭ ଡିସେମ୍ବର ୧୬ରେ ଗୋଆର ପାଣାଜୀଠାରେ ଆକାଶବାଣୀର ଏକ ନିର୍ମାଣାଧୀନ କୋଠାରୁ ଖସିପଡି ମୃତ୍ୟୁବରଣ କରିଥିବା ଦାଦନ ଶ୍ରମିକ ଲଛ ମାଝି ବାବଦରେ ଗୋଆ (ନର୍ଥ) ଜିଲାପାଳଙ୍କଠାରୁ ୪ ସପ୍ତାହ ମଧ୍ୟରେ ଜାତୀୟ ମାନବାଧିକାର କମିଶନ ରିପୋର୍ଟ ତଲବ କରିଛନ୍ତି । ଭବାନୀପାଟଣା ସଦର ଥାନା ଅର୍ନ୍ତଗତ କୁତୃଖମାର ଗାଁର ଆଦିବାସୀ ଯୁବକ ଲଛ ମାଝି ତାର ଜଣେ ସମ୍ପର୍କୀୟ ଭାଇ ସହିତ ୨୦୧୭ରେ ଦାଦନ ଖଟିବାକୁ ଗୋଆ ଯାଇ ସେଠାରେ ଏକ ଠିକାଦାର ପାଖରେ ଶ୍ରମିକ ଭାବରେ କାମ କରି ଆସୁଥିଲେ । ଗତ ଡିସେମ୍ବର ୧୬ ତାରିଖରେ ଆକାଶବାଣୀର ଅତିଥି ଭବନ କୋଠା କାମରେ ନିୟୋଜିତ ଥିବା ସମୟରେ କୋଠା ଉପରୁ ଖସିପଡି ପ୍ରାଣ ହରାଇଥିଲେ। ଏ ନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ମାନବାଧିକାର କର୍ମୀ ଦିଲୀପ ଦାସ କମିଶନଙ୍କ ନିକଟରେ ଅଭିଯୋଗ ଦାଖଲ କରିଥିଲେ । ଏହାର ବିଚାରକୁ ନେଇ ମାନବାଧିକାର କମିଶନ ମାମଲା (ନଂ.୬/୫/୧/୧୮)ରେ ପଞ୍ଜିକୃତ କରି ଗୋଆ ଜିଲାପାଳଙ୍କୁ ପ୍ରାଥମିକ ରିପୋର୍ଟ ମାଗିଥିଲେ । କମିଶନଙ୍କ ନୋଟିସ ପାଇବା ପରେ ଗତ ୨୩ ଅଗଷ୍ଟ ୨୦୧୮ରେ ଗୋଆ (ନର୍ଥ) ଜିଲାପାଳ ଏକ ରିପୋର୍ଟ ପ୍ରଦାନ କରି ଜଣାଇଛନ୍ତି ଯେ, ମୃତକ ଲଛ ମାଝିଙ୍କ ଶବ ବ୍ୟବଚ୍ଛେଦରୁ ତାର ମୃତ୍ୟୁ କୋଠାରୁ ପଡି ଶକ୍ତ ଆଘାତ ଲାଗିବା ଫଳରେ ହୋଇଥିବା ସ୍ପଷ୍ଟ ହୋଇଛି ଏବଂ ସମ୍ପୃକ୍ତ ଠିକାଦାର ଶ୍ରମିକମାନଙ୍କୁ ସୁରକ୍ଷା ଉପକରଣ ଯୋଗାଇବାରେ ଅବହେଳା କରିଥିବାରୁ ତାଙ୍କ ବିରୋଧରେ ଭାରତୀୟ ଦଣ୍ଡବିଧି ଆଇନର ଧାରା ୩୦୪(କ) ଅନୁଯାୟୀ ଏକ ମାମଲା (ନଂ. ୧୮୪/୧୮) ରୁଜୁ କରାଯାଇ ତଦନ୍ତ ଚାଲୁ ରହିଛି । ମାନବାଧିକାର କମିଶନ ଉକ୍ତ ରିପୋର୍ଟକୁ ତର୍ଜମା କରିବା ସହିତ ୧୧/୧୦/୨୦୧୮ ରେ ସାନି ନୋଟିସ ଜାରି କରି ତଦନ୍ତ ରିପୋର୍ଟ ସହିତ ସବିଶେଷ ବିବରଣୀ ୪ ସପ୍ତାହ ମଧ୍ୟରେ ପ୍ରଦାନ କରିବା ପାଇଁ ଗୋଆ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

# ଭାଜପାର ଜିଲା କାର୍ଯ୍ୟକାରିଣୀ ବୈଠକ

ଲୋଇସିଂହା, ୨୧।୧୦ (ଡି.ଏନ.ଏ.)

ଲୋଇସିଂହାସ୍ଥିତ ଅଗ୍ରେସନ ଭାବନଠାରେ ଭାଜପାର ଜିଲା କାର୍ଯ୍ୟକାରିଣୀ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି । ଜିଲା ସଭାପତି ଭକ୍ତବନ୍ଧୁ ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା ଏହି ବୈଠକ। ଏଥିରେ ମୁଖ୍ୟ ଅତିଥି ଭାବେ ବିଧାୟକ ଦଳ ନେତା କନକବର୍ଦ୍ଧନ ସିଂଦେଓ, ସମ୍ମାନିତ ଅତିଥି ଭାବେ ପୂର୍ବତନ ଏମପି ସଂଗୀତା କୁମାରୀ ସିଂ ଦେଓ, ଜିଲା ପ୍ରଭାରୀ ରଞ୍ଜନ ପଟେଲ, ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ଶିବାଜୀ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଅତିଥିଗଣ ଅଧ୍ୟକ୍ଷ ଅମିତଶାହାଙ୍କ ୧୨୦ମିଶନକୁ ପୂରା କରିବା ପାଇଁ ଦଳୀୟ କର୍ମୀଙ୍କୁ ମନ୍ତ୍ର ଦେଇଥିଲେ । ସ୍ଥାନୀୟ ସମସ୍ୟାକୁ ଉପସ୍ଥାପନା କରି ଲୋକଙ୍କ ପାଖରେ ପହଞ୍ଚାଇବାକୁ କର୍ମୀଙ୍କୁ ଆହ୍ୱାନ ଦେଇଥିଲେ । ଓଡିଶାରେ ଆୟୁଷ୍ମାନ ଯୋଜନାକୁ ଲାଗୁ କରିବା, ପାଇଖାନା ନିର୍ମାଣରେ ଦୁର୍ନୀତି ଓ ବର୍ତ୍ତମାନ ଚାଷୀ ଭାଇ ମରୁଡି ପରିସ୍ଥିତିର ସମ୍ମୁଖୀନ ହେବା ଓ ଅନ୍ୟାନ୍ୟ ସମସ୍ୟାକୁ ନେଇ ଦଳ ଆନ୍ଦୋଳନ କରିବାକୁ ବୈଠକରେ ସ୍ଥିର କରାଯାଇଛି । ଲୋଇସିଂହା ନିର୍ବାଚନମଣ୍ଡଳୀର ପୁଇଁତଳାରେ ଆସନ୍ତା ୨୭, ଲୋଇସିଂହା ରେ ୨୯ରେ ଓ ୩୦ ତାରିଖଦିନ ଆଗଲପୁରରେ ଦଳୀୟ କର୍ମୀଙ୍କୁ ନେଇ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି ଏସସି ସେଲ ଅଧ୍ୟକ୍ଷ ଆନନ୍ଦ ନାଏକ ସୂଚନା ଦେଇଛନ୍ତି।

# ସୃଜନ ସଳିତା ନବନୀତାର ପୂଜା ବିଶେଷାଙ୍କ ଉନ୍ମୋଚିତ

ବଲାଙ୍ଗୀର ଅଫିସ, ୨୧।୧୦

ସାହିତ୍ୟ ପତ୍ରିକା ସୃଜନ ସଳିତା ନବନୀତାର ପୂଜା ସଂଖ୍ୟା ଉନ୍ମୋଚନ ହୋଇଛି । ସ୍ଥାନୀୟ କୋଶଳ କଳାମଣ୍ଡଳ ପରିଆସ୍ଥିତ ଜିଲା ସଂସ୍କୃତି ଭବନଠାରେ ଏହାର ଉନ୍ମୋଚନ ଉତ୍ସବ ଅନୁଷ୍ଠିତ ହୋଇଥିଲା । ପତ୍ରିକାର ପ୍ରକାଶକ ରାଜେଶ ଝାଙ୍କରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଗୁରୁଶ୍ରୀ ଘାସିରାମ ମିଶ୍ର, ପୁଇଁତଲା ବ୍ଲକ ଶିକ୍ଷା ଅଧିକାରୀ ନେପାଳ ଚନ୍ଦ୍ର ବାଗ, ଶିକ୍ଷାବିତ ସନାତନ ଠାକୁର, ଜୟନ୍ତ ମହାନ୍ତି, ଶୁଭେନ୍ଦୁ ସାହୁ, ରାଜେନ୍ଦ୍ର ନାଏକ, ଦୁଃଖିଶ୍ୟାମ ଭଞ୍ଜ, ପ୍ରେସ କ୍ଲବ ସଭାପତି ଅରୁଣ ମିଶ୍ର, ସତ୍ୟ ସୁନ୍ଦର ଭଞ୍ଜ, ସୁଦୀପ ଗୁରୁ, ବୀରେନ୍ଦ୍ର ଝାଙ୍କର, ରଘୁନନ୍ଦନ ସିଂ ଯୋଗଦେଇ ପତ୍ରିକାକୁ ମିଳିତ ଭାବେ ଉନ୍ମୋଚନ କରିଥିଲେ । ସଭାରେ ପତ୍ରିକାର ସମ୍ପାଦକୀୟ ପୃଷ୍ଠା, ସାକ୍ଷାତକାର, ଗଳ୍ପ, ଆଲୋଚନା, କବିତା, ରିପୋର୍ଟ ଉପରେ ଆଲୋଚନା କରାଯାଇଥିଲା । ପତ୍ରିକା ପରିଚାଳନା ସମ୍ପାଦକ ଯୁଜେଷ୍ଟି ମେହେର କାର୍ଯ୍ୟକ୍ରମର ସଂଯୋଜନା କରିଥିବାବେଳେ ରଞ୍ଜିତ ମିଶ୍ର ଧନ୍ୟବାଦ ଦେଇଥିଲେ ।

## CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

TARIFF — MORE SPACE • SAME PRICE (*GST 5% Extra)

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

Get Instant Cash against Gold, Sell Your Gold at 100% Market Value
GOLD CASH LTD
(an ISO 9001:2015 Certified Company)
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ ମୂଲ୍ୟରେ ନେବା ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ୍ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free: 1800-120-3430
Branches: Bhubaneswar, Cuttack, Bhadrak, Rourkela & Berhampur

SPOT ADMISSION
B.Ed
Acharya Nagarjuna University
UGC & NCTE Approved
Equivalent to Utkal University
Weekend Class & Study Material
CT(D.El.Ed)
Equivalent to Board of Secondary Education Odisha
SINCE 2001 NIDT
B.J.B. Nagar, Lewis Road, Bhubaneswar
9338229373, 9438286091
9776587145

Jeevanjyoti Finance
ଜନକଲ୍ୟାଣ ଯୋଜନା ଅଧୀନରେ ସବୁ ବ୍ୟାଙ୍କ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ଶିକ୍ଷା, ବ୍ୟବସାୟ, ସମସ୍ତ ଋଣ 24 ଘଣ୍ଟାରେ 2% ସୁଧ, 50% ରିହାତି ସବ୍‌ସିଡିରେ (ମହିଳା, ଚାଷୀ, ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି)
ଠକମାନଙ୍କ ପ୍ରତି ସାବଧାନ
(କାମ ଆମର ବିଶ୍ୱାସ ଆପଣଙ୍କର)
Sector-30, Jagatpur, Jaipur, Rajasthan
8278171538
8901770631

BHARATI FINANCE
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ Business, Personal, Property, Home, କୃଷି, ଶିକ୍ଷା ଓ Marksheet ସମସ୍ତ ପ୍ରକାର Loan Bharati Finance ଯୋଗାଇ ଦେଉଛି। 2% ସୁଧ।
M : 7684946678
8337956019

Dhanlaxmi Finance Services
ସରକାରଙ୍କ ଦ୍ୱାରା ପଞ୍ଜୀକୃତ
(Reg No.- od6789dh45)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ ଏବଂ ଗ୍ରୁପ୍ ଋଣ 72 ଘଣ୍ଟାରେ ପାଆନ୍ତୁ ।
1 ଲକ୍ଷରୁ 5 କୋଟି ପର୍ଯ୍ୟନ୍ତ ମାତ୍ର 1% ସୁଧ, 40% ରିହାତି।
For more details contact:
9193648139
SATAPADA, PURI, ODISHA - 752011

ଆଦର୍ଶ ଫାଇନାନ୍ସ
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଗେ କାମ, ପରେ ଦାମ୍
ଦୀପାବଳି ଧମାକା
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ ରାଶନ କାର୍ଡ, ଆଧାର କାର୍ଡ, ଚାଷକାର୍ଯ୍ୟ, ଏଗ୍ରିକଲ୍‌ଚର
ସବୁ ପ୍ରକାର ଋଣ ୨୪ ଘଣ୍ଟାରେ ପାଆନ୍ତୁ
୨% ସୁଧ - ୪୦% ରିହାତି
୮୫ ଲକ୍ଷ ସନ୍ତୁଷ୍ଟ ଗ୍ରାହକ
ଲକ୍ଷ ଲକ୍ଷ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
କମ୍ କାଗଜପତ୍ର କାମ
ଠକ କମ୍ପାନୀଗୁଡ଼ିକ ପ୍ରତି ସାବଧାନ
168, Sector-30, Jagatpura, Jaipur, Rajasthan
73106-12716
89794-48754

ତନ୍ତ୍ର ମନ୍ତ୍ର ସମ୍ରାଟଙ୍କ ଖୋଲା ଚ୍ୟାଲେଞ୍ଜ
ଯେଉଁଠି ଜ୍ଞାନ ସେଠି ହେବ A to Z ସମସ୍ୟାର 2 ଘଣ୍ଟାରେ ସମାଧାନ
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ, ମନ ମୁତାବକ ପ୍ରେମ, ବିବାହରେ ବାଧା, ଋଣମୁକ୍ତି, ଗର୍ଭ ବନ୍ଧନ, ଗୃହ କ୍ଲେଶ, ବିଦେଶ ଯାତ୍ରା, ସଉତୁଣୀ ଓ ଶତ୍ରୁ ମୁକ୍ତି, କ୍ୟାରିୟର ମଟେଲିଂ, ସ୍ୱାମୀ ସ୍ତ୍ରୀ ମନୋମାଳିନ୍ୟ, ଚାକିରି, ବ୍ୟବସାୟ, ଯାଦୁ ଟୋନା ଭଳି ସମସ୍ୟାର 101% ସମାଧାନ।
ବାବା ହଜରତ ଉସ୍‌ମାନ୍
21 ଦୈବିକ ବିଦ୍ୟାରେ ନିପୁଣ
9873361894, 9654673664

LOAN
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କସିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
B-19, Tower No-9, New Moti Bagh, New Delhi-110021
8658167603
7064382081

LOAN
ସବୁ ଜିଲ୍ଲାର ଶିକ୍ଷିତ ଓ ବେରୋଜଗାରୀମାନେ ନିଜର ପ୍ରମାଣପତ୍ର ଦ୍ୱାରା ମାତ୍ର ବାର୍ଷିକ ୫% ସୁଧରେ ପର୍ସନାଲ, ବିଜନେସ, ମାର୍କସିଟ, କୃଷି ଓ ଗ୍ରୁପ ଲୋନ SAMPARK FINANCE ରୁ ନେଇପାରିବେ। ଡକୁମେଣ୍ଟ Email- fileodisha@gmail.com ରେ ପଠାଇ ପାରିବେ।
405 D, Shamalldas Gandhi Marg, Mumbai, Maharastra, India-400002
ଯୋଗାଯୋଗ-
7991052261
7991052595

T.C.F. FINANCE
ଋଣ ମାତ୍ର 6 ଘଣ୍ଟାରେ । ନୋ ଫାଇଲ ଚାର୍ଜ, ବିନା ଗ୍ୟାରେଣ୍ଟର ମାର୍କଶିଟ୍, ଋଣ (ସାର୍ଟିଫିକେଟ୍), ପ୍ରପର୍ଟି, ପର୍ସନାଲ, ଗୃହଋଣ, 0% ସୁଧ, 50% ରିହାତି।
08418002678
08859668547
39, Patel Nagar, Saharanpur Road, Dehradun - 248001

ନିଜ ବ୍ୟବସାୟରେ ଅଭିବୃଦ୍ଧି ଆଣନ୍ତୁ
ITCT EDUCATION
ସହିତ ଭାରତର ସର୍ବବୃହତ୍ ନେଟ୍‌ୱର୍କ
ନିଜ ବ୍ୟବସାୟରେ ଅତିରିକ୍ତ ଲାଭ ଉପାର୍ଜନ କରନ୍ତୁ। ଆଇଟିସିଟି ଲର୍ଣ୍ଣି ସିଷ୍ଟମ୍ସ ପ୍ରାଇଭେଟ୍ ଲିମିଟେଡ୍‌ର ଏକ ଫ୍ରାଞ୍ଚାଇଜି ପାର୍ଟନର ହୁଅନ୍ତୁ।
କର୍ପୋରେଟ୍ ବ୍ୟାପାର ମନ୍ତ୍ରଣାଳୟ (ଭାରତ ସରକାର)
ଅଧିକ ସୂଚନା ପାଇଁ
0712-2223456 / 09422123456
www.itctedu.in

୩ ଘଣ୍ଟାରେ ୧୦୦% ସମାଧାନ ଘରେ ବସି ଫୋନ ଦ୍ୱାରା
କଣ ଆପଣ ଚିନ୍ତିତ ଅଛନ୍ତି ?
କାହିଁକି ନୁହେଁ ଦେଖାଇଲେ କଷ୍ଟ ଦୂରହେବ !
କାମ ନହେଲେ ପଇସା ଫେରସ୍ତ ! Time - 10 am to 6 pm
(ସ୍ପେଶାଲିଷ୍ଟ- ବଶୀକରଣ, ମୁଠକରଣୀ ଏବଂ କଳାଯାଦୁ )
ଯଦି ଆପଣଙ୍କର ଜ୍ୟୋତିଷ ଓ ପଣ୍ଡିତଙ୍କ ଉପରୁ ଭରସା ଉଠିଯାଇଚି ତାହେଲେ ତୁରନ୍ତ ଫୋନ୍ କରନ୍ତୁ
ଯଦି ଆପଣଙ୍କର ପତି ପ୍ରେମୀ, କିମ୍ବା ପୁଅ ବଶରେ ଅଛନ୍ତି ତାହେଲେ ତୁରନ୍ତ ଫୋନ୍ କରନ୍ତୁ
ବାବା ରହେମାନ୍ ଖାନ ବଙ୍ଗାଳୀ
7065430524
9599270336

କଣ ଆପଣ ଅସୁବିଧାରେ ଅଛନ୍ତି କି?
ଅଲଇଣ୍ଡିଆ ଖୋଲା ଚାଲେଞ୍ଜ
୨ ଘଣ୍ଟାରେ ୧୦୦% ସମାଧାନ
କାମ ନହେଲେ ଟଙ୍କା ଫେରସ୍ତ
ତନ୍ତ୍ର-ମନ୍ତ୍ରର ସମ୍ରାଟ
ବ୍ୟବସାୟରେ ଅସୁବିଧା, ପ୍ରେମରେ ଅସଫଳତା ତେବେ ମତେ ଆସିକି ଦେଖା କରନ୍ତୁ
ଯଦି କାହାର ସ୍ୱାମୀ, ପ୍ରେମିକା ଓ ଝିଅ କାହା ବଶରେ ଥାଆନ୍ତି ତେବେ ମତେ ଆସିକି ଦେଖା କରନ୍ତୁ।
BABA AMIM SUFI JI
9540938429
9903852257
Near Master Canteen, Bhubaneswar

ତନ୍ତ୍ର ମନ୍ତ୍ର ସମ୍ରାଟଙ୍କ ଖବରଦାର୍ କଳା ଶିକ୍ଷା
ଯେଉଁଠି ଜ୍ଞାନ ସେଠି ହେବ A to Z ସମସ୍ୟାର ସମାଧାନ
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ, ମନ ମୁତାବକ ପ୍ରେମ, ବିବାହରେ ବାଧା, ଋଣମୁକ୍ତି, ଗର୍ଭ ବନ୍ଧନ, ଗୃହ କ୍ଲେଶ, ବିଦେଶ ଯାତ୍ରା, ସଉତୁଣୀ ଓ ଶତ୍ରୁ ମୁକ୍ତି, କ୍ୟାରିୟର ମଟେଲିଂ, ସ୍ୱାମୀ ସ୍ତ୍ରୀ ମନୋମାଳିନ୍ୟ, ଚାକିରି, ବ୍ୟବସାୟ, ଯାଦୁ ଟୋନା ଭଳି ସମସ୍ୟାର 101% ସମାଧାନ।
ବାବା ସିକନ୍ଦର
21 ଦୈବିକ ବିଦ୍ୟାରେ ନିପୁଣ
9997796211

!! LOAN LOAN LOAN !!
ସରକାରୀ ଯୋଜନା ଲୋନ୍ ସ୍କିମ୍ ଦ୍ୱାରା ଦ୍ୱାରା
ଶ୍ରୀ ରାମ ଫାଇନାନ୍ସ
ମାର୍କଶିଟ୍ ଋଣ ଅଷ୍ଟମ, ଦଶମ ପାସ୍ ବେରୋଜଗାର 5,00,000-50,00,000 ପର୍ଯ୍ୟନ୍ତ ଋଣ ପାଆନ୍ତୁ
!! ନୋ ଗ୍ୟାରେଣ୍ଟର, ନୋ ଫାଇଲଚାର୍ଜ !!
2% ସୁଧ, 50% ରିହାତି + ସବ୍‌ସିଡି ପାଆନ୍ତୁ
ଯୋଗାଯୋଗ କରନ୍ତୁ
9717895136
9871773265
Add : - 41/14, Sec-1 Pushp Vihar, Delhi

ଋଣ
ନବରାତ୍ରି ଉତ୍ସବ
!!ନୋ ଗ୍ୟାରେଣ୍ଟର, ନୋ ଫାଇଲଚାର୍ଜ!!
ଶ୍ରୀ ଜଗନ୍ନାଥ ଫାଇନାନ୍ସ
ମାର୍କଶିଟ୍, ଆଧାରକାର୍ଡ, ପର୍ସନାଲ, ପ୍ରପର୍ଟି ଋଣ ଇତ୍ୟାଦି 24 ଘଣ୍ଟାରେ
1,00,000-50,00,000 ପର୍ଯ୍ୟନ୍ତ ଋଣ ପାଆନ୍ତୁ
1% ସୁଧ 55% ରିହାତି + 25% ସବ୍‌ସିଡି
ମାତା ଓ ଭଉଣୀଙ୍କୁ ବିଶେଷ ରିହାତି
7895183349
9927051692
Add : - 41/14, Sec-1 Pushp Vihar, Delhi

## ପାଠକଙ୍କ ପାଇଁ ସୂଚନା

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି । ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ



### ଆମପାଣି ଘାଟିରେ ଟ୍ରକ ଓଲଟିଲା
## ଅଳ୍ପକେ ବର୍ତ୍ତିଲେ ଡ୍ରାଇଭର, ହେଲପର

କୋକସରା,୨୧।୧୦(ଡି.ଏନ.ଏ.)
କଳାହାଣ୍ଡି-ନବରଙ୍ଗପୁର ଜିଲା ସୀମାନ୍ତରେ ଥିବା ଆମପାଣି ଘାଟିରେ ଶନିବାର ବିଳମ୍ବିତ ରାତିରେ ଏକ ନିଳଗିରି କାଠ ବୋଝେଇ ଟ୍ରକ (ନଂ.ଓଡି୨୪ଡି-୪୫୪୧) ଭାରସାମ୍ୟ ହରାଇ ଓଲଟି ପଡ଼ିଛି। ଟ୍ରକ ନବରଙ୍ଗପୁରରୁ ରାୟଗଡା ପେପରମିଲକୁ ଯାଉଥିବା ବେଳେ ଘାଟିରେ ଦୁର୍ଘଟଣା ଘଟି ଓଲଟି ପଡିଥିଲା । ଟ୍ରକ ଡ୍ରାଇଭର ରିତ ରାଉତ ଏବଂ ହେଲପର ଗୁରୁବାରୁ ଗଉଡ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି । ଖବର ପାଇ ଆମପାଣି ପୋଲିସ ରବିବାର ସକାଳେ ଘଟଣାସ୍ଥଳରେ ପହଞ୍ଚି ଟ୍ରକ ଜବତ କରିବା ସହ ଏକ ଦୁର୍ଘଟଣା ମାମଲା (ନଂ. ୬୩/୧୮) ରୁଜୁ କରି ତଦନ୍ତ ଜାରି ରହିଥିବା ନେଇ ଏଏସଆଇ ସୁନ୍ଦରମଣି ମାଝି ସୂଚନା ଦେଇଛନ୍ତି ।



## ଗୀତା ଭବନ ନିର୍ମାଣ କାର୍ଯ୍ୟର ଶୁଭାରମ୍ଭ

ଭବାନୀପାଟଣା,୨୧।୧୦(ଡି.ଏନ.ଏ.)
ସ୍ଥାନୀୟ ପ୍ରଦେଶୀପଡ଼ାର ରାଧାକୃଷ୍ଣ ନଗରଠାରେ ଗତ ୧୯ ତାରିଖ ବିଜୟା ଦଶମୀ ଅବସରରେ ବିଶ୍ୱହିନ୍ଦୁ ପରିଷଦ କାର୍ଯ୍ୟାଳୟ ନିମନ୍ତେ ଗୀତା ଭବନ ନିର୍ମାଣ କାର୍ଯ୍ୟ ନିର୍ମାଣ ନିମନ୍ତେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ରକ୍ରମରେ କନ୍ଧମାଳ ଜିଲା ଜଲେଶପଟ୍ଟାଠାରେ ଥିବା ଆଶ୍ରମର ପୂଜ୍ୟସ୍ୱାମୀ ଜୀବନମୁକ୍ତାନନ୍ଦ ଗୁରୁଜୀ ମୁଖ୍ୟ ପୁରୋଧା ଭାବେ ଯୋଗଦେଇଥିଲେ । କଳାହାଣ୍ଡି ଜିଲାର ଗୀତା ପ୍ରଚାର ସମିତି କଳାହାଣ୍ଡି ପ୍ରତିଷ୍ଠାତା ଇଂ.ନିରଞ୍ଜନ ପ୍ରଧାନ ଓ ଜ୍ୟୋତି ପ୍ରଧାନ ନିର୍ମାଣ ଯଜ୍ଞ କାର୍ଯ୍ୟରେ କର୍ତ୍ତା ଭାବେ ଉପସ୍ଥିତ ଥିଲେ । ଅନ୍ୟମାନଙ୍କ ମଧରେ ସ୍ୱାମୀ ମଧୁବାବା, ସ୍ୱାମୀ ସୁଦର୍ଶନ ବେହେରା, ଦୁଃଖିଶ୍ୟାମ ପ୍ରଧାନ, ପ୍ରଚାରକ ଅଜିତ ଭାଇ, ଡ.ଜଳନ୍ଧର ମେହେର, ଡ.ହେମାଙ୍ଗିନୀ ମେହେର, ପ୍ରମୋଦ କୁମାର ଖମାରୀ, ଆର୍ତ୍ତତ୍ରାଣ ମହାପାତ୍ର, ଭବେନ୍ଦ୍ର ପଣ୍ଡା, ଗୋକୁଳାନନ୍ଦ ଠାକୁର, ବିଭିଷଣ ରଣା, ସତ୍ୟନାରାୟଣ ଦାସ, ବଦ୍ରି ପଟ୍ଟନାୟକ, କେଦାରନାଥ ରଣା ପ୍ରମୁଖ ଉପସ୍ଥିତ ଥିଲେ ।

### ଝାରବନ୍ଧରେ କିଡ୍‌ନୀ ରୋଗ ଆତଙ୍କ
# ଜଣେ ମୃତ, ୯ ଆକ୍ରାନ୍ତ

■ ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀଙ୍କ ସ୍ଥିତି ଅନୁଧ୍ୟାନ

ଜୁନାଗଡ,୨୧।୧୦(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଚିଙ୍ଗୁଡିସର ପଞ୍ଚାୟତ ଝାରବନ୍ଧ ଗ୍ରାମରେ କିଡ୍‌ନୀ ରୋଗର ଆତଙ୍କ ଦେଖାଦେଇଛି। ଏହି ରୋଗରେ ବର୍ତ୍ତମାନ ଗ୍ରାମର ୯ ଜଣ ମହିଳା, ପୁରୁଷ ଆକ୍ରାନ୍ତ ହୋଇଥିବା ବେଳେ ଶୁକ୍ରବାର ଜଣକଙ୍କ ମୃତ୍ୟୁ ଘଟିଛି। ତାଙ୍କ ନାମ କର୍ଣ୍ଣ ବାଗ (୩୧)। ସେହିପରି ଆକ୍ରାନ୍ତ ଥିବା ରୋଗୀମାନେ ହେଲେ ଗ୍ରାମର ୱାର୍ଡ ସଦସ୍ୟ ଇନ୍ଦ୍ର ମାଝି (୪୦), କେଶରୀ ହରିଜନ (୨୩), ଲକ୍ଷ ପଟେଲ (୩୬), କରୁଣା ପଟେଲ (୫୨), ଶୁଭ ବିଶ୍ୱାଳ(୫୨), ରଜନୀ ପ୍ରଧାନ(୨୪), ନିରାକାର ପଟେଲ(୨୪), ଭବାନୀ ଶଙ୍କର ବିଶ୍ୱାଳ(୪୮), ସାଧବି ବିଶ୍ୱାଳ(୪୦) ବୋଲି ଜଣାପଡିଛି। ଶନିବାର ଖବର ପାଇ ଅତିରିକ୍ତ ଜିଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଜୋତିଷ ମହାପାତ୍ର ସମେତ ଜୁନାଗଡ ଭାରପ୍ରାପ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଭଗବାନ ପଣ୍ଡା, ଡାକ୍ତର ସୁଶିଲ କୁମାର ରଥ, ଗୋଷ୍ଠୀ କାର୍ଯ୍ୟକ୍ରମ ପ୍ରବନ୍ଧକ ସୁମେଶ୍ୱର ନାଏକ ପ୍ରମୁଖ ଅନୁଧ୍ୟାନ କରିବାକୁ ଝାରବନ୍ଧ ଗ୍ରାମରେ ପହଞ୍ଚିଥିଲେ। ସେମାନେ କିଡନୀ ରୋଗରେ ଆକ୍ରାନ୍ତ ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥା ପରୀକ୍ଷା କରିଥିଲେ। ସେହିପରି ଗ୍ରାମର ନଳକୂପଗୁଡିକର ପାଣି ନମୁନା ମଧ୍ୟ ପରୀକ୍ଷା କରିବା ଜନସ୍ୱାସ୍ଥ୍ୟ ବିଭାଗ କର୍ମଚାରୀମାନେ ନେଇଛନ୍ତି। ତେବେ କିଡନୀ ରୋଗରେ ଆକ୍ରାନ୍ତ ଥିବା ବ୍ୟକ୍ତିମାନେ ଆବଶ୍ୟକ ପାଣି ନ ପିଇ ପ୍ୟାନ ରିଲିଫ ବଟିକା ଅଧିକା ଖାଇବା ଯୋଗୁ ଏପରି ହୋଇଥିବା ସ୍ୱାସ୍ଥ୍ୟ ବିଭାଗର ପ୍ରାଥମିକ ତଦନ୍ତ ରିପୋର୍ଟରୁ ଜଣାପଡିଛି। ସେହିପରି ଗୁରୁତର ଥିବା ଗ୍ରାମର ୱାର୍ଡ ସଦସ୍ୟ ଇନ୍ଦ୍ର ମାଝିଙ୍କୁ ସୋମବାର ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟରୁ ବୁର୍ଲାକୁ ସ୍ଥାନାନ୍ତରିତ କରାଯିବ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି।


ଝାରବନ୍ଧ ଗ୍ରାମରେ କିଡ୍‌ନୀ ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥା ପରୀକ୍ଷା କରାଯାଉଛି।

## ଜହ୍ନି ଓଷା ପାଳିଲେ କୁଆଁରୀ ଝିଅ

କୋକସରା,୨୧।୧୦(ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ବ୍ଲକ ବଡପୋଡାଗୁଡା ପଞ୍ଚାୟତ ଅଧୀନ ତଲାଗାଁଠାରେ କୁଆଁରୀ ଝିଅମାନେ ଜହ୍ନିଓଷା ବ୍ରତ ପାଳନ କରିଛନ୍ତି। ଗ୍ରାମରେ ଥିବା ନଦୀ କିମ୍ବା ପୋଖରୀରେ ପୂର୍ବରୁ ବାଲି ସଂଗ୍ରହ କରି ଘରକୁ ଆଣି ବାଲିରେ ମକାମିଞ୍ଜି ବୁଣି ଥାନ୍ତି । ମଞ୍ଜିରୁ ଗଜା ବାହାରିବା ପରେ ସେହି ଗଜାକୁ ଏଠିକାର ଭାଷାରେ ବାରୁ ବୋଲି କହିଥାନ୍ତି । ଦଶଦିନ ଧରି ପ୍ରତିଦିନ ସନ୍ଧ୍ୟାରେ କୁଆଁରୀ ଝିଅମାନେ ଜହ୍ନି ଓଷା ବ୍ରତ ପାଳନ କରିବା ସହ ଏକ ଓଳି ଉପବାସ ସହ ସ୍ୱଳ୍ପ ଆହାର ଗ୍ରହଣ କରିଥାନ୍ତି । ମା’ ଦୁର୍ଗାଙ୍କ ବିଜୟାଦଶମୀ ତିଥି ପରେ ପୁଣିଥରେ ବାରୁ ବା ଗଜାକୁ ନେଇ ପୋଖରୀ କିମ୍ବା ନଦୀରେ ବିସର୍ଜନ କରିଥାନ୍ତି ଓ ନିଜ ନିଜ ମଧ୍ୟରେ ବାଲିଗଜା ବା ମିତଣୀ ବସିଥାନ୍ତି । ଏହି ଜହ୍ନିଓଷା ପରମ୍ପରା ଦ୍ୱାରା ନିଜ ଭିତରେ ସମ୍ପର୍କ ନିବିଡ ହେବା ସହ ମା’ ଦୁର୍ଗାଙ୍କ ଅପାର କରୁଣା ଲାଭ ହୁଏ ବୋଲି ବିଶ୍ୱାସ ରହିଛି । ତଲାଗାଁରେ ଏହି ଜହ୍ନିଓଷା ବ୍ରତରେ ଡାଳିମ୍ବ ନାଏକ, ସିତା ନାଏକ, ମାଳତୀ ବିଶି, ପ୍ରଭାତି ବୋଡକିଆ, ପଲ୍ଲବୀ ନାଏକ, ଯଶୋଦା ନାଏକ, ଦୁତିକା ନାଏକ, ସଶ୍ମିତା ନାଏକ, ମୁଳା ନାଏକ, ଈଶ୍ୱରୀ ନାଏକ ଆଦି କୁଆଁରୀ ଝିଅମାନେ ବ୍ରତ ପାଳନ କରିଥିବା ବେଳେ ଗ୍ରାମର ସାମାଜିକ କର୍ମୀ ଭଜମନ ନାଏକ ସହଯୋଗ କରିଥିଲେ ।


କୁଆଁରୀ ଝିଅମାନେ ଜହ୍ନି ଓଷା ପାଳନ କରୁଛନ୍ତି ।

## ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି


ଶହୀଦ ଦିବସ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ।

ଜୁନାଗଡ,୨୧।୧୦(ଡି.ଏନ.ଏ.)

ରବିବାର ସମଗ୍ର ଦେଶରେ ପୋଲିସ ବାହିନୀ ପକ୍ଷରୁ ୫୯ତମ ଶହୀଦ ଦିବସ ପାଳନ କରାଯାଇଛି। ଏହି ଅବସରରେ କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ମଥୁରା ରାଧାକୃଷ୍ଣ ଉଚ୍ଚ ବିଦ୍ୟାଳୟ ପରିସରରେ ଥିବା ଶହୀଦ ଟିକଚନ ମଙ୍ଗରାଜ ପ୍ରତିମୂର୍ତ୍ତିଙ୍କୁ ଜୁନାଗଡ ପୋଲିସ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଦିଆଯାଇଛି। ଆରମ୍ଭରେ ଶହୀଦ ଟକଚନଙ୍କ ପାଇଁ ୨ ମିନିଟ ନୀରବ ପାର୍ଥନା କରାଯାଇଥିଲା। ପରେ ଜୁନାଗଡ ଆଇଆଇସି ରାଜେନ୍ଦ୍ର କୁମାର ଦେହୁରୀ ଶହୀଦଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ପ୍ରଦାନ କରି ଶହୀଦ ଟିକଚନଙ୍କ ଆତ୍ମାଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ସମୟରେ ଶିକ୍ଷକ ଅଟଳ ପଣ୍ଡା, ସବ୍ ଇନିସପେକ୍ଟର ଉମ୍ବରୁଧର ପ୍ରଧାନ, ପ୍ରଶନ୍ନ କୁମାର ଜେନା, ଧୀରେନ୍ଦ୍ର ନାଥ ମଲ୍ଲିକ, ଗୁରୁବାରି ସୋଏ ପ୍ରମୁଖଙ୍କ ସହ ସଦଳବଳ ଉପସ୍ଥିତ ଥିଲେ।

## ମା’ ଡୁକ୍ରୀବିଡ୍ଢୀଙ୍କ ଛତର ଯାତ୍ରା

ଭବାନୀପାଟଣା,୨୧।୧୦ (ଡି.ଏନ.ଏ.)

ଭବାନୀପାଟଣା ସଦର ବ୍ଲକ ମିଲକୀ ପ୍ରଗଣାର ଅଧିଷ୍ଠାତ୍ରୀ ଦେବୀ ମା’ ଡୁକ୍ରୀବୁଢୀଙ୍କ ଛତର ଯାତ୍ରା ଶୁକ୍ରବାର ସମ୍ପନ୍ନ ହୋଇଯାଇଛି । ମନ୍ଦିର ପୂଜକ ରାଜକୁମାର ମାଝି, ଛତ୍ରବାହକ କାହ୍ନୁ ମାଝୀ, ବାହୁକ ଘାସି ଗଉଡ, ପରମାନନ୍ଦ ଗଉଡ, ସନ୍ଦିପ ଭୋଇଙ୍କ ଦ୍ୱାରା ଡୁକ୍ରୀବୁଢୀଙ୍କ ଚଳନ୍ତି ପ୍ରତିମା ଗ୍ରାମ ପରିକ୍ରମା କରିଥିଲେ । ଛତରଯାତ୍ରରେ ବହୁ ଭକ୍ତ ନିଜ ମାନସିକ ପୂରଣ ପାଇଁ ବୋଦା, କୁକୁଡା ବଳି ଦେଇଥିଲେ । ମନ୍ଦିର ପରିଚାଳନା କମିଟି ସଭାପତି ତରଣୀସେନ ମାଝି, ସମ୍ପାଦକ ଅଶ୍ୱିନ ପ୍ରଧାନ, ଅଧ୍ୟାପକ ବେଦବ୍ୟାସ ପଧାନ, ଗୋବିନ୍ଦ ଭୋଇ, ଲମ୍ବୋଦର ନାଏକ, ବରିଷ୍ଟ ଭୋଇ, ରାଜାରାମ ଭୋଇ ପ୍ରମୁଖ ଛତର ଯାତ୍ରା କାର୍ଯ୍ୟ ସମ୍ପାଦନ କରିଥିଲେ । ମା’ ଡୁକ୍ରୀବୁଡୀଙ୍କ ଛତର ଯାତ୍ରା ଅବସରରେ ବିଭିନ୍ନ ଦଳର ରାଜନେତା ଓ ଆଶାୟୀ ବିଧାୟକମାନଙ୍କ ଭିଡ ଦେଖିବାକୁ ମିଳିଛି ।

## ୫୯ତମ ପୋଲିସ ଶହୀଦ ଦିବସ ପାଳିତ

ଭବାନୀପାଟଣା,୨୧।୧୦(ଡି.ଏନ.ଏ.)

କଳାହାଣ୍ଡି ଜିଲା ସଦର ଭବାନୀପାଟଣା ରିଜର୍ଭ ପୋଲିସ ପଡ଼ିଆଠାରେ ଜିଲା ପ୍ରଶାସନ ପକ୍ଷରୁ ୫୯ତମ ପୋଲିସ ଶହୀଦ ଦିବସ ରବିବାର ପାଳିତ ହୋଇଯାଇଛି। ପୂର୍ବାହ୍ନ ୮ଟାରେ ରିଜର୍ଭ ପୋଲିସ ପଡ଼ିଆଠାରେ ଆରକ୍ଷୀ ଅଧୀକ୍ଷକ ବି.ଗଙ୍ଗାଧର ରିଜର୍ଭ ପୋଲିସ କାର୍ଯ୍ୟାଳୟ ପରିସରରେ ଥିବା ଶହୀଦଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ପ୍ରଦାନ କରି ସ୍ୱର୍ଗତ ଆତ୍ମାମାନଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଏହି ଅବସରରେ ଗତ ଏକବର୍ଷ ମଧରେ ଦେଶର ବିଭିନ୍ନ ରାଜ୍ୟରେ ଶହୀଦ ହୋଇଥିବା ପୋଲିସଙ୍କ ନାମ ପାଠ କରାଯାଇଥିଲା। ଏହି ଦିବସରେ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତାକୁ ଏସ୍‌ପି ପାଠ କରିଥିଲେ । ଦେଶର ଶତାଧିକ ଶହୀଦଙ୍କ ମଧ୍ୟରୁ ଓଡ଼ିଶାର କନଷ୍ଟେବଲ ସଞ୍ଜୟ ମାଝିଙ୍କ ନାମ ପାଠ ପୂର୍ବକ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଜିଲାସ୍ତରୀୟ ଶହୀଦ ଦିବସ ପାଳନ ଉତ୍ସବରେ ଜିଲା ଜଜ୍‌ଙ୍କ ସହ ଜିଲାପାଳ ଗାଭାଲି ପରାଗ ହର୍ଷଦ, ଅତିରିକ୍ତ ଏସ୍.ପି. ଜି.ମଣିପାତ୍ର, ସଦର ଡି.ଏସ୍.ପି. ଗୁଣନିଧି ମଲ୍ଲିକ, ଆର୍.ଆଇ. ରଞ୍ଜିତ ବାର୍ଲା, ସର୍ଜେଣ୍ଟ ଶାନ୍ତନୁ କୁମାର ପ୍ରଧାନ, ଏସ୍.ଡି.ପି.ଓ. ବିରଞ୍ଚି ପ୍ରସାଦ ଦେହୁରୀ ଓ ଅନ୍ୟ ପୋଲିସ ଅଧିକାରୀ, ଅବସରପ୍ରାପ୍ତ ପୋଲିସ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।


ପୋଲିସ ଶହୀଦ ଦିବସ ଅବସରରେ ଆୟୋଜିତ ପରେଡ଼ ।

## ମାଣିକେଶ୍ୱରୀଙ୍କ ଲାଖମରା ଯାତ୍ରା

ଭବାନୀପାଟଣା,୨୧।୧୦(ଡି.ଏନ.ଏ.)

କଳାହାଣ୍ଡିର ଇଷ୍ଟଦେବୀ ମାଣିକେଶ୍ୱରୀଙ୍କ ବିଜୟୀ ଦଶମୀ ତିଥିରେ ଲାଖମରା ଯାତ୍ରା ଅନୁଷ୍ଠିତ ହୋଇଯାଛି । ମହାନବମୀ ତିଥିରେ ୧୭ ତାରିଖରେ ମାଣିକେଶ୍ୱରୀଙ୍କ ପ୍ରସିଦ୍ଧ ଛତ୍ର ଯାତ୍ରା ଅନୁଷ୍ଠିତ ହୋଇଥିଲା। ୧୯ ତାରିଖ ବିଜୟା ଦଶମୀ ତିଥିରେ ପୁନର୍ବାର ଦେବୀଙ୍କ ବିଜୟ ପ୍ରତିମା ଛତ୍ରକୁ ଅପରାହ୍ନ ୩ଟାରେ ଛତ୍ରବାହକ, ମୁଣ୍ଡଛିନା, ବାହୁକ ଓ ଅନ୍ୟାନ୍ୟ ସେବାୟତମାନେ ମନ୍ଦିରରୁ ବାହାର କରି ଜେନା ବାଦ୍ୟର ତାଳେ ତାଳେ ଲାଖମରା ଯାତ୍ରା ନିମନ୍ତେ ସହରର ପଶ୍ଚିମ ଉପକଣ୍ଠରେ ଥିବା ନକ୍‌ଟିଗୁଡା ସ୍ଥିତ ଲାଖମରା ପଡିଆକୁ ନେଇଥିଲେ। ଲାଖମରା ପଡିଆରେ ଏକ ଅସ୍ଥାୟୀ ମଣ୍ଡପରେ ଦେବୀଙ୍କ ଛତ୍ରକୁ ସ୍ଥାପନ କରାଯିବା ସହ ସ୍ୱତନ୍ତ୍ର ପୂଜାନୀତି ଓ ବଳି ଦିଆଯାଇଥିଲା । କଳାହାଣ୍ଡି ମହାରାଜା ଉଦିତ ପ୍ରତାପ ଦେଓ, ଯୁବରାଜ ଅନନ୍ତ ପ୍ରତାପ ଦେଓ, ଲୋକସଭା ସଦସ୍ୟ ଅର୍କକେଶରୀ ଦେଓ ଲାଖମରା ପଡିଆରେ ପହଞ୍ଚି ଦେବୀଙ୍କ ଛତ୍ରକୁ ବନ୍ଦାପନା କରିବା ପରେ ଲାଖମରା ପ୍ରତିଯୋଗିତା ଆରମ୍ଭ ହୋଇଥିଲା । ଏକ ଉଚ୍ଚସ୍ଥାନରେ ବାଉଁସରେ ବନ୍ଧା ଯାଇଥିବା ଦେବୀଙ୍କ ଲାଖକୁ ବନ୍ଧୁକରେ ଲକ୍ଷ୍ୟ ଭେଦ କରିବା ପ୍ରତିଯୋଗିତା ଆରମ୍ଭ ହୋଇଥିଲା । କଳାହାଣ୍ଡି ଯୁବରାଜ ଅନନ୍ତ ପ୍ରତାପ ଦେଓ, କଳାହାଣ୍ଡି ଲୋକ ସଭା ସଦସ୍ୟ ଅର୍କକେଶରୀ ଦେଓଙ୍କ ସମେତ ବହୁ ପ୍ରତିଯୋଗି ଏହି ଲାଖମରା ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ତେବେ ନକ୍‌ଟିଗୁଡାର ଗୁଡୁ ରାଉତ ଲକ୍ଷ୍ୟ ଭେଦ କରିବାରେ ସଫଳ ହୋଇଥିଲେ। ଲାଖମରା ସରିବା ପରେ ଦେବୀଙ୍କ ଛତ୍ରକୁ ଜେନାବାଦ୍ୟର ତାଳେ ତାଳେ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରାଯାଇଥିଲା । କଳାହାଣ୍ଡି ରାଜ ପରିବାର ପକ୍ଷରୁ ଲାଖ ମାରିଥିବା ନକ୍‌ଟିଗୁଡାର ଗୁଡୁ ରାଉତଙ୍କୁ ପୁରସ୍କୃତ କରାଯାଇଥିଲା । ଦେବୀଙ୍କ ଛତ୍ର ମନ୍ଦିରରେ ପହଞ୍ଚିବା ପରେ ପରମ୍ପରା ଅନୁଯାୟୀ ମନ୍ଦିରରେ କଳାହାଣ୍ଡି ମହାରାଜ ଉଦିତ ପ୍ରତାପ ଦେଓଙ୍କୁ ଅଭିଷେକ କରାଯାଇଥିଲା । ବିଜୟା ଦଶମୀର ମଧ୍ୟରାତିରେ ମୂଳାଷ୍ଟମୀ ଦିନ ଦେବୀଙ୍କ ସ୍ଥାପନ କରାଯାଇଥିବା ମାଟି ନିର୍ମିତ ମୁଣ୍ଡକୁ ଗୋପନରେ ସେବାୟତମାନେ ନେଇ ପୁରୁଷୋତ୍ତମ ସାଗରରେ ବିସର୍ଜନ କରିଥିଲେ । ଏଥିସହିତ ମୂଳାଷ୍ଟମୀରୁ ଆରମ୍ଭ ହୋଇଥିବା ମାଣିକେଶ୍ୱରୀଙ୍କ ଶାରଦୀୟ ଉତ୍ସବ ବିଜୟା ଦଶମୀ ତିଥିରେ ଉଦ୍‌ଯାପିତ ହୋଇଯାଇଛି ।


ଲାଖମରା କାର୍ଯ୍ୟକ୍ରମକୁ ଅତିଥି ଲାଖ ବିନ୍ଧି ଉଦ୍‌ଘାଟନ କରୁଛନ୍ତି ।

## ଭବାନୀପାଟଣାରେ ରାବଣ ପୋଡ଼ି

ଭବାନୀପାଟଣା,୨୧।୧୦(ଡି.ଏନ.ଏ.)

ଭବାନୀପାଟଣା ସହରର ୩ଟି ସ୍ଥାନରେ ଦୁର୍ଗାପୂଜା କମିଟି ପକ୍ଷରୁ ଗତ ୧୯ ତାରିଖ ସନ୍ଧ୍ୟାରେ ରାବଣ ପୋଡି ଅନୁଷ୍ଠିତ ହୋଇଯାଇଛି । ସାପ୍ତାହିକ ବଜାର ଜନତା ଦୁର୍ଗାପୂଜା କମିଟି ପକ୍ଷରୁ ସ୍ଥାନୀୟ ଲାଲବାହାଦୂର ଶାସ୍ତ୍ରୀ ଷ୍ଟାଡିୟମଠାରେ ରାବଣ ପୋଡି ଆୟୋଜନ କରାଯାଇଥିଲା। ଏଥିରେ ୫ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ଆତସବାଜି ଓ ରାବଣପୋଡିକୁ ଉପଭୋଗ କରିଥିଲେ। ସେହିପରି ନକ୍‌ଟିଗୁଡା ଦୁର୍ଗାପୂଜା କମିଟି ପକ୍ଷରୁ ନକ୍‌ଟିଗୁଡାଠାରେ ଓ ବାହାଦୂର ବଗିଚାପଡା ଦୁର୍ଗାପୂଜା କମିଟି ପକ୍ଷରୁ ଆୟୋଜିତ ରାବଣପୋଡି ଉତ୍ସବରେ ହଜାର ହଜାର ଭକ୍ତଙ୍କ ସମାବେଶ ହୋଇଥିଲା । ରଙ୍ଗୀନ ଆତସବାଜି ସାଙ୍ଗକୁ ପାଳରେ ନିର୍ମିତ ସୁଉଚ୍ଚ ରାବଣକୁ ଅତିଥିମାନେ ଅଗ୍ନି ସଂଯୋଗ କରିଥିଲେ । ସହରର ଏହି ରାବଣ ପାଡି ଉତ୍ସବରେ ଶାନ୍ତି ଶୃଙ୍ଖଳା ରକ୍ଷା କରିବା ପାଇଁ ବ୍ୟାପକ ପୋଲିସ ବ୍ୟବସ୍ଥା କରାଯାଇଥିଲା ।

# ମା’ ଦୁର୍ଗାଙ୍କ ଭସାଣି ଯାତ୍ରା

ମଣ୍ଡଳ/ସେରଗଡ଼,୨୧।୧୦(ଡି.ଏନ.ଏ.)

କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅନ୍ତର୍ଗତ ସେରଗଡ଼ ପଞ୍ଚାୟତ ଶ୍ରୀପାଲି ଓ ଚଞ୍ଚରାପଡାଠାରେ ଆନନ୍ଦ ଉତ୍ସାହ ସହ ମା’ ଦୁର୍ଗାଙ୍କ ପୂଜନୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଗତ ୧୬ ତାରିଖରେ ମା’ଙ୍କ ପୀଠରେ ପାରମ୍ପରିକ ରିତିରେ ଅଧିବାସ କର୍ମ, ନବ ପତ୍ରିକା ପ୍ରବେଶ, ସପ୍ତମୀ ପୂଜା ସହ ହୋମ, ସଙ୍କଳ୍ପ, ଚଣ୍ଡୀପାଠ, ଅପରାଜିତା ସ୍ତୋତ୍ର ପଠନ ସହ ମା’ଙ୍କୁ ଷୋଡଶ ଉପଚାର ସହ ପ୍ରତ୍ୟେହ ରାତି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଶୁକ୍ରବାର ମା’ଙ୍କ ଘଟ ବିର୍ଷଜନ ହେବା ପରେ ଶନିବାର ମା’ଙ୍କ ମୃନ୍ମୟୀ ମୂର୍ତ୍ତିକୁ ଏକ ଭବ୍ୟ ପଟୁଆରରେ ଗ୍ରାମର ସମସ୍ତ ମହିଳା ଏକତ୍ରିତ ହୋଇ ଗ୍ରାମ ପରିକ୍ରମା କରାଯାଇ ସ୍ଥାନୀୟ ପୋଖରୀରେ ଭସାଣୀ କରାଯାଇଥିଲା । ଉକ୍ତ ପୂଜନୋତ୍ସବରେ ଚଞ୍ଚରାପଡାର କେବଳ ୨୭ଟି ପରିବାର ସହଯୋଗରେ ଅନୁଷ୍ଠିତ ହୋଇଥିଲା । ଗ୍ରାମର ମହେଶ୍ୱର ରଣା ପୂଜା କର୍ତ୍ତା ଥିବା ବେଳେ ଦେବାନନ୍ଦ ରଣା, ସାଧୁ ରଣା, ବିଚିତ୍ର ରଣା, ଦାମ ରଣା, ସୁରୁ ରଣା, ରୋହିତ ରଣା, ପ୍ରହଲ୍ଲାଦ ରଣା ପ୍ରମୁଖ ପୂଜା କାର୍ଯ୍ୟ ପରିଚାଳନା କରିଥିଲେ ।

ସେହିପରି ଜୟପାଟଣା ବ୍ଲକ ରଣମାଳଠାରେ ଦୁର୍ଗାପୂଜା ମହାଆଡମ୍ବର ସହ ପାଳନ ସହ ଶନିବାର ଭସାଣି ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଦୁର୍ଗାପୂଜା ଗ୍ରାମବାସୀଙ୍କ ମିଳିତ ଉଦ୍ୟମରେ ୧୯୬୩ରେ ଆରମ୍ଭ ହୋଇଥିଲା । ପୂର୍ବରୁ ୩ ଦିନ ଧରି ଚାଲୁଥିବା ବେଳେ ଚଳିତବର୍ଷ ୫ ଦିନ ଧରି ପୂଜା ପାଳନ କରାଯାଇଛି । ପାରମ୍ପରିକ ରିତୀରେ ବିଭିନ୍ନ ଦିବସରେ ପୂଜା ହୋଇଥିବା ବେଳେ ଶୁକ୍ରବାର ସାଂସ୍କୃତିକ କାର୍ଯ୍ୟକ୍ରମ ଡ୍ୟାନ୍ସ ଧମାକା ଏବଂ ୨୦ ତାରିଖ ଶନିବାର ମା’ଙ୍କ ଭଷାଣି କାର୍ଯ୍ୟକ୍ରମ ହୋଇଥିଲା । ପୂଜା କର୍ତ୍ତା ଭାବେ ଯୁବରାଜ ବାଗ ଓ ସରଶ୍ୱତୀ ବାଗ ସମ୍ପାଦନ କରିଥିବା ବେଳେ ମୁଖ୍ୟ ପୂଜକ ପଣ୍ଡିତ ନିରଞ୍ଜନ କର ଶର୍ମା, ଚଣ୍ଡି ଜାପକ ଅଶ୍ୱିନ କୁମାର ବେହେରା ସମସ୍ତେ ପୂଜା କାର୍ଯ୍ୟ ତୁଲାଇଥିଲେ । ପୂଜା କମିଟି ସଭାପତି ଅର୍ଜୁନ ସାହୁ, ସମ୍ପାଦକ ଦିଲୀପ କାର୍ଯ୍ୟ ସମ୍ପାଦନ କରିଥିଲେ । ୧୫ ରୁ ୧୯ ତାରିଖ ପର୍ଯ୍ୟନ୍ତ ଦର୍ଶକଙ୍କ ମନୋରଞ୍ଜନ ପାଇଁ ବିଭିନ୍ନ କାଳ୍ପନୀକ ଗୀତିନାଟ୍ୟ, ପୌରାଣିକ ଗୀତିନାଟ୍ୟ, ଡ୍ୟାନ୍ସ ପ୍ରତିଯୋଗୀତା ସହ କଳାହାଣ୍ଡି ବିରବାଦ୍ୟ ଘୁମୁରା ଅନୁଷ୍ଠିତ ହୋଇଥିଲା । ଘୁମୁରା ପ୍ରତିଯୋଗୀତାରେ ୮ଟି ଦଳ ଭାଗ ନେଇଥିଲେ । ସେଥିରୁ ୪ଟି ଦଳକୁ ମନୋନୀତ କରାଯାଇ ପୁରସ୍କୃତ କରାଯାଇଥିଲା । ବିଚାରପତି ଭାବେ ଅନୁଷ୍ଠାନ ଭିକାରୀ ବିଶ୍ୱାଳ, ଅଶ୍ୱିନ କୁମାର ସାହୁ, ସରତ ନାଏକ, ସଞ୍ଜୟ ପାଣିଗ୍ରାହୀ କାର୍ଯ୍ୟ ତୁଲାଇଥିଲେ । କମିଟିର ହେମନ୍ତ ନାଏକ ମଞ୍ଚ ପରିଚାଳନା କରିଥିଲେ । ଘୁମୁରା ପ୍ରତିଯୋଗୀତାରେ ମୁଖ୍ୟଅତିଥି ଭାବେ ରଣମାଳ ପ୍ୟାକ୍ସ ସଭାପତି ସୁଧିର ପଣ୍ଡା, ମୁଖ୍ୟବକ୍ତା ଧିରେନ ନାଏକ, ସମ୍ମାନିତ ଅତିଥି ଦିପକ ବାବୁ, ପର୍ଶୁରାମ ବାଗ, ସନାତନ ଦୁର୍ଗା, ମୁଖ୍ୟ ସଂଗ୍ରାହକ ମଧୁ ହଂସ, ପରମେଶ୍ୱର ବାଗ, ରତ୍ନାକର ବାଗ, ବାସୁଦେବ ପାତ୍ର, ପୀତାମ ପୂଝାରୀ, ରଶିକ ପୂଝାରୀ, ଗୌତମ ବିଶ୍ୱାଳ, ଦୁର୍ବାଦଳ ବିଶ୍ୱାଳ, ଖଗେଶ୍ୱର ପାତ୍ର, ସତ୍ୟ ନାରାୟଣ ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

ଭବାନୀପାଟଣା,୨୧।୧୦(ଡି.ଏନ.ଏ.)
ଭବାନୀପାଟଣା ସହରରେ ଚଳିତବର୍ଷ ୧୦ଟି ସ୍ଥାନରେ ସାର୍ବଜନୀନ ଦୁର୍ଗାପୂଜା ଆୟୋଜିତ ହୋଇଥିଲା । ନକ୍‌ଟିଗୁଡା, ପ୍ରଦେଶୀପଡା, ପୁରୁଣା ବସ୍‌ଷ୍ଟାଣ୍ଡ, ଗୋଦାମପଡା, ସାପ୍ତାହିକ ବଜାର, ମନ୍ଦାରବଗିଚା ପଡା, ବାହାଦୂର ବଗିଚାପଡା, ଅର୍କାବାହାଲି ପଡା, ରିଜର୍ଭ ପୋଲିସ, ଇରିଗେସନ କଲୋନୀରେ ସାର୍ବଜନୀନ ଦୁର୍ଗାପୂଜା ଆୟୋଜିତ ହୋଇଥିଲା । ରବିବାର ଦୁର୍ଗା ମେଢ଼ଗୁଡିକୁ ଶୋଭାଯାତ୍ରାରେ ସହରର ବିଭିନ୍ନ ସ୍ଥାନରେ ଥିବା ଜଳାଶୟରେ ବିସର୍ଜନ କରାଯାଇଛି । ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି । ମୋଟା ମୋଟି ଭାବରେ ଚଳିତବର୍ଷ ଭବାନୀପାଟଣା ସହରରେ ଦଶହରା ପର୍ବ ହର୍ଷଉଲ୍ଲାସର ସହିତ ସହରବାସୀ ପାଳିତ କରିଛନ୍ତି । ବିଭିନ୍ନ ଦୁର୍ଗାମେଢ଼ର ବିସର୍ଜନ ଶୋଭାଯାତ୍ରାରେ ହଜାର ହଜାର ଶ୍ରଦ୍ଧାଳୁ ଜଗତଜନନୀ ମା’ ଦୁର୍ଗାଙ୍କୁ ମେଲାଣୀ ଦେବା ନିମନ୍ତେ ସହରର ବିଭିନ୍ନ ସ୍ଥାନରେ ଉପସ୍ଥିତ ରହି ଥିଲେ ।



ଭବାନୀପାଟଣାରେ ମା’ଙ୍କ ଭସାଣି ଶୋଭାଯାତ୍ରା (ବାମ) । ସେରଗଡ଼ରେ ଆୟୋଜିତ ମା’ଙ୍କ ଭସାଣି ।

## ସଂକ୍ଷେପରେ

### ଆଶାକର୍ମୀଙ୍କୁ ଡାକ୍ତରଙ୍କ ଚପଲ ମାଡ଼ ଅଭିଯୋଗ

ଖଡିଆଳ,୨୧।୧୦(ଡି.ଏନ.ଏ.)

ଜଣେ ଗର୍ଭବତୀ ମହିଳାଙ୍କ ପ୍ରସବ କରାଇବା ପାଇଁ ଡାକ୍ତରଖାନା ନେଇ ଆସିଥିବା ଆଶାକର୍ମୀଙ୍କୁ ଡାକ୍ତର ଚପଲରେ ମାଡ ମାରିବା ସହ ଧମକ ଦେବା ଏକ ସଙ୍ଗିନ ଅଭିଯୋଗ ହୋଇଛି । ଏ ନେଇ ଆଶାକର୍ମୀ ଜଣକ ଜିଲା ମୁଖ୍ୟଚିକିତ୍ସା ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇଛନ୍ତି । ଅନ୍ୟପକ୍ଷେ ଉକ୍ତ ଘଟଣାର ପ୍ରତିବାଦ କରି ଆଶା କର୍ମଚାରୀ ସଂଘ ପକ୍ଷରୁ ସୋମବାର ଖଡିଆଳଠାରେ ଜରୁରୀ ବୈଠକ କରି ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ଚେତାବନୀ ଦିଆଯାଇଛି । ସୂଚନା ଅନୁସାରେ ସିନାପାଲି ବ୍ଲକ ଝାରବନ୍ଧ ପଞ୍ଚାୟତ ଅଧୀନସ୍ଥ ତିଲେଇମାଲ ଗାଁର ଆଶାକର୍ମୀ ମୋହନୀ ତେଜି ଗତ ୧୮ ତାରିଖ ସନ୍ଧ୍ୟାରେ ଜଣେ ଗର୍ଭବତୀ ମହିଳାଙ୍କୁ ପ୍ରସବ କରାଇବା ପାଇଁ ଖଡିଆଳ ସରକାରୀ ଡାକ୍ତରଖାନାକୁ ଆଣିଥିଲେ । ସେଠାରେ ଡାକ୍ତର ପ୍ରସବ କରାଇବା ପାଇଁ ଚିକିତ୍ସା ମଧ ଆରମ୍ଭ କଲେ ଏବଂ ଆଜି ନୁହେଁ ଆସନ୍ତାକାଲି ପ୍ରସବ ହେବ ବୋଲି କହି ସମ୍ପୃକ୍ତା ଗର୍ଭବତୀଙ୍କୁ ଆଡମିଟ କରିଥିଲେ । ପ୍ରସବରେ ବିଳମ୍ବ ହେବାରୁ ଆଶା କର୍ମୀ ଡାକ୍ତରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଏଥିରେ ଡାକ୍ତର ହଠାତ୍ ରାଗି ଯାଇ ହାତରେ ଚପଲ ଧରି ଆଶା କର୍ମୀଙ୍କୁ ମାଡ ମାରିବି କହି ଅସଭ୍ୟ ଭାଷାରେ ଗାଳିଗୋଲଜ କରିଥିବା ଅଭିଯୋଗ ହୋଇଛି । ଆଶା କର୍ମୀ ଜଣକ ଭୟଭିତ ହୋଇ କାନ୍ଦି ପକାଇ ଆଶା କର୍ମଚାରୀ ସଂଘ ଦୃଷ୍ଟି ଆକର୍ଷଣ କରିଥିଲେ । ଏ ନେଇ ଡାକ୍ତରଙ୍କ ପ୍ରତିକ୍ରିୟା ପାଇଁ ଚେଷ୍ଟା କରିଥିଲେ ହେଁ ସମ୍ଭବ ହୋଇପାରି ନ ଥିଲା।

# ନୂଆପଡ଼ାରେ ପୋଲିସର ଶହୀଦ ଦିବସ





ଶହୀଦଙ୍କ ପ୍ରତିମୂର୍ତ୍ତିରେ ଅତିଥିମାନେ ଫୁଲତୋଡା ଦେଇ ଶ୍ରଦ୍ଧାଞ୍ଜଳି ଜଣାଉଛନ୍ତି (ବାମ) । ଶହୀଦ ପରିବାର ଲୋକ ଏସପିଙ୍କୁ ଭେଟି ଗୁହାରି କରୁଛନ୍ତି ।

- ଶହୀଦଙ୍କୁ ଶ୍ରଦ୍ଧାସୁମନ ଜଣାଇଲେ ପରିବାର ଲୋକ
- କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ
- ଶହୀଦଙ୍କ ପରିବାର ଏସପିଙ୍କୁ ଭେଟିଲେ

ନୂଆପଡା ଅଫିସ,୨୧।୧୦

ସ୍ଥାନୀୟ ଜିଲା ପୋଲିସ ପଡିଆରେ ନୂଆପଡା ପୋଲିସ ତରଫରୁ ପୋଲିସ ଶହୀଦ ଦିବସ ରବିବାର ପାଳିତ ହୋଇଯାଇଛି । ଏଥିରେ ଶହୀଦମାନଙ୍କ ପ୍ରତିମୂର୍ତ୍ତିରେ ପରିବାର ଲୋକ ଫୁଲ ଚନ୍ଦନ ଦେଇ ଶ୍ରଦ୍ଧାଞ୍ଜଳୀ ଜଣାଇଥିବାବେଳେ ଏହି ଉପଲକ୍ଷେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗୀତା କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ସକାଳ ୮ଟାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏସପି ସ୍ମିତ ପରମାର ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଏସଡିପିଓ ବିଦ୍ୟୁତ୍ ଚନ୍ଦ୍ର ପଣ୍ଡା ସଭାପତିତ୍ୱ କରିଥିଲେ। ଏହି ଅବସରରେ ଜିଲା ପୋଲିସ ତରଫରୁ ଏସପିଙ୍କୁ ପରେଡରେ ଅଭିବାଦନ ଦିଆଯାଇଥିଲା। ଏହାକୁ ରିଜର୍ଭ ଇନ୍ସପେକ୍ଟର ପଙ୍କଜ ନାଏକ ପରିଚାଳନା କରିଥିବା ବେଳେ ଏସପି ପୋଲିସ ଉଦ୍ଦେଶ୍ୟରେ ରାଜ୍ୟପାଳଙ୍କ ତରଫରୁ ଦିଆଯାଇଥିବା ବାର୍ତ୍ତାକୁ ପାଠ କରିବା ସହ ଆଜି ପର୍ଯ୍ୟନ୍ତ ଜଲା, ରାଜ୍ୟ ତଥା ଜାତୀୟସ୍ତରରେ ଶହୀଦ ହୋଇଥିବା ପୋଲିସ, ଯବାନମାନଙ୍କ ସ୍ମୃତି ଚାରଣ କରିଥିଲେ । ଏହି ଅବସରରେ ଆୟୋଜିତ ବକ୍ତୃତା ପ୍ରତିଯୋଗୀତାର ବରିଷ୍ଠ ବିଭାଗରେ ଆଦ୍ୟାଶା ପ୍ରିୟଦର୍ଶୀନି ପ୍ରଥମ, ମୀନା ରଣା ଦ୍ୱିତୀୟ ଏବଂ ରେଶବ ଦଣ୍ଡସେନା ତୃତୀୟ ସ୍ଥାନ ଅଧିକାର କରିଥିବା ବେଳେ କନିଷ୍ଠ ବିଭାଗରେ ଦୀପକ ରଣା ପ୍ରଥମ, ଭାରତୀ ସାହୁ ଦ୍ୱିତୀୟ ଏବଂ ସୌମ୍ୟରଞ୍ଜନ ନାଏକ ତୃତୀୟ ସ୍ଥାନ ଅକ୍ତିଆର କରି ପୁରସ୍କୃତ ହୋଇଥିଲେ । ଶେଷରେ ଗତ ଦିନରେ ଜିଲା ପୋଲିସ ତରଫରୁ ଶହୀଦ ହୋଇଥିବା ଏଏସଆଇ କୃପାସିନ୍ଧୁ ମାଝି, କନଷ୍ଟେବଲ ପ୍ରକାଶ ରାଉତ, ସ୍ପେସାଲ ପୋଲିସ ଅଫିସର ଦେବେନ୍ଦ୍ର ଧରୁଆଙ୍କ ପ୍ରତିମୂର୍ତ୍ତିରେ ଅତିଥିମାନେ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଏଥିରେ ଶହୀଦ ପରିବାରବର୍ଗ ମଧ୍ୟ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ଏହି ଅବସରରେ ପରିବାର ତରଫରୁ ବିଭିନ୍ନ ସମସ୍ୟା ସମ୍ପର୍କରେ ଏସପିଙ୍କୁ ଭେଟି ଜଣାଇଥିଲେ । ଏସପି ସ୍ମିତ ପରମାର ଖୁବଶୀଘ୍ର ସବୁ ସମସ୍ୟା ଉପରେ ଦୃଷ୍ଟି ଦେଇ ସମାଧାନ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପୋଲିସ ଅତିରିକ୍ତ ଏସପି ସୁନୀଲ କୁମାର, ନୂଆପଡା ଥାନାଧିକାରୀ ବିବେକାନନ୍ଦ ମହନ୍ତ, ସବଇନ୍ସପେକ୍ଟର ପୂର୍ଣ୍ଣଚନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ।

# ସ୍ୱାଧୀନତା ସଂଗ୍ରାମୀ ରାମଜୀ ଯୋଷୀଙ୍କ ପରଲୋକ

ନୂଆପଡା ଅଫିସ,୨୧।୧୦



- ବିନୋବା ଶାନ୍ତି ପୁରସ୍କାର ବିଜେତା
- ଜଣେ ଭୂଦାନ ସଂଗ୍ରାମୀ

ପଶ୍ଚିମ ଓଡିଶାର ଜଣେ ପ୍ରମୁଖ ସର୍ବୋଦୟ ନେତା ତଥା ସ୍ୱାଧୀନତା ସଂଗ୍ରାମୀ ଏବଂ ବିଶିଷ୍ଟ ସାମାଜିକ କର୍ମୀ ରାମଜୀ ପ୍ରସାଦ ଯୋଷୀ ଆଉ ନାହାନ୍ତି । ନୂଆପଡା ଜିଲା ଭେଲାନିବାସୀ ୯୦ ବର୍ଷ ବୟସରେ ନିଜ ଗାଁରେ ମୃତ୍ୟୁ ଘଟିଛି । ଏହି ସମୟରେ ତାଙ୍କର ସମସ୍ତ ପୁତ୍ର, ପୁତ୍ରବଧୂ, ପରିଜନ ଉପସ୍ଥିତ ଥିଲେ । ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଛାତ୍ର ଜୀବନରେ ନିଷ୍ଠା ଓ ସାହସ ପ୍ରଦର୍ଶନ କରି ଦେଶ ଓ ଜନଭକ୍ତ ରୂପେ ନିଜକୁ ରଚନାତ୍ମକ ସ୍ୱାଧୀନତା ସଂଗ୍ରାମୀ ଭାବେ ପ୍ରତିଷ୍ଠିତ କରିଥିଲେ । ସେଥିପାଇଁ ପଶ୍ଚିମ ଓଡିଶା ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ସମିତି ତାଙ୍କୁ ୨୦୧୧ରେ ସମ୍ମାନପତ୍ର ଦେଇ ସମ୍ମାନିତ କରିଥିଲେ । ଦୁଃଖୀ ଓ ଦରିଦ୍ରଙ୍କ କଲ୍ୟାଣ ପାଇଁ ମାନବ ସେବାକୁ ମାଧବ ସେବା ମନେକରି ନିଜକୁ ସମାଜ ପାଇଁ ଉତ୍ସର୍ଗୀକୃତ କରିଥିବାରୁ ଜାତୀୟସ୍ତରରେ ଗାନ୍ଧୀ ସମାଗମରେ ବିନୋବା ସେବା ପ୍ରତିଷ୍ଠାନ ଭୁବନେଶ୍ୱର ତରଫରୁ ୨୦୧୨ରେ ଗାନ୍ଧୀ ବିନୋବା ଶାନ୍ତି ପୁରସ୍କାର ସମ୍ମାନ ପ୍ରଦାନ କରିଥିଲେ । ରାଜନୀତି କ୍ଷେତ୍ରରେ ଆରମ୍ଭରୁ ଜାତୀୟ କଂଗ୍ରେସ ଦଳରେ ରହି ଜନସେବାରେ ବ୍ରତୀ ରହିଥିଲେ । ଜୀବନଯାକ ଖଦି ପରିଧାନ କରି ଏହାର ପ୍ରଚାର ପ୍ରସାରରେ ମାତିଥିଲେ । ଅବିଭକ୍ତ କଳାହାଣ୍ଡି ଜିଲା କଂଗ୍ରେସ ସାଧାରଣ ସମ୍ପାଦକ, ନୂଆପଡା ଜିଲା ଉପସଭାପତି, କୋମନା ବ୍ଲକ କଂଗ୍ରେସ ସଭାପତି ଦାୟୀତ୍ୱରେ ରହିବା ସହ ବିଧାୟକ ଏବଂ ଏମ୍‌ପିଙ୍କ ପ୍ରତିନିଧି ଭାବରେ ରହି ଠିକ ଭାବେ ଦାୟିତ୍ୱ ତୁଲାଇଥିଲେ । ଭୂଦାନ-ଗ୍ରାମଦାନ ଆନ୍ଦୋଳନ ସମୟରେ କଳାହାଣ୍ଡି ଜିଲାର ନେତୃତ୍ୱ ନେଇ ଭୂମିହୀନମାନଙ୍କୁ ଜମିଦାନ କରିବାରେ ବିଶେଷ ଭୂମିକା ନେଇଥିଲେ। ସେହିଭଳି ଅନେକଗୁଡିଏ ପ୍ରମୁଖ ଦାୟୀତ୍ୱ ଯଥା କଳାହାଣ୍ଡି ଜିଲା ସର୍ବୋଦୟ ପରିଷଦ ସଭାପତି, ଜନକଲ୍ୟାଣ ପରିଷଦତ ସଭାପତି, କ୍ଷେତମଜଦୁର କିଷାନ ପରିଷଦ, ସେବା ସମାଜ ଭିନ୍ନକ୍ଷମ ଅନୁଷ୍ଠାନ, ସର୍ବୋଦୟ ସମାଜ, ହିନ୍ଦ ସ୍ୱରାଜ, ଗାନ୍ଧୀ-ବିନୋବା ସ୍ମୃତି କମିଟି ଆଦିର ସକ୍ରିୟ ସଦସ୍ୟ ରହି ଜନସେବାରେ ନିଜକୁ ଉତ୍ସର୍ଗୀକୃତ କରିଥିବା ପ୍ରକାଶ । ତାଙ୍କ ବିୟୋଗରେ ସାରା ଜିଲା ତଥା ପଶ୍ଚିମ ଓଡିଶାରେ ଏକ ଶୂନ୍ୟସ୍ଥାନ ରହିଗଲା ବୋଲି ସାଧାରଣରେ ଆଲୋଚନା ହେଉଛି ।

## ଫଟୋରେ ଖବର




ନୂଆପଡା ରାଜରାସ୍ତାରେ ଜିଲା ପୋଲିସ ତରଫରୁ ଦୁର୍ଗା ମେଢ ବିସର୍ଜନ ସକାଶେ ଶୋଭାଯାତାରେ ନିଆଯାଉଛି ।



ନୂଆପଡା ଜିଲା କୋମନା ବ୍ଲକର ସିମେଲପାଲି ଗାଁ ନିକଟରେ କୁଆଁରୀ ଯୁବତୀଙ୍କ ଦ୍ୱାରା ଡାଲଖାଇ ନୃତ୍ୟ ପରିବେଷଣ ହେଉଛି ।

# ଧନମାଳୀ ନାଗଙ୍କ ଶହୀଦ ଦିବସ ପାଳିତ

ସେରଗଡ଼,୨୧।୧୦(ଡି.ଏନ.ଏ.)

କଳାହାଣ୍ଡି ଜିଲା ନର୍ଲା ଥାନା ଅନ୍ତର୍ଗତ ଭାନପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ନର୍ଲା ପୋଲିସ ପ୍ରଶାସନ ପକ୍ଷରୁ ଧନମାଳୀ ନାଗଙ୍କ ଶହୀଦ୍ ଦିବସ ରବିବାର ପାଳିତ ହୋଇଯାଇଛି। ଶହୀଦ୍ ଧନମାଳୀ ୧୯୯୮ ଫେବୃୟାରୀରେ ରାୟଗଡା ଜିଲା ସେସ୍‌ଖାଲ ଥାନା ଅର୍ନ୍ତଗତ ଲାଡା ଗ୍ରାମରେ କାର୍ଯ୍ୟରତ ଥିବା ବେଳେ ମାଓବାଦୀଙ୍କ ଗୁଳିରେ ଶହୀଦ୍ ହୋଇଥିଲେ। ରବିବାର ତାଙ୍କ ଜନ୍ମମାଟି ଭାନପୁର ଗ୍ରାମରେ ଅଧ୍ୟୟନ କରିଥିବା ସ୍କୁଲରେ ଶହୀଦ ଦିବସ ପାଳିତ ହୋଇଯାଇଛି ।ଏଥିରେ କଳାହାଣ୍ଡି ଏସ୍.ପି. ବି. ଗଙ୍ଗାଧର ଅଧ୍ୟକ୍ଷତା କରିଥିବା ବେଳେ ନର୍ଲା ବିଡିଓ ବ୍ୟାସଦେବ ବେହେରା, ବ୍ଲକ ଅଧ୍ୟକ୍ଷା ମନୋରମା ମହାନ୍ତି, ଶହୀଦ୍ ନାଗଙ୍କ ସ୍ତ୍ରୀ ଯଶୋଦା ନାଗ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଏସ୍.ପି. ଶହୀଦ୍ ଧନମାଳୀଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ସହମତି ପ୍ରକାଶ କରିଥିଲେ ଏବଂ ଶହୀଦଙ୍କ ସ୍ତ୍ରୀ ଯଶୋଦାଙ୍କୁ ଉପଢୌକନ ପ୍ରଦାନ କରିଥିଲେ। ଶହୀଦ୍ ଧନମାଳୀଙ୍କ ତିନି ଝିଅ ମମତା, ବବିତା ଅନୁପମା ଏବଂ ଦୁଇ ପୁଅ ମିଥୁନ ଓ ରୋହିତ କଳାହାଣ୍ଡି ଏସ୍.ପି.ଙ୍କୁ ତାଙ୍କ ପରିବାରର ଜଣଙ୍କୁ ପୋଲିସ ବିଭାଗରେ ଚାକିରୀ ଯୋଗାଇ ଦେବା ପାଇଁ ଅନୁରୋଧ କରିଥିଲେ। ଉକ୍ତ ଦିବସରେ ବହୁ ମାନ୍ୟଗନ୍ୟ ବ୍ୟକ୍ତି, ସ୍ଥାନୀୟ ସରପଞ୍ଚ, ସ୍କୁଲ ଛାତ୍ରୀଛାତ୍ର, ଗ୍ରାମବାସୀ ଯୋଗଦାନ କରିଥିଲେ। ନର୍ଲା ଥାନା ଅଧିକାରୀ ରମଣୀ ରଞ୍ଜନ ଦଳେଇ ଧନ୍ୟବାଦ ଅର୍ପଣ କରିଥିଲେ।



ନର୍ଲା ଥାନା ଭାନପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଧନମାଳୀ ନାଗଙ୍କ ଶହୀଦ୍ ଦିବସରେ ଉପସ୍ଥିତ ଅତିଥି ।


GOVT. OF ODISHA
No.639-A

OFFICE OF THE SUPERINTENDING ENGINEER, EASTERN CIRCLE-II, CHANDIKHOLE

"e" Procurement Notice No. SEEC-II 05 of 2018-19

| | | | |
|---|---|---|---|
| 1 | Name of the works | 1 | Improvement to Road on Mahakalapada Chhapali Saline Embankment from RD 1100m. to 2350m. & 14500m. to 18500m. for the year 2018-19. |
| | | 2 | Improvement to Road on Badhi Badamohanpur Saline Embankment from RD 1200m. to 4500m. in Mahakalapada Block of Kendrapara District for the year 2018-19. |
| 2 | Total No. of Packages | : | 2 No. Individual Packages |
| 3 | Tender Cost | 1 | Rs.3,50,63,872.88 |
| | | 2 | Rs.1,98,35,682.03 |
| 4 | Bid Document Cost | : | Rs.10,000.00 (On-line payment) for each Package |
| 5 | Bid Security | 1 | Rs.3,50,700.00 (On-line payment) |
| | | 2 | Rs.1,98,400.00 (On-line payment) |
| 6 | Class of Contractor | 1 | 'A' Class & 'Special' Class Contractor |
| | | 2 | 'B' Class & 'A' Class Contractor |
| 7 | Period of Completion | 1 | 06 (Six) calendar months |
| | | 2 | 04 (Four) calendar months |
| 8. | Other details are as follows. | | |

| Procurement Officer | Bid Identification No. | Availability of Tender Online for bidding | | Date of Opening of Technical Bid (Cover-I) |
|---|---|---|---|---|
| | | From | To | |
| Superintending Engineer, Eastern Circle-II, Chandikhole | SEEC-II AUL 04 OF 2018-19<br>SEEC-II AUL 05 OF 2018-19 | 23.10.2018 at 10.00 hrs. | 06.11.2018 upto 17.00 hrs. | 08.11.2018 at 11.30 hrs. |

9. e-mail id : seec2chandikhole@gmail.com

Further detail conditions can be seen from the Govt. **website www.tendersorissa.gov.in**.

32322/11/0007/1819

**Sd./- Superintending Engineer, Eastern Circle-II, Chandikhole**

GOVERNMENT OF ODISHA
OFFICE OF THE EXECUTIVE ENGINEER
BARGARH (R&B) DIVISION, BARGARH
E-mail - eepwdbgh@gmail.com, Phone/Fax- 06646 - 234819

No.735-B

INVITATIONS FOR BIDS (I.F.B.)

e - Procurement Notice

Identificaiton No. IFB-EE PWD BGH No.29 of 2018-19

No. 6357 Dated 09.10.2018

1) The **Executive Engineer, Bargarh (R&B) Division, Bargarh** on behalf of Governor of Odisha invites **Percentage Rate** bid in Double Cover System in **ONLINE MODE** for the construction of **Building works** as detailed in the **Detailed Tender Call Notice (D.T.C.N)** from the eligible class of contractors.
2) No. of works :- **02 (Two) Nos.**
3) Cost of tender paper :- **Rs. 10,000/-**
4) Class of contractor :- **"B" & "A" Class**
5) Date & time of available in website & receipt of bids :- **11.00 hrs. of 26.10.2018 to 17.00 hrs. of 09.11.2018**
6) Date of opening of technical bid :- **13.11.2018 at 11.30 hrs.**
7) The bidders have to participate in ONLINE bidding only. Further details can be seen from the State Govt. Portal website **https://tendersodisha.gov.in**.
8) Any corrigendum / Addendum will be displayed in the website **https://tendersodisha.gov.in**.

**Sd./- (C.P. Gantayat)**
**Executive Engineer,**
**Bargarh (R&B) Division**

34039/11/0016/1819

GOVT. OF ODISHA
No.642-A

DEPARTMENT OF WATER RESOURCES

O/O THE CHIEF RESEARCH OFFICER,
HIRAKUD RESEARCH STATION, HIRAKUD

Bid Identification No. CROHRSHKD-02 / 2018-19

| | | |
|---|---|---|
| 01. | Name of work | Procurement of Los Angles Abrasion Testing Machine, Aggragate Impact Test Apparatus, Specific Gravity Test Apparatus (Pycnometer) & Laboratory California Bearing Ratio Test Apparatus (Motorized) for Hirakud Research Station, Hirakud for the year 2018-19 |
| 02. | No. of works | 1 No. |
| 03. | Bid Identification No. | HRSHKD-02/2018-19 |
| 04. | Tender cost | Rs. 227600.00 |
| 05. | Bid Security | 1% of quoted amount |
| 06. | Cost of tender paper | Rs. 2,000/- |
| 07. | Period of procurement | 30 days |
| 08. | Date & time of availability of bid documents in the website http://www.dowrodisha.gov.in | From Dt.29.10.2018 (10.00 AM) to Dt.12.11.2018 (5.00 PM) |
| 09. | Time for receipt of bids in the specified tender box in the O/o the Chief Research Officer, Hirakud Research Station, Hirakud | Upto 5 PM of Dt.12.11.2018 |
| 10. | Date & time of opening of tender | Dt.13.11.2018 at 11 AM |
| 11. | Name and address of the officer inviting bid | Chief Research Officer, Hirakud Research Station, Hirakud, Odisha- 768016 |

Further details can be seen from the State Govt. website **http://www.dowrorissa.gov.in**.

**Sd./- Chief Research Officer**
**Hirakud Research Station, Hirakud**

32244/11/0005/1819

No. 905-O

स्वच्छ भारत
एक कदम स्वच्छता की ओर

OFFICE OF THE EXECUTIVE ENGINEER, RWS&S DIVISION
VILL. AMBAGUDA, PO: J.S.CO. RAYAGADA-765 002.
e-mail id: eerwss_rgd@nic.in. eerwssrgd@gmail.com, Phone No: 8280408061

QUOTATION CALL NOTICE

No. 3682 Date. 4.10.2018

The Executive Engineer, RWSS Division, Rayagada on behalf of the Governor of Odisha, invites sealed quotation from eligible, experienced and registered contractors/ manufacturers/ general order suppliers having past experience in supplying, erecting, testing and commissioning of Pressure Filter for Piped Water Supply scheme to village Derigam of Padmapur Block in Rayagada District as per the enclosed schedule and following terms and conditions.

| Description of Works | Qty. | Unit | Rate in figure (Rs.) | Rate in words (Rs.) |
|---|---|---|---|---|
| Supply, erection, testing and commissioning of mid steel fabricated Pressure Filter having flow rate of 20m3/hr. with RCC foundation along with provision for Alum dosing arrangement, valves, air blower, with suitable inlet and outlet, backwash arrangements and required accessories and supply of all required materials, labour and T&P, Nuts & bolts etc complete at the site of the work: | 1 | Each | | |

1. The quotation should be supported with
a. EMD of 1% of the bid value in shape of NSC/ KVP/ POTD/ TDR of any schedule bank pledged in favor of the Executive Engineer, RWSS Division, Rayagada.
b. Xerox copies of PAN card and GSTIN form.
2. Quotation with NO. EMD/ part EMD and those received beyond schedule date and time as well as a conditional quotation shall be automatically rejected.
3. The bidder should enclose the attested copy/ original work order/ work done certificate from other organization where he has completed the works of same nature in all respect, as proof of experience.
4. Experience certificate, performance records of the bidder obtained from the competent authority not below the rank of Executive Engineer should be attached with the quotation without which the tender will be liable for rejection. Experience certificate is strictly mandatory.
5. The supplier should hand over guarantee card of the manufacturer.
6. An affidavit towards authentication of document must be attached with the Quotation.
7. After completion of installation, Testing and commissioning the agency should ensure that the post Turbidity limit of the treated water is within the permissible limit as per the manual.
8. The supplier shall provide all labor, materials, free of cost for running/ repair and maintenance of iron removal plants on call as and when required, for a period of one year from the date of handling over to the department.
9. 5% of the Basic Cost will be withheld as security deposit for a defect liability period of 12 months from the date of commission.
10. GST will be paid extra as applicable.
11. All the taxes like income tax labour cess, royalty, etc shall be deducted from the bill as prevailing rule.
12. The supplier shall provide all labor and materials free of cost for running/ repair and maintenance of iron removal plants on call as and when required, for a period of one year from the date of handing over to the department.
13. The work should be completed within two months from the date of issue of the work order.
14. The bidders are advised to inspect the sites and consult the A.E.E, RWSS Sub-Division, Chandikhol before submitting the quotation.
15. The last date of receipt of sealed quotation in the tender box at the Office of the Executive Engineer, RWS&S Division, Rayagada is 29.10.18 up to 5.00 PM and the quotation will be opened on 30.10.2018 in the presence of the tenders or their authorized representatives.
16. The authority reserves the right to reject any or all quotation or accept any quotation or distribute the work amongst the valid quotationers without assigning any reason thereof.

25007/11/0014/1819

**Executive Engineer, R.W.S&S Division, Rayagada**


## ବିଜୁ ମହିଳା ଜନତା ଦଳର ସମାବେଶ

# ନାରୀଶକ୍ତିର ବିକାଶ ହେଲେ ରାଜ୍ୟର ବିକାଶ ହେବ

ଜୁନାଗଡ,୨୧।୧୦(ଡି.ଏନ.ଏ./ସ୍ୱ.ପ୍ର.)

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ କୁଳିହାରୀଠାରେ ବିଜୁ ମହିଳା ଜନତା ଦଳର ମହିଳା ସମାବେଶ ଅନୁଷ୍ଠିତ ହୋଇଯାଇଛି। ସମାବେଶରେ ଜୁନାଗଡ ବିଧାୟକ କ୍ୟାପଟେନ୍ ଦିବ୍ୟ ଶଙ୍କର ମିଶ୍ର ଅତିଥି ଭାବେ ଯୋଗଦେଇ ନାରୀଶକ୍ତିର ବିକାଶ ହେଲେ ରାଜ୍ୟର ବିକାଶ ନିଶ୍ଚିତ। ନବୀନ ସରକାରଙ୍କ ସମୟରେ ମହିଳାମାନେ ଆଗକୁ ଆସିବା ସହ ସେମାନଙ୍କ ଆର୍ଥିକ ପ୍ରଗତିର ଉନ୍ନତୀ ହୋଇଛି ବୋଲି ବିଧାୟକ ମିଶ୍ର କହିଛନ୍ତି। କୁଳିହାରୀ ପଞ୍ଚାୟତ ସଭାନେତ୍ରୀ ରୀନା ପାଢିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜୁନାଗଡ ଏନ୍‌ଏସି ଅଧ୍ୟକ୍ଷା ବିଜୟା ଲକ୍ଷ୍ମୀ କନ୍ଦପାନ, ଜିଲା ସଭାନେତ୍ରୀ କଲ୍ୟାଣୀ ନାଏକ, ବ୍ଲକ ସଭାନେତ୍ରୀ ମନିଷା ସାହୁ, ସ୍ଥାନୀୟ ସମିତିସଭ୍ୟା ପୁଷ୍ପାଞ୍ଜଳୀ କର, କୁଳିହାରୀ ମା' ସର୍ବମଙ୍ଗଳା ସ୍ୱୟଂ ସହାୟକ ଗୋଷ୍ଠୀ ସଭାପତି ଉର୍ବସୀ ପ୍ରଧାନୀ, କୁନି ପୂଝାରୀ, ଦମୟନ୍ତୀ ଦଣ୍ଡସେନା, ଜୋସ୍ନା ପ୍ରଧାନୀ, କାନ୍ତାୟନୀ ଦଳପତି, ଦଇତା ତାଣ୍ଡି, ମମତା ଭାଟି, ରାଧା ବେହେରା, ସସ୍ମିତା ଲହଜଲ, ମମତା ପାତ୍ର, ସୁନିତା ବେହେରା, ରୋଦନା ରାଉତ, ଲକ୍ଷ୍ମୀ ବାଗ, ସୀତା ଶବର, ପଙ୍କଜିନୀ ଗୌଡ ପ୍ରମୁଖ ଯୋଗଦେଇ ନାରୀଶିକ୍ଷା, ନାରୀମାନଙ୍କୁ ରୋଜଗାରକ୍ଷମ କରିବା ନବୀନ ସରକାରଙ୍କ ମୂଳ ଲକ୍ଷ୍ୟ ବୋଲି କହିଥିଲେ। ଏହାସହ ଉଜ୍ଜଳା ଯୋଜନା, କଳାଧାନ ଫେରାଇ ଆଣିବା ଆଦି ପ୍ରସଙ୍ଗରେ କେନ୍ଦ୍ର ସରକାରଙ୍କୁ କଡାସମାଲୋଚନା କରିଥିଲେ। ହେମନ୍ତ ପ୍ରଧାନୀ ମଞ୍ଚ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଅଞ୍ଚଳର ବିଭିନ୍ନ ପଞ୍ଚାୟତରୁ ଶତାଧିକ ମହିଳାଙ୍କ ସମେତ ପୁରୁଷମାନେ ମଧ ଯୋଗଦେଇଥିଲେ।



ବ୍ଲକ ସଭାନେତ୍ରୀ ମନିଷା ସାହୁ ଉଦ୍‌ବୋଧନ ଦେଉଛନ୍ତି।

## ସଂକ୍ଷେପରେ

### ଗ୍ୟାସ୍ ବିତରକ ବିରୋଧରେ କର୍ମଚାରୀଙ୍କ ଆନ୍ଦୋଳନ ଧମକ, ବକ୍ସିସ ନୁହେଁ ବୋନସ ଦିଅ

**ରାଉରକେଲା ଅଫିସ,୨୧।୧୦**-ଆମ ସହର ଶ୍ରମିକ ସଂଘ ସହବନ୍ଧିତ ଘରୋଇ ଗ୍ୟାସ୍ ଡେଲିଭରି ବୟ୍ ଓ ମେକାନିକ ଆସୋସିଏଶସ ପକ୍ଷରୁ ରବିବାର ଉଦିତନଗର ନେତାଜୀ ସୁବାସ ପାର୍କଠାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସଭାପତି ମହେନ୍ଦ୍ର ବାଗ ଅଧକ୍ଷତା କରିଥିଲେ। ସମ୍ପାଦକ ସାମୁଏଲ ହରିପାଲ ସୂଚନା ପ୍ରଦାନ କରି କହିଥିଲେ, ଗତ ୧୫ ତାରିଖରେ ଜିଲା ଶ୍ରମ କାର୍ଯ୍ୟାଳୟରେ ଯେଉଁ ତ୍ରିପାକ୍ଷିକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିଲା, ତାହାକୁ ଗ୍ୟାସ ବିତରକ, ଏଜେନ୍ସି ଉଲ୍ଲଂଘନ କରିଛନ୍ତି। ଏକ୍ସଗ୍ରାସିଆ (ବୋନସ) ଦେବାକୁ ପ୍ରତିଶ୍ରୁତି ଦେଇଥିବା ଏଜେନ୍ସି ମାଲିକ ଗୋଷ୍ଠୀ ୧୬ ତାରିଖରେ ୨ ହଜାର ଟଙ୍କା ଲେଖାଏଁ ବକ୍ସିସ ଦେବାକୁ ନିଷ୍ପତ୍ତି ନେଇଥିବା ଜଣାଇବାରୁ ସଂଘ ସଦସ୍ୟ ତଥା କର୍ମଚାରୀ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଏହି ରାଶିକୁ କେହି ଗ୍ରହଣ ନ କରି ଚୁକ୍ତି ମୁତାବକ ୬ ହଜାର ଟଙ୍କା ବୋନସ ପାଇଁ ଅଡ଼ି ବସିଛନ୍ତି। ଏହା କରା ନ ଗଲେ ଆଗାମୀ ଦିନରେ ଆନ୍ଦୋଳନ ନିଶ୍ଚିତ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ମାଲିକ ଗୋଷ୍ଠୀଙ୍କ ଏପରି ଆଚରଣକୁ ସଂଗଠନ ପକ୍ଷରୁ ନିନ୍ଦା କରାଯାଇଛି। ଦିନତମାମ ପରିଶ୍ରମ କରି ଘରକୁ ଘର ବୁଲି ଗ୍ୟାସ୍ ସିଲିଣ୍ଡର ବିତରଣ କରୁଥିବା ତୃଣମୂଳ କର୍ମଚାରୀଙ୍କ ପ୍ରତି ମାଲିକଙ୍କ ଆଚରଣ ପରିବର୍ତ୍ତନ ହେବା ନିହାତି ଆବଶ୍ୟକ ବୋଲି ବୈଠକରେ ମତ ପ୍ରକାଶ ପାଇଥିଲା। ସାଧାରଣ ସମ୍ପାଦକ ରମେଶ ବଳ କହିଥିଲେ, କେନ୍ଦ୍ର ଓ ରାଜ୍ୟ ସରକାର ନିୟମାନୁସାରେ ଅସଂଗଠିତ କ୍ଷେତ୍ରରେ କାମ କରୁଥିବା ଶ୍ରମିକଙ୍କ କଲ୍ୟାଣ ପାଇଁ ନାନା ଯୋଜନା କରିଛନ୍ତି। ଏହା ସତ୍ତ୍ୱେ ଗ୍ୟାସ୍ ଏଜେନ୍ସି ମାଲିକଙ୍କ ଶୋଷଣ ସୀମା ଟପିଲାଣି। ନିୟମାନୁସାରେ ସମ୍ପୃକ୍ତ ଶ୍ରମିକଙ୍କୁ ସର୍ବନିମ୍ନ ୮.୩୩ ପ୍ରତିଶତ କିମ୍ବା ଗୋଟିଏ ମାସର ଦରମା ସମତୁଲ ବୋନସ ପ୍ରଦାନ କରାଯିବା ଉଚିତ। ଏପରି ନ କରି ନିରିହ କର୍ମଚାରୀଙ୍କୁ ଭୁଆଁବୁଲା ନୀତିକୁ ସେ ତୀବ୍ର ବିରୋଧ କରିଥିଲେ। ସଂଗଠନର ପୃଷ୍ଠପୋଷକ ବ୍ୟାସଦେବ ନାଥ କହିଥିଲେ, ଲକ୍ଷାଧିକ ଗ୍ରାହକଙ୍କୁ ଗ୍ୟାସ ସିଲିଣ୍ଡର ବିତରଣ କରୁଥିବା କର୍ମଚାରୀଙ୍କ ପ୍ରତି ମାଲିକ ଗୋଷ୍ଠୀଙ୍କ ମନୋଭାବ ବାସ୍ତବିକ ଦୁଃଖଦାୟକ। ସୁଚିନ୍ତିତ ଶୋଷଣାକୁ ସଂଗଠନ କେବେ ବରଦାସ୍ତ କରିବ ନାହିଁ। ଏନେଇ ଆବଶ୍ୟକ ପଡ଼ିଲେ ସିଲିଣ୍ଡର ବିତରଣ ବନ୍ଦ କରି ଦିଆଯିବ ବୋଲି ସେ ଚେତାବନୀ ଦେଇଛନ୍ତି। ତୁରନ୍ତ କର୍ମଚାରୀଙ୍କୁ ୬ହଜାର ଟଙ୍କା ଲେଖାଏଁ ବୋନସ ପ୍ରଦାନ ବ୍ୟବସ୍ଥା କରା ନ ଗଲେ ଆନ୍ଦୋଳନକୁ ବ୍ୟାପକ କରିବାକୁ ଏଥିରେ ନିଷ୍ପତ୍ତି ନିଆଯାଇଛି। ଏନେଇ ସୋମବାର ଜିଲା ଶ୍ରମ ଅଧିକାରୀଙ୍କୁ ଜଣାଇ ଦିଆଯିବ ବୋଲି କୁହାଯାଇଛି। ବୈଠକରେ ବିପିନ ବାରିକ, କାର୍ତ୍ତିକ ବାଗ, ପଞ୍ଚାନନ କାଲସାଇ, ବିପିନ ସୁନା, ଗୌତମ ନାଗ, ଅନ୍ତର୍ଯ୍ୟାମୀ ସୁନା, ଯୋଗେନ୍ଦ୍ର ତନ୍ତୀ, ଯୁଗଳ ବେହେରା, ବାବଲୁ ସିଂ, ଏସ୍.ସି. ବେହେରା, ଏ.କେ. ବେହେରା, କୃଷ୍ଣଚନ୍ଦ୍ର ରାଉତ, କୃଷ୍ଣ ନାୟକ, ରାମଲୁ ପାତ୍ର, ଦଶରଥ ପ୍ରଧା, କେ.ସି. ନାୟକ, ହରି ତିର୍କୀ ଓ ରାଜେଶ ତିର୍କୀ ପ୍ରମୁଖ ଉପସ୍ଥିତ ଥିଲେ।

■ ତାଳଚେର-ବିମଳାଗଡ଼ ରେଳପଥ ଦାବି ନେଇ ଶାଣିତ ହେଉଛି ସ୍ୱର

# ସଚେତନ ନାଗରିକ ମଞ୍ଚ ପକ୍ଷରୁ ଆଲୋଚନାଚକ୍ର

**ରାଉରକେଲା ଅଫିସ,୨୧।୧୦**

ରାଉରକେଲା ସଚେତନ ନାଗରିକ ମଞ୍ଚ ପକ୍ଷରୁ ବ୍ରାହ୍ମଣୀ ବଞ୍ଚାଅ ଓ ତାଳଚେର-ବିମଳାଗଡ଼ ରେଳପଥ ଦାବି ନେଇ ଭୁବନେଶ୍ୱର ୟୁନିଟ-୯ ଲୋହିଆ ଏକାଡେମୀ ପରିସରରେ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ମଞ୍ଚ ସଭାପତି ଡ. ଭାବଗ୍ରାହୀ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଆଲୋଚନାଚକ୍ରରେ ପୂର୍ବତନ ମନ୍ତ୍ରୀ ଶରତ କର, ଭାଗବତପ୍ରସାଦ ମହାନ୍ତି, ପଞ୍ଚାନନ କାନୁନଗୋ, ରାମକୃଷ୍ଣ ପଟ୍ଟନାୟକ, ପୂର୍ବତନ କେନ୍ଦ୍ର ଇସ୍ପାତ ମନ୍ତ୍ରୀ ବ୍ରଜ ତ୍ରିପାଠୀ, ପୂର୍ବତନ ଏମ୍‌ପି ନାରାୟଣ ସାହୁ ଓ ରବି ଦାସ ପ୍ରମୁଖ ଅତିଥି ରୂପେ ଯୋଗଦେଇଥିଲା। ଏହି ଅବସରରେ କୁହାଯାଇଥିଲା ଯେ ଦୀର୍ଘ ୫୦ ବର୍ଷ ପୂର୍ବେ ପାରାଦୀପକୁ ନଜରରେ ରଖି ତାଳଚେର-ବିମଳାଗଡ଼ ରେଳପଥ ପରିକଳ୍ପନା କରାଯାଇଥିଲା। ହେଲେ ଦୁଃଖ ଏବଂ ପରିତାପର ବିଷୟ ଯେ ଅର୍ଦ୍ଧଶତାବ୍ଦି ଅତିବାହିତ ହୋଇଯିବା ସତ୍ତ୍ୱେ ଆଜି ବି ଏହା ସ୍ୱପ୍ନରେ ରହିଛି। ଏନେଇ ବିଭିନ୍ନ ସମୟରେ ଦାବି, ଧାରଣା, ଆନ୍ଦୋଳନ ଓ ଆଲୋଚନାଚକ୍ର ନିଷ୍ଫଳ ହୋଇଛି।



ସଚେତନ ନାଗରିକ ମଞ୍ଚ ପକ୍ଷରୁ ଭୁବନେଶ୍ୱର ଲୋହିଆ ଏକାଡେମୀଠାରେ ଆୟୋଜିତ ଆଲୋଚନାଚକ୍ରକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

ଯାହା ଅତ୍ୟନ୍ତ ଚିନ୍ତାଜନକ ବୋଲି ଅତିଥି ମତ ପ୍ରକାଶ କରିଥିଲେ। ଉତ୍ଥାନ ଓ ବିକାଶ ନେଇ ଆଜି କେନ୍ଦ୍ର ଏବଂ ରାଜ୍ୟ ସରକାର ଡିଣ୍ଡିମ ପିଟୁଛନ୍ତି। ଏଣେ ଲୋକଙ୍କ ଅବସ୍ଥାରେ ସୁଧାର ଆସି ପାରୁନି। ଆଗାମୀ ଦିନରେ ପରିବର୍ତ୍ତନର ସ୍ୱର ଶାଣିତ ହେବ ବୋଲି ନାଗରିକ ମଞ୍ଚ ପକ୍ଷରୁ କୁହାଯାଇଥିଲା। ତାଳଚେର-ବିମଳାଗଡ଼ ସମେତ ବ୍ରାହ୍ମଣୀ ବଞ୍ଚାଅ ଆନ୍ଦୋଳନକୁ ଆହୁରି ତୀବ୍ର କରିବାକୁ ଏଥିରେ ମତ ପ୍ରକାଶ ପାଇଥିଲା। ସେହିପରି ବିଭିନ୍ନ ଜିଲାର ବ୍ରାହ୍ମଣୀ ଅବବାହିକାରେ ବସବାସ କରୁଥିବା ୨ କୋଟିରୁ ଉର୍ଦ୍ଧ୍ୱ ବାସିନ୍ଦା ଆଜି ପାନୀୟ ଜଳ ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। ଉତ୍କଟ ପ୍ରଦୂଷଣ ବ୍ରାହ୍ମଣୀ ଜଳକୁ ଆବୋରି ନେବାକୁ ବସିଥିବା ବେଳେ ସମ୍ପୃକ୍ତ ଅଞ୍ଚଳବାସୀ ଘୋର ଚିନ୍ତାରେ ପଡ଼ିଛନ୍ତି। ଏପରି ଅବସ୍ଥାରେ ଛତିଶଗଡ଼ ଓ ଝାଡ଼ଖଣ୍ଡ ସରକାରଙ୍କ ମନମାନି ପରିସ୍ଥିତିକୁ ଅଧିକ ଜଟିଳ କରିଛି। ମହାନଦୀ ପାଇଁ ସରକାର ଯେମିତି ତତ୍ପରତା ଦେଖାଉଛନ୍ତି ବ୍ରାହ୍ମଣୀ ପାଇଁ ସେଭଳି ଆଗ୍ରହ ପରିଲକ୍ଷିତ ହେଉ ନାହିଁ ବୋଲି ଅଭିଯୋଗ କରାଯାଇଥିଲା। ସୁନ୍ଦରଗଡ଼ ସମେତ ରଜ୍ୟର ୧୦ ଜିଲାର ଅଧିବାସୀ ଯେଉଁ ବ୍ରହ୍ମଣୀ ଜଳ ପାନ କରୁଛନ୍ତି ତାହା ବିଭିନ୍ନ ରୋଗବ୍ୟାଧି ସୃଷ୍ଟି କରୁଛି ବୋଲି ଏଥିରେ ଅଭିଯୋଗ କରାଯାଇଥିଲା। ଏନେଇ ସରକାରଙ୍କ ଅଣଦେଖା ମନୋଭାବ ଦିନେ ଭାୟାବହ ପରିସ୍ଥିତି ସୃଷ୍ଟି କରିବ ବୋଲି ଆଲୋଚନାରେ ମତ ପ୍ରକାଶ ପାଇଥିଲା। ଉଭୟ କେନ୍ଦ୍ର ଓ ରାଜ୍ୟ ସରଲାର ଭୋଟ ସର୍ବସ୍ୱ ରାଜନୀତିକୁ ନେଇ ତାଙ୍କ କାର୍ଯ୍ୟକ୍ରମ ସୀମିତ ରଖିଥିବା ବେଳେ ଜନଗଣଙ୍କ ସମସ୍ୟା ପ୍ରତି ଆଖି ବୁଜି ଦେଇଛନ୍ତି। ଏନେଇ ସାଧାରଣ ଲୋକ ସ୍ୱର ଉତ୍ତୋଳନ କରିବାକୁ ଅତିଥି ଆହ୍ୱାନ ଦେଇଥିଲେ। ଏଥିରେ ଅନୁଷ୍ଠାନର ସାଧାରଣ ସମ୍ପାଦକ ପି.ପି. ରାୟ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ପୀତବାସ ମିଶ୍ର ଅତିଥି ପରିଚୟ ପ୍ରଦାନ ଓ ଜଗବନ୍ଧୁ ଜେନା ଭିତ୍ତିପ୍ରବନ୍ଧ ପାଠ କରିଥିଲେ। ମୁଖପାତ୍ର ଜଟାଧାରୀ ମାଝି ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡ. ରାହାସବିହାରୀ ମହାପାତ୍ର, ଇଂ ଭରତଚନ୍ଦ୍ର ଦାସ, ଇଂ ଅଭୟ ଦାସ, ନିତ୍ୟାନନ୍ଦ ସେନଗୁପ୍ତା, ଗୋପବନ୍ଧୁ ମହାପାତ୍ର, ରାଜକୁମାର ଯାଦବ ଓ ଆଲୋକ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଆଗାମୀ ଦିନରେ ବ୍ୟାପକ ଜନଆନ୍ଦୋଳନ କରାଯିବ ବୋଲି ସାଧାରଣ ସମ୍ପାଦକ ରାୟ ଏକ ପ୍ରେସ୍ ବିବୃତିରେ ଜଣାଇଛନ୍ତି।

### ସେକ୍ଟର-୧ରେ ବନ୍ଧୁମିଳନ ଉତ୍ସବ

**ରାଉରକେଲା ଅଫିସ,୨୧।୧୦**

ସେକ୍ଟର-୧ ଏଫ୍ ବ୍ଲକରେ ୧୯୬୮ରୁ ବସବାସ କରୁଥିବା ପରିବାରଙ୍କୁ ନେଇ ରବିବାର ଏକ ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଛି। ଅଶୋକ ନାୟକଙ୍କ ସଂଯୋଜନାରେ ସ୍ଥାନୀୟ ପଡ଼ିଆରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ନାଗରିକ ତାରିଣୀ ଦାସ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ନିଜ ଅନୁଭୂତି ବର୍ଣ୍ଣନା କରିଥିଲେ। ଜୀବନ ଜୀବିକା ପାଇଁ ଅର୍ଥ, ଚାକିରି ଓ ଜଞ୍ଜାଳ ଭିତରେ ଅଣନିଃଶ୍ୱାସୀ ଜୀବନକୁ ରାହା ମିଳିବା ପରି ଅନୁଭବ କରିଥିଲେ ସମ୍ପୃକ୍ତ ପରିବାର ସଦସ୍ୟ। ଏହି ଅବସରରେ ପିଲାଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ନିହାର ପରିଜା, କୈଳାସ ମହାପାତ୍ର, ଆଲୋକ ପରିଡ଼ା, ଜିତେନ୍ଦ୍ର ବାରିକ, ରାଜୀବ ନାୟକ, ବିଷ୍ଣୁ ରଣା ଓ ବିକାଶ ପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନରେ ସକ୍ରିୟ ଅଂଶଗ୍ରହଣ କରିଥିଲେ।

### 'ଆଖି' ପକ୍ଷରୁ ସେବା କାର୍ଯ୍ୟ

**ରାଉରକେଲା ଅଫିସ,୨୧।୧୦**

ସାମାଜିକ ସଂଗଠନ ଆଖି ପକ୍ଷରୁ ରବିବାର ସେବା କରାଯାଇଛି। ସିଭିଲ ଟାଉନସିପ ଅଞ୍ଚଳରେ ୨୦ଟି ବୃକ୍ଷରୋପଣ କରାଯାଇଛି। ମହତାବ ରୋଡ୍ ଅଞ୍ଚଳରୁ ଜଣେ ମାନସିକ ଦିବ୍ୟାଙ୍ଗ ମହିଳାଙ୍କୁ ଠାବ କରି ତାଙ୍କୁ ନୂତନ ବସ୍ତ୍ର ଓ ଖାଦ୍ୟ ପ୍ରଦାନ କରାଯାଇଛି। ସମ୍ପୃକ୍ତ ମହିଳାଙ୍କ ନାମ ଇନ୍ଦିରା ବୋଲି ଜଣାପଡ଼ିଛି। ମାନସିକ ଅବସ୍ଥା ଭଲ ନ ଥିବାରୁ ମହିଳା ନିଜ ବିଷୟରେ ଠିକ୍ ସୂଚନା ଦେଇପାରୁ ନାହାନ୍ତି ବୋଲି ସଂଗଠନ ପକ୍ଷରୁ କୁହାଯାଇଛି।

# ମେଳଣ ଉତ୍ସବ ଫିକା, ପଡ଼ିଆରେ ହାତଗଣତି ମେଢ଼

**ରାଉରକେଲା ଅଫିସ,୨୧।୧୦**

କେନ୍ଦ୍ରୀୟ ପୂଜା କମିଟି (ସିପିସି) ରାଉରକେଲା ଦ୍ୱାରା ଆୟୋଜିତ ମେଳଣ ଉତ୍ସବ ରବିବାର ସନ୍ଧ୍ୟାରେ ସେକ୍ଟର-୧୩ ପଡ଼ିଆରେ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ରଘୁନାଥପାଲି ବିଧାୟକ ସୁବ୍ରତ ତରାଇ, ଉଦ୍‌ଘାଟକ ଭାବେ ଆରଡିଏ ଅଧକ୍ଷ ସାରଦା ନାୟକ, ସମ୍ମାନିତ ଅତିଥି ରୂପେ ଆର୍‌ଏସ୍‌ପି ସହରସେବା ପ୍ରଶାସକ ନିରୋଦ ସାମନ୍ତରାୟ ଯୋଗଦେଇଥିଲେ। ରାତି ୯ଟା ସୁଦ୍ଧା ମେଳଣ ପଡ଼ିଆରେ ମାତ୍ର ୪ଟି ମେଢ଼ ପହଞ୍ଚି ପାରିଥିଲା। ମେଳଣ ଉତ୍ସବ ଦେଖିବାକୁ ପଡ଼ିଆରେ ବେଶ୍ ଭିଡ଼ ଜମିଥିଲେ ମଧ୍ୟ କାହା ମନରେ ଉତ୍ସାହ ପରିଲକ୍ଷିତ ହୋଇ ନ ଥିଲା। କୁହାଯାଉଛି ଯେ ଗତ କିଛିବର୍ଷ ହେବ ମେଳଣ ପଡ଼ିଆକୁ ମେଢ଼ ଆସିବା କମିବାରେ ଲାଗିଛି। ଏ ନେଇ ପୂଜା କମିଟି ଉପରେ ସିପିସିର ନିୟନ୍ତ୍ରଣ ଅଭାବ ଥିବା ଆଲୋଚନା ହେଉଛି। ଏପରି ଅବସ୍ଥାରେ ପୂଜା ପରିଚାଳନା କରୁଥିବା ମନୋନୀତ ସିପିସି କର୍ମକର୍ତ୍ତାଙ୍କ ମନ ଫିକା ପଡ଼ିବା ନଜରକୁ ଆସିଥିଲା।



ସେଣ୍ଟ୍ରାଲ ପୂଜା କମିଟି ପକ୍ଷରୁ ସେକ୍ଟର-୧୩ ମେଳଣ ପଡ଼ିଆଠାରେ ଆୟୋଜିତ ଉତ୍ସବରେ ଭିଡ଼।

ଅପରପକ୍ଷେ ମେଳଣ ପଡ଼ିଆକୁ ନ ଆସି ବହୁ ସଂଖ୍ୟାରେ ମେଢ଼ ସିଧା ବାଲୁଘାଟ ନିକଟ ବିସର୍ଜନ ପୋଖରୀକୁ ଚାଲିଯିବା ଘଟଣା ମେଳଣ ଉତ୍ସବକୁ ଫିକା କରିଥିବା ଆଲୋଚନା ହେଉଛି। କେଉଁ କାରଣରୁ ମେଳଣ ପଡ଼ିଆକୁ ମୂର୍ତ୍ତି ଆସିଲାନି ସେ ନେଇ କାହା ପାଖରେ ସନ୍ତୋଷଜନକ ଉତ୍ତର ନାହିଁ। କେବଳ ଏତିକି ନୁହେଁ ସନ୍ଧ୍ୟା ପୂର୍ବରୁ ବିସର୍ଜନ ପୋଖରୀ ବାଲୁଘାଟକୁ ମୂର୍ତ୍ତି ଆସିବା ଆରମ୍ଭ ହୋଇଥିବା ବେଳେ ଏଠି ମଧ୍ୟ ସିପିସି କର୍ମକର୍ତ୍ତାଙ୍କ ଦେଖା ମିଳି ନ ଥିଲା। ଆବଶ୍ୟକ ସୁରକ୍ଷା ଅଭାବରୁ ଏକ ମୂର୍ତ୍ତିବାହୀ ଟ୍ରକ୍ ଜାତୀୟ ରାଜପଥ ନିକଟ ଉଚ୍ଚଶକ୍ତି ସମ୍ପନ୍ନ ବିଜୁଳି ତାର ସଂସ୍ପର୍ଶରେ ଆସିଯିବାରୁ ସେକ୍ଟର-୨୦ ଅଞ୍ଚଳର ଜଣେ ଯୁବକ ଗୁରୁତର ହୋଇଥିଲେ। ତାଙ୍କୁ ପ୍ରଥମେ ରାଉରକେଲା ସରକାରୀ ଡାକ୍ତରଖାନା (ଆର୍‌ଜିଏଚ୍) ଓ ପରେ ଇସ୍ପାତ ଜେନେରାଲ ହସ୍ପିଟାଲ (ଆଇଜିଏଚ୍) ସ୍ଥାନାନ୍ତର କରାଯାଇଥିବା ସୂଚନା ମିଳିଛି। ଏପରି ଅବ୍ୟବସ୍ଥା ଭିତରେ କେନ୍ଦ୍ରୀୟ ପୂଜା କମିଟି ଆୟୋଜିତ ମେଳଣ ଉତ୍ସବ ଶେଷ ହୋଇଛି। ଆଗାମୀ ଲକ୍ଷ୍ମୀ ଓ କାଳୀ ମେଳଣର ସଫଳତା ନେଇ ସନ୍ଦେହ ସୃଷ୍ଟି ହୋଇଛି। ପ୍ରତିବର୍ଷ ନିର୍ବାଚନ କରା ନ ଯାଇ ଚୟନ ପ୍ରକ୍ରିୟା ମାଧ୍ୟମରେ ସିପିସି କର୍ମକର୍ତ୍ତା ନିଯୁକ୍ତ କରାଯାଉଥିବାରୁ ଏହା ତାହାର ପ୍ରତିଫଳନ ବୋଲି କେତେକ ପୂଜା କମିଟି କର୍ମକର୍ତ୍ତା କହିଛନ୍ତି।

## ମୋ ରାଉରକେଲା

### ମୋ ବୃତ୍ତି, ବ୍ୟକ୍ତିଗତ ଜୀବନକୁ ପରିପୂର୍ଣ୍ଣ କରିଛି



ଅଧ୍ୟାପିକା ଶୁଭ୍ରା ନାୟକ।

ଇସ୍ପାତ ସହର ରାଉରକେଲା କ୍ଷୁଦ୍ର ଭାରତ କହିଲେ ଭୁଲ୍ ହେବ ନାହିଁ। ଏ ସହର ମହାଭାରତୀୟ ସଂସ୍କୃତିର ପ୍ରାଣକେନ୍ଦ୍ର। ରାଉରକେଲା ମୋ ବୃତ୍ତି ଓ ବ୍ରତର ଆଦ୍ୟଭୂମି। ଜଳଦାସ୍ଥିତ ପ୍ରିୟଦର୍ଶିନୀ ମହିଳା ମହାବିଦ୍ୟାଳୟର ଶିକ୍ଷା ବିଭାଗରେ ମୁଁ ବିଭାଗୀୟ ମୁଖ୍ୟ ଭାବେ କାର୍ଯ୍ୟ ତୁଲାଇବାର ସୌଭାଗ୍ୟ ପାଇଛି। ରାଉରକେଲା ଏକ ପରିପୂର୍ଣ୍ଣ ଭୂଖଣ୍ଡ। ଭିନ୍ନ ଜାତି, ବର୍ଣ୍ଣ, ଧର୍ମ, ଭାଷା, ସମ୍ପ୍ରଦାୟର ଲୋକେ ଏଠି ଶାନ୍ତିପୂର୍ଣ୍ଣ ବସବାସ କରୁଛନ୍ତି। ଏ ସହର ଭାଇଚାରାର ସହର। ପ୍ରାୟ ତିନି ଦଶନ୍ଧିର ଅଧ୍ୟାପନା ବୃତ୍ତି ଓ ବ୍ୟକ୍ତିଗତ ଜୀବନକୁ ରାଉରକେଲା ବହୁ ଭାବରେ ପରିପୂର୍ଣ୍ଣ କରିଛି। ରାଉରକେଲାର ସାମାଜିକ, ଶୈକ୍ଷିକ ଓ ସାଂସ୍କୃତିକ ଜୀବନଯାତ୍ରା ଅନନ୍ୟ। ଶିଳ୍ପ ଓ ଇସ୍ପାତର କଠିନ ଆବରଣ ତଳେ ରାଉରକେଲା ଏକ ପୁଷ୍ପିତ ସହର। ମୁଁ ଓ ମୋ ପରିବାରର ସମସ୍ତଙ୍କ ପାଇଁ ରାଉରକେଲାର ଆକର୍ଷଣ ଅନନ୍ୟ। ମୋର ଦୁଇ ଯମଜ କନ୍ୟା ଶକ୍ତିସମ୍ପନା ଓ ଶକ୍ତିସ୍ୱରୂପା ମଧ୍ୟ ରାଉରକେଲାର ମୋହରେ ପଡ଼ିଯାଇଛନ୍ତି। ଏ ସହରକୁ ଯିଏ ଥରେ ଆସିଛି ସେ ଫେରିବାର ବାଟ ଭୁଲିଛି।

ଅଦାଲତ ନିର୍ଦ୍ଦେଶ ପରେ ବୃଦ୍ଧାଙ୍କୁ ମିଳିଛି ରାହା

# ଭରଣପୋଷଣ ବନ୍ଦ ନେଇ ବୋହୂପୁଅଙ୍କ ଚକ୍ରାନ୍ତ

**ରାଉରକେଲା ଅଫିସ,୨୧।୧୦**



ଶଶୀ ମାଝି।

ସେକ୍ଟର-୫ କବିସମ୍ରାଟପାଲି ବସ୍ତିରେ ରୁହନ୍ତୁ ବୃଦ୍ଧା ଶଶୀ ମାଝି (୬୫)। ୨୦୦୯ରେ ସ୍ୱାମୀ ଭାଗୀରଥିଙ୍କ ଦେହାନ୍ତ ହୋଇଥିଲା। ଭାଗୀରଥି ବଞ୍ଚିଥିବା ବେଳେ ୩ ଝିଅଙ୍କ ବିବାହ ହୋଇସାରିଥିଲା। ପୋଲିସ ଚାକିରି କରୁଥିବା ପୁଅଙ୍କ ବିବାହ ୨୦୧୧ରେ କରିଥିଲେ ଶଶୀ। ବିବାହ ପରେ ଅତି ଆଦରରେ ବୋହୂ ଓ ପୁଅଙ୍କୁ ପାଖରେ ରଖିଥିଲେ ସେ। ଶଶୀଙ୍କ ନାଁରେ ଭାଗୀରଥି ଜମା ରଖିଥିବା ୭ ଲକ୍ଷ ଟଙ୍କାକୁ ବୋହୂପୁଅ ସମୟକ୍ରମେ ହାତେଇ ନେଲେ। ଏହି ଅର୍ଥ ବଦଳରେ ନିଜ ନାଁରେ ଜମି କିଣିଲେ। ପରେ ଶଶୀଙ୍କୁ ଅଣଦେଖା କରିବା ଆରମ୍ଭ କଲେ। ଛୋଟ କଥାରେ ଅତ୍ୟାଚାର ସାଙ୍ଗକୁ ମାଡ଼ ମାରିଲେ। ତାଙ୍କୁ ଭଲରେ ଖାଇବାକୁ ଦିଆଗଲା ନାହିଁ। ଛିଣ୍ଡା ଲୁଗା ପିନ୍ଧି ବାହାରେ ବୁଲିଲେ ଶଶୀ। ଘରୁ ବିଦା କରିଦେବାକୁ ଅନେକ ଥର ପଦକ୍ଷେପ ନେଲେ ପୁଅବୋହୂ। ଏ ନେଇ ଶଶୀ ଝିଅମାନଙ୍କୁ ଖବର ଦେଲେ। ଥାନାରେ ଗୁହାରି କଲେ। ହେଲେ ତାଙ୍କ ପାଇଁ ସବୁ କିଛି ନିଷ୍ଫଳ ହେଲା। ଶେଷରେ ଗତ ସେପ୍ଟେମ୍ବରରେ ଅଦାଲତର ଆଶ୍ରୟ ନେଲେ ଶଶୀ। ପାନପୋଷ ଏସ୍‌ଡିଜେଏମ୍ ମାମଲାର ବିଚାର କରି ଭରଣପୋଷଣ ବାବଦକୁ ପ୍ରତି ମାସରେ ୭ ହଜାର ଟଙ୍କା ଶଶୀଙ୍କୁ ଦେବାକୁ ନିର୍ଦ୍ଦେଶ ଦେଲେ। ଏପରି ଅବସ୍ଥାରେ ଶଶୀ ଗଣମାଧ୍ୟମକୁ ନିଜ ପ୍ରତିକ୍ରିୟାରେ କହିଛନ୍ତି ଯେ ଅଦାଲତ ନିର୍ଦ୍ଦେଶ ପରେ ପ୍ରତିକ୍ରିୟାଶୀଳ ବୋହୂପୁଅ ମୋତେ ମାରିଦେବାକୁ ଷଡ଼ଯନ୍ତ୍ର କରିଛନ୍ତି। ମୋ ଘରୁ ବିଜୁଳି କାଟି ହଇରାଣ କରୁଛନ୍ତି। ଗ୍ୟାସ ସିଲିଣ୍ଡର ବାହାରେ ଫିଙ୍ଗି ଦେଉଛନ୍ତି। ଘରୁ ତଡ଼ିଦେବାକୁ ଯୋଜନା କରୁଛନ୍ତି। ଝିଅ ଜ୍ୱାଇଁ ମୋତେ ସହଯୋଗ କରୁଥିବାରୁ ସେମାନଙ୍କ ନାମରେ ମିଛ ମାମଲା ଦେଇ ଡରାଯାଉଛି। ୭ହଜାର ଟଙ୍କା ଭରଣପୋଷଣ ବନ୍ଦ କରିଦେବା ଉଦ୍ଦେଶ୍ୟରେ ନାନା ମନ୍ଦବୁଦ୍ଧି ପ୍ରୟୋଗ କରୁଛନ୍ତି। ମୋ ଜୀବନ ପ୍ରତି ବିପଦ ରହିଛି। ଏଣୁ ବାଧ୍ୟ ହୋଇ ଗଣମାଧ୍ୟମ ଦୃଷ୍ଟିକୁ ଆଣିଲି ବୋଲି ଶଶୀ କହିଛନ୍ତି।

■ ସମସ୍ତଙ୍କ ପାଇଁ ଶିକ୍ଷା ଶୀର୍ଷକ ଆଲୋଚନାଚକ୍ର

# ବାସ୍ତବଧର୍ମୀ ଶିକ୍ଷା ପ୍ରତିଫଳିତ ହୋଇ ପାରୁନି

**ରାଉରକେଲା ଅଫିସ,୨୧।୧୦**

ଆନୁଷ୍ଠାନିକ ଚୌହଦୀ ମଧ୍ୟରେ ପ୍ରଦାନ କରାଯାଉଥିବା ଶିକ୍ଷା କେବଳ ଜ୍ଞାନାରୋହଣର ମାର୍ଗ ନୁହେଁ ବରଂ ଏହାର ଅର୍ଥ ବ୍ୟାପକ ଓ ଆଲୋଚନା ସାପେକ୍ଷ। ଶିକ୍ଷା ହେଉଛି ଜୀବନ ବ୍ୟାପୀ ଏକ ପ୍ରକ୍ରିୟା। ଏହାର ସୀମା ସରହଦକୁ ମପାଯାଇ ପାରିବ ନାହିଁ। ତେବେ ନିଯୁକ୍ତି କୈନ୍ଦ୍ରିକ ବା ରୋଜଗାର ସର୍ବସ୍ୱ ଶିକ୍ଷାକୁ କେବେ ବ୍ୟାପକ ଅର୍ଥରେ ଗ୍ରହଣ କରାଯାଇ ପାରିବ ନାହିଁ ବୋଲି ରବିବାର ଛେଣ୍ଡ ରିମ୍‌ସଠାରେ କିଟ୍ ଓ କିସ୍ ଦ୍ୱାରା ଆୟୋଜିତ ଏଜୁକେଶନ ଫର୍ ଅଲ୍ ବା ସମସ୍ତଙ୍କ ପାଇଁ ଶିକ୍ଷା ଶୀର୍ଷକ ଆଲୋଚନାଚକ୍ରରେ ଯୋଗଦେଇ ଅତିଥିମାନେ ମତ ପ୍ରକାଶ କରିଥିଲେ। କିଟ୍‌ର ପ୍ଲାନିଂ ଡାଇରେକ୍ଟର ଡ. ମିହିରରଞ୍ଜନ ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଆଲୋଚନାଚକ୍ରରେ ରିମ୍‌ସ ଅଧ୍ୟକ୍ଷ ପ୍ରଫେସର ଶଙ୍କର ତ୍ରିପାଠୀ, ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ମହେନ୍ଦ୍ର ପଟ୍ଟନାୟକ, ଇଂ ଜତୀନ ନାୟକ ଓ ପ୍ରଫେସର ପ୍ରଭାତ ମଲ୍ଲିକ ଅତିଥି ରୂପେ ଯୋଗଦେଇ ସମସ୍ତଙ୍କ ପାଇଁ ମୂଲ୍ୟବୋଧଭିତ୍ତିକ ଶିକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। ଦେଶ ଓ ଜାତିର ବିକାଶ ପାଇଁ ଶିକ୍ଷା ଅପରିହାର୍ଯ୍ୟ। ଯେଉଁ ରାଜ୍ୟ ବା ଦେଶ ଯେତେ ଶିକ୍ଷିତ ତାହା ସେତିକି ପ୍ରଗତିଶୀଳ। ତେବେ ମୂଲ୍ୟବୋଧଭିତ୍ତିକ ଶିକ୍ଷା ସର୍ବଦା ଉତ୍ତମ ନାଗରିକ ସୃଷ୍ଟି କରିଥାଏ। ଏଥିପାଇଁ ଶୈକ୍ଷିକ ପରିବେଷ୍ଟନୀ ଆବଶ୍ୟକ। ଉତ୍ତମ ମାର୍ଗଦର୍ଶକ ଓ ପ୍ରେରଣାଦାୟୀ ଶିକ୍ଷକଙ୍କ ପ୍ରୋତ୍ସାହନ ଲୋଡ଼ା। ଉପଯୁକ୍ତ ଶିକ୍ଷାପ୍ରାପ୍ତି ନିମନ୍ତେ କେବଳ ବେସରକାରୀ ବିଦ୍ୟାଳୟ ହିଁ ମାଧ୍ୟମ ଏପରି ବିଚାର କରାଯିବା ଅନୁଚିତ। ଆଜି ସମାଜରେ ଅନେକ ପ୍ରତିଷ୍ଠିତ ବ୍ୟକ୍ତି ଅଛନ୍ତି ଯେଉଁମାନେ ଦିନେ ସରକାରୀ ବିଦ୍ୟାଳୟରୁ ଶିକ୍ଷା ଗ୍ରହଣ କରିଥିଲେ। ତେବେ ପରିବର୍ତ୍ତିତ ପରିସ୍ଥିତିରେ ଶିକ୍ଷାର ସ୍ୱରୂପ ବଦଳିଛି। ଚାକିରି ବା ନିଯୁକ୍ତି ସର୍ବସ୍ୱ ଶିକ୍ଷା ପଛରେ ସବୁ ବର୍ଗର ଲୋକେ ପ୍ରତିଯୋଗିତା କରିପାରୁ ନାହାନ୍ତି। ଅନେକେ ପଛରେ ରହିଯାଉଛନ୍ତି ବୋଲି ଏଥିରେ ମତ ପ୍ରକାଶ ପାଇଥିଲା। ସରକାରଙ୍କ ଅଣଦେଖା ମନୋଭାବ ଓ ଗତାନୁଗତିକ ଚିନ୍ତାଧାରାରୁ ମୁକ୍ତ ହୋଇ ପାରୁନି ବ୍ୟବସ୍ଥା। ଏନେଇ କୋମଳମତି ପିଲାଙ୍କୁ ଯେଉଁ ପରିବେଷ୍ଟନୀ ଆବଶ୍ୟକ ସେଥିରେ ଘୋର ଅଭାବ ରହୁଛି। ପିଲାଟି ଉପରେ ଯେମିତି ଏହା ବୋଝ ପାଲଟି ଯାଉଛି ସେଭଳି ପ୍ରତୀୟମାନ ହେଉଛି। ସରକାରଙ୍କ ମାଳ ମାଳ ଯୋଜନା ସତ୍ତ୍ୱେ ବାସ୍ତବଧର୍ମୀ ଶିକ୍ଷା ପ୍ରତିଫଳିତ ହୋଇ ପାରୁନି। ଏଣେ ବିଭିନ୍ନ କାରଣରୁ ଚିନ୍ତାରେ ରହୁଥିବା ଶିକ୍ଷକ ନିଜ ଦାୟିତ୍ୱ ତୁଲାଇବାରେ କୁଣ୍ଠା ପ୍ରକାଶ କରୁଛି। ଏପରି ଅବସ୍ଥାରେ ଶିକ୍ଷା ପଠନ ପ୍ରତି ରହିଥିବା ମାନସିକତାରେ ସାମଗ୍ରିକ ବାଧା ଲାଗିରହିଛି ବୋଲି ଅତିଥି ମତ ପ୍ରକାଶ କରିଥିଲେ। ସାମ୍ପ୍ରତିକ ଶିକ୍ଷା ବ୍ୟବସ୍ଥାରୁ ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ର ପରବର୍ତ୍ତୀ ଅବସ୍ଥାରେ ନିରାଶାକୁ ବୋଝ କରି ବାଟ ଚାଲିବାକୁ ବାଧ୍ୟ ହେଉଛନ୍ତି। ଗୁଣାତ୍ମକ ଶିକ୍ଷା ପରିବର୍ତ୍ତେ ସାର୍ଟିଫିକେଟ ସର୍ବସ୍ୱ ହୋଇ ପଡୁଛି ବ୍ୟବସ୍ଥା। ଏନେଇ ଛାତ୍ର, ଅଭିଭାବକ ଓ ଶିକ୍ଷାଦାତା ସମାନ୍ତରାଳ ବାବେ ଧାଁ ଦଉଡ଼ରେ ମାତି ରହୁଛନ୍ତି। ଏମାନଙ୍କ ଅଧରୁ ଅତି ନଗଣ୍ୟ ସଂଖ୍ୟକ ବାସ୍ତବବାଦୀ ଚିନ୍ତାର ବାହକ ସାଜୁଥିବା ବେଳେ ଅନ୍ୟମାନେ କେବଳ ରୋଜଗାର ନିଶାରେ ଜୀବନବ୍ୟାପୀ ସଂଗ୍ରାମର ସମ୍ମୁଖୀନ ହେବାରେ ଲାଗିଛନ୍ତି। ଏହାର ଆମୂଳଚୂଳ ପରିବର୍ତ୍ତନ ନ ହେବା ଯାଏ ସୁନାଗରିକ, ସୁଶାସନ ଓ ସୁନ୍ଦର ବିଶ୍ୱ କଳ୍ପନା କରାଯାଇ ପାରିବ ନାହିଁ ବୋଲି ଏଥିରେ ମତ ପ୍ରକାଶ ପାଇଥିଲା। ମନ ଓ ଜ୍ଞାନ ଅନୁକୂଳ ଶିକ୍ଷା ପ୍ରଦାନ ପ୍ରତି ଗୁରୁତ୍ୱ ଦିଆଯାଉ। ଶିକ୍ଷା ପଠନ ବେଳେ ସେବା, ତ୍ୟାଗ, ପ୍ରତିବଦ୍ଧତା, ପରିବାର, ସମାଜ, ଦେଶ ଓ ଜାତି ପ୍ରତି ଅଙ୍ଗୀକାର ରହୁ। ଏନେଇ ସରକାରଙ୍କ ସକାରାତ୍ମକ ଦୃଷ୍ଟିଭଙ୍ଗୀ ରହିଲେ ସମସ୍ତଙ୍କ ପାଇଁ ଶିକ୍ଷା କାର୍ଯ୍ୟକ୍ରମ ସଫଳ ହେବ ବୋଲି ଆଲୋଚନାଚକ୍ରରେ ମତ ପ୍ରକାଶ ପାଇଥିଲା। ଶେଷରେ ଡ. ପ୍ରିୟବ୍ରତ ମହାପାତ୍ର ଧନ୍ୟବାଦ ପ୍ରଦାନ କରିଥିଲେ। ଏହି ଅବସରରେ ଅତିଥିଙ୍କୁ ଉପଢୌକନ ସହ ସମ୍ମାନିତ କରାଯାଇଥିଲା।



ଛେଣ୍ଡ ରିମ୍‌ସ ପରିସରରେ କିଟ୍ ଓ କିସ୍ ପକ୍ଷରୁ ଆୟୋଜିତ ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥି।



ସ୍ମୃତିପୀଠରେ ଏସ୍‌ପି ପୁଷ୍ପମାଲ୍ୟ ଅର୍ପଣ କରୁଛନ୍ତି।



ଜଣେ ଅତିଥି ଶହୀଦ ବଳରାମ ପ୍ରଧାନଙ୍କ ବାପା ମଣିରାମ ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।


ଶହୀଦ ଦୀପକସେନ ଭୋଇଙ୍କ ପ୍ରତିମୂର୍ତ୍ତିରେ ଆଇଆଇସି ପ୍ରତାପ ରଣା ପୁଷ୍ପମାଲ୍ୟ ଅର୍ପଣ କରୁଛନ୍ତି।

## ସଂକ୍ଷେପରେ

### କ୍ରିକେଟ ଟୁର୍ନାମେଣ୍ଟ: ମାଲିମୁଣ୍ଡା ଚାମ୍ପିୟନ

**କିର୍ମିରା,୨୧।୧୦(ଡି.ଏନ୍.ଏ.)**-ଝାରସୁଗୁଡ଼ା ବ୍ଲକ ଦୁର୍ଲଗା ପଞ୍ଚାୟତ ତାଲମାଲ ହାଇସ୍କୁଲ ପଡ଼ିଆରେ ଦ୍ୱିଦିବସୀୟ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଛି। ତାଲମାଲ ଓ ମାଲିମୁଣ୍ଡା ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ମାଲିମୁଣ୍ଡା ଚାମ୍ପିୟନ ହୋଇଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଶ୍ରୀଚରଣ କିଷାନ ଯୋଗଦେଇ ଉଭୟ ଦଳକୁ ପୁରସ୍କୃତ କରିଥିଲେ। ଦିଲୀପ ଗୁରୁ, ଋଷି ବୁଦୁଲା ମ୍ୟାଚ୍ ପରିଚାଳନା କରିଥିଲେ। ସଞ୍ଜୟ ବୁଦୁଲା, ଅଭିରାମ ମେହେର, ଚିନ୍ମୟ ବାଗ, ଚିରଞ୍ଜୀବ କିଷାନ, ଅତିସ ନାଏକ, ଲିଟିଲ ମେହେର ଏବଂ ତାଲମାଲ ମା' ସମଲେଶ୍ୱରୀ କ୍ରିକେଟ କ୍ଲବ ସଦସ୍ୟମାନେ ସହଯୋଗ କରିଥିଲେ।

### ବିକାଶମୂଳକ କାର୍ଯ୍ୟର ଶିଳାନ୍ୟାସ

**ଝାରସୁଗୁଡ଼ା ଅଫିସ,୨୧।୧୦**-ଝାରସୁଗୁଡ଼ା ଓଏମ୍‌ପିଠାରୁ ନୂତନ ଜିଲା ମୁଖ୍ୟ ଚିକିତ୍ସାଳୟ ପର୍ଯ୍ୟନ୍ତ ରାସ୍ତା ଏବଂ ପତ୍ରାପାଲି ଗୁଡ଼ିଗାଁ ରାସ୍ତାର ଉନ୍ନତୀକରଣ କାମର ଶିଳାନ୍ୟାସ କରାଯାଇଛି। ଝାରସୁଗୁଡ଼ା ବିଧାୟକ ନବକିଶୋର ଦାସ ରବିବାର ଏହି ଶିଳାନ୍ୟାସ କରିଥିଲେ। ୮ କୋଟିରୁ ଅଧିକ ଟଙ୍କା ବ୍ୟୟରେ ଏହି ଦୁଇଟି ପ୍ରକଳ୍ପ ନିର୍ମାଣ ହେବ। ଗୋଟିଏ ପ୍ରକଳ୍ପ ପାଇଁ ଜିଲା ଖଣିଜ ପାଣ୍ଠିରୁ ବ୍ୟୟବରାଦ ହୋଇଥିବା ବେଳେ ଅନ୍ୟଟି ରାଜ୍ୟ ପାଣ୍ଠିରୁ ହୋଇଛି। ଏହି ଶିଳାନ୍ୟାସ ଅବସରରେ କୋଲାବିରା ବ୍ଲକ ଅଧ୍ୟକ୍ଷା ଜୟନ୍ତୀ ବାହୁକ, ବୀର ମହାପାତ୍ର, ପ୍ରତାପ ନନ୍ଦ, ମଦନ ହାତୀ, ଗମନ ଗୁରୁଙ୍ଗ ପ୍ରମୁଖ ଉପସ୍ଥିତ ଥିଲେ।

### ଝରଣା ସାହିତ୍ୟ ଓ ସଂସ୍କୃତି ପରିଷଦର ମାସିକ ଆସର

**ଝାରସୁଗୁଡ଼ା ଅଫିସ,୨୧।୧୦**-ଝାଡ଼େଶ୍ୱର ମନ୍ଦିର ପରିସରରେ ରବିବାର ଝରଣା ସାହିତ୍ୟ ଓ ସଂସ୍କୃତି ପରିଷଦର ମାସିକ ସାହିତ୍ୟ ଆସର, ପୁସ୍ତକ ଉନ୍ମୋଚନ ଏବଂ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଛି। ବସନ୍ତ କୁମାର ରାଜଙ୍କ ପରିବାରର ଆୟୋଜନକ୍ରମେ ମାସିକ ସାହିତ୍ୟ ପତ୍ରିକା ଝରଣା ଏବଂ କବିତା ପୁସ୍ତକ ଆତ୍ମ ନିବେଦନ ଉନ୍ମୋଚନ ହୋଇଥିଲା। ସଭାପତି ରାଧାମୋହନ ପାଣ୍ଡେ, ପୂର୍ଣ୍ଣମାସୀ ଜାନୀ, ସମ୍ପାଦକ ନିକୁଞ୍ଜ ମିଶ୍ର, ପ୍ରେମସାଗର ଦିହିରିଆ, ଲଳିତ ମୋହନ ଦାଶ, ମଦନାନନ୍ଦ ସେଠ, ତପନ ବାରିକ, ହେମନ୍ତ ପଟେଲ, ଉପେନ୍ଦ୍ର ସରାଫ, ଭିକାରୀ ଚରଣ ଭୂୟାଁ, ଜୟପ୍ରକାଶ କୁଅଁର, ତୁଳସୀ ପ୍ରସାଦ ଦାଶ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

■ ପୋଲିସ ଶହୀଦ ସ୍ମୃତିଦିବସ ପାଳିତ

# ଶହୀଦ ପୋଲିସ କର୍ମଚାରୀଙ୍କୁ ଶ୍ରଦ୍ଧାଞ୍ଜଳି

**ଝାରସୁଗୁଡ଼ା ଅଫିସ,୨୧।୧୦**

ଝାରସୁଗୁଡ଼ା ଓଏମ୍‌ପିସ୍ଥିତ ଦ୍ୱିତୀୟ ବାଟାଲିଅନ୍ ପଡ଼ିଆରେ ୫୯ତମ ପୋଲିସ ଶହୀଦ ଦିବସ ପାଳିତ ହୋଇଛି। ଝାରସୁଗୁଡ଼ା ଏସ୍‌ପି ଅଶ୍ୱିନୀ କୁମାର ମହାନ୍ତି ପରେଡ୍‌ରେ ଅଭିବାଦନ ଗ୍ରହଣ କରିଥିଲେ। ଦେଶ ସେବାରେ ପ୍ରାଣବଳି ଦେଇଥିବା ଶହୀଦମାନଙ୍କ ଉଦ୍ଦେଶ୍ୟରେ ସେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ସ୍ମୃତିପୀଠରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହି ଅବସରରେ ଉଦ୍‌ବୋଧନ ଦେଇ ଏସ୍‌ପି ମହାନ୍ତି କହିଲେ, ଏହି ସ୍ମୃତିଦିବସ ୧୯୬୦ ମସିହାରୁ ପାଳନ ହୋଇଆସୁଛି। ଏଯାବତ ଦେଶର ବିଭିନ୍ନ ଆରକ୍ଷୀ ବିଭାଗରେ ପ୍ରାୟ ୩୪,୫୦୦ କର୍ମଚାରୀ ଶହୀଦ ହୋଇ ଦେଶମାତୃକା ସେବାରେ ଜୀବନ ଉତ୍ସର୍ଗ କରିଛନ୍ତି। ବାଟାଲିୟନ କମାଣ୍ଡାଣ୍ଟ ଏମ୍‌ଡି. ଜାହିଦ୍ କହିଲେ, ଚଳିତବର୍ଷ ଭାରତବର୍ଷରେ ୪୧୪ ଜଣ କାର୍ଯ୍ୟରତ ପୋଲିସ ପ୍ରାଣବଳି ଦେଇଛନ୍ତି। ଭାରତବର୍ଷରେ ଶହୀଦ ହୋଇଥିବା ଯବାନଙ୍କର ନାମ ପାଠ କରିବା ସହ ଓଡ଼ିଶାର ଜଣେ ଶହୀଦ ହୋଇଥିବା ସେ ପ୍ରକାଶ କରିଥିଲେ। ଏହି ଅବସରରେ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଓ ପୋଲିସ ମହାନିର୍ଦ୍ଦେଶକଙ୍କ ବାର୍ତ୍ତା ପାଠ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲା ଜଜ୍ ଗୋପାଳ ଚନ୍ଦ୍ର ପଟ୍ଟନାୟକ ଯୋଗଦେଇ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଜିଲା ପୋଲିସ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

**ବ୍ରଜରାଜନଗର,(ଡି.ଏନ୍.ଏ.)**-ବ୍ରଜରାଜନଗର ଥାନା କୁଦୋପାଲି ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ୫୯ତମ ପୋଲିସ ଶହୀଦ ଦିବସ ପାଳନ କରାଯାଇଛି। ବ୍ରଜରାଜନଗର ଥାନା ଅଧିକାରୀ ବିଶ୍ୱାମିତ୍ର ହରିପାଲଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କୁଦୋପାଲି ଗ୍ରାମର ଶହୀଦ ବଳରାମ ପ୍ରଧାନଙ୍କ ବାପା ମଣିରାମ ପ୍ରଧାନ ମୁଖ୍ୟଅତିଥି, ଖବରଦାତା ଉପନଚରଣ ସାହୁ, ପଞ୍ଚାୟତର ସମିତିସଭ୍ୟା, ନାଏବ ସରପଞ୍ଚ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସାହିତ୍ୟିକ ବଳଦେବ ଦୀକ୍ଷିତ ସଭା ପରିଚାଳନା କରିବା ସହ ୨୦୧୦ରେ ପୋଲିସର ଗ୍ରୀନହଣ୍ଟ ଅପରେଶନ୍‌ରେ ଶହୀଦ ହୋଇଥିବା ବଳରାମ ପ୍ରଧାନଙ୍କ ସ୍ମୃତିଚାରଣ କରିଥିଲେ। ବାପା ଶହୀଦ ପୁଅଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ଦୃଶ୍ୟ ଉପସ୍ଥିତ ଶତାଧିକ ଲୋକଙ୍କ ଆଖିରେ ଲୁହ ଭରିଦେଇଥିଲା। ଶେଷରେ ଏସ୍‌ଆଇ ମନୀଷା ବାଗ ଧନ୍ୟବାଦ ଦେଇଥିଲେ।

**ଲଖନପୁର(ଡି.ଏନ୍.ଏ.)**-ଝାରସୁଗୁଡା ଜିଲା ରେଙ୍ଗାଲି ଥାନା ପୋଲିସ ପକ୍ଷରୁ ୧୯ଖଣ୍ଡ ମୌଜା ମୁରଲିପାଲି ହାଇସ୍କୁଲରେ ପ୍ରଧାନ ଶିକ୍ଷକ ନବୀନ ସାଙ୍କ ଅଧ୍ୟକ୍ଷତାରେ ରବିବାର ପୋଲିସ ଶହୀଦ ଦିବସ ପାଳିତ ହୋଇଛି। ଏଥିରେ ମୁଖ୍ୟଅତିଥି ଭାବେ ଚାରପାଲି ସରପଞ୍ଚ ପ୍ରଦୀପ ବିଶ୍ୱାଳ, ମୁଖ୍ୟବକ୍ତା ସମରବଗା ହାଇସ୍କୁଲ ଶିକ୍ଷକ ମଙ୍ଗଳ ପ୍ରସାଦ ସାହୁ, ସମ୍ମାନିତ ଅତିଥି ଭାବେ ଅର୍ଡା ହାଇସ୍କୁଲ ସଂସ୍କୃତ ଶିକ୍ଷକ ଜୟରାମ ସା, ବୀରେନ୍ଦ୍ର ଭୋଇ, ଝାରସୁଗୁଡ଼ା ଡିଆଇଇଟି ଭାଇସ ପ୍ରିନ୍ସିପାଲ ଗୋପୀନାଥ ସେଠ, କଣ୍ଢେଇକେଲା ଫାଣ୍ଡି ଅଧିକାରୀ ଋଷଭ ପଣ୍ଡା, ଚକାନନ୍ଦ ସା ପ୍ରମୁଖ ଯୋଗଦେଇଥିଲେ। ରେଙ୍ଗାଲି ଥାନା ଆଇଆଇସି ପ୍ରତାପ ରଣା ମଞ୍ଚ ପରିଚାଳନା କରିଥିଲେ। ୨୦୧୦ ମାର୍ଚ୍ଚ ୨୪ରେ ଗଜପତି ଜିଲା ପାରଳାଖେମୁଣ୍ଡି ଜଙ୍ଗଲରେ ଅପରେଶନ ଗ୍ରୀନ୍‌ହଣ୍ଟ ଚାଲିଥିବାବେଳେ ମାଓବାଦୀଙ୍କ ଗୁଳିରେ ସରେଇପାଲି ଗ୍ରାମର ଯବାନ ଦୀପକସେନ ଭୋଇ ଶହୀଦ ହୋଇଥିଲେ। ଶହୀଦ ଦୀପକସେନଙ୍କ ପ୍ରତିମୂର୍ତ୍ତିରେ ଆଇଆଇସି ରଣା ଓ ଅନ୍ୟ ଅତିଥିମାନେ ପୁଷ୍ପମାଲ୍ୟ ଅର୍ପଣ କରି ତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପରେ ଶହୀଦଙ୍କ ଉଦ୍ଦେଶ୍ୟରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଶହୀଦଙ୍କ ମାଆ ବିମଳା ଭୋଇ ଓ ବାପା ନରସିଂହ ଭୋଇ ଯୋଗଦେଇଥିଲେ। ସେମାନଙ୍କୁ ମଞ୍ଚରେ ସମ୍ମାନିତ କରାଯାଇଥିଲା। ଶହୀଦ ଦୀପକସେନ ମୁରଲିପାଲି ହାଇସ୍କୁଲରେ ପାଠ ପଢୁଥିଲେ। ଏହି ମହାନ ଛାତ୍ରଙ୍କ ସ୍ମୃତି ଉଦ୍ଦେଶ୍ୟରେ ପ୍ରତିବର୍ଷ ସ୍କୁଲରେ ପାଳନ ହୋଇଆସୁଛି ପୋଲିସ ଶହୀଦ ଦିବସ। ଏହି ଅବସରରେ ଛାତ୍ରୀଛାତ୍ରଙ୍କୁ ନେଇ ପ୍ରବନ୍ଧ, ତର୍କ ଆଦି ପ୍ରତିଯୋଗିତା କରାଯାଇଥିଲା। ତର୍କରେ ଯଜ୍ଞେଶ ପଶାୟତ ପ୍ରଥମ, ନନ୍ଦିନୀ ଭୋଇ ଦ୍ୱିତୀୟ ଓ ଲିଜା ବାରିକ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିଭଳି ପ୍ରବନ୍ଧ ପ୍ରତିଯୋଗିତାରେ ଲିଜା ବାରିକ ପ୍ରଥମ ଓ ଭାରତୀ ପ୍ରଧାନ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଆଇଆଇସି ରଣା ଧନ୍ୟବାଦ ଅର୍ପଣ କରିଥିଲେ।

**କିର୍ମିରା/ଲଇକେରା,(ଡି.ଏନ୍.ଏ.)**-ଲଇକେରା ଥାନା ପକ୍ଷରୁ ପୋଲିସ ଶହୀଦ ଦିବସ ଅବସରରେ ଶହୀଦ ଉମାକାନ୍ତ ନାୟକଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଛି। ଲଇକେରା ଥାନା ଅଧିକାରୀ ପ୍ରବୀର କେଶରୀ ତ୍ରିପାଠୀ, ସରପଞ୍ଚ ବୀଣାପାଣି ମାଝୀ, ବ୍ଲକ ଅଧ୍ୟକ୍ଷା ରୋଜାଲିନ ପଟେଲ ଶହୀଦଙ୍କ ଗ୍ରାମ ବାବୁଛିପିଡିହି ପଞ୍ଚାୟତ ରାମଛିପିଡିହିକୁ ଯାଇ ତାଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ସହ ସ୍ମୃତିଚାରଣ କରିଥିଲେ। ସୂଚନାଯୋଗ୍ୟ, ଉମାକାନ୍ତ ୨୦୧୦ ଏପ୍ରିଲ ୪ରେ ବୈପାରିଗୁଡ଼ାରେ ମାଓବାଦୀଙ୍କ ସହ ଲଢ଼େଇ କରି ଶହୀଦ ହୋଇଥିଲେ।

# ଦୁର୍ଗା ପୂଜା ସମ୍ପନ୍ନ, ୩ ମେଢ଼ ବିସର୍ଜିତ

**ବେଲପାହାଡ଼,୨୧।୧୦(ଡି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା ବେଲପାହାଡ଼ ସହରାଞ୍ଚଳରେ ଗତ ୧୫ରୁ ୧୯ ତାରିଖ ୫ଦିନ ଧରି ମହା ସମାରୋହରେ ଚାଲିଆସୁଥିବା ଶାରଦୀୟ ଦୁର୍ଗା ପୂଜା ଶାନ୍ତିଶୃଙ୍ଖଳାରେ ସମ୍ପନ୍ନ ହୋଇଛି। ଶୁକ୍ରବାର ପୂର୍ବାହ୍ନରେ ଗୁମାଡେରା ଏବଂ ଟିଆର୍‌ଏଲ୍ ଏମ୍ପ୍ଲଇଜ ପୂଜା କମିଟି ପକ୍ଷରୁ ନିକଟସ୍ଥ ଜଳାଶୟରେ ମା'ଙ୍କୁ ମେଲାଣି ଦିଆଯାଇଛି। ସେହିପରି ଶୁକ୍ରବାର ସକାଳେ ବାଟମଙ୍ଗଳା ମନ୍ଦିର ଓ ନବଦୁର୍ଗା ମନ୍ଦିରରେ ଅପରାଜିତା ପୂଜା ସମାପନ ହେଲା ପରେ ଘଟ ବିସର୍ଜିତ ହୋଇଥିଲା। ରବିବାର ପୂର୍ବାହ୍ନରେ ଫାଟକ ଦୁର୍ଗା ପୂଜା କମିଟି ପକ୍ଷରୁ ଭଷାଣି ଶୋଭାଯାତ୍ରା ବାହାରି ବିଭିନ୍ନ ପଡ଼ା ପରିକ୍ରମା କରିବା ପରେ ଅପରାହ୍ନରେ ସ୍ଥାନୀୟ ଜଳାଶୟରେ ମେଢ଼ ବିସର୍ଜନ କରାଯାଇଛି। ସୋମବାର ଷ୍ଟେଶନ ପୂଜା କମିଟି ପକ୍ଷରୁ ମେଢ଼ ବିସର୍ଜନ କରାଯିବା କାର୍ଯ୍ୟକ୍ରମ ରହିଛି। ପୂର୍ବବର୍ଷ ଭଳି ଏଥର ଦୁର୍ଗା ପୂଜା ବେଳେ ପ୍ରତ୍ୟେକ ମଣ୍ଡପରେ ସନ୍ଧ୍ୟା ୬ଟାରୁ ରାତି ୨ଟା ପର୍ଯ୍ୟନ୍ତ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ଆଖପାଖ ଗାଁ, ପଡ଼ୋଶୀ ଜିଲା ଓ ରାଜ୍ୟରୁ ଶହ ଶହ ଶ୍ରଦ୍ଧାଳୁ ଆସି ମଣ୍ଡପଗୁଡ଼ିକ ବୁଲି ଦେଖିବା ସହ ମା'ଙ୍କ ଦର୍ଶନ କରିଥିଲେ। ପୂଜା ଅବସରରେ ବିଭିନ୍ନ ଅପେରାସ୍ଥଳରେ ମଧ୍ୟ ଦର୍ଶକଙ୍କ ଭିଡ଼ ଲାଗିଥିଲା। ବେଲପାହାଡ଼ ଷ୍ଟେଶନ ପୂଜା ମଣ୍ଡପ ନିକଟରେ ଆୟୋଜିତ ବାଣିଜ୍ୟ ମେଳାର ବିଭିନ୍ନ ଷ୍ଟଲ୍‌ରେ ମଧ୍ୟ ଲୋକଙ୍କ ଭିଡ଼ ଲାଗିଥିଲା।


+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD GAMS (PATNA)
DR. PREM KUMAR BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790




ଜବତ ନକଲି ମଦ ପ୍ୟାକେଟ୍।

### ନକଲି ବିଦେଶୀ ମଦ କାରଖାନା ଠାବ ଘଟଣା, ବାହାରୁ ଆସୁଥିଲା କଞ୍ଚାମାଲ

# ରାଜନୈତିକ ହସ୍ତକ୍ଷେପରୁ ସମସ୍ତେ ଥିଲେ ନୀରବ

**ଝାରସୁଗୁଡ଼ା ଅଫିସ,୨୧।୧୦**-ଝାରସୁଗୁଡ଼ା ଜିଲା ଲଇକେରା ଥାନା ବାଗଡିହିଠାରେ ଠାବ ହୋଇଥିବା ନକଲି ବିଦେଶୀ ମଦ କାରଖାନାର ଚେର ସମଗ୍ର ଜିଲାକୁ ଲମ୍ବିଛି। ରାଜନୈତିକ ଛତ୍ରଛାୟାରେ ଚାଲିଥିବା ଏହି କାରଖାନା ବିଷୟରେ ସମସ୍ତେ ଅବଗତ ଥିଲେ। ରାଜ୍ୟ ବାହାରୁ କଞ୍ଚାମାଲ ଆସୁଥିବା ବେଳେ ବାଗଡିହିରେ ପ୍ରସ୍ତୁତ କରାଯାଇ ଜିଲାରେ ବିତରଣ କରାଯାଉଥିଲା ନକଲି ମଦ। ଲୋକଙ୍କ ସନ୍ଦେହ ଉପୁଜିବା ଭୟରେ ସ୍ଥାନୀୟ ମାର୍କେଟରୁ କଞ୍ଚାମାଲ ଖରିଦ ନ କରି ବିହାରରୁ ଅଣାଯାଉଥିଲା। ଦୀର୍ଘ ୬ ମାସରୁ ଅଧିକ ସମୟ ହେବ ଏହି କାରଖାନା ଚାଲିଥିବା ବେଳେ ଏଥିରେ ରାଜନୈତିକ ସମଯୋଗ ରହିଥିଲା ବୋଲି ସୂଚନା ମିଳିଛି। ରାମେଶ୍ୱର ରାୟ ନାମରେ ରହିଥିବା ଏହି ବିଦେଶୀ ମଦ କାରଖାନା ବର୍ଷେ ପୂର୍ବରୁ ଧୁତୁରାରେ ପରିଚାଳିତ ହେଉଥିଲା। ବର୍ଷେ ହେବ ଏହା ଧୁତୁରାରୁ ଉଠିଆସି ବାଗଡିହି ଠାରେ ବ୍ଲକ ଅଧ୍ୟକ୍ଷ ତେଜରାଜ ସାହୁଙ୍କ ଘରେ ଭଡ଼ାରେ ଚାଲିଥିଲା। ପ୍ରାୟ ସେବେଠାରୁ ଏଠାରେ ନକଲି ମଦ ତିଆରି ଚାଲିଥିଲା। ବିଟ୍ଟୁ ଭରଦ୍ୱାଜ ନକଲି ମଦ କାରଖାନାକୁ ବୋତଲ ଏବଂ ଠିପି ଯୋଗାଣ କରୁଥିବା ବେଳେ ମୁଖ୍ୟ ଅଭିଯୁକ୍ତ ଅମ୍ବିକା ବିହାରରୁ ସ୍ପିରିଟ୍, କଲର, ଏସେନ୍ସ, ସିଲ୍ ଏବଂ ଲେବୁଲ୍ ଆଣି ଏଠାରେ ନକଲି ମଦ ତିଆରି କରୁଥିଲେ। ଏହି ନକଲି ମଦ ନିଜସ୍ୱ ଦୋକାନରେ ବିକ୍ରି କରାଯିବା ସହ ଜିଲାର ଅନ୍ୟ ଦୋକାନଗୁଡ଼ିକୁ ମଧ୍ୟ ବିତରଣ କରାଯାଉଥିଲା। କିନ୍ତୁ ରାଜନୈତିକ ଛତ୍ରଛାୟାରେ ଚାଲୁଥିବା ଏହି ନକଲି ଗୋଦାମ ଉପରେ ପୋଲିସ ଏବଂ ଅବକାରୀ ବିଭାଗ ନଜର ପକାଉ ନ ଥିଲେ। ତେବେ କେଉଁ କାରଣରୁ ବର୍ତ୍ତମାନ ପୋଲିସ ଏଠାରେ ଚଢ଼ାଉ କଲା ତାହା ଏବେ ଆଲୋଚନାର ବିଷୟ ପାଲଟିଛି। ଲଇକେରା ପୋଲିସ ନିକଟରେ ପୂର୍ବରୁ ଏ ବିଷୟରେ ଅଭିଯୋଗ ହୋଇଥିଲା। କିନ୍ତୁ ପୋଲିସ କାର୍ଯ୍ୟାନୁଷ୍ଠାନ ନେଉ ନ ଥିଲା। ସେହିପରି ପ୍ରତି ୧୫ ଦିନରେ ଥରେ ଅବକାରୀ ବିଭାଗର ଯାଞ୍ଚ ନିୟମ ଥିବାବେଳେ ଏହା ଅବକାରୀ ବିଭାଗ ନଜରକୁ ଆସୁ ନ ଥିବା ସମସ୍ତଙ୍କୁ ଆଚମ୍ବିତ କରିଛି। ତେବେ ରୀତିମତ ଏହି ର୍‍ୟାକେଟ୍ ଚାଲିଥିବା ବେଳେ ସମସ୍ତେ ମିଶି ଏହାକୁ ଲୁଚାଇଥିଲେ ବୋଲି ଅଭିଯୋଗ ହୋଇଛି। ଏ ବାବଦରେ ପୂର୍ବରୁ କୌଣସି ଲିଖିତ କିମ୍ବା ମୌଖିକ ଅଭିଯୋଗ ହୋଇ ନ ଥିବା ଅବକାରୀ ସୁପରିଣ୍ଟେଣ୍ଡେଣ୍ଟ ନାରାୟଣ ମେହେର କହିଛନ୍ତି। ତେବେ ଲଇକେରା ଥାନା ଅଧିକାରୀ ପ୍ରବୀର ତ୍ରିପାଠୀଙ୍କ ମତାମତ ମିଳିନାହିଁ।


CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

TARIFF — MORE SPACE • SAME PRICE — *GST 5% Extra

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

Get Instant Cash against Gold, Sell Your Gold at 100% Market Value
GOLD CASH LTD (an ISO 9001:2015 Certified Company)
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ ମୂଲ୍ୟରେ ନେବା ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ୍ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free: 1800-120-3430
Branches: Bhubaneswar, Cuttack, Bhadrak, Rourkela & Berhampur

SPOT ADMISSION
B.Ed
Acharya Nagarjuna University
UGC & NCTE Approved
Equivalent to Utkal University
Weekend Class & Study Material
CT(D.El.Ed)
Equivalent to Board of Secondary Education Odisha
SINCE 2001 NIDT
B.J.B. Nagar, Lewis Road, Bhubaneswar
9338229373, 9438286091
9776587145

Jeevanjyoti Finance
ଜନକଲ୍ୟାଣ ଯୋଜନା ଅଧୀନରେ ସବୁ ବ୍ୟାଙ୍କ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ଶିକ୍ଷା, ବ୍ୟବସାୟ, ସମସ୍ତ ଋଣ 24 ଘଣ୍ଟାରେ 2% ସୁଧ, 50% ରିହାତି ସବ୍‌ସିଡିରେ (ମହିଳା, ଚାଷୀ, ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି)
ଠକମାନଙ୍କ ପ୍ରତି ସାବଧାନ
(କାମ ଆମର ବିଶ୍ୱାସ ଆପଣଙ୍କର)
Sector-30, Jagatpur, Jaipur, Rajasthan
8278171538
8901770631

BHARATI FINANCE
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ Business, Personal, Property, Home, କୃଷି, ଶିକ୍ଷା ଓ Marksheet ସମସ୍ତ ପ୍ରକାର Loan Bharati Finance ଯୋଗାଇ ଦେଉଛି। 2% ସୁଧ।
M : 7684946678
8337956019

Dhanlaxmi Finance Services
ସରକାରଙ୍କ ଦ୍ୱାରା ପଞ୍ଜୀକୃତ (Reg No.- od6789dh45)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ ଏବଂ ଗ୍ରୁପ୍ ଋଣ 72 ଘଣ୍ଟାରେ ପାଆନ୍ତୁ।
1 ଲକ୍ଷରୁ 5 କୋଟି ପର୍ଯ୍ୟନ୍ତ ମାତ୍ର 1% ସୁଧ, 40% ରିହାତି।
For more details contact:
9193648139
SATAPADA, PURI, ODISHA - 752011

ଆଦର୍ଶ ଫାଇନାନ୍ସ
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଗେ କାମ, ପରେ ଦାମ୍
ଦୀପାବଳି ଧମାକା
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ ରାଶନ କାର୍ଡ, ଆଧାର କାର୍ଡ, ଚାଷକାର୍ଯ୍ୟ, ଏଗ୍ରିକଲ୍ଚର
ସବୁ ପ୍ରକାର ଋଣ ୨୪ ଘଣ୍ଟାରେ ପାଆନ୍ତୁ
୨% ସୁଧ - ୪୦% ରିହାତି
୮୫ ଲକ୍ଷ ସନ୍ତୁଷ୍ଟ ଗ୍ରାହକ
ଲକ୍ଷ ଲକ୍ଷ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
କମ୍ କାଗଜପତ୍ର କାମ
ଠକ କମ୍ପାନୀଗୁଡ଼ିକ ପ୍ରତି ସାବଧାନ
168, Sector-30, Jagatpura, Jaipur, Rajasthan
73106-12716
89794-48754

ତନ୍ତ୍ର ମନ୍ତ୍ର ସମ୍ରାଟଙ୍କ ଖୋଲା ଚ୍ୟାଲେଞ୍ଜ
ଯେଉଁଠି ଜ୍ଞାନ ସେଠି ହେବ A to Z ସମସ୍ୟାର 2 ଘଣ୍ଟାରେ ସମାଧାନ
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ, ମନ ମୁତାବକ ପ୍ରେମ, ବିବାହରେ ବାଧା, ଋଣମୁକ୍ତି, ଗର୍ଭ ବନ୍ଧନ, ଗୃହ କ୍ଲେଶ, ବିଦେଶ ଯାତ୍ରା, ସଉତୁଣୀ ଓ ଶତ୍ରୁ ମୁକ୍ତି, କ୍ୟାରିୟର ମଡେଲିଂ, ସ୍ୱାମୀ ସ୍ତ୍ରୀ ମନୋମାଳିନ୍ୟ, ଚାକିରି, ବ୍ୟବସାୟ, ଯାଦୁ ଟୋନା ଭଳି ସମସ୍ୟାର 101% ସମାଧାନ।
ବାବା ହଜରତ ଉସମାନ୍
21 ବୈଦିକ ବିଦ୍ୟାରେ ନିପୁଣ
9873361894, 9654673664

LOAN
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କସିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
B-19, Tower No-9, New Moti Bagh, New Delhi-110021
8658167603
7064382081

LOAN
ସବୁ ଜିଲ୍ଲାର ଶିକ୍ଷିତ ଓ ବେରୋଜଗାରୀମାନେ ନିଜର ପ୍ରମାଣପତ୍ର ଦ୍ୱାରା ମାତ୍ର ବାର୍ଷିକ ୫% ସୁଧରେ ପର୍ସନାଲ, ବିଜନେସ, ମାର୍କସିଟ, କୃଷି ଓ ଗ୍ରୁପ ଲୋନ SAMPARK FINANCE ରୁ ନେଇପାରିବେ। ଡକୁମେଣ୍ଟ Email- fileodisha@gmail.com ରେ ପଠାଇ ପାରିବେ।
405 D, Shamalldas Gandhi Marg, Mumbai, Maharastra, India-400002
ଯୋଗାଯୋଗ-
7991052261
7991052595

T.C.F. FINANCE
ଋଣ ମାତ୍ର 6 ଘଣ୍ଟାରେ। ନୋ ଫାଇଲ ଚାର୍ଜ, ବିନା ଗ୍ୟାରେଣ୍ଟର ମାର୍କଶିଟ୍, ଋଣ (ସାର୍ଟିଫିକେଟ୍), ପ୍ରପର୍ଟି, ପର୍ସନାଲ, ଗୃହଋଣ, 0% ସୁଧ, 50% ରିହାତି।
08418002678
08859668547
39, Patel Nagar, Saharanpur Road, Dehradun - 248001

ନିଜ ବ୍ୟବସାୟରେ ଅଭିବୃଦ୍ଧି ଆଣନ୍ତୁ
ITCT EDUCATION
ସହିତ ଭାରତର ସର୍ବବୃହତ୍ ନେଟ୍‌ୱର୍କ
ନିଜ ବ୍ୟବସାୟରେ ଅତିରିକ୍ତ ଲାଭ ଉପାର୍ଜନ କରନ୍ତୁ। ଆଇଟିସିଟି ଲର୍ନିଂ ସିଷ୍ଟମ୍ସ ପ୍ରାଇଭେଟ୍ ଲିମିଟେଡ୍‌ର ଏକ ଫ୍ରାଞ୍ଚାଇଜି ପାର୍ଟନର ହୁଅନ୍ତୁ।
କର୍ପୋରେଟ୍ ବ୍ୟାପାର ମନ୍ତ୍ରଣାଳୟ (ଭାରତ ସରକାର)
ଅଧିକ ସୂଚନା ପାଇଁ
0712-2223456 / 09422123456
www.itctedu.in

୩ ଘଣ୍ଟାରେ ୧୦୦% ସମାଧାନ ଘରେ ବସି ଫୋନ ଦ୍ୱାରା
କଣ ଆପଣ ଚିନ୍ତିତ ଅଛନ୍ତି?
କାନ୍ଦିଲେ ନୁହେଁ ଦେଖାଇଲେ କଷ୍ଟ ଦୂରହେବ !
କାମ ନହେଲେ ପଇସା ଫେରସ୍ତ ! Time - 10 am to 6 pm
ମନଚାହିଁ ବିବାହ, ବ୍ୟବସାୟ, ଗୃହକ୍ଲେଶ, କିଆ କରାୟା, ବିବାହରେ ବାଧା, ସଉତୁଣୀ ଓ ଶତ୍ରୁ ମୁକ୍ତି, ରୋଗରେ ଔଷଧ ନ ଧରିବା, କ୍ୟାରିୟରରେ ଅସଫଳତା, ବଶୀକରଣ, ମୁଠକରଣୀ, ଯାଦୁଟୋଣା, ଭୂତପ୍ରେତ ଆଦି ଜଟିଳ ରୁ ଜଟିଳ ସମସ୍ୟାର ସମାଧାନ।
(ସ୍ପେଶାଲିଷ୍ଟ- ବଶୀକରଣ, ମୁଠକରଣୀ ଏବଂ କଳାଯାଦୁ)
ଯଦି ଆପଣଙ୍କର ଜ୍ୟୋତିଷ ଓ ପଣ୍ଡିତଙ୍କ ଉପରୁ ଭରସା ଉଠିଯାଇଛି ତାହେଲେ ତୁରନ୍ତ ଫୋନ୍ କରନ୍ତୁ
ଯଦି ଆପଣଙ୍କର ପତି ପ୍ରେମୀ, କିମ୍ବା ପୁଅ ବଶରେ ଅଛନ୍ତି ତାହେଲେ ତୁରନ୍ତ ଫୋନ୍ କରନ୍ତୁ
ବାବା ରହେମାନ୍ ଖାନ ବଙ୍ଗାଳୀ
7065430524
9599270336

କଣ ଆପଣ ଅସୁବିଧାରେ ଅଛନ୍ତି କି?
ଅଲଇଣ୍ଡିଆ ଖୋଲା ଚାଲେଞ୍ଜ
୨ ଘଣ୍ଟାରେ ୧୦୦% ସମାଧାନ
କାମ ନହେଲେ ଟଙ୍କା ଫେରସ୍ତ
ତନ୍ତ୍ର-ମନ୍ତ୍ରର ସମ୍ରାଟ
ବ୍ୟବସାୟରେ ଅସୁବିଧା, ପ୍ରେମରେ ଅସଫଳତା ତେବେ ମତେ ଆସିକି ଦେଖା କରନ୍ତୁ
ବ୍ୟବସାୟରେ ଅସୁବିଧା, ବିବାହରେ ଅସୁବିଧା ସଇତାନ ଓ ଶତ୍ରୁମାନଙ୍କଠାରୁ ମୁକ୍ତି ରୋଗରେ ଔଷଧ ନ ଲାଗିବ କ୍ୟାରିୟରରେ ଅସଫଳତା।
ଯଦି କାହାର ସ୍ୱାମୀ, ପ୍ରେମିକା ଓ ଝିଅ କାହା ବଶରେ ଥାଆନ୍ତି ତେବେ ମତେ ଆସିକି ଦେଖା କରନ୍ତୁ।
BABA AMIM SUFI JI
9540938429
9903852257
Near Master Canteen, Bhubaneswar

ତନ୍ତ୍ର ମନ୍ତ୍ର ସମ୍ରାଟଙ୍କ ଖବରଦାର୍ କଳା ଶିକ୍ଷା
ଯେଉଁଠି ଜ୍ଞାନ ସେଠି ହେବ A to Z ସମସ୍ୟାର ସମାଧାନ
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ, ମନ ମୁତାବକ ପ୍ରେମ, ବିବାହରେ ବାଧା, ଋଣମୁକ୍ତି, ଗର୍ଭ ବନ୍ଧନ, ଗୃହ କ୍ଲେଶ, ବିଦେଶ ଯାତ୍ରା, ସଉତୁଣୀ ଓ ଶତ୍ରୁ ମୁକ୍ତି, କ୍ୟାରିୟର ମଡେଲିଂ, ସ୍ୱାମୀ ସ୍ତ୍ରୀ ମନୋମାଳିନ୍ୟ, ଚାକିରି, ବ୍ୟବସାୟ, ଯାଦୁ ଟୋନା ଭଳି ସମସ୍ୟାର 101% ସମାଧାନ।
ବାବା ସିକନ୍ଦର
21 ବୈଦିକ ବିଦ୍ୟାରେ ନିପୁଣ
9997796211

!! LOAN LOAN LOAN !!
ସରକାରୀ ଯୋଜନା ଲୋନ୍ ସ୍କିମ୍ ଦ୍ୱାରା ଦ୍ୱାରା
ଶ୍ରୀ ରାମ ଫାଇନାନ୍ସ
ମାର୍କଶିଟ୍ ଋଣ ଅଷ୍ଟମ, ଦଶମ ପାସ୍ ବେରୋଜଗାର 5,00,000-50,00,000 ପର୍ଯ୍ୟନ୍ତ ଋଣ ପାଆନ୍ତୁ
!! ନୋ ଗ୍ୟାରେଣ୍ଟର, ନୋ ଫାଇଲଚାର୍ଜ !!
2% ସୁଧ, 50% ରିହାତି + ସବ୍‌ସିଡି ପାଆନ୍ତୁ
ଯୋଗାଯୋଗ କରନ୍ତୁ
9717895136
9871773265
Add : - 41/14, Sec-1 Pushp Vihar, Delhi

ଋଣ
ନବରାତ୍ରି ଉତ୍ସବ
!!ନୋ ଗ୍ୟାରେଣ୍ଟର, ନୋ ଫାଇଲଚାର୍ଜ!!
ଶ୍ରୀ ଜଗନ୍ନାଥ ଫାଇନାନ୍ସ
ମାର୍କଶିଟ୍, ଆଧାରକାର୍ଡ, ପର୍ସନାଲ, ପ୍ରପର୍ଟି ଋଣ ଇତ୍ୟାଦି 24 ଘଣ୍ଟାରେ
1,00,000-50,00,000 ପର୍ଯ୍ୟନ୍ତ ଋଣ ପାଆନ୍ତୁ
1% ସୁଧ 55% ରିହାତି + 25% ସବ୍‌ସିଡି
ମାତା ଓ ଭଉଣୀଙ୍କୁ ବିଶେଷ ରିହାତି
7895183349
9927051692
Add : - 41/14, Sec-1 Pushp Vihar, Delhi

ପାଠକଙ୍କ ପାଇଁ ସୂଚନା
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ପରାଜିତ ହୋଇ ବଞ୍ଚିବା ଅପେକ୍ଷା ଯୁଦ୍ଧ କ୍ଷେତ୍ରରେ ମୃତ୍ୟୁ ହିଁ ଶ୍ରେୟସ୍କର।
- ସ୍ୱାମୀ ବିବେକାନନ୍ଦ



## ସଂକ୍ଷେପରେ

### ନିର୍ବାଚନ ପାଇଁ ପ୍ରସ୍ତୁତ ରୁହ-ବିଧାୟକ ଜର୍ଜ ତିର୍କୀ

**କୁତ୍ରା, ୨୧।୧୦ (ଡି.ଏନ.ଏ)**-ସୁନ୍ଦରଗଡ ଜିଲା କୁତ୍ରାଠାରେ ବିରମିତ୍ରପୁର ବିଧାୟକ ଜର୍ଜ ତିର୍କୀଙ୍କୁ କୁତ୍ରା କଂଗ୍ରେସ ପାର୍ଟି ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି । କୁତ୍ରା ଠାରେ କୁତ୍ରା ଫ୍ରେଣ୍ଡସ କ୍ଲବ ପକ୍ଷରୁ କରାଯାଇଥିବା ଏକ ଫୁଟବଲ ଖେଳର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେବା ପାଇଁ ଆସିଥିବା ବିଧାୟକଙ୍କୁ କୁତ୍ରା ବ୍ଲକ କଂଗ୍ରେସ ପକ୍ଷରୁ ଏହି ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଏହି ଅବସରରେ କୁତ୍ରା ମାର୍କେଟ କମ୍ପ୍ଲେକ୍ସଠାରେ ଏକ ସଭା ଆୟୋଜିତ ହୋଇଥିଲା। ଏଥିରେ ବିଧାୟକ ଯୋଗଦେଇ ଥିଲେ। ପୂର୍ବତନ ବିଧାୟକ ମୁଖରାମ ନାୟକ ପ୍ରକାଶ କରିଥିଲେ। ଏହି ଅବସରରେ ବିଧାୟକ ଉପସ୍ଥିତ କର୍ମୀଙ୍କୁ ଆଗାମୀ ନିର୍ବାଚନ ପାଇଁ ସଜବାଜ ରୁହିବାକୁ ପରାମର୍ଶ ଦେଇଥିଲେ। ଜିଲା ପରିଷଦ ସଭ୍ୟ ଶରତ ସା, ପ୍ରଫୁଲ୍ଲ ସାହୁ, ମଙ୍ଗଲୁଧର କୁଜୁର, ରଜନୀ କୁଲ୍ଲୁ, ଡ. ରାଜୀନ ଏକ୍କା, ବିଦ୍ୟାଧର ଅମାତ, ବିଭୀଷଣ ଗରଡିଆ, ଆନନ୍ଦ ଲାକଡା ପ୍ରମୁଖ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।

### ଲେଫ୍ରିପଡା ବ୍ଲକ୍ ଅଞ୍ଚଳରେ ମା' ଦୁର୍ଗାଙ୍କ ଅର୍ଚ୍ଚନା

**ଲେଫ୍ରିପଡା,୨୧।୧୦(ଡି.ଏନ.ଏ.)**- ଲେଫ୍ରିପଡା ବ୍ଲକ୍ ଅଞ୍ଚଳରେ ଶାନ୍ତିପୂର୍ଣ୍ଣ ଭାବେ ଜଗତ୍‌ଜନନୀ ମା' ଦୁର୍ଗାଙ୍କ ପୂଜା କାର୍ଯ୍ୟ ସମ୍ପନ୍ନ ହୋଇଯାଇଛି। ଲେଫ୍ରିପଡା, ସର୍ଗିପାଲି, ଦର୍ଲିପାଲି, ଗିରିଙ୍ଗକେଲା, ପଟୁଆଡିହି ଇତ୍ୟାଦି ବିଭିନ୍ନ ଗ୍ରାମରେ ରୀତିନୀତି ଅନୁଯାୟୀ ଷଷ୍ଠୀ, ସପ୍ତମୀ, ଅଷ୍ଟମୀ, ନବମୀ ଏବଂ ଦଶମୀରେ ପୂଜାକାର୍ଯ୍ୟ କରାଯାଇଥିଲା। ବିଜୟା ଦଶମୀରେ ବିଭିନ୍ନ ଗ୍ରାମରେ ବଏଲଯାତ୍ରା ସହ ରାବଣ ପୋଡି ଏବଂ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଲେଫ୍ରିପଡାଠାରେ ପୂଜାକମିଟି ପକ୍ଷରୁ ଆୟୋଜିତ ରାବଣପୋଡି ଦର୍ଶକଙ୍କୁ ବିମୋହିତ କରିଥିଲା। ଏଥିରେ ବହୁ ସଂଖ୍ୟାରେ ଦର୍ଶକ ଯୋଗଦେଇ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଉପଭୋଗ କରିଥିଲେ। ପୂଜାରେ ଆଇନ ଶୃଙ୍ଖଳା ପରିସ୍ଥିତିକୁ ନେଇ ପୋଲିସ ପକ୍ଷରୁ ଫୋର୍ସ ମୁତୟନ କରାଯାଇଥିଲା।

### ଲକ୍ଷ୍ମୀଧର ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟ: ତୁଡାଲଗା ଚାମ୍ପିୟନ

**ବଡଗାଁ, ୨୧।୧୦ (ଡି.ଏନ.ଏ.)**- ବଡଗାଁ ବ୍ଲକ ଅନ୍ତର୍ଗତ ପାମରା (ଜୁନାପଡା) ଗ୍ରାମରେ ଜେଜେୱାଇସି ଦ୍ୱାରା ଆୟୋଜିତ ଲକ୍ଷ୍ମୀଧର ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଛି। ୧୬ଟି ଟିମ୍ ମଧ୍ୟରେ ହୋଇଥିବା ଉକ୍ତ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ ଗେତୁବାହାଲ, ବିଣାପାଣି ଓ ତୁଡାଲଗା ମଧ୍ୟରେ ହୋଇଥିଲା । ୧-୦ରେ ତୁଡାଲଗା ଚାମ୍ପିୟନ ହୋଇଛି। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ସେନା କର୍ମଚାରୀ ସୀତାରାମ ମାଝି ମୁଖ୍ୟ ଅତିଥି ଓ ପୂର୍ବତନ ନାଏବ ସରପଞ୍ଚ ଯୋଗେଶ୍ୱର ରାଉତ, ପୂର୍ବତନ ଖେଳାଳି ସନ୍ତୋଷ ସେଠ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଦଳକୁ ୫ ହଜାର, ରନର୍ସ ଦଳକୁ ୩ ହଜାର ଟଙ୍କା ସହ ପୁରସ୍କୃତ କରିଥିଲେ। କ୍ଲବର କର୍ମକର୍ତ୍ତା ପୁରନ ଲାକ୍ରା, ସନାତନ ସୁନ୍ୟାନ୍ୟ, ଅର୍ଜୁନ ମହାକୁଡ, ସରୋଜ ଲାକ୍ରା ଓ ପ୍ରକାଶ କିଷାନ ବିଭିନ୍ନ କାର୍ଯ୍ୟ ତୁଲାଇଥିଲେ।



ଝରିଆ ଗୌଡ (ଯାଦବ) ସମାଜ ବନ୍ଧୁମିଳନରେ ଯୋଗଦେଇଥିବା ୩ ଜିଲାର କର୍ମକର୍ତ୍ତା ।

■ ଫେସବୁକ୍ ସମସ୍ତଙ୍କୁ ଏକତ୍ର କଲା

# ଏକାଠି ହେଲେ ଗୌଡ଼ ସମାଜ

**ବଡଗାଁ, ୨୧।୧୦ (ଡି.ଏନ.ଏ)**

ଝରିଆ ଗୌଡ (ଯାଦବ) ସମାଜ ଲୋକଙ୍କୁ ଏକତ୍ରିତ କରି ବନ୍ଧୁ ମିଳନ ପାଳନ କରିବାକୁ ରାଉରକେଲା ନିକଟ କଲୁଙ୍ଗା, ଜିଆବାହାଲ ଗ୍ରାମର ସୁଜିତ କୁମାର ଗୌଡ ଫେସବୁକ ମାଧ୍ୟମରେ କରିଥିବା ଉଦ୍ୟମ ସାକାର ହୋଇଛି। ରବିବାର ପୂର୍ବାହ୍ନରେ ସୁନ୍ଦରଗଡ ଜିଲା ବଡଗାଁ ସ୍ଥିତ ପୂର୍ତ୍ତ ବିଭାଗ ଡାକ ବଙ୍ଗଳାରେ ସୁନ୍ଦରଗଡ, ଝାରସୁଗୁଡା ଓ ସମ୍ବଲପୁର ଜିଲାର ଗୌଡ ସମାଜର ପ୍ରମୁଖ ବ୍ୟକ୍ତିମାନେ ଯୋଗ ଦେଇଥିଲେ। ସମାଜକୁ କିପରି ସଂଗଠିତ କରି ଆଗେଇ ନେବେ ସମସ୍ତେ ଆଲୋଚନା କରିଛନ୍ତି। ବଡଗାଁ ପଞ୍ଚାୟତ ନାଏବ ସରପଞ୍ଚ କେଶବ କର୍ସେଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ସମ୍ବଲପୁର ଜିଲା ବୁର୍ଲାର ସୁରେନ୍ଦ୍ର କର୍ସେଲ, ଜମନକିରା ବ୍ଲକ କ୍ରିମାଲୋଇର ପିଙ୍କିରାଣୀ ଭଇଁସା, ବାମରା କେଛୁପାଣିର ଶଶି ଗୌଡ, ଝାରସୁଗୁଡା ଜିଲା ବଘିଆମାଲର ଆଦିତ୍ୟ ଡିଲା, ବନ୍ଧବାହାଲର ରାମ କର୍ତ୍ତା, ଗୋବିନ୍ଦ ଭଇଁସା, ବିକାଶ ବିଜାର, ସାରଙ୍ଗଲୋଇର ପିଣ୍ଟୁ ଦରକା, କୁଏରମାଲର ଦୁର୍ଗା ପ୍ରସାଦ ରାଉତ, ସୁନ୍ଦରଗଡ ଜିଲା ରାଜଗାଙ୍ଗପୁର ରେଞ୍ଜୁପାନୀର ମାହେଶ୍ୱର ହାତୀ, ବିଶ୍ରା ସନ୍ତୋଷପୁରର ଦୁବରାଜ ରାଉତ, ପ୍ରଦୀପ ରାଉତ, ଲେମଲୋଇର ବିନୋଦ କର୍ସେଲ, ଧରୁଆଡିହିର ରବିନ୍ଦ୍ର କଉଡି, ଜ୍ଞାନପାଲିର କୁଳେଶ୍ୱର ବାଗ, କଟଙ୍ଗିଡିହିର ଦୋଳଗୋବିନ୍ଦ ଭଇଁସାଲ, କୁଡାବଗାର ନରେନ୍ଦ୍ର ଭଇଁସାଲ, ବଡଗାଁର ସୁନିଲ ଭୈସାଲ, ବିକାଶ ଭୈସାଲ, ଭଗବାନ ଗୌଡ ପ୍ରମୁଖ ଯୋଗ ଦେଇଥିଲେ । ବୈଠକରେ ସମାଜ କର୍ମକର୍ତ୍ତାମାନେ ଝରିଆ ଗୌଡ ସମାଜ ଏବେ ପର୍ଯ୍ୟନ୍ତ ସଂଗଠିତ ହୋଇନାହାନ୍ତି। ସମାଜର ଲୋକଙ୍କୁ ଏକାଠି କରିବା, ଶିକ୍ଷା, ସ୍ୱାସ୍ଥ୍ୟ, ଖେଳକୁଦ, ସାମାଜିକ ଓ ଆର୍ଥିକ ସ୍ଥିତି ଏବଂ ସଂଗଠନକୁ ମଜବୁତ କରିବା ଉପରେ ଆଲୋଚନା ହୋଇଥିଲା। ପରସ୍ପର ପ୍ରତି ସହଯୋଗ ମନୋଭାବ ରଖିବା, ସମାଜ ଲୋକଙ୍କ ପ୍ରତି ଅନ୍ୟାୟ ଅତ୍ୟାଚାରକୁ ସମସ୍ତେ ମିଶି ମୁକାବିଲା କରିବା ଉପରେ କର୍ମକର୍ତ୍ତାମାନେ ମତ ରଖି ଥିଲେ । ସମାଜର ଗରିବ, ଅସହାୟ, ନିଷ୍ପେସିତଙ୍କ ଉତଥାନ ଉପରେ କେତେକ କର୍ମକର୍ତ୍ତା ପ୍ରସ୍ତାବ ଦେଇଥିଲେ । ଶିକ୍ଷା ଦିଗରେ ପଛୁଆ ରହୁଥିବାରୁ ସମାଜ ଲୋକେ ଅବହେଳିତ ହେଉଥିବାରୁ ବୈଠକରେ ସମସ୍ତ କର୍ମକର୍ତ୍ତା ଶିକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ ।

■ ଜାମପଡା ଭାଠିପଡାରେ କରମା ପୂଜା ଉତ୍ସବ

# ଆଦିବାସୀଙ୍କ ମାଦଳ ବାଜାରେ ଇଲାକା ଝୁମିଲା

**ବାଲିଶଙ୍କରା,୨୧।୧୦ (ଡି.ଏନ.ଏ.)**

ବାଲିଶଙ୍କରା ବ୍ଲକର ବାଲିଶଙ୍କରା କୁଇଲେରମୁଣ୍ଡା ଜାମପଡା ଓ ଭାଠିପଡାରେ ଧୂମଧାମରେ କରମା ପୂଜା ପାଳିତ ହୋଇଯାଇଛି। ଗ୍ରାମର ସମସ୍ତେ ଝିଅମାନେ ନିର୍ଜଳା ଉପବାସ ରହିଥିଲେ। ସନ୍ଧ୍ୟାରେ ଗ୍ରାମର ସମସ୍ତ ମହିଳା, ପୁରୁଷ, ଝିଅପୁଅ ଏକତ୍ରିତ ହୋଇଥିଲେ। ଆଦିବାସୀ ବାଜା ମାନ୍ଦଳର ତାଳେ ତାଳେ ବିଭିନ୍ନ ରକମର ଗୀତ ଗାଇ ନିକଟସ୍ଥ ଜଙ୍ଗଲକୁ ଯାଇଥିଲେ। ସେଠାରେ କରମା ଗଛ ନିକଟକୁ ଯାଇ ପୂଜା ଅର୍ଚ୍ଚନା କରିବା ସହ କରମା ଡାଳକୁ କାଟି ପୂଜା ମଣ୍ଡପ ପାଖକୁ ଆଣିଥିଲେ। ଏହା ପରେ (ପାହାନ) ପୂଜକ ଆଖଡାରେ ପୂଜାପାଠ କରି ରଖିଥିଲେ। ଏହି ପୂଜାରେ କଦଳୀ ଗଛ, ଗହମ ଗଛ ସହିତ ବିଭିନ୍ନ ପ୍ରକାର ଫଳଫୁଲ ଅର୍ପଣ କରାଯାଇଥିଲା। ଏହାପରେ କରମା ପୂଜାର ବିଧି ବିଧାନର ଆଲୋଚନା ପରେ ରାତିରୁ ସକାଳ ପର୍ଯ୍ୟନ୍ତ ମାନ୍ଦଳ ବାଜାର ତାଳେ ତାଳେ ସମସ୍ତ ବୃଦ୍ଧାବୃଦ୍ଧ, ମହିଳା ପୁରୁଷ, ଝିଅପୁଅ ଏକତ୍ରିତ ହୋଇଥିଲେ। ସକାଳେ ଉକ୍ତ କରମା ଡାଳକୁ ଗ୍ରାମ ପରିକ୍ରମା କରି ବନ୍ଦାପନା ପରେ ଜଳରେ ଭସାଇ ଦେଇଥିଲେ। ଉକ୍ତ ପୂଜା ସମାରୋହରେ ମନରଞ୍ଜନ ଓରାମ, ବିପିନ କୁଜୁର, ବିଶ୍ରାମ କିସପଟ୍ଟା, ବିଜୟ ତିର୍ଗା, ଶୁକ୍ରୁ ଓରାମ, ଗଜ ତିର୍ଗା, ମନୋଜ ତିର୍କି, ସଞ୍ଜିବ ତିର୍ଗା, କୁଳଦୀପ କିସପଟ୍ଟା, ଜଗନ୍ନାଥ କୁଜୁର, ସୁନାଚାନ୍ଦ ଏକ୍କା, ମାଙ୍ଗରା କିସପଟ୍ଟା, ରତ୍ନାକର କୁଜୁର, ରବି କୁଜୁର ପ୍ରମୁଖ କାର୍ଯ୍ୟଭାର ତଲାଇଥିଲେ। ସୂଚନାଯୋଗ୍ୟ, ଏହି ପୂଜା ଦ୍ୱାରା ଗ୍ରାମରେ ଶାନ୍ତି ମୈତ୍ରୀ ଫେରିବା ସହିତ ଚାଷ କାର୍ଯ୍ୟରେ ରୋଗପୋକରୁ ମଧ୍ୟ ରକ୍ଷା ମିଳିଥାଏ ବୋଲି ବିଶ୍ୱାସ ରହିଛି।



ଗଙ୍ଗାଧର କ୍ରିକେଟ ଟୁର୍ନାମେଣ୍ଟରେ ଉଭୟ ଚାମ୍ପିୟନ ଓ ରନର୍ସ ଟିମ୍ ସହିତ ଅତିଥି ଓ ଆୟୋଜକ ।

# ଗଙ୍ଗାଧର କ୍ରିକେଟ ଟୁର୍ନାମେଣ୍ଟରେ ଭୋଇପାଲି ଚାମ୍ପିୟନ

**ବଡଗାଁ, ୨୧।୧୦ (ଡି.ଏନ.ଏ.)**

ବଡଗାଁ ବ୍ଲକ ଅନ୍ତର୍ଗତ ଚେମଠାପଡା ଗ୍ରାମରେ ଆଜାଦ ହିନ୍ଦ ଯୁବକ ସଂଘ ଦ୍ୱାରା ଆୟୋଜିତ ତ୍ରିଦିବସୀୟ ଗଙ୍ଗାଧର କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଛି। ୮ଟି ଟିମ୍ ମଧ୍ୟରେ ହୋଇଥିବା ଏହି ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚରେ ଭୋଇପାଲି ଟିମ ଚେମଠାପଡା (ଖ) ଟିମକୁ ହରାଇ ଚାମ୍ପିୟନ ହୋଇଛି । ଭୋଇପାଲି ଟିମ୍‌ର ଦୁର୍ଯ୍ୟାଧନ ତରିଆ ମ୍ୟାନ ଅଫ୍ ଦି ମ୍ୟାଚ ହୋଇଥିଲେ । ଚାମ୍ପିୟନ ଭୋଇପାଲି ବଡଦେଓ କ୍ରିକେଟ ଟିମ୍‌ର କ୍ୟାପଟେନ ପିଣ୍ଟୁ ନାଏକ ଓ ରନର୍ସ ଅପ୍ ଦଳର କ୍ୟାପଟେନ ବସନ୍ତ ଗୌଡ ପୁରସ୍କାର ଗ୍ରହଣ କରିଥିଲେ। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ଗଙ୍ଗାଧର ପ୍ରଧାନ ମୁଖ୍ୟଅତିଥି ଓ ଇଂ. ଅଜେକ କୁମାର ପ୍ରଧାନ ଓ ନାଲକୋର ଜୁନିୟର ଅଫିସର ଅମୀୟ କୁମାର ପ୍ରଧାନ ଅତିଥି ଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ ।

### ବଜାରକୁ ଛାଡିଲେନି ମା', ଆତ୍ମହତ୍ୟା କରିଦେଲେ ଝିଅ

**କୁଆଁରମୁଣ୍ଡା, ୨୧।୧୦ (ଡି.ଏନ.ଏ.)**

କୁଆଁରମୁଣ୍ଡା ଫାଣ୍ଡି ଅଧୀନ କାଲୋସିହିରିଆ ରୋଡର ଆରଆର କଲୋନୀରେ ଜଣେ ୯ମ ଶ୍ରେଣୀ ଛାତ୍ରୀ ବେକରେ ଗାମୁଛା ଦେଇ ରବିବାର ଆତ୍ମହତ୍ୟା କରିଛନ୍ତି। ତାଙ୍କ ନାମ ସୁରେଖା ମାଝି (୧୫)। ସେ କୁଆଁରମୁଣ୍ଡା ବାଳିକା ଉଚ୍ଚ ବିଦ୍ୟାଳୟରେ ପଢୁଥିଲେ। ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ଲାଗି ମେଡିକାଲ ପଠାଇଥିଲା। ପରେ ଘର ଲୋକଙ୍କ ଜିମା ଦିଆଯାଇଛି। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ପୋଲିସ କହିଛି ଯେ, ରବିବାର ସୁରେଖା କୁଆଁରମୁଣ୍ଡା ବଜାରକୁ କୌଣସି କାମରେ ଯିବାକୁ ବାହାରି ଥିଲେ। ହେଲେ ତାଙ୍କ ମା' ମନା କରି ଦେଇଥିଲେ। ପରେ ମା' ଘର ବାହାରକୁ କୌଣସି କାମରେ ଯାଇଥିଲେ। ବାପା ବି ଘରେ ନ ଥିଲେ। ଏହି ସମୟରେ ସୁରେଖା ଏକ ଗାମୁଛାରେ ଫାସ ପକାଇ ଫ୍ୟାନରେ ଝୁଲି ପଡିଥିଲେ।



ଫିଲିପାଇନ୍ସର ମାନିଲାରେ ବଡଗାଁସ୍ଥିତ ଆଇଟିଆଇର ନିର୍ଦ୍ଦେଶକ ଡ. ଅରୁଣ କୁମାର ନାୟକ।

■ ଅନ୍ତର୍ଜାତୀୟ ସ୍କାଉଟ ଗାଇଡ଼ ସମ୍ମିଳନୀ

# ଯୋଗଦେଲେ ବଡଗାଁ ଆଇଟିଆଇ ନିର୍ଦ୍ଦେଶକ

**ବଡ଼ଗାଁ, ୨୧।୧୦ (ଡି.ଏନ.ଏ)**

ଫିଲିପାଇନ୍ସର ମାନିଲାଠାରେ ଗତ ୧୫ରୁ ୨୦ ତାରିଖ ପର୍ଯ୍ୟନ୍ତ ଆୟୋଜିତ ଭାରତ ସ୍କାଉଟ ଗାଇଡର ୨୬ତମ ଅନ୍ତର୍ଜାତୀୟ ସ୍କାଉଟ ଗାଇଡ ସମ୍ମିଳନୀରେ ଭାରତର ୯ଜଣ ପ୍ରତିନିଧି ଯୋଗ ଦେଇଛନ୍ତି। ଉକ୍ତ ସମ୍ମିଳନୀରେ ଏହି ୯ଜଣଙ୍କ ମଧ୍ୟରେ ସୁନ୍ଦରଗଡ ଜିଲା ବଡଗାଁସ୍ଥିତ ଆଇଟିଆଇର ନିର୍ଦ୍ଦେଶକ ଡ. ଅରୁଣ କୁମାର ନାୟକ ଯୋଗ ଦେଇଛନ୍ତି। ଏହି ସମ୍ମିଳନୀରେ ଆଦିବାସୀଙ୍କ ସାମାଜିକ ସ୍ଥିତି, ବିକାଶ, ଶିକ୍ଷା, ଉନ୍ନୟନମୂଳକ କାର୍ଯ୍ୟ ଉପରେ ଆଲୋଚନା ହୋଇଛି।




ଗାଈବିରା ପାରିସରେ ସୁନ୍ଦରଗଡ ଜିଲାସ୍ତରୀୟ ଯୁବ ସମ୍ମିଳନୀ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଅତିଥି ଓ ଆୟୋଜକ।

ଯୁବ ସମ୍ମିଳନୀ ଉଦ୍‌ଯାପିତ

# ବିଶ୍ୱାସ ଜନ୍ମାଅ, ମାନବିକତା ବଞ୍ଚାଅ

**ବାଲିଶଙ୍କରା/ସବଡେଗା, ୨୧।୧୦ (ଡି.ଏନ.ଏ.)**

ସବଡେଗା ବ୍ଲକ ଅନ୍ତର୍ଗତ ଗାଈବିରା ପାରିସରେ ସୁନ୍ଦରଗଡ ଜିଲାସ୍ତରୀୟ ଯୁବ ସମ୍ମିଳନୀ ଉଦ୍‌ଯାପିତ ହୋଇଯାଇଛି। ଅତିଥି ରୂପେ ପୂର୍ବତନ ଅନ୍ତର୍ଜାତୀୟ ହକି ଖେଳାଳି ପ୍ରବୋଧ ତିର୍କି ଯୋଗ ଦେଇ କହିଥିଲେ ଯେ, ବିଶ୍ୱାସ ଜନ୍ମାଅ ଓ ମାନବିକତା ବଞ୍ଚାଅ। ଯୁବଗୋଷ୍ଠୀ ଦେଶର ମେରୁଦଣ୍ଡ। ତାଙ୍କ ଉପରେ ଦେଶର ଭବିଷ୍ୟତ । ପ୍ରତ୍ୟେକ ଯୁବଗୋଷ୍ଠୀ ନିଶା ସେବନରୁ ଦୂରେଇ ରହିବା ଉଚିତ୍। ସଂଯମତା ଅବଲମ୍ବନ କରିବା ଆବଶ୍ୟକ। କଠିନ ପରିଶ୍ରମ କରି ନିଜ ଲକ୍ଷ୍ୟ ସ୍ଥଳ ଉପରେ ଗୁରୁତ୍ୱ ଦେବା ପାଇଁ ସେ ଆହ୍ୱାନ ଦେଇଥିଲେ । ସମ୍ମାନିତ ଅତିଥି ରୂପେ ସୁନ୍ଦରଗଡ ଅତିରିକ୍ତ ତହସିଲଦାର ବିନୟ ଇଦିଲ୍ଲୁୟୁସକୁଲ୍ଲୁ, ଡିନେରି ଯୁଥ ଏକଜ୍ୟୁକେଟିଭ କମିଟି ଫାଦର ଯୋଶେଫ ଟପ୍ପୋ, ଡିନେରି ଯୁଥ ସଭାପତି ଜର୍ଜ କେରକେଟା, ଉପସଭାପତି ଆଲୋକ ଏକ୍କା, ଗାଈବିରା ପାରିସ ଯୁଥ ସଭାପତି ଆରବିନ ଡୁଙ୍ଗଡୁଙ୍ଗ ପ୍ରମୁଖ ଯୋଗ ଦେଇଥିଲେ।

### ମହିଳାଙ୍କ ମୃତଦେହ ଉଦ୍ଧାର

**ଟେନସା,୨୧।୧୦(ଡି.ଏନ.ଏ.)**

କୋଇଡା ଥାନା ଅଧୀନ ବଜାର ନିକଟସ୍ଥ ଲାଲ ହାଟିଙ୍ଗରେ ମିନି ସେଠି (୪୦) ନାମ୍ନୀ ଜଣେ ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ତାଙ୍କ ଘର ପଛପଟରେ ଥିବା ଏକ ଗଛରୁ ଝୁଲନ୍ତା ଅବସ୍ଥାରେ ପୋଲିସ ମୃତଦେହକୁ ଉଦ୍ଧାର କରିଛି। ତାଙ୍କ ସ୍ୱାମୀ ଦୁର୍ଗା ପୂଜା ବିସର୍ଜନ ଦେଖିବାକୁ ଚାଲିଯାଇଥିଲେ। ଘରକୁ ବିଳମ୍ବରେ ଫେରି ସ୍ତ୍ରୀଙ୍କୁ ଦେଖିବାକୁ ପାଇ ନ ଥିଲେ। ପଡା ଲୋକଙ୍କୁ ପଚାରି ନିରାଶ ହୋଇଥିଲେ। ସକାଳୁ କିନ୍ତୁ ମୃତଦେହ ମିଳିଥିଲା।

■ ଲହୁଣୀପଡା ବ୍ଲକସ୍ତରୀୟ ବିଜେଡିର ଜନସମ୍ପର୍କ ଯାତ୍ରା

# ରାଜ୍ୟ ସରକାରଙ୍କ ଯୋଜନା ବଖାଣିଲେ ନେତା

**ଲହୁଣୀପଡା, ୨୧।୧୦ (ଡି.ଏନ.ଏ)**

ଲହଣୀପଡା ବ୍ଲକ ବିଜୁ ଜନତା ଦଳ ପକ୍ଷରୁ ରବିବାର ଜନ ସମ୍ପର୍କ ଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଲହଣୀପଡା ବ୍ଲକ (କ) ଜୋନର ଲହଣୀପଡା, ଶଙ୍ଖପୋଷ, କଲେଇପୋଷ, କୁଡେଇକଳା, କୁର୍ଡା, ରାଜାମୁଣ୍ଡା ଦର୍ଜଂ, ବଡପୁରୁଣା ପାଣି ଇତ୍ୟାଦି ପଞ୍ଚାୟତର ବିଜେଡି କର୍ମୀମାନେ ନିଜ ପଞ୍ଚାୟତର ପ୍ରତ୍ୟେକ ୱାର୍ଡକୁ ବାଇକ ରାଲିରେ ପହଞ୍ଚି ରାଜ୍ୟ ସରକାରଙ୍କର ଜନ ହିତକର ଯୋଜନା ଗୁଡିକୁ ନେଇ ସ୍ଲୋଗାନ ଦେଇଥିଲେ । ପ୍ରତ୍ୟେକ ପଞ୍ଚାୟତରେ ଜନସମ୍ପର୍କ ବାଇକ ରାଲି ପରେ ଲହଣୀପଡା ବ୍ଲକ ପଡିଆଠାରେ ଏକତ୍ରିତ ହୋଇଥିଲେ। ଶେଷରେ କଲ୍ୟାଣ ମଣ୍ଡପ ଠାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ଲହଣୀପଡା ବ୍ଲକ ପର୍ଯ୍ୟବେକ୍ଷକ ଜୟନ୍ତ ମିଶ୍ର, ବିଜେଡି ଜିଲା ସାଧାରଣ ସମ୍ପାଦକ ପ୍ରଦ୍ୟୁମ୍ନ ତ୍ରିପାଠୀ, ପୂର୍ବତନ ବିଧାୟକ ଭିମସେନ ଚୌଧୁରୀ, କୋଇଡା ବ୍ଲକ ମହିଳା ସଭାନେତ୍ରୀ ଦ୍ରୌପଦି କିଶାନ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିବା ବେଳେ ଜିଲା ପରିଷଦ ସଦସ୍ୟା ଲକ୍ଷ୍ମୀ କିଶାନ ଅଧ୍ୟକ୍ଷତା କରିଥିଲେ । ଶେଷରେ ଶିବାଜି ପଣ୍ଡା ଧନ୍ୟବାଦ ପ୍ରଦାନ କରିଥିଲେ । ବିଭୁତିଭୂଷଣ କର, ଭୁବନେଶ୍ୱର ବେହେରା, ଗୋକୁଳା ନନ୍ଦ ବାରିକ, ସନ୍ତୋଷ ରାୟ, ଗଙ୍ଗା ମାହାନ୍ତ, ବଟକୃଷ୍ଣ ମାହାନ୍ତ, ଅଶୋକ ବେହେରା, ରଣଜିତ ପାତ୍ର, କାନ୍ଧୁର କିଶାନ, ଉମେଶ ରାୟ, ଉମେଶ ମାହାନ୍ତ, କୃଷ୍ଣ ମାଝୀ, ବାସୁଦେବ ସାହୁ, ଘନଶ୍ୟାମ ମାହାନ୍ତଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସେହିଭଳି ଲହଣୀପଡା ବ୍ଲକ (ଖ) ଜୋନର ଖୁଣ୍ଟଗାଁ, କୁଳିପୋଷ, ତାଲବାହାଲି, ହଲଦୀକୁଦର, ଫୁଲଝର ପଞ୍ଚାୟତରେ ପଞ୍ଚାୟତସ୍ତରୀୟ ଜନ ସମ୍ପର୍କ ବାଇକ ରାଲି ହେବାପରେ କୁଳିପୋଷ ହାଟ ପଡିଆଠାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା।।ଏଥିରେ ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ରଣଜିତ କିଶାନ, ପୂର୍ବତନ ଜିଲାପରିଷଦ ଉପାଧ୍ୟକ୍ଷା ସରସ୍ୱତୀ ନାଏକ, ଜିଲାପରିଷଦ ସଦସ୍ୟ କେଦାର ମାହାନ୍ତ, ଜୟନ୍ତ ମିଶ୍ର, ପ୍ରଦ୍ୟୁମ୍ନ ତ୍ରିପାଠୀ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିବା ବେଳେ ଗୁରୁଚରଣ ସ୍ୱାଇଁ ଅଧ୍ୟକ୍ଷତା କରିଥିଲେ । ମିତ୍ର ସାହୁ, ଲାଙ୍ଗ ଭୂମିଜ, ଦୋଳ ଗୋବିନ୍ଦ ବାରିକ, ଆମ୍ରେଦ ଭାରତି, ଶିବ ସାହୁ, ଇନ୍ଦିରା କୋଡା, ଅରୁଣା ସାହୁ, ଟିକେଶ୍ୱର କିସାନ, ନୃପମଣି ମହାପାତ୍ର, ରଜନୀ ନାଏକ, ନୃପମଣି କିସାନ, ସୁବ୍ରତ କାଲୋ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।



ଲହଣୀପଡା ବ୍ଲକ ବିଜୁ ଜନତା ଦଳ ପକ୍ଷରୁ ରବିବାର ଜନ ସମ୍ପର୍କ ଯାତ୍ରା ଅବସରରେ ବାଇକ ଶୋଭାଯାତ୍ରାରେ କର୍ମୀମାନେ।



ସର୍ବଦା ଅହିଂସା ଆଚରଣ କର। କାରଣ ଅହିଂସା ପରମ ଧର୍ମ, ପରମ ତପ, ପରମ ଜ୍ଞାନ ଓ ଅହିଂସା ପରମ ପଦ ଅଟେ।
- ବ୍ୟାସଦେବ



## ସଂକ୍ଷେପରେ

### ବିଦାୟ ନେଲେ ମା'

**ସୁନ୍ଦରଗଡ,୨୧।୧୦ (ଡି.ଏନ୍.ଏ.)**-ମାଁ ଜଗତଜନନୀ ଦୁର୍ଗାଙ୍କର ଭସାଣୀ ଉତ୍ସବ ରବିବାର ସମ୍ପନ୍ନ ହୋଇଛି । ସହରର ୧୪ଟି ପୂଜା ମଣ୍ଡପ ମଧ୍ୟରୁ ରଂଗାଡିପା ମଣ୍ଡପର ଭସାଣି ଉତ୍ସବ ଶନିବାର ଅନୁଷ୍ଠିତ ହୋଇଥିଲା। ରବିବାର ଦୟା ଧର୍ମଶାଳା, ରିଜେଂଟ ମାର୍କେଟ, ବ୍ରାହ୍ମଣପଡା, ପୋଷ୍ଟ ଅଫିସ ଛକ ଆଦି ପୂଜା ମଣ୍ଡପ ପକ୍ଷରୁ ମାଁ ଦୁର୍ଗାଙ୍କ ମୃଣ୍ମୟୀ ପ୍ରତିମାକୁ ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ସହର ପରକ୍ରମା କରାଯାଇଥିଲା। ଏହା ପରେ ଇବ୍ ନଦୀକୂଳରେ ନିର୍ମିତ ଅସ୍ଥାୟୀ ପୋଖରିରେ ବିସର୍ଜନ କରାଯାଇଥିଲା।

### ପୋଲିସ ଶହୀଦ ଦିବସ

**ସୁନ୍ଦରଗଡ,୨୧।୧୦(ଡି.ଏନ୍.ଏ.)**- ସୁନ୍ଦରଗଡ ଜିଲା ପୋଲିସ ପ୍ରଶାସନ ପକ୍ଷରୁ ପୋଲିସ ଶହୀଦ ଦିବସ ପାଳିତ ହୋଇଯାଇଛି । ଶଙ୍କରା ରିଜର୍ଭ ପୋଲିସ ପଡିଆଠାରେ ଆୟୋଜିତ ସମାରୋହରେ ସୁନ୍ଦରଗଡ ଏସ୍‌ପି ସୌମ୍ୟା ମିଶ୍ରା ପୋଲିସ ଶହୀଦସ୍ତମ୍ଭରେ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଏହି ଅବସରରେ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତାକୁ ଏସ୍‌ପି ପାଠ କରିଥିଲେ। ରିଜର୍ଭ ଇନ୍ସପେକ୍ଟର ବିକାଶଚନ୍ଦ୍ର ହେମ୍ବ୍ରମଙ୍କ ନେତୃତ୍ୱରେ ପରେଡ ଅନୁଷ୍ଠିତ ହୋଇଥିଲା। ଅତିରିକ୍ତ ଏସ୍‌ପି ରବିନାରାୟଣ ବାରିକଙ୍କ ସମେତ ଅନ୍ୟ ବରିଷ୍ଠ ପୋଲିସ ଅଧିକାରୀମାନେ ସମାରୋହରେ ଉପସ୍ଥିତ ଥିଲେ।



କଂଗ୍ରେସର ଶିଳାନ୍ୟାସ କାର୍ଯ୍ୟକ୍ରମ।




ବିଜେଡିର ଶିଳାନ୍ୟାସ କାର୍ଯ୍ୟକ୍ରମ।

ଇବ୍ ସେତୁ ନିର୍ମାଣ ପ୍ରସଙ୍ଗ

# ବିଜେଡି-କଂଗ୍ରେସ ମଧ୍ୟରେ ଶିଳାନ୍ୟାସ ପ୍ରତିଯୋଗିତା

**ଝାରସୁଗୁଡ଼ା ଅଫିସ,୨୧।୧୦**

ଝାରସୁଗୁଡ଼ା-ବ୍ରଜରାଜନଗରକୁ ଯୋଗାଯୋଗ ସୁଦୃଢ଼ କରିବାକୁ ଇବ୍ ନଦୀ ଉପରେ ଦ୍ୱିତୀୟ ବ୍ରିଜ୍ ନିର୍ମାଣ ହେବାକୁ ଯାଉଛି। ଏହାର ଟେଣ୍ଡର ପ୍ରକ୍ରିୟା ଶେଷ ହୋଇଥିବା ବେଳେ ବାଲାଜୀ ଇଞ୍ଜିକନ ନାମକ ଠିକା ସଂସ୍ଥା ନିର୍ମାଣ କାମ ହାତେଇଛି। ନିର୍ମାଣ କାମ ଆରମ୍ଭ ପୂର୍ବରୁ ବ୍ରିଜ୍ ନିର୍ମାଣର ଶ୍ରେୟ ନେବାକୁ ବିଜେଡି ଓ କଂଗ୍ରେସ ମଧ୍ୟରେ ପ୍ରତିଯୋଗିତା ଦେଖିବାକୁ ମିଳିଛି। ରବିବାର ଝାରସୁଗୁଡ଼ା ବିଧାୟକ ନବ କିଶୋର ଦାସ ବ୍ରିଜ୍ କାମର ଶିଳାନ୍ୟାସ କରିଛନ୍ତି। ଏହି ଅବସରରେ ବ୍ଲକ ଅଧ୍ୟକ୍ଷ ଦିଗମ୍ବର ଭୋଇ, ସରପଞ୍ଚ ରାଜ କୁମାର ବୁଡ଼ା ଏବଂ ସମିତିସଭ୍ୟ ଘନଶ୍ୟାମ ସେଠ, କଂଗ୍ରେସ ନେତା ପିଣ୍ଟୁ ପାଢ଼ୀ, ବିଶ୍ୱନାଥ ତ୍ରିପାଠୀ, ମୋତିଲାଲ ତନ୍ତୀ, ବିଜେଡି ନେତା ମିତ୍ରଭାନୁ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

ଏହା ପୂର୍ବରୁ ଶନିବାର ଜିଲା ବିଜେଡି ସାଧାରଣ ସମ୍ପାଦକ ତ୍ରିନାଥ ଗୁଆଲ, ବିଜେଡି କୃଷକ ସେଲ ଜିଲା ସଭାପତି ମିତ୍ରଭାନୁ ସାହୁ, ଯୁବ ବିଜେଡି ସଭାପତି ପ୍ରଶାନ୍ତ ଜେନା ପ୍ରମୁଖ ବ୍ରିଜ୍ ନିର୍ମାଣ ପାଇଁ ଶୁଭ ଦେଇଥିଲେ। ଜିଲା ବିଜେଡି ସଭାପତି କିଶୋର ମହାନ୍ତିଙ୍କ ଉଦ୍ୟମରେ ଏହି ବ୍ରିଜ୍ ନିର୍ମାଣ ହେଉଥିବା ଦର୍ଶାଇ ବିଜେଡି ପ୍ରଥମେ ଶିଳାନ୍ୟାସ କରିଥିଲା। ଏହାପରେ ରବିବାର କଂଗ୍ରେସ ସମର୍ଥକଙ୍କୁ ନେଇ ବିଧାୟକ ଦାସ ଆଉ ଥରେ ଶିଳାନ୍ୟାସ କରିଥିଲେ। ପୂର୍ତ୍ତ ବିଭାଗ ଅଧୀନରେ ଏହି ବ୍ରିଜ୍ ନିର୍ମାଣ ହେବାକୁ ଯାଉଛି। କିନ୍ତୁ ଦୁଇଦିନରେ ଦୁଇ ଥର ଶିଳାନ୍ୟାସ ହୋଇଥିଲେ ମଧ୍ୟ ପୂର୍ତ୍ତ ବିଭାଗ କିମ୍ବା ଠିକାସଂସ୍ଥାର ଜଣେ ମଧ୍ୟ ପ୍ରତିନିଧି ଉପସ୍ଥିତ ନ ରହିବା ସିଧାସଳଖ ଶ୍ରେୟ ରାଜନୀତିକୁ ଇଙ୍ଗିତ କରୁଛି। ଦୁଇ ଶିଳାନ୍ୟାସ କାର୍ଯ୍ୟକ୍ରମରେ ବିଜେଡି କୃଷକ ନେତା ମିତ୍ରଭାନୁ ସାହୁଙ୍କ ଉପସ୍ଥିତି ଦେଖିବାକୁ ମିଳିଥିଲା। ତେଣୁ ଏହାକୁ ନେଇ ବାହାରେ ଅନ୍ୟ ଧରଣର ପ୍ରଚାର ହେଉଛି। କଂଗ୍ରେସ କାର୍ଯ୍ୟକ୍ରମରେ ବିଜେଡି ନେତାଙ୍କ ଯୋଗଦାନ ଜିଲା ବିଜେଡିରେ ଆଲୋଚନା ପ୍ରସଙ୍ଗ ହୋଇଛି। ଝାରସୁଗୁଡ଼ାରୁ ବ୍ରଜରାଜନଗର ପୌରାଞ୍ଚଳକୁ ସଂଯୋଗ କରୁଥିବା ଏହି ବ୍ରିଜ୍ ନିର୍ମାଣ ପାଇଁ ମୋଟ ୪୬ କୋଟି ୮୦ ଲକ୍ଷ ଟଙ୍କା ବ୍ୟୟବରାଦ ରହିଛି। ମାର୍ଚ୍ଚ ୨୦୨୧ ସୁଦ୍ଧା ନିର୍ମାଣ କାମ ଶେଷହେବ। ୫ ଶହ ମିଟର ବ୍ରିଜ୍ ସାଙ୍ଗକୁ ଝାରସୁଗୁଡ଼ା ପଟୁ ୧ କି.ମି. ଏବଂ ବ୍ରଜରାଜନଗର ପଟୁ ୭୦୦ ମି. ଆପ୍ରୋଚ୍ ରୋଡ୍ ନିର୍ମାଣ ହେବ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଟଙ୍କାକୁ ସେଉଳ (ଷୋଅଳ) ଅଣା,**
**ଯାର କଥା ତାକୁ ଜଣା ।**

କାହା ଅନ୍ତର କଥା କେହି ବୁଝିପାରିବା କଷ୍ଟକର। କାହା ମନରେ କ'ଣ ଅଛି ତାକୁ କେହି ସହଜରେ ଜାଣିପାରି ନ ଥାନ୍ତି। ଏପରିସ୍ଥଳେ ମୁହଁରେ ଯିଏ ଯାହା ପ୍ରକାଶ କରେ ତାକୁ ନିଜ ବିଚାର ଓ ବୁଦ୍ଧି ବଳରେ ସତ କିମ୍ବା ମିଛ ବୋଲି ଧାରଣା କରିବା ଉଚିତ ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଟାଙ୍ଗର ମୁଣ୍ଡରେ ତେଲ**
**ସାରୁ ବିକି ଘରେ ଦେଲ ।**

ଭଲ ଘର ଭଲ ବର ଦେଖି ପ୍ରତ୍ୟେକ ପିତାମାତା ନିଜ ଝିଅର ବିବାହ କରାଇଥାନ୍ତି। ଭବିଷ୍ୟତରେ ଯେପରି କିଛି ଅସୁବିଧା ନ ଘଟିବ ସେଥିପ୍ରତି ଯଥେଷ୍ଟ ଧ୍ୟାନ ଦେଇଥାନ୍ତି। ପରନ୍ତୁ ବାସ୍ତବତାରେ ଏଥିରେ କିଛି ବ୍ୟତିକ୍ରମ ଘଟିଲେ ବିଚାରୀ ଝିଅ ଅନେକ ଦୁଃଖକଷ୍ଟ ପାଇଥାଏ। ଏପରିସ୍ଥଳେ ଗରିବ ଘରେ ବିବାହ ହୋଇଥିବା ଝିଅ ନିଜ ଭାଗ୍ୟକୁ ନିନ୍ଦିବା ସହ ମନ ଊଣା କରି ବସୁଥିବା ନେଇ ଏଭଳି ଉକ୍ତି ପ୍ରକାଶ କରାଯାଇଛି

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

# ସମାସିଂହାରେ ରାବଣପୋଡ଼ି ସମ୍ପନ୍ନ

**କୋଲାବିରା,୨୧।୧୦(ଡି.ଏନ୍.ଏ.)**

କୋଲାବିରା ବ୍ଲକ ସମାସିଂହା ଯାତ୍ରା ପଡ଼ିଆରେ ଉତ୍ସାହ ଉଦ୍ଦୀପନା ସହ ଦଶହରା ଓ ରାବଣ ପୋଡ଼ି ଉତ୍ସବ ସମ୍ପନ୍ନ ହୋଇଛି। ସହସ୍ରାଧିକ ଶ୍ରଦ୍ଧାଳୁ ରାବଣପୋଡ଼ି ଉତ୍ସବକୁ ଉପଭୋଗ କରିଥିଲେ। ସନ୍ଧ୍ୟାରେ ଆତସବାଜି କାର୍ଯ୍ୟକ୍ରମ ଦେଖିବାକୁ ପଡ଼ିଆରେ ପ୍ରବଳ ଭିଡ଼ ହୋଇଥିଲା। ରାବଣପୋଡ଼ି ଉତ୍ସବରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ସରପଞ୍ଚ ହେମନ୍ତ କୁମାର ସାହୁ, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ସ୍କୁଲ ଅନୁନିରୀକ୍ଷକ ତୁଲେଶ୍ୱର ପଟେଲ, ପୂର୍ବତନ ସରପଞ୍ଚ ତୁଲାରାମ ସେନାପତି, ନିରଞ୍ଜନ ସେନାପତି, କ୍ଷୀରୋଦ ଚନ୍ଦ୍ର ପୂଜାରୀ, ଯୋଗେଶ୍ୱର ସେନାପତି ପ୍ରମୁଖ ଯୋଗଦେଇଥିଲେ। ପୂର୍ବରୁ ରାମ ଓ ରାବଣଙ୍କ ବିରାଟ ପ୍ରତିମା ଶୋଭାଯାତ୍ରାରେ ସମାସିଂହା ମୁଖ୍ୟରାସ୍ତା ଦେଇ ଗ୍ରାମ ପରିକ୍ରମା କରି ଯାତ୍ରାଡ଼ିଆରେ ପହଞ୍ଚିଥିଲା। ପରେ ଶ୍ରୀରାମଚନ୍ଦ୍ର ରାବଣଙ୍କୁ ପୋଡ଼ିବା ପାଇଁ ଶର ସଂଯୋଗ କରିଥିଲେ। ଆତସବାଜିରେ ସମଗ୍ର ଅଞ୍ଚଳ ପ୍ରକମ୍ପିତ ହୋଇଥିଲା। ଚଳିତବର୍ଷ ଗ୍ରାମର ଗୌତମ ନାଏକ ରାବଣ, ତୁଷାର ପଟେଲ ରାମ ଓ ବିବେକ ପଟେଲ ଲକ୍ଷ୍ମଣ ଭୂମିକାରେ ଅବତୀର୍ଣ୍ଣ ହୋଇଥିଲେ। ଗ୍ରାମର ବିଜୟ ନାଏକ, ଭୀଷ୍ମଦେବ ପଟେଲ, ସଞ୍ଜୟ ନାଏକ, ରାହାସ ବିହାରୀ ସାହୁ, ରୀତୁ ସାହୁ, ଭୋଲାନାଥ ଟଣକାର, ରିତେଶ ପଟେଲ, ପ୍ରକାଶ ସାହୁ, ରିଙ୍କୁ ସାହୁ, ରିଙ୍କୁ ରଣା ପ୍ରମୁଖଙ୍କ ସମେତ ପ୍ରଗତି ଯୁବକ ସଂଘ ସଭ୍ୟ ତଥା ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଭିଡ଼କୁ ଦୃଷ୍ଟିରେ ରଖି କୋଲାବିରା ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ସୂଚନାଯୋଗ୍ୟ, ଏହି ଉତ୍ସବକୁ ସମାସିଂହା ପ୍ରଗତି ଯୁବକ ସଂଘ ତଥା ଦୁର୍ଗାପୂଜା କମିଟି ଆୟୋଜନ କରିଆସୁଛି।

# ପ୍ରସିଦ୍ଧ ବଏଲ ଯାତ୍ରା ଓ ରଞ୍ଜିତା ପର୍ବ ସମ୍ପନ୍ନ

**କୋଲାବିରା,୨୧।୧୦(ଡି.ଏନ୍.ଏ.)**

କୋଲାବିରାଠାରେ ମା' ସମଲେଶ୍ୱରୀଙ୍କ ପ୍ରସିଦ୍ଧ ବଏଲ ଯାତ୍ରା ଏବଂ ରଞ୍ଜିତା ପର୍ବ ଶନିବାର ସମ୍ପନ୍ନ ହୋଇଛି। ମହାଳୟା ଦିନ ଦେବୀଙ୍କ ବରୁଆ ଗ୍ରାମ ପରିକ୍ରମା କରି ପୂଜା ପାଇଥିଲେ। ଶୁକ୍ରବାର ବିଜୟା ଦଶମୀ ରାତିରେ ମନ୍ଦିରରେ ତନ୍ତ୍ରମନ୍ତ୍ର ପୂଜାବିଧି କରାଯାଇ ବରୁଆ ଦେହରେ ଦୈବୀଶକ୍ତି ସଞ୍ଚାର କରାଯିବା ପରେ ବରୁଆ ଗ୍ରାମ ପରିକ୍ରମା କରିଥିଲେ। କୋଲାବିରା ଜମିଦାର ବୀର ଅମରେନ୍ଦ୍ର ପ୍ରତାପ ସିଂ ଓ ତାଙ୍କ ସ୍ତ୍ରୀ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ସେବାୟତ ସନ୍ତୋଷ ଦଲେଇ, ଦୟା ଭଞ୍ଜ, ବିନୟ ମହାପାତ୍ର, ସଚିନ ମହାପାତ୍ର, ପପୁନ ଦାସ, ଗୋବିନ୍ଦ ଭୋଇ ତଥା କମିଟି କର୍ମକର୍ତ୍ତା ଓ ଗ୍ରାମବାସୀ ବରୁଆଙ୍କୁ ଗ୍ରାମ ପରିକ୍ରମା କରାଇଥିଲେ। ବରୁଆ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିବା ପରେ ପୁରୋହିତ କ୍ଷୀରୋଦ ପୂଜାରୀ ତାଙ୍କ ଶରୀରରୁ ଦୈବୀଶକ୍ତି ଅପସାରଣ କରିଥିଲେ। ଏହି ଦୃଶ୍ୟ ଦେଖିବା ପାଇଁ ମନ୍ଦିର ପରିସରରେ ପ୍ରବଳ ଭିଡ଼ ଜମିଥିଲା। ବରୁଆ ଭାବେ ଶୋଭାରାମ ରାଏ ଏବଂ ତାଙ୍କ ସାନଭାଇ ଯୋଗେନ୍ଦ୍ର ରାଏ ଦୀର୍ଘବର୍ଷରୁ କାର୍ଯ୍ୟ ସମ୍ପାଦନ କରିଆସୁଥିବା ବେଳେ ଚଳିତବର୍ଷ ଅଶ୍ୱିନୀ ରାଏ ବରୁଆ କାର୍ଯ୍ୟ ସମ୍ପାଦନ କରିଛନ୍ତି। ମହାସପ୍ତମୀଠାରୁ ଦଶମୀ ପର୍ଯ୍ୟନ୍ତ ରଞ୍ଜିତା ପର୍ବ ମଧ୍ୟ ପାଳନ କରାଯାଇଥିଲା। ସପ୍ତମୀରେ ଖଣ୍ଡାଧୁଆ ପର୍ବରେ ରାଜବାଟୀ ପରିସରରୁ ପାଟଖଣ୍ଡା ସହ ସମସ୍ତ ଯୁଦ୍ଧାସ୍ତ୍ର ବାହାରି ରାଜଘାଟକୁ ଖଣ୍ଡାଧୁଆ ପର୍ବ ପାଳନ ଓ ପୂଜା ହୋଇଥିଲା। ଅଷ୍ଟମୀରେ ଅଷ୍ଟମୀ ପର୍ବ, ନବମୀରେ ନବମୀ ଭୋଗ ଓ ଦଶମୀ ଦିନ ବଳି ଓ ରଞ୍ଜିତା ପର୍ବ ପାଳନ କରାଯାଇଥିଲା। ରଞ୍ଜିତା ପର୍ବଦିନ ଭୋର୍‌ରୁ ଅପରାଜିତା ପୂଜା ପରେ ରଞ୍ଜିତା ପୂଜା ହୋଇ ଦଶମୀ ରାତିରେ ରାଜଭବନରୁ ରଞ୍ଜିତା ପାଇଁ ଏକ ପଟୁଆର ନଗର ପରିକ୍ରମା କରିଥିଲା। ଏଥିରେ ଜମିଦାରଙ୍କ ବଂଶଜ ତଥା ଗଣ୍ଡ ବୀରମାନେ ଯୁଦ୍ଧାସ୍ତ୍ର ନେଇ ବିଭିନ୍ନ ରଣକୌଶଳ ପ୍ରଦର୍ଶନ କରିଥିଲେ।



ବଏଲ ଯାତ୍ରାରେ ବରୁଆ ଗ୍ରାମ ପରିକ୍ରମା କରୁଛନ୍ତି।

## ବଏଲଯାତ୍ରାକୁ ନେଇ ଏମାନଙ୍କ ମତ...



"ଜିଲା ପ୍ରଶାସନର ହସ୍ତକ୍ଷେପ ଯୋଗୁ ଦୀର୍ଘ ବ୍ୟବଧାନ ପରେ ଚଳିତବର୍ଷ ଶାନ୍ତିଶୃଙ୍ଖଳାରେ ବଏଲଯାତ୍ରା ପାଳିତ ହୋଇଛି। ଏହା ଭାଇଚାରାର ନିଦର୍ଶନ। ଅଞ୍ଚଳବାସୀଙ୍କ ପକ୍ଷରୁ ଏଥିପାଇଁ ଜିଲା ପ୍ରଶାସନକୁ କୃତଜ୍ଞତା ଜଣାଉଛି। ମା' ସମଲେଶ୍ୱରୀଙ୍କ କୃପା ତଥା ସମସ୍ତଙ୍କ ସହଯୋଗ ରହିଲେ ଆଗାମୀ ଦିନରେ ମଧ୍ୟ ଏହି ଯାତ୍ରା ଆହୁରି ଆକର୍ଷଣୀୟ ଭାବେ ପାଳନ କରାଯିବ।

**- ବୀର ଅମରେନ୍ଦ୍ର ପ୍ରତାପ ସିଂହ, କୋଲାବିରା ଜମିଦାର**



"ପରସ୍ପର ମଧ୍ୟରେ ମନୋମାଳିନ୍ୟ ଯୋଗୁ ପ୍ରତିବର୍ଷ ଦେଖାଦେଉଥିବା ଅସ୍ଥିରତାକୁ ଏଡ଼ାଇ ଚଳିତବର୍ଷ ବଏଲଯାତ୍ରା ଅତ୍ୟନ୍ତ ଶୃଙ୍ଖଳିତ ହୋଇପାରିଛି। ଅସଂଖ୍ୟ ଶ୍ରଦ୍ଧାଳୁଙ୍କ ସମାଗମରେ ସୁଚାରୁ ରୂପେ ଯାତ୍ରା ଶେଷ ହୋଇଛି। ଦେବୀ ପୀଠ ସ୍ଥାପନ ପରଠାରୁ କର୍ତ୍ତା ଭାବରେ ଜମିଦାର ବଂଶଜ କାର୍ଯ୍ୟଭାର ନିର୍ବାହ କରିଆସୁଛନ୍ତି। ଏହି ପରମ୍ପରା ବହୁ ପୁରାତନ ଏବଂ ଏଥିରେ ଅଞ୍ଚଳବାସୀଙ୍କ ସହଯୋଗ ରହିଆସିଛି।

**- ବୀରେନ୍ଦ୍ର କୁମାର ମହାପାତ୍ର, ବଏଲ ଯାତ୍ରା ପରିଚାଳକ**



"ପୂର୍ବବର୍ଷ ଅପେକ୍ଷା ଚଳିତବର୍ଷ ଅମାବାସ୍ୟା ବଏଲ ଯାତ୍ରା ସମୟରେ ବ୍ୟତିକ୍ରମ ଦେଖାଦେଇଥିଲା। ଫଳରେ ଶ୍ରଦ୍ଧାଳୁଙ୍କ ମନରେ ଦଶମୀ ବଏଲ ଯାତ୍ରାକୁ ନେଇ ସଂଶୟ ରହିଥିଲା। ମାତ୍ର ଜିଲା ପ୍ରଶାସନ ମଧ୍ୟସ୍ଥତା, ଗ୍ରାମବାସୀଙ୍କ ସହଯୋଗ ତଥା ଯାତ୍ରା ପରିଚାଳନା କମିଟି ଓ ଜମିଦାରଙ୍କ କର୍ତ୍ତା ଦାୟିତ୍ୱ ନିର୍ବାହ ଫଳରେ ଅମାବସ୍ୟା ବଏଲ ସମୟରେ ଦେଖାଦେଇଥିବା ବ୍ୟତିକ୍ରମଗୁଡ଼ିକ ଦୂର ହୋଇ ଦଶମୀ ବଏଲ ଯାତ୍ରା ଶୃଙ୍ଖଳିତ ହୋଇପାରିଛି।

**- ପ୍ରଦ୍ୟୁମ୍ନ ପୁରୋହିତ, ରାଜ ପୁରୋହିତ**



"ଲୋକଙ୍କ ସମାଗମ ଦେଖିଲେ ଅନୁଭବ କରିହୁଏ ଯେ କୋଲାବିରା ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀଙ୍କ ମହିମା କେତେ। ଲୋକଙ୍କ ଶ୍ରଦ୍ଧା ଏବଂ ବିଶ୍ୱାସ ଏବେ ମଧ୍ୟ ବଏଲ ଯାତ୍ରାକୁ ଉଜ୍ଜୀବିତ ରଖିପାରିଛି। ଗ୍ରାମବାସୀଙ୍କ ମହନୀୟତାକୁ ମୁକ୍ତ କଣ୍ଠରେ ସ୍ୱୀକାର କରୁଛି। ମୋ ତରଫରୁ ଯାହା ବି ସହଯୋଗ ଆବଶ୍ୟକ ମୁଁ କରିବାକୁ ପ୍ରସ୍ତୁତ।

**- ଯୋଗେନ୍ଦ୍ର ରାଏ, ପୂର୍ବ ବରୁଆ**

No.735-B

**GOVERNMENT OF ODISHA**
**OFFICE OF THE EXECUTIVE ENGINEER**
**BARGARH (R&B) DIVISION, BARGARH**
E-mail - eepwdbgh@gmail.com, Phone/Fax- 06646 - 234819

**INVITATIONS FOR BIDS (I.F.B.)**
**e - Procurement Notice**
**Identificaiton No. IFB-EE PWD BGH No.29 of 2018-19**

No. 6357 Dated 09.10.2018

1) The **Executive Engineer, Bargarh (R&B) Division, Bargarh** on behalf of Governor of Odisha invites **Percentage Rate** bid in Double Cover System in **ONLINE MODE** for the construction of **Building works** as detailed in the **Detailed Tender Call Notice (D.T.C.N)** from the eligible class of contractors.
2) No. of works :- **02 (Two) Nos.**
3) Cost of tender paper :- **Rs. 10,000/-**
4) Class of contractor :- **"B" & "A" Class**
5) Date & time of available in website & receipt of bids :- **11.00 hrs. of 26.10.2018 to 17.00 hrs. of 09.11.2018**
6) Date of opening of technical bid :- **13.11.2018 at 11.30 hrs.**
7) The bidders have to participate in ONLINE bidding only. Further details can be seen from the State Govt. Portal website **https://tendersodisha.gov.in**.
8) Any corrigendum / Addendum will be displayed in the website **https://tendersodisha.gov.in**.

**Sd./- (C.P. Gantayat)**
**Executive Engineer,**
**Bargarh (R&B) Division**
34039/11/0016/1819

No.642-A

**GOVT. OF ODISHA**
**DEPARTMENT OF WATER RESOURCES**
**O/O THE CHIEF RESEARCH OFFICER,**
**HIRAKUD RESEARCH STATION, HIRAKUD**
**Bid Identification No. CROHRSHKD-02 / 2018-19**

| | | |
|---|---|---|
| 01. | Name of work | Procurement of Los Angles Abrasion Testing Machine, Aggragate Impact Test Apparatus, Specific Gravity Test Apparatus (Pycnometer) & Laboratory California Bearing Ratio Test Apparatus (Motorized) for Hirakud Research Station, Hirakud for the year 2018-19 |
| 02. | No. of works | 1 No. |
| 03. | Bid Identification No. | HRSHKD-02/2018-19 |
| 04. | Tender cost | Rs. 227600.00 |
| 05. | Bid Security | 1% of quoted amount |
| 06. | Cost of tender paper | Rs. 2,000/- |
| 07. | Period of procurement | 30 days |
| 08. | Date & time of availability of bid documents in the website http://www.dowrodisha.gov.in | From Dt.29.10.2018 (10.00 AM) to Dt.12.11.2018 (5.00 PM) |
| 09. | Time for receipt of bids in the specified tender box in the O/o the Chief Research Officer, Hirakud Research Station, Hirakud | Upto 5 PM of Dt.12.11.2018 |
| 10. | Date & time of opening of tender | Dt.13.11.2018 at 11 AM |
| 11. | Name and address of the officer inviting bid | Chief Research Officer, Hirakud Research Station, Hirakud, Odisha- 768016 |

Further details can be seen from the State Govt. website **http://www.dowrorissa.gov.in**.

**Sd./- Chief Research Officer**
**Hirakud Research Station, Hirakud**
32244/11/0005/1819

No.639-A

**GOVT. OF ODISHA**
**OFFICE OF THE SUPERINTENDING ENGINEER, EASTERN CIRCLE-II, CHANDIKHOLE**
**"e" Procurement Notice No. SEEC-II 05 of 2018-19**

| | | | |
|---|---|---|---|
| 1 | Name of the works | 1 | Improvement to Road on Mahakalapada Chhapali Saline Embankment from RD 1100m. to 2350m. & 14500m. to 18500m. for the year 2018-19. |
| | | 2 | Improvement to Road on Badhi Badamohanpur Saline Embankment from RD 1200m. to 4500m. in Mahakalapada Block of Kendrapara District for the year 2018-19. |
| 2 | Total No. of Packages | : | 2 No. Individual Packages |
| 3 | Tender Cost | 1 | Rs.3,50,63,872.88 |
| | | 2 | Rs.1,98,35,682.03 |
| 4 | Bid Document Cost | : | Rs.10,000.00 (On-line payment) for each Package |
| 5 | Bid Security | 1 | Rs.3,50,700.00 (On-line payment) |
| | | 2 | Rs.1,98,400.00 (On-line payment) |
| 6 | Class of Contractor | 1 | 'A' Class & 'Special' Class Contractor |
| | | 2 | 'B' Class & 'A' Class Contractor |
| 7 | Period of Completion | 1 | 06 (Six) calendar months |
| | | 2 | 04 (Four) calendar months |
| 8. | Other details are as follows. | | |

| Procurement Officer | Bid Identification No. | Availability of Tender Online for bidding | | Date of Opening of Technical Bid (Cover-I) |
|---|---|---|---|---|
| | | From | To | |
| Superintending Engineer, Eastern Circle-II, Chandikhole | SEEC-II AUL 04 OF 2018-19<br>SEEC-II AUL 05 OF 2018-19 | 23.10.2018 at 10.00 hrs. | 06.11.2018 upto 17.00 hrs. | 08.11.2018 at 11.30 hrs. |

9. e-mail id : seec2chandikhole@gmail.com
Further detail conditions can be seen from the Govt. **website www.tendersorissa.gov.in**.

32322/11/0007/1819 **Sd./- Superintending Engineer, Eastern Circle-II, Chandikhole**

No. 905-O

स्वच्छ भारत एक कदम स्वच्छता की ओर

**OFFICE OF THE EXECUTIVE ENGINEER, RWS&S DIVISION**
**VILL. AMBAGUDA, PO: J.S.CO. RAYAGADA-765 002.**
**e-mail id: eerwss_rgd@nic.in. eerwssrgd@gmail.com, Phone No: 8280408061**

**QUOTATION CALL NOTICE**
**No. 3682 Date. 4.10.2018**

The Executive Engineer, RWSS Division, Rayagada on behalf of the Governor of Odisha, invites sealed quotation from eligible, experienced and registered contractors/ manufacturers/ general order suppliers having past experience in supplying, erecting, testing and commissioning of Pressure Filter for Piped Water Supply scheme to village Derigam of Padmapur Block in Rayagada District as per the enclosed schedule and following terms and conditions.

| Description of Works | Qty. | Unit | Rate in figure (Rs.) | Rate in words (Rs.) |
|---|---|---|---|---|
| Supply, erection, testing and commissioning of mid steel fabricated Pressure Filter having flow rate of 20m3/hr. with RCC foundation along with provision for Alum dosing arrangement, valves, air blower, with suitable inlet and outlet, backwash arrangements and required accessories and supply of all required materials, labour and T&P, Nuts & bolts etc complete at the site of the work: | 1 | Each | | |

1. The quotation should be supported with
a. EMD of 1% of the bid value in shape of NSC/ KVP/ POTD/ TDR of any schedule bank pledged in favor of the Executive Engineer, RWSS Division, Rayagada.
b. Xerox copies of PAN card and GSTIN form.
2. Quotation with NO. EMD/ part EMD and those received beyond schedule date and time as well as a conditional quotation shall be automatically rejected.
3. The bidder should enclose the attested copy/ original work order/ work done certificate from other organization where he has completed the works of same nature in all respect, as proof of experience.
4. Experience certificate, performance records of the bidder obtained from the competent authority not below the rank of Executive Engineer should be attached with the quotation without which the tender will be liable for rejection. Experience certificate is strictly mandatory.
5. The supplier should hand over guarantee card of the manufacturer.
6. An affidavit towards authentication of document must be attached with the Quotation.
7. After completion of installation, Testing and commissioning the agency should ensure that the post Turbidity limit of the treated water is within the permissible limit as per the manual.
8. The supplier shall provide all labor, materials, free of cost for running/ repair and maintenance of iron removal plants on call as and when required, for a period of one year from the date of handling over to the department.
9. 5% of the Basic Cost will be withheld as security deposit for a defect liability period of 12 months from the date of commission.
10. GST will be paid extra as applicable.
11. All the taxes like income tax labour cess, royalty, etc shall be deducted from the bill as prevailing rule.
12. The supplier shall provide all labor and materials free of cost for running/ repair and maintenance of iron removal plants on call as and when required, for a period of one year from the date of handing over to the department.
13. The work should be completed within two months from the date of issue of the work order.
14. The bidders are advised to inspect the sites and consult the A.E.E, RWSS Sub-Division, Chandikhol before submitting the quotation.
15. The last date of receipt of sealed quotation in the tender box at the Office of the Executive Engineer, RWS&S Division, Rayagada is 29.10.18 up to 5.00 PM and the quotation will be opened on 30.10.2018 in the presence of the tenders or their authorized representatives.
16. The authority reserves the right to reject any or all quotation or accept any quotation or distribute the work amongst the valid quotationers without assigning any reason thereof.

25007/11/0014/1819 **Executive Engineer, R.W.S&S Division, Rayagada**